


• RNI REGD NO: 42041/83
• www.sakalaepaper.com
• /sakalanews
• /sakalanews
• www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

♦VOLUME- 44 ♦ISSUE-16 ♦FRIDAY ♦10 JULY 2026 ♦PAGE-12 ♦₹ 7.00 | BHUBANESWAR | ♦ବର୍ଷ-୪୪ ♦ସଂଖ୍ୟା-୧୬ ♦ଶୁକ୍ରବାର ♦୧୦ ଜୁଲାଇ ୨୦୨୬ ♦ପୃଷ୍ଠା-୧୨ ♦ଟ.୭.୦୦


## ହୀରାକୁଦ ଖୋଲିଲା ୧୦ ଗେଟ୍

### ଗୁରୁବାର ସନ୍ଧ୍ୟା ୬ଟା ସୁଦ୍ଧା ଜଳସ୍ତର ୬୧୫.୨୧ ଫୁଟ୍



■ ସମ୍ବଲପୁର, ୯।୭ (ସମିସ): ଉପରମୁଣ୍ଡରେ ବର୍ଷା ଏବଂ ଛତିଶଗଡ଼ର ବିଭିନ୍ନ ଡ୍ୟାମ୍‌ର ଜଳ ନିଷ୍କାସନ ଯୋଗୁଁ ଗତ କିଛିଦିନ ହେବ ହୀରାକୁଦ ଜଳଭଣ୍ଡାରର ଜଳସ୍ତର କ୍ରମାଗତ ଭାବେ ବୃଦ୍ଧି ପାଇବାରେ ଲାଗିଛି। ହୀରାକୁଦ ନଦୀବନ୍ଧ କର୍ତ୍ତୃପକ୍ଷଙ୍କ ପୂର୍ବ ନିର୍ଦ୍ଧାରିତ ନିଷ୍ପତ୍ତି ଅନୁଯାୟୀ ଆଜି ଦିନ ସାଢ଼େ ୧୧ଟାରେ ଚଳିତବର୍ଷର ପ୍ରଥମ ବନ୍ୟାଜଳ ନିଷ୍କାସନ କରାଯାଇଛି। ପ୍ରଥମ ପର୍ଯ୍ୟାୟରେ ୪ଟି ଗେଟ୍ ଖୋଲା ଯାଇଥିବା ବେଳେ ଅପରାହ୍ଣରେ ଆଉ ୬ଟି ଗେଟ୍ ଖୋଲା ଯାଇଥିଲା। ଆଜି ସନ୍ଧ୍ୟା ୬ଟା ସମୟରେ ହୀରାକୁଦ ଜଳଭଣ୍ଡାରର ଜଳସ୍ତର ୬୧୫.୨୧ ଫୁଟ ରହିଥିବା ବେଳେ ୧୦ଟି ଗେଟ୍ ଦେଇ ବନ୍ୟାଜଳ ନିଷ୍କାସନ କରାଯାଉଛି। ଆଜି ସକାଳ ୯ଟା ସମୟରେ ଜଳସ୍ତର ୬୧୪.୯୩ ▸ପୃଷ୍ଠା-୧୦

## ୧୩ରୁ ପୁଣି ବଢ଼ିବ ବର୍ଷା

■ ଭୁବନେଶ୍ୱର, ୯।୭ (ସମିସ): ଆସନ୍ତା ୧୩ ତାରିଖ ପରେ ରାଜ୍ୟରେ ପୁଣି ବର୍ଷା ବଢ଼ିବ। ବଙ୍ଗୋପସାଗରରେ ଆଉ ଏକ ଘୂର୍ଣ୍ଣିବଳୟ ସୃଷ୍ଟି ଆଶଙ୍କା ରହିଛି। ଏହି ଘୂର୍ଣ୍ଣିବଳୟ ଅଧିକ ସକ୍ରିୟ ହେବା ପାଇଁ ପାରିପାର୍ଶ୍ୱିକ ସ୍ଥିତି ଅନୁକୂଳ ରହିଥିବା ବେଳେ ଏହି ଘୂର୍ଣ୍ଣିବଳୟ ଦ୍ୱାରା ମୌସୁମୀ ନିମ୍ନଚାପ ରେଖା ମଧ୍ୟ ବଙ୍ଗୋପସାଗର ଉପରେ ରହିବାର ସମ୍ଭାବନା ରହିଛି। ଏହାଦ୍ୱାରା ରାଜ୍ୟରେ ପୁଣି ଥରେ ବର୍ଷା ବଢ଼ିବା ନେଇ ଆକଳନ କରାଯାଉଛି। ଗତ ଲଘୁଚାପ ପ୍ରଭାବରେ ରାଜ୍ୟରେ ହୋଇଥିବା ଭଲ ବର୍ଷା ଯୋଗୁଁ ବର୍ତ୍ତମାନ ଅନେକ ସ୍ଥାନରେ ଚାଷ କାମ ଆଗଉଛି। ଏହାସହିତ ରାଜ୍ୟରେ ହାରାହାରି ବର୍ଷା ମଧ୍ୟ ଏବେ ସ୍ୱାଭାବିକ ତୁଳନାରେ ଅଧିକ ରହିଛି। ୧୩ ପରେ ପୁଣି ଥରେ ବର୍ଷା ବଢ଼ିଲେ ଏହାକୁ ଆହୁରି ବଳ ମିଳିବ ବୋଲି ଆଶା ରହିଛି।

ଅନ୍ୟପଟେ ରାଜ୍ୟରେ ଏବେ କିଛି କିଛି ସ୍ଥାନରେ କୋହଲା ପାଗ ସାଙ୍ଗକୁ କାଁ ଭାଁ ବର୍ଷା ହେଉଛି। ଏହି ଧାରା ଆସନ୍ତା ୩-୪ ଦିନ ଜାରି ରହିବ। ଏହି କ୍ରମରେ ଶୁକ୍ରବାର କେନ୍ଦୁଝର, ବାଲେଶ୍ୱର ଭଦ୍ରକ, ଅନୁଗୁଳ, ବୌଦ୍ଧ, ସୁନ୍ଦରଗଡ଼, ସମ୍ବଲପୁର ଝାରସୁଗୁଡା, ଦେବଗଡ଼ ଓ ମୟୂରଭଞ୍ଜ ଜିଲ୍ଲାରେ ହାଲୁକାରୁ ମଧ୍ୟମ ଧରଣର ବର୍ଷା ସମ୍ଭାବନା ରହିଛି। ସେହିପରି ୧୩ରୁ ବର୍ଷାର ପରିମାଣ ବଢ଼ିବା ▸ପୃଷ୍ଠା-୧୦

## ଆନ୍ଧ୍ରରେ ଆତଙ୍କ

# ମୁଣ୍ଡ ନେଲା କରୋନା

### ଫୁସ୍‌ଫୁସ୍‌ରେ ସଂକ୍ରମଣ; ୪ର୍ଥ ଦିନରେ ରୋଗୀ ମୃତ

■ ଅମରାବତୀ, ୯।୭ (ଏଜେନ୍ସି): ୨୦୧୯ରୁ ତିନି ବର୍ଷ ଧରି ସାରା ବିଶ୍ୱକୁ ତଳିତଳାନ୍ତ କରିଥିବା ମାରାତ୍ମକ କରୋନା ପୁଣି ଫେରିଛି। କେବଳ ଫେରିନାହିଁ, ଏହା ଆନ୍ଧ୍ର ପ୍ରଦେଶରେ ଜଣେ ଯୁବକର ପ୍ରାଣ ମଧ୍ୟ ନେଇଛି। ରାଜ୍ୟରେ ଆଉ ୫ ଜଣ ଏଥିରେ ଆକ୍ରାନ୍ତ ହୋଇଥିବା ଚିହ୍ନଟ ହୋଇଛନ୍ତି। ଏହାକୁ ନେଇ ଆନ୍ଧ୍ରରେ ଆତଙ୍କଜନିତ ପରିସ୍ଥିତି ସୃଷ୍ଟି ହୋଇଛି। କରୋନା ବ୍ୟାପିବା ଭୟରେ ସମସ୍ତ ମେଡିକାଲ ପ୍ରସ୍ତୁତ ରହିବାକୁ ସରକାର ନିର୍ଦ୍ଦେଶ ଦେଇଛନ୍ତି।

ଆନ୍ଧ୍ରପ୍ରଦେଶର କାଡାପା ଅଞ୍ଚଳରେ ଜଣେ ଯୁବକ ପ୍ରାଣ ହରାଇବା ପରେ ଏଭଳି ପରିସ୍ଥିତି ସୃଷ୍ଟି ହୋଇଛି। ଜଣେ ୪୬ ବର୍ଷୀୟ ଯୁବକ କରୋନା ସଂକ୍ରମିତ ହେବା ପରେ ଚିକିତ୍ସାଧୀନ ଅବସ୍ଥାରେ ପ୍ରାଣ ହରାଇଛନ୍ତି। ପ୍ରବଳ କାଶ ଓ ଶ୍ୱାସକ୍ରିୟାରେ ସମସ୍ୟା ହେବାରୁ ଗତ ଜୁନ୍ ୨୪ ରେ ତାଙ୍କୁ ଭେଲୋରର ସିଏମସି ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ଜୁନ୍ ୨୬ ରେ ତାଙ୍କର କରୋନା ରିପୋର୍ଟ ପଜିଟିଭ୍ ଆସିଥିବା ବେଳେ ଜୁନ୍ ୨୮ରେ ତାଙ୍କର ମୃତ୍ୟୁ ଘଟିଥିଲା। ଡାକ୍ତରଙ୍କ ସୂଚନା ଅନୁଯାୟୀ, ନିମୋନିଆ ଯୋଗୁଁ ତାଙ୍କର ଉଭୟ ଫୁସଫୁସ ଗମ୍ଭୀର ଭାବେ ସଂକ୍ରମିତ ହୋଇଯାଇଥିଲା। ଏହି ମୃତ୍ୟୁ ପରେ ସ୍ୱାସ୍ଥ୍ୟ ବିଭାଗ ସମ୍ପୃକ୍ତ ଅଞ୍ଚଳରେ ସାନିଟାଇଜେସନ ପ୍ରକ୍ରିୟା ଆରମ୍ଭ କରିବା ସହ କଣ୍ଟାକ୍ଟ ଟ୍ରେସିଂ (ସଂସ୍ପର୍ଶରେ ଆସିଥିବା ଲୋକଙ୍କ ଚିହ୍ନଟ) ଜାରି ରଖିଛି। ଏହା ସହିତ ରାଜ୍ୟର କାଡାପା ଏବଂ ତିରୁପତି ଜିଲ୍ଲାରୁ ୫ ଜଣ ନୂଆ କରୋନା ଆକ୍ରାନ୍ତ ଚିହ୍ନଟ ▸ପୃଷ୍ଠା-୧୦

**ଚିହ୍ନଟ ହେଲେଣି ୫ ନୂଆ ଆକ୍ରାନ୍ତ**



## ୨୦୫୦ ସୁଦ୍ଧା କର୍କଟ ରୋଗୀ ଦୁଇଗୁଣା

■ ନୂଆଦିଲ୍ଲୀ, ୯।୭ (ଏଜେନ୍ସି): ବିଶ୍ୱରେ କ୍ୟାନ୍ସର ରୋଗ ଆସନ୍ତା ଦଶକରେ ଭୟାବହ ରୂପ ଧାରଣ କରିବ। ୨୦୫୦ ସୁଦ୍ଧା ବିଶ୍ୱରେ ପ୍ରତିବର୍ଷ ନୂଆ କ୍ୟାନ୍ସର ରୋଗୀଙ୍କ ସଂଖ୍ୟା ପ୍ରାୟ ଦ୍ୱିଗୁଣ ହେବ ବୋଲି ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ସତର୍କବାଣୀ ଶୁଣାଇଛି। ଅସ୍ୱାସ୍ଥ୍ୟକର ଜୀବନଶୈଳୀ, ବାୟୁ ପ୍ରଦୂଷଣ, ମେଦ ବହୁଳତା, ଧୂମପାନ ଓ ମଦ୍ୟପାନ ବୃଦ୍ଧି ଯୋଗୁଁ କର୍କଟ ରୋଗୀଙ୍କ ସଂଖ୍ୟା ବୃଦ୍ଧି ପାଇବ ଏବଂ ନିମ୍ନ ଓ ମଧ୍ୟମ ଆୟ ଦେଶଗୁଡ଼ିକ ଏଥିରେ ପ୍ରଭାବିତ ହେବେ ବୋଲି ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ ରିପୋର୍ଟରେ କୁହାଯାଇଛି। ଅନ୍ୟପକ୍ଷରେ କର୍କଟ ରୋଗୀ ସଂଖ୍ୟା ବୃଦ୍ଧି ସହ ଚିକିତ୍ସା ଖର୍ଚ୍ଚ ଓ ମୃତ୍ୟୁହାର ମଧ୍ୟ ବୃଦ୍ଧି ପାଇବ। ବର୍ତ୍ତମାନଠାରୁ ପ୍ରତିଷେଧକ, ସଚେତନତା ଏବଂ ପ୍ରାରମ୍ଭିକ ଚିହ୍ନଟ ଉପରେ ଗୁରୁତ୍ୱ ଦିଆନଗ।ଲେ, ଅନେକ ଦେଶର ସ୍ୱାସ୍ଥ୍ୟ ବ୍ୟବସ୍ଥା ▸ପୃଷ୍ଠା-୧୦

**ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ସତର୍କବାଣୀ**

■ ପୁଲିସରେ ଅଭିଯୋଗ କଲେ ବୋଲି...

## ଦିବ୍ୟାଙ୍ଗ ଦୁଷ୍କର୍ମ ପୀଡ଼ିତାଙ୍କୁ କଙ୍ଗାରୁ କୋର୍ଟରେ ବାସନ୍ଦ

■ ୫୦ ହଜାର ଟଙ୍କାର ଭୋଜି ଖାଇଲେ ଗ୍ରାମବାସୀ
■ ଜେଲ୍ ଗଲା ଦୁଷ୍କର୍ମ ଅଭିଯୁକ୍ତ


■ ନୂଆଗାଁ/ଓଡ଼ଗାଁ, ୯।୭ (ସମିସ): ନୟାଗଡ଼ ଜିଲ୍ଲା ଓଡ଼ଗାଁ ଥାନା ଅଞ୍ଚଳରେ ଜଣେ ଦିବ୍ୟାଙ୍ଗ ଯୁବତୀଙ୍କୁ ବନ୍ଧୁକ ଦେଖାଇ ବାରମ୍ବାର ଦୁଷ୍କର୍ମ, ଗର୍ଭବତୀ ହେବା ପରେ ଗର୍ଭପାତ କରାଇବା ଏବଂ ପରବର୍ତ୍ତୀ ସମୟରେ କଙ୍ଗାରୁ କୋର୍ଟ ମାଧ୍ୟମରେ ପୀଡ଼ିତାଙ୍କ ପରିବାରକୁ ଦେଢ଼ ଲକ୍ଷ ଟଙ୍କା ଜରିମାନା ସହ ଗାଁରୁ ବାସନ୍ଦ କରାଯାଇଥିବା ଅଭିଯୋଗରେ ପୁଲିସ ମୁଖ୍ୟ ଅଭିଯୁକ୍ତଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲେ ନୂଆଗାଁ ବ୍ଲକ ବାହାଡ଼ାଝୋଲା ଫାଣ୍ଡି ଅନ୍ତର୍ଗତ କାପ୍ତାପଲ୍ଲୀ ପଞ୍ଚାୟତ ବଡ଼ଦୁରୁପା ଗ୍ରାମର ୱାର୍ଡ ସଦସ୍ୟଙ୍କ ସ୍ୱାମୀ ଅନିରୁଦ୍ଧ ଜାନି। ଗୁରୁବାର ତାଙ୍କୁ କୋର୍ଟ ଚାଲାଣ କରାଯାଇଛି। ଜାମିନ ଆବେଦନ ଖାରଜ ହେବାରୁ ବିଚାର ବିଭାଗୀୟ ହାଜତକୁ ପଠାଯାଇଛି। ପୁଲିସ ସୂଚନା ଅନୁଯାୟୀ, ପୀଡ଼ିତାଙ୍କ ▸ପୃଷ୍ଠା-୧୦

## ଆରମ୍ଭ ହେଲା ପଞ୍ଚାୟତ ଓ ପୌର ନିର୍ବାଚନ ପ୍ରସ୍ତୁତି

■ ଭୁବନେଶ୍ୱର, ୯।୭ (ସମିସ): ୨୦୨୭ ପଞ୍ଚାୟତ ଓ ପୌର ନିର୍ବାଚନ ପାଇଁ ରାଜ୍ୟ ସରକାର ବିଧିବଦ୍ଧ ଭାବେ ପ୍ରକ୍ରିୟା ଆରମ୍ଭ କରିବାକୁ ଯାଉଛନ୍ତି। ପଞ୍ଚାୟତିରାଜ ଅନୁଷ୍ଠାନ ଓ ସହରାଞ୍ଚଳ ସ୍ଥାନୀୟ ସଂସ୍ଥା ନିର୍ବାଚନ ପାଇଁ ଭୋଟର ତାଲିକା ପ୍ରସ୍ତୁତି ଦିଗରେ ଓଡ଼ିଶା ରାଜ୍ୟ ନିର୍ବାଚନ ଆୟୋଗ ପଦକ୍ଷେପ ନେଇଛି। ଏହାର ଅଂଶ ବିଶେଷ ସ୍ୱରୂପ ଆସନ୍ତା ଜୁଲାଇ ୨୧ ତାରିଖରେ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ବସିବ। ରାଜ୍ୟ ନିର୍ବାଚନ ଆୟୁକ୍ତ ମଧୁସୂଦନ ପାଢ଼ୀ ଓସ୍ୱାନ ପ୍ଲାଟଫର୍ମ ମାଧ୍ୟମରେ ସମସ୍ତ ଜିଲ୍ଲାପାଳ ତଥା ଜିଲ୍ଲା ନିର୍ବାଚନ ଅଧିକାରୀଙ୍କ ସହ ଭିଡିଓ କନଫରେନ୍ସରେ ବୈଠକ କରିବେ। ଏ ନେଇ ସମସ୍ତ ଜିଲ୍ଲାପାଳଙ୍କୁ ଚିଠି ଲେଖି ସୂଚନା ଦିଆଯାଇଛି।

**୨୧ରେ ଜିଲ୍ଲାପାଳମାନଙ୍କ ସହ ନିର୍ବାଚନ ଆୟୋଗଙ୍କ ବୈଠକ**

ରାଜ୍ୟ ନିର୍ବାଚନ ଆୟୋଗର ସ୍ୱତନ୍ତ୍ର ଅଧିକାରୀ ତଥା ସଚିବଙ୍କ ଦ୍ୱାରା ଜାରି ହୋଇଥିବା ଚିଠି ଅନୁଯାୟୀ ଏହି ବୈଠକରେ ରାଜ୍ୟ ▸ପୃଷ୍ଠା-୧୦



### କଳାହାଣ୍ଡିରେ ସ୍ୱାସ୍ଥ୍ୟସେବାର ବିକଳ ଚିତ୍ର

## ରାସ୍ତାରେ ଅଚଳ ହେଲା ଆମ୍ବୁଲାନ୍ସ; ଚାଲିଗଲା ନାବାଳିକାର ଜୀବନ



■ ଭବାନୀପାଟଣା, ୯।୭ (ସମିସ): କଳାହାଣ୍ଡି ଜିଲ୍ଲାରେ ପୁଣି ସାମ୍ନାକୁ ଆସିଛି ସ୍ୱାସ୍ଥ୍ୟସେବାର ବିକଳ ଚିତ୍ର। ଯାନ୍ତ୍ରିକ ତ୍ରୁଟି ଯୋଗୁଁ ଅଧା ରାସ୍ତାରେ ଆମ୍ବୁଲାନ୍ସ ଖରାପ ହୋଇଯିବାରୁ ଜଣେ ନାବାଳିକାର ଜୀବନ ଚାଲିଯାଇଛି। ମୃତକ ହେଲେ ନର୍ଲା ବ୍ଲକ ତୁଳାପଡ଼ା ଗ୍ରାମର ରିୟା ନାଏକ (୧୧)। ସୂଚନା ଅନୁଯାୟୀ, ରିୟାଙ୍କ ପେଟରେ ଯନ୍ତ୍ରଣା ହୋଇଥିଲା। ଭୟଙ୍କର ଯନ୍ତ୍ରଣା ଯୋଗୁଁ ରିୟାଙ୍କୁ ପ୍ରଥମେ ନର୍ଲା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ଅବସ୍ଥା ଗୁରୁତର ହେବାରୁ ଡାକ୍ତର ତାଙ୍କୁ ଭବାନୀପାଟଣା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରିଥିଲେ। ଭବାନୀପାଟଣା ଆସୁଥିବା ବେଳେ ଗୋହିରାପଦର ରେଳଫାଟକ ନିକଟରେ ଆମ୍ବୁଲାନ୍ସର ଚକ ପଙ୍କଚର ହୋଇଯାଇଥିଲା। ଦୁର୍ଭାଗ୍ୟବଶତଃ, ଗାଡ଼ିରେ ଥିବା ଜରୁରୀକାଳୀନ ଷ୍ଟେପନି ସ୍ପେୟାର୍ ଚକା ମଧ୍ୟ ପୂର୍ବରୁ ଖରାପ ଥିଲା। ବିକଳ୍ପ ବ୍ୟବସ୍ଥା ନ ଥିବାରୁ ରିୟା ରାସ୍ତା ଉପରେ ୩ ଘଣ୍ଟା ଅଟକି ରହି ମୃତ୍ୟୁସହ ସଂଗ୍ରାମ କରିଥିଲେ। ବିଳମ୍ବରେ ଅନ୍ୟ ଏକ ଆମ୍ବୁଲାନ୍ସରେ ତାଙ୍କୁ ଭବାନୀପାଟଣା ମୁଖ୍ୟ ଚିକିତ୍ସାଳୟରେ ନିଯାଇଥିବା ବେଳେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏଭଳି ସଂଘାତିକ ଅବହେଳାକୁ ନେଇ ତୀବ୍ର ଅସନ୍ତୋଷ ପ୍ରକାଶ ପାଇବା ସହ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବି ହୋଇଛି। ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଏମିଗ୍ରୀନ୍ ନାମକ ସଂସ୍ଥାକୁ ରାଜ୍ୟସ୍ତରରେ ଆମ୍ବୁଲାନ୍ସ ଚଳାଚଳ ଏବଂ ମେଣ୍ଟେନାଂସ ଦାୟିତ୍ୱ ଦିଆଯାଇଥିବା କୁହାଯାଇଛି। ସେହିକ୍ରମରେ କଳାହାଣ୍ଡି ଜିଲ୍ଲାରେ ୩୪ଟି ୧୦୮ ଆମ୍ବୁଲାନ୍ସ ଏବଂ ୧୭ଟି ଜନନୀ ଏକ୍ସପ୍ରେସର ଦାୟିତ୍ୱରେ ଉକ୍ତ ସଂସ୍ଥା ରହିଛି। ତେବେ ସଂସ୍ଥାର ଦାୟିତ୍ୱହୀନତା ଯୋଗୁଁ ଜଣେ ନାବାଳିକାର ଜୀବନ ଚାଲିଯାଇଛି।




## ପଥର ବୋଝେଇ ଟ୍ରକ୍ ଉପରକୁ ୫ ରାଉଣ୍ଡ ଗୁଳି; ବର୍ତ୍ତିଲେ ଡ୍ରାଇଭର

ରାଉରକେଲା, ୯।୭(ସମିସ): ସୁନ୍ଦରଗଡ଼ ଜିଲ୍ଲା କୁତ୍ରା ଥାନା ଅଧୀନ ଲିଟିବେଡା ଜଙ୍ଗଲ ନିକଟରେ ଏକ ପଥର ବୋଝେଇ ଟ୍ରକ ଉପରକୁ ଦୁର୍ବୃତ୍ତମାନେ ଗୁରୁବାର ଭୋର ୩ ରୁ ୪ ଟା ମଧ୍ୟରେ ଗୁଳିମାଡ଼ କରିଥିବା ଅଭିଯୋଗ ହୋଇଛି। ଘଟଣାରେ ଡ୍ରାଇଭର ଅଳ୍ପକେ ବର୍ତ୍ତିଯାଇଥିବାବେଳେ ଅଞ୍ଚଳରେ ଆତଙ୍କ ଖେଳିଯାଇଛି। ସୂଚନା ମୁତାବକ କୁତ୍ରା ଥାନା ଅଧୀନ ଖତକୁରବାହାଲରୁ ଏକ ପଥର ବୋଝେଇ ଟ୍ରକ ଯାଉଥିବାବେଳେ ଭୋର ୩ଟା୩୦ ବେଳେ ଲିଟିବେଡା ଛକ ନିକଟର ଏକ ନିଛାଟିଆ ସ୍ଥାନରେ ଦୁଇଟି ବାଇକ୍‌ରେ ଆସିଥିବା ଚାରି ଜଣ ଦୁର୍ବୃତ୍ତ ଟ୍ରକ୍‌କୁ ଅଟକାଇ ୫ ରାଉଣ୍ଡ ଗୁଳି ଚାଳନା କରି ଘଟଣାସ୍ଥଳରୁ ଫେରାର ହୋଇ ଯାଇଥିଲେ। ସୌଭାଗ୍ୟବଶତଃ ଏହି ଗୁଳିମାଡ଼ରେ ଟ୍ରକ୍ ଚାଳକ ବନାରସି ଓରାମ(୨୩) ଅଳ୍ପକେ ବର୍ତ୍ତି ଯାଇଥିବା ସୂଚନା ମିଳିଛି। ଖବରପାଇ କୁତ୍ରା ଥାନା ଭାରପ୍ରାପ୍ତ ଅଧିକାରୀ ଲୋକେଶ୍ୱର ସାହୁ ଟିମ ସହ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି। ପୁଲିସ ଘଟଣାସ୍ଥଳରୁ ଗୁଳିର ଖୋକା ଜବତ କରିଥିବାବେଳେ ସାଇଣ୍ଟିଫିକ୍ ଟିମ୍‌କୁ ମଧ୍ୟ ଖବର ଦିଆଯାଇଛି। ଘଟଣାପଛରେ କେଉଁ କାରଣ ରହିଛି, ସେନେଇ ପୁଲିସ ତଦନ୍ତ ଚଳାଇଛି।



## ● ବେଆଇନ ବାଲି ଖନନ ବିରୋଧରେ ଚଢ଼ଉ ୧.୦୩ ଲକ୍ଷ ଘନମିଟର ବାଲି ଠାବ



ରାଉରକେଲା, ୯।୭ (ସମିସ): ସୁନ୍ଦରଗଡ଼ ଜିଲ୍ଲାର ବିରମିତ୍ରପୁର ଉପଖଣ୍ଡରେ ବେଆଇନ ବାଲି ଖନନ ଓ ଅନୁମତି ବିନା ବାଲି ଗଚ୍ଛିତ କରାଯିବା ବିରୋଧରେ ଖଣି ବିଭାଗ ଓ ପୁଲିସର ମିଳିତ ଉଦ୍ୟମରେ ବୁଧବାର ଏକ ବ୍ୟାପକ ଚଢ଼ଉ କରାଯାଇଛି। ଗୁରୁବାର ପୂର୍ବାହ୍ନ୧୧ଟା ୩୦ରୁ ସନ୍ଧ୍ୟା ୭ ଟା ୩୦ ପର୍ଯ୍ୟନ୍ତ ଚାଲିଥିବା ଏହି ଅଭିଯାନରେ ଦଲକି, ସାହଜବାହାଲ ଓ ସାଲଙ୍ଗାବାହାଲ ଗ୍ରାମକୁ ସାମିଲ କରାଯାଇଥିଲା। ଚଢ଼ଉ ସମୟରେ ମୋଟ ୮୧ଟି ବାଲି ଗଚ୍ଛିତ ସ୍ଥାନର ମାପଚୁପ କରାଯାଇଥିବା ବେଳେ ସେଥିରେ ପ୍ରାୟ ୧,୦୩,୩୮୪ ଘନମିଟର ବାଲି ଗଚ୍ଛିତ ରହିଥିବା ଜଣାପଡ଼ିଥିଲା। ଏହି ମିଳିତ ଚଢ଼ଉରେ ଖଣି ବିଭାଗର ୧୭ ଜଣ ଅଧିକାରୀଙ୍କ ସହ ପ୍ରାୟ ୨୫ ଜଣ ପୁଲିସ କର୍ମଚାରୀ ସାମିଲ ହୋଇଥିଲେ। ବିରମିତ୍ରପୁର ଏସ୍‌ଡିପିଓଙ୍କ ତତ୍ତ୍ୱାବଧାନରେ ରାଏବୋଗା, ହାତିବାରି ଓ ବିରମିତ୍ରପୁର ଥାନାର ପୁଲିସ ଏହି ଅଭିଯାନରେ ଅଂଶଗ୍ରହଣ କରିଥିଲେ। ଅଭିଯାନ ସମୟରେ ବେଆଇନ ଭାବେ ବାଲି ପରିବହନ କରୁଥିବା ଏକ ଟ୍ରକ୍‌କୁ ମଧ୍ୟ ଜବତ କରାଯାଇଥିଲା। ପରବର୍ତ୍ତୀ ଆଇନଗତ କାର୍ଯ୍ୟାନୁଷ୍ଠାନ ଓ ଜରିମାନା ଆଦାୟ ପାଇଁ ଟ୍ରକ୍‌ଟିକୁ ଖଣି ବିଭାଗର ଜିମାରେ ଦିଆଯାଇଛି। ଅଧିକାରୀମାନଙ୍କ କହିବାନୁସାରେ, ବେଆଇନ ବାଲି ଖନନକୁ ରୋକିବା, ଖଣିଜ ସମ୍ପଦର ସୁପରିଚାଳନା ସୁନିଶ୍ଚିତ କରିବା ଏବଂ ସରକାରୀ ରାଜସ୍ୱ କ୍ଷତିକୁ ରୋକିବା ଉଦ୍ଦେଶ୍ୟରେ ଏହି ସ୍ୱତନ୍ତ୍ର ମାପଚୁପ ଅଭିଯାନ କରାଯାଇଛି। ମାପଚୁପ ସମ୍ପୂର୍ଣ୍ଣ ହେବାପରେ ନିୟମାନୁଯାୟୀ ଏହି ବାଲି ଗଚ୍ଛିତ ସ୍ଥାନଗୁଡ଼ିକର ନିଲାମ ପ୍ରକ୍ରିୟା ଖଣି ବିଭାଗ ପକ୍ଷରୁ ଆରମ୍ଭ କରାଯିବ ବୋଲି ସୂଚନା ମିଳିଛି।

## ରାଉରକେଲାରେ ଆରମ୍ଭ ହେଲା ଅପରାଧୀଙ୍କ ଘର ଭଙ୍ଗା ଅଭିଯାନ

# ମାଟିରେ ମିଶିଲା ତୋଫାନ ବିନ୍ଧାଣୀ ହତ୍ୟା ଅଭିଯୁକ୍ତଙ୍କ ଘର

ରାଉରକେଲା, ୯।୭ (ସମିସ)

ହତ୍ୟା, ଡକାୟତି, ଛିନତାଇ, ନିଶା କାରବାର କରୁଥିବା ପେଶାଦାର ଅପରାଧିଙ୍କୁ ଆଉ ନିସ୍ତାର ନାହିଁ । ସୁଧୁରି ଯାଅ, ନହେଲେ ରାଉରକେଲା ଛାଡ଼ । ନଚେତ ତୋଫାନ ବିନ୍ଧାଣୀ ହତ୍ୟାକାଣ୍ଡର ହତ୍ୟାକାରୀମାନଙ୍କ ପରି ଭୋଗିବାକୁ ପଡ଼ିବ ଦୁର୍ଦ୍ଦଶା । ଏପରି ଏକ ଚରମବାଣୀ ଶୁଣାଇଛନ୍ତି ରାଉରକେଲା ଏସ୍‌ପି ନିତେଶ ୱାଧୱାନୀ । ଯାହାର ବାସ୍ତବ ଚିତ୍ର ଦେଖିବାକୁ ମିଳିଛି ଆଜି ରାଉରକେଲାର ସେକ୍ଟର - ୭ ଥାନା ଅଧୀନ ସେକ୍ଟର-୬ର ନାରାୟଣୀ ବସ୍ତିରେ । ରାଉରକେଲା ଇସ୍ପାତ କାରଖାନାର ଜମି ଜବରଦଖଲ କରି ବାସ କରୁଥିବା ବହୁଚର୍ଚ୍ଚିତ ତୋଫାନ ବିନ୍ଧାଣୀ ହତ୍ୟାକାଣ୍ଡରେ ସମ୍ପୃକ୍ତ ଅଭିଯୁକ୍ତଙ୍କ ଘରଗୁଡ଼ିକୁ ମାଟିରେ ମିଶାଇ ଦିଆଯାଇଛି । ଏସପି ଶ୍ରୀ ୱାଧୱାନୀଙ୍କ ନିର୍ଦ୍ଦେଶ କ୍ରମେ ଆର୍‌ଏସ୍‌ପିର ସହର ପ୍ରଶାସନ ସେବା ବିଭାଗର କର୍ମଚାରୀମାନେ ହତ୍ୟା ଅଭିଯୁକ୍ତଙ୍କ ଘରଗୁଡ଼ିକୁ ଭାଙ୍ଗି ଛାରଖାର କରି ଦେଇଥିବା ଦେଖିବାକୁ ମିଳିଥିଲା।

ସୂଚନାଯୋଗ୍ୟ ଯେ ପୂର୍ବରୁ ଜିଲ୍ଲା ପ୍ରଶାସନ ଓ ପୁଲିସ ପକ୍ଷରୁ ସମ୍ପୃକ୍ତ ପରିବାରକୁ ଘର ଖାଲି କରିବା ପାଇଁ ପାଞ୍ଚ ଦିନର ସମୟ ଦେଇ ଉଚ୍ଛେଦ ନୋଟିସ ଜାରି କରାଯାଇଥିଲା। ନୋଟିସର ଅବଧି ଶେଷ ହେବା ପରେ ପ୍ରଶାସନ ପକ୍ଷରୁ କଡ଼ା ସୁରକ୍ଷା ବ୍ୟବସ୍ଥା ମଧ୍ୟରେ ଉଚ୍ଛେଦ ଅଭିଯାନ ଆରମ୍ଭ କରାଯାଇଛି। ଘଟଣାସ୍ଥଳରେ ୫ ପ୍ଲାଟୁନ୍ ପୁଲିସ ଫୋର୍ସ ମୁତୟନ କରାଯାଇଥିବା ବେଳେ ଶାନ୍ତିଶୃଙ୍ଖଳା ବଜାୟ ରଖିବା ପାଇଁ ପ୍ରଶାସନ ସମସ୍ତ ପ୍ରକାର ସତର୍କତା ଅବଲମ୍ବନ କରିଥିଲା। ରାଉରକେଲା ସହରକୁ ଅପରାଧମୁକ୍ତ କରିବା ପାଇଁ ଉତ୍ତରପ୍ରଦେଶ ଢାଞ୍ଚାରେ ଅପରାଧିମାନଙ୍କ ଉପରେ ଏକ ଦୃଷ୍ଟାନ୍ତମୂଳକ



କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଯାଇ ପୁଲିସ ଏପରି ପଦକ୍ଷେପ ନେଇଛି । ହତ୍ୟାକାଣ୍ଡକୁ କେନ୍ଦ୍ର କରି ସହରରେ ଚର୍ଚ୍ଚା ଜାରି ରହିଥିବାବେଳେ ପ୍ରଶାସନ ପକ୍ଷରୁ ଆଇନ ଅନୁଯାୟୀ ପରବର୍ତ୍ତୀ ପଦକ୍ଷେପ ମଧ୍ୟ ଜାରି ରହିବ ବୋଲି ସୂଚନା ମିଳିଛି।

ସୂଚନାଯୋଗ୍ୟ ଯେ ଗତ ଜୁନ୍ ୧୬ ତାରିଖ ଦିନ ତୋଫାନ ବିନ୍ଧାଣୀକୁ ସେହି ଅଞ୍ଚଳର ୧୨ ଜଣ ସଶସ୍ତ୍ର ଯୁବକ ମରଣାନ୍ତକ ଆକ୍ରମଣ କରି ହତ୍ୟା କରିଥିଲେ। ଏନେଇ ସେକ୍ଟର-୭ ଥାନାରେ ରାମେଶ୍ୱରପଲ୍ଲୀ, ସେକ୍ଟର-୫ ଗୋଲଘର ଅଞ୍ଚଳର ବାସିନ୍ଦା ଚନ୍ଦ୍ରିକା ବିନ୍ଧାଣୀ (୩୦) ଲିଖିତ ଅଭିଯୋଗ ଆଧାରରେ ଏକ ମାମଲା ରୁଜୁ କରାଯାଇଥିଲା। ଏହି ମାମଲାର ତଦନ୍ତ ବେଳେ ଜୁନ ୧୯ ତାରିଖରେ ପୁଲିସ ତିନି ଜଣ ଅଭିଯୁକ୍ତଙ୍କୁ ଗିରଫ କରିଥିଲା। ସେମାନେ ହେଲେ ରୋହିତ ହରିପ୍ପା (୨୫), ରୋହିତ ମୁଖୀ ଓରଫ ସାନା (୩୨) ଏବଂ ଜନସନ ନାଗ (୨୫)। ସେମାନଙ୍କୁ ଗିରଫ ପରେ କୋର୍ଟଚାଲାଣ କରାଯାଇଥିଲା। ଅନ୍ୟ ଦୁଇ ଅଭିଯୁକ୍ତ ସୁଶାନ୍ତ ଓରଫ ଲଣ୍ଡା ନାୟକ ଏବଂ ରୁନୁ ଓରଫ ନାରାୟଣ ହରିପ୍ପାଙ୍କୁ ପୁଲିସ ଝିରପାଣୀ ନଦୀ ଟୋଲା ଠାରେ ଏନ୍‌କାଉଣ୍ଟର କରି ଆହତ କରିଥିଲା । ଜୁନ୍ ୨୭ରେ ଆଉ ଜଣେ ସହ ଅଭିଯୁକ୍ତ ବିଶୁ ଓରଫ ଉମାକାନ୍ତ ହରିପ୍ପାଙ୍କୁ ଗିରଫ କରିଛି। ତାଙ୍କୁ ମଧ୍ୟ ସମାନ ଆଇନ ଧାରାରେ ଗିରଫ କରାଯାଇ ସେହିଦିନ ଅଦାଲତରେ ହାଜର କରାଯାଇଥିଲା। ଏହି ମାମଲାରେ ସମ୍ପୃକ୍ତ ଅନ୍ୟଫେରାର ଅଭିଯୁକ୍ତଙ୍କୁ ଧରିବା ପାଇଁ ପୁଲିସର ତଲାସି ଓ ଚଢ଼ଉ ଜାରି ରହିଛି। ଉଲ୍ଲେଖଯୋଗ୍ୟ ଯେ ପ୍ଲାଣ୍ଟସାଇଟ୍ ଥାନା ଅଧୀନ ନାଲାରୋଡ ଅଞ୍ଚଳର ମୀନାପଡାରେ ବ୍ରାଉନସୁଗର, ଅଫିମପରି ଡ୍ରଗ୍ସ କାରବାର କରୁଥିବା ଡ୍ରଗ୍ସ ମାଫିଆଙ୍କ ଘରକୁ ମଧ୍ୟ ରାଉରକେଲା ପୁଲିସ ଭାଙ୍ଗି ଦେଇଥିଲା । ଏନେଇ ରାଉରକେଲା ଏସ୍‌ପି କହିଛନ୍ତି ଯେ କୌଣସି ଖୋଲାସ୍ଥାନରେ ଅସାମାଜିକ ବ୍ୟକ୍ତିଙ୍କ ଆ‡ାସ୍ଥଳୀ, ହେଉ ବନ୍ଦ କୋଠରି କାହାକୁ ଆଉ ପୁଲିସ ବରଦାସ୍ତ କରିବ ନାହିଁ । ସହରକୁ ଅପରାଧମୁକ୍ତ କରିବା ସହ ସହରରେ ଶାନ୍ତି ଶୃଙ୍ଖଳା ବଜାୟ ରଖିବା ପାଇଁ ଅପରାଧୀମାନଙ୍କ ଉପରେ ଏପରି କାର୍ଯ୍ୟାନୁଷ୍ଠାନ

### ଅପରାଧୀଙ୍କୁ ଛାଡ଼ିବାକୁ ପଡ଼ିବ ରାଉରକେଲା: ଏସ୍‌ପି

ଜାରି ରଖିବ ବୋଲି ସେ କହିଛନ୍ତି। ସେପଟେ ରାଉରକେଲା ପୁଲିସର ଅପରାଧିମାନଙ୍କ ବିରୋଧରେ ଏତାଦୃଶ କାର୍ଯ୍ୟାନୁଷ୍ଠାନ ଗ୍ରହଣକୁ ନେଇ ସମଗ୍ର ସହରରେ ଚର୍ଚ୍ଚା ବିଷୟ ପାଲଟିଥିଲା ବେଳେ ବୁଦ୍ଧିଜୀବୀ ମହଲରେ ଏହାକୁ ସ୍ୱାଗତ କରାଯାଇଛି ।



## ଗାଡ଼ିରୁ ଓହ୍ଲାଉଥିଲେ ମାଡ଼ିଗଲା ଟ୍ରକ୍; ଜଣେ ମୃତ

କୋଇଡ଼ା, ୯।୭ (ସମିସ): ଆଜି ଅପରାହ୍ନରେ କୋଇଡ଼ା ଭଞ୍ଜପାଲିସ୍ଥିତ ବାଇପାସ୍ ରାସ୍ତାରେ ଅଭାବନୀୟ ଘଟଣା ଘଟିଛି। ଏକ ଟ୍ରକ୍ ଛିଡ଼ା ହୋଇଥିବାବେଳେ ଟ୍ରକ୍‌ର ଚାଳକ ବୀରେନ୍ଦ୍ର ମହାତୋ (୪୫) ପାଣି ଆଣିବା ପାଇଁ ବାମ ପଟରୁ ଓହ୍ଲାଇଥିଲେ। ଠିକ୍ ସେତିକି ବେଳେ ବୀପରିତ ଦିଗରୁ ଅନ୍ୟ ଏକ ଟ୍ରକ୍ ଦ୍ରୁତଗତିରେ ଆସି ତାଙ୍କ ଉପରେ ଚଢ଼ିଯାଇ ଯାଇଥିଲା। ଯାହାଫଳରେ ତାଙ୍କର ଘଟଣାସ୍ଥଳରେ ମୃତ୍ୟୁ ଘଟିଥିଲା। ମୃତକଙ୍କ ଘର ଝାଡ଼ଖଣ୍ଡ ହଜାରିବାଗ ଜିଲ୍ଲାରେ। ଖବରପାଇ କୋଇଡା ପୁଲିସ୍ ଘଟଣାସ୍ଥଳରେ ପହଞ୍ଚି ରାସ୍ତା ଜାମ୍ ଖୋଲି ଶବଉଦ୍ଧାର କରିବା ସହ ଉଭୟ ଟ୍ରକ୍‌କୁ ଜବତ କରିଥିଲା। ତତ୍‌ସହିତ ଝାଡ଼ଖଣ୍ଡ ହଜାରିବାଗ ଜିଲ୍ଲାର ମୃତକ ଚାଳକ ବୀରେନ୍ଦ୍ର ମହାତୋ ପରିବାର ବର୍ଗଙ୍କୁ ସୂଚନା ଦେଇଥିଲେ। ଅନ୍ୟ ଗାଡ଼ିଚାଳକ ଫରିଦ୍ ଆନ୍‌ସାରିକୁ ଅଟକ ରଖି ପଚରାଉଚରା କରୁଛି ପଲିସ।



## ବାସନ୍ତୀ କଲୋନୀରେ ଜବରଦଖଲ ଉଚ୍ଛେଦ ଅଭିଯାନ ଜୋରଦାର



ରାଉରକେଲା, ୯।୭(ସମିସ): ରାଉରକେଲା ମହାନଗର ନିଗମ (ଆରଏମସି) ପକ୍ଷରୁ ସହରବ୍ୟାପୀ ଜବରଦଖଲ ଉଚ୍ଛେଦ ଅଭିଯାନକୁ ଅଧିକ ଜୋରଦାର କରାଯାଇଛି। ସିଭିଲ ଟାଉନସିପ୍ ଓ ଛେଣ୍ଡ କଲୋନୀ ପରେ ଏହି ଅଭିଯାନ ବାସନ୍ତୀ କଲୋନୀରେ ଚାଲିଥିଲା। ଅଭିଯାନ ସମୟରେ ପ୍ରାୟ ୨୦ଟି ଘର ସମ୍ମୁଖରେ ରାସ୍ତାକଡ଼ ନାଳ ଉପରେ ନିର୍ମିତ ବେଆଇନ ନିର୍ମାଣଗୁଡ଼ିକୁ ଭଙ୍ଗାଯାଇଥିଲା। ଆର୍‌ଏମ୍‌ସି ଅଧିକାରୀମାନଙ୍କ କହିବାନୁସାରେ, ନାଳ ଉପରେ ହୋଇଥିବା ଜବରଦଖଲ ଯୋଗୁଁ ନିୟମିତ ସଫେଇ ଓ ରକ୍ଷଣାବେକ୍ଷଣ କାର୍ଯ୍ୟ ବାଧାପ୍ରାପ୍ତ ହେଉଛି। ଏହାସହ ବର୍ଷାଜଳର ସ୍ୱାଭାବିକ ନିଷ୍କାସନ ବ୍ୟବସ୍ଥା ବିଘ୍ନିତ ହେବାରୁ ବର୍ଷା ଋତୁରେ ବିଭିନ୍ନ ଅଞ୍ଚଳରେ ଜଳବନ୍ଦୀ ସମସ୍ୟା ସୃଷ୍ଟି ହେଉଛି। ନିଗମ ପକ୍ଷରୁ କୁହାଯାଇଛି ଯେ, ସହରର ଡ୍ରେନେଜ୍ ବ୍ୟବସ୍ଥାକୁ ସୁଚାରୁ ରଖିବା ଏବଂ ବର୍ଷାଜନିତ ଜଳବନ୍ଦୀ ସମସ୍ୟାକୁ ରୋକିବା ଉଦ୍ଦେଶ୍ୟରେ ଏହି ଉଚ୍ଛେଦ ଅଭିଯାନ ଜାରି ରହିଛି। ଆଗାମୀ ଦିନରେ ସହରର ଅନ୍ୟାନ୍ୟ ଅଞ୍ଚଳରେ ମଧ୍ୟ ନାଳ ଉପରେ ଥିବା ବେଆଇନ ଜବରଦଖଲ ବିରୋଧରେ ସମାନ କାର୍ଯ୍ୟାନୁଷ୍ଠାନ ଜାରି ରହିବ ବୋଲି ଅଧିକାରୀମାନେ ସୂଚନା ଦେଇଛନ୍ତି। ଆର୍‌ଏମ୍‌ସି ପକ୍ଷରୁ

### ଜବରଦଖଲ ଉଚ୍ଛେଦରେ ପାତରଅନ୍ତର ଅଭିଯୋଗ

ସହରବାସୀଙ୍କୁ ଦାୟିତ୍ୱବାନ ନାଗରିକ ଭାବେ ନାଳଗୁଡ଼ିକୁ ଜବରଦଖଲମୁକ୍ତ ରଖିବା ସହ ଏକ ସ୍ୱଚ୍ଛ, ସୁନ୍ଦର ଓ ସୁଦୃଢ଼ ନିଷ୍କାସନ ବ୍ୟବସ୍ଥା ଗଠନରେ ନିଗମକୁ ସହଯୋଗ କରିବା ପାଇଁ ଅପିଲ କରାଯାଇଛି। ଅପରପକ୍ଷେ ଜବରଦଖଲ ଉଚ୍ଛେଦ କରିବା କ୍ଷେତ୍ରରେ ଆର୍‌ଏମ୍‌ସି ପକ୍ଷରୁ ନିୟୋଜିତ ଅଧିକାରୀମାନେ ପାତରଅନ୍ତର କରୁଥିବା ଅଭିଯୋଗ ହୋଇଛି। କିଛି ବାସୀନ୍ଦାଙ୍କ ଜବରଦଖଲକୁ ଉଚ୍ଛେଦ କରାଯାଉନାହିଁ। ଯାହାକୁ ନେଇ ଅସନ୍ତୋଷ ପ୍ରକାଶ ପାଇଥିଲା।

## ଫାଇନ୍ ଆର୍ଟ ଏକାଡେମୀର ବାର୍ଷିକୋତ୍ସବ




ରାଉରକେଲା, ୯।୭(ସମିସ): ସ୍ଥାନୀୟ ସିଭିକ୍ ସେଣ୍ଟରରେ ସହରର ଜଣାଶୁଣା କଳାନୁଷ୍ଠାନ ଫାଇନ୍ ଆର୍ଟ ଏକାଡେମୀର ବାର୍ଷିକୋତ୍ସବ ପାଳିତ ହୋଇଯାଇଛି। ଅନୁଷ୍ଠାନର ଉପଦେଷ୍ଟା ତଥା ବିଶିଷ୍ଟ ସମାଜସେବୀ ଭଗବାନ ରାଉତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଉତ୍ସବରେ ସୁନ୍ଦରଗଡ ଜିଲ୍ଲା ଯୋଜନା ବୋର୍ଡ ଅଧ୍ୟକ୍ଷ ତଥା ରଘୁନାଥପାଲି ବିଧାୟକ ଦୁର୍ଗାଚରଣ ତନ୍ତୀ ମୁଖ୍ୟଅତିଥି ଭାବେ ଯୋଗ ଦେଇ କହିଲେ ଶିଶୁମାନଙ୍କର ଏକାଗ୍ରତା ଓ ବୌଦ୍ଧିକ ବିକାଶ କ୍ଷେତ୍ରରେ ଚିତ୍ରାଙ୍କନ ବିଶେଷ ଜରୁରୀ। ପରିବେଶ ପ୍ରତି ସମସ୍ତେ ସଚେତନ ହୋଇ ଏ ଦିଗରେ ଯତ୍ନବାନ ହେବାକୁ ସେ ପରାମର୍ଶ ଦେଇଥିଲେ।

ରାଉରକେଲା ବିଧାୟକ ସାରଦା ପ୍ରସାଦ ନାୟକ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ସେ କହିଲେ ଶିଶୁମାନଙ୍କ ମଧ୍ୟରେ ଚିତ୍ରକଳା ପ୍ରତି ବିଶେଷ ଆଗ୍ରହ ସୃଷ୍ଟି କରିବାରେ ଫାଇନଆର୍ଟ ଏକାଡେମୀର ଦୀର୍ଘ ୨୪ ବର୍ଷର ସାଧନା ପ୍ରଶଂସନୀୟ। ମୁଖ୍ୟ ବକ୍ତା ଭାବେ ଟିକିଲି ଫାଉଣ୍ଡେସନର ଅଧ୍ୟକ୍ଷା ରତ୍ନା ବାନାର୍ଜୀ ଯୋଗ ଦେଇ ଶିଶୁମାନଙ୍କ ପାଇଁ ସାଧାରଣ ପାଠ୍ୟକ୍ରମ ସହିତ ଚିତ୍ରାଙ୍କନର ଆବଶ୍ୟକତା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି କହିଥିଲେ। ନିହାରବାଳା ଇଂରାଜୀ ମାଧ୍ୟମ ବିଦ୍ୟାଳୟର ଅଧ୍ୟକ୍ଷା ନିବେଦିତା ମିଶ୍ର ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଅର୍ଜନ କରିଥିବା ବିଶିଷ୍ଟ ବ୍ୟକ୍ତିତ୍ୱ, ବିଚାରକ ମଣ୍ଡଳୀ ତଥା କୃତୀ ପ୍ରତିଯୋଗୀଙ୍କୁ ଅତିଥିମାନଙ୍କ ଦ୍ୱାରା ସମ୍ବର୍ଦ୍ଧିତ ଓ ପୁରସ୍କୃତ କରାଯାଇଥିଲା। ମୋନାଲିସା ସାହୁ ମଞ୍ଚ ପରିଚାଳନା କରିବା ସହ ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ। ସୂର୍ଯ୍ୟମଣି ପାତ୍ର, ବଳରାମ ନାୟକ, ସୁଶାନ୍ତ ପତି, ପ୍ରକାଶ ଧଳ, ପ୍ରଫୁଲ ନାୟକ, ରଞ୍ଜନ ବାରିକ, ସରିତା ନାୟକ, ଲୁସି ଦାସ, ପଙ୍କଜ ପତି, ମନୋଜ ପାଢୀ, ସୁନୀତା ପଟ୍ଟନାୟକ ପ୍ରମୁଖ ସହଯୋଗ କରିଥିଲେ।

## କାଳବୈଶାଖୀରେ କ୍ଷତିଗ୍ରସ୍ତ ବାବା ବାଣେଶ୍ୱର ମନ୍ଦିର ପରିସର

ବଣାଇଁ, ୯।୭ (ସମିସ): ଗତ ମେ' ୨୭ ତାରିଖରେ ବଣାଇଁ ଅଞ୍ଚଳରେ ହୋଇଥିବା ପ୍ରବଳ ଝଡ଼ବର୍ଷାରେ ବଣାଇଁର ପ୍ରସିଦ୍ଧ ବାବା ବାଣେଶ୍ୱର ମନ୍ଦିର ପରିସରର ବ୍ୟାପକ କ୍ଷତି ଘଟିଛି। ମନ୍ଦିର ପରିସରରେ ଥିବା ଏକ ବଡ଼ ଆମ୍ବଗଛ ଭାଙ୍ଗି ପଡ଼ିଥିବା ବେଳେ ଭକ୍ତମାନଙ୍କ ରୋଷେଇ ପାଇଁ ନିର୍ମିତ ସେଡ୍ ଗୁଡ଼ିକ ମଧ୍ୟ କ୍ଷତିଗ୍ରସ୍ତ ହୋଇଛି। ଏହି କ୍ଷତି ଯୋଗୁଁ ମନ୍ଦିରକୁ ଆସୁଥିବା ଶ୍ରଦ୍ଧାଳୁମାନେ ବିଭିନ୍ନ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ବିଶେଷକରି ଶ୍ରାବଣ ମାସ ଆରମ୍ଭ ହେବାକୁ ଆଉ ଅଳ୍ପ କିଛି ଦିନ ବାକି ଥିବାବେଳେ ବାବା ବାଣେଶ୍ୱରଙ୍କ ଦର୍ଶନ ପାଇଁ ହଜାର ହଜାର କାଉଡ଼ିଆ ଓ ଭକ୍ତଙ୍କ ସମାଗମ ହେବ। ସେହି ସମୟରେ ଭକ୍ତମାନଙ୍କ ରୋଷେଇ ଓ ବିଶ୍ରାମ ପାଇଁ ଏହି ସେଡ୍‌ଗୁଡ଼ିକ ଅତ୍ୟନ୍ତ ଆବଶ୍ୟକ। ସ୍ଥାନୀୟ ଲୋକ ଓ ଭକ୍ତମାନେ ଦାବି କରିଛନ୍ତି ଯେ, ଶ୍ରାବଣ ମାସ ଆରମ୍ଭ ପୂର୍ବରୁ ମନ୍ଦିର ପରିସରରେ କ୍ଷତିଗ୍ରସ୍ତ ସେଡ୍‌ର ମରାମତି ସହ ପରିସରକୁ ସୁରକ୍ଷିତ ଓ ସୁବ୍ୟବସ୍ଥିତ କରାଯାଉ। ଏଥିପାଇଁ ଦେବୋତ୍ତର ବିଭାଗ ଓ ସ୍ଥାନୀୟ ପ୍ରଶାସନ ତୁରନ୍ତ ପଦକ୍ଷେପ ନେବାକୁ ସାଧାରଣରେ ଦାବି ଜୋର୍ ଧରିଛି।

## ଅଙ୍ଗନବାଡ଼ି ୱାର୍କର୍ସ ଆଣ୍ଡ ହେଲ୍ପର୍ସ ଆସୋସିଏସନ ପକ୍ଷରୁ କଳା ଦିବସ

କୋଇଡା, ୯।୭ (ସମିସ): ଅଲ୍ ଓଡ଼ିଶା ଅଙ୍ଗନବାଡ଼ି ଆଣ୍ଡ ହେଲ୍ପର୍ସ ଆସୋସିଏସନ ସିଆଇଟିୟୁ ପକ୍ଷରୁ ୯ ଜୁଲାଇକୁ ଦେଶବ୍ୟାପୀ କଳା ଦିବସ ଭାବେ ପାଳନ କରୁଥିବାବେଳେ ବଣାଇଁ ବିଧାୟକ ଲକ୍ଷ୍ମଣ ମୁଣ୍ଡାଙ୍କ ନେତୃତ୍ୱରେ ସିଆଇଟିୟୁ ରାଜ୍ୟ ସମ୍ପାଦକ ପ୍ରଭାତ ପଣ୍ଡା, କୋଇଡ଼ା ବ୍ଲକ୍ ଅଧ୍ୟକ୍ଷ ସୁରେଶ ନାଏକ, ସିଆଇଟିୟୁ ବରିଷ୍ଠ ସଭ୍ୟ କୃଷ୍ଣଚନ୍ଦ୍ର ବାରିକ ଓ କୋଇଡା ବ୍ଲକ୍ କାର୍ଯ୍ୟରତ ଅଙ୍ଗନବାଡ଼ି ଏବଂ ହେଲପର୍ସ ମାନେ ସିଆଇଟିୟୁ ଅନୁବନ୍ଧିତ ୟୁନିୟନ ବ୍ୟାନର୍ ପୋଷ୍ଟର ଧରି ବ୍ଲକ୍ କାର୍ଯ୍ୟାଳୟ ପରିସରରେ କଳାବ୍ୟାଜ୍ ପିନ୍ଧି ପ୍ରତିବାଦ୍ କରିବା ସହ ୧୫ ଦଫା ଦାବିପତ୍ର କୋଇଡା ବ୍ଲକ୍ ବିଡିଓ ରଶ୍ମୀରେଖା ପାତ୍ରଙ୍କୁ ପ୍ରଦାନ କରିଛନ୍ତି।

# ଆର୍‌ଏସ୍‌ପିର ପ୍ରଥମ ତ୍ରୈମାସିକ ରପ୍ତାନି ୩୬,୦୩୩ ଟନ୍

ରାଉରକେଲା, ୯।୭(ସମିସ)

ରାଉରକେଲା ଇସ୍ପାତ କାରଖାନା (ଆରଏସପି), ମୁଖ୍ୟତଃ ନିୟୁ ପ୍ଲେଟ୍ ମିଲ୍‌ର ସନ୍ତୁଳିତ ଉତ୍ପାଦନ ଏବଂ ଏକ ସୁଚିନ୍ତିତ ରପ୍ତାନି ଚାଲାଣ ରଣନୀତି ଯୋଗୁଁ ଚଳିତ ଆର୍ଥିକ ବର୍ଷର ଜୁନ୍ ମାସ ଏବଂ ପ୍ରଥମ ତ୍ରୈମାସିକକୁ ଏକାଧିକ ଉତ୍ସାହଜନକ କାର୍ଯ୍ୟ ଓ ବାଣିଜ୍ୟିକ ସଫଳତା ସହ ଶେଷ କରିଛି। ଜୁନ୍ ମାସରେ, ନିୟୁ ପ୍ଲେଟ୍ ମିଲ୍ ବିଦେଶୀ ଗ୍ରାହକମାନଙ୍କ ଦ୍ୱାରା ନିର୍ଦ୍ଧାରିତ ସଠିକ୍ ପରିମାଣକୁ ପୂରଣ କରି ସମୁଦାୟ ୧୪,୧୪୪ ଟନର ରପ୍ତାନି ହାସଲ କରିଛି। ଏପ୍ରିଲ୍-ଜୁନ୍ ତ୍ରୈମାସିକ ପାଇଁ ନିୟୁ ପ୍ଲେଟ୍ ମିଲ୍‌ରୁ ପ୍ଲେଟ୍ ରପ୍ତାନି ୨୬,୮୧୧ ଟନରେ ପହଞ୍ଚିଥିବା ବେଳେ ଏହି ତ୍ରୈମାସିକ ମଧ୍ୟରେ ଏଚ୍‌ଆର କଏଲ୍ ରପ୍ତାନି ୮,୩୧୩ ଟନ୍ ଏବଂ ଏଚ୍‌ଆର ପ୍ଲେଟ୍ ରପ୍ତାନି ୯୦୯ ଟନ୍ ରହିଥିଲା। ପ୍ରଥମ ତ୍ରୈମାସିକ ପାଇଁ ସମୁଦାୟ ମିଳିତ ରପ୍ତାନି ପରିମାଣ ୩୬,୦୩୩ ଟନ୍ ଥିଲା, ଯାହା ଆନ୍ତର୍ଜାତୀୟ ବଜାରରେ ଆର୍‌ଏସ୍‌ପିର ବଢୁଥିବା ଉପସ୍ଥିତିକୁ ପ୍ରତିପାଦିତ କରୁଛି। ଏହି ସଫଳତା ଆର୍‌ଏସ୍‌ପିର ରପ୍ତାନି ଅର୍ଡର ପ୍ରେରଣକୁ ସର୍ବାଧିକ କରିବା



ଏବଂ ଉଭୟ ଦେଶୀୟ ତଥା ଅନ୍ତର୍ଜାତୀୟ ଗ୍ରାହକଙ୍କ ସେବା ପାଇଁ ଉନ୍ନତ ଉତ୍ପାଦନ କ୍ଷମତାର ଉପଯୋଗ କରିବାର ସୁଚିନ୍ତିତ ନୀତିକୁ ପ୍ରତିଫଳିତ କରେ। ନିଶ୍ଚିତ ହୋଇଥିବା ଅର୍ଡରଗୁଡ଼ିକ ସହିତ ଉତ୍ପାଦନ ସୂଚୀକୁ ସମନ୍ୱିତ କରି ଏବଂ ସରଳୀକୃତ ସାମଗ୍ରୀ ପ୍ରବାହ ଓ ପରିବହନ ମାଧ୍ୟମରେ ପରିଚାଳନା ସମୟକୁ ହ୍ରାସ କରି, କାରଖାନା ବିତରଣର ବିଶ୍ୱସନୀୟତା ଏବଂ କାର୍ଯ୍ୟକ୍ଷମ ଦକ୍ଷତାରେ ଉନ୍ନତି ଆଣିଛି। ସିଧାସଳଖ ଚାଲାଣ (ଡାଇରେକ୍ଟ ଡେସପାଚ୍) ମାର୍ଗ ଉପରେ ଗୁରୁତ୍ୱ ଦେବା ଦ୍ୱାରା ମଧ୍ୟବର୍ତ୍ତୀକାଳୀନ ଗଚ୍ଛିତ ଜନିତ ପରିଚାଳନା ଆହୁରି ହ୍ରାସ ପାଇଛି, କାର୍ଯ୍ୟ ସମ୍ପାଦନ ସମୟ କମିଛି ଏବଂ ରେଳ ଡେମରେଜ୍ (ବିଳମ୍ବ ଶୁଳ୍କ) ର ବିପଦ ହ୍ରାସ ପାଇଛି, ଯାହାଫଳରେ ସାମଗ୍ରିକ ଗ୍ରାହକ ସନ୍ତୋଷ ବୃଦ୍ଧି ପାଇଛି। ଆର୍‌ଏସ୍‌ପିର ସୁଦୃଢ଼ ପ୍ରତ୍ୟକ୍ଷ- ଚାଲାଣ (ଡାଇରେକ୍ଟ-ଡେସପାଚ୍) ପ୍ରଦର୍ଶନ ମଧ୍ୟ ପ୍ରମୁଖ ଦେଶୀୟ କ୍ଷେତ୍ରଗୁଡ଼ିକୁ ନିରନ୍ତର ଏବଂ ବିଶ୍ୱସନୀୟ ଯୋଗାଣ ସୁନିଶ୍ଚିତ କରି ଭାରତୀୟ ଇସ୍ପାତ ବଜାରରେ ସେଲ୍ ର ନେତୃତ୍ୱସ୍ଥାନକୁ ଅଧିକ ମଜବୁତ କରୁଛି। ଏଥି ସହିତ, ବୃଦ୍ଧି ପାଉଥିବା ରପ୍ତାନି ପରିମାଣ କମ୍ପାନୀର ଗ୍ରାହକ ଭିତ୍ତିଭୂମିକୁ ବିବିଧ କରିବା ଏବଂ ପ୍ରାଥମିକତା ବିଶିଷ୍ଟ ବିଦେଶୀ ଗନ୍ତବ୍ୟ ସ୍ଥଳଗୁଡିକରେ ଚାହିଦାପୂରଣ କରିବାର ରଣନୀତିକ ଉଦ୍ଦେଶ୍ୟକୁ ସହାୟତା କରୁଛି। ପ୍ରଥମ ତ୍ରୈମାସିକର ଏହି ସଫଳତାକୁ ଆଧାର କରି, ଆର୍‌ଏସ୍‌ପି ଗ୍ରାହକ-କେନ୍ଦ୍ରୀତ ପ୍ରେରଣ ରଣନୀତିକୁ ପ୍ରାଥମିକତା ଦେବା, ନିଜର ରପ୍ତାନି ପହଞ୍ଚକୁ ସୁଦୃଢ଼ କରିବା ଏବଂ ଅର୍ଡର ପ୍ରତିଶ୍ରୁତି ପୂରଣ କରିବା ପାଇଁ ଉତ୍ପାଦନ ଶୃଙ୍ଖଳା ବଜାୟ ରଖିବା ଜାରି ରଖିବ। ପରିକଳ୍ପିତ ପଦକ୍ଷେପଗୁଡ଼ିକ ମଧ୍ୟରେ ଅଧିକ ରପ୍ତାନିକୁ ସମର୍ଥନ କରିବା ପାଇଁ ଅର୍ଡର-ଟୁ-ଡେଲିଭରିର ସୂକ୍ଷ୍ମ ସମନ୍ୱୟ, ଫିନିସିଂ ମିଲ୍‌ଗୁଡ଼ିକରେ କ୍ଷମତାର ସଦୁପଯୋଗ ଏବଂ ପରିବହନ ବ୍ୟବସ୍ଥାରେ ନିରନ୍ତର ସୁଧାର ଅନ୍ତର୍ଭୁକ୍ତ ଅଟେ।

## ଆର୍ଥିକ ବର୍ଷର ପ୍ରଥମ ୩ ମାସରେ ଆର୍‌ଏସ୍‌ପିର ଉଲ୍ଲେଖନୀୟ ରପ୍ତାନି

ରାଉରକେଲା, ୯।୭(ସମିସ): ରାଉରକେଲା ଇସ୍ପାତ କାରଖାନା (ଆର୍‌ଏସ୍‌ପି) ଜୁନ୍ ୨୦୨୬ ଏବଂ ୨୦୨୬-୨୭ ଆର୍ଥିକ ବର୍ଷର ପ୍ରଥମ ତ୍ରୟମାସ (ଏପ୍ରିଲଜୁନ୍)ରେ ବିକ୍ରୟଯୋଗ୍ୟ ଇସ୍ପାତ ଡିସ୍ପାଚ୍ କ୍ଷେତ୍ରରେ ଉଲ୍ଲେଖନୀୟ ସଫଳତା ହାସଲ କରିଛି। ଜୁନ୍ ୨୦୨୬ ମାସରେ ଆର୍‌ଏସ୍‌ପି ସମୁଦାୟ ୩,୧୬,୪୬୭ ଟନ୍ ବିକ୍ରୟଯୋଗ୍ୟ ଇସ୍ପାତ ଡିସ୍ପାଚ୍ କରିଥିଲା। ଏଥିମଧ୍ୟରୁ ୨,୭୭,୦୧୮ ଟନ୍ ସିଧାସଳଖ ଗ୍ରାହକଙ୍କ ଅର୍ଡର ଅନୁଯାୟୀ ଡିସ୍ପାଚ୍ କରାଯାଇଥିଲା, ଯାହା ଗ୍ରାହକଙ୍କ ତତ୍କାଳ ଆବଶ୍ୟକତା ପୂରଣ ଏବଂ ମଧ୍ୟବର୍ତ୍ତୀ ପରିଚାଳନାକୁ ହ୍ରାସ କରିବା ଦିଗରେ କାରଖାନାର ଦୃଢ଼ ପ୍ରୟାସକୁ ପ୍ରତିଫଳିତ କରେ। ଏପ୍ରିଲ୍-ଜୁନ୍ ୨୦୨୬ ତ୍ରୟମାସରେ ମୋଟ ୧୦,୨୩,୯୮୮ ଟନ୍ ଅର୍ଡର ଡିସ୍ପାଚ୍ ମଧ୍ୟରୁ ୮,୨୭,୭୮୦ ଟନ୍ ସିଧାସଳଖ ଗ୍ରାହକଙ୍କ ନିକଟକୁ ପଠାଯାଇଥିଲା, ଯାହା ପ୍ରାୟ ୮୧ ପ୍ରତିଶତ ସିଧାସଳଖ ଡିସ୍ପାଚ୍ ସ୍ତରକୁ ସୂଚିତ କରେ। ଷ୍ଟକ୍‌ୟାର୍ଡ ମାଧ୍ୟମରେ ହୋଇଥିବା ଡିସ୍ପାଚ୍‌କୁ ମିଶାଇଲେ, ଏହି ତ୍ରୟମାସରେ ମୋଟ ଡିସ୍ପାଚ୍ ପରିମାଣ ୯,୬୪,୩୫୦ ଟନ୍ ରେ ପହଞ୍ଚିଥିଲା। ଏହି ସଫଳତା ଆର୍‌ଏସ୍‌ପିର ସିଧାସଳଖ ଡିସ୍ପାଚ୍‌କୁ ସର୍ବାଧିକ କରିବା ଏବଂ ଆଧୁନିକୀକୃତ ଉତ୍ପାଦନ କ୍ଷମତାର ସଦ୍‌ବ୍ୟବହାର କରି ଗ୍ରାହକଙ୍କୁ ଉତ୍ତମ ସେବା ପ୍ରଦାନ କରିବାର ନୀତିର ପ୍ରତିଫଳନ। ଏହା ମାଧ୍ୟମରେ ପରିଚାଳନା ସମୟ ହ୍ରାସ, ସମୟାନୁବର୍ତ୍ତୀ ବିତରଣ ବ୍ୟବସ୍ଥାର ସୁଧାର ଏବଂ ନିଶ୍ଚିତ ଅର୍ଡର ଅନୁଯାୟୀ ଉତ୍ପାଦନକୁ ସମନ୍ୱିତ କରାଯିବା ଫଳରେ ଗ୍ରାହକ ସନ୍ତୁଷ୍ଟି ଓ କାର୍ଯ୍ୟଦକ୍ଷତା ଉଭୟରେ ଉଲ୍ଲେଖନୀୟ ବୃଦ୍ଧି ଘଟିଛି।

୯/୭/୨୦୨୬ (ଗୁରୁବାର) ଶ୍ରୀଜଗନ୍ନାଥଙ୍କ ହୁଣ୍ଡିରେ ସମର୍ପଣ
ଟ. ୧,୬୭,୯୮୪/- ସୁନା:୦୦.୦୦୦ ଗ୍ରାମ୍ ରୁପା: ୦୦.୦୦୦ ଗ୍ରାମ୍



### ୧୦୦ ଦିନରେ ପ୍ରତିବାଦ ପଦଯାତ୍ରା

# ଶ୍ରୀମନ୍ଦିର ନିକଟରେ ଜଳିଲା ୧୦୦ ଦୀପ

ପୁରୀ, ୯।୭ (ସମିସ)




ଶ୍ରୀମନ୍ଦିରରେ ସହଜ ପ୍ରବେଶ ଏବଂ ସ୍ୱତନ୍ତ୍ର ଦର୍ଶନ ବ୍ୟବସ୍ଥା ଦାବି କରିଆସୁଛନ୍ତି ପୁରୀବାସୀ। ପ୍ରାୟ ବର୍ଷେ ହେବ ଏହି ଦାବି କରୁଥିଲେ ମଧ୍ୟ ଏ ପର୍ଯ୍ୟନ୍ତ ସେମାନଙ୍କ ଦାବି ପୂରଣ ହୋଇନାହିଁ। ତେଣୁ ପୂର୍ବପରି ଦର୍ଶନ ବ୍ୟବସ୍ଥା ଦାବିରେ ଅବିରତ ଚାଲିଥିବା ସଚେତନତା ପଦଯାତ୍ରା ଗୁରୁବାର ୧୦୦ ଦିନ ପୂରଣ କରିଛି। ଶହେ ଦିନର ଏହି ଯାତ୍ରା କେବଳ ଏକ ସଂଖ୍ୟାର ମାଇଲଖୁଣ୍ଟ ନୁହେଁ, ଏହା ଭକ୍ତି, ଅଧିକାର, ସମତା ଓ ଆତ୍ମସମ୍ମାନ ପାଇଁ ଏକ ଐତିହାସିକ ଅଧ୍ୟାୟରେ ପରିଗଣିତ ହୋଇଛି। ଗତ ଏପ୍ରିଲ୍ ପହିଲାରୁ ଶ୍ରୀଗୁଣ୍ଡିଚା ମନ୍ଦିରରୁ ଆରମ୍ଭ ହୋଇଥିବା ଏହି ପଦଯାତ୍ରା ପ୍ରତିଦିନ ବଳଗଣ୍ଡି ଛକସ୍ଥିତ ଭକ୍ତ ସାଲବେଗ ପୀଠରୁ ବାହାରି ସିଂହଦ୍ୱାର ସମ୍ମୁଖରେ ପହଞ୍ଚି ପୁରୀବାସୀଙ୍କ ପୂର୍ବପରି ଦର୍ଶନ ଅଧିକାର ପୁନଃସ୍ଥାପନ ପାଇଁ ଶାନ୍ତିପୂର୍ଣ୍ଣ ଆହ୍ୱାନ ଜଣାଇ ଆସୁଛି। ଆଜିର ୧୦୦ ଦିନର ପଦଯାତ୍ରାରେ ଶତାଧିକ ବ୍ୟକ୍ତିବିଶେଷ ଯୋଗଦେଇ ଏହି ଆନ୍ଦୋଳନ ପ୍ରତି ନିଜର ସମର୍ଥନ ଜଣାଇଥିଲେ। ସାମାଜିକ କର୍ମୀ, ବୁଦ୍ଧିଜୀବୀ, ଯୁବକ, ମହିଳା ଓ ବରିଷ୍ଠ ନାଗରିକମାନଙ୍କ ଉପସ୍ଥିତି ଏହି ପଦଯାତ୍ରାକୁ ଏକ ବ୍ୟାପକ ଜନସମର୍ଥନର ରୂପ ପ୍ରଦାନ କରିଥିଲା।

ପଦଯାତ୍ରାରେ ସଂକୀର୍ତ୍ତନ ମଣ୍ଡଳୀ ଯୋଗଦେଇ 'ଜୟ ଜଗନ୍ନାଥ' ଧ୍ୱନିରେ ସମଗ୍ର ପରିବେଶକୁ ଭକ୍ତିମୟ କରିଥିଲେ। ୧୦୦ ଦିନ ପୂରଣ ଅବସରରେ ଶ୍ରୀମନ୍ଦିର ନିକଟରେ ୧୦୦ ଦୀପ ଜଳାଯାଇଥିଲା। ଏହି ଦୀପ ପ୍ରଜ୍ୱଳନ କାର୍ଯ୍ୟକ୍ରମ ପଦଯାତ୍ରାର ତପସ୍ୟା, ଭକ୍ତି ଓ ଆଶାର ଏକ ଅନନ୍ୟ ପ୍ରତୀକ ହୋଇଉଠିଥିଲା। ଏହି ଦୀପ ଭକ୍ତମାନଙ୍କ ଅଧିକାର, ସମତା ଓ ଆସ୍ଥାର ଆଲୋକକୁ ପ୍ରତିନିଧିତ୍ୱ କରୁଥିଲା ବୋଲି ଉପସ୍ଥିତ ଲୋକେ ମତପ୍ରକାଶ କରିଥିଲେ। ଏଥିରେ ଶତାଧିକ ସାମାଜିକ କର୍ମୀ, ବୁଦ୍ଧିଜୀବୀ, ଯୁବକ, ମହିଳା ଓ ବରିଷ୍ଠ ନାଗରିକ ଯୋଗଦେଇ ନିଜର ସମର୍ଥନ ଜଣାଇଥିଲେ। ପଦଯାତ୍ରାର ଆବାହକ ସ୍ୱାଧୀନ କୁମାର ପଣ୍ଡା କହିଥିଲେ, ଏହି ଆନ୍ଦୋଳନ କାହା ବିରୋଧରେ ନୁହେଁ। ଏହା ଜଗନ୍ନାଥ ସଂସ୍କୃତିର ସମତା, ମାନବିକତା ଓ ସାର୍ବଜନୀନ ଆଦର୍ଶର ସୁରକ୍ଷା ପାଇଁ ଏକ ଶାନ୍ତ ପ୍ରୟାସ। ପୁରୀ ସହର ଓ ସଦରବାସୀଙ୍କ ପୂର୍ବପରି ଦର୍ଶନ ଅଧିକାର ପୁନଃସ୍ଥାପିତ ନ ହେବା ପର୍ଯ୍ୟନ୍ତ ଏହି ପଦଯାତ୍ରା ଅବ୍ୟାହତ ରହିବ।

## ରଥଖଳାରୁ... ରଥରେ ପାର୍ଶ୍ୱ ଦେବଦେବୀ ସଂସ୍ଥାପନ

ପୁରୀ, ୯।୭ (ସମିସ): ସରିଆସିଲାଣି ରଥ ନିର୍ମାଣ। ଗୁରୁବାର ତିନିରଥ ସମ୍ମୁଖ ଭାଗକୁ ଛାଡ଼ି ପ୍ରତି ପାର୍ଶ୍ୱରେ ୩ଟି ଲେଖାଏଁ ୯ ପାର୍ଶ୍ୱ ଦେବଦେବୀଙ୍କୁ ଜଳଯନ୍ତ୍ର ଖାପରେ ସେଟିଙ୍ଗ୍ କରାଯାଇ ଶିଖର ଡମ୍ବରୁ(ଦେବଦେବୀଙ୍କ ଆସ୍ଥାନ) ସଂସ୍ଥାପନ କାର୍ଯ୍ୟ ଶେଷ ହୋଇଛି। ଚିତ୍ରକାର ସେବକମାନେ ତିନି ରଥର ବାହ୍ୟ ଅଂଶଗୁଡ଼ିକରେ ରଙ୍ଗ କାର୍ଯ୍ୟ ସହ ଘୋଡ଼ା, ସାରଥୀଙ୍କ ରଙ୍ଗ କାର୍ଯ୍ୟ ଜାରି ରଖିଛନ୍ତି। ଦରଜୀ





ସେବକମାନେ ତିନିରଥର ବତା କନାରେ ଲେସ୍ ଫିଟିଙ୍ଗ୍ କାର୍ଯ୍ୟ ଶେଷ କରିଛନ୍ତି। ଏହାପରେ ତିନିରଥର ୧୨ଟି ଦୁଆରବେଢ଼ା ଏବଂ ୧୨ଟି ଚନ୍ଦ୍ରଶାଳୀରେ ଚିକ୍କଣ ଜରି ଲେସ୍, ଫୁଲ, ଡାଳିଲତା ପକା କାର୍ଯ୍ୟ ସହ ଶ୍ରୀବିଗ୍ରହଙ୍କ ବିଜେ ଚକା ପାଇଁ ବନାରସି ଜରି କନା ଖୋଳ ଏବଂ ଠାକୁରଙ୍କ ପିଠି ଏବଂ ମସ୍ତକ ପଶ୍ଚାତ୍ ଭାଗ ପାଇଁ ଅପସର୍ ତକିଆ, ସାରଥୀଙ୍କ ପୋଷାକ ସିଲାଇ କରୁଛନ୍ତି। ଦୋଳବେଦୀ ଅସ୍ଥାୟୀ କମାରଶାଳରେ କମାର ସେବକମାନେ ଜରୁରୀକାଳୀନ ପରିସ୍ଥିତି ପାଇଁ ଆବଶ୍ୟକ ଲୁହା କଣ୍ଟି ତିଆରି କରୁଛନ୍ତି। ପାହି ମହାରଣାମାନେ ରଥଯାତ୍ରା ପାଇଁ ଆବଶ୍ୟକ କାଠ ସରଞ୍ଜାମ ନିର୍ମାଣ ଜାରି ରଖିଛନ୍ତି।

### ■ ଭକ୍ତଙ୍କ ପାଇଁ ସୁଗମ ଯାତାୟାତ

## ଅଟୋ ସଂଘ ସହ ପୁଲିସର ସମନ୍ୱୟ ବୈଠକ

ପୁରୀ, ୯।୭ (ସମିସ): ଆସନ୍ତା ପବିତ୍ର ରଥଯାତ୍ରା, ବାହୁଡ଼ା ଯାତ୍ରା ଓ ସୁନାବେଶ ଅବସରରେ ପୁରୀକୁ ଲକ୍ଷ ଲକ୍ଷ ଭକ୍ତ ଆସିବେ। ତେଣୁ ଶ୍ରଦ୍ଧାଳୁଙ୍କ ପାଇଁ ସୁଗମ, ସୁରକ୍ଷିତ ଓ ଶୃଙ୍ଖଳିତ ଯାତାୟାତ ବ୍ୟବସ୍ଥା ସୁନିଶ୍ଚିତ କରିବା ଲକ୍ଷ୍ୟରେ ପୁରୀ ପୁଲିସ ପକ୍ଷରୁ ଅଟୋ ସଂଘର ପଦାଧିକାରୀମାନଙ୍କ ସହ ଏକ ଗୁରୁତ୍ୱପୂର୍ଣ୍ଣ ସମନ୍ୱୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଅତିରିକ୍ତ ଏସ୍‌ପି ସଚିନ ପଟେଲ, ଟ୍ରାଫିକ୍ ଡିଏସ୍‌ପି ବିଜୟ ରତ୍ନମ, ଟ୍ରାଫିକ୍ ଆଇଆଇସି ସଙ୍ଗୀତା ଦାଶ, ଆର୍‌ଟିଓ ପୁରୀ, ଏମ୍‌ଭିଆଇ ସମେତ ପୁଲିସ ଓ ପରିବହନ ବିଭାଗର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ। ଅଟୋ ସଂଘର ପଦାଧିକାରୀ ଓ ପ୍ରତିନିଧିମାନେ ମଧ୍ୟ ଯୋଗଦେଇ ନିଜ ପ୍ରସ୍ତାବ ରଖିଥିଲେ। ଅଟୋରିକ୍ସା ଚଳାଚଳ ପାଇଁ ସ୍ୱତନ୍ତ୍ର ରୁଟ୍ ଓ ପାର୍କିଂ ବ୍ୟବସ୍ଥା କରିବା ବୈଠକର ମୁଖ୍ୟ ଆଲୋଚନା ବିଷୟ ଥିଲା। ଅର୍ଥାତ୍ ନିର୍ଦ୍ଧାରିତ ସ୍ଥାନରୁ ହିଁ ଯାତ୍ରୀ ଉଠାଇବା ଓ ଓହ୍ଲାଇବା, ଯାତ୍ରୀଙ୍କଠାରୁ ଅତ୍ୟଧିକ ଭଡ଼ା ନ ନେବା, ସୌଜନ୍ୟମୂଳକ ବ୍ୟବହାର କରିବା, ଟ୍ରାଫିକ୍ ଆଡ୍‌ଭାଇଜରୀର କଡ଼ାକଡ଼ି ପାଳନ ଓ ଯାତାୟାତ ନିୟନ୍ତ୍ରଣ। ବିପୁଳ ସଂଖ୍ୟକ ଭକ୍ତଙ୍କ ଆଗମନକୁ ଦୃଷ୍ଟିରେ ରଖି ଅଟୋ ସେବାକୁ ସୁଚାରୁ ଓ ଶୃଙ୍ଖଳିତ କରିବା ଉପରେ ବିସ୍ତୃତ ଭାବେ ଆଲୋଚନା ହୋଇଥିଲା। ବୈଠକରେ ପୁଲିସ ପକ୍ଷରୁ ଅଟୋ ସଂଘକୁ ଯାତ୍ରୀଙ୍କ ସୁରକ୍ଷାକୁ ସର୍ବାଧିକ ପ୍ରାଥମିକତା ଦେବା, ପୁଲିସ ଓ ପରିବହନ ବିଭାଗକୁ ସମ୍ପୂର୍ଣ୍ଣ ସହଯୋଗ କରିବା ଏବଂ ରଥଯାତ୍ରାର ସମସ୍ତ ପର୍ବ ସମୟରେ ଶୃଙ୍ଖଳା ବଜାୟ ରଖିବା ପାଇଁ ଅନୁରୋଧ କରାଯାଇଥିଲା। ସମସ୍ତ ସମ୍ପୃକ୍ତ ବିଭାଗ ଓ ପରିବହନ ସଂଗଠନଙ୍କ ସହ ସମନ୍ୱୟ ରକ୍ଷା କରି ରଥଯାତ୍ରାର ପ୍ରତ୍ୟେକ ପର୍ବକୁ ସୁରକ୍ଷିତ, ସୁବ୍ୟବସ୍ଥିତ ଏବଂ ଭକ୍ତମାନଙ୍କ ପାଇଁ ସୁଗମ କରିବାକୁ ପ୍ରଶାସନ ପ୍ରତିବଦ୍ଧ ବୋଲି ପୁଲିସ ପକ୍ଷରୁ କୁହାଯାଇଛି।

## ଦେଉଳି ମଠରୁ ଆସିଲା ଅଣସର ଭାର



ପୁରୀ, ୯।୭ (ସମିସ): ଜ୍ୱରରେ ପୀଡ଼ିତ ମହାପ୍ରଭୁ ସୁସ୍ଥ ହେବା ପାଇଁ ଚାଲିଛି ଗୁପ୍ତ ସେବା। ଶ୍ରୀଅଙ୍ଗ ଲାଗି ସେବକ ଦଇତାପତିମାନେ ଏହି ଗୁପ୍ତ ସେବା କରୁଛନ୍ତି। ପଞ୍ଚମୀ ତିଥିରେ ମହାପ୍ରଭୁଙ୍କ ଫୁଲୁରୀ ତେଲ ଲାଗି ପରେ ଏବେ ଓଷୁଅ ଲାଗି ଚାଲିଛି। ମହାପ୍ରଭୁ କିପରି ଶୀଘ୍ର ସୁସ୍ଥ ହେବେ ସେଥିପାଇଁ ମଙ୍ଗଳା ପୀଠ ନିକଟ ଦେଉଳି ମଠରୁ ୪ଟି ଶଗଡ଼ ଗାଡ଼ିରେ ଶ୍ରୀକ୍ଷେତ୍ରରେ ପହଞ୍ଚିଛି ଅଣସର ଫଳଭାର। ନବକଳେବର ସମୟରେ କାକଟପୁର ନିକଟସ୍ଥ ଦେଉଳି ମଠ ପାଲଟିଥାଏ ଦଇତାପତିମାନଙ୍କର ସାଧନା ପୀଠ। ଅନବସର ସେବାରେ ଏହି ମଠରୁ ଆସିଥିବା ଫଳ ଭାର ଗୁରୁବାର ଶ୍ରୀକ୍ଷେତ୍ରରେ ପହଞ୍ଚିଛି। କାକଟପୁର ଅଞ୍ଚଳର ଆଖପାଖ ଗ୍ରାମରୁ ଜଗନ୍ନାଥପ୍ରେମୀ ଭକ୍ତଙ୍କ ବାଡ଼ିରେ ହୋଇଥିବା ପଣସ, ଆମ୍ବ, ସପୁରି, ପିଜୁଳି, ଲେମ୍ବୁ, କଦଳୀ, ଖଜୁରି, ତୁଳସୀ ସହିତ ସେଓ, ଅଙ୍ଗୁର, କମଳା, ଡାଳିମ୍ବ ଆଦି ଫଳକୁ ପାରମ୍ପରିକ ୪ଟି ଶଗଡ଼ ଗାଡ଼ିରେ ଲଦା ହୋଇ ଏକ ଭକ୍ତିମୟ ପରିବେଶରେ ପୁରୀରେ ପହଞ୍ଚିଥିଲା। ଗୁଣ୍ଡିଚା ମନ୍ଦିରଠାରେ ଏହି ଫଳ ଭର୍ତ୍ତି ଶଗଡ଼ ପହଞ୍ଚିବା ପରେ ସେଠାରୁ ଆଧ୍ୟାତ୍ମିକ ବର୍ଣ୍ଣାଢ଼୍ୟ ଶୋଭାଯାତ୍ରାରେ ଶ୍ରୀମନ୍ଦିରକୁ ନିଆଯାଇଥିଲା।

## ପୁରୀର ୫ କିମି ପରିଧି ଅଞ୍ଚଳ ନୋ ଫ୍ଲାଇଂ ଜୋନ୍

ପୁରୀ, ୯।୭ (ସମିସ): ପୁରୀ ସହରର ୫ କିମି ପରିଧି ଅଞ୍ଚଳକୁ ନୋ ଫ୍ଲାଇଂ ଜୋନ୍ ଘୋଷଣା କରାଯାଇଛି। ପୁରୀ ଜିଲ୍ଲା ପୁଲିସ ପ୍ରଶାସନ ପକ୍ଷରୁ ଏ ନେଇ ବିଜ୍ଞପ୍ତି ପ୍ରକାଶ ପାଇଛି। ବିଶ୍ୱପ୍ରସିଦ୍ଧ ରଥଯାତ୍ରା ପୂର୍ବରୁ ପୁଲିସ ପ୍ରଶାସନର ଏହି ପଦକ୍ଷେପକୁ ପ୍ରଶଂସା କରାଯାଇଛି। ଶ୍ରୀମନ୍ଦିର ଓ ଭକ୍ତଙ୍କ ସୁରକ୍ଷା, ନିରାପତ୍ତା ପାଇଁ ଏହି ଘୋଷଣା କରାଯାଇଛି। ଅନ ମ୍ୟାନ୍‌ଡ ଏୟାରକ୍ରାଫ୍ଟ ସିଷ୍ଟମ୍ ଓ ଡ୍ରୋନ୍ ଉଡ଼ାଣ ପାଇଁ ପ୍ରତିବନ୍ଧକ ଲଗାଯାଇଛି। ଏହି କଟକଣା ଜୁଲାଇ ୧୬ରୁ ୨୭ ତାରିଖ ପର୍ଯ୍ୟନ୍ତ ବଳବତ୍ତର ରହିବ। ତେବେ ସ୍ୱୀକୃତିପ୍ରାପ୍ତ ସରକାରୀ ସଂସ୍ଥା ପାଇଁ ଏହି ନିୟମ ଲାଗୁ ହେବ ନାହିଁ। ୨୦୨୩ ବିଏନ୍‌ଏସ୍ ଓ ଏୟାରକ୍ରାଫ୍ଟ ଆକ୍ଟ ୧୯୮୩ ଅନୁଯାୟୀ କେହି ଏହି ନିୟମର ଉଲ୍ଲଂଘନ କଲେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଜିଲ୍ଲାପାଳ ନିର୍ଦ୍ଦେଶନାମା ଜାରି କରିଛନ୍ତି। ଏଥିପାଇଁ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ସୁଶାନ୍ତ କୁମାର ପତିଙ୍କୁ ନୋଡାଲ ଅଧିକାରୀ ଭାବେ ନିୟୋଜିତ କରାଯାଉଛି। କେହି ଏହି ନିୟମ ଓ କଟକଣାର ଉଲ୍ଲଂଘନ କଲେ ୯୧୭୮୧୩୬୫୫୭ ନମ୍ବରରେ ସୂଚନା ଦେବା ପାଇଁ କୁହାଯାଇଛି।

## ସାମାଜିକ ନିରାପତ୍ତା, ସୁରକ୍ଷା ଆଇନ ଦାବିରେ ଓକିଲଙ୍କ ବିକ୍ଷୋଭ



ପୁରୀ, ୯।୭ (ସମିସ): ସ୍ୱାଧୀନ ପେଷା ଭିତରେ ଆଇନଜୀବୀମାନେ ସାମାଜିକ ପ୍ରତିବଦ୍ଧତା, ନ୍ୟାୟିକ ଅଙ୍ଗୀକାର ଭିତରେ ବିଚାର ବ୍ୟବସ୍ଥାକୁ ଋଦ୍ଧିମନ୍ତ କରୁଥିବାବେଳେ ସେମାନଙ୍କ ପାଇଁ ସାମାଜିକ ନିରାପତ୍ତା, ସ୍ୱାସ୍ଥ୍ୟବୀମା ଓ ଷ୍ଟାଇପେଣ୍ଡ କ୍ଷେତ୍ରକୁ ଅଣଦେଖା କରାଯାଇଛି। ଆଇନ ପେଷାରେ ଯୁବପିଢ଼ିଙ୍କ ପାଇଁ ସରକାରୀ ପ୍ରୋତ୍ସାହନ ନାହିଁ। ଓଡ଼ିଶାର ବିଭିନ୍ନ କୋର୍ଟ କଚେରୀରେ ୫୦ ହଜାରରୁ ଊର୍ଦ୍ଧ୍ୱ ଓକିଲ ୧୮୨ଟି ବାର୍‌ରେ ରହି ଆଇନ କ୍ଷେତ୍ରରେ କାମ କରୁଛନ୍ତି। କିନ୍ତୁ ସେମାନଙ୍କ ପାଇଁ ସରକାରୀ ସହାୟତା ସମୁଦ୍ରକୁ ଶଙ୍ଖେ। ଏଥିପାଇଁ ପୁରୀ ଜିଲ୍ଲା ଓକିଲ ସଂଘ ନିଷ୍ପତ୍ତି କ୍ରମେ ଗୁରୁବାର ଶତାଧିକ ଓକିଲ ଶୋଭାଯାତ୍ରାରେ ଯାଇ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ବିକ୍ଷୋଭ ପ୍ରଦର୍ଶନ ସହ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲ୍ଲାପାଳଙ୍କୁ ଦାବିପତ୍ର ଦେଇଛନ୍ତି। ଓଡ଼ିଶା ସରକାରଙ୍କ ବାର୍ଷିକ ବଜେଟ୍ ୩ଲକ୍ଷ ୧୦ହାଜର କୋଟିରୁ ଓକିଲଙ୍କ ପାଇଁ ୫୦କୋଟି ଟଙ୍କା ବଜେଟ୍‌ରେ ବ୍ୟୟ ବରାଦ କରିବା, ସମସ୍ତ ଆଇନଜୀବୀଙ୍କୁ ସରକାରଙ୍କ ସ୍ୱାସ୍ଥ୍ୟ ବୀମା ଯୋଜନାରେ ଅନ୍ତର୍ଭୁକ୍ତ, ରେଜିଷ୍ଟ୍ରେସନଠାରୁ ୫ବର୍ଷ ପର୍ଯ୍ୟନ୍ତ ଯୁବ ଓକିଲମାନଙ୍କୁ ମାସିକ ୫ହଜାର ଟଙ୍କା ଷ୍ଟାଇପେଣ୍ଡ ପ୍ରଦାନ, ଆଇନଜୀବୀ ସୁରକ୍ଷା ଆଇନ ଆଣିବା ଦାବି କରାଯାଇଛି। ସଭାପତି ପ୍ରେମାନନ୍ଦ ମହାନ୍ତି, ସାଧାରଣ ସମ୍ପାଦକ ଶରତ କୁମାର ରାୟଗୁରୁ, ଜ୍ୟୋତି ପ୍ରକାଶ ମିଶ୍ର, ସୋମନାଥ ଦାସ, କୃଷ୍ଣ ତ୍ରିପାଠୀ, ରମେଶ ପ୍ରସାଦ ସିଂହ, କାର୍ଯ୍ୟକାରୀ କମିଟି ସଭ୍ୟ ସୋମନାଥ ରଣା, କର୍ଣ୍ଣବୀର ମହାପାତ୍ର, ବିଜୟ ସାହୁ, ଶିବାନନ୍ଦ ପାତ୍ର, ଖଗେଶ୍ୱର ବଳିଆରସିଂ, ନମିତା ସାମଲ, ଶକ୍ତି ପ୍ରସାଦ ମହାପାତ୍ର, ଲକ୍ଷ୍ମୀକାନ୍ତ ତ୍ରିପାଠୀ, ଅଶୋକ ରଥ, ରାଫତ ସାହିନୀ ପ୍ରମୁଖ ଶତାଧିକ ଓକିଲ ଉପସ୍ଥିତ ଥିଲେ।

## ସମନ୍ୱିତ ଡିଜିଟାଲ ସେବା ଉପଲବ୍ଧ

ପୁରୀ, ୯।୭ (ସମିସ): ଚଳିତ ରଥଯାତ୍ରା ପାଇଁ ସମନ୍ୱିତ ଡିଜିଟାଲ ସେବା ସମୂହ ଉପଲବ୍ଧ ଉଦ୍ଦେଶ୍ୟରେ ଜିଲ୍ଲା ପ୍ରଶାସନ ପକ୍ଷରୁ କ୍ୟୁ ଆର୍ କୋଡ୍ ଜାରି କରାଯାଇଛି। ଏହା ଦ୍ୱାରା ଶ୍ରଦ୍ଧାଳୁ ଓ ସାଧାରଣ ଲୋକ ବିଭିନ୍ନ ଅତ୍ୟାବଶ୍ୟକ ସେବା ପାଇବା ସହଜ ହୋଇପାରିବ। ରଥଯାତ୍ରାର ସମସ୍ତ ଦୈନିକ ନୀତିକାନ୍ତିର ସବିଶେଷ ସୂଚନା, ନିକଟସ୍ଥ ପାନୀୟ ଜଳ ବିତରଣ କେନ୍ଦ୍ର, ନିକଟସ୍ଥ ଏଟିଏମ୍‌ର ଅବସ୍ଥିତି, ଗନ୍ତବ୍ୟସ୍ଥଳକୁ ସହଜରେ ପହଞ୍ଚିବା ପାଇଁ ମାର୍ଗ ମାନଚିତ୍ରର ସହାୟତା, ନିକଟସ୍ଥ ପେଟ୍ରୋଲ୍ ପମ୍ପ, ରେଳଷ୍ଟେସନ, ଡାକ୍ତରଖାନା ଏବଂ ଆଶୁ ଚିକିତ୍ସା କେନ୍ଦ୍ର, ପାର୍କିଂସ୍ଥଳ, ସାର୍ବଜନୀନ ଶୌଚାଳୟର ଅବସ୍ଥିତି, ହଜିଥିବା, ପ୍ରାପ୍ତ ଶିଶୁ ଓ ସାମଗ୍ରୀ ଅଭିଯୋଗ ପଞ୍ଜୀକରଣ, ଜରୁରୀ ସହାୟତା ଓ ଆବଶ୍ୟକୀୟ ସେବା, ବସ୍‌ଷ୍ଟାଣ୍ଡ, ନିକଟସ୍ଥ ସମସ୍ତ ସଟଲ୍‌ସେବା ସୂଚନା ଓ ଅପଡେଟ୍, ନିକଟସ୍ଥ ପୁଲିସ ସହାୟତା କେନ୍ଦ୍ର ସମ୍ପର୍କରେ ସୂଚନା ମିଳିପାରିବ ବୋଲି ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି।

### ପୁଣି ଶ୍ରୀମନ୍ଦିର ଉପରେ ଉଡ଼ିଲା ଡ୍ରୋନ୍

## ବଙ୍ଗୀୟ ଯୁବକ ଗିରଫ; ଡ୍ରୋନ୍ ଜବତ

ପୁରୀ, ୯।୭ (ସମିସ)





ରଥଯାତ୍ରା ପୂର୍ବରୁ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି ହୋଇଥିବାବେଳେ ପୁଣିଥରେ ଶ୍ରୀମନ୍ଦିର ଉପରେ ଡ୍ରୋନ୍ ଉଡ଼ାଯିବା ଘଟଣା ସାମ୍ନାକୁ ଆସିଛି। ଏ ନେଇ ଜଣେ ପଶ୍ଚିମବଙ୍ଗ ଯୁବକଙ୍କୁ ପୁଲିସ ଗିରଫ କରିଛି। ଗୁରୁବାର ସକାଳ ପ୍ରାୟ ସାଢ଼େ ୫ଟା ସମୟରେ ଶ୍ରୀମନ୍ଦିର ଉପରେ ଏକ ଡ୍ରୋନ୍ ଉଡୁଥିବା ସମ୍ପର୍କରେ ଏସ୍‌ପି ପ୍ରତୀକ୍ ସିଂଙ୍କ ନିକଟରେ ସୂଚନା ପହଞ୍ଚିଥିଲା। ଖବର ପାଇବା ମାତ୍ରେ ଏସ୍‌ପିଙ୍କ ନିର୍ଦ୍ଦେଶକ୍ରମେ ଏକ ସ୍ୱତନ୍ତ୍ର ପୁଲିସ ଟିମ୍ ଓ ସିଂହଦ୍ୱାର ଥାନା ପୁଲିସ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଆରମ୍ଭ କରିଥିଲା। ପୁଲିସ ଟିମ୍ ତ୍ୱରିତ ପଦକ୍ଷେପ ନେଇ ମାଟିମଣ୍ଡପ ସାହି ଅଞ୍ଚଳରୁ ଡ୍ରୋନ୍‌ଟିକୁ ଜବତ କରିଥିଲା। ଏହାକୁ ଉଡ଼ାଉଥିବା ପଶ୍ଚିମବଙ୍ଗର ଯୁବକ ଜୟକୃଷ୍ଣ ମଣ୍ଡଳଙ୍କୁ ମଧ୍ୟ ଧରି ସିଂହଦ୍ୱାର ଥାନାକୁ ଆଣି ପଚରାଉଚରା କରିଥିଲା। ପରେ ତାଙ୍କୁ ଗିରଫ କରାଯାଇଛି। ପୁରୀ ପୁଲିସ ପକ୍ଷରୁ ସମସ୍ତଙ୍କୁ ଅନୁରୋଧ କରାଯାଉଛି ଯେ, ଶ୍ରୀମନ୍ଦିର ଓ ଏହାର ସୁରକ୍ଷିତ ପରିସରରେ ଡ୍ରୋନ୍ ଉଡ଼ାଇବା ଦଣ୍ଡନୀୟ ଅପରାଧ। ଏଭଳି କାର୍ଯ୍ୟ କରୁଥିବା ବ୍ୟକ୍ତିଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ରଥଯାତ୍ରାକୁ ଆଖିରେ ରଖି ଶ୍ରୀମନ୍ଦିରର ସୁରକ୍ଷାକୁ ଅଧିକ ସୁଦୃଢ଼ କରାଯାଇଥିବା ବେଳେ ଏଭଳି ଘଟଣା ସୁରକ୍ଷା ବ୍ୟବସ୍ଥା ପାଇଁ ବଡ଼ ଚ୍ୟାଲେଞ୍ଜ ସୃଷ୍ଟି କରିଛି।

## ସମଙ୍ଗରା ଅଞ୍ଚଳରେ ପୁଲିସ ଅଧିକାରୀଙ୍କ ରୁଟ୍ ସମୀକ୍ଷା

ପୁରୀ, ୯।୭ (ସମିସ): ଆସନ୍ତା ରଥଯାତ୍ରା, ବାହୁଡ଼ା ଓ ସୁନାବେଶ ଅବସରରେ ଲକ୍ଷାଧିକ ଭକ୍ତଙ୍କ ସୁଗମ ଯାତାୟାତ ସୁନିଶ୍ଚିତ କରିବା ପାଇଁ ପୁରୀ ପୁଲିସ ପକ୍ଷରୁ ଗୁରୁବାର ସମଙ୍ଗରା ଅଞ୍ଚଳରେ ବିସ୍ତୃତ ସ୍ଥଳ ପରିଦର୍ଶନ ଓ ରୁଟ୍ ସମୀକ୍ଷା କରାଯାଇଛି। ଅତିରିକ୍ତ ଏଡିଜି ସୌମେନ୍ଦ୍ର ପ୍ରିୟଦର୍ଶୀ ଓ ଏସ୍‌ପି ପ୍ରତୀକ୍ ସିଂଙ୍କ ନେତୃତ୍ୱରେ ବରିଷ୍ଠ ପୁଲିସ ଅଧିକାରୀ, ଟ୍ରାଫିକ୍ ୱିଙ୍ଗ୍ ଓ ସମ୍ପୃକ୍ତ ବିଭାଗର କର୍ମକର୍ତ୍ତାମାନେ ସମଗ୍ର ଅଞ୍ଚଳର ରାସ୍ତା, ଯାନବାହନ ଚଳାଚଳ ମାର୍ଗ, ବସ୍, କାର୍ ପାର୍କିଂ, ମୋଡ଼, ପ୍ରସ୍ଥ ଓ ସମ୍ଭାବ୍ୟ ଟ୍ରାଫିକ୍ ଚାପକୁ ନେଇ ସମୀକ୍ଷା କରିଥିଲେ। ଯେଉଁ ସ୍ଥାନରେ ରାସ୍ତାର ଉନ୍ନତୀକରଣ ଓ ମରାମତି ଆବଶ୍ୟକ ସେସବୁ ଚିହ୍ନଟ କରାଯାଇ ଶୀଘ୍ର କାର୍ଯ୍ୟ ସମାପ୍ତ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ରଥଯାତ୍ରା ସମୟରେ ହଜାର ହଜାର ଯାନବାହନ ଏହି ରୁଟ୍ ବ୍ୟବହାର କରିବାର ସମ୍ଭାବନା ଥିବାରୁ ରାସ୍ତାକୁ ସମ୍ପୂର୍ଣ୍ଣ ଯାତାୟାତଯୋଗ୍ୟ କରିବାକୁ ପଦକ୍ଷେପ ନିଆଯିବ। ଏସ୍‌ପି ଶ୍ରୀ ସିଂ କହିଛନ୍ତି, ଭକ୍ତମାନଙ୍କ ସୁରକ୍ଷା ଓ ସୁବିଧା ପୁଲିସର ସର୍ବୋଚ୍ଚ ପ୍ରାଥମିକତା। ଯାତାୟାତକୁ ନିର୍ବିଘ୍ନ ଚଳାଚଳ ସୁନିଶ୍ଚିତ କରିବା ପାଇଁ ଆଗୁଆ ପ୍ରସ୍ତୁତି ଜାରି ରହିଛି।

## ହୋଟେଲ ଲିଜ୍‌ଧାରୀଙ୍କୁ ହତ୍ୟା ଘଟଣା | ମୁଖ୍ୟ ଅଭିଯୁକ୍ତଙ୍କ ଭାଇ ଗିରଫ

ପୁରୀ, ୯।୭ (ସମିସ): ଗତ ଜୁନ୍ ୨୩ ତାରିଖରେ ହୋଟେଲ ଲିଜ୍‌ଧାରୀଙ୍କୁ ହତ୍ୟା ଘଟଣାରେ ଅନ୍ୟତମ ଅଭିଯୁକ୍ତ ଚିନ୍ମୟ ପଲାଇକୁ ଗିରଫ କରାଯାଇଛି। ଗ୍ରାହକଙ୍କୁ ରୁମ୍ ସର୍ଭିସ ନ ଦେବାକୁ କେନ୍ଦ୍ରକରି ହୋଟେଲ ଲିଜ୍‌ଧାରୀ ପବିତ୍ର ନାୟକଙ୍କୁ ହତ୍ୟା କରିଥିଲା ଅଭିଯୁକ୍ତ ଚନ୍ଦନ ପଲାଇ। ପରେ ପୁଲିସ ତାକୁ ଏନ୍‌କାଉଣ୍ଟର କରିଥିଲା। ଚନ୍ଦନ ପଲାଇ ନିଜ ଭାଇ ଚିନ୍ମୟ ଓ ସୁକାନ୍ତ ବେହେରା ସହ ମିଶି ପବିତ୍ରଙ୍କୁ ହତ୍ୟା କରିଥିଲା। ଘଟଣାର ୧୬ ଦିନ ପରେ ଚିନ୍ମୟକୁ ଗିରଫ କରିଛି ପୁଲିସ। ଏବେ ବି ଅନ୍ୟତମ ଅଭିଯୁକ୍ତ ସୁକାନ୍ତ ବେହେରା ଫେରାର୍ ଅଛି। ବଳିଆପଣ୍ଡା ଧବଳେଶ୍ୱର ରୋଡ୍‌ରେ ଥିବା ମନୋରମା ହୋଟେଲକୁ ଲିଜ୍‌ରେ ନେଇ ଓୟୋକୁ ଦେଇଥିଲେ ପବିତ୍ର। ସେଠାରେ ଓୟୋ ତରଫରୁ ହୋଟେଲ ଦାୟିତ୍ୱ ବୁଝୁଥିଲେ ଅଭିଯୁକ୍ତ ଚନ୍ଦନ। ତେବେ ଜଣେ ଗେଷ୍ଟଙ୍କୁ ରୁମ୍ ସର୍ଭିସ ନ ଦେବା ନେଇ କଲ୍ ଆସିବା ପରେ ପବିତ୍ର ହୋଟେଲରେ ପହଞ୍ଚିଥିଲେ। ସେଠାରେ ଚନ୍ଦନଙ୍କ ସହ ବଚସା ହୋଇଥିଲା। ଚନ୍ଦନ ତା'ର ଭାଇ ଚିନ୍ମୟଙ୍କୁ ଫୋନ୍ ଯୋଗେ ଡାକିଥିଲା। ଉଭୟଙ୍କ ମଧ୍ୟରେ ପାଟିତୁଣ୍ଡ ହୋଇଥିଲା। ଚିନ୍ମୟ ଓ ଅନ୍ୟ ସହଯୋଗୀ ପବିତ୍ରଙ୍କୁ ଜାବୁଡ଼ି ଧରିଥିଲେ। ଚନ୍ଦନ ଛୁରିରେ ତାଙ୍କ କହୁଣିର ନର୍ଭସ୍ ବା ଶିରା କାଟି ହତ୍ୟା କରିଥିଲା। ତଦନ୍ତ ବେଳେ ପୁଲିସ ଘଟଣାସ୍ଥଳରୁ ଅପରାଧରେ ବ୍ୟବହୃତ ଛୁରି ଜବତ କରିଥିଲା। ମୁଖ୍ୟ ଅଭିଯୁକ୍ତ ଚନ୍ଦନକୁ ଗତ ମାସ ୩୦ ତାରିଖରେ ଗିରଫ କରି କୋର୍ଟ ଚାଲାଣ କରାଯାଇଥିଲା। ଫେରାର୍ ଥିବା ଚିନ୍ମୟକୁ ଗୁରୁବାର ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି ବୋଲି ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି ସିଟି ଡିଏସ୍‌ପି ରଶ୍ମୀରଞ୍ଜନ ମହାପାତ୍ର। ଏହି ଘଟଣାରେ ପୁଲିସ ଗୋଟିଏ ଛୁରି, ଗୋଟିଏ ବାଇକ୍ ଏବଂ ମୋବାଇଲ୍ ଫୋନ୍ ଜବତ କରିଛି।

### ● ରାଜସ୍ଥାନରେ 'ଅଦିନିଆ ରଥଯାତ୍ରା'କୁ ଶ୍ରୀମନ୍ଦିର ପ୍ରଶାସନର ବିରୋଧ

## ସିକର ଜିଲ୍ଲାପାଳଙ୍କୁ ଚିଠି ଲେଖିଲେ ପୁରୀ ଜିଲ୍ଲାପାଳ

ପୁରୀ, ୯।୭ (ସମିସ)

ରାଜସ୍ଥାନର ସିକର ଜିଲ୍ଲାରେ ଅଦିନିଆ ରଥଯାତ୍ରା ବନ୍ଦ କରିବା ପାଇଁ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ତୁରନ୍ତ ପଦକ୍ଷେପ ନିଆଯାଇଛି। ବିଶ୍ୱ ସନାତନ ଧର୍ମ ସେବା ସଂସ୍ଥାନ ଓ ଶ୍ରୀ ଖଟୁ ଶ୍ୟାମ ମଣ୍ଡଳ ଦ୍ୱାରା ରାଜସ୍ଥାନର ସିକର ଜିଲ୍ଲାରେ ଜୁଲାଇ ୧୦ରେ ରଥଯାତ୍ରା ପାଳନ ହେବା ନେଇ ଗଣମାଧ୍ୟମରେ ପ୍ରକାଶ ପାଇଥିଲା। ଏହି ସୂଚନା ପାଇବା ପରେ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ତତ୍ପରତା ପ୍ରଦର୍ଶନ ପୂର୍ବକ ପୁରୀ ଜିଲ୍ଲାପାଳ ତଥା ଶ୍ରୀମନ୍ଦିର ଉପ ମୁଖ୍ୟ ପ୍ରଶାସକ ଦିବ୍ୟଜ୍ୟୋତି ପରିଡ଼ା ରାଜସ୍ଥାନର ସିକର ଜିଲ୍ଲାପାଳ ଆଶିଷ ମୋଦିଙ୍କୁ ସରକାରୀ ପତ୍ର ଲେଖି ଏହି ଅଦିନିଆ ରଥଯାତ୍ରା ବନ୍ଦ କରିବା ପାଇଁ ଅନୁରୋଧ କରିଛନ୍ତି। ମୂଳ ପୀଠ ଶ୍ରୀକ୍ଷେତ୍ର ପୁରୀରେ ଯେଉଁଦିନ ରଥଯାତ୍ରା ଅନୁଷ୍ଠିତ ହେବ ସେହି ତିଥିରେ ହିଁ ରଥଯାତ୍ରା ପାଳନ କରିବା ପାଇଁ ସିକର ଜିଲ୍ଲାପାଳଙ୍କୁ

**ଅଦିନିଆ ରଥଯାତ୍ରା ବନ୍ଦ କରିବା ପାଇଁ ଅନୁରୋଧ କଲେ**

ଅନୁରୋଧ କରାଯାଇଛି। ରାଜସ୍ଥାନର ମୁଖ୍ୟ ଶାସନ ସଚିବଙ୍କୁ ମଧ୍ୟ ଏହା ସମ୍ବନ୍ଧୀୟ ପତ୍ର ପ୍ରେରଣ କରାଯାଇଛି।

ଶାସ୍ତ୍ରୀୟ ବିଧି ପରମ୍ପରା ଅନୁସାରେ ଆଷାଢ଼ ଶୁକ୍ଳ ଦ୍ୱିତୀୟା ତିଥିରେ ରଥଯାତ୍ରା ଅନୁଷ୍ଠିତ ହୁଏ। ତଦନୁଯାୟୀ ଚଳିତ ବର୍ଷ ମୂଳପୀଠ ଶ୍ରୀଜଗନ୍ନାଥ ଧାମ ପୁରୀରେ ତଥା ସାରା ବିଶ୍ୱରେ ଜୁଲାଇ ୧୬ ତାରିଖରେ ହିଁ ରଥଯାତ୍ରା ପାଳନ ହେବ। ତେଣୁ ଅନ୍ୟ କୌଣସି ତିଥିରେ ଅଦିନିଆ ରଥଯାତ୍ରା ଦ୍ୱାରା କୋଟି କୋଟି ଜଗନ୍ନାଥପ୍ରେମୀ ଭକ୍ତଙ୍କ ଭାବାବେଗକୁ କୁଠାରାଘାତ ହେଉଛି ବୋଲି ଶ୍ରୀମନ୍ଦିର ପ୍ରଶାସନ ସ୍ପଷ୍ଟ କରିଛନ୍ତି। ନିୟମ ବାହାରେ ଏଭଳି ରଥଯାତ୍ରା ଆୟୋଜନ ଦ୍ୱାରା ଶ୍ରୀଜଗନ୍ନାଥ ସଂସ୍କୃତି ଏବଂ ଶାସ୍ତ୍ରୀୟ ପରମ୍ପରାର ମର୍ଯ୍ୟାଦା କ୍ଷୁଣ୍ଣ ହେଉଛି ବୋଲି ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡ. ଅରବିନ୍ଦ ପାଢ଼ୀ କହିଛନ୍ତି। ପୁରୀ ଗଜପତି ମହାରାଜା ଦିବ୍ୟସିଂହ ଦେବ ମଧ୍ୟ ଏହି ଘଟଣା ଉପରେ ଗଭୀର ଉଦ୍‌ବେଗ ପ୍ରକାଶ କରିବା ସହିତ ବିଶ୍ୱ ସନାତନ ଧର୍ମ ସେବା ସଂସ୍ଥାନ ଓ ଶ୍ରୀ ଖଟୁ ଶ୍ୟାମ ମଣ୍ଡଳ ଦ୍ୱାରା ଆୟୋଜିତ ହେବାକୁ ଥିବା ଅଦିନିଆ ରଥଯାତ୍ରାକୁ ଦୃଢ଼ ନିନ୍ଦା କରିଛନ୍ତି।

### ପ୍ରଶାସନ-ସ୍ୱେଚ୍ଛାସେବୀ ବୈଠକ

## ସେବାର କୌଣସି ବିକଳ୍ପ ନାହିଁ

ପୁରୀ, ୯।୭ (ସମିସ)



ସେବାର କୌଣସି ବିକଳ୍ପ ନାହିଁ। ଏହା ସମର୍ପଣ ଓ ଅନୁଭବର କଥା। ପ୍ରଶାସନ ଓ ସ୍ୱେଚ୍ଛାସେବୀମାନଙ୍କ ସୁସମନ୍ୱୟ ଶୃଙ୍ଖଳିତ ରଥଯାତ୍ରାରେ ସହାୟକ ହେବ ବୋଲି କହିଛନ୍ତି ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡ଼ା। ଗୁରୁବାର ଟାଉନ ହଲ୍‌ଠାରେ ଚଳିତ ରଥଯାତ୍ରାରେ ସ୍ୱେଚ୍ଛାସେବୀମାନଙ୍କ ଦାୟିତ୍ୱ, ଭୂମିକା, କର୍ତ୍ତବ୍ୟ ସମ୍ପର୍କରେ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ଅଧ୍ୟକ୍ଷତା କରି ଜିଲ୍ଲାପାଳ ସ୍ୱେଚ୍ଛାସେବୀମାନେ ରଥଯାତ୍ରା ସମୟରେ ବିଭିନ୍ନ ସେବାରେ ସ୍ୱତଃସ୍ଫୂର୍ତ୍ତ ଭାବେ ସାମିଲ୍ ହୋଇ ଶ୍ରଦ୍ଧାଳୁଙ୍କୁ ଉପଯୁକ୍ତ ସେବା ଯୋଗାଇଦେବା ଏକ ମହତ୍ତ୍ୱପୂର୍ଣ୍ଣ ପଦକ୍ଷେପ। ପ୍ରଶାସନ ସହ ସେମାନଙ୍କ ସମନ୍ୱୟ ଏହାକୁ ଅଧିକ କ୍ରିୟାଶୀଳ କରିବ। ତେବେ ସେବା ସମୟରେ ସମର୍ପଣର ସହ ସେବା କରିବା, ସ୍ୱଚ୍ଛତା, ପରିଷ୍କାର ପରିଚ୍ଛନ୍ନତା ପ୍ରତି ଉପଯୁକ୍ତ ପଦକ୍ଷେପ ନେବା, ଖାଦ୍ୟ ପ୍ରଦାନ ପରେ ପ୍ଲେଟ୍ ବା ପତ୍ର, ଗ୍ଲାସ୍, ଖଲି, ପାଣି ବୋତଲ ଓ ଅନ୍ୟାନ୍ୟ ଅଳିଆ ଏଣେତେଣେ ନ ପକାଇ ବଡ଼ ବଡ଼ କଳା ଜରିରେ ଭରି ମହାନଗର ନିଗମ ଅଳିଆ ବୁହା ଗାଡ଼ିରେ ଦେବା କିମ୍ବା ଉପଯୁକ୍ତ ସ୍ଥାନରେ ହସ୍ତାନ୍ତର କରିବାକୁ ଜିଲ୍ଲାପାଳ ପରାମର୍ଶ ଦେଇଥିଲେ। ପୁରୀ ମହାନଗର ନିଗମର କମିସନର ସ୍ନେହା ଅରୁଗୁଲା ସ୍ୱେଚ୍ଛାସେବୀ ଅନୁଷ୍ଠାନମାନେ ସେମାନଙ୍କ କାର୍ଯ୍ୟ ଅନୁସାରେ ଦାୟିତ୍ୱ ଦେଉଥିବା ସ୍ୱେଚ୍ଛାସେବୀମାନଙ୍କ ତାଲିକା ପ୍ରଦାନ କରନ୍ତୁ, ଯାହା ଫଳରେ ତାଙ୍କୁ ଉତ୍ତରଦାୟୀ ଭାବେ ଗ୍ରହଣ କରିବା ସହ ସେମାନଙ୍କ ସହ ଯୋଗାଯୋଗ କରାଯାଇପାରିବ। ରଥଯାତ୍ରାରେ କାର୍ଯ୍ୟ କରୁଥିବା ପ୍ରତିଟି ଅନୁଷ୍ଠାନ ଉପରେ ନଜର ରଖାଯିବ। ସେମାନଙ୍କ କାର୍ଯ୍ୟଶୈଳୀ ଆଧାରରେ ଭବିଷ୍ୟତରେ ସେମାନଙ୍କୁ ରଥଯାତ୍ରାରେ ସାମିଲ୍ କରାଯିବ କି ନାହିଁ ତର୍ଜମା ହେବ ବୋଲି କମିସନର ସ୍ପଷ୍ଟ କରିଦେଇଥିଲେ। ସ୍ୱାସ୍ଥ୍ୟ ସେବା, ଆମ୍ବୁଲାନ୍ସରେ ନିୟୋଜିତ ସ୍ୱେଚ୍ଛାସେବୀମାନେ ମୁଖ୍ୟ ଚିକିତ୍ସାଧିକାରୀଙ୍କ ଏସ୍‌ଓପି ଆଧାରରେ କାମ କରିବା, ରନ୍ଧା ଖାଦ୍ୟ ଦେଉଥିବା ଅନୁଷ୍ଠାନମାନେ ଅଗ୍ନି ନିର୍ବାପକ ବ୍ୟବସ୍ଥା ଗ୍ରହଣ କରିବା ଲାଗି ନିଷ୍ପତ୍ତି ହୋଇଥିଲା।

ବୈଠକରେ ଅତିରିକ୍ତ ଜିଲ୍ଲାପାଳ (ପ୍ରଶାସନ) ଶରତ ଚନ୍ଦ୍ର ବେହେରା, ଅତିରିକ୍ତ ଜିଲ୍ଲାପାଳ (ପ୍ରୋଟୋକଲ) ନୀଳମାଧବ ଭୋଇ, ରଥଯାତ୍ରାର ସ୍ୱତନ୍ତ୍ର ଅଧିକାରୀ ଭବତାରଣ ସାହୁ, ପୁରୀ ମହାନଗର ନିଗମର ଯୁଗ୍ମ କମିସନର ଅଭିମନ୍ୟୁ ବେହେରା, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ସୁଶାନ୍ତ କୁମାର ପତି, ଅତିରିକ୍ତ ଏସ୍‌ପି ସୁଶୀଲ ମିଶ୍ର, ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନ ସ୍ୱାସ୍ଥ୍ୟ ଅଧିକାରୀ ଡ. ଅକ୍ଷୟ କୁମାର ଶତପଥୀଙ୍କ ସମେତ ଅନ୍ୟ ଅଧିକାରୀ ଓ ସ୍ୱେଚ୍ଛାସେବୀ ସଂଗଠନର କର୍ମକର୍ତ୍ତା ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

## ଖାଲଖମାରେ ଭର୍ତ୍ତି ରେଙ୍ଗାଲି ବାମ କେନାଲ ରାସ୍ତା




ପରଜଙ୍ଗ, ୯ ।୭ (ସମିସ): ପରଜଙ୍ଗ ବ୍ଲକ ଦେଇ ଯାଇଥିବା ରେଙ୍ଗାଲି ବାମ ପାଶ୍ୱର୍ କେନାଲ ରାସ୍ତା ଉପରେ ପାଖାପାଖି ଛଅରୁ ଊର୍ଦ୍ଧ୍ୱ ପଞ୍ଚାୟତବାସୀ ନିର୍ଭର କରୁଛନ୍ତି। ମୁଖ୍ୟତଃ ମାଣକିମରା, ବସୁଲେଇ, ଗେଙ୍ଗୁଟିଆ, କୁଆଳୋ ଓ କଲଦା ପଞ୍ଚାୟତବାସୀଙ୍କ ଜୀବନରେଖା ପାଲଟିଛି ରେଙ୍ଗାଲି ବାମ କେନାଲ ରାସ୍ତା। ଏହି ରାସ୍ତା ଜଳସେଚନ ବିଭାଗରୁ ପୂର୍ତ୍ତ ବିଭାଗକୁ ହସ୍ତାନ୍ତର ହୋଇଥିବା ବେଳେ ଦୁଇବର୍ଷ ତଳେ ନିର୍ମାଣ ହୋଇଥିଲା। ମାତ୍ର ନିମ୍ନମାନର କାମ କରାଯାଉଥିବା ସେତେବେଳେ ସ୍ଥାନୀୟ ଲୋକେ ଅଭିଯୋଗ କରିଥିଲେ ମଧ୍ୟ ବିଭାଗୀୟ ଯନ୍ତ୍ରୀ ଏବଂ ଠିକାଦାର କର୍ଣ୍ଣପାତ କରି ନ ଥିଲେ। ଫଳରେ ଦୁଇବର୍ଷ ମଧ୍ୟରେ ରାସ୍ତା ଅବସ୍ଥା ଶୋଚନୀୟ ହୋଇପଡ଼ିଛି। ରାସ୍ତା ଖାଲଖମାରେ ପରିପୂର୍ଣ୍ଣ ହୋଇ ଯାତାୟାତ ଅନୁପଯୋଗୀ ହୋଇପଡ଼ିଛି। ସେହିପରି ଉକ୍ତ ରାସ୍ତାର କ୍ଷମତାଠାରୁ ବହୁ ପରିମାଣରେ ଦୈନନ୍ଦିନ ଭାରୀଯାନ ଚଳାଚଳ ହେଉଥିବାରୁ ଅନେକ ସ୍ଥାନରେ ବଡ଼ ଗର୍ତ୍ତ ସୃଷ୍ଟି ହେଉଛି। ଗର୍ତ୍ତଗୁଡ଼ିକରେ ବର୍ଷାପାଣି ଭରିଯିବା ଯୋଗୁଁ ଲୋକେ ଜାଣି ନ ପାରି ଦୁର୍ଘଟଣାର ସମ୍ମୁଖୀନ ହେଉଛନ୍ତି। ତୁରନ୍ତ ରାସ୍ତା ମରାମତି କରିବା ସହ ଭାରୀଯାନ ଚଳାଚଳରେ କଟକଣା ଜାରି କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

## ଯୌତୁକପଶି ଗାଁକୁ ନାହିଁ ପକ୍କା ରାସ୍ତା

ପରଜଙ୍ଗ, ୯ ।୭ (ସମିସ): ଗ୍ରାମାଞ୍ଚଳର ବିକାଶ ପାଇଁ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ପକ୍ଷରୁ ବିଧିବଦ୍ଧ ଭାବେ ଅନେକ ଯୋଜନା କାର୍ଯ୍ୟକାରୀ କରୁଥିବା ବେଳେ ପରଜଙ୍ଗ ବ୍ଲକର ଅନେକ ଗ୍ରାମକୁ ଆଜି ପର୍ଯ୍ୟନ୍ତ ପକ୍କା ରାସ୍ତା ସାତସପନ ହୋଇ ରହିଛି। ଅସରାଏ ବର୍ଷା ହେଲେ ଗାଁ ଦାଣ୍ଡରେ ଜମି ରହୁଛି ପାଣି ନିଷ୍କାସନ ପାଇଁ ନର୍ଦ୍ଦମା ନଥିବା ଯୋଗୁଁ କାଦୁଅରେ ପଚପଚ ରେ ଗମନାଗମନ ରେ ବ୍ୟାଘାତ ସୃଷ୍ଟି ହେଉଛି। ପରଜଙ୍ଗ ବ୍ଲକ ବସୋଇ ପଞ୍ଚାୟତ ଯୌତୁକପଶି ଗାଁର ରାସ୍ତା ଚଳିତ ବର୍ଷାରେ ବେହାଲ ହୋଇପଡିଛି। ଗାଁର ମାଟି ରାସ୍ତା ବର୍ଷାରେ କାଦୁଅ ଯୋଗୁଁ ଛାତ୍ରଛାତ୍ର, ବୃଦ୍ଧ ବୃଦ୍ଧା,ରୋଗୀଙ୍କ ସମେତ ଗ୍ରାମବାସୀ ଯାତାୟାତ ରେ ଅନେକ ସମସ୍ୟାର ସମ୍ମୁଖୀନ ହେଉଛନ୍ତି।



ଉକ୍ତ କାଦୁଅ ରାସ୍ତାକୁ ପ୍ରଧାନମନ୍ତ୍ରୀ ସଡ଼କ ଯୋଜନାରେ ଅନ୍ତର୍ଭୁକ୍ତ କରିଯାଇ ଯଥାଶୀଘ୍ର କାର୍ଯ୍ୟକ୍ଷମ କରିବାକୁ ଗ୍ରାମବାସୀ ପ୍ରଶାସନିକୁ ନିବେଦନ କରିଛନ୍ତି।

## ମାଳି ବିଡ଼ୋ ଗ୍ରାମ ରାସ୍ତା ଶୋଚନୀୟ

ଢେଙ୍କାନାଳ, ୯ ।୭ (ସମିସ): ଓଡ଼ାପଡ଼ା ବ୍ଲକ ବିଡ଼ୋ ପଞ୍ଚାୟତ ମାଳି ବିଡ଼ୋ ଗ୍ରାମ ରାସ୍ତା ଅବସ୍ଥା ଶୋଚନୀୟ ହୋଇପଡ଼ିଛି। ବର୍ତ୍ତମାନ ବର୍ଷାଦିନ ଯୋଗୁଁ ଯାତାୟାତରେ ଲୋକେ ବହୁ ଅସୁବିଧା ସମ୍ମୁଖୀନ ହେଉଛନ୍ତି। ରାସ୍ତାଟି ଖାଲଖମା, ମାଟି, କାଦୁଅରେ ପରିପୂର୍ଣ୍ଣ ହୋଇଥିବାରୁ ବାଇକ ଆରୋହୀମାନେ ଦୁର୍ଘଟଣାର ଶିକାର ହେଉଛନ୍ତି।



ରାସ୍ତା ନିର୍ମାମ ପାଇଁ ଗ୍ରାମବାସୀ ଦୀର୍ଘଦିନ ହେଲା ସ୍ଥାନୀୟ ବିଧାୟିକା, ସାଂସଦ, ମୁଖ୍ୟମନ୍ତ୍ରୀ ଏବଂ ପ୍ରଶାସନକୁ ଅନୁରୋଧ କରିଛନ୍ତି। ହେଲେ କୌଣସି ପଦକ୍ଷେପ ନିଆଯାଇ ନ ଥିବା ଅଭିଯୋଗ କରିଛନ୍ତି। ଗ୍ରାମବାସୀ କହିବା ଅନୁସାରେ ଏହି ରାସ୍ତାର ଅଧାଭାଗ ରେଲୱେ ଏବଂ ଅଧାଭାଗ ସରକାରଙ୍କ ଅଧୀନରେ ରହିଛି। ୫୫ନଂ ଜାତୀୟ ରାଜପଥକୁ ସଂଯୋଗ କରୁଥିବା ଏହି ରାସ୍ତା ଉପରେ ଆଖପାଖ ୬ ଗ୍ରାମର ଲୋକେ ନିର୍ଭର କରନ୍ତି। ଉପରେ ରେଲୱେ ବ୍ରିଜ ଥିବାବେଳେ ତଳେ ସାଧାରଣ ଲୋକମାନେ ଏହି ରାସ୍ତାକୁ ବ୍ୟବହାର କରୁଥିଲେ। ମାତ୍ର ବର୍ତ୍ତମାନ ଲଘୁଚାପ ବର୍ଷା ଫଳରେ ରାସ୍ତା ଏବେ ଖାଲଖମା, ମାଟି, କାଦୁଅରେ ପରିପୂର୍ଣ୍ଣ ହୋଇ ମରଣଯନ୍ତା ପାଲଟିଛି। ରେଲୱେ ଅଧିକାରୀ ଓ ଜିଲ୍ଲା ପ୍ରଶାସନ ପକ୍ଷରୁ ତୁରନ୍ତ ପଦକ୍ଷେପ ଗ୍ରହଣ କରି ରାସ୍ତା ନିର୍ମାଣ କରିବାକୁ ଗ୍ରାମବାସୀ ଅନୁରୋଧ କରିଛନ୍ତି।

## ରାସ୍ତା ମରାମତି ଦାବିରେ ରାସ୍ତାରୋକ

ଢେଙ୍କାନାଳ, ୯ ।୭ (ସମିସ): କଣ୍ଟାବଣିଆ ଥାନା କଣ୍ଟାବଣିଆ ଛକରୁ ମଙ୍ଗଳପୁର ରାସ୍ତା ମରାମତି ଦାବି ନେଇ ଗ୍ରାମବାସୀ ରାସ୍ତାରୋକ କରିଥିବା ଜଣାପଡ଼ିଛି। ଏହି ରାସ୍ତା ଉପରେ ଆଖପାଖ ୮ ଗ୍ରାମର ଲୋକେ ନିର୍ଭର କରୁଥିବା ବେଳେ ରାସ୍ତାରେ ଖାଲଖମା ରହିଥିବାରୁ ଯାତାୟତରେ ହନ୍ତସନ୍ତ ହେଉଛନ୍ତି। ବର୍ଷାରେ ଖାଲଖମାରେ ପାଣି ଜମି ସମସ୍ୟାକୁ ଦୁଇଗୁଣିତ କରିଛି। ରାସ୍ତାରେ ଭାରୀଯାନ ଚଳାଚଳ ଯୋଗୁଁ



ଖାଲଖମା ହୋଇଥିବା ବେଳେ ମରାମତି ଦିଗରେ କୌଣସି ପଦକ୍ଷେପ ନିଆଯାଉନି। ଏ ନେଇ ଗୁରୁବାର ଅନିଲ୍ ମହାଖୁଡ଼, ରାଜେଶ ମହାଖୁଡ଼, ବୀରେନ ସାହୁ, ଜିତେନ୍ଦ୍ର ଝାଙ୍କର, ତ୍ରିଲୋଚନ ଭୋଇ, ସୁମନ ବେହେରା, ସିଦ୍ଧାନ୍ତ ସାହୁ, ଶ୍ରୀମୁଖ ସାହୁ, ନାରାୟଣ ମହାଖୁଡ଼ଙ୍କ ସମେତ ଗ୍ରାମବାସୀ ବାଉଁଶ ବାନ୍ଧି ରାସ୍ତା ଅବରୋଧ କରିଥିଲେ। ଫଳରେ ଗାଡ଼ିମଟର ଚଳାଚଳ ଠପ୍ ହୋଇଯାଇଥିଲା। ପୁଲିସ୍ ଅଧିକାରୀ ଓ ସ୍ଥାନୀୟ ଶିଳ୍ପସଂସ୍ଥାର ପ୍ରତିନିଧି ପହଞ୍ଚି ଆନ୍ଦୋଳନକାରୀଙ୍କ ସହ ଆଲୋଚନା କରିଥିଲେ। ରାସ୍ତା ମରାମତି ନିମନ୍ତେ ପ୍ରତିଶ୍ରୁତି ମିଳିବା ପରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଛି।

### ବିଦ୍ୟୁତ ଉପଭୋକ୍ତା କ୍ରିୟାନୁଷ୍ଠାନ କମିଟି ବୈଠକ

# ସ୍ମାର୍ଟ ମିଟର ପ୍ରଚଳନକୁ ତୀବ୍ର ବିରୋଧ

ଢେଙ୍କାନାଳ, ୯ ।୭ (ସମିସ): ସ୍ଥାନୀୟ ଜିଲ୍ଲା ଓକିଲ ସଂଘ କାର୍ଯ୍ୟାଳୟ ସଭାଗୃହରେ ଢେଙ୍କାନାଳ ବିଦ୍ୟୁତ ଉପଭୋକ୍ତା କ୍ରିୟାନୁଷ୍ଠାନ କମିଟି ବୈଠକ ଅନୁଷ୍ଠିତ ହୋଇଛି। ଜିଲ୍ଲା ଓକିଲ ସଂଘ ସଭାପତି ତଥା ବିଦ୍ୟୁତ ଉପଭୋକ୍ତା କ୍ରିୟାନୁଷ୍ଠାନ କମିଟି ଆବାହକ ଗୋପାଳ ଚନ୍ଦ୍ର ପାତ୍ର ଏଥିରେ ଅଧ୍ୟକ୍ଷତା କରିଥିଲେ। ଢେଙ୍କାନାଳ ବିଦ୍ୟୁତ ଉପଭୋକ୍ତା କ୍ରିୟାନୁଷ୍ଠାନ କମିଟି ସ୍ମାର୍ଟ ପ୍ରଚଳନ, ଟିପିସିଓଡିଏଲର କର୍ମଚାରୀମାନେ ଉପଭୋକ୍ତାଙ୍କ ଘରେ ଜୋରଜବରଦସ୍ତ ପଶି ସ୍ମାର୍ଟ ମିଟର ଲଗାଇବା ଘଟଣାକୁ ନେଇ ତୀବ୍ର ବିରୋଧ କରାଯାଇଛି। ସ୍ମାର୍ଟ ମିଟର ଉଚ୍ଛେଦ ନିମନ୍ତେ ସହରର ପ୍ରତି ୱାର୍ଡରେ ସଚେତନା ସହ ସ୍ମାର୍ଟ ମିଟର ଲଗାଯାଇଥିବା ସ୍ଥାନଗୁଡ଼ିକରୁ ଉଚ୍ଛେଦ କରିବା ପାଇଁ ବୈଠକରେ ନିଷ୍ପତ୍ତି ଗ୍ରହଣ କରାଯାଇଛି। ବୈଠକରେ ଟିପିସିଓଡିଏଲର ବିଭିନ୍ନ ମନମାନି ସହ ଉନ୍ନୟନ କାର୍ଯ୍ୟ ଉପରେ ଆଲୋଚନା କରାଯାଇ ଉପଭୋକ୍ତାଙ୍କ ମତାମତ ଗ୍ରହଣ କରାଯାଇଥିଲା। ଓକିଲ ସଂଘର ପୂର୍ବତନ ସଭାପତି ସୁରେନ୍ଦ୍ର ମିଶ୍ର, ପ୍ରତାପ ନାରାୟଣ ତ୍ରିପାଠୀ, କଂଗ୍ରେସ ନେତା ସରୋଜ ଶତପଥୀ, ପୂର୍ବତନ ସଭାପତି ଦୀପକ ପ୍ରସାଦ ପଟ୍ଟନାୟକ, ଆମ ଆଦମୀ ପାର୍ଟିର ରାଜ୍ୟ ସାଧାରଣ ସମ୍ପାଦକ ଭରତ ଦାଶ, ନିର୍ମଳ ମିଶ୍ର, ଲକ୍ଷ୍ମୀନାରାୟଣ ତ୍ରିପାଠୀ, ପୌର ଉପାଧ୍ୟକ୍ଷ ତଥା ବିଜେଡି ନେତା ପ୍ରକାଶ କୁଅଁର, ବିଶ୍ୱନାଥ ବେହେରା ପ୍ରମୁଖ ବିଦ୍ୟୁତ ଉପଭୋକ୍ତାମାନଙ୍କ ବିଭିନ୍ନ ସମସ୍ୟା ସମାଧାନ ପାଇଁ କ୍ରିୟାନୁଷ୍ଠାନ କମିଟି ଆନ୍ଦୋଳନ କରିବା ପାଇଁ ମତାମତ ପ୍ରଦାନ କରିଥିଲେ। ବୈଠକରେ କ୍ରିୟାନୁଷ୍ଠାନ କମିଟି ସମ୍ପାଦକ ତାପସ କୁମାର କବି ଶତପଥୀ ଓ ଓକିଲ ସଂଘ ଉପସଭାପତି ଦ୍ୱିତିକୃଷ୍ଣ ବରାଳ ପ୍ରମୁଖ ଉପସ୍ଥିତ ଥିଲେ। ଆସନ୍ତା ୧୩ ତାରିଖ ଟିପିସିଓଡିଏଲ, ପ୍ରଶାସନ ଏବଂ ବିଦ୍ୟୁତ ଉପଭୋକ୍ତା କ୍ରିୟାନୁଷ୍ଠାନ କମିଟିକୁ ନେଇ ତ୍ରିପାକ୍ଷିକ ବୈଠକରେ ବିସ୍ତୃତ ଆଲୋଚନା କରାଯିବ ବୋଲି ନିଷ୍ପତ୍ତି ହୋଇଛି।

### ଚାକିରି ଓ ମା'ଙ୍କ ଚିକିତ୍ସା ସହାୟତା ଦାବିରେ ରୁଦ୍ରଙ୍କ ଅଭିନବ ପ୍ରତିବାଦ

## ଦଣ୍ଡବତ ଯାତ୍ରାରେ ଢେଙ୍କାନାଳରୁ ଭୁବନେଶ୍ୱର ବାହାରିଲେ

ଢେଙ୍କାନାଳ, ୯ ।୭ (ସମିସ): ଢେଙ୍କାନାଳ ଜିଲ୍ଲା କାମାକ୍ଷାନଗର ବ୍ଲକ ସୋଗର ଗ୍ରାମର ରୁଦ୍ରନାରାୟଣ ଦାସ ଚାକିରି ଓ ମା'ଙ୍କ ଚିକିତ୍ସା ସହାୟତା ଦାବିରେ ଜିଲ୍ଲା କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚି ଅଭିନବ ପ୍ରତିବାଦ କରିଛନ୍ତି। ଜିଲ୍ଲା କାର୍ଯ୍ୟାଳୟଠାରୁ ଦଣ୍ଡବତ ଯାତ୍ରାରେ ଭୁବନେଶ୍ୱର ଅଭିମୁଖେ ବାହାରିଛନ୍ତି। ଭୁବନେଶ୍ୱରରେ ପହଞ୍ଚିବା ପରେ ମୁଖ୍ୟମନ୍ତ୍ରୀଙ୍କୁ ଭେଟିବାକୁ ପ୍ରୟାସ କରିବେ ବୋଲି କହିଛନ୍ତି।

ରୁଦ୍ର ଜଣାଇଛନ୍ତି ଯେ ୨୦୧୮ ରେ ସେ ଓଏସଏପି ପ୍ରଥମ ବାଟାଲିୟନରେ କନଷ୍ଟେବଳ ଭାବେ ନିଯୁକ୍ତି ପାଇଥିଲେ। ପରବର୍ତ୍ତୀ ସମୟରେ ବିନା କାରଣରେ ତାଙ୍କୁ ଚାକିରିରୁ ବହିଷ୍କାର କରାଯାଇଥିଲା। ଏନେଇ ସେ ବାରମ୍ବାର ପୁଲିସ ପ୍ରଶାସନକୁ ଜଣାଇଥିଲେ ମଧ୍ୟ କୌଣସି ସୁଫଳ ପାଇ ନ ଥିଲେ। ଏପରିକି ଆର୍ଥିକ ଅନଟନ ମଧ୍ୟରେ ତାଙ୍କ ମା' କ୍ୟାନସର ରୋଗରେ ପୀଡ଼ିତ ହୋଇ ଶେଷ ପର୍ଯ୍ୟାୟରେ ଚିକିତ୍ସାଧୀନ ଥିବାରୁ ପରିବାର ଆର୍ଥିକ ସମସ୍ୟାର



ମୁଖ୍ୟମନ୍ତ୍ରୀଙ୍କୁ ଭେଟିବାକୁ ପ୍ରୟାସ



ସମ୍ମୁଖୀନ ହେଉଛି। ଗତ କିଛିମାସ ତଳେ ନିଜ ଦାବି ପୂରଣ କରିବା ପାଇଁ ରୁଦ୍ର ଟାଉନ ଥାନା ସମ୍ମୁଖରେ ଥିବା ଏକ ମୋବାଇଲ ଟାୱାର ଉପରକୁ ଚଢ଼ି ପ୍ରତିବାଦ କରିଥିଲେ। ପ୍ରଶାସନ ପକ୍ଷରୁ ତାଙ୍କ ଦାବି ସମ୍ପର୍କରେ ପଦକ୍ଷେପ ନିଆଯିବ ବୋଲି ପ୍ରତିଶ୍ରୁତି ଦିଆଯାଇଥିଲା। ଇତିମଧ୍ୟରେ ଦୁଇମାସ ବିତିଯାଇଥିଲେ ମଧ୍ୟ ତାଙ୍କର କୌଣସି ଦାବି ପୂରଣ ହୋଇ ନ ଥିବାରୁ ସେ ଦଣ୍ଡବତ ଯାତ୍ରାରେ ମୁଖ୍ୟମନ୍ତ୍ରୀଙ୍କୁ ଭେଟିବାକୁ ବାହାରିଥିବା କହିଛନ୍ତି।

## 'ଜଗନ୍ନାଥଙ୍କୁ ନୁହେଁ, ରାଧାକୃଷ୍ଣଙ୍କୁ ନେଇ ମନଇଚ୍ଛା ରଥଯାତ୍ରା କରୁ ଇସ୍କନ୍'

ଢେଙ୍କାନାଳ, ୯ ।୭ (ସମିସ): ବାରମ୍ବାର ଅନୁରୋଧ ଏପରିକି ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପ୍ରଥମ ସେବକ ଗଜପତି ମହାରାଜାଙ୍କ ଅନୁରୋଧକୁ ଏଡ଼ାଇ ଇସ୍କନ୍ ଭାରତ ବାହାରେ ଶ୍ରୀଜଗନ୍ନାଥଙ୍କୁ ନେଇ ଅଦିନିଆ ରଥଯାତ୍ରା କରୁଛି। ତେବେ ଇସ୍କନ୍ ଶ୍ରୀଜଗନ୍ନାଥଙ୍କ ସ୍ଥାନରେ ଶ୍ରୀରାଧାକୃଷ୍ଣଙ୍କୁ ନେଇ କାହିଁକି ତା'ର ରଥଯାତ୍ରା ମନଇଚ୍ଛା କରୁନାହିଁ? ଶ୍ରୀଜଗନ୍ନାଥ ଅଣସର ଘରେ ଅସୁସ୍ଥ ହୋଇ ସେବାପୂଜା ପାଉଥିବା ସମୟରେ ମହାପ୍ରଭୁଙ୍କୁ ନେଇ ରଥଯାତ୍ରା କରିବା କେଉଁ ପରମ୍ପରା, କେଉଁ ଶାସ୍ତ୍ରୀୟ ମତ ଓ କେଉଁ ସନାତନ ହିନ୍ଦୁ ଧର୍ମକୁ ପାଳନ କରୁଛି। ତାହା ଆଦୌ ବୁଝା ପଡୁନାହିଁ। ଏଥିପାଇଁ ଇସ୍କନ୍ ଭକ୍ତଙ୍କୁ ବଡ଼ଦେଉଳ ମଧ୍ୟରେ ଶ୍ରୀଜଗନ୍ନାଥ ଦର୍ଶନ ବାରଣ କରାଯାଉ ଏବଂ ସେମାନଙ୍କୁ



ସନାତନ ଧର୍ମର ବିଧର୍ମୀ ଆଖ୍ୟା ଦିଆଯାଇ ସମଗ୍ର ଭାରତବର୍ଷରେ ଥିବା ଇସ୍କନ୍‌ର ପ୍ରତି ଶାଖା ଅନୁଷ୍ଠାନକୁ ବାସନ୍ଦ କରାଯିବା ସହ ସମସ୍ତ ସନାତନ ହିନ୍ଦୁ ଧର୍ମର ଲୋକେ ଇସ୍କନ୍‌ରୁ ବାହାରି ଆସନ୍ତୁ ବୋଲି ଢେଙ୍କାନାଳ ଶ୍ରୀ ଜଗନ୍ନାଥ ସେବା ପରିଷଦ ସଭାପତି ପ୍ରଦ୍ୟୁମ୍ନ ରଥ, ଉପସଭାପତି ସୁନୀଲ ଦାସ, ସମ୍ପାଦକ ଅଶୋକ ନନ୍ଦ, ସଭ୍ୟ ପରେଶ ମିଶ୍ର, ସୁକାନ୍ତ ମିଶ୍ର, ଇଂ. କିଶୋର ମିଶ୍ର, ପ୍ରେମଶଙ୍କର ମିଶ୍ର, ମନୋରଞ୍ଜନ ମିଶ୍ର ଓ ରମେଶ ଚନ୍ଦ୍ର ପତି ପ୍ରମୁଖ ଆହ୍ୱାନ ଦେଇଛନ୍ତି।

### ଗୌରାଙ୍ଗ ଚରଣ ବିଦ୍ୟାପୀଠର ପ୍ରତିଷ୍ଠା ଦିବସ

## 'କଠିନ ପରିଶ୍ରମର କୌଣସି ବିକଳ୍ପ ନାହିଁ'

ଢେଙ୍କାନାଳ, ୯ ।୭ (ସମିସ): ସଦର ବ୍ଲକ ଅନ୍ତର୍ଗତ ବଳଦିଆବନ୍ଧସ୍ଥିତ ଗୌରାଙ୍ଗ ଚରଣ



ବିଦ୍ୟାପୀଠରେ ଅନୁଷ୍ଠାନର ୪୩ତମ ପ୍ରତିଷ୍ଠା ଦିବସ ପାଳିତ ହୋଇଛି। ବିଦ୍ୟାଳୟର ପ୍ରତିଷ୍ଠାତା ଗୌରାଙ୍ଗ ଚରଣ ଜେନାଙ୍କ ଦାୟାଦ ପ୍ରାକ୍ତନ ବାୟୁସେନା ମାଷ୍ଟର୍ ୱାରେଣ୍ଟ ଅଫିସର୍ ଶଙ୍କର୍ଷଣ ଜେନାଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବରିଷ୍ଠ ଶିକ୍ଷାବିତ୍ ଡ. ଦେବୀପ୍ରସାଦ ମିଶ୍ର ମୁଖ୍ୟଅତିଥି ଭାବେ ଯୋଗଦେଇ କହିଲେ, କଠିନ ପରିଶ୍ରମର ଅନ୍ୟ କୌଣସି ବିକଳ୍ପ ନାହିଁ। କର୍ମ ହିଁ ଉପାସନା ବୋଲି ସେ ଦୃଢ଼ ଅଭିବ୍ୟକ୍ତି ପ୍ରଦାନ କରିଥିଲେ। ମୁଖ୍ୟବକ୍ତା ଭାବେ ଶିଳ୍ପୀ ପରେଶଚନ୍ଦ୍ର ପଟ୍ଟନାୟକ ଯୋଗଦେଇ କହିଲେ, ଶିକ୍ଷା ସହ ଚରିତ୍ର ଗଠନ, ଗୁରୁଜନଙ୍କ ଉପଦେଶ ଅନୁପାଳନ ହିଁ ସମସ୍ତ ସଫଳତାର ଚାବିକାଠି। ସମ୍ମାନିତ ଅତିଥି ଭାବେ ବିଦ୍ୟାଳୟର ପ୍ରାକ୍ତନ ଅତିଥି ଶିକ୍ଷକ ସୁଭାଷ କୁମାର ନନ୍ଦ, ବ୍ରହ୍ମାନନ୍ଦ ବାରିକ, ନବକିଶୋର ପୁହାଣ, ୱାର୍ଡ ସଭ୍ୟ ପର୍ଶୁରାମ ମଲ୍ଲିକ ଓ ବିଶ୍ୱକୁନ୍ତଳ ଶିଶୁଗୃହ ଇଶୋର ସଦସ୍ୟ ସର୍ବେଶ୍ୱର ମଲ୍ଲିକ ପ୍ରମୁଖ ଯୋଗଦେଇ ବିଦ୍ୟାଳୟର ସର୍ବାଙ୍ଗୀନ ବିକାଶ ଉପରେ ଗୁରୁତ୍ୱ ଦେଇଥିଲେ। ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନଶିକ୍ଷକ ପଣ୍ଡିତ ଟୁଟୁ ମିଶ୍ର ସ୍ୱାଗତ ଭାଷଣ, ମଙ୍ଗଳାଚରଣ, ବେଦ ଓ ଶାନ୍ତିପାଠ କରିବା ସହ ସମ୍ପାଦକୀୟ ବିବରଣୀରେ ବିଦ୍ୟାଳୟର ବିଭିନ୍ନ ସଫଳତା, ସମସ୍ୟା ଉପସ୍ଥାପନ କରିଥିଲେ। ହିନ୍ଦୀ ଶିକ୍ଷୟିତ୍ରୀ ସୁରଜିତା ମିଶ୍ର ଅତିଥି ପରିଚୟ ପ୍ରଦାନ, ସଭା ସଂଯୋଜନା କରିବା ସହ ବିଦ୍ୟାଳୟ ସମ୍ପର୍କରେ କବିତା ପାଠ କରିଥିଲେ। ଅତିଥି, ବାର୍ଷିକ ହାଇସ୍କୁଲ ସାର୍ଟିଫିକେଟ ପରୀକ୍ଷାରେ ସର୍ବାଧିକ ନମ୍ବର ରଖିଥିବା ଛାତ୍ରୀ ସ୍ୱାତୀପ୍ରଭା ଖୁଣ୍ଟିଆ, ପ୍ରାଚୀ ପଟ୍ଟନାୟକ ଓ ଶ୍ରାବଣୀ ସେଠୀ, ସାଂସ୍କୃତିକ କାର୍ଯ୍ୟକ୍ରମରେ ଶ୍ରେଷ୍ଠ ପ୍ରଦର୍ଶନ ପାଇଁ ଛାତ୍ରୀ ତପସ୍ୱିନୀ ରାଉତ, ପୂର୍ଣ୍ଣିମା ବେହେରା, ଅଦିତି ବେହେରା, ସନ୍ଧ୍ୟାରାଣୀ ସାହୁ, ପ୍ରାରମ୍ଭିକା ସାହୁ ଓ ଛାତ୍ର ରାହୁଲ ପଧାନ ପ୍ରମୁଖଙ୍କୁ ବିଦ୍ୟାଳୟ ପକ୍ଷରୁ ପୁଷ୍ପଗୁଚ୍ଛ, ଉତ୍ତରୀୟ, ଉପଢୌକନ ଓ ମୋମେଣ୍ଟୋ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା।

## ସାମ୍ବାଦିକଙ୍କ ଭ୍ରାତୃ ବିୟୋଗ

ଖଜୁରିଆକଟା, ୯ ।୭ (ସମିସ): ହିନ୍ଦୋଳ ଏନଏସି ୪ନମ୍ବର ୱାର୍ଡ ନୂଆପାଣି ସାହିର ଧର୍ମପରାୟଣ ବ୍ୟକ୍ତି ତଥା ପୂର୍ବତନ କାଉନସିଲର, ବରିଷ୍ଠ ସାମ୍ବାଦିକ ତପନ ପରିଡ଼ାଙ୍କ ବଡ଼ଭାଇ ପ୍ରସନ୍ନ କୁମାର ପରିଡ଼ାଙ୍କର ୭୦ ବର୍ଷ ବୟସରେ ପରଲୋକ ହୋଇଛି। ତାଙ୍କ ବିୟୋଗରେ ହିନ୍ଦୋଳ ଅଞ୍ଚଳରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି। କିଛିଦିନ ହେବ ସେ ଶଯ୍ୟାଶାୟୀ ଥିଲେ। ବୁଧବାର ଅଧିକ ଅସୁସ୍ଥ ହେବାରୁ ତାଙ୍କୁ ହିନ୍ଦୋଳ ମେଡିକାଲ ନିଆଯାଇଥିଲା। ମାତ୍ର



ଶରୀରର ବିଭିନ୍ନ ସମସ୍ୟା ଦେଖାଯିବାରୁ ତାଙ୍କୁ ଘରକୁ ଆଣିଥିଲେ। ଗୁରୁବାର ତାଙ୍କ ଦେହାନ୍ତ ହୋଇଛି। ମୃତ୍ୟୁଶଯ୍ୟା ନକଟରେ ତାଙ୍କ ସହଧର୍ମିଣୀ ତଥା ପରିବାର ସଦସ୍ୟ ଉପସ୍ଥିତ ଥିଲେ। ଗ୍ରାମ ଶ୍ମଶାନରେ ଅନ୍ତିମ ସଂସ୍କାର କରାଯାଇଛି।

## ଜିଲ୍ଲା ଦେବୋତ୍ତର ଅଧିକାରୀଙ୍କ ମାତୃ ବିୟୋଗ

ଭୁବନ, ୯ ।୭ (ସମିସ): ଢେଙ୍କାନାଳ ଜିଲ୍ଲା ଦେବୋତ୍ତର ଅଧିକାରୀ ପ୍ରଦ୍ୟୁମ୍ନ କୁମାର ତ୍ରିପାଠୀଙ୍କ ମା' ନଳିନୀପ୍ରଭା ତ୍ରିପାଠୀ (୮୧)ଙ୍କର ଭୁବନ ବ୍ଲକ ବାରୁଆଁ (ବି) ପଞ୍ଚାୟତ ବାରୁଆଁ ଗ୍ରାମସ୍ଥିତ ନିଜ ବାସଭବନରେ ବୁଧବାର ଅପରାହ୍ନ ୪ଟାରେ ପରଲୋକ ହୋଇଛି। ସେ ଗତ କିଛିଦିନ ହେଲା ବାର୍ଦ୍ଧକ୍ୟ ଜନିତ ରୋଗରେ ପୀଡ଼ିତ ହୋଇ ଶଯ୍ୟାଶାୟୀ ଥିଲେ। ମୃତ୍ୟୁଶଯ୍ୟା ନିକଟରେ ତାଙ୍କ ବଡ଼ପୁଅ ପ୍ରଦ୍ୟୁମ୍ନ, ସାନପୁଅ ପ୍ରବୀରଙ୍କ ସମେତ ପରିବାର ଲୋକେ ଉପସ୍ଥିତ ଥିଲେ। ବାରୁଆଁ ସରପଞ୍ଚ ବୀଣାପାଣି ସାହୁ, ସମାଜସେବୀ ବିନୟ କୁମାର ସାହୁଙ୍କ




ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ତାଙ୍କ ବାସଭବନରେ ପହଞ୍ଚି ଶେଷଦର୍ଶନ କରିବା ସହ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଗ୍ରାମ ଶ୍ମଶାନରେ ଅନ୍ତିମ ସଂସ୍କାର କରାଯାଇଛି। ସାନପୁଅ ପ୍ରବୀର କୁମାର ତ୍ରିପାଠୀ ମୁଖାଗ୍ନି ଦେଇଥିଲେ।

## ମା' ତରେଇଙ୍କ ମନ୍ଦିର ଓ ବିଗ୍ରହ ପ୍ରତିଷ୍ଠା ଉତ୍ସବ



ଢେଙ୍କାନାଳ, ୯ ।୭ (ସମିସ): ସଦର ବ୍ଲକ ଅନ୍ତର୍ଗତ ଗଜମରାଠାରେ ଥିବା ମା' ତରେଇଙ୍କ ମନ୍ଦିର ଓ ବିଗ୍ରହ ପ୍ରତିଷ୍ଠା ମହୋତ୍ସବ ଦୁଇଦିନ ଧରି ଭକ୍ତିମୟ ପରିବେଶରେ ଅନୁଷ୍ଠିତ ହୋଇଛି। ପ୍ରଥମ ଦିନ ୧୦୮ କଳସ ଶୋଭାଯାତ୍ରା, ସୂର୍ଯ୍ୟପୂଜା, ଗୋ-ପୂଜା, ଅଗ୍ନିକୁଣ୍ଡ ସ୍ଥାପନ, ସ୍ନାନ-ମାର୍ଜନା, ହୋମଯଜ୍ଞ, ଚଣ୍ଡୀପାଠ, ନ୍ୟାସ ଏବଂ ବିଗ୍ରହ ପ୍ରତିଷ୍ଠା ଆଦି ନୀତିକାନ୍ତି ବିଧି ଅନୁସାରେ ସମ୍ପନ୍ନ ହୋଇଥିଲା। କାର୍ଯ୍ୟକ୍ରମରେ ପୁରୋଧା ପଣ୍ଡିତ ଦୁର୍ଗାପ୍ରସାଦ ରଥଙ୍କ ପୌରୋହିତ୍ୟରେ ସହଯୋଗୀ ନରେନ୍ଦ୍ର ଷଡ଼ଙ୍ଗୀ ଓ ବଳିଆ ନାନା ସମସ୍ତ ପୂଜାକାର୍ଯ୍ୟ ସମ୍ପାଦନ କରିଥିଲେ। କର୍ତ୍ତା ଭାବେ ଶିବାନନ୍ଦ ସ୍ୱାଇଁ ଓ ମାନସୀ ସ୍ୱାଇଁ ଦାୟିତ୍ୱ ତୁଲାଇଥିବାବେଳେ ଗ୍ରାମ ସଭାପତି ଯୋଗେନ୍ଦ୍ର ସ୍ୱାଇଁ ଓ ସମ୍ପାଦକ ବିପିନ ବିହାରୀ ସ୍ୱାଇଁଙ୍କ ସମେତ ଗ୍ରାମବାସୀ ସହଯୋଗ କରିଥିଲେ।

## ଏବିଭିପିର ପ୍ରତିଷ୍ଠା ଦିବସ ପାଳିତ



ଢେଙ୍କାନାଳ, ୯ ।୭ (ସମିସ): ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦର ୭୮ତମ ପ୍ରତିଷ୍ଠା ଦିବସ ଅବସରେ ଢେଙ୍କାନାଳ ସ୍ୱୟଂଶାସିତ ମହାବିଦ୍ୟାଳୟରେ ବିଭିନ୍ନ ସେବାମୂଳକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କଲେଜ ଏବିଭିପି ୟୁନିଟ୍ ତରଫରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ୫୦ରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀ ସାମିଲ ହୋଇଥିଲେ। କାର୍ଯ୍ୟକ୍ରମ ଆରମ୍ଭରେ କାର୍ଯ୍ୟକର୍ତ୍ତାମାନେ କ୍ୟାମ୍ପସରେ ଚାରା ରୋପଣ କରିଥିଲେ। ପରିବେଶ ସୁରକ୍ଷା ଓ ସବୁଜ କ୍ୟାମ୍ପସ ଗଠନ ଦିଗରେ ଛାତ୍ରଛାତ୍ରୀ ଏବଂ ଅଧ୍ୟାପକମାନେ ମିଶି ଚାରା ଗଛ ଲଗାଇଥିଲେ। ଏହି ଅବସରରେ ପ୍ରତି ଛାତ୍ର ଜଣେ ଗଛ ଲଗାନ୍ତୁ ବୋଲି ସଂକଳ୍ପ ନିଆଗଲା। ଏହା ଛଡା +୨ର ନାମ ଲେଖା ଆରମ୍ଭ ହୋଇଥିବାରୁ ଢେଙ୍କାନାଳ ସ୍ୱୟଂଶାସିତ ମହାବିଦ୍ୟାଳୟରେ ହେଲ୍ପ ଡେସ୍କର ଆୟୋଜନ ମଧ୍ୟ କରାଯାଇଥିଲା। ଏହି ଅବସରରେ ଏବିଭିପିର ଇତିହାସ ଓ ଛାତ୍ର ଆନ୍ଦୋଳନରେ ସଂଗଠନର ଭୂମିକା ସମ୍ପର୍କରେ ଆଲୋଚନା କରାଗଲା। ବକ୍ତାମାନେ ଦେଶ ସେବା ଓ ସମାଜ ସେବା ପାଇଁ ଛାତ୍ର ସମାଜକୁ ଆଗେଇ ଆସିବାକୁ ଆହ୍ୱାନ ଦେଇଥିଲେ। କାର୍ଯ୍ୟକ୍ରମରେ କଲେଜର ଅଧ୍ୟାପକ ଏବଂ ଏବିଭିପିର ବିଭାଗ ସଂଯୋଜକ ଅରୂପ ପଟ୍ଟନାୟକ ଜିଲ୍ଲା ସଂଯୋଜକ ଅରମାନ ସାହୁ, ସିଡିଡି ସଂଯୋଜକ ବିବେକ ବିଶ୍ୱାସ ସୁବୁଦ୍ଧିରାୟ, ବିଭାଗ ଆର୍‌କେଏମ୍ ଅସିତ୍ କୁମାର ସାହୁ ଉପସ୍ଥିତ ଥିଲେ।

# ଗାଁରୁ ସହର ସବୁଠି ଜମୁଛି ମଦ ଆସର

ହିନ୍ଦୋଳ, ୯ ।୭ (ସମିସ)

ହିନ୍ଦୋଳ ଉପଖଣ୍ଡର ବିଭିନ୍ନ ଗ୍ରାମଠାରୁ ସହର ପର୍ଯ୍ୟନ୍ତ ସବୁଠି ଏବେ ଚୋରା ଦେଶୀ ମଦଠାରୁ ଆରମ୍ଭ କରି ବିଦେଶୀ ମଦ ପର୍ଯ୍ୟନ୍ତ ଆସର ଜମୁଛି। ସବୁ ଜାଣି ନିରବଦ୍ରଷ୍ଟା ସାଜିଛି ଅବକାରୀ ବିଭାଗ ସମେତ ସ୍ଥାନୀୟ ପୁଲିସ। ଉପଖଣ୍ଡରେ ଗୋଟିଏ ଅବକାରୀ ଥାନା ଥିବା ବେଳେ ବାସ୍ତବରେ ତାହା ନ ଥିବା ପରି। ଅଧିକାଂଶ ସମୟରେ ଅବକାରୀ ଥାନାରେ ଝୁଲୁଛି ତାଲା। କେତେବେଳେ କେମିତି ଯଦି କାର୍ଯ୍ୟାଳୟ ଖୋଲାହୁଏ, କୌଣସି କର୍ମଚାରୀଙ୍କ ଦେଖା ମିଳେନି। କେବଳ ଜଣେ କର୍ମଚାରୀଙ୍କଠାରୁ ଉତ୍ତର ମିଳେ, ବାବୁ ନାହାନ୍ତି, ବାହାରକୁ ଯାଇଛନ୍ତି, ପରେ ଆସନ୍ତୁ। ସତେଯେମିତ ଅବକାରୀ କାର୍ଯ୍ୟାଳୟ ସ୍ଥାଣୁ ପାଲଟିଯାଇଛି।

ଉପଖଣ୍ଡର ବିଭିନ୍ନ ଅଞ୍ଚଳରେ ମାରାତ୍ମକ ନିଶା କାରବାର ଖୋଲାଖୋଲି ଭାବେ ଚାଲିଛି। ଏପରିକି ଉପଖଣ୍ଡର ଅଧିକାଂଶ ଗ୍ରାମରେ ଚୋରା ପାଉଚ ମଦ ଅବାଧରେ ବିକ୍ରି




ହେଉଥିବା ବେଳେ ମଦ ବେପାରୀମନେ ବୁଲି ବୁଲି ବିଭିନ୍ନ ଗ୍ରାମରେ ଲୋକ ରଖି ପାଉଚ ମଦ ଯୋଗାଇ ଦେଉଛନ୍ତି। ସେହି ପାଉଚ ମଦ ପିଇ ବହୁ ଯୁବକଙ୍କ ଅକାଳରେ ଜୀବନ ଯାଉଛି। ନିଶା କାରବାର ରୋକିବାକୁ ଅବକାରୀ ବିଭାଗ

### ସବୁ ଜାଣି ଅବକାରୀ ବିଭାଗ ନିରବଦ୍ରଷ୍ଟା

### ଅବକାରୀ ଥାନାରେ ସବୁବେଳେ ଝୁଲୁଛି ତାଲା

ପକ୍ଷରୁ ପ୍ରୟାସ ବି କରାଯାଉ ନାହିଁ। ପାନ ଦୋକାନରୁ ଆରମ୍ଭ କରି ହୋଟେଲ, ଢାବାରେ ମଧ୍ୟ ଖୁଲମଖୁଲା ବିଦେଶୀ ମଦ ବିକ୍ରି କରାଯାଉଛି। ଏହି ସବୁ ମଦ କାରବାର ଅବକାରୀ ବିଭାଗ ଅଧିକାରୀଙ୍କ ଜ୍ଞାତସାରରେ ହେଉଥିବା ଅଭିଯୋଗ ହେଉଛି। ମଦ ସହ ଗଞ୍ଜେଇ ଏବଂ ଚରସ କାରବାର ମଧ୍ୟ ହେଉଥିବା ଦେଖିବାକୁ ମିଳୁଛି। କିଛିଦିନ ପୂର୍ବରୁ ବିଷାକ୍ତ ଦେଶୀ ମଦ ପିଇ ଉପଖଣ୍ଡର ବେଡ଼ାପଡ଼ା ଅଞ୍ଚଳର ୩ ଯୁବକଙ୍କ ମୃତ୍ୟୁ ହୋଇଥିଲା। ହେଲେ ବିଭାଗ ଦ୍ୱାରା ତଦନ୍ତ ଆଳରେ ଏହାକୁ ଚପାଇ ଦିଆଗଲା। ଏବେ ସେହି ଅଞ୍ଚଳରେ ଦେଶୀ ବିଦେଶୀ ମଦ ବିକ୍ରି ହେଉଥିବା ଦେଖିବାକୁ ମିଳୁଛି। କିଛିମାସ ପୂର୍ବରୁ ଉପଖଣ୍ଡର ବାଉଁଶ ପୋଖରୀ ନିକଟରେ ଥିବା ଏକ ଫାର୍ମ ହାଉସରୁ ଲକ୍ଷାଧିକ ଟଙ୍କାର ନକଲି ବିଦେଶୀ ମଦ ସମେତ ସରଞ୍ଜାମ ଜବତ ହୋଇଥିଲା। ହେଲେ ତାହା ମଧ୍ୟ ତଦନ୍ତ ଆଳରେ ଫାଇଲକୁ ଚାପିଦିଆଗଲା। ପୁଲିସ ଓ ଅବକାରୀ ବିଭାଗର ଉଚ୍ଚ ଅଧିକାରୀ ଏଥିପ୍ରତି ସ୍ୱତନ୍ତ୍ର ଦୃଷ୍ଟି ଦେବାକୁ ବୁଦ୍ଧିଜୀବୀ ମହଲରେ ଦାବି ହେଉଛି।

# ମୃତ୍ୟୁଶଯ୍ୟାରେ କେନ୍ଦ୍ରୀୟ ଚିକିତ୍ସାଳୟ; ଉଦାସୀନ ପ୍ରଶାସନ

ଯୋଡ଼ା, ୯।୭ (ସମିସ)




ପୁନରୁଦ୍ଧାର ଦାବି

ଖଣି ବହୁଳ ଯୋଡ଼ା ଅଞ୍ଚଳରେ ଅବସ୍ଥିତ ପ୍ରାୟ ୫୦ ଶଯ୍ୟା ବିଶିଷ୍ଟ କେନ୍ଦ୍ରୀୟ ଚିକିତ୍ସାଳୟ ଆଜି ଅବହେଳାର ଶିକାର ହୋଇ ମୃତ୍ୟୁ ଶଯ୍ୟାରେ ପଡ଼ିରହିଛି। ୧୯୬୮ରେ କେନ୍ଦ୍ର ସରକାରଙ୍କ ସମ୍ପୃକ୍ତ ମନ୍ତ୍ରାଳୟ ଅଧୀନରେ ନିର୍ମିତ ଏହି ଚିକିତ୍ସାଳୟ ଏକ ସମୟରେ ଯୋଡ଼ା, ବଡ଼ବିଲ, କେନ୍ଦୁଝର ତଥା ପଡ଼ୋଶୀ ମୟୂରଭଞ୍ଜ ଜିଲ୍ଲାର ବିଭିନ୍ନ ଖଣି ଓ ଶିଳ୍ପ ଫ୍ୟାକ୍ଟର କର୍ମଚାରୀଙ୍କ ପାଇଁ ପ୍ରମୁଖ ସ୍ୱାସ୍ଥ୍ୟସେବା କେନ୍ଦ୍ର ଭାବେ ପରିଚିତ ଥିଲା। ମାତ୍ର ବର୍ତ୍ତମାନ ଏହାର ଅବସ୍ଥା ଦେଖିଲେ ମନେ ହେଉଛି ଏକ ପରିତ୍ୟକ୍ତ ଭୂତକୋଠି। ଏକଦା ରୋଗୀଙ୍କ ଭିଡ଼ରେ ସରଗରମ ରହୁଥିବା ଏହି ଚିକିତ୍ସାଳୟ ଆଜି ପ୍ରାୟ ଜନଶୂନ୍ୟ। ଡାକ୍ତରଙ୍କ ଅଭାବ, ପାରାମେଡିକାଲ କର୍ମଚାରୀଙ୍କ ଅଭାବ, ଆଧୁନିକ ଚିକିତ୍ସା ଉପକରଣର ଅନୁପସ୍ଥିତି ଏବଂ ପୁରୁଣା ଯନ୍ତ୍ରପାତି ଅକାମୀ ହୋଇପଡ଼ିବା ଯୋଗୁଁ ରୋଗୀମାନେ ଏଠାରୁ ସେବା ପାଇବାରୁ ବଞ୍ଚିତ ହେଉଛନ୍ତି। କୋଠାର କାନ୍ଥରୁ ପାଣି ଝରୁଥିବା ବେଳେ ଭବନର ଅନେକ ସ୍ଥାନ ଜରାଜୀର୍ଣ୍ଣ ଅବସ୍ଥାରେ ପହଞ୍ଚିଛି। କେବଳ ଚିକିତ୍ସାଳୟ ନୁହେଁ, ଏହାର କଲୋନୀର ଅବସ୍ଥା ମଧ୍ୟ ଅତ୍ୟନ୍ତ ଶୋଚନୀୟ। ପରିସର ଅନାବନା ଗଛଲତାରେ ଭରିଯାଇଥିବାରୁ ସରୀସୃପଙ୍କ ଆଡ୍ଡାସ୍ଥଳରେ ପରିଣତ ହୋଇଛି। ନିୟମିତ ରକ୍ଷଣାବେକ୍ଷଣର ଅଭାବ ଯୋଗୁଁ ସମ୍ପୂର୍ଣ୍ଣ ପରିସର ଦିନକୁ ଦିନ ନଷ୍ଟ ହେବାରେ ଲାଗିଛି। ଏହି ୫୦ ଶଯ୍ୟା ବିଶିଷ୍ଟ ଚିକିତ୍ସାଳୟର ପୁନରୁଦ୍ଧାର କରି ପୂର୍ବଭଳି ସ୍ୱାସ୍ଥ୍ୟସେବା ଆରମ୍ଭ କରିବା ପାଇଁ ବିଭିନ୍ନ ସାମାଜିକ ସଂଗଠନ ଓ ସ୍ଥାନୀୟ ଅନୁଷ୍ଠାନ ପକ୍ଷରୁ ଦୀର୍ଘଦିନ ଧରି ଦାବି ହୋଇ ଆସୁଥିଲେ ମଧ୍ୟ ଏହା ଉପରେ ସରକାର କିମ୍ବା ଜନପ୍ରତିନିଧିଙ୍କ ପକ୍ଷରୁ ଦୃଶ୍ୟମାନ ପଦକ୍ଷେପ ନିଆଯାଇନାହିଁ ବୋଲି ଅଭିଯୋଗ ହେଉଛି। ବରିଷ୍ଠ ନାଗରିକ ତଥା ଯୋଡ଼ା ପୌରପାଳିକାର ପୂର୍ବତନ ଅଧ୍ୟକ୍ଷ ରମେଶ କୁମାର ଦାସ, ସାଂସଦ ପ୍ରତିନିଧି ବିଏନ ଦାସ ନିଜ ନିଜ ପ୍ରତିକ୍ରିୟାରେ କହିଛନ୍ତି ଯେ କେନ୍ଦୁଝର ସାଂସଦ ଅନନ୍ତ କୁମାର ନାୟକଙ୍କୁ ଏ ସମ୍ପର୍କରେ ଅବଗତ କରାଯାଇଥିଲା। ସେ ମଧ୍ୟ କେନ୍ଦ୍ରମନ୍ତ୍ରୀଙ୍କ ସହ କେନ୍ଦ୍ରୀୟ ଚିକିତ୍ସାଳୟ ସମ୍ବନ୍ଧରେ ଆଲୋଚନା କରିଛନ୍ତି। ଖୁବଶୀଘ୍ର କିଛି ରାସ୍ତା ନିଶ୍ଚୟ ବାହାରିବ। ଯୋଡ଼ା ବିକାଶ ପରିଷଦ ସଭାପତି ତଥା ବିଶିଷ୍ଟ ରାଜନୀତିଜ୍ଞ ନିରଞ୍ଜନ ବହିଦାର କହିଛନ୍ତି ଯେ ଆଜକୁ ୩୦/୪୦ ବର୍ଷ ପୂର୍ବରୁ ଉକ୍ତ ଚିକିତ୍ସାଳୟଟିରେ ହଜାର ହଜାର ଶ୍ରମିକ ମାଗଣା ଚିକିତ୍ସା ପାଉଥିବା ସହ ଅଳ୍ପ ଖର୍ଚ୍ଚରେ ଗରିବ ଲୋକଟିଏ ମଧ୍ୟ ଚିକିତ୍ସା ପାଇପାରୁଥିଲା। ଦିନ ଥିଲା ଏହି ଚିକିତ୍ସାଳୟଟି ଯୋଡ଼ା ଖଣି ଅଞ୍ଚଳର ସ୍ୱାସ୍ଥ୍ୟକ୍ଷେତ୍ରରେ ଏକ ମାଇଲଖୁଣ୍ଟ ଥିବା ବେଳେ ଏବେ ଏହା ଜରାଜୀର୍ଣ୍ଣ ହୋଇ ପଡ଼ି ରହିଛି। ଶ୍ରୀ ବହିଦାର ଆହୁରି କହିଛନ୍ତି ଯେ ତିନି ବର୍ଷ ତଳେ କେନ୍ଦ୍ର ମନ୍ତ୍ରୀ ବିଶେଶ୍ୱର ଟୁଡୁ ଯୋଡ଼ା ଆସି ଡାକ୍ତରଖାନାଟିକୁ ପରିଦର୍ଶନ କରି ପୁନଃଉଦ୍ଧାର ପାଇଁ ପ୍ରତିଶ୍ରୁତି ଦେଇଥିଲେ ମଧ୍ୟ ଆଜି ପର୍ଯ୍ୟନ୍ତ କିଛି ହୋଇ ପାରିଲା ନାହିଁ ଆଗକୁ ବିକାଶ ପରିଷଦ ପକ୍ଷରୁ ଏକ ବିରାଟ ଜନ ଆନ୍ଦୋଳନ କରିବାକୁ ହେବ। ସ୍ଥାନୀୟ ବାସିନ୍ଦା ପଦ୍ମଲୋଚନ ମହାକୁଡ଼, ସନ୍ତୋଷ କୁମାର ସାମଲ କହିଛନ୍ତି ଯେ ଯୋଡ଼ା ଖଣିଅଞ୍ଚଳରେ କେନ୍ଦ୍ରୀୟ ଚିକିତ୍ସାଳୟଟି ପୁନଃଉଦ୍ଧାର କରାଯିବା ଉଚିତ। ପୂର୍ବରୁ ଏଥିରେ ଦୈନିକ ଅନେକ ରୋଗୀ ଚିକିତ୍ସିତ ହେଉଥିବା ବେଳେ ଏବେ ଇଣ୍ଡୋର ସେବା ବନ୍ଦ ରହିଛି। ଏତେ ବଡ଼ ଡାକ୍ତରଖାନା ସରକାରୀ ଉଦାସୀନତା ଓ ଜନପ୍ରତିନିଧିଙ୍କ ଅବହେଳା ପାଇଁ ଏବେ ଏକ ଭିତ୍ତିହୀନ ଭାବେ ପରିଚାଳିତ ହେଉଛି। ବୁଦ୍ଧିଜୀବୀ ମହଲର ମତ ଅନୁଯାୟୀ, ଯୋଡ଼ା ପରି ଏକ ଖଣି ବହୁଳ ଓ ଶିଳ୍ପାଞ୍ଚଳରେ ମୂଲ୍ୟବାନ ସ୍ଥାନରେ ଅବସ୍ଥିତ ଏହି ଚିକିତ୍ସାଳୟର ପୁନର୍ଜୀବନ ହେଲେ କେବଳ ଯୋଡ଼ା ନୁହେଁ, ବଡ଼ବିଲ, କେନ୍ଦୁଝର ଏବଂ ପଡ଼ୋଶୀ ଅଞ୍ଚଳର ହଜାର ହଜାର ଲୋକ ଉନ୍ନତ ସ୍ୱାସ୍ଥ୍ୟସେବା ପାଇପାରିବେ। ତେଣୁ ସରକାର ଓ ସମ୍ପୃକ୍ତ ବିଭାଗ ଏହି ଐତିହାସିକ ଚିକିତ୍ସାଳୟର ପୁନରୁଦ୍ଧାର ପାଇଁ ଶୀଘ୍ର ଦୃଢ଼ ପଦକ୍ଷେପ ନେବାକୁ ସ୍ଥାନୀୟ ଅଞ୍ଚଳରେ ଦାବି ଜୋର ଧରିଛି।

# ଧକୋଠା ସରପଞ୍ଚଙ୍କ ନାଁରେ ମାମଲା

ଆନନ୍ଦପୁର, ୯।୭ (ସମିସ): ଆନନ୍ଦପୁର ବ୍ଲକ୍ ଧକୋଠା ସରପଞ୍ଚ ବୀରଭଦ୍ର ସେଠୀଙ୍କ ଦାଦାଗିରି ସାମ୍ନାକୁ ଆସିଛି। ପଞ୍ଚାୟତରେ ହୋଇଥିବା ଦୁର୍ନୀତି ସମ୍ପର୍କରେ ଜାଣିବା ପାଇଁ ଆରଟିଆଇରେ ତଥ୍ୟ ମାଗିବାରୁ ସରପଞ୍ଚଙ୍କ ସମର୍ଥକମାନେ ହତ୍ୟା ଧମକ ଦେଇଥିବା ଅଭିଯୋଗ ହୋଇଛି। ଏନେଇ ଭାଲୁକୁମା ଗ୍ରାମର ମହେନ୍ଦ୍ର ସେଠୀ ଘସିପୁରା ଥାନାରେ ଅଭିଯୋଗ କରିଛନ୍ତି। ପୁଲିସ୍ ଏକ ମାମଲା ରୁଜୁକରି ଘଟଣାର ତଦନ୍ତ କରୁଛି। ଅଭିଯୋଗ ଅନୁସାରେ ମହେନ୍ଦ୍ର ଓ କୁଣ୍ଡାକୋଟ୍ ଗ୍ରାମର ବିନୋଦ ବିହାରୀ ବେହେରା ସୂଚନା ଅଧିକାର ଆଇନ୍ ଅନୁସାରେ ଧକୋଠା ପଞ୍ଚାୟତରେ ହୋଇଥିବା ବିଭିନ୍ନ ଉନ୍ନୟନ କାର୍ଯ୍ୟର ତଥ୍ୟ ମାଗିଥିଲେ। ସରପଞ୍ଚ ବୀରଭଦ୍ର ସେଠୀଙ୍କ ସମର୍ଥକମାନେ ବିଭିନ୍ନ ମାରଣାସ୍ତ୍ର ଧରି ବିନୋଦଙ୍କ ଘରକୁ ଯାଇ ଗାଳିଗୁଲଜ କରିବା ସହିତ ଜୀବନରେ ମାରି ଦେବାକୁ ଧମକ ଦେଇଥିଲେ। ଅଭିଯୋଗ ପାଇବାପରେ ଘସିପୁରା ପୁଲିସ୍ କେସ୍ ନମ୍ବର ୩୦୯ରେ ଏକ ମାମଲା ରୁଜୁକରି ଘଟଣାର ତଦନ୍ତ କରୁଛି। ଏହାକୁ କେନ୍ଦ୍ରକରି ଧକୋଠା ପଞ୍ଚାୟତରେ ବିଜେପି ଓ ବିଜେଡି ଗୋଷ୍ଠୀ ମଧ୍ୟରେ ଚାପା ଉତ୍ତେଜନା ରହିଥିବା ପରିଲକ୍ଷିତ ହୋଇଛି।

# କେରଳା ଇଂରାଜୀ ମିଡିୟମ୍ ସ୍କୁଲ ଅଧ୍ୟକ୍ଷଙ୍କୁ ଓଡ଼ିଶା ଗୌରବ ସମ୍ମାନ



ଚମ୍ପୁଆ, ୯।୭ (ସମିସ): କେନ୍ଦୁଝର ଜିଲ୍ଲାର ଚମ୍ପୁଆସ୍ଥିତ କେରଳ ଇଂଲିଶ୍ ମିଡିୟମ୍ ସ୍କୁଲ ଅଧ୍ୟକ୍ଷ ଡ଼ଃ ରାଜମୋହନ ପି.ଏସ୍.ଙ୍କୁ ଶିକ୍ଷାକ୍ଷେତ୍ରରେ ଉତ୍କୃଷ୍ଟ ନେତୃତ୍ୱ ଓ ସାମାଜିକ ବିକାଶ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ 'ଓଡ଼ିଶା ଗୌରବ ସମ୍ମାନ–୨୦୨୬' ପ୍ରଦାନ କରାଯାଇଛି। ଗତ ୫ ଜୁଲାଇରେ ଭୁବନେଶ୍ୱରରେ ଭାରତୀୟ ମାନବ ଅଧିକାର ସୁରକ୍ଷା ପରିଷଦ ପକ୍ଷରୁ ତାଙ୍କୁ ଏହି ସମ୍ମାନ ପ୍ରଦାନ କରାଯାଇଥିଲା। ସମାରୋହରେ ବିଭିନ୍ନ କ୍ଷେତ୍ରର ବିଶିଷ୍ଟ ବ୍ୟକ୍ତିତ୍ୱ, ଶିକ୍ଷାବିତ୍, ସମାଜସେବୀ ଓ ଅତିଥିମାନେ ଉପସ୍ଥିତ ଥିଲେ। ଡ଼ଃ ରାଜମୋହନଙ୍କ ଦୂରଦର୍ଶୀ ନେତୃତ୍ୱ, ଶିକ୍ଷାର ଗୁଣାତ୍ମକ ବିକାଶ, ମୂଲ୍ୟବୋଧ ଆଧାରିତ ଶିକ୍ଷାର ପ୍ରସାର ଏବଂ ସମାଜ ପ୍ରତି ନିଷ୍ଠାପୂର୍ଣ୍ଣ ସେବାକୁ ସ୍ୱୀକୃତି ଦେଇ ଏହି ସମ୍ମାନ ପ୍ରଦାନ କରାଯାଇଛି। ଡ଼ଃ ରାଜମୋହନ କହିଛନ୍ତି, ଏହା ବ୍ୟକ୍ତିଗତ ସମ୍ମାନ ନୁହେଁ, ବରଂ କେରଳ ଇଂଲିଶ୍ ମିଡିୟମ୍ ସ୍କୁଲ୍, ଚମ୍ପୁଆର ସମଗ୍ର ପରିବାର ପାଇଁ ଏକ ଗର୍ବର ବିଷୟ। ତାଙ୍କ ନେତୃତ୍ୱରେ ବିଦ୍ୟାଳୟ ଶିକ୍ଷାର ଉତ୍କର୍ଷ ସହ ଛାତ୍ରଛାତ୍ରୀଙ୍କ ସର୍ବାଙ୍ଗୀନ ବିକାଶ ଏବଂ ସାମାଜିକ ମୂଲ୍ୟବୋଧର ବିକାଶ ଦିଗରେ ନିରନ୍ତର କାର୍ଯ୍ୟ କରିଆସୁଛି। ଏହି ସମ୍ମାନ ପ୍ରାପ୍ତି ଅବସରରେ ବିଦ୍ୟାଳୟର ପରିଚାଳନା କମିଟି, ଅଧ୍ୟକ୍ଷ, ଅଧ୍ୟାପକଅଧ୍ୟାପିକା, କର୍ମଚାରୀ, ଛାତ୍ରଛାତ୍ରୀ, ଅଭିଭାବକ ଏବଂ ଚମ୍ପୁଆ ଅଞ୍ଚଳର ବହୁ ବିଶିଷ୍ଟ ବ୍ୟକ୍ତି ଅଭିନନ୍ଦନ ଜଣାଇ ତାଙ୍କର ଆଗାମୀ ଜୀବନ ଆହୁରି ସଫଳ ଓ ପ୍ରେରଣାଦାୟକ ହେଉ ବୋଲି ଶୁଭେଚ୍ଛା ଜଣାଇଛନ୍ତି।


# କେନ୍ଦୁଝରର ଝିଅ ସୌଭାଗ୍ୟବତୀଙ୍କୁ ଜାତୀୟ ସମ୍ମାନ



ଆନନ୍ଦପୁର, ୯।୭ (ସମିସ): କେନ୍ଦୁଝର ଜିଲ୍ଲା ଆନନ୍ଦପୁର ବ୍ଲକ ଅନ୍ତର୍ଗତ ପୁରୁଣିଆ ଗ୍ରାମର ସୌଭାଗ୍ୟବତୀ ନାୟକ ଜ୍ୟୋତିଷ ଓ ଅଙ୍କଜ୍ୟୋତିଷ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ଜାତୀୟ ସ୍ତରରେ ତିନୋଟି ସମ୍ମାନ ହାସଲ କରିଛନ୍ତି। ଗତ ୫ ତାରିଖରେ ଶ୍ରୀଜଗନ୍ନାଥ ଧାମ, ପୁରୀରେ ଆୟୋଜିତ ୧୬ତମ ଜାତୀୟ ଭାରତୀୟ ସଂସ୍କୃତି ଓ ଜ୍ୟୋତିଷ ସମ୍ମିଳନୀରେ ଇଣ୍ଡିଆନ ବାସ୍ତୁ ଓ ଆଷ୍ଟ୍ରୋଲୋଜିକାଲ ରିସର୍ଚ୍ଚ ସେଣ୍ଟର ପକ୍ଷରୁ ତାଙ୍କୁ ଶ୍ରେଷ୍ଠ ଅଙ୍କ ଜ୍ୟୋତିଷରତ୍ନ ଆୱାର୍ଡ, ଜ୍ୟୋତିଷ ନକ୍ଷତ୍ର ଶ୍ରୀସମ୍ମାନ ଏବଂ ଡିଭାଇନ ଆଇକୋନିକ ଆୱାର୍ଡ ପ୍ରଦାନ କରାଯାଇଛି। କାର୍ଯ୍ୟକ୍ରମରେ ଧର୍ମଗୁରୁ ଡ଼ା. ଏଚ୍.ଏସ୍. ରାୱତ ମୁଖ୍ୟଅତିଥି, ଦେଶର ବରିଷ୍ଠ ଜ୍ୟୋତିଷବିଦ୍ କେ.କେ. ସ୍ୱାମୀ, ଓଡ଼ିଶାର ସୁନାମଧନ୍ୟ ଜ୍ୟୋତିଷବିଦ୍ ଡ଼ା. ନିରଞ୍ଜନ ମହାପାତ୍ର ଏବଂ ରାଜ୍ୟସଭା ସାଂସଦ ଶୁଭାଶିଷ ଖୁଣ୍ଟିଆ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ। ସୌଭାଗ୍ୟବତୀ ହେଉଛନ୍ତି ଜୟନ୍ତ କୁମାର ନାୟକ ଓ ବାସନ୍ତୀ ନାୟକଙ୍କ କନିଷ୍ଠ କନ୍ୟା। ତାଙ୍କର ଏହି ସଫଳତା ପାଇଁ ପରିବାର, ବନ୍ଧୁବର୍ଗ ଓ ଅଞ୍ଚଳବାସୀଙ୍କ ମଧ୍ୟରେ ଖୁସିର ଲହରୀ ଖେଳିଯାଇଛି। ବିଭିନ୍ନ ମହଲରୁ ତାଙ୍କୁ ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଯାଇଛି।

# ବାଇକ୍ ଆରୋହୀଙ୍କ ଦୁଃଖ ବଢ଼ାଉଛି ଇଥାନଲ୍ ପେଟ୍ରୋଲ

ହାଟଡ଼ିହୀ, ୯।୭ (ସମିସ): ଏବେ ହାଟଡ଼ିହୀ ଅଞ୍ଚଳରେ ଥିବା ପେଟ୍ରୋଲ ପମ୍ପରୁ ମିଳୁଥିବା ଇଥାନଲ୍ ମିଶ୍ରିତ ପେଟ୍ରୋଲ ବାଇକ୍ ଆରୋହୀଙ୍କ ପାଇଁ ଚିନ୍ତାର କାରଣ ସାଜିଛିଫ ଗତ ଦୁଇଦିନ ତଳେ ହାଟଡ଼ିହୀ ଅଞ୍ଚଳର ଜଣେ ବାଇକ୍ ଆରୋହୀଙ୍କ ବାଇକରେ ପେଟ୍ରୋଲ ଥିବା ସତ୍ତ୍ୱେ ଗାଡ଼ିଟି ଷ୍ଟାର୍ଟ ହୋଇ ନଥିଲା। ବାଇକଟିର ଅନ୍ୟ କୌଣସି ଯନ୍ତ୍ର ଖରାପ୍ ହୋଇ ନଥିବା ବେଳେ କେବଳ ଅପମିଶ୍ରିତ ପେଟ୍ରୋଲ୍ ପାଇଁ ତାଙ୍କୁ ହଇରାଣ ହେବାକୁ ପଡ଼ିଥିବା ଅଭିଯୋଗ ହୋଇଛି। ଗାଡ଼ିଟି ମେକାନିକ୍ ପାଖକୁ ନେଇ ଯିବାପରେ ଅପମିଶ୍ରିତ ପେଟ୍ରୋଲ ପାଇଁ ବାଇକଟି ଷ୍ଟାର୍ଟ ହୋଇ ନଥିବା ଜଣାପଡ଼ିଥିଲା। ବାଇକରେ ଲାଗିଥିବା ପମ୍ପ



ସହ ବିଭିନ୍ନ ଯନ୍ତ୍ରପାତିରେ କଳଙ୍କି ଲାଗିଲା ଭଳି ଦୃଶ୍ୟମାନ ହୋଇଥିଲା। ବାଇକ ଟାଙ୍କିରୁ ସବୁତକ ପୁରୁଣା ପେଟ୍ରୋଲ ବାହାର କରିବା ଏବଂ ଅନ୍ୟାନ୍ୟ ଯନ୍ତ୍ରପାତିଗୁଡ଼ିକୁ ଭଲଭାବେ ସଫା କରିବା ପରେ ପାୱାର ପେଟ୍ରୋଲ ଢ଼ାଳିବା ପରେ ବାଇକଟି ପୂର୍ବ ପରି ଚାଲିବା ନେଇ ସକ୍ଷମ ହୋଇଥିଲା। ଇଥାନଲ୍ ପେଟ୍ରୋଲ ସଠିକ ଢ଼ଙ୍ଗରେ ପେଟ୍ରୋଲ ସହ ମିଶି ନପାରିବାରୁ ଗାଡ଼ିଗୁଡ଼ିକର ଷ୍ଟାର୍ଟିଂ ସମସ୍ୟା ଦେଖାଦେଉଥିବା କୁହାଯାଇଛି। ଏଣୁ ଇଥାନଲ୍ ପେଟ୍ରୋଲ ପରିବର୍ତ୍ତେ ପୂର୍ବ ପରି ଆସୁଥିବା କେବଳ ପେଟ୍ରୋଲ ହିଁ ସମସ୍ତ ପମ୍ପକୁ ଯୋଗାଇ ଦେବା ପାଇଁ ବାଇକ୍ ଆରୋହୀଙ୍କ ପକ୍ଷରୁ ଦାବି ହୋଇଛି।

# ଘଟଗାଁ ମା'ତାରିଣୀଙ୍କ ପ୍ରସିଦ୍ଧ ଆଷାଢ଼ୀ ପର୍ବ ୧୬ରେ



## ଦିନବେଳେ ବନ୍ଦ ରହିବ ମନ୍ଦିର

କେନ୍ଦୁଝର/ଘଟଗାଁ, ୯।୭ (ସମିସ): କେନ୍ଦୁଝର ଜିଲ୍ଲାର ଆରାଧ୍ୟା ଦେବୀ ମା'ତାରିଣୀଙ୍କର ସ୍ୱତନ୍ତ୍ର ପୂଜାନୀତି ପାଇଁ ପ୍ରତିବର୍ଷ ଭଳି ଆଷାଢ଼ୀ ପର୍ବ ଆସନ୍ତା ଗୁରୁବାର ତାରିଖ ପାଳନ ହେବ ବୋଲି ଘଟଗାଁ ମା' ତାରିଣୀ ଟେମ୍ପଲ ଟ୍ରଷ୍ଟ ପକ୍ଷରୁ ସୂଚନା ମିଳିଛି। ମା'ଙ୍କର ସ୍ୱତନ୍ତ୍ର ପୂଜାନୀତି ହେଉଥିବାରୁ ସେଦିନ ଦିନବେଳା ମା'ତାରିଣୀ ମନ୍ଦିର ଏବଂ ଦୁଆରଶୁଣି ମନ୍ଦୀର ସମ୍ପୂର୍ଣ୍ଣ ବନ୍ଦ ରହିବ। ଉକ୍ତ ଦିନ ସନ୍ଧ୍ୟା ୭ରୁ ମନ୍ଦିର ଖୋଲାହୋଇ ରାତ୍ର ୧୦ ପର୍ଯ୍ୟନ୍ତ ସମସ୍ତ ପୂଜାର୍ଚ୍ଚନା ଯଥାରୀତି ଅନୁଷ୍ଠିତ ହେବ। ପ୍ରକାଶ ଯୋଗ୍ୟ ଯେ ବର୍ଷର ବିଭିନ୍ନ ସମୟରେ ମା' ଘଟଗାଁ ତାରିଣୀଙ୍କର ବିଶେଷ ପୂଜାଅର୍ଚ୍ଚନା ହୋଇଥାଏ। ସେଥିମଧ୍ୟରୁ ଆଷାଢ଼ୀ ପର୍ବ ଅନ୍ୟତମ। ଏବର୍ଷ ଜୁଲାଇ ୧୬ ତାରିଖ ଗୁରୁବାର ଏହି ପର୍ବ ପାଳିତ ହେବାକୁ ଥିବାରୁ ଦିନବେଳା ମନ୍ଦିର ବନ୍ଦ ରହିବ।

# କୋଡ଼ପଡ଼ା ପଞ୍ଚାୟତ: ବାରମ୍ବାର ଆବେଦନ ସତ୍ତ୍ୱେ ବିଧବାଙ୍କୁ ମିଳୁନି ଆବାସ

ଆନନ୍ଦପୁର, ୯।୭ (ସମିସ): ଅସହାୟମାନଙ୍କୁ ବାସଗୃହ ଯୋଗାଇଦେବା ପାଇଁ ଆବାସ ଯୋଜନାରେ ସାମିଲ କରାଇବା ଦିଗରେ ସରକାରୀ ସ୍ତରରେ ବ୍ୟାପକ ବ୍ୟବସ୍ଥା ଗ୍ରହଣ କରାଯାଉଛି। ତୃଣମୂଳ ସ୍ତରରେ ଘଟଣାର ତଦନ୍ତ କରାଯାଇ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯିବାର ବ୍ୟବସ୍ଥା ରହିଛି। ମାତ୍ର ଜଣେ ବିଧବା ବାରମ୍ବାର ଆବେଦନ କରି ଏ କାର୍ଯ୍ୟାଳୟରୁ ସେ କାର୍ଯ୍ୟାଳୟ ଧାଇଁ ଆସୁଥିଲା ସତ୍ତ୍ୱେ ସେ ଏପର୍ଯ୍ୟନ୍ତ ଆବାସ ପାଇବାରୁ ବଞ୍ଚିତ ରହିଛନ୍ତି। ହିତାଧିକାରୀ ପଞ୍ଚାୟତ କାର୍ଯ୍ୟାଳୟଠାରୁ ଆରମ୍ଭ କରି ବ୍ଲକ୍ କାର୍ଯ୍ୟାଳୟକୁ ଦୌଡ଼ି ଦୌଡ଼ି ନୟାନ୍ତ ହୋଇଛନ୍ତି। ପ୍ରଶାସନିକ ସ୍ତରରେ ସବୁ ହେଇଯିବ ବୋଲି କହି ପ୍ରତିଶ୍ରୁତି ଦେବାରେ ଲାଗିପଡିଛନ୍ତି। ହେଲେ ଶୀତ କାକର ବର୍ଷା ଦାଉରୁ ତ୍ରାହି ପାଇବା ପାଇଁ ହିତାଧିକାରୀ ଭଙ୍ଗା କୁଡିଆରେ ମୁଣ୍ଡ ଗୁଞ୍ଜିବା ଟା ସାର ହୋଇଛି। ଏଭଳି ଏକ ଘଟଣା କୋଡପଡା ପଞ୍ଚାୟତ ଗୌଡଡିହା ଗ୍ରାମରେ ଦେଖିବାକୁ ମିଳିଛି। ଉକ୍ତ ଗ୍ରାମର ବିଧବା ମହିଳା ହିତାଧିକାରୀ ଯାମୁଳା ପାତ୍ର ଏନେଇ ପୂର୍ବରୁ ଜିଲ୍ଲାପାଳଙ୍କଠାରେ ମଧ୍ୟ ନିଜର ଅଭିଯୋଗ ଜଣାଇଛନ୍ତି। ଆଭିଯୋଗ ଆଧାରରେ ତାଙ୍କ ଅଭିଯୋଗ ପଞ୍ଜିକୃତ ମଧ୍ୟ ହୋଇଛି। ହେଲେ ଅଦ୍ୟାବଧି ମହିଳା ହିତାଧିକାରୀଙ୍କୁ ଆବାସ ତାଲିକାରେ ସାମିଲ କରାଯାଇପାରିନି। ତତ୍କାଳୀନ ଜିଲ୍ଲାପାଳଙ୍କଠାରେ ଦାଖଲ କରିଥିବା ଅଭିଯୋଗ ଆଧାରରେ ଏବେ ପୁନର୍ବାର ଆବାସ ପାଇଁ ଆବେଦନ କରିବା ସତ୍ତ୍ୱେ ପ୍ରଶାସନିକ ସ୍ତରରେ କେବଳ ପ୍ରତିଶୃତିରେ ସୀମିତ ରହୁଥିବା ଅଭିଯୋଗ ହୋଇଛି। ୬ ପ୍ରାଣୀକୁଟୁମ୍ବ ସହିତ ଏହି



ପରିବାର ଏବେ ଖରା ବର୍ଷା ଶୀତ କାକରରେ ପଡି ରହିଛନ୍ତି। ତେବେ ଏଭଳି ଅସହାୟ ପରିବାରଙ୍କୁ ଆବାସ ଯୋଜନା ମିଳିବ କେବେ ସେନେଇ ପ୍ରଶାସନକୁ ସଚେତନ ନାଗରିକମାନେ ଅନୁରୋଧ କରିଛନ୍ତି।

## ସମସ୍ୟାରେ ବିଏନ୍ ହାଇସ୍କୁଲ

# ନାହାନ୍ତି ପ୍ରଧାନଶିକ୍ଷକ; ଏନ୍‌ସିସି ଦାୟିତ୍ୱ ନେବାକୁ ଅମଙ୍ଗ ଶିକ୍ଷକ

ଆନନ୍ଦପୁର, ୯।୭ (ସମିସ): କେନ୍ଦୁଝର ଜିଲ୍ଲାର ସର୍ବପୁରାତନ ବିଦ୍ୟାଳୟ ଆନନ୍ଦପୁର ବିଏନ୍ ହାଇସ୍କୁଲ ବିଭିନ୍ନ ସମସ୍ୟା ଦେଇ ଗତି କରୁଛି। ବିଶେଷକରି ବିଦ୍ୟାଳୟର ପ୍ରଧାନଶିକ୍ଷକ ନିଯୁକ୍ତି ହେଉ ନଥିବାବେଳେ ଏନସିସି ବିଭାଗରେ ମଧ୍ୟ ସଂକଟ ପରିଲକ୍ଷିତ ହୋଇଛି। ୧୯୪୫ରେ ଆନନ୍ଦପୁରର ଜନସାଧାରଣଙ୍କ ସହଯୋଗରେ ବିଏନ୍ ହାଇସ୍କୁଲ ପ୍ରତିଷ୍ଠା କରାଯାଇଥିଲା। ତେବେ ଏହି ବିଦ୍ୟାଳୟ ପ୍ରତି ସରକାରୀ ସ୍ତରରେ ଅବହେଳା କରାଯାଉଥିବାବେଳେ ବିଭିନ୍ନ ସମସ୍ୟା ଦେଇ ଗତି କରୁଛି। ବିଦ୍ୟାଳୟରେ ସ୍ଥାୟୀ ପ୍ରଧାନଶିକ୍ଷକ ନିଯୁକ୍ତି ନହେବାରୁ ଶିକ୍ଷାଦାନ ଗୁରୁତର ବାଧାପ୍ରାପ୍ତ ହୋଇଛି। ଶିକ୍ଷକଶିକ୍ଷୟିତ୍ରୀଙ୍କ ମଧ୍ୟରେ ସମନ୍ୱୟ ଅଭାବ ଯୋଗୁ ଅନେକ ସମସ୍ୟା ସୃଷ୍ଟି ହୋଇଛି। ବିଦ୍ୟାଳୟର କ୍ରୀଡାଶିକ୍ଷକ ସୌମ୍ୟରଂଜନ ସାହୁ ୨୦୨୦ରୁ ବିଦ୍ୟାଳୟର ଏନସିସି ଦାୟିତ୍ୱରେ ରହିଥିଲେ। ସେ ମଧ୍ୟ ଜୁନିଅର ରେଡକ୍ରସ ଦାୟିତ୍ୱ ସହିତ ଷ୍ଟୁଡେନ୍ଟ ପୁଲିସ୍ ଟ୍ରେନର, କ୍ରୀଡାଙ୍ଗନ ମାଷ୍ଟର ଟ୍ରେନର, ଗେମ୍ସ ଓ ସ୍ପୋର୍ଟସର ବ୍ଲକ ସମ୍ପାଦକ ଓ ଜିଲ୍ଲା ଯୁଗ୍ମ ସମ୍ପାଦକ ରହିଛନ୍ତି। ରେଡକ୍ରସ ଦାୟିତ୍ୱରେ ରହିଥିବା ଶିକ୍ଷକ ଏନସିସି ଦାୟିତ୍ୱରେ ରହିପାରିବେ ନାହିଁ ବୋଲି ବିଭାଗ ପକ୍ଷରୁ ନିର୍ଦ୍ଦେଶ ଦିଆଯିବାପରେ ବିଦ୍ୟାଳୟ ପରିଚାଳନା ବୈଠକରେ ଶିକ୍ଷକ ଶାଶ୍ୱତ କୁମାର ବେହେରାଙ୍କୁ ଏନସିସି ଦାୟିତ୍ୱ ପ୍ରଦାନ କରାଯିବାକୁ ସର୍ବସମ୍ମତକ୍ରମେ ନିଷ୍ପତ୍ତି ହୋଇଛି। ତେବେ ଶ୍ରୀବେହେରା ଅଦ୍ୟାବଧି ଦାୟିତ୍ୱ ଗ୍ରହଣ କରିନଥିବା ଜଣାପଡିଛି। ଶିକ୍ଷାବର୍ଷ ଆରମ୍ଭ ହୋଇଥିବାବେଳେ ଅଦ୍ୟାବଧି ଏନସିସି କାର୍ଯ୍ୟ ଆରମ୍ଭ ହୋଇପାରିନାହିଁ। ବିଭାଗୀୟ କର୍ତ୍ତୃପକ୍ଷ ଏଥିପ୍ରତି ଦୃଷ୍ଟି ଦେବାକୁ ଅଭିଭାବକ ମହଲରେ ଦାବି ହେଉଛି।



# ଗ୍ୟାସ୍ ସିଲିଣ୍ଡର ଲିକ୍‌ହୋଇ ହାଟପଡ଼ିଆରେ ଅଗ୍ନିକାଣ୍ଡ

## ଟଳିଗଲା ବଡ଼ ବିପତ୍ତି

କେନ୍ଦୁଝର, ୯।୭ (ସମିସ): କେନ୍ଦୁଝର ଜିଲ୍ଲାର ବାଂଶପାଳ ହାଟପଡ଼ିଆରେ ଘଟିଛି ଏକ ଅଭାବନୀୟ ଘଟଣା। ସାପ୍ତାହିକ ହାଟ ଚାଲିଥିବା ସମୟରେ ହଠାତ୍ ଏକ ଟିଫିନ୍ ସେଣ୍ଟରରେ ଗ୍ୟାସ୍ ସିଲିଣ୍ଡର ଲିକ୍ ହୋଇ ଭୟାବହ ନିଆଁ ଲାଗିଯାଇଥିଲା। ନିଆଁ ବନ୍ଦ ହୋଇ ନଥିବା ବେଳେ ସ୍ଥାନୀୟ ଅଞ୍ଚଳରେ ଭୟର ପରିବେଶ ସୃଷ୍ଟି ହୋଇଥିଲା। ଦୋକାନୀ ଓ ସ୍ଥାନୀୟ ଲୋକେ ନିଆଁକୁ ଆୟତ୍ତ କରିବାକୁ ଚେଷ୍ଟା କରିଥିଲେ ମଧ୍ୟ ବିଫଳ ହେବାରୁ ଅଗ୍ନିଶମ ବିଭାଗକୁ ଜଣାଇଥିଲେ। ଗ୍ୟାସ ସିଲିଣ୍ଡରଟି ଫାଟି ଯାଇଥିଲେ ହାଟରେ ବଡ଼ ଦୁର୍ଘଟଣା ଆଶଙ୍କା ରହିଥିଲା। ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚି ସଙ୍ଗେ ସଙ୍ଗେ ନିଆଁକୁ ଆୟତ୍ତ କରିଥିଲେ। ଆଜି ହାଟ ବାରି ଥିବାରୁ ସ୍ଥାନୀୟ ଅଞ୍ଚଳରେ ହଜାର ହଜାର ଲୋକଙ୍କ ଭିଡ଼ ଜମିଥିଲା। ଅସାବଧାନତା ଯୋଗୁଁ ଏଭଳି ଘଟଣା ହୋଇଥିବା ବେଳେ ଅଗ୍ନୀଶମ ବାହିନୀର ତତ୍ପରତା ଯୋଗୁଁ ବଡ଼ ଅଘଟଣ ଏଡ଼ାଇ ଦିଆଯାଇ ପାରିଛି।



## ନିଷିଦ୍ଧ ପ୍ଲାଷ୍ଟିକ ବିରୋଧରେ ବଡ଼ ଚଢ଼ଉ

# ୧୫୧.୩୩୧ କେଜି ପ୍ଲାଷ୍ଟିକ୍ ଜବତ, ୯ ହଜାର ଟଙ୍କା ଜରିମାନା

ବଡ଼ବିଲ, ୯।୭ (ସମିସ): ପରିବେଶ ସୁରକ୍ଷା ଓ ନିଷିଦ୍ଧ ପ୍ଲାଷ୍ଟିକ ବ୍ୟବହାର ଉପରେ ରୋକ୍ ଲଗାଇବା ଉଦ୍ଦେଶ୍ୟରେ ବଡ଼ବିଲ ପୌରପାଳିକା ଓ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ନିୟନ୍ତ୍ରଣ ବୋର୍ଡ ଅଧିକାରୀମାନେ ଗୁରୁବାର ସହରର ବିଭିନ୍ନ ବ୍ୟବସାୟିକ ପ୍ରତିଷ୍ଠାନରେ ମିଳିତ ଭାବେ ସ୍ୱତନ୍ତ୍ର ଚଢ଼ଉ କରିଥିଲେ। ଏହି ଚଢ଼ଉ ସମୟରେ ନିଷିଦ୍ଧ ଏକକ ବ୍ୟବହାରଯୋଗ୍ୟ ପ୍ଲାଷ୍ଟିକ ସାମଗ୍ରୀ ଏବଂ ୧୨୦ ମାଇକ୍ରନରୁ କମ୍ ମୋଟେଇର ପ୍ଲାଷ୍ଟିକ କ୍ୟାରି ବ୍ୟାଗ ବ୍ୟବହାର କରୁଥିବା ଦୋକାନଗୁଡ଼ିକ ଉପରେ କାର୍ଯ୍ୟାନୁଷ୍ଠାନ ନିଆଯାଇଥିଲା। ମୋଟ ୧୫୧.୩୩୧ କିଲୋଗ୍ରାମ ନିଷିଦ୍ଧ ପ୍ଲାଷ୍ଟିକ ସାମଗ୍ରୀ ଜବତ କରାଯାଇଥିବାବେଳେ ନିୟମ ଉଲ୍ଲଂଘନକାରୀଙ୍କଠାରୁ ୯,୦୦୦ ଟଙ୍କା ଜରିମାନା ଆଦାୟ କରାଯାଇଛି। ପୌରପାଳିକା ପକ୍ଷରୁ କୁହାଯାଇଛି ଯେ ପରିବେଶକୁ ପ୍ଲାଷ୍ଟିକ ପ୍ରଦୂଷଣରୁ ରକ୍ଷା କରିବା ଏବଂ ସରକାରଙ୍କ ପ୍ଲାଷ୍ଟିକ ନିଷେଧ ଆଇନକୁ କଡ଼ାକଡ଼ି ପାଳନ କରାଇବା ପାଇଁ ଆଗାମୀ ଦିନରେ ମଧ୍ୟ ଏଭଳି ମିଳିତ ଚଢ଼ଉ ଜାରି ରହିବ। ସେଥିସହ ବ୍ୟବସାୟୀ ଓ ସାଧାରଣ ଲୋକଙ୍କୁ ନିଷିଦ୍ଧ ପ୍ଲାଷ୍ଟିକ ସାମଗ୍ରୀ ବ୍ୟବହାର ନ କରିବାକୁ ଏବଂ ପରିବେଶ ଅନୁକୂଳ ବିକଳ୍ପ ସାମଗ୍ରୀ ବ୍ୟବହାର କରିବାକୁ ଅନୁରୋଧ କରାଯାଇଛି।




# ପ୍ରଶାସନ ପକ୍ଷରୁ ରଥଯାତ୍ରା ସମନ୍ୱୟ ବୈଠକ

ଯୋଡ଼ା, ୯।୭ (ସମିସ): ଆସନ୍ତା ପବିତ୍ର ଶ୍ରୀଜଗନ୍ନାଥ ରଥଯାତ୍ରାକୁ ଶାନ୍ତିଶୃଙ୍ଖଳା ଓ ସୁରକ୍ଷାର ସହ ସମ୍ପନ୍ନ କରିବା ଲକ୍ଷ୍ୟରେ ପ୍ରଶାସନ ପକ୍ଷରୁ ଜନସାଧାରଣ, ପୂଜା କମିଟି, ବିଭିନ୍ନ ସାମାଜିକ ସଂଗଠନ ଓ ସ୍ୱେଚ୍ଛାସେବୀଙ୍କ ସହ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି। ବୈଠକରେ ରଥଯାତ୍ରା ସମୟରେ ଭିଡ଼ ନିୟନ୍ତ୍ରଣ, ଟ୍ରାଫିକ ପରିଚାଳନା, ପର୍ଯ୍ୟାପ୍ତ ପୁଲିସ ମୁତୟନ, ପରିମଳ ବ୍ୟବସ୍ଥା, ପାନୀୟ ଜଳ, ଆଲୋକୀକରଣ, ଅଗ୍ନିଶମ ଓ ସ୍ୱାସ୍ଥ୍ୟସେବା ଭଳି ବିଭିନ୍ନ ବ୍ୟବସ୍ଥା ଉପରେ ଆଲୋଚନା କରାଯାଇଥିଲା। ସେହିପରି ରଥ ଟଣା ସମୟରେ ସୁରକ୍ଷା ନିୟମ ପାଳନ କରିବା, ଅଫବାହ ପ୍ରଚାର ନ କରିବା ଏବଂ ପ୍ରଶାସନକୁ ସହଯୋଗ କରିବା ପାଇଁ ସମସ୍ତଙ୍କୁ ଅନୁରୋଧ କରାଯାଇଥିଲା। ପ୍ରଶାସନ ପକ୍ଷରୁ କୁହାଯାଇଛି ଯେ ରଥଯାତ୍ରାକୁ ସୁରକ୍ଷିତ, ସୁବ୍ୟବସ୍ଥିତ ଓ ଶୃଙ୍ଖଳିତ ଭାବେ ସମ୍ପନ୍ନ କରିବା ପାଇଁ ସମସ୍ତ ବିଭାଗ ପରସ୍ପର ସମନ୍ୱୟ ରକ୍ଷା କରି କାର୍ଯ୍ୟ କରିବେ। ବୈଠକରେ ଯୋଡ଼ା ଥାନା ଭାରପ୍ରାପ୍ତ ଅଧିକାରୀ ପ୍ରଶାନ୍ତ କୁମାର ସାମଲ ଅଧ୍ୟକ୍ଷତା କରିଥିବା ବେଳେ ଯୋଡ଼ା ପୌରାଧକ୍ଷ ଜଗଦୀଶ ପ୍ରସାଦ ସାହୁ, ମନ୍ଦିର କମିଟି ପକ୍ଷରୁ ଅନିଲ କୁମାର ଦାସ, ଜଳବିଭାଗ ଅଧିକାରୀ, ବିଦ୍ୟୁତ ବିଭାଗ ଅଧିକାରୀ, ଟାଟା ଷ୍ଟିଲର ଅଧିକାରୀ ଏବଂ ଅନେକ ମାନ୍ୟଗଣ୍ୟ ବ୍ୟକ୍ତି, କାର୍ଯ୍ୟରତ ସାମ୍ବାଦିକ ଉପସ୍ଥିତ ଥିଲେ।



# ଚମ୍ପୁଆରେ ରଥଯାତ୍ରା ପ୍ରସ୍ତୁତି ପାଇଁ ଚତୁର୍ଥ ସମନ୍ୱୟ ବୈଠକ

ଚମ୍ପୁଆ, ୯।୭ (ସମିସ): ଆସନ୍ତା ଶ୍ରୀଜଗନ୍ନାଥଙ୍କ ରଥଯାତ୍ରା ଓ ବାହୁଡ଼ାଯାତ୍ରାକୁ ସୁରକ୍ଷିତ, ଶୃଙ୍ଖଳିତ ଓ ଭକ୍ତିମୟ ପରିବେଶରେ ପାଳନ କରିବା ଉଦ୍ଦେଶ୍ୟରେ ଚମ୍ପୁଆ ଉପଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଚତୁର୍ଥ ସମନ୍ୱୟ ବୈଠକ ଅନୁଷ୍ଠିତ ହୋଇଛି। ଦେବୋତ୍ତର ବିଭାଗର ମୁଖ୍ୟ ତଥା ଚମ୍ପୁଆ ଉପଜିଲ୍ଲାପାଳ ଉମାକାନ୍ତ ପରିଡ଼ାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ବୈଠକରେ ପିଏ ଆଇଟିଡିଏ ରାମକୃଷ୍ଣ ଗଣ୍ଡ, ଚମ୍ପୁଆ ଏସଡିପିଓ ରଶ୍ମୀ ରଞ୍ଜନ ସାହୁ, ତହସିଲଦାର ସତ୍ୟବ୍ରତ ସାହୁ, ଚମ୍ପୁଆ ଏନଏସି ନିର୍ବାହୀ ଅଧିକାରୀ ଜଗନ୍ନାଥ ବେହେରା, ଏସଡିଏମଓ ଡା. ବିକେ. ଦାସଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀ, ମନ୍ଦିର କମିଟିର ସଦସ୍ୟ, ବହୁ ଭକ୍ତ ଓ ସେବାୟତ ଉପସ୍ଥିତ ଥିଲେ। ବିଶେଷ କରି ଏହି ବୈଠକରେ ରଥଯାତ୍ରା ଓ ବାହୁଡ଼ାଯାତ୍ରା ଦିନ ମନ୍ଦିର ପରିସରରେ ମହାପ୍ରସାଦ ସେବନ, ଭଜନ ପରିବେଷଣ ଏବଂ ପଳାଶ ଗ୍ରାମସ୍ଥିତ ଶ୍ରୀଜଗନ୍ନାଥଙ୍କ ମାମୁଘରୁ ପାରମ୍ପରିକ ଭାବେ 'ଭାର' ଆଣିବା କାର୍ଯ୍ୟକ୍ରମ ପୂର୍ବବର୍ଷ ଭଳି ଅନୁଷ୍ଠିତ ହେବ ବୋଲି ନିଷ୍ପତ୍ତି ଗ୍ରହଣ କରାଯାଇଥିଲା। ଚମ୍ପୁଆ ମନ୍ଦିର କମିଟି ଓ ଦେବୋତ୍ତର ବିଭାଗ ପକ୍ଷରୁ ରଥଯାତ୍ରା ଓ ବାହୁଡ଼ାଯାତ୍ରାରେ ବହୁ ସଂଖ୍ୟାରେ ଯୋଗଦେଇ ଶ୍ରୀଜଗନ୍ନାଥଙ୍କ ଆଶୀର୍ବାଦ ଲାଭ କରିବା ସହ ଉତ୍ସବକୁ ସଫଳ କରିବା ପାଇଁ ସମସ୍ତ ଭକ୍ତଙ୍କୁ ଅନୁରୋଧ କରାଯାଇଛି।



## ପିହୁ ନିଖୋଜ ଘଟଣାକୁ ଭୁଲିଗଲା କି ବିଜେପି

# ତଦନ୍ତରେ ଅବହେଳା କରିଥିବା ପୁଲିସ ବିରୋଧରେ କାର୍ଯ୍ୟାନୁଷ୍ଠାନ କେବେ?

**ଯାଜପୁର, ୯ ।୭ (ସମିସ)**

ଗତ ୬ ବର୍ଷ ତଳେ ଶିଶୁ କନ୍ୟା ପିହୁ ନିଖୋଜ ଘଟଣାକୁ ନେଇ ବିଜେପି ସମଗ୍ର ରାଜ୍ୟରେ ତମ୍ବିତୋଫାନ କରିଥିଲା। ପିହୁ ମା' ମୋନାଲିସାଙ୍କୁ ଅସ୍ତ୍ର କରି ବିଭିନ୍ନ କାର୍ଯ୍ୟାଳୟ ଆଗରେ ଧାରଣା ଠାରୁ ଆରମ୍ଭ କରି ଆତ୍ମଦାହ ଭଳି ଷଡ଼ଯନ୍ତ୍ର କରି ତତ୍କାଳୀନ ସରକାର ତଥା ବିଜୁ ଜନତା ଦଳକୁ ବଦନାମ କରିଥିଲା। ତତ୍କାଳୀନ ସରକାରଙ୍କୁ ଦାୟୀ କରିବା ସହିତ ଘଟଣାର ସିବିଆଇ ତଦନ୍ତ କରିବାକୁ ଦାବି କରି ବିଜେପି ରାଜରାସ୍ତାକୁ ଓହ୍ଲାଇଥିଲା। ଇତି ମଧ୍ୟରେ ପିହୁ ନିଖୋଜ ଘଟଣାକୁ ୬ ବର୍ଷ ବିତିବାକୁ ବସିଥିବାବେଳେ ରାଜ୍ୟରେ ବିଜେପି ସରକାର ଦୁଇବର୍ଷ ପୂରଣ କରିଛି। ବିଜେପି ସରକାରକୁ ଆସିବା ପରେ ସତେ ଯେମିତି ପିହୁ ନିଖୋଜ ଘଟଣା ସରକାର ପାଇଁ ଅଦରକାରୀ ହୋଇପଡ଼ିଛି। ବିଞ୍ଝାରପୁର ଥାନା ମଧୁସୂଦନପୁର ଗ୍ରାମର ନିର୍ମଳ ନାୟକଙ୍କ ବିବାହିତା ଝିଅ ମୋନାଲିସା ନାୟକଙ୍କ ୨ ବର୍ଷର ଶିଶୁ କନ୍ୟା ପିହୁ ୨୦୨୦ ମସିହା ଅଗଷ୍ଟ ୯ ତାରିଖ ଦିନ ଅପରାହ୍ନ ପ୍ରାୟ ୨ ଟା ବେଳେ ଦାଣ୍ଡ ବାରଣ୍ଡାରେ ଖେଳୁଥିବା ବେଳେ ହଠାତ୍ ନିଖୋଜ ହୋଇଯାଇଥିଲା। ମା' ମୋନାଲିସା ଘର ଭିତରେ କାମ କରୁଥିବା ବେଳେ ପିହୁକୁ କେହି ଅପହରଣ କରି ନେଇଥିଲେ। ଗାଁରେ ବହୁ ଖୋଜାଖୋଜି ପରେ ଝିଅ ନ ମିଳିବାରୁ ମୋନାଲିସା ସେହିଦିନ ବିଞ୍ଝାରପୁର ଥାନାକୁ ଯାଇ ଲିଖିତ ଭାବେ ଏତଲା ଦେଇ ପିହୁକୁ ଉଦ୍ଧାର ପାଇଁ ଅନୁରୋଧ କରିଥିଲେ। କିନ୍ତୁ ତତ୍କାଳୀନ ଥାନା ବାବୁ ଇନ୍ସପେକ୍ଟର ନିରଞ୍ଜନ ଶବର ଚିରାଚରିତ ଢଙ୍ଗରେ ମାମଲାକୁ ଅତି ହାଲୁକା ଭାବେ ନେଇ ଛୁଟିରେ ଥିବା ସବ୍‌ଇନ୍ସପେକ୍ଟର ସଞ୍ଜୀବ ଥାଟୋଇଙ୍କୁ ତଦନ୍ତ ଦାୟିତ୍ୱ ଦେଇଥିଲେ। ୫ ଦିନ ଧରି ପୁଲିସ କେବଳ ଖୋଜାଖୋଜି କରିବାର ନାଟକ କରି ନିଜର ବିଫଳତା ପ୍ରଦର୍ଶନ ପରେ ୧୪ ତାରିଖ ଦିନ ଏତଲାକୁ ପଞ୍ଜୀକରଣ କରିଥିଲା। ଯାହାର କେଶ୍ ନମ୍ବର ଥିଲା ୨୨୮/୨୦୨୦। ବିଞ୍ଝାରପୁର ପୁଲିସ ଏହି ଘଟଣାରେ ଆଦୌ ସମ୍ବେଦନଶୀଳ ନଥିଲା। ଯେତେଥର ଥାନାକୁ ମୋନାଲିସା ଯାଉଥିଲେ ସବୁଥର କେବଳ ପ୍ରତିଶ୍ରୁତି ହିଁ ମିଳୁଥିଲା। ମୋନାଲିସା ଥାନା ଠାରୁ ଆରମ୍ଭ କରି ଉପଖଣ୍ଡ ଆରକ୍ଷୀ ଅଧିକାରୀ, ଏସ୍‌ପି, ଜିଲ୍ଲାପାଳ, ଡିଜିପି, ବିଭାଗୀୟ ମନ୍ତ୍ରୀ, ମୁଖ୍ୟମନ୍ତ୍ରୀ, ଶିଶୁ ଆୟୋଗ ସମସ୍ତଙ୍କୁ ଭେଟିଛନ୍ତି। ଜଣ ଜଣଙ୍କୁ ୧୦/୨୦ ଥର ଭେଟି ତାଙ୍କ ଛୁଆଟିକୁ ଉଦ୍ଧାର କରିବା ନିମନ୍ତେ କାକୁତି ମିନତି ହୋଇ ନିଷ୍ଫଳ ହୋଇଥିଲେ। ପରିସ୍ଥିତି ଏପରି ହୋଇଥିଲା ଯେ ମୋନାଲିସା ସମସ୍ତଙ୍କୁ ଭେଟି ନିରାଶ ହୋଇ ବିଧାନସଭା ଆଗରେ ଧାରଣା ଦେବା ପାଇଁ ଯିବା ବେଳେ କଟକ ଠାରେ ଚାଉଳିଆଗଞ୍ଜ ପୁଲିସ ତାଙ୍କୁ ଅଟକ ମଧ୍ୟ ରଖିଥିଲା। ସେତେବେଳର ଥାନାଧିକାରୀ ଶ୍ରୀ ଶବର ଏବେ କଟକ ଗ୍ରାମାଞ୍ଚଳ ପୁଲିସର ଡିଏସ୍‌ପି ଅଛନ୍ତି। ସେତେବେଳେର ଥାନାଧିକାରୀ ଶ୍ରୀ ଶବର ଓ ତଦନ୍ତକାରୀ ଅଧିକାରୀ ଶ୍ରୀ ଥାଟୋଇ ଙ୍କ ପାଇଁ ଆଜି ମୋ ଝିଅକୁ ହରାଇଛି ଏବଂ ସେମାନଙ୍କୁ ଚାକିରିରୁ ବହିଷ୍କାର କରି ଦୃଷ୍ଟାନ୍ତମୂଳକ ଦଣ୍ଡ ବିଧାନ କରିବା ନିମନ୍ତେ ମୋନାଲିସା ଦାବି କରିଛନ୍ତି। ଅନ୍ୟପଟେ ପିହୁ ନିଖୋଜ ଘଟଣାଟି କେଉଁ ସ୍ଥିତିରେ ରହିଛି ସେ ସମ୍ପର୍କରେ ଗତ ସପ୍ତାହରେ ନବନିଯୁକ୍ତ ଜିଲ୍ଲା ଶିଶୁ ମଙ୍ଗଳ ସମିତି ଅଧ୍ୟକ୍ଷ ଦିବ୍ୟ ଭୂଷଣ ମହାନ୍ତି ବୁଝିବା ପରେ ମୋନାଲିସାଙ୍କୁ ଯୋଗାଯୋଗ କରିଥିଲେ। ଶ୍ରୀ ମହାନ୍ତି ମୋନାଲିସାଙ୍କ ସହିତ ଆଲୋଚନା କରିବା ପରେ ତାଙ୍କୁ ସହାୟତା ଯୋଗାଇଦେବା ପାଇଁ ଆଶ୍ୱାସନା ଦେଇଥିଲେ। ଏ ସମ୍ପର୍କରେ ସେ ଯାଜପୁର ସାଂସଦ ଡଃ ରବୀନ୍ଦ୍ର ନାରାୟଣ ବେହେରାଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଏଥିସହିତ ନ୍ୟାୟ ପ୍ରଦାନ ପାଇଁ ପଦକ୍ଷେପ ଗ୍ରହଣ କରିବାକୁ ପ୍ରତିଶ୍ରୁତି ଦେଇଥିଲେ। ଶିଶୁ ମଙ୍ଗଳ ସମିତିର ଅଧ୍ୟକ୍ଷଙ୍କ ଏଭଳି ସହଯୋଗ ପାଇଁ ମୋନାଲିସା ତାଙ୍କୁ କୃତଜ୍ଞତା ଦେଇଛନ୍ତି।

**ପିହୁଙ୍କ ମା'ଙ୍କୁ ଶିଶୁ ମଙ୍ଗଳ ସମିତି ଅଧ୍ୟକ୍ଷଙ୍କ ଆଶ୍ୱାସନା**

## କଣ୍ଟାପଡ଼ା ଘାଇକୁ ନେଇ ବିଧାୟିକାଙ୍କ ଆପତ୍ତି



**ଯାଜପୁର, ୯ ।୭ (ସମିସ):** ବୈତରଣୀ ନଦୀରେ ଆସିଥିବା ବନ୍ୟା ଯୋଗୁଁ ଖୋଲିଛି ଠିକାଦାର ଓ ବିଭାଗୀୟ ଅଧିକାରୀଙ୍କ ମଧୁଚନ୍ଦ୍ରିକାର ଗୁମର। ଯାଜପୁର ଜିଲ୍ଲା ଦଶରଥପୁର ବ୍ଲକ କଣ୍ଟାପଡ଼ା ଠାରେ ସୃଷ୍ଟି ହୋଇଥିବା ଘାଇକୁ ନେଇ ଆପତ୍ତି ଜଣାଇଛନ୍ତି ଯାଜପୁର ବିଧାୟିକା ସୁଜାତା ସାହୁ। ସେ ଅଭିଯୋଗ କରିଛନ୍ତି ଘାଇ ହେବା ସ୍ଥାନ ରେ ବନ୍ଧର ଆବଶ୍ୟକତା ନଥିଲା। କିଏ ଏହି ବନ୍ଧ ନିର୍ମାଣ କଲା ଏବଂ କାହା ସ୍ୱାର୍ଥରେ ଏହା ନିର୍ମାଣ ହୋଇଛି ବୋଲି ପ୍ରଶ୍ନ କରିଛନ୍ତି। ଡ୍ରେନେଜ୍ କିମ୍ବା ଜଳ ସମ୍ପଦ ବିଭାଗ ପାଖରେ ଏ ନେଇ କୌଣସି ତଥ୍ୟ ନଥିବା ବେଳେ ଠିକାଦାରଙ୍କ ସହିତ ଶାସକ ଦଳ ନେତା ମିଶି ଏଭଳି ଅର୍ଥ ହରିଲୁଟ କରିଥିବା ସେ ଅଭିଯୋଗ କରିଛନ୍ତି। ତେଣୁ ଏହାର ତଦନ୍ତ ହେବା ଆବଶ୍ୟକ ବୋଲି ଜିଲ୍ଲାପାଳଙ୍କୁ ଭେଟି ନିଜର ଦାବି ଜଣାଇଛନ୍ତି।

## ପ୍ରଧାନଶିକ୍ଷକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା



**ସିଂହପୁର, ୯ ।୭ (ସମିସ):** ବିଞ୍ଝାରପୁର ବ୍ଲକ ଅନ୍ତର୍ଗତ କପିଳା ପଞ୍ଚାୟତ ରାହାସ ଗୁହାଳି ଗ୍ରାମରେ ଅବସ୍ଥିତ ଭାସ୍କର ସାମଲ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଦୀନବନ୍ଧୁ ସାହୁଙ୍କର ଅବସରକାଳୀନ ସମ୍ବର୍ଦ୍ଧନା ସଭା ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଛି। ପ୍ରାକ୍ତନ ପ୍ରଧାନଶିକ୍ଷକ ପ୍ରଫୁଲ୍ଲ କୁମାର ବେହେରା ସଭାପତି ଭାବେ ଯୋଗ ଦେଇଥିବାବେଳେ ମୁଖ୍ୟ ଅତିଥି ଭାବେ ବିଧାୟିକା ପ୍ରମିଳା ମଲ୍ଲିକ, ଅନ୍ୟତମ ଅତିଥି ବ୍ଲକ ଅଧ୍ୟକ୍ଷା ରଞ୍ଜିତା କୁମାରୀ ଦାସ, ମୁଖ୍ୟବକ୍ତା ଶିକ୍ଷାବିତ୍ ଗଦାଧର ପଡ଼ିଆରୀ, ସମ୍ମାନିତ ଅତିଥି କପିଳା ପଞ୍ଚାୟତର ସରପଞ୍ଚ ଦେବଦତ୍ତ ସେଠୀ, ସମିତି ସଭ୍ୟା ଆରତି ମଲ୍ଲିକ, ସମାଜସେବୀ ବ୍ରଜ ସୁନ୍ଦର ସାମଲ, ପ୍ରମୋଦ କୁମାର ସାମଲ, ପ୍ରଫେସର କାଳନ୍ଦୀ ବାରିକ, ସମାଜସେବୀ ଆଦିକନ୍ଦ ପତି, ନିରଞ୍ଜନ ପାତ୍ର, ଧନେଶ୍ୱର ଦାସ, ବିଞ୍ଝାରପୁର ଓଷ୍ଟାର ସଭାପତି ଜଗନ୍ନାଥ ବେହେରା, ଓଷ୍ଟାର ସମ୍ପାଦକ ସନ୍ତୋଷ ପ୍ରକାଶ ମିଶ୍ର, ଅବସରପ୍ରାପ୍ତ ଶିକ୍ଷକ ରବିନାରାୟଣ ସାମଲ, ନିରଞ୍ଜନ ଦାସ, ନାରାୟଣ ଚନ୍ଦ୍ର ଦାସ, ସିଆର୍‌ସିସି ଦେବେନ୍ଦ୍ର କୁମାର ନାୟକ ପ୍ରମୁଖ ଯୋଗଦେଇଥିଲେ। ପ୍ରଧାନ ଶିକ୍ଷକ ଅକ୍ଷୟ କୁମାର ସେଠୀ ସଭା ପରିଚାଳନା କରିଥିଲେ। ବିଦ୍ୟାଳୟ କାର୍ଯ୍ୟାଳୟ ସହାୟକ ଅନୀଲ କୁମାର ସାମଲ ଧନ୍ୟବାଦ୍ ଅର୍ପଣ କରିଥିଲେ। ସଙ୍ଗୀତ ନିର୍ଦ୍ଦେଶକ ଦୀନେଶ ମଲ୍ଲିକ ଓ ବିଜୟିନୀ ଦାଶ ସଂଗୀତ ପରିବେଷଣ କରିଥିଲେ।

## ବ୍ରେନ୍ ଷ୍ଟ୍ରୋକ୍‌ରେ ପୀଡ଼ିତ ବ୍ୟକ୍ତିଙ୍କୁ ସହାୟତା ପାଇଁ ନିବେଦନ

**ଧର୍ମଶାଳା, ୯ ।୭ (ସମିସ):** ଧର୍ମଶାଳା ବ୍ଲକ୍ କାଏମା ପଞ୍ଚାୟତ ନାଉପାଳ ଗ୍ରାମରେ ଜଣେ ବ୍ୟକ୍ତି ବ୍ରେନ୍ ଷ୍ଟ୍ରୋକରେ ପୀଡ଼ିତ ହୋଇ ଅସହାୟ ଅବସ୍ଥାରେ ଘରେ ପଡ଼ିରହି ଜୀବନ ବିତାଉଛନ୍ତି। ପରିବାରରେ ଦେଖାଶୁଣା କରିବାକୁ କେହି ନଥିବାରୁ ସେ ଏବେ ଗୋଟିଏ ଘରେ ଶଯ୍ୟାଶାୟୀ ଅବସ୍ଥାରେ ରହି ବହୁ କଷ୍ଟରେ ଦିନ କାଟୁଛନ୍ତି। ସୂଚନା ଅନୁଯାୟୀ ନାଉପାଳ ଗ୍ରାମର ସୂର୍ଯ୍ୟମଣି ମଲିକ ଦିନ ମଜୁରିଆ ଭାବେ କାମ କରି ଜୀବିକା ନିର୍ବାହ କରୁଥିଲେ। କରୋନା ମହାମାରୀ ପରେ ତାଙ୍କ ସ୍ତ୍ରୀଙ୍କ ମୃତ୍ୟୁ ହୋଇଥିଲା। ତାଙ୍କର କୌଣସି ପୁଅ କିମ୍ବା ଝିଅ ନଥିବାରୁ ସ୍ତ୍ରୀଙ୍କ ମୃତ୍ୟୁ ପରେ ସେ ଏକାକୀ ଜୀବନ ବିତାଉଥିଲେ। ଗତ ଜୁନ୍ ମାସରେ ତାଙ୍କ ଦେହ ଅସୁସ୍ଥ ହେବାରୁ ନିକଟସ୍ଥ ଏକ ସରକାରୀ ସ୍ୱାସ୍ଥ୍ୟ କେନ୍ଦ୍ରରୁ ଔଷଧ ଆଣି ସେବନ କରିଥିଲେ। ମାତ୍ର ସ୍ୱାସ୍ଥ୍ୟାବସ୍ଥାରେ ସୁଧାର ନ ଆସିବାରୁ ତାଙ୍କ ପୁତୁରାଙ୍କ ସହଯୋଗରେ ପ୍ରଥମେ ଧର୍ମଶାଳା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି



କରାଯାଇଥିଲା। ପରବର୍ତ୍ତୀ ସମୟରେ ଅବସ୍ଥା ଅଧିକ ଗୁରୁତର ହେବାରୁ ତାଙ୍କୁ ଏକ ଘରୋଇ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ପରୀକ୍ଷା ପରେ ତାଙ୍କର ବ୍ରେନ୍ ଷ୍ଟ୍ରୋକ୍ ହୋଇଥିବା ଜଣାପଡ଼ିଥିଲା। ଚିକିତ୍ସା ସମୟରେ ସ୍ୱାସ୍ଥ୍ୟ କାର୍ଡ ମାଧ୍ୟମରେ ୬୦ ହଜାର ଟଙ୍କାରୁ ଅଧିକ ଖର୍ଚ୍ଚ ହୋଇଥିବା ବେଳେ ଅତିରିକ୍ତ ପରୀକ୍ଷା ଓ ଔଷଧ ପାଇଁ ୨୦ ହଜାର ଟଙ୍କାରୁ ଅଧିକ ଖର୍ଚ୍ଚ ତାଙ୍କ ପୁତୁରା ବହନ କରିଥିଲେ। ହସ୍ପିଟାଲରୁ ଫେରିବା ପରେ ସେ ଏବେ ଘରେ ଶଯ୍ୟାଶାୟୀ ଅବସ୍ଥାରେ ରହିଛନ୍ତି। ପ୍ରତିମାସ ଔଷଧ ପାଇଁ ପ୍ରାୟ ୬ ହଜାର ଟଙ୍କା ଆବଶ୍ୟକ ହେଉଥିବା ବେଳେ ସେହି ଅର୍ଥ ଯୋଗାଡ଼ କରିବାକୁ ନେଇ ତାଙ୍କ ପୁତୁରା ଓ ସାହି ପଡ଼ିଶା ଗଭୀର ଚିନ୍ତା ପ୍ରକାଶ କରିଛନ୍ତି। ଏହି ସମସ୍ୟା ସମ୍ପର୍କରେ ପଞ୍ଚାୟତ ସ୍ତରରେ ଲୋକଙ୍କ ସମସ୍ୟା ବୁଝିବା ପାଇଁ ଦାୟିତ୍ୱରେ ଥିବା ପ୍ରଭାରୀ ଓ ଜୋନ୍ ପ୍ରଭାରୀଙ୍କ ସହ ଯୋଗାଯୋଗ କରି ସହଯୋଗ ପାଇଁ ନିବେଦନ କରାଯାଇଥିଲେ ମଧ୍ୟ ଏପର୍ଯ୍ୟନ୍ତ କୌଣସି ସହାୟତା ମିଳିପାରିନାହିଁ। ତେଣୁ ଏହି ଘଟଣାରେ ସ୍ଥାନୀୟ ବିଧାୟକ ହିମାଂଶୁ ଶେଖର ସାହୁ ହସ୍ତକ୍ଷେପ କରି ପୀଡ଼ିତଙ୍କୁ ଆବଶ୍ୟକ ଚିକିତ୍ସା ସହାୟତା ଓ ସରକାରୀ ସୁବିଧା ଯୋଗାଇ ଦେବାକୁ ସ୍ଥାନୀୟ ବାସିନ୍ଦା ନିବେଦନ କରିଛନ୍ତି।

## ବିଧାୟକଙ୍କ ଦ୍ୱାରା ଅଟଳ ବସ୍‌ଷ୍ଟାଣ୍ଡର ଶିଳାନ୍ୟାସ

**ଧର୍ମଶାଳା, ୯ ।୭ (ସମିସ):** ଧର୍ମଶାଳା ବ୍ଲକ୍ ଗଙ୍ଗାଧରପୁର ପଞ୍ଚାୟତ ନାକପୋଲ ଲକ ଛକ ଠାରେ ବିଧାୟକଙ୍କ ଦ୍ୱାରା ଆଜି ଅଟଳ ବସ୍‌ଷ୍ଟାଣ୍ଡର ଶିଳାନ୍ୟାସ କରାଯାଇଛି। ଯାଜପୁର ପୂର୍ତ୍ତ ବିଭାଗ ପକ୍ଷରୁ ୧୦ କୋଟି ୬୭ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ଏହି ଶିଳାନ୍ୟାସ କାର୍ଯ୍ୟକ୍ରମରେ ବିଭାଗୀୟ ନିର୍ବାହୀ ଯନ୍ତ୍ରୀ ଓ କନିଷ୍ଠ ଯନ୍ତ୍ରୀ ଉପସ୍ଥିତ ରହି ଶିଳାନ୍ୟାସ କାର୍ଯ୍ୟ ସମ୍ପନ୍ନ କରିଛନ୍ତି। ସୂଚନା ଥାଉକି ସମଗ୍ର ଜିଲ୍ଲାର ଧର୍ମଶାଳା ନିର୍ବାଚନ ମଣ୍ଡଳୀରେ ଏହା ପ୍ରଥମ ଅଟଳ ବସ୍‌ଷ୍ଟାଣ୍ଡର ଶିଳାନ୍ୟାସ ହୋଇଛି। ଆଜିର ଏହି ଶିଳାନ୍ୟାସ ଉତ୍ସବରେ ଧର୍ମଶାଳା ବିଧାୟକ ହିମାଂଶୁ ଶେଖର ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ବସ ଷ୍ଟାଣ୍ଡର ଶିଳାନ୍ୟାସ କରିଛନ୍ତି। ଏହି ବସଷ୍ଟାଣ୍ଡରେ ଧର୍ମଶାଳା ବ୍ଲକର ବିଭିନ୍ନ ପଞ୍ଚାୟତକୁ ଯାଉଥିବା ବସ୍‌ଗୁଡ଼ିକ ଏଠାରେ ରହି ଯାତ୍ରୀମାନଙ୍କୁ ସେମାନଙ୍କ ଗନ୍ତବ୍ୟସ୍ଥଳରେ



ନେଇ ପହଞ୍ଚାଇବ। ଏହି ବସ୍ ଷ୍ଟାଣ୍ଡ ହେବା ଫଳରେ ବ୍ଲକର ପାଖାପାଖି ୨୦ରୁ ଊର୍ଦ୍ଧ୍ୱ ପଞ୍ଚାୟତବାସୀ ଯାତାୟତ କରିବାରେ ଉପକୃତ ହୋଇପାରିବେ। ଏଥିସହିତ ଏହି ବସ୍‌ଷ୍ଟାଣ୍ଡରେ ଯାତ୍ରୀମାନଙ୍କ ପାଇଁ ପ୍ରତୀକ୍ଷାଗୃହ ସହିତ ଶୌଚାଳୟ ଓ ସ୍ୱଚ୍ଛ ପାନୀୟ ଜଳର ବ୍ୟବସ୍ଥା କରାଯିବ ବୋଲି ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ଏହି ଅବସରରେ ଦଳୀୟ କର୍ମୀ ଓ ସାଧାରଣ ଲୋକେ ବିଧାୟକ ଶ୍ରୀ ସାହୁଙ୍କୁ ଏକ ଶୋଭାଯାତ୍ରାରେ ବାଜା ବାଣ ବଜାଇ ଶିଳାନ୍ୟାସ ସ୍ଥଳକୁ ପାଛୋଟି ନେଇଥିଲେ। ଏହି କାର୍ଯ୍ୟକ୍ରମରେ ବିଧାୟକଙ୍କ ସହିତ ଜିଲ୍ଲା ପରିଷଦ ସଦସ୍ୟା ସ୍ମୃତିରେଖା ବେହେରା, ଗଙ୍ଗାଧରପୁର ସରପଞ୍ଚ ତ୍ରିଲୋଚନ ଜେନା, ମୁରଲୀ ପାଣ୍ଡବ, ସାଂସଦଙ୍କ ପ୍ରତିନିଧି କାହ୍ନୁ ଚରଣ ଦାଶ, ସଙ୍ଗଠକ ଯୁଗଳ କିଶୋର ଦାସ, ଯୁବ ସଙ୍ଗଠକ ରାଜେଶ ପାଳ, ବିଶ୍ୱଜିତ ପୃଷ୍ଟି , ରବୀନ୍ଦ୍ର ବରାଳ, ମଣ୍ଡଳ ସଭାପତି ଜିତେନ୍ଦ୍ର ରାଉତ, ସିବୁଲି ଧିର, ତୀର୍ଥରାଜ ପଣ୍ଡା, ପ୍ରଭାରୀ ଅଭିଷେକ ରାଉତ ପ୍ରମୁଖ ଉପସ୍ଥିତ ରହିଥିଲେ।

## ବିଦ୍ୟାଳୟର ପରିଚାଳନା କମିଟି ଗଠିତ

**ଦାନଗଦୀ, ୯ ।୭ (ସମିସ):** ଦାନଗଦୀ ବ୍ଲକ ଅନ୍ତର୍ଗତ ମାନପୁର ଉଚ୍ଚ ବିଦ୍ୟାଳୟର ମାନପୁର ଠାରେ ବିଦ୍ୟାଳୟ ପରିଚାଳନା କମିଟି ସରକାରଙ୍କ ନୀତି ନିୟମ ଅନୁଯାୟୀ ଗଠନ କରାଯାଇଛି। ଗୁରୁବାର ପୂର୍ବାହ୍ନରେ ବିଦ୍ୟାଳୟର ସଭାଗୃହରେ ବିଇଓଙ୍କ ପ୍ରତିନିଧି ସିଆର୍‌ସି ଧର୍ମେଜୟ ରାଉତଙ୍କ ଉପସ୍ଥିତିରେ ପ୍ରଧାନ ଶିକ୍ଷୟିତ୍ରୀ ସ୍ନେହ ମଞ୍ଜରୀ ହୋତାଙ୍କ ଆବାହକତ୍ୱରେ ଏକ ବୈଠକ ଅନୁଷ୍ଠିତ ହେଇଥିଲା। ଶିକ୍ଷା ବିଭାଗର ଗାଇଡ୍‌ଲାଇନ୍ କମିଟିର ଉଦ୍ଦେଶ୍ୟ ଓ ଲକ୍ଷ୍ୟ ସମ୍ବନ୍ଧରେ ଶିକ୍ଷକ ସୁରେଶ କୁମାର ପୃଷ୍ଟି ସୂଚନା ଦେଇଥିଲେ। ସମସ୍ତ ଅଭିଭାବକ, ଜନ ପ୍ରତିନିଧି ସମସ୍ତଙ୍କ ସହମତିରେ ନୂତନ ସଭାପତି ଭାବେ ଲକ୍ଷ୍ମଣ କୁମାର ସାହୁ, ଉପସଭାପତି ଭାବେ ଦମୟନ୍ତୀ ମାଣିକ ୨ ବର୍ଷ ପାଇଁ ନିର୍ବାଚିତ ହୋଇଥିଲେ। ଶାନ୍ତିଶୃଙ୍ଖଳାରେ କାର୍ଯ୍ୟକ୍ରମଟି ହୋଇଥିବାରୁ ଶିକ୍ଷକ ଗୌରାଙ୍ଗ ମୁଦୁଲି ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ। ୱାର୍ଡ ସଭ୍ୟ କୁଳମଣି ପୁହାଣ ଉପସ୍ଥିତ ରହି କ୍ରାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। ବୈଠକରେ ଶିକ୍ଷାବିତ୍ ବାବାଜୀ ଚରଣ ଜେନା ମଞ୍ଚ ସଂଯୋଜନା କରିଥିଲେ।

## ନାବାଳିକାକୁ ଅପହରଣ ଓ ବଳାତ୍କାର ଅଭିଯୁକ୍ତକୁ ୧୦ ବର୍ଷ କାରାଦଣ୍ଡ

**ଯାଜପୁର, ୯ ।୭ (ସମିସ):** ଜଣେ ୧୬ ବର୍ଷୀୟା ନାବାଳିକାକୁ ଅପହରଣ ଓ ବଳାତ୍କାର ଅଭିଯୋଗରେ ଅଭିଯୁକ୍ତକୁ ଅତିରିକ୍ତ ଜିଲା ଦୌରା ଜଜ୍ ତଥା ସ୍ୱତନ୍ତ୍ର ପୋକ୍‌ସୋ ଜଜ୍ ଶରତ କୁମାର ବେହେରା ୧୦ ବର୍ଷ କାରାଦଣ୍ଡରେ ଦଣ୍ଡିତ କରିବା ସହ ୧୦ହଜାର ଟଙ୍କା ଜରିମାନା ଅନାଦେୟ ୧ ବର୍ଷ ଜେଲ୍ ଦଣ୍ଡ ଭୋଗିବ ବୋଲି ରାୟରେ ଉଲ୍ଲେଖ କରିଛନ୍ତି। ୨୦୨୦ ମସିହା ନଭେମ୍ବର ୩୩ ତାରିଖରେ ଯାଜପୁର ରୋଡ଼ ଥାନା କାଟହୁଡ଼ି ଗ୍ରାମର ଶୁକଦେବ ପାତ୍ରଙ୍କ ପୁଅ ସୁମନ୍ତ ପାତ୍ର ଓରଫ ହାପୁନ (୩୩) ଜଣେ ୧୬ ବର୍ଷୀୟା ନାବାଳିକାକୁ ଅପହରଣ କରି ନେଇଥିଲା। ଏ ନେଇ ନାବାଳିକାର ବାପା ଯାଜପୁର ରୋଡ଼ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଲିଖିତ ଅଭିଯୋଗକୁ ଭିତ୍ତି କରି ଯାଜପୁର ରୋଡ଼ ପୁଲିସ କେସ୍ ନଂ. ୪୮୮/୨୦ରେ ଏକ ଅପହରଣ ମାମଲା ରୁଜୁ କରିଥିଲେ। ପରେ ଅଭିଯୁକ୍ତକୁ ଗିରଫ କରିବାରେ ନାବାଳିକା ସହିତ ଅଭିଯୁକ୍ତ ବଳାତ୍କାର କରିଥିବା ନେଇ ଜଣାପଡ଼ିବା ପରେ ଉଭୟଙ୍କର ଡାକ୍ତରୀ ମାଇନା କରାଯାଇଥିଲା। ମେଡ଼ିକାଲ ରିପୋର୍ଟ ଆସିବା ପରେ ଅପହରଣ ଓ ବଳାତ୍କାର ମାମଲା ରୁଜୁ କରାଯାଇ ଅଭିଯୁକ୍ତଙ୍କ କୋର୍ଟ ଚାଲାଣ କରାଯାଇଥିଲା। ଗୁରୁବାର ଦିନ ୧୨ଜଣ ସାକ୍ଷୀଙ୍କ ବୟାନ ଓ ପୁଲିସର ତଦନ୍ତରିପୋର୍ଟକୁ ଆଧାର କରି ଅତିରିକ୍ତ ଜିଲା ଦୌରା ଜଜ୍ ତଥା ସ୍ୱତନ୍ତ୍ର ପୋକ୍‌ସୋ ଜଜ୍ ଶରତ କୁମାର ବେହେରା ଅଭିଯୁକ୍ତକୁ ୧୦ ବର୍ଷ କାରାଦଣ୍ଡ ସହ ୧୦ହଜାର ଟଙ୍କା ଜରିମାନା ଅନାଦେୟରେ ଆଉ ୧ବର୍ଷ ଜେଲ୍ ଦଣ୍ଡ ଭୋଗିବ ବୋଲି ରାୟରେ ଉଲ୍ଲେଖ କରିଛନ୍ତି। ଆଇନ ସେବା ପ୍ରାଧିକରଣ ପକ୍ଷରୁ ପିଡ଼ିତାକୁ ୯ଲକ୍ଷ ଟଙ୍କା ସହାୟତା ରାଶି ପ୍ରଦାନ କରିବା ନେଇ ରାୟରେ ଉଲ୍ଲେଖ କରାଯାଇଛି। ଏହି ମାମଲାଟିକୁ ସ୍ୱତନ୍ତ୍ର ସରକାରୀ ପ୍ରସିକ୍ୟୁଟର ଅଲିପ କୁମାର ନାୟକ ପରିଚାଳନା କରିଥିଲେ।

## ପିଏମଶ୍ରୀ ବୁଦ୍ଧରାଜା ବିଦ୍ୟାପୀଠର ପ୍ରତିଷ୍ଠା ଦିବସ

**ଦାନଗଦି, ୯ ।୭ (ସମିସ):** ପିଏମଶ୍ରୀ ବୁଦ୍ଧରାଜ ବିଦ୍ୟାପୀଠ ଦାନଗଦିର ୫୫ ତମ ପ୍ରତିଷ୍ଠା ଦିବସ ଗୁରୁବାର ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନଶିକ୍ଷକ ପ୍ରଫୁଲ୍ଲ ଚନ୍ଦ୍ର ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଦିବସରେ ବିଦ୍ୟାଳୟର ପଞ୍ଚାୟତ ଶିକ୍ଷାର ସଭାପତି ଲୋକନାଥ ଧୀର, ପରିଚାଳନା କମିଟି ସଭାପତି ପବିତ୍ର ମୋହନ ଜେନାମଣି, ଅବସରପ୍ରାପ୍ତ ଶିକ୍ଷକ ରଘୁନାଥ ବେହେରା, ବିଦ୍ୟାଳୟର ପୁରାତନ ଛାତ୍ର ତଥା ବ୍ୟାସନଗର ସ୍ୱୟଂଶାସିତ ବିଦ୍ୟାଳୟର ଅବସରପ୍ରାପ୍ତ ଅଧ୍ୟକ୍ଷ ଡଃ ଆହ୍ଲାଦ ଚାନ୍ଦିର, ବିଦ୍ୟାଳୟର ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଚିତ୍ତରଞ୍ଜନ ଦାସ, ପୁରାତନ ଛାତ୍ର ରଞ୍ଜନ କୁମାର ଧୀର, ଅବସରପ୍ରାପ୍ତ ଶିକ୍ଷକ ରବୀନ୍ଦ୍ର କୁମାର ଶତପଥୀ ପ୍ରମୁଖ ଯୋଗଦେଇ ବିଦ୍ୟାଳୟର ପୁରାତନ ଇତିହାସ ସମ୍ପର୍କରେ ଆଲୋକପାତ କରିଥିଲେ। ଭଲ ଶିକ୍ଷା ଗ୍ରହଣ କରି ବିଦ୍ୟାଳୟର ମାନ ରକ୍ଷାପାଇଁ ଉପସ୍ଥିତ ଛାତ୍ରଛାତ୍ରୀଙ୍କୁ ପରାମର୍ଶ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ପୁରାତନ ଛାତ୍ର ଦିଲ୍ଲୀପ କୁମାର ସାହୁ, ନିମେଇ ଭଞ୍ଜ, ଲଳିତ କୁମାର ବେହେରା, ହରିହର ଦାସଙ୍କ ସମେତ ବିଦ୍ୟାଳୟର ସମସ୍ତ ଶିକ୍ଷକ, ଶିକ୍ଷୟିତ୍ରୀ, କର୍ମଚାରୀ, ପରିଚାଳନା କମିଟିର ସଭ୍ୟ /ସଭ୍ୟା ଓ ଅଭିଭାବକ ଅଭିଭାବିକା ମାନେ ଉପସ୍ଥିତ ଥିଲେ। ଶେଷରେ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ବରିଷ୍ଠ ଶିକ୍ଷୟିତ୍ରୀ ପ୍ରିୟଦର୍ଶିନୀ ମିଶ୍ର ସଭାକୁ ସଂଯୋଜନା କରିଥିଲେ।

## ଚଷାଖଣ୍ଡ ପଞ୍ଚାୟତରେ ଶିଶୁ ମଙ୍ଗଳ ଓ ସୁରକ୍ଷା କମିଟିର କାର୍ଯ୍ୟାନ୍ୱୟନ କର୍ମଶାଳା

**ଦଶରଥପୁର, ୯ ।୭ (ସମିସ):** ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ, ଯାଜପୁର ସହଯୋଗରେ ଅଗ୍ରଣୀ ସ୍ୱେଚ୍ଛାସେବୀ ସଂଗଠନ ସଂଯୋଗ ପକ୍ଷରୁ ଦଶରଥପୁର ବ୍ଲକ୍ ଚଷାଖଣ୍ଡ ଗ୍ରାମ ପଞ୍ଚାୟତ ପରିସରରେ ପଞ୍ଚାୟତର ସରପଞ୍ଚ ପ୍ରତିଭା ମଲ୍ଲିକଙ୍କ ସଭାପତିତ୍ୱରେ ଶିଶୁ ମଙ୍ଗଳ ଓ ସୁରକ୍ଷା କମିଟିର କ୍ରିୟାନ୍‌ୱୟନ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଦଶରଥପୁର ବ୍ଲକ ଉନ୍ନୟନ ଅଧିକାରୀ ଆକାଶ ପଟ୍ଟନାୟକ ଯୋଗ ଦେଇ ଶିଶୁ ସୁରକ୍ଷା କମିଟିକୁ ତ୍ୱରାନ୍ୱିତ କରିବା ସହ ପ୍ରତ୍ୟେକ ବ୍ୟକ୍ତି ନିଜ ପରିବାରରୁ ଶିଶୁ ସୁରକ୍ଷାକୁ ଗୁରୁତ୍ୱ ଦିଅନ୍ତୁ ବୋଲି କହିଥିଲେ। ସମ୍ମାନିତ ଅତିଥିମାନଙ୍କ ମଧ୍ୟରେ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ନିରଞ୍ଜନ କର, କଂସାଲଡିହ ଶ୍ରୀମା ହାଇସ୍କୁଲର ପ୍ରଧାନଶିକ୍ଷକ ମହେଶ୍ୱର ସାହୁ, ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ୍ ର ସାମାଜିକକର୍ମୀ ମିହିର କୁମାରଜେନା, ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ରାଜୀବ କୁମାର ମଲ୍ଲିକ, ଆଇସିଡିଏସ ସୁପରଭାଇଜର ମୀନାରାଣୀ ରାଉତ ପ୍ରମୁଖ ଯୋଗ ଦେଇଥିଲେ। ସଂଯୋଗର ପ୍ରକଳ୍ପ ନିର୍ଦ୍ଦେଶକ ପ୍ରଶାନ୍ତ କୁମାର ପାଲଟାସିଂହ କାର୍ଯ୍ୟକ୍ରମର ଆଭିମୁଖ୍ୟ ତଥା ଚଷାଖଣ୍ଡ ପଞ୍ଚାୟତ ନିମନ୍ତେ ଏକ ପଞ୍ଚାୟତସ୍ତରୀୟ ଶିଶୁ ସୁରକ୍ଷା କମିଟି ଗଠନ ହେବା ସଂପର୍କରେ କହିଥିଲେ। ବିଷୟ ବିଶାରଦ ରୂପେ ଶିଶୁ ଅଧିକାର ଓ ସୁରକ୍ଷା କର୍ମୀ କବିତା ମହାନ୍ତି ଯୋଗଦାନ କରି ପଞ୍ଚାୟତସ୍ତରୀୟ ଶିଶୁ ସୁରକ୍ଷା କମିଟିର ଦାୟିତ୍ୱ, ଭୂମିକା ସମ୍ବନ୍ଧରେ ଆଲୋକପାତ କରିଥିଲେ। ଏହି କର୍ମଶାଳାରେ ଅଙ୍ଗନବାଡି କର୍ମୀ, ଆଶାକର୍ମୀ, ୱାର୍ଡ ସଭ୍ୟା, ସ୍ୱାସ୍ଥ୍ୟକର୍ମୀ, ଶିକ୍ଷକ, ସମାଜସେବୀ ତଥା ଛାତ୍ରଛାତ୍ରୀ ଅଂଶଗ୍ରହଣ କରିବା ସହ ଶିଶୁ ସୁରକ୍ଷା ଉପରେ ମତ ରଖିଥିଲେ। ପରିଶେଷରେ ସଂଯୋଗର ମଣ୍ଡଳ ସଂଯୋଜକ ଜଗନ୍ନାଥ ସାହୁଙ୍କ ଦ୍ୱାରା ଧନ୍ୟବାଦ ଅର୍ପଣ କରାଯାଇଥିଲା।

## ରଥଯାତ୍ରା ପାଇଁ ଗୀତାଜାଗରଣ ପରିଷଦର ବୈଠକ

**ଯାଜପୁର, ୯ ।୭ (ସମିସ):** ଗୀତାଜାଗରଣ ପରିଷଦ ଆନୁକୂଲ୍ୟରେ ଅବସରରେ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜନ ପାଇଁ ନିଷ୍ପତ୍ତି ହୋଇଛି। ପରିଷଦର ସଭାପତି ଆଇନଜୀବୀ ପ୍ରତିମା କରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ବିଶିଷ୍ଟ ପ୍ରବଚକ ପଣ୍ଡିତ ବିନୋଦ ବିହାରୀ ନାୟକ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ସମ୍ପାଦକ ଭାସ୍କର ଚନ୍ଦ୍ର ମହାନ୍ତି, ଆସନ୍ତା ୧୯ ତାରିଖ ଗୁରୁବାର ଗୁଣ୍ଡିଚା ମନ୍ଦିରରେ ଏକ ଭଜନ ସନ୍ଧ୍ୟା କରାଯିବା ପାଇଁ ସ୍ଥିର ହୋଇଥିବା ପ୍ରକାଶ କରିଥିଲେ। ଉପ-ସଭାପତି କ୍ଷୀରୋଦ ଚନ୍ଦ୍ର ପାଠୀ ପ୍ରତିବର୍ଷ ପରି ଏବର୍ଷ ଧାରାବିବରଣୀ ଓ ଭଜନ ସନ୍ଧ୍ୟା ସୁଚାରୁରୂପେ ସମାପନ କରିବାକୁ ଆହ୍ୱାନ ଦେଇଥିଲେ। ସହ ସମ୍ପାଦକ ବୃନ୍ଦାବନ ମିଶ୍ର ସମସ୍ତ କାର୍ଯ୍ୟକୁ ସଞ୍ଚାଳନ କରିବାକୁ ସ୍ଥିର କରାଗଲା। ସାଂସ୍କୃତିକ ସମ୍ପାଦକ ଗୁଣମଣି ପାଣିଗ୍ରାହୀ, ରବିନାରାୟଣ କର, ଅଭିମନ୍ୟୁ ମିଶ୍ର, ସୁରଜ କୁମାର ପଣ୍ଡା, ରବିନାରାୟଣ ରାଉତ ପ୍ରମୁଖ ଉପସ୍ଥିତ ଥିଲେ। ଶେଷରେ ସମ୍ପାଦକ ଧନ୍ୟବାଦ ଅର୍ପଣ କରିଥିଲେ।

## ରାଜ୍ୟ ଆଶାକର୍ମୀ ସଂଘ ପକ୍ଷରୁ ଦାବିପତ୍ର

**ଯାଜପୁର, ୯ ।୭ (ସମିସ):** ଓଡ଼ିଶା ରାଜ୍ୟ ଆଶାକର୍ମୀ ସଂଘ ପକ୍ଷରୁ ୯ ଦଫା ଦାବି ସମ୍ବଳିତ ଏକ ଦାବିପତ୍ର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲା ପ୍ରଶାସନକୁ ପ୍ରଦାନ କରାଯାଇଛି। ରାଜ୍ୟରେ ୪୬ହଜାର ୫୫୬ରୁ ଊର୍ଦ୍ଧ୍ୱ ଆଶା କର୍ମୀ ସ୍ୱଳ୍ପ ପାରିଶ୍ରମ ବଦଳରେ ଦିନରାତି ନୀରବିଚ୍ଛିନ୍ନ ଭାବେ ସ୍ୱାସ୍ଥ୍ୟ ସେବା ଯୋଗାଇ ଦେଉଛନ୍ତି। ଆଶା କର୍ମୀଙ୍କୁ ସମ୍ମାନଜନକ ବେତନ ଓ ସୁବିଧା ଯୋଗାଇ ଦେବା ନେଇ ଗତ ନିର୍ବାଚନ ଇସ୍ତାହାରରେ ବର୍ତ୍ତମାନ ସରକାର ଘୋଷଣା କରିଥିଲେ। ସରକାର ଦୁଇ ବର୍ଷ ପୁରି ଯାଇଥିଲେ ମଧ୍ୟ ଆଶାକର୍ମୀଙ୍କ ପାଇଁ କୌଣସି ଆଶାନୁରୂପକାର୍ଯ୍ୟାନୁଷ୍ଠାନଗ୍ରହଣକରିନାହାଁନ୍ତି। ଦେଶର ସର୍ବ ବୃହତ ଶ୍ରମ ସଙ୍ଗଠନ ଭାରତୀୟ ମଜଦୁର ସଂଘର କେନ୍ଦ୍ରୀୟ ନିଷ୍ପତ୍ତି ଓ ଅଖିଳ ଭାରତୀୟ ଆଶା କର୍ମଚାରୀ ସଂଘର ନିଷ୍ପତ୍ତି ଅନୁଯାୟୀ ୨୦୨୬ ମସିହା ଜୁଲାଇ ୯ ତାରିଖ ଦେଶର ବ୍ୟାପୀ ସରକାର ଜଗାଅ ପଦକ୍ଷେପ ପ୍ରଦାନ କରାଯାଉଛି। ଜାତୀୟ ସ୍ୱାସ୍ଥ୍ୟ ମିଶନ ଅନ୍ତର୍ଗତ କାର୍ଯ୍ୟରତ ସମସ୍ତ ଆଶାକର୍ମୀଙ୍କୁ କର୍ମଚାରୀ ମାନ୍ୟତା, ମାସିକ ୧୮ ହଜାର ଟଙ୍କା ବେତନ ପ୍ରଦାନ, ଆଶାକର୍ମୀଙ୍କୁ ସାମାଜିକ ସୁରକ୍ଷା ଯୋଜନାଭୁକ୍ତ କରାଯାଇ ଇଏସ୍‌ଆଇ ଓ ଇପିଏଫ୍‌ଓ ଅନ୍ତର୍ଗତ ପଞ୍ଜିକୃତ କରାଯାଉ।





ପ୍ରତିମାସ ୧୦ ତାରିଖରେ ଦେୟ ପ୍ରଦାନ ନେଇ ସୁନିଶ୍ଚିତ କରାଯାଉ, ଆଶା କର୍ମୀଙ୍କୁ ବ୍ଲକ ସ୍ତରରୁ ଆରମ୍ଭ କରି ସହରାଞ୍ଚଳରେ କାର୍ଯ୍ୟରତ ଆଶାଙ୍କୁ ଦୁର୍ବ୍ୟବହାର ପ୍ରଦାନ କରାଗଲେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ସହ ସ୍ୱାଭିମାନ ସହ କାମ କରିବାକୁ ସୁଯୋଗ ଦିଆଯାଉ। ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ଓ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ସ୍ୱତନ୍ତ୍ର ପ୍ରକୋଷ୍ଠ ସମେତ ଅଙ୍ଗନବାଡ଼ି କେନ୍ଦ୍ର ନିକଟରେ ଆଶା କେନ୍ଦ୍ର ନିର୍ମାଣ କରାଯାଉ, ଶିକ୍ଷାଗତ ଯୋଗ୍ୟତା ଆଧାରରେ ଆଶାକର୍ମୀଙ୍କୁ ତାଲିମ ଦେଇ ଏଏନ୍‌ଏମ୍ ପଦବିକୁ ପଦୋନ୍ନତି ପ୍ରଦାନ କରାଯାଉ, କାର୍ଯ୍ୟ ସମୟରେ ଦୁର୍ଘଟଣାରେ ଆଶା କର୍ମୀଙ୍କର ମୃତ୍ୟୁ ଘଟିଲେ ୧୦ଲକ୍ଷ ଟଙ୍କା ଓ ଶାରୀରିକ ଅକ୍ଷମ ହେଲେ ୫ଲକ୍ଷ ଟଙ୍କା ସହାୟତା ରାଶି ପ୍ରଦାନ କରାଯାଉ। ଆଶା କର୍ମୀ ସେବା ନିବୃତ୍ତ ହେଲେ ୧୦ଲକ୍ଷ ଟଙ୍କା ସହାୟତା ରାଶି ପ୍ରଦାନ କରାଯିବା ସହ ମାସିକ ୫ହଜାର ଭତ୍ତା ପ୍ରଦାନ କରାଯିବା ନେଇ ଦାବିପତ୍ରରେ ଉଲ୍ଲେଖ କରାଯାଇଛି। ଆଶା କର୍ମୀଙ୍କୁ ମାତୃତ୍ୱ ଲାଭ ସୁବିଧା, ପ୍ରସୂତିକାଳୀନ ଛୁଟି ଓ ଭତ୍ତା ପ୍ରଦାନ କରାଯିବାର ଯୋଜନା ପ୍ରସ୍ତୁତ କରାଯାଉ। ସୁଚାରୁରୂପେ କାର୍ଯ୍ୟ ପରିଚାଳନା ଓ ଡିଜିଟାଲ ସୁବିଧା ପାଇଁ ଆଶା କର୍ମୀଙ୍କୁ ଗୁଣବତ୍ତା ସମ୍ପନ୍ନ ୫ଜି ମୋବାଇଲ ଯୋଗାଇ ଦେବା ପାଇଁ ସଂଘ ଦାବିପତ୍ରରେ ଉଲ୍ଲେଖ କରାଯାଇଛି। ଓଡ଼ିଶା ରାଜ୍ୟ ଆଶାକର୍ମୀ ଜିଲା ସଭାନେତ୍ରୀ ପୁଷ୍ପଲତା ରାଉତ ଓ ସାଧାରଣ ସମ୍ପାଦିକା ସୁଷମାରାଣୀ ରାଉତଙ୍କ ନେତୃତ୍ୱରେ ଆଶା କର୍ମୀ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲା ପ୍ରଶାସନକୁ ଏକ ଦାବିପତ୍ର ପ୍ରଦାନ କରିଥିଲେ।

## ଜଳିବା ପୂର୍ବରୁ ଅଚଳ ହେବ କି ରାଜପଥ ଲାଇଟ୍

**କବାଟବନ୍ଧ, ୯ ।୭ (ସମିସ)**

କେବେ ଜଳିବ ଜାତୀୟ ରାଜପଥରେ ଲାଗିଥିବା ଲାଇଟ ନା ଜଳିବା ପୂର୍ବରୁ ଅଚଳ ହେବ ଏମିତି ଆଶଙ୍କାରେ ରହିଛନ୍ତି ଜନସାଧାରଣ। ଯାନବାହନ ଏବଂ ଲୋକଙ୍କ ସୁରକ୍ଷିତ ଯାତାୟାତ ଏବଂ ଗମନାଗମନକୁ ସୁଗମ କରିବା ପାଇଁ ଜାତୀୟ ରାଜପଥ ପ୍ରାଧିକରଣ କର୍ତ୍ତୃପକ୍ଷ ଆଲୋକୀକରଣ ବ୍ୟବସ୍ଥା କରିଥିଲେ ମଧ୍ୟ ଏହା କାର୍ଯ୍ୟକ୍ଷମ ହୋଇ ପାରୁନାହିଁ। ଅନ୍ଧାର ରାତିରେ ସୁରକ୍ଷିତ ଯାତ୍ରାକୁ ସୁନିଶ୍ଚିତ କରିବା ପାଇଁ ଏହି ବ୍ୟବସ୍ଥା ଉଦ୍ଦିଷ୍ଟ ରହିଥିବାବେଳେ ଅସୁରକ୍ଷିତ ଭାବେ ଲୋକଙ୍କ ଧନ ଜୀବନ ହାନି ହେବାରେ ଲାଗିଛି। ଚଣ୍ଡିଖୋଲ-ଡୁବୁରୀ ୫୩ ନମ୍ବର ଜାତୀୟ ରାଜପଥରେ ଏହି ଚିତ୍ର ଦେଖିବାକୁ ମିଳିଛି। ଜଳିବା ପୂର୍ବରୁ ଅଚଳ ହେବା ପରିସ୍ଥିତି ସୃଷ୍ଟି ହୋଇଛି। ଫଳରେ ଲକ୍ଷ ଲକ୍ଷ ଟଙ୍କା ବରବାଦ ହେବାରେ ଲାଗିଛି। ପ୍ରାୟ ୬ ମାସରୁ ଊର୍ଦ୍ଧ୍ୱ ସମୟ ଧରି ଚଣ୍ଡିଖୋଲ-ଡୁବୁରୀ ୫୩ ନମ୍ବର ଜାତୀୟ ରାଜପଥରେ ଆଲୋକୀକରଣ ପାଇଁ ପ୍ରତ୍ୟେକ ସ୍ଥାନରେ ଷ୍ଟ୍ରୀଟ ଲାଇଟ୍ ଲଗାଯାଇଛି। ଏହି ରାଜପଥ ସମ୍ପୂର୍ଣ୍ଣ ହୋଇଥିବା ଚଣ୍ଡିଖୋଲ କଲେଜ ଛକ, ଓଭର ବ୍ରିଜ, ଆରୁହା ଫ୍ଲାଏ ଓଭର ବ୍ରିଜ, ବରଡ଼ା ଛକ, ଚଢ଼େଇଧରା, ତାରିଣୀ ଛକ, ବାଲିସାହି, ବାଘୁଆ, ବଳରାମପୁର ଆଦି ସମସ୍ତ ଫ୍ଲାଏ ଓଭର ବ୍ରିଜର ଉଭୟ ପାର୍ଶ୍ୱର୍ରେ ଲାଇଟ ଲଗାଯାଇଛି। ଫଳରେ ଫ୍ଲାଏ ଓଭର ବ୍ରିଜର ଉଭୟ ପାର୍ଶ୍ୱର୍ରେ ରହିଥିବା ସର୍ଭିସ ରୋଡ୍ ଏବଂ ରାଜପଥ ଉପର ଆଲୋକିତ ହେବ। ଯାହା ଫଳରେ ରାତ୍ରି ସମୟରେ ଯାତାୟାତ ସୁଗମ ହେବା ସହିତ ଦୁର୍ଘଟଣା ହ୍ରାସ ପାଇବ। ରାତି ସମୟରେ ସାଧାରଣ ଭାବେ କମ ଦୃଶ୍ୟମାନ ହୋଇଥାଏ। ଫଳରେ ରାସ୍ତା ଉପରେ କୌଣସି ପଶୁ ଜନ୍ତୁ, ସାଇକେଲ ଚାଳକ, ପଦଯାତ୍ରୀ ବିପଦପୂର୍ଣ୍ଣ ଦୁର୍ଘଟଣାର ସମ୍ମୁଖୀନ ହୋଇଥାନ୍ତି। ଆଲୋକୀକରଣ ଫଳରେ ଏହି ସବୁ ଆଶଙ୍କା କମ ରହିବା ସହିତ ଏକ ସୁରକ୍ଷିତ ଯାତ୍ରା ଏବଂ ଦୁର୍ଘଟଣା ହ୍ରାସ ହୋଇଥାଏ। ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ କରାଯାଇ ଠିକା ସଂସ୍ଥା କେବଳ ଖୁଣ୍ଟ ପୋତି ଲାଇଟ ଝୁଲାଇ ଦେଇ କାମ ସାରି ଦେଇଛି। ଏଥି ମଧ୍ୟରୁ ଅନେକ ସ୍ଥାନରେ ଲାଇଟ ଜଳିବା ପୂର୍ବରୁ ଅଚଳ ହେବାର ଆଶଙ୍କା ସୃଷ୍ଟି ହୋଇଛି। କାଳ ବୈଶାଖୀ ତଥା ପ୍ରବଳ ବର୍ଷା ପବନରେ ଅନେକ ସ୍ଥାନରେ ଲାଇଟ ଖୁଣ୍ଟ ନଇଁ ପଡ଼ିଥିବା ଦେଖିବାକୁ ମିଳିଛି। ଜାତୀୟ ରାଜପଥ ପ୍ରାଧିକରଣ କର୍ତ୍ତୃପକ୍ଷ ଆଲୋକୀକରଣ ନାମରେ ଏକ ପ୍ରହସନ କରୁଥିବା ଜନସାଧାରଣ ଅଭିଯୋଗ କରୁଛନ୍ତି। କାରଣରୁ ବହୁ ସଂଖ୍ୟକ ଲାଇଟ ଅଚଳ କିମ୍ବା ପବନରେ ଭାଙ୍ଗି ଯାଏ ତେବେ ଏହାର ପୁନଃ ସ୍ଥାପନ କିମ୍ବା ଖରାପ ହେଲେ ମରାମତି ପାଇଁ ଅର୍ଥ ମଞ୍ଜୁର ହେବ। ତେବେ ଏମିତି ଲାଇଟ ନ ଜଳି କେତେ ଦିନ ପର୍ଯ୍ୟନ୍ତ ଖୁଣ୍ଟରେ ଝୁଲି ରହିବ



ଅନ୍ୟ ପକ୍ଷରେ ଏହି ଆଲୋକୀକରଣ ପାଇଁ ଠିକା ସଂସ୍ଥାକୁ ମାଲାମାଲ କରିବା ପାଇଁ ଏକ ମସୁଧା ହୋଇଥିବା ଚର୍ଚ୍ଚା ହେଉଛି। ଯଦି କୌଣସି ତାହା ସ୍ପଷ୍ଟ ହୋଇ ପାରୁନାହିଁ। ଜିଲ୍ଲା ପ୍ରଶାସନ ଏଥିପ୍ରତି ସ୍ୱତନ୍ତ୍ର ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହୋଇଛି।

## ଆହତଙ୍କୁ ଉଦ୍ଧାର କଲେ କ୍ୟାମେରାମ୍ୟାନ୍



ମାଲକାନଗିରି, ୯।୭(ସମିସ): ମାଲକାନଗିରି ସହର ତହସିଲ କାର୍ଯ୍ୟାଳୟ ସମ୍ମୁଖ ଦେଇ ଯାଇଥିବା ୩୨୬ ନମ୍ବର ଜାତୀୟ ରାଜପଥରେ ଟ୍ରକ୍ ଧକ୍କାରେ ଜଣେ ପଥଚାରୀ ଗୁରୁତର ଆହତ ହୋଇଥିଲେ। ଘଟଣା ଦେଖି ସେଠାରେ ଉପସ୍ଥିତ କିଛି ଭିଡିଓ ଜର୍ଣ୍ଣାଲିଷ୍ଟ ଓ କ୍ୟାମେରାମ୍ୟାନ ତୁରନ୍ତ ମାନବିକତାର ପରିଚୟ ଦେଇ ଆହତଙ୍କୁ ଏକ ଅଟୋ ଯୋଗେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ପହଞ୍ଚାଇଥିଲେ। ସେଠାରେ ପ୍ରାଥମିକ ଚିକିତ୍ସା ପରେ ଗୋଡ଼ରେ ଗୁରୁତର ଆଘାତ ଥିବାରୁ ତାଙ୍କୁ ଅଧିକ ଚିକିତ୍ସା ପାଇଁ କୋରାପୁଟକୁ ସ୍ଥାନାନ୍ତର କରାଯାଇଛି। ସମୟୋପଯୋଗୀ ସହାୟତା ଯୋଗୁଁ ଆହତଙ୍କ ଚିକିତ୍ସା ତୁରନ୍ତ ଆରମ୍ଭ ହୋଇପାରିଥିଲା। ସହାୟତାର ହାତ ବଢ଼ାଇଥିବା କ୍ୟାମେରାମ୍ୟାନ ଏମ୍. ଚନ୍ଦ୍ରା ରାଓ, ପ୍ରକାଶ ପଟ୍ଟନାୟକ, ରାମକୃଷ୍ଣ ଗୋଲୋରୀ, ବିକ୍ରମ ପାଢ଼ୀ, ସୁଶାନ୍ତ ସୁନା ଓ ପିଣ୍ଟୁଙ୍କର ଏହି ମାନବିକ ପଦକ୍ଷେପକୁ ସ୍ଥାନୀୟ ଅଞ୍ଚଳରେ ବେଶ୍ ପ୍ରଶଂସା କରାଯାଉଛି। ତେବେ ଆହତ ବ୍ୟକ୍ତିଙ୍କ ନାମ ଜଣା ପଡିନଥିବା ବେଳେ ସେ ବାହାର ଜିଲ୍ଲାରୁ ଆସି ଏଠାରେ ଘିଅ ବିକ୍ରି କରୁଥିଲେ ବୋଲି ସୂଚନା ମିଳିଛି।

## ପିଏମ୍‌ଶ୍ରୀ ପରିଚାଳନା କମିଟର ପିଟିଏ ବୈଠକ

ରାମନାଗୁଡ଼ା, ୯।୭(ସମିସ): ରାୟଗଡା ଜିଲ୍ଲା ରାମନାଗୁଡ଼ା ବ୍ଲକ ଅନ୍ତର୍ଗତ ପିଏମଶ୍ରୀ ସରକାରୀ ଉଚ୍ଚ ବିଦ୍ୟାଳୟ କୁଜେନ୍ଦ୍ରିର, ନୂତନ ବିଦ୍ୟାଳୟ ପରିଚାଳନା ସମିତି ଗଠନ କରିବା ନିମନ୍ତେ ଏକ ପିଟିଏ ବୈଠକ ଅନୁଷ୍ଠିତ ହୋଇଥିଲା। ଉକ୍ତ ବୈଠକରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଗୋପୀନାଥ ନାୟକଙ୍କ ଆହ୍ୱାନ କ୍ରମେ ପୂର୍ବତନ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ସଂଜୀବ କୁମାର ଗାଣ୍ଡାଏଥିରେ ଅଧକ୍ଷତା କରିଥିଲେ। ସରକାରଙ୍କ ପ୍ରଦତ୍ତ ନିୟମ ଅନୁଯାୟୀ



ସଞ୍ଜୀବ କୁମାର ଗାଣ୍ଡାଙ୍କୁ ଏସଏମସି ସଭାପତି ଏବଂ ତନୁଜା ଶବରଙ୍କୁ ଉପ ସଭାପତି ଭାବରେ ସଦସ୍ୟ ସଦସ୍ୟା ମାନଙ୍କ ସାମୁହିକ ସମର୍ଥନରେ ମନୋନୀତ କରାଯାଇଥିଲା। ଦୁଇଟି ସବ୍ କମିଟି, ବିଦ୍ୟାଳୟ କୋଠା ଓ ଏକାଡେମିକ କମିଟି ମଧ୍ୟ ଗଠିତ ହୋଇଥିଲା। ଉକ୍ତ ପିଟିଏ ବୈଠକକୁ ସୁଚାରୁ ରୁପେ ପରିଚାଳନା କରିବା ପାଇଁ ବିଦ୍ୟାଳୟର ସମସ୍ତ କର୍ମଚାରୀ ଓ ଶିକ୍ଷକ ଶିକ୍ଷୟତ୍ରୀ ସର୍ବଶ୍ରୀ ରାଜେନ୍ଦ୍ର ର।ଙ୍ଗୁଲି, କଟେଶ୍ୱର ବେହେରା, ସୁନୀଲ କୁମାର ଜେନା, ତୁଫାନ କୁମାର ପଣ୍ଡା. ଜୀତେନ୍ଦ୍ର କୁମାର ସାହୁ, ସୋନ୍ତୋଷ କୁମାର ତୁଳ, ମନୋଜ କୁସୁଲିୟା, ଶିକ୍ଷୟିତ୍ରୀ ନନ୍ଦିନୀ ଶବର, ମନୋରମା ଗିରୀ ଓ ସୁଚିତ୍ରା ଗୋମାଙ୍ଗଙ୍କ ସମେତ ବିଦ୍ୟାଳୟର ସମସ୍ତ କର୍ମଚାରୀଙ୍କ ସହଯୋଗରେ ବୈଠକ ସମ୍ପନ୍ନ ହୋଇଥିଲା।

## ମାଲକାନଗିରି ସରକାରୀ ପଲିଟେକ୍ନିକରେ ବନ ମହୋତ୍ସବ




ମାଲକାନଗିରି, ୯।୭(ସମିସ): ମାଲକାନଗିରି ସରକାରୀ ପଲିଟେକ୍ନିକ ପରିସରରେ "ଏକ ପେଡ଼ ମାଁ କେ ନାମ' ଅଭିଯାନ ଅନ୍ତର୍ଗତ ବନ ମହୋତ୍ସବ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ସପ୍ତାହବ୍ୟାପୀ ପରିବେଶ ସୁରକ୍ଷା ଅଭିଯାନର ସଫଳ ସମାପନ ଅବସରରେ ଏକ ସ୍ୱାଗତ ସଭାର ଆୟୋଜନ କରାଯିବା ସହ କଲେଜ ପରିସରରେ ୧୦୦ ଚାରା ରୋପଣ କରାଯାଇଛି। ଏହି ସବୁଜ ଅଭିଯାନରେ ଅନୁଷ୍ଠାନର ଅଧକ୍ଷା ଶର୍ମିଳା ଶବର ଏବଂ ପୂର୍ବତନ ଅଧକ୍ଷ ପ୍ରୀତିରଞ୍ଜନ ପ୍ରିୟଦର୍ଶୀ ପାତ୍ର ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମର ସଫଳ ପରିଚାଳନା କରିଥିଲେ। ଅନୁଷ୍ଠାନର ସେକ୍ସନ ଅଫିସରମାନସ ରଞ୍ଜନ ରାଉତଙ୍କ ସମେତ ବହୁ ବିଶିଷ୍ଟ ଅତିଥି ଏହି କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ। ଅତିଥି ଭାବେ ସିଡିଏମଓ ଡାକ୍ତର ଏମ୍‌ଡ ଆବଦିଦ ହୁସେନ, ବିଏସଏଫ ଡେପୁଟି କମାଣ୍ଡାଣ୍ଟ ରବିଶଙ୍କର ମିଶ୍ର, ସହକାରୀ ବନ ସଂରକ୍ଷକ ମୁନସୁନ ଖେମୁଣ୍ଡୁ ଓ ହେମନ୍ତ ନାୟକ, ମାଲକାନଗିରି ମହାବିଦ୍ୟାଳୟ ବାଣିଜ୍ୟ ବିଭାଗ ମୁଖ୍ୟ ଡକ୍ଟର ରଞ୍ଜନ କୁମାର ସ୍ୱାଇଁ, ରେଞ୍ଜ ଅଫିସର ରମେଶ ଚନ୍ଦ୍ର ରାଉତ ଏବଂ ପ୍ରଧାନଶିକ୍ଷକ ସୁକାନ୍ତ ସାହୁ ପ୍ରମୁଖ ଯୋଗଦେଇ ନିଜ ନିଜ ମାଆଙ୍କ ନାମରେ ଗୋଟିଏ ଗୋଟିଏ ଚାରା ରୋପଣ କରିବା ସହ ସମାଜକୁ ସବୁଜିମାର ବାର୍ତ୍ତା ଦେଇଥିଲେ।

### ଚାଷ ସମୟରେ ବିଦ୍ୟୁତ ସଂଯୋଗ ନାହିଁ

# ୪ ଏକର ଜମି ପଡ଼ିଆ, ଚାଷୀଙ୍କ ଅସନ୍ତୋଷ

ରାୟଗଡ, ୯।୭(ସମିସ): ରାୟଗଡ ଜିଲ୍ଲା କୋଲନରା ବ୍ଲକ ସୁରି ପଞ୍ଚାୟତ ଅନ୍ତର୍ଗତ ମନିସିଂ ଗ୍ରାମରେ ବିଦ୍ୟୁତ ବିଭାଗର ଅବହେଳା ଯୋଗୁଁ ଚାଷ କାର୍ଯ୍ୟ ଗୁରୁତର ଭାବେ ପ୍ରଭାବିତ ହୋଇଥିବା ଅଭିଯୋଗ ହୋଇଛି। ଟ୍ରାନ୍ସଫର୍ମର ମିଟରରେ ସିଲ୍ ଲାଗି ରହିଥିବାରୁ ବିଦ୍ୟୁତ ସଂଯୋଗ ବନ୍ଦ ହୋଇଯାଇଛି। ଫଳରେ ଜଳସେଚନ ପାଣି ମିଳୁନଥିବାରୁ ୪ ଏକରରୁ ଅଧିକ ଚାଷ ଜମି ପଡ଼ିଆ ପଡ଼ିରହିଛି। ବର୍ଷା ପାଣି ଉପରେ ନିର୍ଭର କରି ମାତ୍ର ପ୍ରାୟ ୧ ଏକର ଜମିରେ ଚାଷ ହୋଇଥିବା ବେଳେ ଅବଶିଷ୍ଟ ଜମି ପଡିଆ ଅବସ୍ଥାରେ ରହିଛି। ଚାଷୀମାନଙ୍କ କହିବା ଅନୁଯାୟୀ, ଗତ ବର୍ଷ ବିଦ୍ୟୁତ ବିଭାଗର ପରାମର୍ଶ କ୍ରମେ ୧୯୧୨ ସେବା କେନ୍ଦ୍ରକୁ ଅଭିଯୋଗ କରାଯାଇଥିଲା। ଅଭିଯୋଗ ପରେ ବିଦ୍ୟୁତ ବିଲ୍ ବନ୍ଦ କରାଯାଇଥିଲେ ମଧ୍ୟ ସମସ୍ୟାର ସ୍ଥାୟୀ ସମାଧାନ ପାଇଁ କୌଣସି କର୍ମଚାରୀ ଆସିନଥିଲେ। ଚଳିତ ବର୍ଷ ପୁଣି ଚାରିଥର ୧୯୧୨ରେ ଅଭିଯୋଗ କରାଯାଇଥିଲେ ମଧ୍ୟ ଦୁଇ ମାସ ବିତିଯାଇଥିଲେ ସୁଦ୍ଧା କୌଣସି ପଦକ୍ଷେପ ନିଆଯାଇନାହିଁ। ଏପରିକି ଏସ୍‌ଡିଓ, ଜେଇ ଓ ଲାଇନ୍‌ମ୍ୟାନଙ୍କୁ ବାରମ୍ବାର ଫୋନ୍ କରିବା ସହ କାର୍ଯ୍ୟାଳୟକୁ ଯାଇ ଜଣାଇଥିଲେ ମଧ୍ୟ ଚାଷୀମାନେ କେବଳ ପ୍ରତିଶ୍ରୁତି ପାଉଛନ୍ତି, କାର୍ଯ୍ୟ ହେଉନାହିଁ ବୋଲି ଅଭିଯୋଗ କରିଛନ୍ତି। ଗ୍ରାମରେ ଥିବା ଟ୍ରାନ୍ସଫର୍ମରର ରକ୍ଷଣାବେକ୍ଷଣ ଅଭାବ ଏବଂ ବିଦ୍ୟୁତ ସଂଯୋଗ ସମସ୍ୟା ଯୋଗୁଁ ଜଳସେଚନ ବ୍ୟବସ୍ଥା ସମ୍ପୂର୍ଣ୍ଣ ଭାବେ



ବ୍ୟାହତ ହୋଇଛି। କେବଳ ମନିସିଂ ନୁହେଁ, ନିକଟସ୍ଥ ଲିଫ୍ଟ ଜଳସେଚନ ପ୍ରକଳ୍ପରେ ମଧ୍ୟ ସମାନ ପରିସ୍ଥିତି ଦେଖାଦେଇଛି। ଏହି ପ୍ରକଳ୍ପ ମାଧ୍ୟମରେ ପ୍ରାୟ ୫୦ ଏକର ଜମିରେ ଚାଷ ହେଉଥିବା ବେଳେ ବର୍ତ୍ତମାନ ବିଦ୍ୟୁତ ସମସ୍ୟା ଯୋଗୁଁ ସେଠାରେ ମଧ୍ୟ ଚାଷ ପ୍ରଭାବିତ ହେଉଛି। ଚାଷୀମାନଙ୍କ ଅଭିଯୋଗ ଯେ, ବିଦ୍ୟୁତ ବିଭାଗ ସମୟରେ ବିଲ୍ ଆଦାୟ କରିବାରେ ସକ୍ରିୟ ଥିଲେ ମଧ୍ୟ ତ୍ରୁଟି ସୁଧାର, ଟ୍ରାନ୍ସଫର୍ମର ରକ୍ଷଣାବେକ୍ଷଣ ଓ ଚାଷୀଙ୍କ ସମସ୍ୟା ସମାଧାନରେ ଘୋର ଅବହେଳା କରୁଛି। ଚାଷ ସମୟରେ ଏଭଳି ଅବ୍ୟବସ୍ଥା ଯୋଗୁଁ ସରକାରଙ୍କ କୃଷି ପ୍ରୋତ୍ସାହନ ଯୋଜନାର ବାସ୍ତବ ଉଦ୍ଦେଶ୍ୟ ବିଫଳ ହେଉଥିବା ସହ ଚାଷୀମାନଙ୍କ ମଧ୍ୟରେ ଅସନ୍ତୋଷ ବଢ଼ିବାରେ ଲାଗିଛି। ଏହି ସମସ୍ୟାର ସ୍ଥାୟୀ ସମାଧାନ ପାଇଁ ଜିଲ୍ଲାପାଳ, ଟିପି ସାଉଥକୋର ନିର୍ବାହୀ ଯନ୍ତ୍ରୀ, ଏସ୍‌ଡିଓ ଓ ସମ୍ପୃକ୍ତ ବିଦ୍ୟୁତ ଅଧିକାରୀମାନେ ତୁରନ୍ତ ଘଟଣାସ୍ଥଳ ପରିଦର୍ଶନ କରି ଟ୍ରାନ୍ସଫର୍ମରର ତ୍ରୁଟି ସୁଧାରିବା, ବିଦ୍ୟୁତ ସଂଯୋଗ ସ୍ୱାଭାବିକ କରିବା ଓ ଲିଫ୍ଟ ଜଳସେଚନ ପ୍ରକଳ୍ପକୁ ତୁରନ୍ତ କାର୍ଯ୍ୟକ୍ଷମ କରିବାକୁ ଚାଷୀମାନେ ଦାବି କରିଛନ୍ତି। ଏଥିସହ ଗ୍ରାମାଞ୍ଚଳର ସମସ୍ତ କୃଷି ଟ୍ରାନ୍ସଫର୍ମରର ନିୟମିତ ରକ୍ଷଣାବେକ୍ଷଣ, ୧୯୧୨ରେ ଆସୁଥିବା ଅଭିଯୋଗର ନିର୍ଦ୍ଧାରିତ ସମୟ ମଧ୍ୟରେ ସମାଧାନ ଏବଂ ଚାଷ ଋତୁରେ ସ୍ୱତନ୍ତ୍ର ଜରୁରୀକାଳୀନ ବିଦ୍ୟୁତ ସେବା ଆରମ୍ଭ କରିବାକୁ ମଧ୍ୟ ଦାବି ଉଠିଛି। ଏନେଇ ଚାଷୀ ମାନସ ରଞ୍ଜନ ମିଶ୍ର, କିଶୋର ଚନ୍ଦ୍ର ମିଶ୍ର, ରମେଶ ମିଶ୍ର ଏବଂ ପୂର୍ବତନ ସରପଞ୍ଚ ଗଙ୍ଗାଧର ହିକକା ଶୀଘ୍ର ସମାଧାନ ପାଇଁ ଜିଲ୍ଲା ପ୍ରଶାସନଙ୍କ ହସ୍ତକ୍ଷେପ ଲୋଡ଼ିଛନ୍ତି।

## ନବନିର୍ମିତ ରଥର ତଦାରଖ କଲେ ବିଧାୟକ



ଜୟପୁର, ୯।୭(ସମିସ): କୋରାପୁଟ ଜିଲ୍ଲା ଜୟପୁର ସହରର ରଥଯାତ୍ରା ପାଇଁ ନୂତନ ରଥ ନିର୍ମାଣ କରାଯାଇଛି। ଜୟପୁର ବିଧାୟକ ତାରା ପ୍ରସାଦ ବାହିନୀପତି ଘଟଣାସ୍ଥଳରେ ପହଞ୍ଚି ରଥ ନିର୍ମାଣ କାର୍ଯ୍ୟ ତଦାରଖ କରିଥିଲେ। ଏହିପରି ରଥନିର୍ମାଣ ମୁଖ୍ୟ କାରିଗର ସନ୍ତୋଷ ମହାରଣାଙ୍କ ସହିତ ଆଲୋଚନା କରିଥିଲେ। ଆସନ୍ତା ୧୨ କିମ୍ବା ୧୩ ତାରିଖ ସୁଦ୍ଧା ରଥ ସମ୍ପୂର୍ଣ୍ଣ କରାଯାଇ ଆୟୋଜକ ଦେବତ୍ତୋର ବିଭାଗକୁ ହସ୍ତାନ୍ତର କରାଯିବ ବୋଲି ବିଧାୟକ ଶ୍ରୀ ବାହିନୀପତି ପ୍ରକାଶ କରିଛନ୍ତି। ନୂତନ ରଥ ଯାଞ୍ଚ ବେଳେ ଦେବତ୍ତୋର ଅଧିକାରୀ ତଥା ତହସିଲଦାର ସବ୍ୟସାଚି ଜେନା, ଦେବତ୍ତୋର ଉପଦେଷ୍ଟା କମିଟିର ସଭାପତି ଦେବେନ୍ଦ୍ର ବାହିନୀପତି, ଗବେଷକ ଡ. ପରେଶ ରଥ ଏବଂ ଦେବେତ୍ତୋର କର୍ମଚାରୀ କାଳୀପ୍ରସାଦ ଦାଶ, ସିଦ୍ଧେଶ୍ୱର ଦାସ, ଶୁଭମ ମିଶ୍ର, ପ୍ରମୁଖ ଉପସ୍ଥିତ ଥିଲେ। ପ୍ରକାଶଯେ, ନୂତନ ରଥ ପାଇଁ ଆବଶ୍ୟକ ପ୍ରାୟ ୨୪ଟି ଶାଳ ଗଛ ଗୁଡିକ ରାମଗିରି ଜଙ୍ଗଲରୁ କଟାଯାଇ କାଠ ଗୁଡିକ ବନ ବିଭାଗ ପକ୍ଷରୁ ଜୟପୁର ଦେବତ୍ତୋର ବିଭାଗକୁ ହସ୍ତାନ୍ତର କରାଯାଇଥିଲା। ଏଥିରୁ ପୂର୍ବରୁ ୩୪ ଫୁଟ ରଥକୁ ବୃଦ୍ଧି କରାଯାଇ ନୂତନ ରଥ ୪୨ ଫୁଟ, ଓସାର ୨୪ ଫୁଟରୁ ୨୮ ଫୁଟ ଏବଂ ୮ ଟି ଚକା ପ୍ରତ୍ୟେକ ପୂର୍ବରୁ ୪ଫୁଟ ବଦଳରେ ସାଢେ ୬ ଫୁଟର ନିର୍ମାଣ କରାଯାଇଛି। ଏହିପରି ପୁରୀ ରଥ ଭଳିଆ ନିର୍ମାଣ କରାଯାଇଛି ବୋଲି ବିଧାୟକ ଶ୍ରୀ ବାହିନୀପତି ପ୍ରକାଶ କରିଛନ୍ତି। ଏହିପରି ଚଳିତ ବର୍ଷ ନୂତନ ରଥରେ ନୂତନ ଭାବେ ପିତ୍ତଳରେ ନିର୍ମିତ ୬ ଫୁଟ ଉଚ୍ଚତା ତଥା ୨୬ କିଲୋ ଓଜନର ମୁଦ ଓ ନୀଳଚକ୍ର ରଥ ଚୂଳରେ ସଂଯୋଗ କରାଯିବ। ଏହି ନୀଳଚକ୍ରର ପ୍ରତିଷ୍ଠା ଆସନ୍ତା ନେତ୍ର ଉତ୍ସବରେ କରାଯିବ ବୋଲି ଧାର୍ଯ୍ୟ କରାଯାଇଛି।

## ରେଳ ବ୍ରିଜରୁ ଯୁବତୀଙ୍କୁ ଉଦ୍ଧାର କଲେ ଦୁଇ ଯୁବକ

ରାୟଗଡ, ୯।୭(ସମିସ): ରାୟଗଡ ସହରରେ ଦୁଇ ଯୁବକଙ୍କ ଉପସ୍ଥିତ ବୁଦ୍ଧି ଓ ସାହସିକ ପଦକ୍ଷେପ ଯୋଗୁଁ ଜଣେ ଯୁବତୀଙ୍କ ଜୀବନ ରକ୍ଷା ପାଇଥିବା ଘଟଣା ସହରରେ ଚର୍ଚ୍ଚାର ବିଷୟ ପାଲଟିଛି। ସୂଚନା ଅନୁସାରେ, ଗୁରୁବାର ସନ୍ଧ୍ୟାରେ ମା' ମଝିଘରିଆଣୀ ମନ୍ଦିର ନିକଟସ୍ଥ ରେଳ ବ୍ରିଜ ଅଞ୍ଚଳରେ ଜଣେ ଯୁବତୀଙ୍କ ଆଚରଣ ଦେଖି ସେହି ରାସ୍ତା ଦେଇ ଯାଉଥିବା ଦୁଇ ଯୁବକଙ୍କ ସନ୍ଦେହ ସୃଷ୍ଟି ହୋଇଥିଲା। ସେମାନେ ତୁରନ୍ତ ଯୁବତୀଙ୍କ ସହ କଥାବାର୍ତ୍ତା କରି ପରିସ୍ଥିତି ବୁଝିବା ସହ ତାଙ୍କୁ ସୁରକ୍ଷିତ ରଖିବା ପାଇଁ ପ୍ରୟାସ କରିଥିଲେ। ଏଥିସହ ସେଠାରେ ଥିବା ଅନ୍ୟ କିଛି ଲୋକଙ୍କ ସହଯୋଗ ମଧ୍ୟ ଲୋଡ଼ିଥିଲେ। ପରେ ଜଣେ ଯୁବକ ସାହସିକତାର ସହ ଯୁବତୀଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରିଥିଲେ। ଖବର ପାଇ ରାୟଗଡ଼ା ପୁଲିସ ଘଟଣାସ୍ଥଳରେ ପହଞ୍ଚି ଯୁବତୀଙ୍କୁ ଥାନାକୁ ନେଇ ପରବର୍ତ୍ତୀ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିଥିଲା। ପାରିବାରିକ କାରଣରୁ ଯୁବତୀ ମାନସିକ ଚାପରେ ଥିବା କୁହାଯାଉଛି।

## ଜିଲ୍ଲାସ୍ତରୀୟ ଦିଶା ବୈଠକ

ନବରଙ୍ଗପୁର, ୯।୭(ସମିସ): ଜିଲ୍ଲାରେ କେନ୍ଦ୍ର ସରକାରଙ୍କ ବିଭିନ୍ନ ଫ୍ଲାଗସିପ୍ ଯୋଜନା ଏବଂ ରାଜ୍ୟ ସରକାରଙ୍କ ବିକାଶମୂଳକ କାର୍ଯ୍ୟକ୍ରମର ଅଗ୍ରଗତିର ସମୀକ୍ଷା ଏବଂ ଯୋଜନାଗୁଡ଼ିକର ସଫଳ କାର୍ଯ୍ୟାନ୍ୱୟନ ସୁନିଶ୍ଚିତ କରିବା ଉଦ୍ଦେଶ୍ୟରେ ଆଜି ଜିଲ୍ଲା ମିଶନ ଶକ୍ତି ସମ୍ମିଳନୀ କକ୍ଷରେ ଜିଲ୍ଲାସ୍ତରୀୟ ଦିଶା କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। ନବରଙ୍ଗପୁର ସାଂସଦ ବଳଭଦ୍ର ମାଝୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ କେନ୍ଦ୍ର ପ୍ରାୟୋଜିତ ବିଭିନ୍ନ ଯୋଜନା ଜିଲ୍ଲାର ବିକାଶମୂଳକ ପ୍ରକଳ୍ପ, ଚାଲୁଥିବା ଭିତ୍ତିଭୂମି ନିର୍ମାଣ କାର୍ଯ୍ୟ, ଲୋକ କଲ୍ୟାଣ ମୂଳକ ଯୋଜନାର କାର୍ଯ୍ୟାନ୍ୱୟନ ସ୍ଥିତି ଓ ଅସମ୍ପୂର୍ଣ୍ଣ କାର୍ଯ୍ୟ ଗୁଡ଼ିକର ଅଗ୍ରଗତି ଉପରେ ବିଭାଗ ଭିତ୍ତିକ ସମୀକ୍ଷା କରାଯାଇଥିଲା। ବୈଠକରେ ଓଡ଼ିଶା ସରକାରଙ୍କ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ, ନବରଙ୍ଗପୁର ବିଧାୟକ ତଥା ଜିଲ୍ଲା ଯୋଜନା ବୋର୍ଡ ଅଧକ୍ଷ ଗୌରୀଶଙ୍କର ମାଝୀ, ଡାବୁଗାଁ ବିଧାୟକ ମନୋହର ରନ୍ଧାରୀ, ଝରିଗାଁ ବିଧାୟକ ନରସିଂହ ଭତ୍ରା, ନବରଙ୍ଗପୁର ପୌର ପରିଷଦ ଅଧକ୍ଷ କୁନୁ ନାୟକ, ଜିଲ୍ଲାପାଳ ଡା. ମହେଶ୍ୱର ସ୍ୱାଇଁ, ମୁଖ୍ୟ ଉନ୍ନୟନ ଅଧିକାରୀ-ତଥା-ନିର୍ବାହୀ ଅଧିକାରୀ ଶ୍ରୀ ବିରଞ୍ଚି ନାରାୟଣ ଦର୍ବାନ, ଉପଜିଲ୍ଲାପାଳ ପ୍ରକାଶ ଚନ୍ଦ୍ର ମିଶ୍ରଙ୍କ ସମେତ ଜିଲ୍ଲାର ସମସ୍ତ ବିଭାଗୀୟ ଜିଲ୍ଲାସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ। ପ୍ରାରମ୍ଭରେ ଜିଲ୍ଲାପାଳ ଡା. ମହେଶ୍ୱର ସ୍ୱାଇଁ ଅତିଥିମାନଙ୍କୁ ସ୍ୱାଗତ ଜଣାଇ ବୈଠକର ଉଦ୍ଦେଶ୍ୟ ସମ୍ପର୍କରେ ସୂଚନା ଦେଇଥିଲେ। ସାଂସଦ ବଳଭଦ୍ର ମାଝୀ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଜନକଲ୍ୟାଣମୂଳକ ଯୋଜନା ସମ୍ପର୍କରେ କହିଥିଲେ। ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଜିଲ୍ଲାର ଗୋଦାବରୀଶ ବିଦ୍ୟାଳୟର ସାମଗ୍ରିକ ବିକାଶ, ଆଧୁନିକ ଭିତ୍ତିଭୂମିର ବିକାଶ ଏବଂ ଉନ୍ନତ ଶିକ୍ଷା ପରିବେଶ ସୃଷ୍ଟି ପାଇଁ ଆବଶ୍ୟକ ପଦକ୍ଷେପ



ଗ୍ରହଣ କରିବାକୁ ସମ୍ପୃକ୍ତ ବିଭାଗକୁ ପରାମର୍ଶ ଦେଇଥିଲେ। ଜିଲ୍ଲାପାଳ ଡା. ମହେଶ୍ୱର ସ୍ୱାଇଁ ସମସ୍ତ ବିଭାଗୀୟ ଅଧିକାରୀଙ୍କୁ ନିୟମିତ କ୍ଷେତ୍ର ପରିଦର୍ଶନ କରି କାର୍ଯ୍ୟର ଗୁଣାୟକ ମାନ ସୁନିଶ୍ଚିତ କରିବା, ହିତାଧିକାରୀଙ୍କ ସମସ୍ୟାର ତ୍ୱରିତ ସମାଧାନ କରିବା ଏବଂ ସମସ୍ତ ଯୋଜନାର ନିର୍ଦ୍ଧାରିତ ଲକ୍ଷ୍ୟ ସମୟ ମଧ୍ୟରେ ପୂରଣ କରିବା ପାଇଁ ନିଷ୍ଠାର ସହ କାର୍ଯ୍ୟ କରିବାକୁ ନିର୍ଦ୍ଦେଶ ଦେଇଥିଲେ।

## ଜାତୀୟ ରାଜପଥରେ ନିମ୍ନମାନର ଗାର୍ଡୱାଲ ନିର୍ମାଣ ଅଭିଯୋଗ



ବୈପାରୀଗୁଡା, ୯।୭ (ସମିସ): ଜାତୟ ରାଜପଥରେ ନିମ୍ନମାନର ଗାର୍ଡୱାଲ ନିର୍ମାଣ ଅଭିଯୋଗ ହୋଇଛି। ଏହାର ତଦନ୍ତ ଦାବିକଲେ ଅଞ୍ଚଳବାସୀ। ରାଞ୍ଚି ବିଜୟୱାଡ଼ା ୩୨୬ ନମ୍ବର ଜାତୀୟ ରାଜପଥ ତଥା ବୈପାରୀଗୁଡା ବ୍ଲକ ଅନ୍ତର୍ଗତ ମହୁଲି ଗାଁ ବାଲିଝଡି ପୋଲ ନିକଟରେ ଗାଡ଼୍ୱାଲ ତଥା ସୁରକ୍ଷା ପାଚେରୀ ନିର୍ମାଣ ନିମ୍ନମାନର ଅଭିଯୋଗ ଆଣିଛନ୍ତି ଅଞ୍ଚଳବାସୀ। ଗତ ବର୍ଷ ଲଗାଣ ବର୍ଷାରେ ଏହି ପୋଲ ନିକଟରେ ମାଟି ଦବିଯାଇଥିବା ବେଳେ ନାହିଁ ନ ଥିବା ଅସୁବିଧା ସମ୍ମୁଖୀନ ହେବାକୁ ପଡୁଥିଲା । ଜରୁରୀ କାଳୀନ ପରିସ୍ଥିତିକୁ ନଜର ରଖି ସ୍ଥାନୀୟ ମହୁଲି ସମିତି ସଭ୍ୟ ଭକ୍ତରମ ହରିଜନ ନିଜ ଖର୍ଚ୍ଚରେ ଗ୍ରାମବାସୀଙ୍କୁ ନେଇ ମାଟି ଢାଳି ଥିଲେ। କିନ୍ତୁ ବର୍ଷେ ବିତିଲା ତଥାପି ପ୍ରଶାସନିକ ସ୍ତରରେ ମରାମତି ହେଲାନାହିଁ । ଠିକ ବର୍ଷା ପୂର୍ବରୁ ଏବେ ତରବରିଆ ଭାବେ ସମ୍ପୃକ୍ତ ବିଭାଗୀୟ ଅଧିକାରୀ ଗାର୍ଡୱାଲ ନିର୍ମାଣ କରାଉଛନ୍ତି । ଏହି ଜାତୀୟ ରାଜପଥ ଦେଇ ପ୍ରତିଦିନ ଶହ ଶହ ଯାନବାହାନ ଯାତାୟତ ହେଉଛି । ହେଲେ ନିମ୍ନ ମାନର କାମକୁ ନେଇ ଅଞ୍ଚଳବାସୀ ଅସନ୍ତୋଷ ପ୍ରକାଶ କରିଛନ୍ତ। ଗାର୍ଡୱାଲ ନିର୍ମାଣରେ ଦୁର୍ନୀତି ଅଭିଯୋଗ ଆଣିଛନ୍ତି। ଏହି କାମରେ ନାବାଳିକାଙ୍କୁ ନିୟୋଜନ କରାଯାଇଥିବା ସ୍ଥାନୀୟ ଆଇନଜୀବୀ ବିଶ୍ୱଜିତ ନାୟକ, ପୂର୍ବତନ ସରପଞ୍ଚ ଧାନସଇ ପରଜା, ସମିତି ସଭ୍ୟ ଭକ୍ତରମ ହରିଜନ ଏବଂ ଗ୍ରାମବାସୀ ଅଭିଯୋଗ କରିଛନ୍ତି । ସମ୍ପୃକ୍ତ ବିଭାଗୀୟ ଅଧିକାରୀ କହିଛନ୍ତି ନିଜେ ତଦନ୍ତ କରିବେ ଏବଂ ଆବଶ୍ୟକ ହେଲେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ।

## ବିଭିନ୍ନ ଦାବି ନେଇ ଆଶା କର୍ମୀଙ୍କ ବିକ୍ଷୋଭ



କୋରାପୁଟ ,୯।୭(ସମିସ): ଓଡ଼ିଶା ରାଜ୍ୟ ଆଶା କର୍ମୀ ସଂଘର ନିଷ୍ପତି କ୍ରମେ ଜିଲ୍ଲା ଶାଖା ପକ୍ଷରୁ ଗୁରୁବାର କୋରାପୁଟ ଠାରେ ଏକ ବିଶାଳ ବିକ୍ଷୋଭ ସମାବେଶ କରାଯାଇ ପ୍ରଧାନମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀଙ୍କ ଉଦେଶ୍ୟରେ ୯ ଦଫା ଦାବିପତ୍ରକୁ ଜିଲ୍ଲାପାଳଙ୍କ ଜରିଆରେ ପ୍ରଦାନ କରାଯାଇଛି। କୋରାପୁଟ ଜିଲା ଆଶାକର୍ମୀ ସଂଘର ସମ୍ପାଦିକା ଭବାନୀ ପୂଜାରୀଙ୍କ ନେତୃତ୍ୱରେ ଜିଲ୍ଲାର ୧୪ ଟି ବ୍ଲକ ଅଞ୍ଚଳରୁ ହଜାରରୁ ଅଧିକ ଆଶାକର୍ମୀ ବିଶାଳ ଶୋଭାଯାତ୍ରାରେ ସହର ପରିକ୍ରମା କରି ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚି ସେଠାରେ ବିକ୍ଷୋଭ ସମାବେଶ କରି ଦାବି ଉପସ୍ଥାପନ କରିଥିଲେ। ଏଥିରେ ସଙ୍ଘର ସମସ୍ତ ବ୍ଲକର ସଭାନେତ୍ରୀ ଓ ଜିଲା ଭାରତୀୟ ମଜଦୁର ସଂଘର କର୍ମକର୍ତା ସାମିଲ ଥିଲେ।

## ଅଟୋ ଓ ବାଇକ୍ ମୁହାଁମୁହିଁ ଧକ୍କା, ୯ ଗୁରୁତର

ପାପଡାହାଣ୍ଡି, ୯।୭(ସମିସ): ନବରଙ୍ଗପୁର ଜିଲ୍ଲା ପାପଡାହାଣ୍ଡି ବ୍ଲକ ତୁମ୍ବ୍ଲା ଗ୍ରାମପଞ୍ଚାୟତ ଅନ୍ତର୍ଗତ ବାବାଜୀଗୁଡା ଜଙ୍ଗଲ ନିକଟରେ ଠାରେ ଅଟୋ ଓ ବାଇକ ମଧ୍ୟରେ ମୁହାଁମୁହିଁ ଧକ୍କାରେ ୯ ଜଣ ଗୁରୁତର ହୋଇଛନ୍ତି। ସମସ୍ତ ଗୁରୁତରଙ୍କୁ ପାପଡାହାଣ୍ଡି ଗୋଷ୍ଠୀ ସ୍ୱାସ୍ଥକେନ୍ଦ୍ରରେ ଭର୍ତ୍ତି କରାଯାଇଛି। ସୂଚନା ଅନୁଯାୟୀ ପାପଡାହାଣ୍ଡି ବ୍ଲକ ସିରସୀ ଗ୍ରାମପଞ୍ଚାୟତ ଅନ୍ତର୍ଗତ ପାଲପୁର ଗ୍ରାମର ୮ଜଣ ମହିଳା ସରିତା ହରିଜନ, ତୁଳଶା ହରିଜନ, ସଞ୍ଜୁ ହରିଜନ, ମିନତୀ ହରିଜନ , ହୀରାମଣି ହରିଜନ,କମଳା ଭତରା, ରୁନି ହରିଜନ, ରାମା ହରିଜନ, ଏକ ଅଟୋ ଯୋଗେ ସେମଲା ଗ୍ରାମକୁ ଧାନ ରୁଆ କରିବାକୁ ଯାଇଥିଲେ। ଧାନ ରୁଆ କାମ ସାରି ସନ୍ଧ୍ୟା ୫ ଘଣ୍ଟା ସମୟରେ ନିଜ ଘରକୁ ଫେରୁଥିଲେ। ଏହି ସମୟରେ ପାପଡାହାଣ୍ଡି ବ୍ଲକ ଚନ୍ଦ୍ରପୁର ଗ୍ରାମପଞ୍ଚାୟତ କାନ୍ଦ୍ରାଗୁଡା ଗ୍ରାମର ବାମଦେବ ମାଝୀ ଗୋଡ଼ିଆଗୁଡା ଗ୍ରାମରୁ ନିଜ ଘରକୁ ଫେରିବା ସମୟରେ ବାବାଜୀଗୁଡା ଜଙ୍ଗଲ ନିକଟରେ ଅଟୋ ସହ ମୁହାଁମୁହିଁ ଧକ୍କା ହୋଇଥିଲା. ଏଥିରେ ବାଇକ ଚାଳକ ରାସ୍ତା କଡ଼ରେ ଛିଟିକି ପଡିଥିଲେ ଓ ଅଟୋ ପାଲଟି ହୋଇ ପଡିଥିଲା। ଗ୍ରାମବାସୀ ସମସ୍ତ ଗୁରୁତରଙ୍କୁ ଉଦ୍ଧାର କରି ଏକ ବୋଲେରୋ ଯୋଗେ ପାପଡାହାଣ୍ଡି ଗୋଷ୍ଠୀ ସ୍ୱାସ୍ଥକେନ୍ଦ୍ର ଠାରେ ଭର୍ତ୍ତି କରିଥିଲେ। ପ୍ରାଥମିକ ଚିକିତ୍ସା ପରେ ସମସ୍ତଙ୍କୁ ଉନ୍ନତ ଚିକିତ୍ସା ସକାଶେ ନବରଙ୍ଗପୁର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ପୁଲିସ ମେଡିକାଲ ପହଞ୍ଚି ତଦନ୍ତ ଆରମ୍ଭ କରିଛି।

## ଚାରାରୋପଣ କାର୍ଯ୍ୟକ୍ରମ



କୋଟପାଡ଼, ୯।୭ (ସମିସ): ପରିବେଶ କମିଟି କୋଟପାଡ଼ ତରଫରୁ ପ୍ରତିବର୍ଷ ଭଳି ଚଳିତ ବର୍ଷ ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଚାନ୍ଦିଲି ପଞ୍ଚାୟତର ଆମ୍ବଗାଁ ଜଙ୍ଗଲର କଡରେ ସ୍ଥାନୀୟ ବନ ବିଭାଗର ବନପାଳ ଗୋବିନ୍ଦ କୁମାର ନାୟକ, ବନ କ୍ଷେତ୍ରପାଳ ସୁଦାମ ଶତପଥୀ, ଶଶାଙ୍କ କୁମାର ମହାରଣା, ଶ୍ରୀନିବାସ ରାଓ, ଗୁପ୍ତେଶ୍ୱର ରାଉତ, ପବିତ୍ର ପାଣିଗ୍ରାହୀଙ୍କ ସହିତ ଅନ୍ୟ ଅଧିକାରୀ ଯାଗ ଦେଇଥିଲେ। ସମିତିର ହେମନ୍ତ କୁମାର ପାତ୍ର, ପ୍ରଦୀପ କୁମାର ରଥ, ସରୋଜ କୁମାର ପଟ୍ଟନାୟକ, ପ୍ରଶାନ୍ତ କୁମାର ସାହୁ, ପଦ୍ମନ୍ ପ୍ରଧାନ, କୁଞ୍ଜ ବିହାରୀ ବୈଦ୍ୟ ପଟ୍ଟନାୟକ, ଅଚ୍ୟୁତାନନ୍ଦ ବକ୍ସି, ଶଶୀଭୂଷଣ ସାହୁ ପ୍ରମୁଖ ଯୋଗ ଦେବା ସହିତ ଅପହଞ୍ଚ ଜାଗାରେ ମଞ୍ଜିକୁ ମାଟି କନ୍ଦୁକ କରି ବାଟୁଳି ସାହାଯ୍ୟରେ ପକାଇବା, ଆମ୍ବ, ପଣସ, ତେନ୍ତୁଳି, ଆହୁରି ଅନେକ ବିଭିନ୍ନ କିସମର ମଞ୍ଜିକୁ ଜଙ୍ଗଲରେ ଖାଲିଥିବା ସ୍ଥାନ ତଥା ଜଙ୍ଗଲ ଭିତରକୁ ମଧ୍ୟ ପ୍ରବେଶ କରି ବିଭିନ୍ନ ଜାଗାରେ ପକେଇଥିଲେ। ଏହା ସହ ବିଭିନ୍ନ ଚାରା ମଧ୍ୟ ରୋପଣ କରିଥିଲେ।

### ହୋଇପାରୁନି ବର୍ଷା ଜଳ ନିଷ୍କାସନ

# ଆଣ୍ଠୁଏ ପାଣିରେ ବିଦ୍ୟାଳୟ ଯାଉଛନ୍ତି ଛାତ୍ରଛାତ୍ରୀ

ରାୟଗଡ, ୯।୭(ସମିସ): ରାୟଗଡ ଜିଲ୍ଲା ସଦର ବ୍ଲକ ଡାଙ୍ଗଲୋଡ଼ି ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ପେନିକଣା ଗ୍ରାମସ୍ଥିତ କଲ୍ୟାଣ ବିଭାଗ ପରିଚାଳିତ ସରକାରୀ ଉଚ୍ଚ ବିଦ୍ୟାଳୟରେ ବର୍ଷା ଜଳ ନିଷ୍କାସନ ବ୍ୟବସ୍ଥାର ଅଭାବ ଯୋଗୁଁ ଛାତ୍ରଛାତ୍ରୀମାନେ ଆଣ୍ଠୁଏ ପାଣିରେ ବିଦ୍ୟାଳୟକୁ ଯାତାୟାତ କରୁଥିବା ଦେଖିବାକୁ ମିଳିଛି। ଗୁରୁବାର ଅପରାହ୍ନରେ ପେନିକଣା ଅଞ୍ଚଳରେ ଦୀର୍ଘ ସମୟ ଧରି ବର୍ଷା ହେବା ପରେ ସମଗ୍ର ବିଦ୍ୟାଳୟ ପରିସରରେ ପାଣି ଜମି ରହିଥିଲା। ଫଳରେ ବିଦ୍ୟାଳୟ ଛୁଟି ପରେ ଛାତ୍ରଛାତ୍ରୀମାନେ ବାଧ୍ୟ ହୋଇ ଆଣ୍ଠୁଏ ପାଣି ମଧ୍ୟଦେଇ ଯିବାଆସିବା କରୁଥିଲେ। ବିଦ୍ୟାଳୟଟି ଜଙ୍ଗଲ ଓ ପାହାଡ଼ିଆ ଅଞ୍ଚଳରେ ଥିବାରୁ ବର୍ଷା ପାଣିରେ ସାପ ଓ ଅନ୍ୟାନ୍ୟ ବିଷାକ୍ତ ସରୀସୃପ ପ୍ରବେଶ କରିବାର ଆଶଙ୍କା ରହିଛି। ଏଭଳି ପରିସ୍ଥିତିରେ ଛୋଟ ଛୋଟ ଛାତ୍ରଛାତ୍ରୀଙ୍କ ଜୀବନ ପ୍ରତି ମଧ୍ୟ ବିପଦ ସୃଷ୍ଟି ହୋଇପାରେ ବୋଲି ଅଭିଭାବକମାନେ ଚିନ୍ତା ପ୍ରକାଶ କରିଛନ୍ତି। ସ୍ଥାନୀୟ ଲୋକଙ୍କ ଅଭିଯୋଗ ଯେ, ପ୍ରତିବର୍ଷ ବର୍ଷା ଋତୁରେ ଏଭଳି ସମସ୍ୟା ଦେଖାଦେଉଥିଲେ ମଧ୍ୟ ବିଦ୍ୟାଳୟ କର୍ତ୍ତୃପକ୍ଷ ଓ ସମ୍ପୃକ୍ତ ବିଭାଗ ପକ୍ଷରୁ ସ୍ଥାୟୀ ବର୍ଷା ଜଳ ନିଷ୍କାସନ ବ୍ୟବସ୍ଥା କରାଯାଉ ନାହିଁ। ଛାତ୍ରଛାତ୍ରୀଙ୍କ ସୁରକ୍ଷା ଓ ସୁବିଧା ସୁନିଶ୍ଚିତ କରିବା ବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ପ୍ରାଥମିକ ଦାୟିତ୍ୱ ହୋଇଥିବା ବେଳେ ଏଭଳି ମୌଳିକ ସମସ୍ୟା ପ୍ରତି ସମୟୋପଯୋଗୀ ପଦକ୍ଷେପ ନ ନେବା ପ୍ରଶାସନିକ ଅବହେଳାକୁ ପଦାରେ ପକାଉଛି ବୋଲି ସେମାନେ କହିଛନ୍ତି। ତୁରନ୍ତ ବିଦ୍ୟାଳୟ ପରିସରରେ ସ୍ଥାୟୀ ଡ୍ରେନ୍ ନିର୍ମାଣ, ଜମି ରହୁଥିବା ପାଣିର ନିଷ୍କାସନ, ପରିସରର ସଫେଇ ଏବଂ



ଛାତ୍ରଛାତ୍ରୀଙ୍କ ସୁରକ୍ଷା ପାଇଁ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ଅଭିଭାବକ ଓ ସ୍ଥାନୀୟ ବାସିନ୍ଦାମାନେ କଲ୍ୟାଣ ବିଭାଗ ଓ ଜିଲ୍ଲା ପ୍ରଶାସନଙ୍କ ନିକଟରେ ଦାବି କରିଛନ୍ତି।

## ଅବସରପ୍ରାପ୍ତ ସେକ୍ସନ ଅଫିସରଙ୍କ ପରଲୋକ



ନବରଙ୍ଗପୁର, ୯।୭(ସମିସ): ନବରଙ୍ଗପୁର ଜିଲ୍ଲାର ଜଣେ ବିଶିଷ୍ଟ ଜିଲ୍ଲା ସାମ୍ବାଦିକଙ୍କ ଭାଇ ତଥା ଜିଲ୍ଲାପାଳଙ୍କ କାଯ୍ୟାଳୟର ଅବସରପ୍ରାପ୍ତ ସେକ୍ସନ ଅଫିସର ସୁନୀଲ ପଟ୍ଟନାୟକ ଇହଧାମ ତ୍ୟାଗ କରିଛନ୍ତି। ବିଶାଖାପାଟନାର ଏକ ଘରେଇ ହସ୍ପିଟାଲରେ ଚିକିତ୍ସାଧୀନ ଅବସ୍ଥାରେ ସେ ଶେଷ ନିଶ୍ୱାସ ତ୍ୟାଗ କରିଛନ୍ତି। ଏହି ଖବର ପ୍ରସାରିତ ହେବା ବିଭିନ୍ନ ମହଲରେ ଶୋକର ଛାୟା ଖେଳିଯାଇଛି।

## ଅଞ୍ଚଳବାସୀଙ୍କ ଦୀର୍ଘଦିନର ସମସ୍ୟା ସମାଧାନ କଲେ ବିଧାୟକ

ନୀଳଗିରି, ୯।୭ (ସମିସ): ଏକ ରାସ୍ତା ନିର୍ମାଣ ସମସ୍ୟା ବର୍ଷ ବର୍ଷ ଧରି ପଡ଼ିଥିବା ବେଳେ ଗୁରୁବାର ଦିନ ନୀଳଗିରି ବିଧାୟକ ସନ୍ତୋଷ ଖଟୁଆ ସ୍ଥାନୀୟ ପ୍ରଶାସନ ଓ ପୁଲିସ ସହାୟତାରେ ସମସ୍ୟାର ସମାଧାନ କରିବା ଅଞ୍ଚଳରେ ଅଞ୍ଚଳବାସୀ ବେଶ୍ ଖୁସି ଥିବା ବେଳେ ବିଧାୟକଙ୍କୁ ସାଧୁବାଦ୍ ଜଣାଇଛନ୍ତି। ନୀଳଗିରି ବ୍ଲକର ଗରଡ଼ିହି ପଞ୍ଚାୟତ ଅନ୍ତର୍ଗତ ତେଲିପାଳରୁ ଇସାନେଣ୍ଡି ପର୍ଯ୍ୟନ୍ତ ଆର୍.ଡି. ରାସ୍ତାର ଦୀର୍ଘବର୍ଷ ଧରି ବାଦ ବିବାଦ ମଧ୍ୟରେ ଅଟକି ରହିଥିଲା। ଶେଷରେ ନୀଳଗିରି ବିଧାୟକ ସନ୍ତୋଷ ଖଟୁଆ ଏହାର ସମାଧାନ କରିଛନ୍ତି। ଏହି ରାସ୍ତା ନିର୍ମାଣ ହେବା ଫଳରେ ହଜାର ହଜାର ଲୋକ ଉପକୃତ ହେବେ ବୋଲି ପ୍ରକାଶ କରିଛନ୍ତି।

## ବର୍ଦ୍ଧିତ ଭତ୍ତାରୁ ବଞ୍ଚିତ ମାଧବ



ଜଳେଶ୍ୱର ବ୍ଲକ, ୯।୭ (ସମିସ): ଜଳେଶ୍ୱର ବ୍ଲକ ଖୁଦିଆମାଝୀସାହି ପଞ୍ଚାୟତ ମୁଣ୍ଡୁଣିଆ ଗ୍ରାମର ମାଧବ ଚନ୍ଦ୍ର ପରିଡ଼ା ଆଜକୁ ୧୪ ବର୍ଷ ହେବ ପକ୍ଷାଘାତ ରୋଗରେ ପୀଡ଼ିତ। ତାଙ୍କର ୫୭ ବର୍ଷର ରୋଗୀଣା ସ୍ତ୍ରୀ ଆରତୀ ପରିଡ଼ାଙ୍କ ସହିତ ଏକ ପୁତ୍ର ରହିଛନ୍ତି। ପୁଅ ଜଳେଶ୍ୱର ସହରରେ ଏକ ଘରୋଇ ସଂସ୍ଥାରେ କାମ କରି ସ୍ୱଳ୍ପ ଟଙ୍କା ପାଇ ପରିବାର ପ୍ରତିପୋଷଣ କରୁଛନ୍ତି। ପକ୍ଷାଘାତ ପୀଡ଼ିତ ବାପାଙ୍କର ଔଷଧ ଖର୍ଚ୍ଚ ବାବଦରେ ମାସକୁ ୫୦୦୦ ଟଙ୍କାରୁ ଖର୍ଚ୍ଚ ହେଉଥିବା ବେଳେ ସରକାରଙ୍କ ପକ୍ଷରୁ ପାଉଥିବା ୧୨ଶହ ଟଙ୍କା ଭତ୍ତା ତାଙ୍କ ପାଇ ନିଅଣ୍ଟ। ପୁଅ ମିହିରଙ୍କ କହିବା ଅନୁଯାୟୀ ବାପା ମାଧବ ପରିଡ଼ାଙ୍କ ୮୫ ପ୍ରତିଶତ ବିକଳାଙ୍ଗ ପ୍ରମାଣ ପତ୍ର ଥାଇ ମଧ୍ୟ ବର୍ଦ୍ଧିତ ଭତ୍ତା ପାଇଁ ଆଜକୁ ପ୍ରାୟ ୧ ବର୍ଷ ହେଲା ଆବେଦନ କରି ବାରମ୍ବାର ବ୍ଲକ ବାରଣ୍ଡା ଦୌଡି ଦୌଡି ନୟାନ୍ତ ହେବାକୁ ବସିଲେଣି କିନ୍ତୁ ଏଯାବତ୍ ବର୍ଦ୍ଧିତ ୩୫୦୦ ଟଙ୍କା ଭତ୍ତା ପାଇପାରୁ ନାହାନ୍ତି। ଏ ନେଇ ଜଳେଶ୍ୱର ସାମାଜିକ ସୁରକ୍ଷା ବିଭାଗର ଭାରପ୍ରାପ୍ତ ଅଧିକାରୀ ସଜତ ଅନୁପମଙ୍କୁ ପଚାରିବାରେ ଖୁବ୍‌ଶୀଘ୍ର ମାଧବଙ୍କ ବର୍ଦ୍ଧିତ ଭତ୍ତା ପାଇଁ ଜିଲ୍ଲାକୁ ପଠାଇବୁ ବୋଲି କହିଛନ୍ତି।

**ଲିଙ୍ଗ ନିରୂପଣ ସହ ଭ୍ରୂଣ ହତ୍ୟା ଅଭିଯୋଗ**

## ମହାପାତ୍ର ହେଲ୍‌ଥ କେୟାର ଏବଂ ନର୍ସିଂହୋମ୍‌କୁ ସିଲ୍‌କଲା ଜିଲ୍ଲା ପ୍ରଶାସନ






- ଜିଲ୍ଲାପାଳ ଓ ଉପଜିଲ୍ଲାପାଳଙ୍କ ଚଢ଼ଉ
- କାଗଜପତ୍ର, ମେସିନ ସହ ଆପତ୍ତିଜନକ ସାମଗ୍ରୀ ଜବତ
- ନର୍ସିଂହୋମ୍ ମାଲିକ ଓ ମ୍ୟାନେଜର ଅଟକ
- ମୋହରା ସାଜିଥିଲେ ଆଶାକର୍ମୀ

ବାଲେଶ୍ୱର, ୯।୭ (ସମିସ)

ବାଲେଶ୍ୱର ଜିଲ୍ଲା ସୋର ଥାନା ସୋର ବଡ଼ଖୁରୀ ଛକସ୍ଥିତ ମହାପାତ୍ର ହେଲଥ କେୟାର ଏବଂ ମହାପାତ୍ର ନର୍ସିଂ ହୋମରେ ବେଆଇନ ଲିଙ୍ଗ ନିରୂପଣ ଏବଂ ଗର୍ଭ ନଷ୍ଟ କରାଯାଉଥିବା ଏବଂ ଏମିତି କି ଗର୍ଭ ନଷ୍ଟ ବେଳର ଅନେକ ଫଟୋ ଭିଡ଼ିଓ ସହ ବାଲେଶ୍ୱର ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ ହୋଇଥିଲା। ବାଲେଶ୍ୱର ଜିଲ୍ଲାପାଳ ସୂର୍ଯ୍ୟବଂଶୀ ମୟୁର ବିକାଶ ଘଟଣା ଅତ୍ୟନ୍ତ ସମ୍ବେଦନଶୀଳ ଥିବାରୁ ଅବିଳମ୍ବେ ଉପ ଜିଲ୍ଲାପାଳ ଶିବ ମାଲବ୍ୟ, ସୋର ତହସିଲଦାର କୃଷ୍ଣ ମୋହନ ସିଂ, ବାହାନଗା ତହସଲଦାର ଅମ୍ବିକା ଭୂୟାଁ, ସୋର ଥାନା ଭାରପ୍ରାପ୍ତ ଆଇଆଇସି ଦେବରାଜ ଜେନା, ମେଡିକାଲ କର୍ତ୍ତୃପକ୍ଷଙ୍କୁ ନେଇ ଏକ ଟିମ୍ ଗଠନ କରିଥିଲେ ବାଲେଶ୍ୱର ଜିଲ୍ଲାପାଳ। ପରେ ଆଜି ମଧ୍ୟାହ୍ନ ସମୟରେ ଉଭୟ ଜିଲ୍ଲାପାଳ ଏବଂ ଉପ ଜିଲ୍ଲାପାଳ ମିଳିତ ଭାବେ ଗଠିତ ଭାବେ ଟିମ୍‌କୁ ନେଇ ସୋର ମହାପାତ୍ର ହେଲଥ କେୟାର ଏବଂ ମହାପାତ୍ର ନର୍ସିଂହୋମ ଉପରେ ଅତର୍କିତ ଚଢ଼ଉ କରିଥିଲେ। ଚଢ଼ଉ ସମୟରେ ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ ହୋଇଥିବା ଫଟୋ ଏବଂ ବର୍ତ୍ତମାନର ପାରିପାର୍ଶ୍ୱିକ ଅବସ୍ଥା ସହ ମେଳ ଖାଇବାରୁ ଅଭିଯୋଗର ସତ୍ୟତା ଥିବାର ଜଣା ପଡ଼ିଥିଲା। ଏମିତିକି ସେଠାରେ ହେଉଥିବା ଅଲଟ୍ରାସାଉଣ୍ଡ ବିଭିନ୍ନ ସରକାରୀ ମେଡିକାଲର ବିନା ତାଲିମପ୍ରାପ୍ତ ଡାକ୍ତର ରୋଗୀଙ୍କର ଅଲଟ୍ରାସାଉଣ୍ଡ କରୁଥିବାର ପ୍ରମାଣ ମିଳିଥିଲା। ଏଠାରେ ଲିଙ୍ଗ ନିରୂପଣ, ଗର୍ଭ ନଷ୍ଟ ସହ ଅନ୍ୟାନ୍ୟ ଅପରେସନ ହେଉଥିବା ନେଇ ହୋଇଥିବା ଅଭିଯୋଗ ପରେ ଏକ ନିର୍ଦ୍ଦିଷ୍ଟ ମେସିନକୁ ନେଇ ସନ୍ଦେହ ସୃଷ୍ଟି ହୋଇଥିଲା। ଉଭୟ ମହାପାତ୍ର ହେଲଥ କେୟାର ଏବଂ ମହାପାତ୍ର ନର୍ସିଂ ହୋମ ଚଳାଉଥିବା ସତ୍ୟ ରଞ୍ଜନ ମହାପାତ୍ରଙ୍କ ଶିକ୍ଷାଗତ ଯୋଗ୍ୟତା ଏମଏସି ନର୍ସିଂ କରିଥିବା ବେଳେ ସେ କୌଣସି ଡାକ୍ତର ନୁହନ୍ତି, ହେଲେ ସେ ବିଭିନ୍ନ ବେଆଇନ କାର୍ଯ୍ୟରେ ଲିପ୍ତ ଥିବା ବେଳେ ସେ ରୋଗୀ ଦେଖିବା ସହ ଅପରେସନ ଭଳି କାର୍ଯ୍ୟ କରୁଥିଲେ। ଏହି କାର୍ଯ୍ୟ କରିବା ପାଇଁ ଅଳ୍ପ କିଛି ଟଙ୍କା ପାଇଁ ମୋହରା ସାଜିଥିଲେ ଆଶାକର୍ମୀ। ଆଶା କର୍ମୀ ମାନେ ସେଠାକୁ ରୋଗୀଙ୍କୁ ପଠାଇ କମିଶନ ପାଉଥିବାରୁ ମଧ୍ୟ ଜଣା ପଡ଼ିଥିଲା। ଯାହାର ରେଜିଷ୍ଟର ଖାତାକୁ ମଧ୍ୟ ଜବତ କରିଥିଲେ ଜିଲ୍ଲାପାଳ। ମୋଟା ଅଙ୍କର ଟଙ୍କା ନେଇ ଏହି ନର୍ସିଂହୋମ ବେଆଇନ କାର୍ଯ୍ୟ ଚଳାଉ ଥିବାର ପ୍ରମାଣ ମିଳିଥିବା ବେଳେ ଅନେକ ସରକାରୀ ଡାକ୍ତର ଏବଂ ସରକାରୀ କର୍ମଚାରୀ ସମ୍ପୃକ୍ତି ଥିବାର ପ୍ରମାଣ ପାଇଥିଲା ଟିମ୍। ଏମିତି କି ଆଜି ଚଢ଼ାଉ ସମୟରେ ନର୍ସିଂ ହୋମରେ ଚିକିତ୍ସିତ ଥିବା ରୋଗୀଙ୍କୁ ସୋର ସରକାରୀ ମେଡିକାଲକୁ ୧୦୮ ଯୋଗେ ଚିକିତ୍ସା ପାଇଁ ସ୍ଥାନାନ୍ତରିତ କରାଯାଇଥିବା ଜଣାପଡ଼ିଛି। ପରେ ମେଡ଼ିକାଲର ସମସ୍ତ କାଗଜପତ୍ର ସହ ମେସିନ ଆଦିକୁ ଜବତ କରାଯାଇଥିବା ବେଳେ ଉଭୟ ହେଲଥ କେୟାର ଏବଂ ନର୍ସିଂ ହୋମକୁ ପ୍ରଶାସନ ସିଲ୍ କରିଦେଇଛି। ଏହି ଘଟଣାରେ ଜିଲ୍ଲାପାଳଙ୍କ ନିର୍ଦ୍ଦେଶ କ୍ରମେ ମହାପାତ୍ର ନର୍ସିଂ ହୋମ ଏବଂ ହେଲଥ କେୟାରର ମୁଖ୍ୟ ସତ୍ୟ ରଞ୍ଜନ ମହାପାତ୍ର ଏବଂ ମ୍ୟାନେଜରଙ୍କୁ ପୁଲିସ ହେପାଜତରେ ଅଟକ ରଖା ଯାଇଥିବା ଜଣା ପଡ଼ିଛି। ଏ ଦିଗରେ ଅଧିକ ତଦନ୍ତ ଚାଲିଥିବା ନେଇ ଜିଲ୍ଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶ ପ୍ରକାଶ କରିଛନ୍ତି।

## ସପ୍ତାହେ ବିତିଲା; ୧୫ ମତ୍ସ୍ୟଜୀବୀଙ୍କ ମିଳୁନି ସନ୍ଧାନ







- ନିଖୋଜଙ୍କ ମଧ୍ୟରେ ଭୋଗରାଇର ଏକ ପରିବାରର ୩ ଭାଇ
- ପଶ୍ଚିମବଙ୍ଗ ସରକାରଙ୍କ ତତ୍ପରତା ବୃଦ୍ଧି

ବାଲେଶ୍ୱର(ଉତ୍ତର)/ଚନ୍ଦନେଶ୍ୱର, ୯।୭ (ସମିସ): ପଶ୍ଚିମବଙ୍ଗର ପ୍ରମୁଖ ମତ୍ସ୍ୟ ଅବତରଣ କେନ୍ଦ୍ର ଶଙ୍କରପୁରରୁ ସମୁଦ୍ରକୁ ମାଛ ଧରିବାକୁ ଯାଇଥିବା ଏକ ଟ୍ରଲର ସହ ୧୫ ଜଣ ମତ୍ସ୍ୟଜୀବୀଙ୍କର ଗତ ଏକ ସପ୍ତାହ ଧରି କୌଣସି ସନ୍ଧାନ ମିଳୁନଥିବା ଘଟଣା ସମଗ୍ର ଉପକୂଳ ଅଞ୍ଚଳରେ ଗଭୀର ଉଦ୍‌ବେଗ ସୃଷ୍ଟି କରିଛି। ନିଖୋଜଙ୍କ ମଧ୍ୟରେ ଓଡ଼ିଶାର ବାଲେଶ୍ୱର ଜିଲ୍ଲା ଭୋଗରାଇ ବ୍ଲକ ଉଲୁଡା ଗ୍ରାମର ଏକ ପରିବାରର ତିନି ଭାଇ ଥିବାରୁ ସେମାନଙ୍କ ପରିବାର ଓ ଗାଁରେ ଚିନ୍ତା ଓ ଶୋକର ଛାୟା ଖେଳିଯାଇଛି। ଏ ନେଇ ଆଜି ଭୋଗରାଇ ବିଧାୟକ ଗୌତମବୁଦ୍ଧ ଦାସ ଇ-ମେଲ ତଥା ଟୁଇଟ୍ ଜରିଆରେ ମୁଖ୍ୟମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିବା ସହ ଗଭୀର ସମୁଦ୍ରରେ ନିଖୋଜ ମତ୍ସ୍ୟଜୀବୀଙ୍କ ସନ୍ଧାନ ତଥା ଉଦ୍ଧାର ପାଇଁ ସର୍ଚ୍ଚ ଅପରେସନରେ ତୁରନ୍ତ ଏନଡିଆରଏଫ କିମ୍ବା ଓଡ୍ରାଫ ଏବଂ ହେଲିକପ୍ଟର ମୁତୟନ କରିବାକୁ ଦାବି କରିଛନ୍ତି। ଅପରପକ୍ଷରେ ଘଟଣାର ଗୁରୁତ୍ୱକୁ ଦୃଷ୍ଟିରେ ରଖି ପଶ୍ଚିମବଙ୍ଗ ସରକାର ତତ୍ପରତା ପ୍ରକାଶ କରିଛନ୍ତି। ରାଜ୍ୟର ମତ୍ସ୍ୟ ବିଭାଗ ମନ୍ତ୍ରୀ ରାଜେଶ ମହାତୋ ସ୍ୱୟଂ ଶଙ୍କରପୁରରେ ପହଞ୍ଚି ସ୍ଥିତିର ସମୀକ୍ଷା କରିବା ସହ ଉଦ୍ଧାର ଅଭିଯାନକୁ ତ୍ୱରାନ୍ୱିତ କରିବାକୁ ସମ୍ପୃକ୍ତ ବିଭାଗଗୁଡ଼ିକୁ ନିର୍ଦ୍ଦେଶ ଦେଇଛନ୍ତି। ଗୁରୁବାର ସାରାଦିନ ସମୁଦ୍ରରେ ବ୍ୟାପକ ଖୋଜାଖୋଜି ଚାଲିଥିଲେ ମଧ୍ୟ ଖବର ଲେଖାହେବା ପର୍ଯ୍ୟନ୍ତ ଟ୍ରଲର କିମ୍ବା ମତ୍ସ୍ୟଜୀବୀଙ୍କର କୌଣସି ସନ୍ଧାନ ମିଳିନଥିଲା।

ସୂଚନା ଅନୁଯାୟୀ, ଗତ ୨ ଜୁଲାଇ ଗୁରୁବାର 'ଜୟ ମା କାଳୀ' ନାମକ ଏକ ମାଛଧରା ଟ୍ରଲର ଇଲିଶି ମାଛ ଧରିବା ଉଦ୍ଦେଶ୍ୟରେ ଶଙ୍କରପୁର ମତ୍ସ୍ୟ ଅବତରଣ କେନ୍ଦ୍ରରୁ ସମୁଦ୍ରକୁ ଯାତ୍ରା କରିଥିଲା। ଟ୍ରଲରଟି ଦେଉଳୀ ବାଂଲା ଅଞ୍ଚଳର ଅଭିଜିତ ବେରାଙ୍କ ମାଲିକାନାଧୀନ ହୋଇଥିବାବେଳେ ସେଥିରେ ୧୫ ଜଣ ମତ୍ସ୍ୟଜୀବୀ ଇଲିଶି ଧରିବା ପାଇଁ ସମୁଦ୍ରକୁ ଯାଇଥିଲେ। କିନ୍ତୁ ଏକ ସପ୍ତାହ ବିତିଯାଇଥିଲେ ମଧ୍ୟ ଟ୍ରଲର କିମ୍ବା ସେଥିରେ ଥିବା ମତ୍ସ୍ୟଜୀବୀଙ୍କ ସହ କୌଣସି ଯୋଗାଯୋଗ ସମ୍ଭବ ହୋଇପାରିନାହିଁ। ନିଖୋଜ ମତ୍ସ୍ୟଜୀବୀଙ୍କ ମଧ୍ୟରେ ବାଲେଶ୍ୱର ଜିଲ୍ଲା ଭୋଗରାଇ ବ୍ଲକ ଉଲୁଡା ଗ୍ରାମର ଜଗନ୍ନାଥ ମାଝୀ, ଜୟରାମ ମାଝୀ ଓ ରବୀନ୍ଦ୍ର ମାଝୀ ନାମକ ତିନି ଭାଇ ଥିବା ଜଣାପଡ଼ିଛି। ତିନି ପୁଅଙ୍କ ସନ୍ଧାନ ନମିଳିବାରୁ ପରିବାର ଲୋକ ଭାଙ୍ଗିପଡ଼ିଛନ୍ତି। ସେମାନେ ଓଡ଼ିଶା ଓ ପଶ୍ଚିମବଙ୍ଗ ସରକାରଙ୍କୁ ତୁରନ୍ତ ସମନ୍ୱିତ ଉଦ୍ଧାର ଅଭିଯାନ ଚଳାଇ ସେମାନଙ୍କ ସନ୍ଧାନ କରିବାକୁ ନିବେଦନ କରିଛନ୍ତି। ଶଙ୍କରପୁର ମତ୍ସ୍ୟଜୀବୀ ସଂଘର ସମ୍ପାଦକ ତଥା ପୂର୍ବତନ ବିଧାୟକ ସ୍ୱଦେଶ ରଞ୍ଜନ ନାୟକ ମଧ୍ୟ ପ୍ରଶାସନକୁ ତୁରନ୍ତ ଉଦ୍ଧାର ଓ ତଦନ୍ତ କାର୍ଯ୍ୟକୁ ଆହୁରି ଜୋରଦାର କରିବାକୁ ଅନୁରୋଧ କରିଛନ୍ତି। ଗୁରୁବାର ମତ୍ସ୍ୟମନ୍ତ୍ରୀଙ୍କ ସହ ରାମନଗର ବିଧାୟକ ଡ. ଚନ୍ଦ୍ରଶେଖର ମଣ୍ଡଳ, ପୂର୍ବ ମେଦିନୀପୁର ଜିଲ୍ଲାପାଳ ଏବଂ ବିଭିନ୍ନ ପ୍ରଶାସନିକ ଅଧିକାରୀ ଶଙ୍କରପୁରରେ ପହଞ୍ଚି ଉଦ୍ଧାର କାର୍ଯ୍ୟର ସମୀକ୍ଷା କରିଥିଲେ। ସମୁଦ୍ରରେ ବ୍ୟାପକ ତଲାସି ଅଭିଯାନ ସତ୍ତ୍ୱେ ଏପର୍ଯ୍ୟନ୍ତ କୌଣସି ସଫଳତା ମିଳିନଥିବାରୁ ନିଖୋଜ ମତ୍ସ୍ୟଜୀବୀଙ୍କ ପରିବାର ଓ ସ୍ଥାନୀୟ ମତ୍ସ୍ୟଜୀବୀ ସମ୍ପ୍ରଦାୟ ମଧ୍ୟରେ ଉଦବେଗ ଆହୁରି ବଢ଼ିଚାଲିଛି। ଏବେ ସମସ୍ତଙ୍କ ନଜର ଚାଲିଥିବା ଉଦ୍ଧାର ଅଭିଯାନ ଉପରେ ରହିଛି। ନିଖୋଜ ମତ୍ସ୍ୟଜୀବୀମାନଙ୍କ ସୁରକ୍ଷିତ ପ୍ରତ୍ୟାବର୍ତ୍ତନ ପାଇଁ ପରିବାର ସଦସ୍ୟଙ୍କ ସହ ସମଗ୍ର ଉପକୂଳ ଅଞ୍ଚଳର ଲୋକମାନେ ପ୍ରାର୍ଥନା କରୁଛନ୍ତି। ପଡ଼ୋଶୀ ପଶ୍ଚିମବଙ୍ଗର ଦୀଘା ନିକଟବର୍ତ୍ତୀ ଶଙ୍କରପୁର ଜେଟିରୁ ଏକ ଟ୍ରଲରରେ ମାଛ ଧରିବାକୁ ଗଭୀର ସମୁଦ୍ରକୁ ଯାଇଥିବା ୧୫ ମତ୍ସ୍ୟଜୀବୀ ଗତ ୪ ତାରିଖରୁ ନିଖୋଜ ଅଛନ୍ତି। ନିଖୋଜ ଏହି ୧୫ ଜଣଙ୍କ ମଧ୍ୟରେ ଆମ ଭୋଗରାଇର ଉଲୁଡ଼ା ଗାଁର ମଧୁସୂଦନ ମାଝୀଙ୍କ ତିନି ପୁଅ ରବୀନ୍ଦ୍ର ମାଝୀ, ଜଗନ୍ନାଥ ମାଝୀ ଓ ଜୟରାମ ମାଝୀ ମଧ୍ୟ ରହିଛନ୍ତି। ଏହାକୁ ନେଇ ତାଙ୍କ ପରିବାର ଗଭୀର ମନସ୍ତାପ ଓ ନାନା ଆଶଙ୍କା ମଧ୍ୟରେ ଅଛନ୍ତି।

**● ମୃତ୍ୟୁ ପ୍ରମାଣପତ୍ର ଡଙ୍କକତା କରି ଜାଲ୍ ଶ୍ରମ କାର୍ଡ ଜରିଆରେ ସହାୟତା ହାତେଇବା ଘଟଣା**

## ସନ୍ଦେହ ଘେରରେ ଏଏନ୍‌ଏମ୍, ଅଙ୍ଗନବାଡ଼ି ଓ ଆଶାକର୍ମୀ

ଚନ୍ଦନେଶ୍ୱର, ୯।୭ (ସମିସ): ବାଲେଶ୍ୱର ଜିଲ୍ଲାର ଭୋଗରାଇ ବ୍ଲକରେ ଲେବର କାର୍ଡ ମାଧ୍ୟମରେ ମୃତ୍ୟୁକାଳୀନ ୩ ଲକ୍ଷ ଟଙ୍କା ସହାୟତା ରାଶିକୁ ନେଇ ବଡ଼ଧରଣର ଜାଲିଆତି ପଦାରେ ପଡ଼ିଛି। ଉକ୍ତ ଜାଲିଆତିର ଫାଇଦା ଉଠାଇଛନ୍ତି ଟୁକୁରୀହାଜିରା ପଞ୍ଚାୟତର ବାରବାଟିଆ ଗ୍ରାମର ଜ୍ୟୋତ୍ସ୍ନା ମିର୍ଦ୍ଧାଙ୍କ ପରିବାର। ସେମାନେ ୩ଲକ୍ଷ ପାଇସାରିଥିବା ଓ ଏହା ଉପରେ ତାଙ୍କର କୌଣସି ଅଭିଯୋଗ ନାହିଁ ବୋଲି କହୁଛନ୍ତି। କିନ୍ତୁ ରୋଗରେ ପଡ଼ି ଅସୁସ୍ଥ ଥାଇ ଚିକିତ୍ସିତ ହେଉଥିବା ଜ୍ୟୋତ୍ସ୍ନା ଗତବର୍ଷ ୨୦୨୫ଅଗଷ୍ଟ ୮ ତାରିଖରେ କଟକରେ ମୃତ୍ୟୁବରଣ କରିଥିବା ସୂଚନା ଥିଲେହେଁ ସେହିମାସ ୧୧ତାରିଖରେ ତାଙ୍କର ଲେବର କାର୍ଡ କରାଯାଇ ଅଗଷ୍ଟ ୧୮ ତାରିଖ ମୃତ୍ୟୁବରଣ କରିଥିବା ଜଳେଶ୍ୱରପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରୁ ମୃତ୍ୟୁକାଳୀନ ସାର୍ଟିଫିକେଟ ହାତେଇଛନ୍ତି। ଜାଲି ଡେଥ ସାର୍ଟିଫିକେଟ ସହ ଜାଲି ଲେବରକାର୍ଡ ଯାହାକି ମୃତକଙ୍କ ସହାୟତା ରାଶି ହାତେଇବା ଲାଗି ପରିବାର ଲୋକ ସ୍ୱାମୀ ହରିହର ମିର୍ଦ୍ଧା, ଝ୍ୱାଇଁ ସଞ୍ଜୟ ଘଡାଇ, ଜିଲ୍ଲା ଶ୍ରମବିଭାଗ, ସ୍ୱାସ୍ଥ୍ୟ କେନ୍ଦ୍ର ସ୍ଥାନୀୟ ଏଏନଏମ ଦିଦି, ଆଶା କର୍ମଚାରୀ, ଅଙ୍ଗନବାଡି କର୍ମୀ, ଦଲାଲ ଓ ଅନ୍ୟାନ୍ୟ ସହଯୋଗୀଙ୍କ ମଧୁର ସଂଯୋଗରେ ମୃତ ଜ୍ୟୋତ୍ସ୍ନାଙ୍କ ନାମରେ ଶ୍ରମକାର୍ଡ ପ୍ରସ୍ତୁତ କରି ସରକାରୀ ସହାୟତା ହଡ଼ପ କରାଯାଇଥିବା କଥା ସ୍ଥାନୀୟ ଅଞ୍ଚଳରେ ଆଲୋଚନା ଚାଲିଛି। ମୃତ୍ୟୁ ସାର୍ଟିଫିକେଟରେ ସେ ବାରବାଟିଆର ଗ୍ରାମ ଓ ଲେବରକାର୍ଡରେ ଫୁଲବଣୀ ଗ୍ରାମ ରହିଛି। ସିଡିଏମଓଙ୍କ ତଦନ୍ତ କଥା ଶୁଣି ନିଜକୁ ରକ୍ଷା କରିବାକୁ ଯାଇ ଗତ ରବିବାର ଫୁଲବଣୀ ଏଏନଏମ ଦିଦି ସନ୍ଧ୍ୟାରାଣୀ ଦେ, ଆଶା କର୍ମଚାରୀ ପ୍ରମିଳା ଦାସ, ଅଙ୍ଗନବାଡି କର୍ମୀ ମଧୁମିତା ରଣା/ପାତ୍ର ପ୍ରମୁଖ କିଛି ଗ୍ରାମବାସୀଙ୍କ ଉପରେ ଆଶାଙ୍କ ସ୍ୱାମୀ ୱାର୍ଡ ମେମ୍ବର ସନାତନ ଦାସଙ୍କ ପ୍ରଭାବ ବିସ୍ତାର କରି ନିର୍ଦ୍ଦୋଷ ପାଇଁ ଯୁଦ୍ଧକାଳୀନ ଭିତ୍ତିରେ ଦସ୍ତାବିଜ ପ୍ରସ୍ତୁତି ଚାଲିଥିବାର ସୂଚନା ପୂର୍ବତନ ନାଏବ ସରପଞ୍ଚ ଭଗୀରଥ ମିର୍ଦ୍ଧା, ପ୍ରାକ୍ତନ ଓ୍ୱାର୍ଡ ମେମ୍ବର ଅଚିନ୍ତ ପାତ୍ର ପ୍ରମୁଖ ସୂଚନା ଦେଇଛନ୍ତି। ତାଙ୍କର ଏକମାତ୍ର ପୁତ୍ର ଗୋବିନ୍ଦ ଗୋପାଳ (୨୩) ଗତ ମେ ୨୯ ତାରିଖରେ କେରଳର ପାଲାକ୍କଡ ଷ୍ଟେସନ ନିକଟରେ ଟ୍ରେନରୁ ପଡ଼ି ମୃତ୍ୟୁ ବରଣ କରିବା ମଧ୍ୟ ସନ୍ଦେହ ସ୍ଥିତି ଘେରରେ ରହିଛି। କେରଳରୁ ଘରକୁ ଶବ ଆଣିବାରେ ଆର୍ଥିକ ସହାୟତା ମଧ୍ୟ ଜିଲ୍ଲା ଶ୍ରମବିଭାଗ କରିଥିଲା। ଜିଲ୍ଲା ଶ୍ରମ ସହକାରୀ ଅଧିକାରୀ ତୁଷାରକାନ୍ତ ଜେନାଙ୍କ ନେତୃତ୍ୱରେ ଦୁଇଜଣିଆ ଟିମ୍ ତଦନ୍ତ କରିଛନ୍ତି। କିନ୍ତୁ ଏଯାଏଁ କୌଣସି ପଦକ୍ଷେପ ଗ୍ରହଣ ବଦଳରେ ଘଣ୍ଟ ଘୋଡେଇବା ପ୍ରଚେଷ୍ଟା ଚାଲିଛି ବୋଲି ଆଲୋଚନା ହେଉଛି। ଏଥିପାଇଁ ଉଚ୍ଚ ସ୍ତରୀୟ ଭିଜିଲାନ୍ସ ତଦନ୍ତ ପାଇଁ ଦାବି ରହିବା ସହ ବିହିତ ପଦକ୍ଷେପ ପାଇଁ ଦାବି ରଖିଛନ୍ତି।

## ୩୦୦ ନ ଦେଲେ ମିଳୁନି ମାଟ୍ରିକ ସାର୍ଟିଫିକେଟ

ବାଲେଶ୍ୱର(ଉତ୍ତର), ୯।୭(ସମିସ): ବାଲେଶ୍ୱର ଜିଲ୍ଲା ଭୋଗରାଇ ବ୍ଲକ ବାଗ ହାଇସ୍କୁଲରେ ଦଶମ ପାସ୍ କରିଥିବା ଛାତ୍ରଛାତ୍ରୀ ତାଙ୍କର ଏସଏଲସି ଓ ସାର୍ଟିଫିକେଟ ନେବା ପାଇଁ ବିଦ୍ୟାଳୟକୁ ଆସିଥିବା ବେଳେ ସ୍କୁଲର କାର୍ଯ୍ୟରତ କିରାଣି ସେମାନଙ୍କୁ ଜଣ ପିଛା ୩୦୦ ଟଙ୍କା ଦେଲେ ସାର୍ଟିଫିକେଟ ମିଳିବ ବୋଲି ଛାତ୍ରଛାତ୍ରୀ ଅଭିଯୋଗ କରିଛନ୍ତି। ଏହି ହାଇସ୍କୁଲକୁ ଆଜି ଦଶମ ଶ୍ରେଣୀର ଛାତ୍ରଛାତ୍ରୀ ସାର୍ଟିଫିକେଟ ନେବା ପାଇଁ ଆସିଥିଲେ। କିନ୍ତୁ ବିଦ୍ୟାଳୟରେ ପହଞ୍ଚିବା ପରେ ବିଦ୍ୟାଳୟର କିରାଣି ସପନ କୁମାର ଦାସ ଛାତ୍ର ଛାତ୍ରୀମାନଙ୍କୁ ୩୦୦ ଶହ ଟଙ୍କା ମାଗିଥିଲେ। ନହେଲେ ସାର୍ଟିଫିକେଟ ଦେବେ ନାହିଁ ବୋଲି କହିଥିଲେ। ଛାତ୍ର ଛାତ୍ରୀ ଟଙ୍କା କେଉଁଠୁ ଆଣିବେ କହିଲାରୁ ଟଙ୍କା ନଦେଲେ ସାର୍ଟିଫିକେଟ ମିଳିବ ନାହିଁ ବୋଲି ଶ୍ରୀ ଦାସ ସେମାନଙ୍କୁ କହିଥିଲେ। ଅନ୍ୟପକ୍ଷରେ ଘଟଣା ବାବଦରେ କିରାଣୀ ଶ୍ରୀ ଦାସଙ୍କୁ ପଚାରିବାରୁ ଟଙ୍କା ମଗା ଯାଉନି ବୋଲି କହିଥିବା ବେଳେ ବିଦ୍ୟାଳୟର ର ପ୍ରଧାନ ଶିକ୍ଷୟିତ୍ରୀଙ୍କୁ ଫୋନ ଯୋଗେ ପଚାରିବାରୁ ସେ କହିଥିଲେ ଯେ ବାଲେଶ୍ୱରକୁ ଯାଇ ସାର୍ଟିଫିକେଟ ଆଣିବାକୁ ପଡୁଛି ଖର୍ଚ୍ଚ ଅଛି ସେଥିପାଇଁ ପିଲାମାନଙ୍କଠାରୁ ଖର୍ଚ୍ଚ ବାବଦରେ ନିଆ ଯାଉଛି ବୋଲି କହିଥିଲେ।

**ସେମିଷ୍ଟର ପରୀକ୍ଷାରେ ଅହେତୁକ ବିଳମ୍ବ**

## ବିଶ୍ୱବିଦ୍ୟାଳୟ ଫାଟକ ସମ୍ମୁଖରେ ନର୍ସିଂ ଛାତ୍ରୀଙ୍କ ଧାରଣା



ବାଲେଶ୍ୱର, ୯।୭(ସମିସ): ଫକୀରମୋହନ ବିଶ୍ୱବିଦ୍ୟାଳୟ ଅଧୀନରେ ଥିବା ବିଭିନ୍ନ କଲେଜର ୨୦୨୧-୨୨ ବ୍ୟାଚ୍‌ର ବିଏସ୍‌ସି ନର୍ସିଂ ଛାତ୍ରୀମାନେ ସେମିଷ୍ଟର ପରୀକ୍ଷା ଅସମ୍ପୂର୍ଣ୍ଣ ତଥା ଅହେତୁକ ବିଳମ୍ବ ହେଉଥିବାରୁ ଆଜି ବିଶ୍ୱବିଦ୍ୟାଳୟ ଗେଟ୍ ସମ୍ମୁଖରେ ଧାରଣା ଦେଇଥିଲେ। ଏ ନେଇ ସେମାନେ ଆଜି ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଛାତ୍ରୀମାନଙ୍କ ଅଭିଯୋଗ ଅନୁସାରେ, ଓଡ଼ିଶାର ଅନ୍ୟାନ୍ୟ ସମସ୍ତ ବିଶ୍ୱବିଦ୍ୟାଳୟ ସେମାନଙ୍କର ବି.ଏସସି ନର୍ସିଂ ସେମିଷ୍ଟର ପରୀକ୍ଷା ଶେଷ କରି ଫଳ ପ୍ରକାଶ କରିସାରିଛନ୍ତି। କିନ୍ତୁ ବାଲେଶ୍ୱର ଜିଲ୍ଲାର ଫକୀରମୋହନ ବିଶ୍ୱବିଦ୍ୟାଳୟ ଅଧୀନରେ ଥିବା ଛାତ୍ରୀମାନଙ୍କର ପରୀକ୍ଷା ଏପର୍ଯ୍ୟନ୍ତ ସମ୍ପୂର୍ଣ୍ଣ ହୋଇନାହିଁ। ପରୀକ୍ଷା ଅସମ୍ପୂର୍ଣ୍ଣ ରହିଥିବାରୁ ସେମାନେ ଓଏସଏସଏସସି ଦ୍ୱାରା ଆୟୋଜିତ ନର୍ସିଂ ଅଫିସର ପଦବୀ ପାଇଁ ହେବାକୁ ଥିବା ପରୀକ୍ଷାରେ ଆବେଦନ କରିପାରୁନାହାନ୍ତି। ଫଳରେ ସେମାନଙ୍କର ଚାକିରୀ ସୁଯୋଗ ହାତଛଡା ହେବାର ଆଶଙ୍କା ଦେଖାଦେଇଛି। ଏଥିପାଇଁ ଛାତ୍ରୀମାନେ ମୁଖ୍ୟମନ୍ତ୍ରୀଙ୍କୁ ଅନୁରୋଧ କରିଛନ୍ତି ଯେ ତୁରନ୍ତ ଆବଶ୍ୟକ ପଦକ୍ଷେପ ନେଇ ସେମାନଙ୍କର ପରୀକ୍ଷା ଶୀଘ୍ର ଶେଷ କରାଯାଉ। ଯଦି ଶୀଘ୍ର ଏହି ସମସ୍ୟାର ସମାଧାନ ନହୁଏ ତେବେ ଶତାଧିକ ନର୍ସିଂ ଛାତ୍ରୀଙ୍କ ଭବିଷ୍ୟତ ଅନ୍ଧକାର ହୋଇଯିବ ବୋଲି ସେମାନେ କହିଛନ୍ତି।

## ସାହାବାଜିପୁର ପଞ୍ଚାୟତରେ ଭ୍ରାମ୍ୟମାଣ ଅଦାଲତ



ଚନ୍ଦନେଶ୍ୱର, ୯।୭(ସମିସ): ବାଲେଶ୍ୱର ଜିଲ୍ଲା ଭୋଗରାଇ ବ୍ଲକ ଅନ୍ତର୍ଗତ ସୀମାନ୍ତ ସାହବାଜିପୁର ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟରେ ଭ୍ରାମ୍ୟମାଣ ଅଦାଲତ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଭୋଗରାଇ ଗ୍ରାମ୍ୟ ନ୍ୟାୟାଳୟର ନ୍ୟାୟାଧିକାରୀ ତଥା ଜେଏମଏଫସି ମଧୁସ୍ମିତା ମହାପାତ୍ର, ସରକାରୀ ଓକିଲ ନନ୍ଦଦୁଲାଲ ଜେନା, ଲକ୍ଷ୍ମୀକାନ୍ତ ପ୍ରାମାଣିକ, ତାରାପଦ ଜେନା, ମୁଦାଲାଙ୍କ ପକ୍ଷରୁ ବରିଷ୍ଠ ଆଇନଜୀବୀ ଜୟକୃଷ୍ଣ ମହାନ୍ତି, ବିଜନ କୁମାର ଦେ, କୋର୍ଟ କର୍ମଚାରୀ ପେସ୍କାର ଅବିନାଶ ସେନାପତି, ଅର୍ଦ୍ଦଳୀ ଜୟନ୍ତ ସିଂ ପ୍ରମୁଖଙ୍କ ଉପସ୍ଥିତିରେ ୮ ଟି ମାମଲାର ଆପୋସ ବୁଝାମଣା ହୋଇଛି। ଏହାଦ୍ୱାରା ଗ୍ରାମାଞ୍ଚଳରେ ଦୁର୍ବଳ ଶ୍ରେଣୀ ଓ ସାଧାରଣ ଲୋକଙ୍କ ଘର ପାଖରେ ତ୍ୱରିତ ନ୍ୟାୟ ପ୍ରଦାନ ବ୍ୟବସ୍ଥା ଏହି କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ। ଉକ୍ତ କାର୍ଯ୍ୟକ୍ରମରେ ସ୍ଥାନୀୟ ସରପଞ୍ଚ ଅରୁଣ ଗିରି, ସମିତି ସଭ୍ୟ ତରଣୀକାନ୍ତ ସେନାପତି ଏବଂ ତାଳସାରି ସାମୁଦ୍ରିକ ଥାନା ଆଇଆଇସି ଶ୍ରବଣ କୁମାର ମହାରଣା, ଏଏସଆଇ ରତିକାନ୍ତ ବେହେରା ଓ ପୁଲିସ କର୍ମଚାରୀ ଉପସ୍ଥିତ ରହି ପରିଚାଳନାରେ ସହଯୋଗ କରିଥିଲେ।

## ନୀଳଗିରି-ବଉଳଗଡ଼ିଆ ରାସ୍ତା ମରଣଯନ୍ତା; ପ୍ରତିବାଦରେ ରାସ୍ତାରୋକ

ନୀଳଗିରି, ୯।୭ (ସମିସ)



ନୀଳଗିରି କୃଷକ ମଞ୍ଚ ତରଫରୁ ୩ ଦଫା ଦାବି ନେଇ ନୀଳଗିରି ବଉଳଗଡ଼ିଆ ରାସ୍ତା ବାଉଁଶବଣିଆ ଗ୍ରାମ ପଞ୍ଚାୟତ ଛକରେ କୃଷକ ମଞ୍ଚର ଉପଦେଷ୍ଟା ନିରଞ୍ଜନ ବାରିକଙ୍କ ନେତୃତ୍ୱରେ ସହସ୍ରାଧିକ ଆନ୍ଦୋଳନକାରୀଙ୍କୁ ନେଇ ରାସ୍ତା ପାଇଁ ରାସ୍ତାରୋକ କରାଯାଇଥିଲା। କୃଷକ ମଞ୍ଚକୁ ସମର୍ଥନ ଜଣାଇ ଏ ଅଞ୍ଚଳର ବିଶିଷ୍ଟ ସମାଜସେବୀ କୈଳାଶ ଚନ୍ଦ୍ର ପଣ୍ଡା ଏହି ରାସ୍ତାରୋକ ସଭାରେ ସଭାପତିତ୍ୱ କରିଥିଲେ। ମଞ୍ଚର ସଭାପତି ରାମଚନ୍ଦ୍ର ବେହେରା, ମଞ୍ଚର ଉପସଭାପତି ଉମାକାନ୍ତ ମଲିକ, ବିଜୁ ଜନତା ଦଳ ର ପୂର୍ବତନ ବିଧାୟକ ସୁକାନ୍ତ ନାୟକ, ସିପିଆଇ ଜୋନ ସମ୍ପାଦକ ବିଜୟ ସ, କଂଗ୍ରେସ ଦଳ ର ଜିଲ୍ଲା ସାଧାରଣ ସମ୍ପାଦକ ଯୋଗେଶ୍ୱର ବେହେରା, ସିପିଆଇଏମ ଜିଲ୍ଲା ସମ୍ପାଦକ ମଣ୍ଡଳୀ ସଦସ୍ୟ ବିଜୟ ପାତ୍ର, ବରିଷ୍ଠ ଆଇନଜୀବୀ ଔପଦା ସମିତି ପୂର୍ବତନ ଅଧ୍ୟକ୍ଷ କୃଷ୍ଣଚନ୍ଦ୍ର ନାୟକ ରାସ୍ତାରୋକ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ନେତୃ ବୃନ୍ଦମାନେ ବକ୍ତବ୍ୟ ରେ ଡବଲ ଇଂଜିନ ସରକାର ର ଅପାରଗତା କାରଣରୁ ନୀଳଗିରି ବଉଳଗଡ଼ିଆ ରାସ୍ତା ମରଣଯନ୍ତା ପାଲଟିଛି। ଏହି ରାସ୍ତାକୁ କେନ୍ଦ୍ର କରି ବର୍ତ୍ତମାନର ବିଧାୟକ, ସାଂସଦ କାହା ଅର୍ଥରେ ରାସ୍ତା ନିର୍ମାଣ ହୋଇଛି ପ୍ରତିଯୋଗିତା ପାଇଁ ଏହି ଭଳି ନାରକୀୟ ଘଟଣା ଘଟୁଥିବା ମନ୍ତବ୍ୟ ଦେଇଥିଲେ। ଧାରଣା ଯୋଗୁଁ ଧାରଣା ୨ ପାର୍ଶ୍ୱ ରେ ଶହ ଶହ ଯାନ ଅଟକିଯିବା ଖବର ପାଇ ପ୍ରଶାସନର ପରାମର୍ଶ କ୍ରମେ ବାଲେଶ୍ୱର ଆଡିସନାଲ ଏସ୍.ପି ପ୍ରମୋଦ କୁମାର ମଲ୍ଲିକ ଓ ନୀଳଗିରି ର ଆଇଆଇସି ଗୋବର୍ଦ୍ଧନ ନାୟକ ପୁଲିସ ସହକର୍ମୀ ମାନଙ୍କୁ ଧରି ଅବରୋଧ ସ୍ଥଳୀ ପାଖରେ ପହଁଞ୍ଚିଥିଲେ। ଲୋକମାନଙ୍କ ଆବେଗଭରା କଥାବାର୍ତ୍ତା, ଲୋକ ମାନଙ୍କ ସମସ୍ୟା ଜାଣିବା ପରେ ଆଡିସନାଲ ଏସ୍.ପି ତାଗିଦ କରିବା ବଦଳରେ ଆନ୍ଦୋଳକାରୀ ଜନ ସାଧାରଣ ଓ ସରକାରୀ ଯନ୍ତ୍ରୀ ଙ୍କ ସହିତ ସମନ୍ୱୟ ରକ୍ଷା କରିବା ପାଇଁ ଉଦ୍ୟମ କରିଥିଲେ। ଘଟଣା ସ୍ଥଳକୁ ପୂର୍ତ୍ତ ବିଭାଗ ର ମୁଖ୍ୟ ଯନ୍ତ୍ରୀ ଙ୍କୁ ଘଟଣା ସ୍ଥଳକୁ ଡକାଇ ଥିଲେ। ଏହି ଆନ୍ଦୋଳନ ପୂର୍ବରୁ ପୂର୍ବରୁ ୨୪ ଥର ଦେଇଥିବା ପ୍ରତିଶ୍ରୁତି ସମ୍ପର୍କରେ ଦୀର୍ଘ ସମୟ ଆଲୋଚନା ହୋଇଥିଲା। ଆନ୍ଦୋଳକାରୀ ଲିଖିତ ପ୍ରତିଶ୍ରୁତି ଦାବି କରିଥିଲେ। ଶେଷ ରେ ପୂର୍ତ୍ତ ବିଭାଗ ବରିଷ୍ଠ ଯନ୍ତ୍ରୀ ବର୍ତ୍ତମାନ ଚଳଣି ପାଇଁ ରାସ୍ତା ମରାମତି ନିମିତ୍ତ ୨ କୋଟି ୪୦ ଲକ୍ଷ ଟେଣ୍ଡର ହୋଇ ସାରିଥିବା ବେଳେ ଉକ୍ତ କାର୍ଯ୍ୟ ଅଢ଼େଇ ମାସ ମଧ୍ୟରେ ସରିବା ପାଇଁ ଏକ ଲିଖିତ ଚୁକ୍ତିପତ୍ର ନୀଳଗିରି କୃଷକ ମଞ୍ଚର ସଭାପତି ରାମଚନ୍ଦ୍ର ବେହେରାଙ୍କୁ ଧାରଣା ସ୍ଥଳରେ ପ୍ରଦାନ କରିଥିଲେ। ୩ ଦଫା ଦାବି ସମ୍ବଳିତ ସ୍ମାରକପତ୍ର ନୀଳଗିରି ଉପଜିଲ୍ଲାପାଳ ଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କୁ ପ୍ରଦାନ କରିବା ଉଦେଶ୍ୟ ରେ ଆଡିସନାଲ ଏସ୍.ପି ଙ୍କୁ ପ୍ରଦାନ କରାଯାଇଥିଲା। ଧାରଣାରେ ବିଭିନ୍ନ ଦଳ ରୁ କର୍ମୀ ମାନେ ଯୋଗଦାନ କରିଥିଲେ ସିପିଆଇଏମ ଯୋଗାନନ୍ଦ ଦାସ, ସମୀର ନାୟକ, ସିପିଆଇ ତରଫରୁ ସୀତାରାମ ଦାସ, ହରେକୃଷ୍ଣ ପଣ୍ଡିତ, ଦେବେନ୍ଦ୍ର ବେହେରା, ଅନିରୁଦ୍ଧ ବେହେରା, ବିଦ୍ୟାଧର ବେହେରା, ଗାୟତ୍ରୀ ପଣ୍ଡା, ଜୟନ୍ତୀ ବେହେରା, ବାସନ୍ତୀ ନାୟକ, ନିରଞ୍ଜନ ଜେନା, ସନା ବେହେରା, କଂଗ୍ରେସ ତରଫରୁ ପ୍ରକାଶ ଚନ୍ଦ୍ର ଚୌଧୁରୀ, ରାଧାଶ୍ୟାମ ଦାସ, ଅବସର ପ୍ରାପ୍ତ ବ୍ୟାଙ୍କ କର୍ମଚାରୀ ଗୋଲକ ଜେନା, ଅବସରପ୍ରାପ୍ତ ଶିକ୍ଷକ ରବୀନ୍ଦ୍ର ଜେନା, ଶ୍ରୀ ମିଶ୍ର, ବିଜେଡି ଦଳ ତରଫରୁ ଗଙ୍ଗାଧର ମିଶ୍ର, ଶରତ ଚନ୍ଦ୍ର ମହାନ୍ତି ପ୍ରମୁଖ ଅନ୍ୟମାନେ ଉପସ୍ଥିତ ଥିଲେ।

## ମିସନ ଶକ୍ତି ଭବନରେ ତାଲା, ନିରାଶ ହୋଇ ଫେରିଲେ ଏସ୍‌ଏଚ୍‌ଜି ମହିଳା

ବାଲେଶ୍ୱର, ୯।୭ (ସମିସ): ମହିଳାମାନଙ୍କୁ ସ୍ୱାବଲମ୍ବୀ କରିବା, ସ୍ୱୟଂ ସହାୟକ ଗୋଷ୍ଠୀକୁ ଆର୍ଥିକ ଭାବେ ସୁଦୃଢ଼ କରିବା ଏବଂ ସରକାରୀ ଯୋଜନାର ସୁବିଧାକୁ ସେମାନଙ୍କ ଦ୍ୱାରରେ ପହଞ୍ଚାଇବା ଉଦ୍ଦେଶ୍ୟରେ ରାଜ୍ୟ ସରକାର ମିଶନ ଶକ୍ତିକୁ ଏକ ପ୍ରମୁଖ ଅଭିଯାନ ଭାବେ ପରିଚାଳନା କରୁଛନ୍ତି। କିନ୍ତୁ ବାଲେଶ୍ୱର ପୌରପାଳିକା ପରିସରରେ ଥିବା ମିସନ ଶକ୍ତି ଭବନରେ ଗୁରୁବାର ଦିନ ପ୍ରାୟ ୧.୫୦ଟା ସମୟରେ କାର୍ଯ୍ୟାଳୟରେ ତାଲା ଝୁଲୁଥିବା ଦେଖି କାମ ପାଇଁ ଆସିଥିବା ମହିଳା ହତାଶ ହୋଇଥିଲେ।



ଗୁରୁବାର ଦିନ ଗୁଡ଼ିପଦା ଅଞ୍ଚଳରୁ ଦୁଇଜଣ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ସମ୍ପର୍କିତ କାର୍ଯ୍ୟ ପାଇଁ ମିଶନ ଶକ୍ତି କାର୍ଯ୍ୟାଳୟକୁ ଆସିଥିଲେ। କିନ୍ତୁ ଭବନର ମୁଖ୍ୟ ଫାଟକରେ ତାଲା ଝୁଲୁଥିବା ଦେଖି ସେମାନେ ବାହାରେ ଅପେକ୍ଷା କରି ରହିଥିଲେ। ଅଭିଯୋଗ ଅନୁଯାୟୀ, କର୍ମଚାରୀ ଅଭାବ କାରଣରୁ ଅନେକ ସମୟରେ କାମ ବିଳମ୍ବ ହେଉଛି। ସ୍ଥାନୀୟ ସୂତ୍ରରୁ ଜଣାପଡ଼ିଛି ଯେ, କାର୍ଯ୍ୟାଳୟ ଦାୟିତ୍ୱରେ ଥିବା କୋ-ଅର୍ଡିନେଟର ଏକ ଜରୁରୀ ବୈଠକରେ ଯୋଗଦେବା ପାଇଁ କାର୍ଯ୍ୟାଳୟରେ ତାଲା ପକାଇ ଯାଇଥିଲେ। ଯଦି ଏପରି ପରିସ୍ଥିତିରେ ବିକଳ୍ପ କର୍ମଚାରୀ ନାହାଁନ୍ତି, ତେବେ ସରକାରୀ କାର୍ଯ୍ୟାଳୟକୁ ଆସୁଥିବା ହିତାଧିକାରୀଙ୍କ ସେବା କିପରି ସୁନିଶ୍ଚିତ ହେବ ବୋଲି ପ୍ରଶ୍ନ ଉଠୁଛି। ଏ ବାବଦରେ ବାଲେଶ୍ୱର ମିଶନ ଶକ୍ତି ଭବନର କୋର୍ଡିନେଟର ଶକ୍ତିପ୍ରିୟା ବିଶ୍ୱାଳ କହିଛନ୍ତି, ମିଶନ ଶକ୍ତିପ୍ରିୟା ପ୍ରୋଜେକ୍ଟରେ ଦୁଇ ଜଣ ଷ୍ଟାଫ୍ ନିଯୁକ୍ତ ହୁଅନ୍ତି। ଏଠି ମିଶନ ଶକ୍ତି ଭବନରେ ଜଣେ ଷ୍ଟାଫ୍ ରିଜାଇନ୍ ଦେଇଛନ୍ତି। ସେଥିପାଇଁ ଏବେ ମୁଁ ଜଣେ ଷ୍ଟାଫ୍ ରହିଛି। ମୁଁ ବିପିସି ଅଛି। ସେଥିପାଇଁ ଲିଡର୍ ମାନଙ୍କୁ କହିଛୁ ଯେଉଁ ଏସ୍‌ଏଚ୍‌ଜି ଆସିବେ ସେମାନେ କଲ୍ କରିକି ଆସିବେ। କାରଣ ଆମର ଫିଲଡ୍ ଭିଜିଟ୍ ରହୁଛି। ମୋତେ ଯିବାକୁ ପଡୁଛୁ। ସେଥିପାଇଁ ତାଲା ପଡୁଛି। ଆଜି ସେମାନେ ଦୁଇ ଜଣ ମହିଳା ଆସିଥିଲେ। ସେମାନଙ୍କ କାମ ମଧ୍ୟ ବୁଝିଦେଇଛୁ। ଏଠାରେ ଦୁଇ ଜଣ ଷ୍ଟାଫ୍ ରହିଲେ ଜଣେ ଫିଲଡ୍ ଭିଜିଟ୍ କରିବା ବେଳେ ଆଉ ଜଣେ ଅଫିସରେ ରହିପାରିବେ। ଯେତେବେଳେ ଏକମାତ୍ର କର୍ମଚାରୀଙ୍କ ଅନୁପସ୍ଥିତିରେ ସମଗ୍ର କାର୍ଯ୍ୟାଳୟ ବନ୍ଦ ହୋଇଯାଉଛି, ସେତେବେଳେ ହିତାଧିକାରୀଙ୍କ ସେବା ସୁନିଶ୍ଚିତ କରିବା ପାଇଁ ପ୍ରଶାସନ ପକ୍ଷରୁ ବିକଳ୍ପ ବ୍ୟବସ୍ଥା କାହିଁକି ରଖାଯାଇନାହିଁ ବା ଅତିରିକ୍ତ କର୍ମଚାରୀ ନିଯୁକ୍ତି ପାଇଁ କ'ଣ ପଦକ୍ଷେପ ନିଆଯାଇଛି? ତେବେ କର୍ମଚାରୀ ଅଭାବର ସ୍ଥାୟୀ ସମାଧାନ କେବେ ହେବ ଏବଂ ହିତାଧିକାରୀ କେବେ ନିରବଚ୍ଛିନ୍ନ ସେବା ପାଇବେ, ତାହା ଏବେ ସବୁଠାରୁ ବଡ଼ ପ୍ରଶ୍ନ।

## ଗ୍ୟାସ୍ ସିଲିଣ୍ଡର ଫାଟି ୩ ଗୁରୁତର

ରାଜକନିକା, ୯।୭(ସମିସ): କାଟଣାବଣିଆ ପଞ୍ଚାୟତର ପତରପୁର ଗ୍ରାମରେ ଆଜି ସକାଳେ ଗ୍ୟାସ ସିଲିଣ୍ଡରରେ ଫାଟି ତିନିଜଣ ଗୁରୁତର ଆହତ ହୋଇଛନ୍ତି। ସମସ୍ତଙ୍କ ମୁହଁ ଓ ହାତ ପୋଡ଼ିଯାଇ ଯାଇଥିବାବେଳେ କେନ୍ଦ୍ରାପଡ଼ା ହସ୍‌ପିଟାଲରୁ କଟକ ଓ ଭୁବନେଶ୍ୱର ସ୍ଥାନାନ୍ତର ହୋଇଛନ୍ତି। ରବିନାରାୟଣ ବିଶ୍ୱାଳ (୪୨) ଓ ତାଙ୍କର ଅଷ୍ଟମ ଶ୍ରେଣୀରେ ପଢୁଥିବା ପୁଅ ରଶ୍ମିରଞ୍ଜନ ବିଶ୍ୱାଳ ଓ ଗ୍ରାମର ପିଣ୍ଟୁ ପଲାଇ ଏକ ନୂଆ ଗ୍ୟାସ ସିଲିଣ୍ଡରକୁ ଷ୍ଟୋଭରେ ଫିଟିଙ୍ଗ କରୁଥିବାବେଳେ ଏଭଳି ଅଘଟଣ ଘଟିଛି। ରବିନାରାୟଣ ଗ୍ୟାସ ସରିଯିବାରୁ ନୂଆ ଗ୍ୟାସ ଟାଙ୍କି ଲଗାଉଥିଲେ। ଏହା ଲିକ ହେଉଥିବା ଦେଖି ସେ ପୁଅକୁ ଏହାକୁ ଦେଖିବାକୁ ଡାକିଥିଲେ। ବାପପୁଅ ଦୁହେଁ ଗ୍ୟାସ ଟାଙ୍କି ଫିଟିଙ୍ଗରେ କେଉଁଠି ଭୁଲ ହେଉଥିବା ଜାଣି ଗ୍ୟାସ ଟାଙ୍କିରେ ସାମାନ୍ୟ ଜ୍ଞାନ ଥିବା ପିଣ୍ଟୁ ପଲାଇଙ୍କୁ ଡକାଇ ଟାଙ୍କିକୁ ଧରି ଗ୍ୟାସ ଲଗାଉଥିବାବେଳେ ରଶ୍ମିରଞ୍ଜନ ଲାଇଟରରେ ନିଆଁ ମାରି ଦେବାରୁ ହଠାତ ସିଲିଣ୍ଡରରେ ନିଆଁ ଲାଗି ଯାଇଥିଲା। ହଠାତ ନିଆଁ ଲାଗିବାରୁ ସିଲିଣ୍ଡରକୁ ଧରିଥିବା ସମସ୍ତେ ପୋଡି ହୋଇଯାଇଥିଲେ। ସମସ୍ତ ଆହତଙ୍କୁ ପ୍ରଥମେ ରାଜକନିକା ପରେ କେନ୍ଦ୍ରାପଡ଼ା ଓ ଶେଷରେ ରବି ଓ ରଶ୍ମିରଞ୍ଜନ କଟକ ବଡ଼ ମେଡ଼ିକାଲରେ ଚିକିତ୍ସିତ ହେଉଥିବାବେଳେ ପିଣ୍ଟୁ ଭୁବନେଶ୍ୱର ଏମ୍‌ସରେ ଚିକିତ୍ସିତ ହେଉଛନ୍ତି।

## ମହିଳାଙ୍କୁ ଅସଦାଚରଣ ଅଭିଯୋଗରେ ଜଣେ ଗିରଫ

ପଟ୍ଟାମୁଣ୍ଡାଇ, ୯।୭(ସମିସ): ଆଦର୍ଶ ଥାନା ଅନ୍ତର୍ଗତ ଏକ ଗ୍ରାମରେ ଆଜି ଏକ ଅଭାବନୀୟ ଘଟଣା ଘଟିଛି। ଜଣେ ୪୫ ବର୍ଷର ମହିଳାଙ୍କୁ ଅସଦାଚରଣ କରାଯିବା ଓ ତାଙ୍କ ସୁନା ଅଳଙ୍କାର ଚୋରି ହୋଇଥିଲା। ଏହି ଘଟଣା ପରେ ମହିଳା ଜଣକ ପଟ୍ଟାମୁଣ୍ଡାଇ ଆଦର୍ଶ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପଟ୍ଟାମୁଣ୍ଡାଇ ଆଦର୍ଶ ଥାନା ଆଇଆଇସି ବନ୍ଦନା ପାତ୍ରଙ୍କ ନିର୍ଦ୍ଦେଶରେ ୨୯୪/୨୬ରେ ଅସଦାଚରଣ ଓ ସୁନା ଅଳଙ୍କାର ଚୋରି ମାମଲା ରୁଜୁ କରାଯାଇ ଜଣେ ଯୁବକଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଥିବା ଜଣାପଡ଼ିଛି।

## ଜଳିଗଲା ୩ ବଖରା ଘର

ରାଜନଗର, ୯।୭(ସମିସ): କେନ୍ଦ୍ରାପଡ଼ା ଜିଲ୍ଲା ରାଜନଗର ବ୍ଲକ ଉତ୍ତର ବଗପାଟିଆରେ ବୁଧବାର ରାତି ପ୍ରାୟ ୧୧ଟା ସମୟରେ ପରିବାରର ସମସ୍ତେ ଶୋଇପଡ଼ିଥିବାବେଳେ ହଠାତ ନିଆଁ ଲାଗିଯିବାରୁ ୩ ବଖରା ଘର ପୋଡ଼ି ପାଉଁଶ ହୋଇଯାଇଛି। ଗ୍ରାମର ପତିରାମ ଓ ସୁମନ ମଣ୍ଡଳଙ୍କ ଘରେ ନିଆଁ ଲାଗିଯିବାରୁ ଚାଳ ଘର ସମ୍ପୂର୍ଣ୍ଣ ଜଳିଯାଇଛି। ନିଆଁ ଲାଗିଲା କାରଣ ଅସ୍ପଷ୍ଟ ରହିଛି। ଅଗ୍ନିଶମ ବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ ହେଁ ୩ ବଖରା ଘର ଜଳିଯାଇଥିଲା। ଘରେ ଥିବା ସମସ୍ତ ଆସବାବପତ୍ର, ସୁନା ଓ ରୁପା ଗହଣା, ୫୦ କ୍ୱିଣ୍ଟାଲ ଧାନ ପୋଡ଼ିଯାଇଥିବା ଜଣାପଡ଼ିଛି।

## ଫକିରାବାଦ ଗ୍ରାମରୁ ଚୋରି

ଡେରାବିଶ, ୯।୭(ସମିସ): ଡେରାବିଶ ଥାନା ଅଧୀନ ଚାଟରାଚକଡ଼ା ପଞ୍ଚାୟତର ଫକିରାବାଦ ଗ୍ରାମର ଚିତ୍ତରଞ୍ଜନ ଦାଶଙ୍କ ଘରୁ ଲକ୍ଷାଧିକ ଟଙ୍କାର ସୁନା ଗହଣା ଓ ନଗଦ ଟଙ୍କା ଚୋରି ହୋଇଥିବା ଚିତ୍ତରଞ୍ଜନଙ୍କ ବଡ଼ଭାଇ ମନୋଜ ଦାଶ ଥାନାରେ ଅଭିଯୋଗ କରିଛନ୍ତି। ଅଭିଯୋଗ ପାଇ ପୁଲିସ ମାମଲା ରୁଜୁ କରି ତଦନ୍ତ କରିଛି। ଘରେ ଲାଗିଥିବା ସିସିଟିଭି ଫୁଟେଜ୍‌କୁ ଭିତ୍ତିକରି ପୁଲିସ ତଦନ୍ତ ଆରମ୍ଭ କରିଥିବାବେଳେ ଗୁରୁବାର ସାଇଣ୍ଟିଫିକ ଟିମ୍ ଓ ସନ୍ଧାନୀ କୁକୁର ଘଟଣା ସ୍ଥଳରେ ପହଞ୍ଚିଥିଲେ। ଥାନ ଅଧିକାରୀ ଅମ୍ବିକା ପ୍ରସାଦ ଦାସ ଓ ତଦନ୍ତକାରୀ ଅଧିକାରୀ ଏଏସ୍‌ଆଇ ମାମୁନି ରୟ ଉପସ୍ଥିତ ରହି ତଦନ୍ତ ପ୍ରକ୍ରିୟାକୁ ଜୋରଦାର କରିଛନ୍ତି। ଚିତ୍ତରଞ୍ଜନ ଓ ତାଙ୍କ ପରିବାର ଘରେ ଅନୁପସ୍ଥିତ ଥିବା ସୁଯୋଗ ନେଇ ମଙ୍ଗଳବାର ରାତିରେ ଲୁଟେରା ଗ୍ରିଲ୍ ଓ କବାଟ ଭାଙ୍ଗି ସମସ୍ତ ସୁନାଗହଣା ଓ ନଗଦ ଟଙ୍କା ଲୁଟି ନେଇଥିଲେ। ସିସିଟିଭିରେ ଲୁଟ ସମୟର ଦୃଶ୍ୟ ଓ ଲୁଟେରାଙ୍କ ଚେହେରା କଏଦ ହୋଇଥିବାରୁ ଏହାକୁ ଭିତ୍ତିକରି ପୁଲିସ୍ ତଦନ୍ତ କରୁଛି। ଗ୍ରାମରେ ଅନୁଷ୍ଠିତ ହେଉଥିବା ମା' ଗଜଲକ୍ଷ୍ମୀଙ୍କ ସମସ୍ତ ସୁନା ଓ ରୁପା ଗହଣା ଚିତ୍ତରଞ୍ଜନଙ୍କ ଘରେ ରହିଥିବାରୁ ତାକୁ ମଧ୍ୟ ଲୁଟେରା ଛାଡ଼ିନାହାଁନ୍ତି।

## ଗରଦପୁର ବ୍ଲକ୍‌ରେ ଭିଜିଲାନ୍ସ ତଦନ୍ତ

ଗରଦପୁର, ୯।୭(ସମିସ): ବ୍ଲକ କାର୍ଯ୍ୟାଳୟରେ ଭିଜିଲାନ୍ସ ତଦନ୍ତ କରିଛି। କଟକ ଦୁର୍ନୀତି ନିବାରଣ କାର୍ଯ୍ୟାଳୟର ଡିଏସପି ସୁଲୋଚନା ନାୟକ ପହଞ୍ଚି ସାମାଜିକ ସୁରକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟରେ ବାର୍ଦ୍ଧକ୍ୟ, ବିଧବା ଓ ଭିନ୍ନକ୍ଷମ ଭତ୍ତା ସଠିକ ଭାବେ ଦିଆଯାଇଛି କି ନାହିଁ, କେତେ ହିତାଧିକାରୀ ଭତ୍ତା ପାଇଛନ୍ତି ଓ ହାତରେ କେତେ ଟଙ୍କା ରହିଛି, ତାହା ଯାଞ୍ଚ କରିଥିଲେ। ପରେ ବନ୍ତଲା ଓ ବଡବେତରା ପଞ୍ଚାୟତ ଦାୟିତ୍ୱରେ ଅଧିକାରୀ ଗତ ମାସ ଭତ୍ତା ବଣ୍ଟନ କରିସାରିଥିଲେ ମଧ୍ୟ ଅଦ୍ୟାବଧି ବଳକା ଟଙ୍କା ବ୍ଲକ କୋଷାଧ୍ୟକ୍ଷଙ୍କୁ ଫେରସ୍ତ ନ କରି ନିଜ ପାଖରେ ରଖିଥିବା ନେଇ ଭିଜିଲାନ୍ସ ଅଧିକାରିଣୀ ଅସନ୍ତୋଷ ପ୍ରକାଶ କରିଥିଲେ। ପରେ ବ୍ଲକ ଫାଇନାନ୍ସ ଅଧିକାରୀଙ୍କ କାର୍ଯ୍ୟାଳୟକୁ ଯାଇ କେତେକ ଅର୍ଥ ସମ୍ବନ୍ଧୀୟ ଫାଇଲ୍ ଦେଖିବାକୁ କହିଥିଲେ। ଚଳିତ ବର୍ଷ ସାମାଜିକ ସମୀକ୍ଷା ସରିଥିବାବେଳେ କେତେ ଅର୍ଥ କେଉଁ ବିଭାଗରେ ଖର୍ଚ୍ଚ ହୋଇଛି, ତାହା ଜାଣିବାକୁ ଚାହିଁଥିଲେ। ଏ ଅବସରରେ ଅନ୍ତ୍ୟୋଦୟ ଗୃହ ଯୋଜନା ଓ ଗ୍ରାମୀଣ ଶୌଚାଳୟ ଯୋଜନା ସମ୍ପର୍କରେ ଆଲୋଚନା କରିଥିଲେ ବୋଲି ଫାଇନାନ୍ସ ଅଧିକାରୀ ସୁଦର୍ଶନ ବେହେରା ସୂଚନା ଦେଇଛନ୍ତି।

## ଫିଟ୍‌ନେସ୍ ପାର୍କରେ ବନ ମହୋତ୍ସବ

ଡେରାବିଶ, ୯।୭(ସମିସ): କୁଶିଆପାଳ ଓ ଗୁଆଳସିଂ ପଞ୍ଚାୟତ ମଧ୍ୟସ୍ଥ ଫିଟ୍‌ନେସ୍ ପାର୍କରେ ବନ ମହୋତ୍ସବ ପାଳିତ ହୋଇଛି। ଚଳିତ ମାସ ଏକ ୧ରୁ ୭ ତାରିଖ ପର୍ଯ୍ୟନ୍ତ ବନ ମହୋତ୍ସବ ପାଳନ ଅବସରରେ ଅନୁଷ୍ଠାନର ପ୍ରତିଷ୍ଠାତା ସୁବେଦାର ମେଜର ବ୍ରଜକିଶୋର ସାହୁଙ୍କ ନେତୃତ୍ୱରେ ସଭାପତି କ୍ୟାପଟେନ୍ ଅଭୟ ଲେଙ୍କା, ଉପଦେଷ୍ଟା କସ୍ତୁରି ଚରଣ ପାତ୍ର, କାଙ୍ଗାଳି ବାରିକ, ସୁରେନ୍ଦ୍ର ସାହୁ, ମନୋଜ ମହଲା ଓ ସୁବେଦାର ମେଜର ବୀରବର ପାତ୍ରଙ୍କ ସମେତ ବହୁ ବ୍ୟକ୍ତ ଉପସ୍ଥିତ ରହି ବାଜିପଡ଼ା ରେଳ ଷ୍ଟେସନ୍ ନିକଟ, ବାଜିପଡ଼ା ଓ ହଳଦିଆ ଗ୍ରାମ ରାସ୍ତାର ଦୁଇକଡ଼ରେ ବୃକ୍ଷରୋପଣ କରିଥିଲେ। ପ୍ରକୃତିର ସୁରକ୍ଷା ଓ ସୁନ୍ଦରତା ରକ୍ଷା କରିବା ପାଇଁ ସଦାସର୍ବଦା କାର୍ଯ୍ୟରତ ଏହି ପ୍ରକୃତିମିତ୍ର 'ଦି ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଟୋଟାଲ୍ ଫିଟନେସ୍ ଆଣ୍ଡ ଷ୍ଟ୍ରେସ୍ ମ୍ୟାନେଜ୍‌ମେଣ୍ଟ' ପକ୍ଷରୁ ଏହାର ସଦସ୍ୟ ବନ ମହୋତ୍ସବ ଅବସରରେ ପ୍ରତ୍ୟେକ ଦିନ ୫୦ଟି ଗଛ ଲଗାଇଥିବା ଶ୍ରୀ ସାହୁ ପ୍ରକାଶ କରିଛନ୍ତି।

### ବିଭାଗୀୟ ଅଧିକାରୀଙ୍କ ଦାୟିତ୍ୱହୀନତା

# ମରାମତି ହେଉନି ସ୍ଲୁଇସ ଗେଟ୍, ଫେଲ ମାରିବ ବନ୍ୟା ନିୟନ୍ତ୍ରଣ

ରାଜକନିକା, ୯।୭(ସମିସ)



ନଦୀନାଳ ଘେରା ରାଜକନିକା ବ୍ଲକକୁ ବନ୍ୟା ଓ ଲୁଣା ଜୁଆର ଦାଉରୁ ରକ୍ଷା କରିବାକୁ ୯୦ କିମି ଲମ୍ବର ବନ୍ୟା ବନ୍ଧ ଥିବାବେଳେ ଏହାକୁ କଣ୍ଡିଆ, ବରୁଣାଡିହା ଓ କନିକା ସେକ୍ସନରେ ଭାଗ କରାଯାଇଛି। ଏଥିମଧ୍ୟରୁ ପୂର୍ବ କନିକାର ସୁରକ୍ଷା କବଚ ପାଲଟିଥିବା ବନ୍ୟାବନ୍ଧ ଏବେ ବିପଦରେ। ୫୦ ବର୍ଷ ପୂର୍ବରୁ ବହୁ ଆନ୍ଦୋଳନ ପରେ ଜନଜୀବନକୁ ସୁରକ୍ଷା ଦେବାକୁ ଲୋକଙ୍କ ଉଦ୍ୟମରେ ତିଆରି ହୋଇଥିବା ବନ୍ୟାବନ୍ଧ ଓ ଏଥିରେ ଥିବା ସ୍ଲୁଇସ ଦୁର୍ବଳ ହୋଇରହିଛି। ବିଶାଳ ବନ୍ୟାବନ୍ଧ ଥିବାରୁ କନିକାରେ ଏହି ବିଭାଗର ପ୍ରଥମେ ସେକ୍ସନ ଓ ପରେ ସବଡିଭିଜନ ମାନ୍ୟତା ପାଇଥିଲା। ଏବେକାର ଜଳସମ୍ପଦ ବିଭାଗର ତଦାରଖ ଓ ପରିଚାଳନା ପାଇଁ ୩ ଜଣ ଜେଇ ଓ ଜଣେ ଆସିଷ୍ଟାଣ୍ଟ ଇଞ୍ଜିନିୟର ଥିବା ଏହି ଉପଖଣ୍ଡ ଏବେ ଅବହେଳିତ ଅବସ୍ଥାରେ ରହିଛି। ଏମିତିକି ଜୁନ ମାସଠାରୁ ନଭେମ୍ବର ମାସ ବିପର୍ଯ୍ୟୟର ସମୟ ଚିହ୍ନଟ ହୋଇ ଏବେ ଲଗାଣବର୍ଷା ଜାରି ରହି ବନ୍ୟା ସ୍ଥିତି ଆଣିଥିବାବେଳେ କୌଣସି ଜେଇ କିମ୍ବା ଏଇଇ ଏଠାରେ ନିୟମିତ ନ ରହିବା ବିଭାଗୀୟ ଉତ୍ତରଦାୟିତ୍ୱକୁ ପଦାରେ ପକାଇଛି। ତେବେ ପୂର୍ବ କନିକା ଅଞ୍ଚଳର ୫ ପଞ୍ଚାୟତର ଚାଷଜମିର ବର୍ଷା ପାଣି ବରାଡିଆ ଓ ନୂଆଗାଁ ସ୍ଲୁଇସ ଦେଇ ନଦୀକୁ ବାହାରି ଯାଉଥିବାବେଳେ ଦୀର୍ଘ ବର୍ଷ ହେବ ଏହି ଦୁଇ ସ୍ଲୁଇସ ଅତ୍ୟନ୍ତ ବିପଦଜନକ ଅବସ୍ଥାରେ ରହିଛି। ଆଖୁଳିପଡ଼ାଠାରୁ ବଜରପୁର ପର୍ଯ୍ୟନ୍ତ ଥିବା ସମସ୍ତ ୯ଟି ସ୍ଲୁଇସ ଅବସ୍ଥା ବେହାଲ ଥିବାବେଳେ ଏହି ସ୍ଲୁଇସ ହିଁ ଚାଷୀଙ୍କ ଚାଷବାସ ପାଇଁ ପାଣି ଯୋଗାଇବା ଓ ନିଷ୍କାସନ କରିବାର ଭରସା ପାଲଟିଥାଏ।

ଖରାଦିନେ ଏସବୁ ଦୁର୍ବଳ ପଡ଼ିଥିବା ସ୍ଲୁଇସର କୌଣସି ମରାମତି କରା ନ ଯାଇ ବର୍ଷାଦିନେ ଏସବୁକୁ ମରାମତି କରିବା ବାହାନାରେ ପ୍ରତିବର୍ଷ ଲକ୍ଷ ଲକ୍ଷ ଟଙ୍କାର ବିଲ୍ ହୋଇଥାଏ। ଲେଉଟିଆ କିଆରୀ ପରି ଏହି ସବୁ ସ୍ଲୁଇସ ଦବିବା, ରେନକଟ୍ ହେବା, ଗାତ ହୋଇଯିବା ଭଳି ଜରୁରୀ ସ୍ଥିତି ହେଲେ ବିଭାଗର ଦାୟିତ୍ୱ ବଢ଼ିବା ଆଳରେ ବସ୍ତାଏ ବାଲିକୁ ୩ ଶହ ଟଙ୍କା ବିଲ କରିବାର ନଜିର ରହିଛି। ଏସନ୍ତୁ ଅନିୟମିତତା ସମ୍ପର୍କରେ ଏଇଇ ଦିଲ୍ଲୀପ ବେହେରାଙ୍କୁ ପଚାରିବାରୁ ବରାଡିଆ ଓ ନୂଆଗାଁ ସ୍ଲୁଇସ ପାଇଁ ଟେଣ୍ଡର ସରିଛି। ଦିନେ ଦୁଇ ଦିନ ଭିତରେ କାମ ହେବ ବୋଲି କହିଛନ୍ତି। ବାହାଘର ବେଳେ ବାଇଗଣ ରୁଆ ଭଳି ସ୍ଥିତିରେ ବନ୍ୟା ମୁକାବିଲା ସମୟରେ ଜୁଆରିଆ ନଈ ପାର୍ଶ୍ୱ ସ୍ଲୁଇସ କାମ କରିବା ଧାରା ଜଳସମ୍ପଦ ବିଭାଗ ପକ୍ଷରୁ ଜାରି ରହିଥିବାରୁ ଚାଷୀ ଅସନ୍ତୋଷ ପ୍ରକାଶ କରିଛନ୍ତି।

## ମଙ୍ଗରାଜପୁର ଗ୍ରାମର ୩ ଘରୁ ଚୋରି

ରାଜନଗର, ୯।୭(ସମିସ): ରାଜନଗର ବ୍ଲକ ମଙ୍ଗରାଜପୁର ଗ୍ରାମରେ ବୁଧବାର ବିଳମ୍ବିତ ରାତି ପ୍ରାୟ୨ଟା ସମୟରେ ୩ଟି ପରିବାରର କବାଟ ତାଡି ଟଙ୍କା, ସୁନାରୁପା ଚୋରି ହୋଇଥିବା ଅଭିଯୋଗ ହୋଇଛି। ଦୁର୍ବୃତ୍ତ ମହେଶ୍ୱର ରାଉତଙ୍କ ଘରର ପଛପଟ କବାଟ ତାଡ଼ି ଘରେ ପଶିଥିଲେ। ଆଲମିରାରେ ଥିବା ଟ୍ରଙ୍କରୁ ୪୦ ହଜାର ଟଙ୍କା, ହଳେ ସୁନା କାନଫୁଲ, ଗୋଟିଏ ମୁଦି ଓ ଦୁଇ ହଳ ରୂପା ପଟି ନେଇଯାଇଥିବା ଅଭିଯୋଗ କରିଛନ୍ତି। ଅଲେଖ ଦାସଙ୍କ ଘରର ପଛ କବାଟ ତାଡ଼ି ଘରେ ପଶି ୫ ହଜାର ଟଙ୍କା, ଗୋଟିଏ ସୁନା ଚେନ, ହଳେ ସୁନା କାନଫୁଲ ଓ ତିନିହଳ ରୂପାପଟି ନେଇଯାଇଛନ୍ତି। ସୂର୍ଯ୍ୟମଣି ରାଉତଙ୍କ ପରିବାର ବାହାରେ ରହୁଥିବାରୁ ତାଲା କାଟି ଘରେ ପଶି ଚୋରି କରିଥିଲେ। ଏ ନେଇ ଥାନା ଅଧିକାରୀ ନରେଶ ସାହୁଙ୍କୁ ପଚାରିବାରୁ ତଦନ୍ତ କରାଯାଉଥିବା କହିଛନ୍ତି।

## ରାଜକନିକା ପଞ୍ଚାୟତ ସମିତିର ନବମ ବୈଠକ

ରାଜକନିକା, ୯।୭(ସମିସ): ଆଜି ରାଜକନିକା ପଞ୍ଚାୟତ ସମିତିର ନବମ ବୈଠକ ଅନୁଷ୍ଠିତ ହୋଇଛି। ଉକ୍ତ ବୈଠକରେ ବିକଶିତ ଗାଁ ବିକଶିତ ଓଡ଼ିଶାର କାର୍ଯ୍ୟାନ୍ୱୟନ, ପାନୀୟଜଳ ସମ୍ପର୍କରେ ଆଲୋଚନା ହୋଇଥିଲା। ବିକଶିତ ଗାଁ ବିକଶିତ ଓଡ଼ିଶା ଯୋଜନା କାର୍ଯ୍ୟକୁ ନେଇ ବରୁଣାଡିହା ସରପଞ୍ଚ ଅସନ୍ତୋଷ ବ୍ୟକ୍ତ କରିଥିଲେ। ନିର୍ବାଚିତ ପ୍ରତିନିଧିଙ୍କ ଅଧିକାର କ୍ଷୁର୍ଣ୍ଣ କରି ଅନେକ ଯୋଜନା କାର୍ଯ୍ୟକାରୀ ହେଉଥିବାରୁ କଂଗ୍ରେସ ସମର୍ଥିତ ସଦସ୍ୟ ଏହାର ବିରୋଧ କରିଥିଲେ। ପାନୀୟଜଳ ପ୍ରସଙ୍ଗରେ ଆଲୋଚନା ଜୋରଦାର ହୋଇଥିଲା। ସରକାର ଲୋକଙ୍କୁ ପିଇବା ପାଣି ଯୋଗାଇବାରେ ସମ୍ପୂର୍ଣ୍ଣ ଅସମର୍ଥ ହୋଇଛନ୍ତି। ନୂଆ ନଳକୂପ ଖୋଳା ନ ହେବା, ପାଇପ ଯୋଗେ ପାଣି ଆସିବା ଦିବାସ୍ୱପ୍ନ ପାଲଟିବା, ଖରସ୍ରୋତା ନଦୀରୁ ପାଣି ନେଇ ଭଦ୍ରକ ଉପକୃତ ହେଉଥିବାବେଳେ ଏହି ପାଣି ଦେବାକୁ ବିରୋଧ କରି ୨୫ ଜଣ ଜେଲ ଯାଇଥିଲେ ବି ଏଯାବତ ରାଜକନିକା ବ୍ଲକକୁ ମେଗା ପାନୀୟଜଳ ପ୍ରକଳ୍ପ ପାଣି ଆସିବାର ଆଦୌ ସମ୍ଭାବନା ନ ଥିବା, ପ୍ରକଳ୍ପ ଲୋକଙ୍କୁ ପାଣି ଦେବାରେ ଅକ୍ଷମ ଥିବାବେଳେ ସମୀକ୍ଷା ନାଁରେ ଧୂଆଁବାଣ ମାରିବାକୁ ନେଇ ସମିତି ସଭ୍ୟ ଶରତ ରାଉତ ବ୍ଲକ ଦ୍ୱାରା ଏକ କମିଟି ଗଠନ କରାଯାଇ ଏହି ପ୍ରକଳ୍ପ କାମର ପୁନଃ ଅନୁଧ୍ୟାନ କରିବାକୁ ଦାବି କରିଥିଲେ। ରାଜ୍ୟ ସରକାରଙ୍କ ପାଠ୍ୟପୁସ୍ତକରେ ଅନେକ ତ୍ରୁଟି ଥିବା ସହ ବହୁ ଅପ୍ରସଙ୍ଗ ସ୍ଥାନ ପାଇଥିବାରୁ ଏହା ବିରୋଧରେ ସମିତି ସଭ୍ୟ ବାବୁରାମ ଜେନା, ଅଞ୍ଜନା ସାହୁ ସ୍ୱର ଉତ୍ତୋଳନ ଏହାକୁ ପରିବର୍ତ୍ତନ କରିବାକୁ ଦାବି କରିଥିଲେ।

ଏହି ବୈଠକରେ ସାଂସଦଙ୍କ ପ୍ରତିନିଧି, ବିଧାୟକଙ୍କ ପ୍ରତିନିଧି, ବ୍ଲକ ଅଧ୍ୟକ୍ଷା ମିନତୀ ରାଉତ, ଜିଲ୍ଲା ପରିଷଦ ଅଧ୍ୟକ୍ଷା ଅମିତା ସାହୁ ଉପସ୍ଥିତ ଥିବାବେଳେ ବାର୍ଦ୍ଧକ୍ୟ ଭତ୍ତା, ଆବାସ ଯୋଜନା ଭଳି ଜନକଲ୍ୟାଣ ଯୋଜନାକୁ ରାଜନୀତିରୁ ଉର୍ଦ୍ଧ୍ୱରେ ରଖି ଚୟନ ଓ ପ୍ରଦାନ ପାଇଁ ମତ ଆସିଥିଲା। ପ୍ରତି ୩ ମାସରେ ଥରେ ପଞ୍ଚାୟତ ସମିତି ବୈଠକ ହେବାର ନିୟମକୁ ଜଳାଞ୍ଜଳି ଦେଇ ଗୃହର ଆଲୋଚନାକୁ ଡରି ୫ ବର୍ଷ ପୂରଣ ହେବାକୁ ଯାଇଥିବାବେଳେ ଆଜିର ବୈଠକ ନବମ ବୈଠକ ଥିବାରୁ ବହୁ ସରପଞ୍ଚ ଓ ସମିତି ସଭ୍ୟ ଏଥରେ ଅସନ୍ତୋଷ ପ୍ରକାଶ କରିଥିଲେ। ଚଳିତ ପଞ୍ଚାୟତ ସମିତିର କାର୍ଯ୍ୟକାଳ ପୂରିବାକୁ ଆଉ କେଇ ମାସ ବାକି ଥିବାବେଳେ ଆଉ ମାତ୍ର ଗୋଟିଏ ବୈଠକରେ ପ୍ରାୟ ଏହା ଶେଷ ହୋଇଯିବ ବୋଲି ସାଧାରଣରେ ଆଲୋଚନା ହେଉଛି।





## ୨ ବ୍ୟବସାୟୀଙ୍କୁ ଆକ୍ରମଣ କରି ଲୁଟ୍

ପଟ୍ଟାମୁଣ୍ଡାଇ, ୯।୭(ସମିସ): ପଟ୍ଟାମୁଣ୍ଡାଇ ଗ୍ରାମାଞ୍ଚଳ ଥାନା ଅଞ୍ଚଳରେ ୨ ଜଣ ବ୍ୟବସାୟୀଙ୍କୁ ମରଣାନ୍ତକ ଆକ୍ରମଣ କରି ଟଙ୍କା ଲୁଟ ଭଳି ଘଟଣା ଘଟିଛି। ଏ ନେଇ ଥାନାରେ ଅଭିଯୋଗ ହେବା ପରେ ପୁଲିସ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। କଖାରୁଣୀ ଗ୍ରାମର ଶାରଦା ପ୍ରସାଦ ପ୍ରଧାନ ଓ ତାଙ୍କ ସାନଭାଇ ସ୍ମୃତିପ୍ରସାଦ ପ୍ରଧାନ କଣ୍ଟାବଣ ବଜାରରେ ଦୋକାନ କରିଛନ୍ତି। ବୁଧବାର ରାତି ୯. ୧୫ ମିନିଟ ସମୟରେ ସେମାନେ ଦୋକାନ ବନ୍ଦ କରି ଘରକୁ ଫେରୁଥିଲେ। ତେବେ ଜିଗରଣ ପାଖ ସମିତି ରାସ୍ତାରେ ୨ ଜଣ ଦୁର୍ବୃତ୍ତ ୨ ବ୍ୟବସାୟୀ ଭାଇଙ୍କ ପିଛା କରି ବାଇପଦା ବାଙ୍କ ନିକଟରେ ଅଟକାଇଥିଲେ। ସେଠାରେ ବ୍ୟବସାୟୀ ଦ୍ୱୟ କିଛି କହିବା ପୂର୍ବରୁ ଦୁର୍ବୃତ୍ତମାନେ ସେମାନଙ୍କ ନିକଟରେ ଥିବା ଟଙ୍କା ଛଡାଇ ନେବାକୁ ଉଦ୍ୟମ କରିଥିଲେ। ସେମାନେ ପ୍ରତିବାଦ କରିବାରୁ ବାଇପଦା ଗ୍ରାମର କିଛି ଯୁବକ ଏକାଠି ହୋଇ ସେମାନଙ୍କୁ ମାରଣାନ୍ତକ ଆକ୍ରମଣ କରିଥିଲେ। ଫଳରେ ସେମାନଙ୍କ ମୁଣ୍ଡ ଫାଟି ରକ୍ତଶ୍ରାବ ହୋଇଥିଲା। ପରେ ୨ ଭାଇ ଆକ୍ରମଣକାରୀ ଯୁବକଙ୍କଠାରୁ ଖସି କିଛି ବାଟ ଦୌଡିଥିଲେ। ଦୁର୍ବୃତ୍ତମାନେ ବିଭିନ୍ନ ମାରଣାସ୍ତ୍ର ଧରି ଆସିଥିବାରୁ ୨ ଭାଇ ଜୀବନ ବଞ୍ଚାଇବାକୁ ଯାଇ ଜଣକ ଘରେ ପଶି ଯାଇଥଲେ। ସେଠାରେ ସେମାନେ ପୁଲିସ ହେଲ୍‌ପଲାଇନ ନଂ ୧୧୨କୁ ଫୋନ କରି ଘଟଣା ସମ୍ପର୍କରେ ଅବଗତ କରିଥିଲେ। ଖବର ପାଇ ପୁଲିସ ପହଞ୍ଚିବାରୁ ଦୁର୍ବୃତ୍ତମାନେ ଫେରାର ହୋଇଯାଇଥଲେ। ପଟ୍ଟାମୁଣ୍ଡାଇ ଗ୍ରାମାଞ୍ଚଳ ଥାନା ପୁଲିସ ଗୁରୁତର ଅବସ୍ଥାରେ ୨ ବ୍ୟବସାୟୀ ଭାଇଙ୍କୁ ଉଦ୍ଧାର କରି ଚିକିତ୍ସା ପାଇଁ ପଟ୍ଟାମୁଣ୍ଡାଇ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ପଟ୍ଟାମୁଣ୍ଡାଇ ଗ୍ରାମାଞ୍ଚଳ ଥାନା ଆଇଆଇସି ଶ୍ରୀକାନ୍ତ ବାରିକଙ୍କ ନିର୍ଦ୍ଦେଶରେ ସ୍ଥାନୀୟ ପୁଲିସ ୩୭୩/୨୬ରେ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି।

## ବନ୍ୟାରେ ପରିବା ଫସଲ ନଷ୍ଟ

ଗରଦପୁର, ୯।୭(ସମିସ): ଚିତ୍ରୋତ୍ପଳା ନଦୀରେ ପ୍ରଥମ ବନ୍ୟାଜଳ ପ୍ରବେଶ ହେତୁ ନଦୀ ପଠାରେ ହୋଇଥିବା ପରିବା ଫସଲ ନଷ୍ଟ ହୋଇଛି। ଗରଦପୁର ବ୍ଲକର ଜିରାଳ, ପହଣା, ପନ୍ଦିଆ, ପୁନ୍ଦାଲୋ, ପାଟକୁରା, ଜଗନ୍ନାଥପୁର ଗ୍ରାମର ଚାଷୀ ପଠାରେ କଲରା, ପୋଟଳ, ବାଇଗଣ, ଭେଣ୍ଡି, କଞ୍ଚାଲଙ୍କା ଇତ୍ୟାଦି ଫସଲ କରି ନିଜର ଗୁଜୁରାଣ ମେଣ୍ଟାଉଥିଲେ। ନଦୀରେ ପାଣି ଆସିବା ପରେ ଫସଲ ନଷ୍ଟ ହେବା ସହ କମ୍ ଦରରେ ପରିବା ବିକି ଚାଷୀଙ୍କୁ କ୍ଷତି ସହିବାକୁ ପଡ଼ିଛି। ଏହି କ୍ଷତି ଭରଣା ପାଇଁ ସରକାର ଯଦି ଦୃଷ୍ଟି ଦିଅନ୍ତେ ଚାଷୀମ ଉପକୃତ ହୁଅନ୍ତେ ବୋଲି କ୍ଷତିଗ୍ରସ୍ତ ଚାଷୀ ନିବେଦନ କରିଛନ୍ତି।

## ବର୍ଷାରେ ଧସିଲା ଅସ୍ଥାୟୀ ରାସ୍ତା



ରାଜକନିକା, ୯।୭(ସମିସ): ଜୟନଗର-ସିଂହପୁର ରାସ୍ତାର ନମତରାଠାରେ ନିର୍ମିତ ହେଉଥିବା କଲଭର୍ଟ ପାଇଁ ଅସ୍ଥାୟୀ ଭାବେ ତିଆରି କରାଯାଇଥିବା ରାସ୍ତା ଅତି ଦୁର୍ବଳ ଭାବେ ତିଆରି ହୋଇଥିବାବେଳେ ଏହା ଦବିବା ଯୋଗୁଁ ଗାଡ଼ି ଚଳାଚଳରେ ସମସ୍ୟା ହେଉଥିବାବେଳେ ଆଜି ଏହା ଧସିଯାଇଛି। ଏହି ରାସ୍ତାରେ ଯାତାୟାତ ବାଧାପ୍ରାପ୍ତ ହୋଇଥିବା ଅଭିଯୋଗ ହେଉଛି।

## ଅଧିଗ୍ରହଣ ପ୍ରକ୍ରିୟା ବନ୍ଦ ପାଇଁ ଜିଲ୍ଲାପାଳଙ୍କ ସୁପାରିସ

● ଶିଳ୍ପ ପାଇଁ ଜମି ଅଧିଗ୍ରହଣକୁ ଜିଲ୍ଲା ଚାଷୀ ଶ୍ରମିକ ସଂଘର ବିରୋଧ

ଡେରାବିଶ, ୯।୭(ସମିସ): କେନ୍ଦ୍ରାପଡ଼ା ଜିଲ୍ଲା ଡେରାବିଶ ତହସିଲ ଅଧୀନ ଗୋଲରାହାଟ ପଞ୍ଚାୟତ ତିଳକପୁର ଗ୍ରାମରେ ଶିଳ୍ପାନୁଷ୍ଠାନ ପାଇଁ ୧୧୭ ଏକର ଜମିକୁ ଅଧିଗ୍ରହଣ ପାଇଁ ଗତ ୨୦୨୫ ସେପ୍ଟେମ୍ବର ମାସରେ ଜିଲ୍ଲା ପ୍ରଶାସନ ପକ୍ଷରୁ ଗ୍ରାମର ଚାଷୀଙ୍କୁ ନୋଟିସ୍ କରାଯାଇଥିଲା। ନିଜର ଭାତହାଣ୍ଡି ସଦୃଶ ଚାଷଜମିକୁ ହରାଇବା ଚିନ୍ତାରେ ସମ୍ପୃକ୍ତ ଗ୍ରାମର ଚାଷୀଙ୍କ ଉପରେ ଯେପରି ଚଡ଼କ ପଡ଼ିଥିଲା। ପ୍ରସ୍ତାବିତ ଜମି ଅଧିଗ୍ରହଣ ବନ୍ଦ କରିବାକୁ ତିଳକପୁର ଗ୍ରାମର ୧୯୭ ଜଣ ଚାଷୀ ଜିଲ୍ଲାପାଳଙ୍କୁ ଭେଟି ଏହି ଜମି ଅଧିଗ୍ରହଣ ତୁରନ୍ତ ବନ୍ଦ କରିବା ପାଇଁ ନିବେଦନ କରିଥିଲେ। ଯଦି ଶିଳ୍ପ ପାଇଁ ଏହି ୧୧୭ ଏକର ଚାଷ ଜମି ଅଧିଗ୍ରହଣ ହୁଏ ତେବେ ସମସ୍ତ ଚାଷୀ ଭୂମିହୀନ ହୋଇଯିବେ ଓ ନିଜର ଜିବିକା ହରାଇବେ ବୋଲି ଜିଲ୍ଲାପାଳଙ୍କୁ ଅନୁରୋଧ କରିଥିଲେ। ଗ୍ରାମବାସୀଙ୍କ ଦାବି ଯଥାର୍ଥ ହୋଇଥିବାରୁ ଏହାକୁ ଗୁରୁତ୍ୱ ଦେଇ କେନ୍ଦ୍ରାପଡ଼ା ଜିଲ୍ଲା ଚାଷୀ ଶ୍ରମିକ ସଂଘ ତୁରନ୍ତ ଅଧିଗ୍ରହଣକୁ ବିରୋଧ କରି ଜିଲ୍ଲାପାଳଙ୍କ ନିକଟରେ ଦାବି ରଖିଥିଲେ। ସଂଘର ଏହି ଦାବିକୁ ଜିଲ୍ଲାପାଳ ଗୁରୁତର ସହ ଗ୍ରହଣ କରି ଏହାର ଶୁଣାଣି ପାଇଁ ଗତ ଫେବୃଆରୀ ୬ ତାରିଖରେ ଜିଲ୍ଲାପାଳଙ୍କ ଦ୍ୱାରା ଏ ସଂକ୍ରାନ୍ତରେ ଆହୂତ ବୈଠକରେ ସଂଘର କର୍ମକର୍ତ୍ତା ଓ ପ୍ରଭାବିତ ହେବାକୁ ଥିବା ତିଳକପୁର ଗ୍ରାମର ସମସ୍ତ ଚାଷୀ ଉପସ୍ଥିତ ଥିଲେ। ଏହି ବୈଠକରେ ସଂଘର ସଭାପତି ପଣ୍ଡିତ ଶରତ ମିଶ୍ର, ସମ୍ପାଦକ କୃତ୍ତିବାସ ଦାସ, ଧରଣୀଧର ପ୍ରଧାନ, ମଦନ ମହାନ୍ତି, ଗୋବିନ୍ଦ ବାରିକ, ତ୍ରିଲୋଚନ ରାଉତ, ରାମଚନ୍ଦ୍ର ରାଉତ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ସଂଘର ସଭାପତି ପଣ୍ଡିତ ମିଶ୍ରଙ୍କ ସୂଚନା ଅନୁଯାୟୀ ଇତିମଧ୍ୟରେ ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ତିଳକପୁର ଗ୍ରାମର ଚାଷଜମି ଜଳସେଚିତ ଓ ଦୋଫସଲି ହୋଇଥିବାରୁ ସମ୍ପୃକ୍ତ ଗ୍ରାମର ଚାଷୀ କ୍ଷତିର ସମ୍ମୁଖୀନ ହେବେ ବୋଲି ଜିଲ୍ଲାପାଳଙ୍କୁ ରିପୋର୍ଟ ପ୍ରଦାନ କରିଥିଲେ। ଉପରୋକ୍ତ ସମସ୍ୟାକୁ ବିଚାର କରି ଜିଲ୍ଲାପାଳ ଜମି ଅଧିଗ୍ରହଣ ପ୍ରକ୍ରିୟାକୁ ବନ୍ଦ ରଖିବାକୁ ସରକାରଙ୍କୁ ସୁପାରିଶ କରିଥିବାରୁ ସମ୍ପୃକ୍ତ ଗ୍ରାମର ଚାଷୀ ଓ ଜିଲ୍ଲା ଚାଷୀ ଶ୍ରମିକ ସଂଘ କର୍ମକର୍ତ୍ତା ଜିଲ୍ଲାପାଳଙ୍କୁ କୃତଜ୍ଞତା ଜଣାଇଛନ୍ତି।

## ଶିକ୍ଷକ ଲଛମନ ବେହେରାଙ୍କ ସ୍ମୃତିଚାରଣ ସଭା

ଗୋବିନ୍ଦପୁର, ୯।୭(ସମିସ): ପଣସଗଣ୍ଡ ଗ୍ରାମର ଅବସରପ୍ରାପ୍ତ ଶିକ୍ଷକ ଲଛମନ ବେହେରାଙ୍କ ସ୍ମୃତିଚାରଣ ସଭା ଓ ଭଜନ ସମାରୋହ ଅନୁଷ୍ଠିତ ହୋଇଛି। ଶ୍ରୀବତ୍ସ ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସଭାକୁ ଦେବଦତ୍ତ ଦାସ ସଂଯୋଜନା କରିଥିଲେ। ସଭାରେ ପୁରାତନ ଛାତ୍ରଛାତ୍ରୀ ଗୁରୁଜୀଙ୍କ ଶିକ୍ଷାଦାନ ଶୈଳୀ ଓ ଅନୁଶାସନ କଥା ବଖାଣି ଶ୍ରଦ୍ଧାଞ୍ଜଳି ଦେଇଥିଲେ। କ୍ଷୀରୋଦ ବେହେରା, ସୁଶାନ୍ତ ସାମଲ, ଶିକ୍ଷକ ବିନୋଦ ବିହାରୀ ସେଠୀ, ସରୋଜ ସାମଲ, ବ୍ରହ୍ମାନନ୍ଦ ମଲ୍ଲିକ, କାଳନ୍ଦୀ ସାମଲ, ସରପଞ୍ଚ ପ୍ରତିନିଧି ଅର୍ଜୁନ ମଲ୍ଲିକ, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ପ୍ରବୋଧ ଦାସ ପ୍ରମୁଖ ଉପସ୍ଥିତ ଥିଲେ।



## ମାଟିଆ ବିଦ୍ୟାଳୟରେ ଚାରାରୋପଣ



ପଟ୍ଟାମୁଣ୍ଡାଇ, ୯।୭(ସମିସ): ମାଟିଆ ଉନ୍ନୀତ ପ୍ରାଥମିକ ବିଦ୍ୟାଳୟ ପରିସରରେ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପୁରାତନ ଛାତ୍ରଛାତ୍ରୀଙ୍କ ପକ୍ଷରୁ ଆୟୋଜିତ ବୃକ୍ଷ ରୋପଣ କାର୍ଯ୍ୟକ୍ରମକୁ ଯୁବ ଆଇନଜୀବୀ ମନୋଜ ନାୟକ ପରିଚାଳନା କରିଥିଲେ। ମୁଖ୍ୟଅତିଥି ଭାବେ ପଟ୍ଟାମୁଣ୍ଡାଇ ଆଦର୍ଶ ଥାନା ଭାରପ୍ରାପ୍ତ ଅଧିକାରିଣୀ ବନ୍ଦନା ପାତ୍ର ଓ ସମ୍ମାନିତ ଅତିଥି ଭାବେ ବରିଷ୍ଠ ଆଇନଜୀବୀ ହୃଦାନନ୍ଦ ମହାନ୍ତି, ବିଜୟ ରାଉତ, ବରିଷ୍ଠ ସାମ୍ବାଦିକ ଅନୀଲ ଚୌଧୁରୀ, ଆଇନଜୀବୀ ସତ୍ୟନାରାୟଣ ତ୍ରିପାଠୀ, ବିଦ୍ୟାଳୟର ପ୍ରଧାନଶିକ୍ଷକ ଗୋଲେଖ ମଲିକ, ସହକାରୀ ଶିକ୍ଷକ ଉଦୟନାରାୟଣ ଦାଶ, ସସ୍ମିତା ଦାଶ, ଅନିରୁଦ୍ଧ ଦାଶ, କାଉନସିଲର ସୁବାସ ମଲିକ, ସମାଜସେବୀ ଦିଲ୍ଲୀପ ମହାନ୍ତି, ଶୈଳେନ୍ଦ୍ର ମହାନ୍ତି, ସତ୍ୟବାଦୀ ନାୟକ ପ୍ରମୁଖ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ପୁରାତନ ଛାତ୍ର ବିକ୍ରମ ପାତ୍ର, ତପନ ଦାଶ, ରଶ୍ମିରଞ୍ଜନ ପାତ୍ର, ସିଦ୍ଧାର୍ଥ ଦାଶ. ନିମାଇ ପାତ୍ର, ରାଜୀବ ମଲିକ, ପତିତପାବନ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

### ଏସ୍‌ଆଇଆର କାର୍ଯ୍ୟରେ ଅବହେଳା ଅଭିଯୋଗ

# ୪ ବିଏଲଓଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ବିଡିଓଙ୍କ ସୁପାରିସ

କେନ୍ଦ୍ରାପଡ଼ା, ୯।୭(ସମିସ)

ଭୋଟର ତାଲିକାର ସ୍ୱତନ୍ତ୍ର ସଘନ ସଂଶୋଧନ (ଏସଆଇଆର) କାର୍ଯ୍ୟରେ ଗୁରୁତର ଅବହେଳା ଓ ସରକାରୀ ନିର୍ଦ୍ଦେଶ ଅମାନ୍ୟ କରିବା ଅଭିଯୋଗରେ କେନ୍ଦ୍ରାପଡ଼ା ବ୍ଲକର ୪ ଜଣ ବୁଥ୍‌ସ୍ତରୀୟ ଅଫିସର (ବିଏଲଓ)ଙ୍କ ବିରୋଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ କେନ୍ଦ୍ରାପଡ଼ା ବିଡିଓ ଅଭିଷେକ ସ୍ୱାଇଁ ଜିଲ୍ଲା ନିର୍ବାଚନ ଅଧିକାରୀ ତଥା ଜିଲ୍ଲାପାଳଙ୍କୁ ସୁପାରିଶ କରିଛନ୍ତି। ବିଡିଓଙ୍କ ସୁପାରିଶ ଅନୁସାରେ, କେନ୍ଦ୍ରାପଡ଼ା ବିଧାନସଭା ନିର୍ବାଚନମଣ୍ଡଳୀ ଅଧୀନ ବୁଥ୍ ନମ୍ବର ୫୩ର ବିଏଲଓ ତଥା କେଶପୁର ଉନ୍ନୀତ ଉଚ୍ଚପ୍ରାଥମିକ ବିଦ୍ୟାଳୟର ସହକାରୀ ଶିକ୍ଷୟିତ୍ରୀ ହରପ୍ରିୟା ସିଆଳ, ବୁଥ୍ ନମ୍ବର ୫୭ର ବିଏଲଓ ତଥା ବାଘୁଆ ପ୍ରାଥମିକ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନଶିକ୍ଷକ ମନୋରଞ୍ଜନ ବିଶ୍ୱାଳ, ବୁଥ୍ ନମ୍ବର ୧୧୯ର ବିଏଲଓ ତଥା ଶୁକଦେବ ବ୍ରହ୍ମଚାରୀ ଉଚ୍ଚପ୍ରାଥମିକ ବିଦ୍ୟାଳୟର ଅବସରପ୍ରାପ୍ତ ସହକାରୀ ଶିକ୍ଷକ ବିଜୟ ନାୟକ ଓ ବୁଥ୍ ନମ୍ବର ୧୨୧ର ବିଏଲଓ ତଥା ଭରସିଂ ପ୍ରାଥମିକ ବିଦ୍ୟାଳୟର ସହକାରୀ ଶିକ୍ଷୟିତ୍ରୀ ଓ କୋରୁଆ ଆଞ୍ଚଳିକ ସାଧନକେନ୍ଦ୍ରର ସିଆରସିସି ପ୍ରଜ୍ଞା ପ୍ରଗଲ୍ଭା ଚଇନିଙ୍କ ବିରୋଧରେ ଏହି ସୁପାରିଶ କରାଯାଇଛି। ଏହି ବିଏଲଓମାନେ ସ୍ୱତନ୍ତ୍ର ସଘନ ସଂଶୋଧନ କାର୍ଯ୍ୟରେ ସହଯୋଗ କରି ନ ଥିଲେ। ବିଡିଓ ବାରମ୍ବାର ନିର୍ଦ୍ଦେଶ ଓ ତାଗିଦ କରିଥିଲେ ମଧ୍ୟ ସେମାନେ ସେହି ନିର୍ଦ୍ଦେଶକୁ ପାଳନ କରି ନ ଥିଲେ। ସରକାରୀ ଆଦେଶକୁ ବେଖାତିର କରିଥିବା ସୁପାରିଶ ପତ୍ରରେ ଉଲ୍ଲେଖ ରହିଛି। ବିଡିଓ ତାଙ୍କ ସୁପାରିଶରେ ଉଲ୍ଲେଖ କରିଛନ୍ତି ଯେ, ନିର୍ବାଚନ ଭଳି ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟରେ ଅବହେଳା କରିଥିବା ଏହି ବିଏଲଓଙ୍କ ବିରୋଧରେ ଦୃଷ୍ଟାନ୍ତମୂଳକ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଗଲେ ଅନ୍ୟ ବିଏଲଓମାନେ ମଧ୍ୟ ନିଜ ଦାୟିତ୍ୱ ସଠିକ୍ ଭାବେ ପାଳନ କରିବା ପାଇଁ ଉତ୍ସାହିତ ହେବେ। ସିଆରସିସି ପ୍ରଜ୍ଞା ପ୍ରଗଲ୍ଭା ଚଇନିଙ୍କ ସମ୍ପର୍କରେ ମଧ୍ୟ ସ୍ୱତନ୍ତ୍ର ଭାବେ ଉଲ୍ଲେଖ କରାଯାଇଛି। ତାଙ୍କର ପୂର୍ବରୁ ଜନଗଣନା (ସେନସସ) ଡ୍ୟୁଟି ପଡ଼ିଥିଲେ ମଧ୍ୟ ସେ ଏସଆଇଆର ନିଯୁକ୍ତିପତ୍ର ଦେଖାଇ ସେହି ଡ୍ୟୁଟି ବାତିଲ କରାଇଥିଲେ। ଏହି ସୁପାରିଶ ପରେ ଜିଲ୍ଲା ପ୍ରଶାସନ ପକ୍ଷରୁ ଉକ୍ତ ଚାରିଜଣ ବିଏଲଓଙ୍କ ବିରୋଧରେ କି ପଦକ୍ଷେପ ନିଆଯିବ, ତାହା ଉପରେ ସମସ୍ତଙ୍କ ନଜର ରହିଛି।

## ରାସ୍ତାକୁ ସମତୁଲ କଲେ ଠିକାଦାର



'ସକାଳ' ପ୍ରଭାବ

ଗରଦପୁର, ୯।୭(ସମିସ): ଦୈନିକ ଖବରକାଗଜ 'ସକାଳ'ରେ ସାନକୋରୁଆ-ହୁରାସାହି ରାସ୍ତା ଅଧପନ୍ତରିଆ ଶୀର୍ଷକ ଖବର ପ୍ରକାଶିତ ହେବା ପରେ ଗ୍ରାମ୍ୟ ଉନ୍ନୟନ ବିଭାଗର ନିଦ ଭାଙ୍ଗିଛି। ବିଭାଗର ନିର୍ଦ୍ଦେଶକ୍ରମେ ଠିକାଦାର ତତ୍ପର ହୋଇ ଉଠିଛନ୍ତି। ଖବର ପ୍ରକାଶ ପାଇବା ଦିନକ ପରେ ଉକ୍ତ ରାସ୍ତାରେ ଥିବା ଖାଲଖମା ପୂର୍ଣ୍ଣ ରାସ୍ତାକୁ ଗୋଡି, ବାଲି ପକାଇ ସମତୁଲ କାର୍ଯ୍ୟ ଆରମ୍ଭ କରିଛନ୍ତି। ଫଳରେ ଜନସାଧାରଣ ସୁରୁଖୁରୁରେ ଯାତାୟାତ କରିବା ନେଇ ସନ୍ତୋଷ ବ୍ୟକ୍ତ କରିଛନ୍ତି। ଉକ୍ତ ରାସ୍ତା ନିର୍ମାଣ ପାଇଁ ୬ କୋଟି ୫୭ ଲକ୍ଷ ୬୩ ହଜାର ଟଙ୍କା ବ୍ୟୟବରାଦ ହୋଇଛି। ଅନନ୍ତ ପ୍ରସାଦ ମଲ୍ଲିକ ନାମକ ଜଣେ ଠିକାଦାର ଟେଣ୍ଡର ନେଇ ଦୀର୍ଘ ଏକ ବର୍ଷ ହେବ କାମ କରୁଛନ୍ତି। ଅବଧି ସରିବାକୁ ଆଉ ମାତ୍ର ଦେଢ଼ମାସ ବାକି ଥିବାବେଳେ ଏବେ ବି ରାସ୍ତା କାମ ଅଧା ବାକି ରହିଛି। ଏବେ ବର୍ଷାଦିନ ଥିବାରୁ ପିଚୁ କରିବା ସମ୍ଭବ ହେଉନାହିଁ। ଫଳରେ ରାସ୍ତା ସାରା ଖାଲଖମା ହୋଇଥିବା ହେତୁ ଯାତାୟାତ କରିବା ନେଇ ଲୋକେ ହୀନସ୍ତା ଭୋଗୁଛନ୍ତି। ତେବେ ରାସ୍ତା କାମ ସରିବା ଅବଧି ଆଉ କମ୍ ଦିନ ଥିବାରୁ ରାସ୍ତା କାମ ସମ୍ପୂର୍ଣ୍ଣ ହେଉଛି କି ନାହିଁ, ତାହା ଦେଖିବାକୁ ବାକି ରହିଲା।

### ଇଜାରମାଲି ସୁରକ୍ଷା ସମିତି ପକ୍ଷରୁ ଶୋଭାଯାତ୍ରା

# ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଦାବିପତ୍ର



ପଟ୍ଟାଙ୍ଗି, ୯।୭(ସମିସ): କୋରାପୁଟ ଜିଲ୍ଲା ପଟ୍ଟାଙ୍ଗି ପଞ୍ଚାୟତ ସମିତି ଅନ୍ତର୍ଗତ ପଟ୍ଟାଙ୍ଗି ଗ୍ରାମପଞ୍ଚାୟତ ଅଧିନସ୍ଥ ୨୮ ଗ୍ରାମର ଲୋକେ ଇଜାରମାଲି ସୁରକ୍ଷା ନିମନ୍ତେ ଶୋଭାଯାତ୍ରା ସହ ମହାମହିମା ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ପ୍ରଦାନ କରିଛନ୍ତି। ସୂଚନା ଅନୁଯାଇ ପଟ୍ଟାଙ୍ଗି ଗ୍ରାମ ପଞ୍ଚାୟତ ଅଧିନସ୍ଥ ୨୮ ଗୋଟି ଗ୍ରାମ ତଥା ନୁଆ ପଡାପଦର, ପୁରୁଣା ପଡାପଦର, ବାରିଆମେଟା, ବୁଡିଆଗୁଡା, କନ୍ଧ ସିଉରା, ପରଜା ସିଉରା, ଦାନ୍ଦୁଗୁଡା, କାରିଡି, ରାଇପାଡୁ, ଏଟିଂଗାବଡର, ବିଟ୍ରା, ତଳିମାଉଡି, ସିତିବାଲସା, ମେଟାବାଲସା, ତାତିବାଲସା, ତୁଡୁକୁପାତ, ତଟାବାଲସା, ଇତାବାଲସା, ଗୁଞ୍ଜୁଲୁପାଡୁ, ବାଇଲପାଡୁ, ପିଲିକା ବିଟ୍ରା, ବରାମାଉଡି, ବନ୍ଧୁଲୁପାଡୁ, ତେଲରାଇ, ସୁନିବାଲସା, କାଉଗୁଣ୍ଡା, ସାକିରାଇ, କାକିପାଡୁ ଗ୍ରାମରେ ଇଜାରମାଳି ପାହାଡ ରହିଛି। ଉକ୍ତ ପାହାଡକୁ ପଟ୍ଟାଙ୍ଗି ତହ୍‌ସିଲ କାର୍ଯ୍ୟାଳୟରୁ ପ୍ରକାଶ ପାଇଥିବା ବିଜ୍ଞପ୍ତି ନଂ ୦୨/୨୦୨୬, ୨୧/୦୪/୨୦୨୬ ରିଖ ଅନୁଯାୟୀ ଆମ୍ଭେ ସମସ୍ତ ଗ୍ରାମବାସୀ ଜାଣିବାକୁ ପାଇଲୁ ଯେ ପଡାପଦର ମୌଜା ଖାତା ନଂ ୩୪ ପ୍ଲଟ ନଂ ୦୧,୦୪,୧୦, ୧୧, ୧୨, ୧୪, ୨୧,୨୨,୨୩ ଉପରେ କେନ୍ଦ୍ର ପ୍ରତିରକ୍ଷା ମନ୍ତ୍ରାଳୟ ମାର୍ଫତ୍ ଅଧିକାରୀ ଆଇଏନ୍‌ଏସ୍ କଳିଙ୍ଗ କୁ ଦିଆଯାଇଛି। ସମସ୍ତେ ଜଣେ ଜଣେ ନାମ ମାତ୍ର ଚାଷୀ। ସରକାରଙ୍କ ତରଫରୁ ଜଙ୍ଗଲ ଜମି ପଟ୍ଟା ପ୍ରଦାନ କରାଯାଇଛି। ଉକ୍ତ ନିର୍ମାଣ କାର୍ଯ୍ୟ କରାଗଲେ ଅଞ୍ଚଳବାସୀଙ୍କ ଚାଷ ବାସ , ପାନୀୟ ଜଳ, ବସ୍ତି ଉପରେ ପ୍ରଭାବ ହେବାର ବହୁତ ସମ୍ଭାବନା ରହିଥିବା ନେଇ ଅଞ୍ଚଳବାସୀ ସନ୍ଦେହ କରୁଛନ୍ତି। ତେଣୁ ଇଜାରମାଳି ସୁରକ୍ଷା ସମିତିର ସଭାପତି ସୁରେନ୍ଦ୍ର ଚପାଡ଼ିଙ୍କ ଅଧ୍ୟକ୍ଷତାରେ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ମିନି ଷ୍ଟାଡିୟମ ପଟ୍ଟାଙ୍ଗି ଠାରୁ ଏକ ଶୋଭାଯାତ୍ରା ଆରମ୍ଭ କରାଯାଇ ସହର ପରିକ୍ରମା କରିଥିଲେ ଅଞ୍ଚଳବାସୀ। ଉକ୍ତ ଶୋଭାଯାତ୍ରା ମାଧ୍ୟମରେ ବିଭିନ୍ନ ପ୍ଲାକାର୍ଡ ଏବଂ ନାରାବାଜି କରି ତହସିଲ କାଯ୍ୟାଳୟରେ ପହଞ୍ଚିଥିଲେ। ସ୍ଥାନୀୟ ତହସିଲଦାର ଦେବେନ୍ଦ୍ର ଧାରୁଆଙ୍କ ଜରିଆରେ ମହାମହିମ ରାଷ୍ଟ୍ରପତିଙ୍କୁ ଉକ୍ତ ପ୍ରକଳ୍ପ ନ କରିବା ନିମନ୍ତେ ଏକ ଦାବିପତ୍ର ପ୍ରଦାନ କରିଥିବା ଦେଖିବାକୁ ମିଳିଅଛି। ସ୍ଥାନୀୟ ବିଧାୟକ ତଥା ବିରୋଧୀ କଂଗ୍ରେସ ବିଧାୟକ ଦଳର ସଭାପତି ରାମଚନ୍ଦ୍ର କାଡାମଙ୍କ ସମେତ ପଟ୍ଟାଙ୍ଗି ସରପଞ୍ଚ ଆଲମେ ଫୁଲ, ନୂଆଗାଁ ସରପଞ୍ଚ ସୁବାଷ ଚନ୍ଦ୍ର ଖରା, ମାଳିପୁଟ ସରପଞ୍ଚ ସୋମନାଥ ଗୁଣ୍ଟା, ରାଲେଗଡ଼ା ସମିତି ସଭ୍ୟା ବିମଳା ପାଙ୍ଗି, ମାଳିପର୍ବତ ସୁରକ୍ଷା ସମିତିର ସଭାପତି ବିଜୟ ଖିଲ, ନିରଞ୍ଜନ ଖିଲ, ସେରିବନ୍ଧ ସୁରକ୍ଷା ସମିତିର ସଭାପତି ରବି ଖରା ପ୍ରମୁଖ ଉପସ୍ଥିତ ରହିଥିଲେ। ବିଧାୟକ ଶ୍ରୀ କାଡାମ ଏଥିପାଇଁ ଲଢ଼େଇ କରିବାକୁ ପ୍ରସ୍ତୁତ ରହିଥିବା କହିଛନ୍ତି।

## ୪ ବର୍ଷର ନାବାଳିକାକୁ ୧୨ ବର୍ଷ ନାବାଳକର ଦୁଷ୍କର୍ମ

ନବରଙ୍ଗପୁର, ୯।୭(ସମିସ): ଜଣେ ୧୨ ବର୍ଷର ନାବାଳକ ନିଜ ସମ୍ପର୍କୀୟ ୪ ବର୍ଷର ନାବାଳିକାକୁ ଦୁଷ୍କର୍ମ କରିଥିବା ଅଭିଯୋଗ ହୋଇଛି। ଗୁରୁତର ନାବାଳିକାକୁ ପରିବାର ଲୋକେ ପ୍ରଥମେ ଡାବୁଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିବା ପରେ ଉତ୍ତମ ଚିକିତ୍ସା ପାଇଁ ନବରଙ୍ଗପୁର ଜିଲ୍ଲା ସରକାରୀ ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଛନ୍ତି। ୪ ବର୍ଷର ନାବାଳିକାର ବାପା ଏ ନେଇ ଡାବୁଗାଁ ଥାନାରେ ବୁଧବାର ରାତିରେ ଏତଲା ଦେବା ପରେ ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ସୂଚନା ଅନୁଯାଇ ବୁଧବାର ଅପରାହ୍ନ ୫ ଘଣ୍ଟ ସମୟରେ ଡାବୁଗାଁ ଥାନା ଅଞ୍ଚଳର ଜଣେ ୪ ବର୍ଷର ନାବାଳିକା ନିଜ ଘର ପାଖରେ ଖେଳୁଥିବା ବେଳେ ସେହି ଗ୍ରାମର ଜଣେ ୧୨ ବର୍ଷର ସମ୍ପର୍କୀୟ ନାବାଳକ ତାକୁ ଡାକି ନେଇ ଦୁଷ୍କର୍ମ କରିଥିଲା। ନାବାଳିକା ଝିଅକୁ ରକ୍ତାକ୍ତ ଅବସ୍ଥାରେ ଉଦ୍ଧାର କରି ତାର ବାପା ଡାବୁଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ଅବସ୍ଥା ଗୁରୁତର ଥିବାରୁ ପ୍ରାଥମିକ ଚିକିତ୍ସା ପରେ ନାବାଳିକାକୁ ନବରଙ୍ଗପୁର ଜିଲ୍ଲା ସରକାରୀ ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା। ନାବାଳିକାର ବାପା ବୁଧବାର ରାତ୍ରରେ ଡାବୁଗାଁ ଥାନାରେ ଏତଲା ଦେବା ପରେ ଥାନା ଅଧିକାରୀ ଲଛମି ପରଜା ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲେ। ଗୁରୁବାର ନାବାଳକକୁ ପୁଲିସ ଅଟକ ରଖି ପଚରାଉଚରା କରୁଛି।



**● ଡାବୁଗାଁ ଥାନାରେ ଏତଲା**

### ● ସରକାରୀ ବିଦ୍ୟାଳୟ ଗୃହରେ ବେସରକାରୀ ଶିକ୍ଷାନୁଷ୍ଠାନ

## ଜିଲ୍ଲା ଶିକ୍ଷା ଅଧିକାରୀଙ୍କ ତଦନ୍ତ ନିର୍ଦ୍ଦେଶ

ସୁନାବେଡ଼ା, ୯।୭ (ସମିସ): କୋରାପୁଟ ଜିଲ୍ଲା ସୁନାବେଡ଼ା ଶାନ୍ତିନଗରସ୍ଥିତ ସରକାରୀ ବିଦ୍ୟାଳୟ ଗୃହରେ 'ସାଇ ସୈନିକ ସ୍କୁଲ' ନାମକ ଏକ ଘରୋଇ ଶିକ୍ଷା ଅନୁଷ୍ଠାନ ଚାଲିଥିବା ନେଇ ଅଭିଯୋଗ ହୋଇଛି। ଏଥିସହ ମିଗ୍-୩ କ୍ଲଷ୍ଟରର ଜଣେ ଆଞ୍ଚଳିକ ସାଧନ କର୍ମୀ ସରକାରୀ ଦରମା ପାଉଥିବା ସତ୍ତ୍ୱେ, ଉକ୍ତ ବେସରକାରୀ ବିଦ୍ୟାଳୟର ବିଜ୍ଞାପନ ପ୍ରସାର କରୁଥିବା ସାମ୍ନାକୁ ଆସିଛି। ଏହି ପ୍ରସଙ୍ଗକୁ ନେଇ ଗତ ମାସ ୨୯ ତାରିଖରେ ଗଣମାଧ୍ୟମରେ ଖବର ପ୍ରକାଶ ପାଇଥିଲା। ଉକ୍ତ ଖବରର ପେପର କ୍ଲିପ୍ ଏବଂ ସାମାଜିକ ଗଣମାଧ୍ୟମ 'ଏକ୍ସ' ହ୍ୟାଣ୍ଡେଲରେ ସେୟାର ହୋଇଥିବା ପୋଷ୍ଟକୁ ଆଧାର କରି ଜିଲ୍ଲା ଶିକ୍ଷାଧିକାରୀ ଏକ ବିଧିବଦ୍ଧ ତଦନ୍ତ ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଚିଠି ସଂଖ୍ୟା ୪୧୦/ଇଏସଟିଆଇ-ଆଇ/୨୦୨୬, ତା- ୦୬/୦୭/୨୦୨୬ ଅନୁଯାୟୀ ଘଟଣାର ସରଜମିନ ତଦନ୍ତ କରିବାକୁ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀଙ୍କୁ ଦାୟିତ୍ୱ ଦିଆଯାଇଛି। ଆଗାମୀ ୭ ଦିନ ମଧ୍ୟରେ ଏହି ମାମଲାର ପୁଙ୍ଖାନୁପୁଙ୍ଖ ତଦନ୍ତ କରି ରିପୋର୍ଟ ଦାଖଲ କରିବାକୁ ଚିଠିରେ କୁହାଯାଇଛି। ଏହି ତଦନ୍ତ ରିପୋର୍ଟ ସିଧାସଳଖ ଜିଲ୍ଲାପାଳଙ୍କ ନିକଟରେ ଉପସ୍ଥାପନ କରାଯିବ। ଜାରି ହୋଇଥିବା ଏହି ନିର୍ଦ୍ଦେଶନାମାର ନକଲ ଆବଶ୍ୟକୀୟ ସୂଚନା ଓ ବିହିତ କାର୍ଯ୍ୟାନୁଷ୍ଠାନ ପାଇଁ ସମ୍ପୃକ୍ତ ଘରୋଇ ଶିକ୍ଷାନୁଷ୍ଠାନର ସମ୍ପାଦକ, ସେମିଳିଗୁଡା ବ୍ଲକ ଶିକ୍ଷାଧିକାରୀ ଏବଂ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ଅଫିସର-ଇନଚାର୍ଜଙ୍କୁ ପ୍ରଦାନ କରାଯାଇଛି। ସୂଚନାଯୋଗ୍ୟ ଯେ, ପୌର ପ୍ରଶାସନ ପକ୍ଷରୁ ବାରମ୍ବାର ନିର୍ଦ୍ଦେଶ ଦିଆଯାଇଥିଲେ ମଧ୍ୟ ଉକ୍ତ ଘରୋଇ ଶିକ୍ଷାନୁଷ୍ଠାନଟି ସରକାରୀ ଗୃହକୁ ଖାଲି କରୁ ନ ଥିବା ପୂର୍ବରୁ ଅଭିଯୋଗ ହୋଇଥିଲା।

### ● ପାଖେଇ ଆସିଲାଣି ରଥଯାତ୍ରା

## ମରାମତି ହୋଇପାରିଲାନି ରଥ, ଚିନ୍ତାରେ ଶ୍ରଦ୍ଧାଳୁ



ପଟ୍ଟାଙ୍ଗି, ୯।୭(ସମିସ): କୋରାପୁଟ ଜିଲ୍ଲା ଓଡ଼ିଶା ଆନ୍ଧ୍ର ସୀମାନ୍ତ ପଟ୍ଟାଙ୍ଗି ସହରରେ ପ୍ରତ୍ୟେକ ବର୍ଷ ଜଗନ୍ନାଥଙ୍କ ରଥ ଯାତ୍ରା ଅତି ଆଡ଼ମ୍ବର ସହ ପାଳିତ ହୋଇଥାଏ। ଚଳିତ ବର୍ଷ ରଥ ମରାମତି ହୋଇ ନଥିବା ଯୋଗୁଁ କିଭଳି ରଥ ଯାତ୍ରା ସମ୍ପନ୍ନ କରାଯିବ ସେଥିନେଇ ଚିନ୍ତା ପ୍ରକଟ କରାଯାଇଛି। ସୂଚନା ଅନୁଯାୟୀ, ୨୦୨୦ ମସିହାରେ ପଟ୍ଟାଙ୍ଗି ରଥ ଯାତ୍ରା ନିମନ୍ତେ ପ୍ରାୟ ୮ ଲକ୍ଷ ଅର୍ଥ ଖର୍ଚ୍ଚ କରି ଏକ ରଥ ନିର୍ମାଣ କରାଯାଇଥିଲା। ଏହାପରେ ରଥ ଯାତ୍ରା ସମୟରେ ଉକ୍ତ ରଥ ବ୍ୟବହାର କରାଯାଉଥିଲା। କିନ୍ତୁ ଉକ୍ତ ରଥ ରଖିବା ନିମନ୍ତେ ରଥଘର କିମ୍ବା ସୁରକ୍ଷିତ ସେଡ୍ ବ୍ୟବସ୍ଥା ନଥିବା ଯୋଗୁଁ ରଥଟି ଖୋଲା ଆକାଶରେ ପଡ଼ିରହିଥିଲା। ଚାରି ବର୍ଷ ଧରି ବର୍ଷା ଖରା ଖାଇ ବାହାରେ ପଡି ରହିଥିବା ନେଇ ଜଣାପଡିଛି। ପଟ୍ଟାଙ୍ଗି ଶ୍ରୀଜଗନ୍ନାଥ ମନ୍ଦିରର ରଥର ବର୍ତ୍ତମାନ ସ୍ଥିତିକୁ ନେଇ ରଥ ମହାରଣା, କମାର, ସ୍ଥାନୀୟ ଭକ୍ତଙ୍କ ସୂଚନା ଅନୁଯାଇ ରଥର କିଛି ଗୁରୁତ୍ୱପୂର୍ଣ୍ଣ କାଠ କ୍ଷତିଗ୍ରସ୍ତ ହୋଇଥିବା ଅଭିଯୋଗ ରହିଛି। ରଥର ଚାରୋଟି ପ୍ରମୁଖ ଖମ୍ବ କ୍ଷତିଗ୍ରସ୍ତ ହୋଇଥିବା ସହ ରଥ ଉପରେ ଛିଡ଼ାହେବାପାଇଁ ଥିବା ପଟ୍ଟାଗୁଡ଼ିକ ମଧ୍ୟ ସମ୍ପୂର୍ଣ୍ଣ ନଷ୍ଟ ହୋଇଥିବା କୁହାଯାଉଛି। ଏହାବ୍ୟତୀତ ରଥର ଅଖ ମଧ୍ୟ କ୍ଷତିଗ୍ରସ୍ତ ଥିବାରୁ ଭବିଷ୍ୟତରେ ରଥ ଟାଣିବା ସମୟରେ ସୁରକ୍ଷାଜନିତ ବିପଦ ସୃଷ୍ଟି ହୋଇପାରେ ବୋଲି ସ୍ଥାନୀୟ ଲୋକ ଆଶଙ୍କା ପ୍ରକାଶ କରୁଛନ୍ତି। ଅଞ୍ଚଳବାସୀଙ୍କ ଅଭିଯୋଗ ଅନୁଯାୟୀ, ରଥ ସଂରକ୍ଷଣ ପାଇଁ ସ୍ଥାୟୀ ରଥଘର କିମ୍ବା ସୁରକ୍ଷିତ ସେଡ୍‌ର ବ୍ୟବସ୍ଥା ନଥିବାରୁ ବର୍ଷା ଓ ଅନ୍ୟାନ୍ୟ ପ୍ରାକୃତିକ ପ୍ରଭାବରେ ରଥର କାଠ ଅଂଶଗୁଡ଼ିକ ଦୀର୍ଘ ଦିନ ଧରି କ୍ଷୟପ୍ରାପ୍ତ ହୋଇଥାଇପାରେ। ସେହିପରି ମନ୍ଦିର ପରିଚାଳନା ପାଇଁ ସକ୍ରିୟ ପରିଚାଳନା କମିଟି ନଥିବା ନେଇ ଜଣାପଡିଛି। ତୁରନ୍ତ ରଥର ଦୀର୍ଘମିଆଦୀ ସଂରକ୍ଷଣ ପାଇଁ ଏକ ସ୍ଥାୟୀ ରଥଘର ନିର୍ମାଣ ଦିଗରେ ତୁରନ୍ତ ପଦକ୍ଷେପ ନେବାକୁ ଦାବି କରାଯାଇଛି। ଭକ୍ତମାନଙ୍କ ମତରେ, ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ରଥ ନିୟମିତ ରକ୍ଷଣାବେକ୍ଷଣ ପ୍ରତି ସମ୍ପୃକ୍ତ ବିଭାଗ, ମନ୍ଦିର ପ୍ରଶାସନ ଏବଂ ସ୍ଥାନୀୟ ପ୍ରଶାସନ ଶୀଘ୍ର ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି।

## ଆଦର୍ଶ ବିଦ୍ୟାଳୟରେ ବନ ମହୋତ୍ସବ




ଚନ୍ଦ୍ରପୁର, ୯।୭ (ସମିସ): ରାୟଗଡ଼ ଜିଲ୍ଲା ଚନ୍ଦ୍ରପୁର ବ୍ଲକରେ ଥିବା ଆଦର୍ଶ ବିଦ୍ୟାଳୟ ପରିସରରେ ଅଧ୍ୟକ୍ଷ କାଳନ୍ଦୀ ଚରଣ ରାଉତଙ୍କ ତତ୍ତ୍ୱାବଧାନରେ ସିଆରପିଏଫ କମାଣ୍ଡର ଫିରଜ କୁକୁରଙ୍କ ନିର୍ଦ୍ଦେଶନାରେ ମୁଖ୍ୟ ଅତିଥି ଭାବେ ୪ ଏଫ୍ କମାଣ୍ଡର ଦ୍ୱିତୀୟ ସଞ୍ଜୟ ରାଉତଙ୍କ ଉପସ୍ଥିତରେ ଆଜି ବନ ମହୋତ୍ସବ କାର୍ଯ୍ୟକ୍ରମ, ଚାରାରୋପଣ କରାଯାଇଥିଲା। କାର୍ଯ୍ୟକ୍ରମରେ ବିଦ୍ୟାଳୟର ଅଧ୍ୟକ୍ଷ, ଅଧ୍ୟାପକ, ଛାତ୍ରଛାତ୍ରୀ ଓ ସିଆରପିଏଫ୍ ୪ରଟି ପାଲାନି ଓ ସୁରକ୍ଷା ବଳ ଉପସ୍ଥିତ ରହି ମା'ପାଇଁ ଗଛଟିଏ କହି ସମସ୍ତେ ଚାରା ଲଗାଇଥିଲେ। ଶେଷରେ ବିଦ୍ୟାଳୟର ଅଧ୍ୟକ୍ଷ କାଳନ୍ଦୀ ଚରଣ ରାଉତ ଓ ଚନ୍ଦ୍ରପୁର କେନ୍ଦ୍ରୀୟ ସୁରକ୍ଷା ବଳର ଟି ପାଲାନି ଧନ୍ୟବାଦ ଅର୍ପଣ କରିଥିଲେ।

## ସୁଙ୍କିରେ ଭ୍ରାମ୍ୟମାଣ ଚକ୍ଷୁ ଶିବିର

ପଟ୍ଟାଙ୍ଗି/ସେମିଳିଗୁଡା, ୯।୭ (ସମିସ): କୋରାପୁଟ ଜିଲ୍ଲାରେ ଥିବା ଭ୍ରାମ୍ୟମାଣ ଦୃଷ୍ଟି କେନ୍ଦ୍ର ପକ୍ଷରୁ ପଟ୍ଟାଙ୍ଗି ବ୍ଲକ ସୁଙ୍କି ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଆୟୁଷ୍ମାନ ଆରୋଗ୍ୟ ମନ୍ଦିର ଠାରେ ଗୁରୁବାର ଏକ ଚକ୍ଷୁ ପରୀକ୍ଷା ଶିବିର ଅନୁଷ୍ଠିତ ହୋଇଯାଇଛି। ରାଜ୍ୟ ସରକାରଙ୍କ ସୁରେନ୍ଦ୍ର ସାଏ ଦିବ୍ୟଦୃଷ୍ଟି ଯୋଜନାରେ ହୋଇଥିବା ଏହି ଶିବିରରେ ବିଭିନ୍ନ ଗ୍ରାମରୁ ଯୋଗ ଦେଇଥିବା ୨୨ଜଣ ରୋଗୀଙ୍କ ଚକ୍ଷୁ ପରୀକ୍ଷା କରାଯାଇଥିଲା। ୬ ଜଣଙ୍କ ଠାରେ ମୋତିଆବିନ୍ଦୁ ଚିହ୍ନଟ, ଦୃଷ୍ଟି ଦୋଷ ଥିବା ୪ଜଣଙ୍କର ଚଷମା ପରୀକ୍ଷା, ରୋଗୀଙ୍କୁ ଔଷଧ ବଣ୍ଟନ ସହିତ ଆବଶ୍ୟକ ପରାମର୍ଶ ଦିଆଯାଇଥିଲା। ରୋଗୀ ମାନଙ୍କର ରକ୍ତଚାପ ଓ ରକ୍ତ ଶର୍କରା ପରୀକ୍ଷା ମଧ୍ୟ କରାଯାଇଥିଲା। ଅନ୍ୟ ଜଣେ ଜଟିଳ ରୋଗୀଙ୍କୁ ମଧ୍ୟ ରେଫର କରା ଯାଇଥିଲା। ପଟ୍ଟାଙ୍ଗି ଗୋଷ୍ଠି ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡ଼ା ଶାନ୍ତନୁ କୁମାର ରାଉତଙ୍କ ତତ୍ତ୍ୱାବଧାନରେ ତଥା ସୁଙ୍କି ସ୍ୱାସ୍ଥ୍ୟ କେନ୍ଦ୍ରର ଅଧିକାରୀ ଡ଼ାକ୍ତର ମୃଗେନ୍ଦ୍ର ନାଥ ହେମ୍ବ୍ରମଙ୍କ ନେତୃତ୍ୱରେ ହୋଇଥିବା ଶିବିରରେ ମାଥାଲପୁଟ ଚକ୍ଷୁ ଚିକିତ୍ସା ଅଧିକାରୀ ବିଜୟ କୁମାର ଆଚାର୍ଯ୍ୟ ରୋଗୀଙ୍କ ଚକ୍ଷୁ ପରୀକ୍ଷା କରିଥିଲେ। ବିପିଏମ ମଧୁଲିକା ପାଢ଼ୀ, ପିଏଚଇଓ ଆରତି ଗୁଡ଼ିଆ ଓ ସୁପରଭାଇଜର ବଦ୍ରି ନାରାୟଣ ତ୍ରିପାଠୀଙ୍କ ସହଯୋଗରେ ଶିବିର ଆୟୋଜିତ ହୋଇଥିଲା। ଫାର୍ମାସୀ ଅଧିକାରୀ ସାରଦା ପ୍ରସାଦ ସାହୁଙ୍କ ସହିତ ସ୍ୱାସ୍ଥ୍ୟକର୍ମୀ ଓ କର୍ମଚାରୀ ପରିଚାଳନା କରିଥିଲେ।



## ରାଣିଗଡ ଆଶ୍ରମ ବିଦ୍ୟାଳୟରେ ବନ ମହୋତ୍ସବ



ଜୟପୁର, ୯।୭(ସମିସ): କୋରାପୁଟ ଜିଲ୍ଲା ଜୟପୁର ବ୍ଲକ ରାଣିଗଡ ଗ୍ରାମପଞ୍ଚାୟତ ସଦର ଗ୍ରାମସ୍ଥିତ ଅନୁସୂଚିତ ଜାତି ଓ ଜନଜାତି ଆଶ୍ରମ ବିଦ୍ୟାଳୟ ପରିସରରେ ବନ ମହୋତ୍ସବ ସପ୍ତାହ ପାଳିତ ହୋଇଯାଇଛି। ବୋରିଗୁମ୍ମା ବନାଞ୍ଚଳର ସହାୟତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ସ୍ଥାନୀୟ ସରପଞ୍ଚ ଲଛମନ ହାଲବା ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ଦୁର୍ଯ୍ୟୋଧନ ହରିଜନ, ବୋରିଗୁମ୍ମାବ ବନାଞ୍ଚଳ ବନପାଳ ବନ୍ଧୁ ଖିଲ, ବିଦ୍ୟାଳୟର ପ୍ରଧାନଶିକ୍ଷକ ଶଙ୍କର ପ୍ରହରାଜ ଉପସ୍ଥିତ ରହି ଛାତ୍ରଛାତ୍ରୀ ଏବଂ ଶିକ୍ଷକଶିକ୍ଷୟତ୍ରୀଙ୍କ ସହିତ ମିଳିତ ଭାବେ ବିଭିନ୍ନ ଫଳ ଜାତୀୟ ଚାରା ରୋପଣ କରିଥିଲେ। କାର୍ଯ୍ୟକ୍ରମକୁ ସହକାରୀ ଶିକ୍ଷକ ଶିକ୍ଷୟତ୍ରୀ ଲିଲି ବେହେରା, ଜୟ ଗୋବିନ୍ଦ ଚନ୍ଦ୍ର ସାହୁ, ମାନସ ରଞ୍ଜନ ମହାପାତ୍ର, ସୋନୁ ମାଝି, ଅଞ୍ଜନା ମାଝି ବନ ରକ୍ଷକ ଶିବ କୁମାର ନାୟକ ପ୍ରମୁଖ ପରିଚାଳନାରେ ସହାୟତା କରିଥିଲେ।

### ଏନ୍‌ପିସିଆଇ ଲିଙ୍କ୍ କଟକଣା

## ନନ୍ଦପୁର ବ୍ଲକ୍‌ରେ ୮୧୫ ଜଣଙ୍କ ଭତ୍ତା ଦୁଃଖ



ନନ୍ଦପୁର, ୯।୭ (ସମିସ): ଦୀର୍ଘ ତିନି ମାସ ବିଳମ୍ବ ପରେ ଦୁଇ ମାସର ଭତ୍ତା ଟଙ୍କା ବ୍ୟାଙ୍କ୍ ଖାତାକୁ ଆସିବା ଖବର ଭତ୍ତା ହିତାଧିକାରୀଙ୍କୁ ଟିକିଏ ଖୁସି ମିଳିଥିବା କୁହାଯାଉଥିବା ବେଳେ ନନ୍ଦପୁର ବ୍ଲକର କେତେକ ହିତାଧିକାରୀଙ୍କ ବ୍ୟାଙ୍କ୍ ଖାତାକୁ ଟଙ୍କା ଟିଏ ମଧ୍ୟ ଆସିନାହିଁ । ଭତ୍ତା ହିତାଧିକାରୀଙ୍କ ବ୍ୟାଙ୍କ୍ ଖାତାକୁ ପୂର୍ବରୁ ଭତ୍ତା ଟଙ୍କା ନିୟମିତ ଆସୁଥିବା ବେଳେ ଚଳିତ ସରକାର ସମୟରେ ଭତ୍ତା ହିତାଧିକାରୀଙ୍କ ଅସୁବିଧା ବଢିଯାଇଛି । ବ୍ୟାଙ୍କ୍ ଦ୍ୱାରା ଭତ୍ତା ଟଙ୍କା ପାଉଥିବା ହିତାଧିକାରୀ ଭତ୍ତା ପାଇଁ ନୟାନ୍ତ ହେଉଛନ୍ତି। ସରକାର ବ୍ୟାଙ୍କ୍ ଦ୍ୱାରା ଭତ୍ତା ପାଇଁ କିଛି ନିୟମ ପରିବର୍ତ୍ତନ କରିବା ଫଳରେ ଭତ୍ତା ପ୍ରଦାନରେ ବିଳମ୍ବ ଦେଖା ଦେଇଥିବା କୁହାଯାଉଛି। ବ୍ୟାଙ୍କ୍ ଖାତା ନେଇ ଭତ୍ତା ଟଙ୍କା ନିମନ୍ତେ ହିତାଧିକାରୀ ବ୍ୟାଙ୍କ୍ ଶାଖାକୁ ଦୌଡ଼ି ଦୌଡ଼ି ନୟାନ୍ତ ହେଉଥିବା ଦେଖା ଦେଉଛି । ଏ ନେଇ ବ୍ଲକ କାର୍ଯ୍ୟାଳୟ ବିଭାଗୀୟ କର୍ମଚାରୀଙ୍କ ସହ ଯୋଗାଯୋଗ କରାଯିବାରେ ସରକାର ବର୍ତ୍ତମାନ ସମସ୍ତ ହିତାଧିକାରୀଙ୍କୁ ଆଧାର ଲିଙ୍କ ମାଧ୍ୟମରେ ଭତ୍ତା ଟଙ୍କା ଦେଉଛନ୍ତି। ତେଣୁ ଯେଉଁ ହିତାଧିକାରୀଙ୍କ ଏନପିସିଆଇ ଲିଙ୍କ ହୋଇନାହିଁ ସେମାନଙ୍କ ବ୍ୟାଙ୍କ୍ ଖାତାକୁ ଭତ୍ତା ଟଙ୍କା ଆସିନାହିଁ। ନନ୍ଦପୁର ବ୍ଲକରେ ମୋଟ ସାତ ହଜାର ପାଖପାଖି ହିତାଧିକାରୀ ବ୍ୟାଙ୍କ୍ ମାଧ୍ୟମରେ ଭତ୍ତା ଟଙ୍କା ପାଉ ଥିବା ବେଳେ ସେଥି ମଧ୍ୟରୁ ୮୧୫ ଜଣ ହିତାଧିକାରୀଙ୍କ ଏନପିସିଆଇ କଟକଣା ଯୋଗୁଁ ଭତ୍ତା ଟଙ୍କାରୁ ବଞ୍ଚିତ ହୋଇଛନ୍ତି । ନିଜ ନିଜ ବ୍ୟାଙ୍କ୍‌ରେ ଏନପିସିଆଇ କରିବା ପରେ ଯାଇ ବ୍ୟାଙ୍କ୍ ଖାତାକୁ ଟଙ୍କା ଆସି ପାରିବ ବୋଲି ସୂଚନା ମିଳିଛି । ହିତାଧିକାରୀ ଏହି ବିଷୟରେ ବୁଝି ପାରୁନଥିବା ବେଳେ ବର୍ତ୍ତମାନ ହିତାଧିକାରୀ ବ୍ୟାଙ୍କ୍ ଓ ବ୍ଲକ କାର୍ଯ୍ୟାଳୟ ଘରୁ ବୁଲୁଥିବା ଦେଖିବାକୁ ମିଳୁଛି।

## ଜଳାପୁଟ ଉଚ୍ଚ ବିଦ୍ୟାଳୟରେ ନୂତନ ପରିଚାଳନା କମିଟି

ନନ୍ଦପୁର, ୯।୭(ସମିସ): ରାଜ୍ୟ ସରକାରଙ୍କ ନିର୍ଦ୍ଦେଶକ୍ରମେ ବିଦ୍ୟାଳୟଗୁଡ଼ିକରେ ବିଦ୍ୟାଳୟ ପରିଚାଳନା କମିଟି (ଏସ୍‌ଏମ୍‌ସି)ର ପୁନର୍ଗଠନ କାର୍ଯ୍ୟ ଚାଲିଥିବାବେଳେ ଗୁରୁବାର ଆନ୍ଧ୍ର ସୀମାନ୍ତ ବିଲାପୁଟ ପଞ୍ଚାୟତ ଅନ୍ତର୍ଗତ ଜଳାପୁଟ ସରକାରୀ ଉଚ୍ଚ ବିଦ୍ୟାଳୟରେ ନୂତନ ପରିଚାଳନା କମିଟି ଗଠନ କରାଯାଇଛି। ଅନୁଷ୍ଠିତ ବୈଠକରେ ସର୍ବସମ୍ମତିକ୍ରମେ ଗୋବର୍ଦ୍ଧନ ହନ୍ତାଳଙ୍କୁ ସଭାପତି ଓ ରୀନା ନାୟକଙ୍କୁ ଉପସଭାପତି ଭାବେ ଚୟନ କରାଯାଇଥିଲା। ସେହିପରି କମିଟିର ସଦସ୍ୟ ଭାବେ କୁମାର ଖରା, ଅର୍ଜୁନ ପାଙ୍ଗି, ଶେଖ୍ ସାମସୁଦ୍ଦିନ, ଇତିଶ୍ରୀ ଖେମୁଣ୍ଡୁ, ସାବିତ୍ରୀ ଖରା, ପୀତାମ୍ବର ମାଛ, ସୁନୀତା ପାଙ୍ଗି, ତୁଳସୀ ମୂଷା ପାରିଆ, ଶାନ୍ତି ଖିଲ, ଦେବମତି ଖେମୁଣ୍ଡୁ, ୱାର୍ଡ ସଭ୍ୟ ସାଧବ ସୀସା, ଅଙ୍ଗନବାଡ଼ି କର୍ମୀ ଶାନ୍ତି ହନ୍ତାଳ ଓ ଆଶା କର୍ମୀ ସୁଜାତା ଖୋସଲାଙ୍କୁ ମନୋନୀତ କରାଯାଇଛି। ନବଗଠିତ କମିଟି ବିଦ୍ୟାଳୟର ଶିକ୍ଷାର ଗୁଣାତ୍ମକ ବିକାଶ, ଭିତ୍ତିଭୂମିର ଉନ୍ନତି ଏବଂ ବିଦ୍ୟାଳୟର ସାମଗ୍ରିକ ପରିଚାଳନାରେ ସକ୍ରିୟ ଭୂମିକା ନିର୍ବାହ କରିବ ବୋଲି ବୈଠକରେ ଆଶା ବ୍ୟକ୍ତ କରାଯାଇଛି।




## ଚାଷ ଜମିରୁ କୁମ୍ଭୀର ଛୁଆ ଉଦ୍ଧାର



ଉମରକୋଟ, ୯।୭ (ସମିସ): ନବରଙ୍ଗପୁର ଜିଲ୍ଲା ଉମରକୋଟ ଅନ୍ତର୍ଗତ ପୌର ପରିଷଦ ୱାର୍ଡ ନଂ ୧ ଦର୍ଗାଗୁଡ଼ା ଗ୍ରାମର ଭାଗୀ ସେଠୀଙ୍କ ଚାଷ ଜମିରୁ ଏକ ଛୋଟ କୁମ୍ଭୀର ଛୁଆ ଉଦ୍ଧାର ହୋଇଛି। ଏହି ଅଞ୍ଚଳରେ କୁମ୍ଭୀର ଛୁଆ ପ୍ରଥମ କରି ଦେଖିବାକୁ ମିଳିଥିବାରୁ ତାର ମା' ମଧ୍ୟ ଆଖପାଖରେ ଥିବା ସନ୍ଦେହ କରି ଲୋକେ ଆତଙ୍କିତ ଅବସ୍ଥାରେ ରହିଛନ୍ତି। ଗୁରୁବାର ସକାଳେ ଅଧିକାରୀ ଗୁଡା ମୌଜାରେ ଥିବା ଭାସ୍କେଲ ନଦୀ ନିକଟସ୍ଥ ଜମିରେ ଚାଷ କରୁଥିବା ସମୟରେ ଟ୍ରାକ୍ଟର ଡ୍ରାଇଭର ପ୍ରଥମେ ଏହି କୁମ୍ଭୀର ଛୁଆ ଦେଖି ଜମି ମାଲିକ ଭାଗୀ ସେଠୀଙ୍କୁ ଖବର ଦେଇଥିଲେ। ଭାଗୀ ସେଠି ରାଜସ୍ୱ ନିରୀକ୍ଷକଙ୍କୁ ଯୋଗାଯୋଗ କରିବାରୁ ବନ ବିଭାଗ କର୍ମଚାରୀ ଆସି କୁମ୍ଭୀରକୁ ସାଙ୍ଗରେ ନେଇ ପଶୁ ଚିକିତ୍ସାଳୟକୁ ଯାଇଥିଲେ। ସେଠାରେ କୁମ୍ଭୀର ପ୍ରାୟ ଏକ ମାସ ବୟସର ଅନୁମାନ କରାଯାଉଛି। କୁମ୍ଭୀରର ଓଜନ ୭୦ ଗ୍ରାମ ଓ ଲମ୍ବ ୨୮ ଇଞ୍ଚ ରହିଛି। କୁମ୍ଭୀରର ଲିଙ୍ଗ ନିରୂପଣ କରିହେବ ନାହିଁ ବୋଲି ପଶୁ ଚିକିତ୍ସକ କହିଛନ୍ତି।

### ୪ବର୍ଷ ପୂରିଲା, ସମ୍ପୂର୍ଣ୍ଣ ହେଲାନି ଅଙ୍ଗନବାଡ଼ି କେନ୍ଦ୍ର

# ଭଙ୍ଗା ଦଦରା ଘରେ ବସୁଛନ୍ତି ଶିଶୁ

ପାପଡାହାଣ୍ଡି, ୯।୭(ସମିସ): ଶୈଶବ ଗଠନ ପାଇଁ ଅଙ୍ଗନବାଡ଼ିର ଭୂମିକା ଗୁରୁତ୍ୱପୂର୍ଣ୍ଣ ହେଲେ ମଧ୍ୟ ପାପଡାହାଣ୍ଡି ବ୍ଲକ୍‌ର ୫୦ ପ୍ରତିଶତ ଅଙ୍ଗନବାଡ଼ି କେନ୍ଦ୍ରର ମୌଳିକ ଭିତ୍ତିଭୂମି ନାହିଁ। ଫଳରେ ଆରମ୍ଭରୁ ଅସଜଡ଼ା ହୋଇଯାଉଛି ପିଲାଙ୍କ ପାଠପଢ଼ା। ଏଥିପାଇଁ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ଅଙ୍ଗନବାଡ଼ି କେନ୍ଦ୍ରକୁ ଅଧିକ ଗୁରୁତ୍ୱ ଦେଉଛନ୍ତି। ଏହାର ଭିତ୍ତିଭୂମିର ବିକାଶ ପାଇଁ କୋଟିକୋଟି ଟଙ୍କା ବିନିଯୋଗ କରାଯାଉଛି। କିନ୍ତୁ ମାଝିଗୁଡ଼ା ପଞ୍ଚାୟତ ଗିର୍ଲିଗୁଡ଼ା କେନ୍ଦ୍ର ଭଳି ଏଭଳି କିଛି ଅଙ୍ଗନବାଡ଼ି ରହିଛି, ଯେଉଁଠାରେ ରାଜ୍ୟର ପ୍ରାକ୍ ଶିକ୍ଷାର ବିକଳ ଚିତ୍ର ଜଳଜଳ ହୋଇ ଦିଶୁଛି। ନବରଙ୍ଗପୁର ଜିଲ୍ଲା ପାପଡାହାଣ୍ଡି ବ୍ଲକ ମାଝୀଗୁଡା ପଞ୍ଚାୟତ ଗିର୍ଲିଗୁଡା କେନ୍ଦ୍ରରେ ୧୪ ଜଣ ଶିଶୁ ପ୍ରାକ୍ ଶିକ୍ଷା ଅଧ୍ୟୟନ କରୁଛନ୍ତି। ସ୍ଥାୟୀ ଅଙ୍ଗନବାଡି କେନ୍ଦ୍ର ନ ଥିବାରୁ ଅଞ୍ଚଳବାସୀଙ୍କ ପକ୍ଷରୁ ବିଭିନ୍ନ ସମୟରେ ଏକ ନୂତନ ଅଙ୍ଗନବାଡି କେନ୍ଦ୍ର କରିବାକୁ ଦାବି ହୋଇ ଆସୁଥିଲା। ୪ ବର୍ଷ ପୂର୍ବେ ଏକ କେନ୍ଦ୍ର ନିର୍ମାଣ କରିବାକୁ ସରକାର ଲକ୍ଷାଧିକ ଟଙ୍କା ଅନୁଦାନ ଦେଇଥିଲେ। ଏନେଇ ଠିକାଦାର ଧାର୍ଯ୍ୟ କରାଯାଇ ନିର୍ମାଣ କାର୍ଯ୍ୟ ମଧ୍ୟ ଆରମ୍ଭ ହେଲା। କିନ୍ତୁ ଲିଣ୍ଟେଲ୍ ସ୍ତର ଯାଏଁ କେନ୍ଦ୍ରର ନିର୍ମାଣ ହେବା ପରେ ଠିକାଦାର କାମ ଛାଡ଼ି ଚାଲିଯାଇଛନ୍ତି। ୩ ବର୍ଷ ଧରି ଘରଟି ଏଭଳି ଅଧାପନ୍ତରିଆ ହୋଇ ପଡିଥିଲେ ମଧ୍ୟ ଠିକାଦାର ନା ପଞ୍ଚାୟତ ନା ପ୍ରଶାସନ ପକ୍ଷରୁ ଏହାର ପୂର୍ଣ୍ଣାଙ୍ଗ ନିମନ୍ତେ କୌଣସି ତତ୍ପରତା ପ୍ରକାଶ ପାଉନାହିଁ। ଏହାର ପରିଣାମ ଛୋଟଛୋଟ ଶିଶୁମାନେ ଭୋଗୁଛନ୍ତି। ଅଙ୍ଗନବାଡ଼ି କେନ୍ଦ୍ର ନ ଥିବାରୁ ଏହି ଗ୍ରାମରେ ଏକ ଭଙ୍ଗା ଭଡା ଘରେ ପ୍ରାକ ଶିକ୍ଷା ପ୍ରଦାନ କରାଯାଉଛି। ଏହି ଘର ମଧ୍ୟ ଜରାଜୀର୍ଣ୍ଣ ଅବସ୍ଥାରେ ରହିଛି। କେତେବେଳେ କୌଣସି ପ୍ରକାର ଦୁର୍ଘଟଣା ଘଟି ଜନ ଜୀବନ ନଷ୍ଟ ହେବାର ସମ୍ଭାବନା ରହିଛି। ଯଦି କୌଣସି ଦୁର୍ଘଟଣା ଘଟେ ତେବେ କିଏ ଦାୟୀ ରହିବ ବୋଲି ଗ୍ରାମବାସୀ ପ୍ରଶ୍ନ କରିଛନ୍ତି। ପ୍ରଶାସନ ଦୃଷ୍ଟିଦେଇ ଏହି ଅଙ୍ଗନବାଡି କେନ୍ଦ୍ର ଶୀଘ୍ର ନିର୍ମାଣ ଶେଷ କରିବାକୁ ଗ୍ରାମବାସୀ ଦାବି କରିଛନ୍ତି।





## ପାଠ୍ୟ ପୁସ୍ତକରେ ସାଂଘାତିକ ତ୍ରୁଟି

# ବାରିପଦାରୁ ଆରମ୍ଭ ହେଲା ଶିକ୍ଷା ବଞ୍ଚାଅ ଆନ୍ଦୋଳନ







ବାରିପଦା, ୯ ।୭ (ସମିସ)

ପ୍ରଥମରୁ ଅଷ୍ଟମ ଶ୍ରେଣୀ ପାଠ୍ୟ ପୁସ୍ତକରେ ସାଂଘାତିକ ତ୍ରୁଟି ଥିବାବେଳେ ବିଜେପି ସରକାର ତାହାର ସଂଶୋଧନ କରୁନାହିଁ। ଫଳରେ ରାଜ୍ୟର ପ୍ରାକ୍ ଶିକ୍ଷା ବ୍ୟବସ୍ଥା ଭୁଶୁଡ଼ିବାକୁ ବସିଲାଣି। ଏହାକୁ ବିରୋଧ କରି ବିଜେଡି ପକ୍ଷରୁ ଜୁନ ୯ରୁ ୧୫ ତାରିଖ ପର୍ଯ୍ୟନ୍ତ ରାଜ୍ୟବ୍ୟାପୀ ଶିକ୍ଷା ବଞ୍ଚାଅ ଆନ୍ଦୋଳନ ବାରିପଦାରୁ ଶୁଭାରମ୍ଭ ହୋଇଛି। ବର୍ଷା ସତ୍ତ୍ୱେ ହଜାର ହଜାର ଯୁବ ଓ ଛାତ୍ରଙ୍କ ସମାଗମରେ ମୟୂରଭଞ୍ଜ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ବିଜୁ ଯୁବ ଜନତା ଦଳର ରାଜ୍ୟ ସଭାପତି ଚିନ୍ମୟ ସାହୁ ଓ ବିଜୁ ଛାତ୍ର ଜନତା ଦଳ ରାଜ୍ୟ ସଭାନେତ୍ରୀ ଇପ୍ସିତା ସାହୁ ଉପସ୍ଥିତ ଥିଲେ। ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ନୂତନ ପାଠ୍ୟପୁସ୍ତକରେ ସାଂଘାତିକ ତ୍ରୁଟି ରହିଛି। କିନ୍ତୁ ବିଜେପି ନିଜ ଦୋଷକୁ ସ୍ୱୀକାର କରିବା, ତ୍ରୁଟିପୂର୍ଣ୍ଣ ପୁସ୍ତକ ପ୍ରତ୍ୟାହାର କରିବାରେ ନାରାଜ ରହିଛି। ଯାହାକୁ ନେଇ ବିଜୁ ଯୁବ ଓ ଛାତ୍ର ଜନତା ଦଳ ପକ୍ଷରୁ ଦୃଢ଼ ବିରୋଧ କରି ରାଜ୍ୟବ୍ୟାପୀ ଆନ୍ଦୋଳନ କରୁଛି।

ଜାତୀୟ ଶିକ୍ଷା ନୀତି (ଏନଇପି-୨୦୨୦ ଅନୁସାରେ ପ୍ରସ୍ତୁତ ପ୍ରଥମରୁ ୮ ଶ୍ରେଣୀ ପାଠ୍ୟପୁସ୍ତକରେ ଅଭୂତପୂର୍ବ ବ୍ୟାପକ ତ୍ରୁଟି ରହିଛି। ପାଠ୍ୟ ପୁସ୍ତକ ପ୍ରକାଶ ଆଳରେ ୩୮୦ କୋଟି ମୂଲ୍ୟର ପ୍ରିଣ୍ଟିଂରେ ଦୁର୍ନୀତି ହୋଇଛି। ଉକ୍ତ ଦୁର୍ନୀତି ନେଇ ସିବିଆଇ ତଦନ୍ତ ଓ ମନ୍ତ୍ରୀଙ୍କ ଇସ୍ତଫା ନେଇ ବିଜେଡି ପକ୍ଷରୁ ପୂର୍ବରୁ ବିଭିନ୍ନ ଫୋରମ୍ ଜରିଆରେ ଦାବି କରାଯାଇଛି। ତଦନ୍ତ କରି ଦୋଷୀ ବ୍ୟକ୍ତି, ଅଧିକାରୀ ଓ ଏଜେନ୍ସି ଉପରେ କଠୋର ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାକୁ ବିଜେଡି ଦାବି କରିଛି। କିନ୍ତୁ ବର୍ତ୍ତମାନ ପର୍ଯ୍ୟନ୍ତ କୌଣସି ପଦକ୍ଷେପ ଗ୍ରହଣ କରାଗଲା ନାହିଁ। ଆଉ ୨/୩ ମାସ ପରେ ପିଲାଙ୍କ ପରୀକ୍ଷା ରହିଛି। କିନ୍ତୁ ତ୍ରୁଟିପୂର୍ଣ୍ଣ ପୁସ୍ତକ ପ୍ରତ୍ୟାହାର ହୋଇନି। ଏହି ତ୍ରୁଟିପୂର୍ଣ୍ଣ ପୁସ୍ତକ ପଢ଼ି ପରୀକ୍ଷା ଦେଲେ ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ନଷ୍ଟ ହେବ। କିନ୍ତୁ ବିଜେପି ସରକାର ଏଥିପ୍ରତି ଯତ୍ନଶୀଳ ନ ହୋଇ ପିଲାଙ୍କ ଭବିଷ୍ୟତ ସହ ଖେଳୁଛନ୍ତି। ତତ୍କାଳୀନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସମୟରେ ୫-ଟି ଯୋଜନା ପାଇଁ ଓଡ଼ିଶା ସବୁଠୁ ପ୍ରଶଂସିତ ହୋଇଥିବାବେଳେ ଆଜି ତ୍ରୁଟିପୂର୍ଣ୍ଣ ପୁସ୍ତକ ପାଇଁ ଜାତୀୟ ସ୍ତରରେ ନିନ୍ଦିତ ହେଉଛି। ବିଜେଡି କହିଛି ଯେ, ନୂତନ ଓଡ଼ିଆ ପାଠ୍ୟପୁସ୍ତକରେ ଥିବା ବ୍ୟାପକ ଭୁଲ୍ କେବଳ ପ୍ରଶାସନିକ ଅବହେଳା ନୁହେଁ, ବରଂ ଓଡ଼ିଆ ଭାଷା, ସାହିତ୍ୟ, ସଂସ୍କୃତି, ଐତିହ୍ୟ, ରାଜ୍ୟର ଲକ୍ଷ ଲକ୍ଷ ଛାତ୍ରଛାତ୍ରୀଙ୍କ ଶିକ୍ଷାଗତ ଭବିଷ୍ୟତ ଉପରେ ସିଧା ଆକ୍ରମଣ ଅଟେ। ଏପରି ଗମ୍ଭୀର ପ୍ରସଙ୍ଗ ସତ୍ତ୍ୱେ ସରକାର ମନ୍ତ୍ରୀ ଓ ଦାୟୀ ଅଧିକାରୀଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିନାହାନ୍ତି ବୋଲି ଦଳ ଅଭିଯୋଗ କରିଛି। ଏହା ପ୍ରତିବାଦରେ ବିଜୁ ଯୁବ ଜନତା ଦଳ ଓ ବିଜୁ ଛାତ୍ର ଜନତା ଦଳ ପକ୍ଷରୁ ବିରାଟ ପ୍ରତିବାଦ ପ୍ରଦର୍ଶନ ହୋଇଛି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓ ବିଦ୍ୟାଳୟ, ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡଙ୍କ କୁଶ ପୁତ୍ତଳିକାକୁ ଏକ କୋକେଇରେ ବୋହି ନିଆରା ପ୍ରତିବାଦ ପ୍ରଦର୍ଶନ କରାଯାଇଥିଲା।

ପରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ସାଧାରଣ ସଭାର ଆୟୋଜନ କରାଯାଇଥିଲା। ଉପସ୍ଥିତି ନେତୃତ୍ୱମାନେ ରାଜ୍ୟର ଡବଲ ଇଞ୍ଜିନ ସରକାରଙ୍କ ବିରୋଧରେ ବକ୍ତବ୍ୟ ରଖିଥିଲେ। ମୁଖ୍ୟମନ୍ତ୍ରୀ ଓ ବିଦ୍ୟାଳୟ, ଗଣଶିକ୍ଷା ମନ୍ତ୍ରୀଙ୍କ କୁଶ ପୁତ୍ତଳିକା ଦାହ କରାଯାଇଥିଲା। ଶିକ୍ଷା ସମାଜର ଆଧାର ଅଟେ। ପାଠ୍ୟପୁସ୍ତକ ଗୁଣବତ୍ତା ସହ କୌଣସି ବୁଝାମଣା କରାଯିବ ନାହିଁ। ଅନିୟମିତତା

- ▶▶ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀଙ୍କ ଇସ୍ତଫା ଦାବି
- ▶▶ ମୁଖ୍ୟମନ୍ତ୍ରୀ ଓ ଶିକ୍ଷାମନ୍ତ୍ରୀଙ୍କୁ କୋକେଇରେ ବୋହି କଲେ ପ୍ରତିବାଦ
- ▶▶ ବର୍ଷା ସତ୍ତ୍ୱେ ହଜାରେରୁ ଊର୍ଦ୍ଧ୍ୱ ବିଜେଡି ଯୁବ ଓ ଛାତ୍ରଙ୍କ ସମାଗମ

ଓ ଦୁର୍ନୀତିର ସମସ୍ତ ଘଟଣାର ସତ୍ୟାସତ୍ୟ ଉନ୍ମୋଚନ, ଦୋଷୀଙ୍କୁ ଚିହ୍ନଟ କରିବା ଓ ସେମାନଙ୍କ ବିରୋଧରେ କଠୋର ଆଇନଗତ କାର୍ଯ୍ୟାନୁଷ୍ଠାନ ପାଇଁ ବିଜେଡି ସିବିଆଇ ତଦନ୍ତ ମଧ୍ୟ ଦାବି କରିଛି। ଏଥିସହ ତ୍ରୁଟିପୂର୍ଣ୍ଣ ପାଠ୍ୟପୁସ୍ତକ ମୁଦ୍ରଣ ପାଇଁ ଜନସାଧାରଣଙ୍କ ଅର୍ଥରୁ ଖର୍ଚ୍ଚ ହୋଇଥିବା ସମସ୍ତ ଟଙ୍କା ସମ୍ପୃକ୍ତ ଅଧିକାରୀ, ସଂସ୍ଥା ଓ ଦୋଷୀ ବ୍ୟକ୍ତିଙ୍କଠାରୁ ଆଦାୟ କରିବାକୁ ଦଳ ଦାବି କରିଛି। ବିଳମ୍ବ ନ କରି ଛାତ୍ରଛାତ୍ରୀଙ୍କୁ ତ୍ରୁଟିମୁକ୍ତ ପାଠ୍ୟପୁସ୍ତକ ଯୋଗାଇବାକୁ ଦାବି କରିଛି। ଏ ନେଇ ଏକ ସ୍ମାରକପତ୍ର ଜିଲ୍ଲାପାଳଙ୍କ ଜରିଆରେ ରାଜ୍ୟ ସରକାରଙ୍କ ଉଦ୍ଦେଶ୍ୟରେ ପ୍ରଦାନ କରାଯାଇଛି। ଏ ନେଇ ଆଗକୁ ପଦକ୍ଷେପ ଗ୍ରହଣ ନ କଲେ ବିଜେଡି ପକ୍ଷରୁ ଆନ୍ଦୋଳନ ଆହୁରି ତୀବ୍ର କରାଯିବ ବୋଲି କୁହାଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ଜିଲ୍ଲା ସଭାପତି ତଥା ପୂର୍ବତନ ମନ୍ତ୍ରୀ ସୁଦାମ ମାରାଣ୍ଡି, ବରିଷ୍ଠ ସାଧାରଣ ସମ୍ପାଦକ ତଥା ପୂର୍ବତନ ଉପବାଚସ୍ପତି ସାନନ୍ଦ ମାରାଣ୍ଡି, ଜିଲ୍ଲା ପରିଷଦ ଅଧ୍ୟକ୍ଷା ଭାରତୀ ହାଁସଦା, ନଗରପାଳ କୃଷ୍ଣାନନ୍ଦ ମହାନ୍ତି, ଉପନଗରପାଳ ସୀମା ଦାସ, ଏମସିସି ବ୍ୟାଙ୍କ ସଭାପତି ସୁବ୍ରମଣ୍ୟମ ମହାନ୍ତି, ପୂର୍ବତନ ବିଧାୟକ ରାଜକିଶୋର ଦାସ, ଶ୍ରୀନାଥ ସୋରେନ, ଗଣେଶ୍ୱର ପାତ୍ର, ରାଇସେନ୍ ମୁର୍ମୁ, ଚକ୍ରଧର ହେମ୍ବ୍ରମ, ଦେବାଶିଷ ମହାନ୍ତି, ଜିତେନ୍ଦ୍ର ମହାନ୍ତି, ପ୍ରଭାତ ନାୟକ, ପ୍ରଭାତ ମହାନ୍ତି, ବିଜୁ ମହିଳା ଜନତା ଦଳର ଜିଲ୍ଲା ସଭାପତି ଦୀପ୍ତିଲତା ମିଶ୍ର, ଜୋନାଲ ସଭାପତି ପ୍ରୀତିନନ୍ଦା କାନୁନଗୋ, ସମ୍ପା ମଜୁମଦାର, ଦୀପ୍ତିମାନ ବଳ, ବିଜୁ ଛାତ୍ର ଜନତା ଦଳ ଜିଲ୍ଲା ସଭାପତି ସୁନୀଲ ନାୟକ, ମୟୂରଭଞ୍ଜ-୨ ସଭାପତି ଚନ୍ଦ୍ରଶେଖର ସାହୁ, ବିଜୁ ଯୁବ ଜନତା ଦଳ ଜିଲ୍ଲା ସଭାପତି ଅରୁଣ ବରାଡ, ମୟୂରଭଞ୍ଜ-୨ ସଭାପତି ଅଭିଷେକ ସାହୁ, ଜୋନାଲ ସଭାପତି ଅବଦୁଲ ହବିବ, ଆଭାସ ଦେ, ସମ୍ପାଦକ ଆଶୀର୍ବାଦ ଦାସ, ସରୋଜ ଶତପଥୀ, ଜିତ ପଟ୍ଟନାୟକ, ସେକ ଅମନ ଉଲ୍ଲା, ଆଶିଷ ଦାସ, ହରେକୃଷ୍ଣ ଦାସ, ରାଜୀବ ଜେନା, ଅଭୟ ସିଂ, ତରୁଣ ନାୟକ, ଏମଡି ହାକିମ, ଅମିତ ବୈଠା, ମନୀଷ ବେହେରା, ଅମରଜିତ ସେଠି, ବିଶ୍ୱଜିତ ପରିଚ୍ଛା, ସାଗର ବେହେରା, ଜଗନ୍ନାଥ ବେଶରା, ଅଭିରାମ ଦାସ, ଅନୁଭବ ଅଗ୍ରୱାଲ, ମିଳନ ମହାନ୍ତି, ସତ୍ୟ ବାରିକ, ପ୍ରଣବ ସେଠୀ, ଆକାଶ ବେହେରା, ଦେବାଶିଷ ଦାସ, ଦେବବ୍ରତ ସେନାପତି ପ୍ରମୁଖ ସମେତ ସମସ୍ତ ୱାର୍ଡ଼ କାଉନସିଲର, ଯୁବ ଓ ଛାତ୍ର ନେତା ଉପସ୍ଥିତ ଥିଲେ।

## ଖୁଣ୍ଟ ଭାଙ୍ଗି ଡ୍ରେନ୍‌ରେ ପଶିଲା କାର୍, ବର୍ତ୍ତିଲେ ଭାଇଭଉଣୀ

**ରାସଗୋବିନ୍ଦପୁର, ୯।୭ (ସମିସ):** ରାସଗୋବିନ୍ଦପୁର ବ୍ଲକ ଅନ୍ତର୍ଗତ ସାରୁମୂଳ ଛକରେ ଗୁରୁବାର ଏକ କାର୍ ଭାରସାମ୍ୟ ହରାଇ ରାସ୍ତା କଡ଼ରେ ଥିବା ଏକ ପାନ ଦୋକାନର ସିମେଣ୍ଟ ଖୁଣ୍ଟକୁ ଧକ୍କା ଦେଇ ଡ୍ରେନ୍‌ରେ ପଶିଯାଇଥିଲା। ଏହି



ଦୁର୍ଘଟଣାରେ କାର୍‌ରେ ଥିବା ଭାଇଭଉଣୀ ଅଳ୍ପକେ ବର୍ତ୍ତିଯାଇଥିବାବେଳେ ଭଉଣୀ ସୁଗନ୍ଧା ପ୍ରଧାନଙ୍କ ମୁଣ୍ଡରେ ଗୁରୁତର ଆଘାତ ଲାଗିଛି। କାର୍‌କୁ ପୂର୍ଣ୍ଣଚନ୍ଦ୍ର ପ୍ରଧାନ ଚଳାଉଥିଲେ। ଉଭୟଙ୍କ ଘର ବାଲେଶ୍ୱର ଜିଲ୍ଲା ବସ୍ତା ଅଞ୍ଚଳରେ ବୋଲି ଜଣାପଡ଼ିଛି। ଦୁର୍ଘଟଣାରେ ବସୁ ଡାକୁଆଙ୍କ ପାନ ଦୋକାନର ଦୁଇଟି ସିମେଣ୍ଟ ଖୁଣ୍ଟ ଓ ପାଞ୍ଚଟି ଆଜବେଷ୍ଟସ୍ ସିଟ୍ ଭାଙ୍ଗିଯାଇଥିବାରୁ ବ୍ୟାପକ କ୍ଷତି ଘଟିଛି। ସୌଭାଗ୍ୟବଶତଃ ଘଟଣା ସମୟରେ ଦୋକାନ ବନ୍ଦ ଥିବାରୁ ସେଠାରେ କେହି ଉପସ୍ଥିତ ନ ଥିଲେ। ଫଳରେ ଏକ ବଡ଼ଧରଣର ଅଘଟଣ ଅଳ୍ପକେ ଟଳିଯାଇଛି। ଦୁର୍ଘଟଣା ପରେ କାର୍ ଚାଳକ ଘଟଣାସ୍ଥଳରୁ ଫେରାର ହୋଇଯାଇଥିବାବେଳେ ଖବର ପାଇ ରାସଗୋବିନ୍ଦପୁର ପୁଲିସ ପହଞ୍ଚି କାର୍‌କୁ ଜବତ କରି ଘଟଣାର ତଦନ୍ତ ଆରମ୍ଭ କରିଛି।

## ଶ୍ରୀଅରବିନ୍ଦ ଆସ୍ଥା ଜୋନ୍‌ର ବାର୍ଷିକ କର୍ମଶାଳା



**କପ୍ତିପଦା, ୯।୭ (ସମିସ):** ମୟୂରଭଞ୍ଜ, ବାଲେଶ୍ୱର ଓ ଭଦ୍ରକ ଜିଲ୍ଲାକୁ ନେଇ ଗଠିତ ଶ୍ରୀଅରବିନ୍ଦ ପାଠଚକ୍ର ସଂଗଠନ ଆସ୍ଥା ଜୋନ୍‌ର ବାର୍ଷିକ କର୍ମଶାଳା କପ୍ତିପଦା ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର ପରିସରରେ ଅନୁଷ୍ଠିତ ହୋଇଯାଇଛି। ମାତୃବିହାରର ସଭାପତି ତଥା ମୟୂରଭଞ୍ଜ ଜିଲ୍ଲା ଆବାହକ ପ୍ରଫୁଲ୍ଲ ଚନ୍ଦ୍ର ମହାଳିକ ସ୍ୱାଗତ ଭାଷଣ ପ୍ରଦାନ କରିଥିବାବେଳେ ଆସ୍ଥା ଜୋନ୍‌ର ପାଠଚକ୍ର ଆବାହକ ଶଶୀକାନ୍ତ ଭୋଇ କର୍ମଶାଳାର ଆଭିମୁଖ୍ୟ ସଂପର୍କରେ ସୂଚନା ପ୍ରଦାନ କରିଥିଲେ। ବାଲେଶ୍ୱର ଜିଲ୍ଲା ପାଠଚକ୍ର ସଂଗଠନ ଆବାହକ ଦୟାନିଧି ପାତ୍ର ଶ୍ରୀଅରବିନ୍ଦଙ୍କ ଯୋଗ, ଦର୍ଶନ ଓ କର୍ମଶାଳା ଉପରେ ଆଧାରିତ ଯାନ୍ତ୍ରିକ ଓ କାରିଗରୀ ବିଦ୍ୟା କିପରି ସୁସ୍ଥ ସମାଜ ଗଠନରେ ସହାୟକ ହେଉଛି, ସେ ସମ୍ପର୍କରେ ଆଲୋକପାତ କରିଥିଲେ। ଆସ୍ଥାଜୋନ୍‌ର ଯାନ୍ତ୍ରିକ ଓ କାରିଗରୀ ବିଦ୍ୟା ଗୋଷ୍ଠୀ ଆବାହକ ଅଶ୍ୱିନୀ କୁମାର ଘରୋଇ ବ୍ୟବହାର ବୈଦ୍ୟୁତିକ ଯନ୍ତ୍ରପାତି ଓ ତା'ର ସଂଯୋଗ, ଜଳଯୋଗାଣ ମଟର ତଥା ପାଇପ୍‌ରୁ ଲାଇନ୍‌ର କିପରି ଯତ୍ନ ନିଆଯାଇପାରିବ, ସେ ସଂପର୍କରେ ପ୍ରୋଜେକ୍ଟର ମାଧ୍ୟମରେ ବୁଝାଇଥିଲେ। ଜିଲ୍ଲା ଗୋଷ୍ଠୀ ଆବାହକ ଇଂ ସୁବାସ ସାହୁ ଘରୋଇ ଶୌଚାଳୟର ବ୍ୟବହାର ଓ ଯତ୍ନ ସାମାନ୍ୟ ଭାବେ କ୍ଷତିଗ୍ରସ୍ତ ପକ୍କା କାନ୍ଥର କିପରି ସହଜ ଓ ସ୍ୱଳ୍ପ ବ୍ୟୟରେ ମରାମତି କରାଯାଇପାରିବ, ସେ ସମ୍ପର୍କରେ ଆଲୋଚନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଇଂ ଜିତେନ୍ଦ୍ର ଭାଇ, ଇଂ ଅଜିତ କୁମାର ବରାଳ, କୃଷିବିତ୍ ପରେଶ ଚନ୍ଦ୍ର ସାହୁ, ମୁରଲୀଧର ସେଠୀ, ପ୍ରଶାନ୍ତ କୁମାର ମହାପାତ୍ର, ଚିତ୍ତରଂଜନ ମହାପାତ୍ର, ଜୟନ୍ତୀ ସର୍ଦ୍ଦାର, ପ୍ରଭାକର ବେହେରା, ପ୍ରମୋଦ ପାତ୍ର, ତପନ ପାତ୍ର, ନିରୁପମା ସେଠୀ, ମାଳବିକା ବିଶ୍ୱାଳ ପ୍ରମୁଖ ଯୋଗଦେଇଥିଲେ। ସଭା ପ୍ରାରମ୍ଭରୁ ପ୍ରମୋଦ କୁମାର ଦାଶ ଧ୍ୟାନ, ପ୍ରାର୍ଥନା, ରଂଜନ ସାମଲ ଚିରନ୍ତନୀ ପୁସ୍ତକ ପାଠ କରିଥିବାବେଳେ ମାତୃବିହାରର ସଂପାଦକ ଭରତ ଚନ୍ଦ୍ର ବରାଳ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ଶିକ୍ଷାକେନ୍ଦ୍ରର ଅଧ୍ୟକ୍ଷ ଓ ସମସ୍ତ ଅପାଭାଇ ସହଯୋଗ କରିଥିଲେ।

## ରକ୍ତଦାନ ଶିବିର; ୩୪ ୟୁନିଟ୍ ସଂଗୃହୀତ



**ବାରିପଦା, ୯ ।୭ (ସମିସ):** ସ୍ଥାନୀୟ ମୁର୍ଗାବାଡିସ୍ଥ ଉପନିବନ୍ଧକ ସମବାୟ ସମିତି ସମୂହ, ମୟୂରଭଞ୍ଜ ଆନୁକୂଲ୍ୟରେ ଭାରତ ସରକାରଙ୍କ ସମବାୟ ବିଭାଗର ୫ ବର୍ଷ ପୂର୍ତ୍ତି ଉପଲକ୍ଷେ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଉପନିବନ୍ଧକ ଅଶୋକ କୁମାର ପାଣିଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି ଶିବିରକୁ ଜିଲ୍ଲାପାଳ ହେମକାନ୍ତ ସଏ ଉଦଘାଟନ କରିବା ସହ ରକ୍ତଦାତାଙ୍କୁ ଉତ୍ସାହିତ କରିଥିଲେ। ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ ନେତ୍ରାନନ୍ଦ ମଲ୍ଲିକ, ବରିଷ୍ଠ ସହକାରୀ ନିବନ୍ଧକ, ବାରିପଦା ତୁଷାର ମହାନ୍ତି, ସହକାରୀ ନିବନ୍ଧକ, ଉଦଳା ନାରାୟଣ ପାତ୍ର, ରେଡ଼କ୍ରସର ଆଜୀବନ ସଭ୍ୟ ଅମର କୁମାର ସେଠୀ ଓ ସୋମନାଥ ସିଂହ ପ୍ରମୁଖ ଉପସ୍ଥିତ ରହି ରକ୍ତଦାତାଙ୍କୁ ଉତ୍ସାହିତ କରିଥିଲେ। ଏହି ଶିବିରରେ ମୋଟ ୩୪ ଜଣ ସ୍ୱେଚ୍ଛାକୃତ ଭାବେ ରକ୍ତଦାନ କରିଥିଲେ। ଓଡିଶା ରକ୍ତକେନ୍ଦ୍ର, ବାରିପଦାର ମେଡିକାଲ ଅଫିସର ଡା ନୀଲେଶ ଦାସଙ୍କ ନେତୃତ୍ୱରେ ଛବି ମହାନ୍ତ, ବିଷ୍ଣୁପ୍ରିୟା ମହାନ୍ତ, କରୁଣାକର ଜେନା ଓ ଶମ୍ଭୁନାଥ ପଲେଇ ରକ୍ତ ସଂଗ୍ରହ କରିଥିଲେ। ଅନନ୍ତ ଗୋପାଳ ସାହୁ, ଶୁଭେନ୍ଦୁ ବେହେରା, ଅନୁରାଗ ସାହୁ, ପ୍ରଶାନ୍ତ କର, ଦେବାଶିଷ ଦାସ ଶିବିର ପରିଚାଳନାରେ ସହଯୋଗ କରିଥିଲେ।

## ପୂରଣ ହେଲାନି ଦାବି ▶ ଆଜିଠୁ ଛୁଟିରେ ରହିବେ ଯୋଗାଣ ସହାୟକ

**ଠାକୁରମୁଣ୍ଡା, ୯।୭ (ସମିସ):** ଦାବି ପୂରଣ ହୋଇ ନ ଥିବାରୁ ଠାକୁରମୁଣ୍ଡା ବ୍ଲକର ୧୮ଟି ପଞ୍ଚାୟତର ସମସ୍ତ କାର୍ଯ୍ୟରତ ଯୋଗାଣ ସହାୟକ ଆସନ୍ତାକାଲିଠୁ ସାମୂହିକ ଛୁଟିରେ ରହିବେ। ଜୁଲାଇ ଓ ଅଗଷ୍ଟ ମାସ ପାଇଁ ଖାଦ୍ୟଶସ୍ୟ ବଣ୍ଟନ ପାଇଁ କୌଣସି ଚାପ ପ୍ରୟୋଗ ନ କରିବାକୁ ଠାକୁରମୁଣ୍ଡା ବିଡିଓଙ୍କୁ ଲିଖିତ ଭାବେ ଅନୁରୋଧ କରିଛନ୍ତି। ଏ ନେଇ ଯୋଗାଣ ସହାୟକ ଗତମାସ ୧୬ ତାରିଖରେ ରାଜ୍ୟ ସରକାର ଓ ରାଜ୍ୟ ପ୍ରଶାସନକୁ ଏକ ଲିଖିତ ନୋଟିସ ପ୍ରଦାନ କରିଥିଲେ। ୧୪ ବର୍ଷ ଧରି ସେମାନେ ନିଷ୍ଠାପର ଭାବେ ସେବା ପ୍ରଦାନ କରୁଥିଲେ ହେଁ ସେମାନଙ୍କ ଦାବି ପୂରଣ ହୋଇନାହିଁ। ଯଦି ଜୁଲାଇ ୧୦ ତାରିଖ ସୁଦ୍ଧା ଦାବି ପୂରଣ ନ ହୁଏ ସାମୂହିକ ଛୁଟିରେ ରହିବାକୁ ଚେତାବନୀ ଦେଇଥିଲେ। ତେବେ ଦାବି ପୂରଣ ହୋଇ ନ ଥିବାରୁ ଯୋଗାଣ ସହାୟକ ଆସନ୍ତାକାଲିଠୁ ଛୁଟିରେ ରହିବେ। ଏହି ନୋଟିସ୍ ଜାରି ହେବା ପରେ ସାମ୍ବାଦିକ ମାଧ୍ୟମରେ ଉକ୍ତ ନିଷ୍ପତ୍ତି ମଧ୍ୟ ସାର୍ବଜନୀନ କରାଯାଇଥିଲା। ଜୁଲାଇ ଓ ଅଗଷ୍ଟ ମାସ ପାଇଁ ଖାଦ୍ୟଶସ୍ୟ ବଣ୍ଟନ ଜାରି ରହିଛି। ବଣ୍ଟନ କାର୍ଯ୍ୟ



କରିବାକୁ ସଂଘର ସଦସ୍ୟଙ୍କ ଉପରେ ପ୍ରତ୍ୟକ୍ଷ କିମ୍ବା ପରୋକ୍ଷ ଭାବେ କୌଣସି ଚାପ ପ୍ରୟୋଗ ନ କରିବାକୁ କହିଛନ୍ତି। ଆସନ୍ତାକାଲିଠୁ ସାମୂହିକ ଛୁଟି ଆରମ୍ଭ ହେବା ପରେ ଯେକୌଣସି ଅସମ୍ପୂର୍ଣ୍ଣ ବଣ୍ଟନ ହିତାଧିକାରୀଙ୍କ ପାଇଁ ଅସୁବିଧା ସୃଷ୍ଟି ହେବା ସମ୍ଭାବନା ରହିଛି। ବୃହତ୍ତର ଜନସ୍ୱାର୍ଥକୁ ବିଚାର କରି ସମସ୍ତ ଯୋଗଣା ସହାୟକ ସର୍ବସମ୍ମତିକ୍ରମେ ଜୁଲାଇ ଓ ଅଗଷ୍ଟ ମାସ ପାଇଁ ବଣ୍ଟନ କାର୍ଯ୍ୟ ଗ୍ରହଣ ନ କରିବାକୁ ନିଷ୍ପତ୍ତି ନେଇଛନ୍ତି। ଅଞ୍ଚଳର ଯୋଗାଣ ସହାୟକ ନିଜର ବଣ୍ଟନ ଦାୟିତ୍ୱ ସୁଚାରୁରୂପେ ସମ୍ପାଦନ କରିବା ସହିତ ଆବାସ ଯୋଜନାର ଚିଠା ପ୍ରସ୍ତୁତ କାର୍ଯ୍ୟ, ନିର୍ମାଣ କାର୍ଯ୍ୟର ତଥ୍ୟ ସଂଗ୍ରହ, ବାତ୍ୟା,ବନ୍ୟା ଭଳି ବିଭିନ୍ନ ଜରୁରିକାଳୀନ ପରିସ୍ଥିତିରେ ଗୁରୁଦାୟିତ୍ୱ ତୁଲାଇ ଆସୁଥିବାବେଳେ ସେମାନେ ସମୂହ ଛୁଟିରେ ରହିବାର ନିଷ୍ପତ୍ତି ନେବାକୁ ଜିଲ୍ଲା ପ୍ରଶାସନ ସହିତ ସରକାର ଘଟଣାକୁ ଗୁରୁତ୍ୱ ଦେବା ଜରୁରୀ ବୋଲି ଅଞ୍ଚଳର ବୁଦ୍ଧିଜୀବୀ ମତ ପ୍ରକାଶ କରିଛନ୍ତି।

## ୫୩ନଂ ରାଜ୍ୟ ରାଜପଥରେ ଯାତାୟାତ ଠପ୍

**ମହୁଲଡିହା, ୯।୭ (ସମିସ):** ଠାକୁରମୁଣ୍ଡାରୁ ୧ କିମି ଦୂର କଣ୍ଟାମଲ୍ଲି ନାଳରେ ନିର୍ମାଣାଧୀନ ପୋଲର ଅସ୍ଥାୟୀ ରାସ୍ତା (ଡାଇଭର୍ସନ) ଧୋଇ ହୋଇ ୫୩ ନମ୍ବର ରାଜ୍ୟ ରାଜପଥରେ ଯାନବାହନ ଯାତାୟାତ ଠପ ହୋଇଛି। ଆଜିକୁ ୪ ଦିନ ହେଲା ଏହି ରାସ୍ତାରେ ଯୋଗାଯୋଗ ବିଚ୍ଛିନ୍ନତା ଯୋଗୁଁ ଜନସାଧାରଣ ଏକାଧିକ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଏକମାତ୍ର ବିକଳ୍ପ ଭାବେ ବହୁସଂଖ୍ୟକ ଛୋଟବଡ଼ ଯାନବାହନ ଗ୍ରାମ୍ୟରାସ୍ତା ଭଦୁବେଡା, ଜରକ, ଜାମୁନାଳିଆ ଦେଇ ପ୍ରାୟ ୨୦ କିମି ପରେ ରାଇଡିହା ଛକରେ ମୁଖ୍ୟ ରାସ୍ତା ଧରୁଛି। ଚାଷଋତୁ ଆରମ୍ଭ ହୋଇଥିବାରୁ ଟ୍ରାକ୍ଟର ଓ ପାୱାର ଟିଲର ଯିବାଆସିବା ଫଳରେ ଏକାଧିକ ଛକରେ ଯାନବାହନ ଓ ବାଇକ ପିଚୁରାସ୍ତା ଉପରେ ରହୁଛି। ଫଳରେ ଯାତ୍ରୀବାହୀ ବସ ଓ ବିଭିନ୍ନ ସଂସ୍ଥାନରେ କାର୍ଯ୍ୟରତ କର୍ମଚାରୀ, କଲେଜ ଛାତ୍ରଛାତ୍ରୀ ଠିକ ସମୟରେ ପହଞ୍ଚି ପାରୁନାହାଁନ୍ତି। ବିଳମ୍ବରେ ପହଞ୍ଚିବା କାରଣରୁ ଷ୍ଟାଣ୍ଡରେ ବସ୍‌ଗୁଡ଼ିକୁ ଡିଟେନ ରହିବାକୁ ପଡୁଛି। ଏମିତି ଅବସ୍ଥା ଦେଖିବାକୁ ମିଳିଛି ମହୁଲଡିହାଠାରେ। ଯାତ୍ରୀବାହୀ ବସଗୁଡ଼ିକ ସମୟ ଭରଣା ପାଇଁ ମୁଖ୍ୟ ରାସ୍ତାରେ ବେଗ ବଢ଼ାଇ ଦେଉଛନ୍ତି। ଏଣୁ ପିଚୁ ରାସ୍ତା ଓ ରାସ୍ତା ପାର୍ଶ୍ୱରେ ଯାନବାହନ ଓ ଲୋକ ଛିଡ଼ା ହେଉଥିବା କାରଣରୁ ଦୁର୍ଘଟଣା ଆଶଙ୍କା କରାଯାଉଛି।

### ବର୍ଷା ଯୋଗୁଁ ସବୁଠି କାମ ବନ୍ଦ

## ହାତବାନ୍ଧି ବସିଛନ୍ତି ଦିନମଜୁରିଆ

**ଠମୋରଡା, ୯।୭ (ସମିସ):** ବର୍ଷା ଆରମ୍ଭ ହେଲେ ରାସ୍ତା, ଘର ନିର୍ମାଣ, ଇଟାଭାଟି ଓ ଅନ୍ୟାନ୍ୟ ଦୈନିକ ମଜୁରିଭିତ୍ତିକ କାମ ବନ୍ଦ ହୋଇଯାଉଛି। ଫଳରେ ମୋରଡା ବ୍ଲକର ବିଭିନ୍ନ ପଞ୍ଚାୟତର ଶହ ଶହ ଦିନମଜୁରିଆ କାମ ପାଉନାହାନ୍ତି ଓ ସେମାନଙ୍କ ପରିବାର ଆର୍ଥିକ ସଙ୍କଟର ସମ୍ମୁଖୀନ ହେଉଛନ୍ତି। ବର୍ତ୍ତମାନ ପନିପରିବାଠୁ ଡାଲି, ତେଲ, ଔଷଧ, ପିଲାଙ୍କ ପାଠପଢ଼ା ଖର୍ଚ୍ଚ ସବୁ ମହଙ୍ଗା ହୋଇଛି। କିନ୍ତୁ ଶ୍ରମିକଙ୍କ ହାତରେ କାମ ନାହିଁ। ଫଳରେ ରୋଜଗାର ନାହିଁ। ରୋଜଗାର ନ ଥିବାରୁ ପରିବାର ଚଳାଇବା ଅସମ୍ଭବ ହେଉଛି। ସେମାନେ ଦୈନନ୍ଦିନ ଜିଣିଷ କିଣିବା ବେଳେ ଜିଏସଟି ସହ ବିଭିନ୍ନ ପ୍ରକାରର ପରୋକ୍ଷ କର ଦେଇଥା'ନ୍ତି। ସେମାନଙ୍କ ପ୍ରତି ସରକାରଙ୍କ ଦାୟିତ୍ୱ ରହିଛି।

**ଶ୍ରମିକଙ୍କୁ ବେରୋଜଗାର ଭତ୍ତା ପ୍ରଦାନ ଦାବି**

ବର୍ଷାଋତୁରେ କାମ ବନ୍ଦ ହେଲେ ଶ୍ରମିକଙ୍କୁ ବେରୋଜଗାର ଭତ୍ତା ଦିଆଯିବା, ମାଗଣା କିମ୍ବା ରିହାତି ଦରରେ ଅତିରିକ୍ତ ରାସନ ଯୋଗାଇ ଦିଆଯିବ, ଶ୍ରମିକ ପରିବାର ପାଇଁ ସ୍ୱାସ୍ଥ୍ୟ ଓ ଜରୁରିକାଳୀନ ସହାୟତା ବ୍ୟବସ୍ଥା କରାଯାଉ। ସହର ଓ ଗ୍ରାମାଞ୍ଚଳରେ ବର୍ଷାକାଳୀନ ରୋଜଗାର ଯୋଜନା ଆରମ୍ଭ କରାଯିବା ପାଇଁ ଶ୍ରମିକ ମିହିର କୁମାର ବେହେରା ଦାବି କରିଛନ୍ତି। ଶ୍ରୀ ବେହେରା କହିଛନ୍ତି, ଦେଶ ଗଢୁଥିବା ଶ୍ରମିକ ଯଦି ଭୋକରେ ରହିବେ, ତେବେ ବିକାଶର ସମସ୍ତ ଦାବି ଅର୍ଥହୀନ ହୋଇଯିବ। ଶ୍ରମିକଙ୍କୁ ସାମାଜିକ ସୁରକ୍ଷା, ସମ୍ମାନ ଓ ବଞ୍ଚିବାର ଅଧିକାର ଦେବା ସରକାରଙ୍କ କର୍ତ୍ତବ୍ୟ। କାମ ନାହିଁ ତ ଭତ୍ତା ଦିଅ, ଶ୍ରମିକଙ୍କୁ ବଞ୍ଚିବାର ଅଧିକାର ଦିଅ ବୋଲି ସେ କହିଛନ୍ତି।

## ଜନଗଣନା ହସ୍ତପୁସ୍ତିକା ପ୍ରସ୍ତୁତି ପ୍ରଶିକ୍ଷଣ ଶିବିର

**ବାରିପଦା, ୯ ।୭ (ସମିସ):** ଜନଗଣନାର ସଫଳ ଓ ସୁଚାରୁ ରୂପାୟନ ନିମନ୍ତେ ମୟୂରଭଞ୍ଜ ଜିଲ୍ଲାରେ ଜନଗଣନା ହସ୍ତପୁସ୍ତିକା ପ୍ରସ୍ତୁତି ପାଇଁ ଚାର୍ଜ ଜନଗଣନା ଅଧିକାରୀ, ରାଜସ୍ୱ ନିରୀକ୍ଷକ, ସହକାରୀ ରାଜସ୍ୱ ନିରୀକ୍ଷକ, ଅମିନ ଏବଂ ବୈଷୟିକ ସହାୟକଙ୍କ ପାଇଁ ପ୍ରଥମ ପର୍ଯ୍ୟାୟ ପ୍ରଶିକ୍ଷଣ ଶିବିର ସ୍ଥାନୀୟ ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଜନଗଣନା ପ୍ରକ୍ରିୟାକୁ ସଠିକ୍, ନିର୍ଭୁଲ ଓ ସମୟବଦ୍ଧ ଭାବେ ସମ୍ପାଦନ କରିବା ଉଦ୍ଦେଶ୍ୟରେ ଏହି ପ୍ରଶିକ୍ଷଣ ଶିବିରର ଆୟୋଜନ କରାଯାଇଥିଲା। ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ଜନଗଣନା ନିର୍ଦ୍ଦେଶାଳୟ, ଭୁବନେଶ୍ୱରର ଅଧିକାରୀ ତନ୍ମୟ ଗୁପ୍ତା ଓ ସୁଧାଂଶୁ ପାଠକ ମୁଖ୍ୟ ପ୍ରଶିକ୍ଷକ ଭାବେ ଯୋଗଦେଇ ପ୍ରଶିକ୍ଷାର୍ଥୀଙ୍କୁ ଜନଗଣନା ହସ୍ତପୁସ୍ତିକା ପ୍ରସ୍ତୁତିର ବିଭିନ୍ନ ତଥ୍ୟ ସଂଗ୍ରହ କରିବା ପାଇଁ ପୂର୍ବ ପ୍ରସ୍ତୁତି, ନିର୍ଦ୍ଦିଷ୍ଟ ପତ୍ର ପୂରଣ ପ୍ରକ୍ରିୟା, ଅନଲାଇନ୍ ତଥ୍ୟ ପରିଚାଳନା ଓ ଜନଗଣନା ସମ୍ବନ୍ଧୀୟ ବୈ÷ଷୟିକ ଦିଗ ଉପରେ ବିସ୍ତୃତ ଆଲୋଚନା କରିଥିଲେ।




ପ୍ରଶିକ୍ଷଣ ସମୟରେ ବିଭିନ୍ନ ବ୍ୟବହାରିକ ଉଦାହରଣ ମାଧ୍ୟମରେ ପ୍ରଶିକ୍ଷାର୍ଥୀଙ୍କ ସନ୍ଦେହ ଦୂର କରାଯାଇଥିଲା। ଏ ଅବସରରେ ଅତିରିକ୍ତ ଜିଲ୍ଲାପାଳ-ତଥା-ଜିଲ୍ଲା ଜନଗଣନା ଅଧିକାରୀ ଦୁଃଖବନ୍ଧୁ ନାୟକ ଉପସ୍ଥିତ ରହି ଜନଗଣନା ଦେଶର ଯୋଜନା ପ୍ରସ୍ତୁତି, ପ୍ରଶାସନିକ ନିଷ୍ପତ୍ତି ଓ ସାମାଜିକ-ଆର୍ଥିକ ବିକାଶ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ଆଧାର ବୋଲି ଉଲ୍ଲେଖ କରିଥିଲେ। ସେ ସମସ୍ତ ପ୍ରଶିକ୍ଷାର୍ଥୀଙ୍କୁ ନିର୍ଦ୍ଦେଶାବଳୀକୁ ଯଥାର୍ଥ ଭାବେ ଅନୁସରଣ କରି ସଠିକ୍ ତଥ୍ୟ ସଂଗ୍ରହ ଓ ହସ୍ତପୁସ୍ତିକା ପ୍ରସ୍ତୁତି କାର୍ଯ୍ୟକୁ ଗୁରୁତ୍ୱର ସହ ସମ୍ପାଦନ କରିବାକୁ ଆହ୍ୱାନ ଦେଇଥିଲେ। ଉପ-ଜିଲ୍ଲା ଜନଗଣନା ଅଧିକାରୀ ମାନସୀ ତରେଇ ମଧ୍ୟ ଉପସ୍ଥିତ ରହି ପ୍ରଶିକ୍ଷଣର ବିଭିନ୍ନ ବ୍ୟବସ୍ଥାର ତଦାରଖ କରିବା ସହିତ ଜନଗଣନା କାର୍ଯ୍ୟକ୍ରମର ପରିଚାଳନାରେ ସକ୍ରିୟ ଭୂମିକା ଗ୍ରହଣ କରିଥିଲେ।

## ବଢ଼ିଚାଲିଛି ଜୁଆ ଓ ନିଶା କାରବାର

# ପରିବାରରେ ସୃଷ୍ଟି ହେଉଛି ଅଶାନ୍ତି, କାର୍ଯ୍ୟାନୁଷ୍ଠାନ ଦାବି

ବଡ଼ସାହି, ୯।୭ (ସମିସ)

ବଡ଼ସାହି ବ୍ଲକ୍ ଅଞ୍ଚଳରେ ବ୍ୟାପକ ନିଶା କାରବାର ଚାଲିଥିବାବେଳେ ଜୁଆ ଆଡ୍ଡା ଚାଲିଛି। ଲୋକେ ସର୍ବସ୍ୱାନ୍ତ ହେଉଥିବାବେଳେ ପରିବାରରେ ଅଶାନ୍ତି ସୃଷ୍ଟି ହେଉଛି। ଗାଁମାନଙ୍କରେ ମଧ୍ୟ ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହେଉଛି। ଏହା ଉପରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାକୁ ଦାବି ହେଉଛି।

ରାଜ୍ୟରେ ବିଜେପି ସରକାରକୁ ଆସିଲେ ମଦ ବନ୍ଦ କରାଯିବ ବୋଲି ନିର୍ବାଚନ ସମୟରେ ଦଳୀୟ ଏଜେଣ୍ଡାରେ ଦର୍ଶାଯାଇଥିଲା। ରାଜ୍ୟରେ ମଧ୍ୟ ବିଜେପି ସରକାର ଗଠନ ହୋଇ ୨ ବର୍ଷରୁ ଊର୍ଦ୍ଧ୍ୱ ସମୟ ବିତିଲାଣି। ମାତ୍ର ମଦ ବନ୍ଦ ହେବ ପରିବର୍ତ୍ତେ ମଦ ଦୋକାନ ଅଧିକ ଖୋଲିବା ପାଇଁ ଟେଣ୍ଡର ପରେ ଟେଣ୍ଡର ହେଉଛି। ତେଣୁ ଏହା ବନ୍ଦ ହେବା ତ ଦୂରର କଥା ବରଂ ସରକାରଙ୍କ ପକ୍ଷରୁ ଏହାକୁ ପ୍ରୋତ୍ସାହିତ କରାଯାଉଛି। ତୁରନ୍ତ ବେଆଇନ ମଦ କାରବାର ବନ୍ଦ କରିବା ସହିତ ଜୁଆ ଖେଳାଳିଙ୍କ ଉପରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି ହୋଇଛି।

ପ୍ରତିଦିନ ୨୦ଟି ପାଖାପାଖି ବାଇକ୍ ଓ ଚରିଚକିଆ ଗାଡ଼ିରେ ବଡସାହି ଓ ବୈଦ୍ୟପୁର ଦେଶୀ ମଦ ଭାଟିରୁ ସେମାନଙ୍କର ନିର୍ଦ୍ଧାରିତ ଏରିଆ ବାହାରକୁ ପ୍ରତିଦିନ ଟ୍ୟୁବରେ ଚୋରା ଚାଲାଣ ହେଉଛି। ସେ ଗାଡିଗୁଡ଼ିକ ମଦ ନେଇଯିବା ସମୟରେ ଏତେ କ୍ଷୀପ୍ର ଗତିରେ ଯାଉଛନ୍ତି ଯେ ସେଥିପ୍ରତି ସ୍ଥାନୀୟ ପୁଲିସ ଧ୍ୟାନ ଦେବା ଆବଶ୍ୟକ ବୋଲି ଆଲୋଚନା ହେଉଛି। ପ୍ରତିବାଦ କଲେ ମଦ ଦୋକାନୀ ଓ ଗ୍ରାହକଙ୍କ ନିକଟରୁ ଅଭଦ୍ରୋଚିତ ବ୍ୟବହାର ମିଳୁଥିବାରୁ ସେମାନେ ଅସହାୟତା ପ୍ରକାଶ କରିଛନ୍ତି। ସେହିପରି ନିୟମକୁ ଉଲ୍ଲଙ୍ଘନ କରି ବଡସାହି ହାଟ ନିକଟରେ ଥିବା ଏକ ଦେଶୀ ମଦ ଭାଟିର ବାସ୍ନାରେ ବଡସାହି ହାଟ, ବଜାର ଓ ନିକଟରେ ଥିବା ବିଭିନ୍ନ ଶିକ୍ଷାନୁଷ୍ଠାନର ପିଲା ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ସେଥିପାଇଁ ବାରମ୍ବାର ଏହାର ସ୍ଥାନାନ୍ତରଣ ଦାବି ହୋଇଛି। ମାତ୍ର କାର୍ଯ୍ୟାନୁଷ୍ଠାନ ଶୂନ। ଲାଞ୍ଚ ନେଇ ଅଧିକାରୀ ଏପରି ଅନିୟମିତତାକୁ ପ୍ରଶ୍ରୟ ଦେଉଥିବା ଅଭିଯୋଗ ହୋଇଛି। ବିଶେଷକରି ୧୮ରୁ ୩୫ ବର୍ଷ ମଧ୍ୟରେ ଯୁବକ ମଦ, ଗଞ୍ଜେଇ ପ୍ରବଳ ମାତ୍ରାରେ ସେବନ କରୁଛନ୍ତି। ପାନ, ତେଜରାତି ଦୋକାନଠାରୁ ଆରମ୍ଭ କରି ସ୍ଥାନୀୟ କେତେକ ଢାବାରେ ମଧ୍ୟ ଚୋରା ମଦ ପୁଲିସ ଓ ଅବକାରୀ ବିଭାଗ ଜ୍ଞାତସାରରେ ବିକ୍ରି ହେଉଥିବା ସ୍ଥାନୀୟ ଲୋକ ଅଭିଯୋଗ କରିଛନ୍ତି। ପୁଲିସ ଓ ଅବକାରୀ ବିଭାଗକୁ ବେଆଇନ କାରବାରର ସୂଚନା ଦେଲେ ଚଢ଼଼ଉ ପୂର୍ବରୁ ସଂପୃକ୍ତ ନିଶା କାରବାର କରୁଥିବା ବ୍ୟକ୍ତି ଖବର ପାଇ ଯାଉଛନ୍ତି। ବ୍ଲକ୍ ଅଧୀନସ୍ଥ ବଡସାହି, ପ୍ରତାପପୁର, ହରିପୁର, ଦେଉଳିଆ, ଚକ୍ରଧରପୁରା, ବେଲପାଳ, କୁରାଡିହା, ବଦଳିଗାଁ, କେନ୍ଦୁଡିହା, ଗମ୍ଭାରିଆ, ଡିଙ୍ଗିରା, ଛେଳିଆ-ଏ, ଚାନ୍ଦଡିହା, କୋଚିଳାଖୁଣ୍ଟା ଓ ସୁହାଗପୁର ଆଦି ସ୍ଥାନରେ ତାସ ଜୁଆ ଓ ମଦ କାରବାର ଖୋଲାଖୋଲି ଚାଲୁଛି। କେତେକ ସାପ୍ତାହିକ ହାଟ, ଫୁଟବଲ ଖେଳ ଓ କୁକୁଡା ପାଡାରେ ଧଣ୍ଡିପାଲି ଖେଳ ଲୋକମାନଙ୍କୁ ସର୍ବସ୍ୱାନ୍ତ କରୁଛି। ବାରମ୍ବାର ଚଢ଼଼ଉ ପରେ ମଧ୍ୟ ଉଠାଣୀନୂଆଗାଁ ଓ କୋଚିଳାଖୁଣ୍ଟା ନକଲି ମଦ କାରଖାନାରେ ଉପରେ ବିଭାଗ ପକ୍ଷରୁ ରୋକ ଲଗାଯାଇପାରୁନାହିଁ। ଅଭିଯୁକ୍ତ ଜାମିନରେ ଆସି ପୁଣି ତାଙ୍କର ବେଆଇନ ବେପାର ଆରମ୍ଭ କରୁଛନ୍ତି। ସେଥିପାଇଁ କଠୋର ଦଣ୍ଡର ବ୍ୟବସ୍ଥା ଆବଶ୍ୟକତା ଥିବା ବୁଦ୍ଧିଜିବୀ ପ୍ରକାଶ କରିଛନ୍ତି।

# ବନ୍ଦର ସହରରେ ମାଳମାଳ ଗୋରୁ; ବଢୁଛି ଦୁର୍ଘଟଣା

ପାରାଦୀପ, ୯।୭ (ସମିସ): ପାରାଦୀପ ସହରରେ ବୁଲୁଛନ୍ତି ମାଳମାଳ ଗୋରୁଗାଈ। ଫଳରେ ରାସ୍ତାଘାଟରେ ବାରମ୍ବାର ଦୁର୍ଘଟଣା ଘଟୁଛି। ଗୋରୁଙ୍କୁ ସୁରକ୍ଷା ଦେବାପାଇଁ କାହାର ଆନ୍ତରିକତା ନଥିବାବେଳେ ରାସ୍ତା ଟ୍ରାଫିକ୍ ସମସ୍ୟା ମଧ୍ୟ ବୃଦ୍ଧି ପାଉଛି। ଦିନ ରାତି ସହରର ବିଭିନ୍ନ ସ୍ଥାନରେ ଗୋରୁ ଗାଈ ରହୁଥିବାରୁ ରାସ୍ତା ଆବର୍ଜନା ମଧ୍ୟ ହେଉଛି। ଗତ ସପ୍ତାହରେ ବନ୍ଦରର ସହକାରୀ କାର୍ଯ୍ୟନିର୍ବାହୀ ଅଧିକାରୀ ଇଞ୍ଜିନିୟର ସ୍ୱର୍ଗତ ନିର୍ମଳ ଦାସଙ୍କ ଷଣ୍ଢ ଲଢ଼େଇରୁ ମର୍ମନ୍ତୁଦ ଦୁର୍ଘଟଣା ଜନିତ ମୃତ୍ୟୁ ହୋଇଥିଲା। ତାଙ୍କର ଏଭଳି ମୃତ୍ୟୁ ପାଇଁ ପାରାଦୀପ ବନ୍ଦର କର୍ମଚାରୀ ସମସ୍ତେ ଗଭୀର ଭାବରେ ଦୁଃଖ ଅନୁଭବ କରିଛନ୍ତି। ତେବେ ଏଭଳି ସ୍ଥିତିରେ ପାରାଦୀପ ବନ୍ଦର ସହର



ମଧ୍ୟରେ ଯେଉଁ ଭଳି ଭାବରେ ଗୋରୁ ଗାଈ ଘୂରି ବୁଲୁଛନ୍ତି ସେମାନଙ୍କୁ କିଏ ସୁରକ୍ଷା ଦେବ ତାକୁ ନେଇ ପ୍ରଶ୍ନ ଉଠିଛି। ତେବେ ବର୍ତ୍ତମାନ ବୁଝି ହେଉନି ରହସ୍ୟରେ ଘେରା ବନ୍ଦର ନଗରୀ ପାରାଦୀପ ସହରକୁ ନେଇ। ଯେଉଁଠି ବନ୍ଦର କର୍ତ୍ତୃପକ୍ଷ ଲକ୍ଷ ଲକ୍ଷ ଟଙ୍କା କ୍ରୀଡ଼ା, ସାଂସ୍କୃତିକ ଓ ମନୋରଞ୍ଜନ କାର୍ଯ୍ୟକ୍ରମରେ ଖର୍ଚ୍ଚ କରୁଛନ୍ତି, ସେଠାରେ ଗୋରୁଗାଈଙ୍କ ସୁରକ୍ଷା ପାଇଁ କାହାର ଚିନ୍ତା ନାହିଁ। ବହୁ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଏଠାରେ ଅବହେଳିତ ନିଷ୍ପେଷିତ ମଣିଷଙ୍କ ଦୁଃଖ ପାଇଁ କାର୍ଯ୍ୟ କରୁଛନ୍ତି, ହେଲେ ଏହି ପାଟି ଫିଟୁ ନଥିବା ଗୋରୁ ଗାଈଙ୍କ ପାଇଁ କେହି ବି ପଦେ କହୁ ନାହାନ୍ତି। ନା ଜିଲ୍ଲା ପ୍ରଶାସନ ନାଁ ବନ୍ଦର ପ୍ରଶାସନ କିଛି ବି କରିବା ପାଇଁ କାହାର କର୍ତ୍ତବ୍ୟ ନାହିଁ। ପାରାଦୀପ ବନ୍ଦର କର୍ତ୍ତୃପକ୍ଷ କିମ୍ବା ପ୍ରତିପତ୍ତି ସମ୍ପନ୍ନ ବ୍ୟକ୍ତିଙ୍କ ତରଫରୁ କୌଣସି ସ୍ଥାୟୀ ପ୍ରତିକାରର ବ୍ୟବସ୍ଥା ବା ଦୃଢ଼ ପ୍ରକଳ୍ପ ପାଇଁ ଉଦଯୋଗ ନାହିଁ। ବନ୍ଦର ସହରର ଏହି ସମସ୍ୟା କୁ ଉପଲବ୍‌ଧି କରି କାର୍ଯ୍ୟାନୁଷ୍ଠାନ ନେବାକୁ ସାଧାରଣ ରେ ଦାବି ହେଉଛି। ନଚେତ ଯେଉଁଭଳି ଭାବରେ ଜଣେ ଇଞ୍ଜିନିୟରଙ୍କର ଅକାଳରେ ଜୀବନ ଗଲା ସେହିଭଳି ଆହୁରି ଅନେକ ନିରୀହ ଜୀବନ ବିପଦରେ ପଡ଼ିବାରେ କିଛି ଅସ୍ୱାଭାବିକତା ନାହିଁ ବୋଲି ମତପ୍ରକାଶ ପାଇଛି।

# ଡକାୟତି ମାମଲାର ପର୍ଦ୍ଦାଫାସ୍; ଅଭିଯୁକ୍ତ ଗିରଫ

ବାଲିକୁଦା, ୯।୭ (ସମିସ): ବାଲିକୁଦା ପୁଲିସ ଏକ ଡକାୟତି ମାମଲାର ପର୍ଦ୍ଦାଫାସ କରି ଜଣେ ଅଭିଯୁକ୍ତଙ୍କୁ ଗିରଫ କରିବା ସହ ଲୁଟ୍ ହୋଇଥିବା ମୋବାଇଲ ଫୋନ ଓ ନଗଦ ଟଙ୍କା ଜବତ କରିଛି। ସୂଚନା ଅନୁଯାୟୀ, ବାଲିକୁଦା ଥାନା କେସ୍ ନଂ-୨୬୮/୨୦୨୬, ଧାରା ୩୦୯(୬)/୩(୫) ବିଏନଏସ୍‌ରେ ଏହି ମାମଲା ରୁଜୁ ହୋଇଥିଲା। ଗତ ଜୁଲାଇ ୮ ତାରିଖରେ ବାଲିକୁଦା ଥାନା ଅନ୍ତର୍ଗତ କୁଳିଆଗାଁର ପ୍ରଭୁ ପ୍ରଧାନ (୨୦) ଥାନାରେ ଅଭିଯୋଗ କରିଥିଲେ ଯେ, ଜୁଲାଇ ୭ ତାରିଖ ରାତିରେ ସେ ଜଗତସିଂହପୁରରୁ ଘରକୁ ଫେରୁଥିବା ବେଳେ ତହସିଲ ମହିଳା ମହାବିଦ୍ୟାଳୟ ଓ ଜାଭିୟର ସ୍କୁଲ ନିକଟରେ ଦୁଇଜଣ ଅଜଣା ଯୁବକ ତାଙ୍କୁ ଅଟକାଇ ମାଡ଼ ମାରିଥିଲେ। ପରେ ତାଙ୍କ ଠାରୁ ଏକ ଭିଭୋ ୱାଇ ଟୋଣ୍ଟି ମୋବାଇଲ ଫୋନ ଓ ୩ ହଜାର ଟଙ୍କା ଲୁଟ୍ କରି ଜୀବନରେ ମାରିଦେବାକୁ ଧମକ ଦେଇ ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲେ। ଅଭିଯୋଗକୁ ଭିତ୍ତି କରି ବାଲିକୁଦା ପୁଲିସ ତଦନ୍ତ ଆରମ୍ଭ କରିଥିଲା। ତଦନ୍ତ ସମୟରେ ନରଣପୁର ଗ୍ରାମର କୃଷ୍ଣଚନ୍ଦ୍ର ନାଥଙ୍କ ପୁଅ ଦେବାଶିଷ ନାଥ (୨୨)ଙ୍କ ସମ୍ପୃକ୍ତି ସାମ୍ନାକୁ ଆସିବା ପରେ ପୁଲିସ ତାଙ୍କୁ ଗିରଫ କରିଥିଲା। ତାଙ୍କ ନିକଟରୁ ଲୁଟ୍ ହୋଇଥିବା ମୋବାଇଲ ଫୋନ ଏବଂ ୧ ହଜାର ଟଙ୍କା ଜବତ କରାଯାଇଛି। ସମସ୍ତ ସାମଗ୍ରୀ ଆଇନ ଅନୁଯାୟୀ ଜବତ ତାଲିକା ପ୍ରସ୍ତୁତ କରି ଜବତ କରାଯାଇଛି। ଅନ୍ୟ ଫେରାର ଅଭିଯୁକ୍ତଙ୍କୁ ଗିରଫ କରିବା ସହ ବଳକା ଲୁଟ୍ ଟଙ୍କା ଉଦ୍ଧାର ପାଇଁ ପୁଲିସର ଚଢ଼ାଉ ଜାରି ରହିଛି। ଘଟଣାର ଅଧିକ ତଦନ୍ତ ଚାଲିଥିବା ବାଲିକୁଦା ଥାନା ଅଧିକାରୀ କାବୁଲି ବାରିକ ସୂଚନା ଦେଇଛନ୍ତି।




# ନିଶାମୁକ୍ତ ସମାଜ ପାଇଁ ଛାତ୍ରଛାତ୍ରୀଙ୍କ ଶପଥ ଗ୍ରହଣ



ଜଗତସିଂହପୁର, ୯।୭ (ସମିସ): ଜଗତସିଂହପୁର ଜିଲ୍ଲାର ମୁଥାପଦା ସ୍ଥିତ ଗଣେଶ୍ୱର ସରକାରୀ ଉଚ୍ଚ ବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ନିଶା ସେବନର କୁପରିଣାମ ଉପରେ ଏକ କାର୍ମଶାଳା ଓ ପ୍ରବନ୍ଧ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ନିଶାଠାରୁ ନିଜେ ଦୂରରେ ରହି ନିଜ ପରିବେଶକୁ ନିଶାଠାରୁ ଦୂରେଇ ରଖିବା ପାଇଁ ଏହି କାର୍ଯ୍ୟକ୍ରମ ମାଧ୍ୟମରେ ଛାତ୍ରଛାତ୍ରୀମାନେ ସାମୂହିକ ଶପଥ ଗ୍ରହଣ କରିଛନ୍ତି। ଐତିହାସିକ ଅଳକା ଆଶ୍ରମ ଆନୁକୂଲ୍ୟରେ ୨୦୨୩ ମସିହା କ୍ରାନ୍ତି ଦିବସ ଠାରୁ ଜିଲ୍ଲାର ବିଭିନ୍ନ ଶିକ୍ଷାନୁଷ୍ଠାନରେ ନିଶା ମୁକ୍ତ ଯୁବଶକ୍ତି କାର୍ମଶାଳା ନିୟମିତ ଭାବରେ ଅୟୋଜନ କରାଯାଇ ଏକ ସୁସ୍ଥ ଓ ସଶକ୍ତ ଯୁବ ପିଢ଼ି ଗଠନ କରିବା ପାଇଁ ପ୍ରୟାସ ଜାରି ରହିଛି। ଏହି କର୍ମଶାଳାରେ ଅଧ୍ୟକ୍ଷତା କରିଥିଲେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ରୋହିତ ମହାପାତ୍ର, ମୁଖ୍ୟ ଅତିଥି ଭାବେ ଆଶିଷ କୁମାର ନାୟକ, ମୁଖ୍ୟ ବକ୍ତା ଭାବେ ରଞ୍ଜନ କୁମାର ପ୍ରଧାନ ଯୋଗଦେଇଥିବା ବେଳେ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ଡଃ ସିଦ୍ଧେଶ୍ୱର ପଣ୍ଡା। ଅନୁଷ୍ଠିତ ହୋଇଥିବା ପ୍ରତିଯୋଗିତାରେ ସୁଭଦ୍ରା ସ୍ୱାଇଁ, ଶୁଭଦର୍ଶିନୀ ବାରିକ ଓ ରୂପାଲୀ ପ୍ରିୟଦର୍ଶିନୀ ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିଲେ। ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଓ ଛାତ୍ରଛାତ୍ରୀ ଅତି ଉତ୍ସାହର ସହିତ ଏହି କର୍ମଶାଳାରେ ଅଂଶଗ୍ରହଣ କରିଥିଲେ।

### କମ୍ପାନୀ ପରିସରରେ ଶ୍ରମିକଙ୍କ ଆମହତ୍ୟା ଘଟଣା

# ପରିବାରକୁ ମିଳିବ ୧୫ ଲକ୍ଷ ଟଙ୍କା

ପାରାଦୀପ, ୯।୭ (ସମିସ): ଆଦାନୀ ୱେଲମାର କମ୍ପାନୀରେ ଶ୍ରମିକଙ୍କ ଆତ୍ମହତ୍ୟା ଘଟଣା ନେଇ ଗତକାଲି ଉତ୍ତେଜନା ଦେଖାଦେଇଥିଲା। କମ୍ପାନୀ ସମ୍ମୁଖରେ ପରିବାର ଓ ସମ୍ପର୍କୀୟଙ୍କ ପାଟିତୁଣ୍ଡ ମଧ୍ୟ ଲାଗି ରହିଥିଲା। ଘଟଣାସ୍ଥଳରେ ଆଦର୍ଶ ଥାନା ପୁଲିସ ପହଞ୍ଚି ଲୋକଙ୍କୁ ବୁଝାସୁଝା କରିବା ସହିତ ତଦନ୍ତ ଆରମ୍ଭ କରିଥିଲେ। ମୃତ ଶ୍ରମିକ ଜଣଙ୍କ ହେଲେ ପାରାଦୀପ ନୂଆଗଡ଼ ପଞ୍ଚାୟତ ବାଲିଡିଆ ଗ୍ରାମର ପ୍ରସନ୍ନ ବେଉରା। କମ୍ପାନୀ ପରିସର ଭିତରେ ପ୍ରସନ୍ନଙ୍କ ମୃତଦେହ ଝୁଲୁଥିବା ଦେଖି ପୁଲିସକୁ ଖବର ଦିଆଯାଇଥିଲା। ଘଟଣାସ୍ଥଳରେ ପାରାଦୀପ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଆଜିଙ୍କ୍ୟ ମାଣେ, ଅତିରିକ୍ତ ଜିଲ୍ଲାପାଳ ନିରଞ୍ଜନ ବେହେରା, ଆଦର୍ଶ ଥାନା ଆଇଆଇସି ବବିତା ଦେହୁରୀ ଓ ଲକ୍ ଥାନା ଆଇଆଇସି ରଶ୍ମୀରଞ୍ଜନ ଦାସ ପହଞ୍ଚି ଲୋକଙ୍କ ସହିତ ଆଲୋଚନା କରିବା ପରେ କମ୍ପାନୀ କର୍ତ୍ତୃପକ୍ଷଙ୍କ ସହିତ ଆଲୋଚନା କରିଥିଲେ। କମ୍ପାନୀ ପକ୍ଷରୁ ମୃତକଙ୍କ ପରିବାରକୁ ୧୫ ଲକ୍ଷ ଟଙ୍କା ଓ ତାଙ୍କ ପତ୍ନୀଙ୍କୁ ଉକ୍ତ କମ୍ପାନୀରେ ଚାକିରି ଦେବାର ପ୍ରତିଶ୍ରୁତି ଦେବା ପରେ ପରିସ୍ଥିତି ଶାନ୍ତ ପଡିଥିଲା। ଆଜି ଶବ ବ୍ୟବଚ୍ଛେଦ କରାଯିବା ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ଯେଉଁମାନେ ବି ଏହି ଘଟଣାରେ ସମ୍ପୃକ୍ତ ରହିଛନ୍ତି ସେମାନଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପୁଲିସ୍ ପକ୍ଷରୁ ସୂଚନା ଦିଆଯାଇଛି।



# ମରିଚପୁର ଗ୍ରାମରେ ସିରିଜ୍ ଚୋରି

ବାଲିକୁଦା, ୯।୭ (ସମିସ): ବନ୍ଦର ସାମୁଦ୍ରିକ ଥାନା ମରିଚପୁର ଗ୍ରାମରେ ସିରିଜ ଚୋରି ହୋଇଛି। ଏହି ଘଟଣା ସମଗ୍ର ଅଞ୍ଚଳରେ ଭୟ ସୃଷ୍ଟି କରିଛି। ଗତ ରାତିରେ ଦୁର୍ବୃତ୍ତମାନେ ଗ୍ରାମର ପାଞ୍ଚଟି ଘରକୁ ଟାର୍ଗେଟ କରି ସୁନା, ରୁପା ଅଳଙ୍କାର, ମୋବାଇଲ ଫୋନ୍ ଓ ନଗଦ ଟଙ୍କା ସହ ଲକ୍ଷାଧିକ ଟଙ୍କାର ସମ୍ପତ୍ତି ଚୋରି କରି ଫେରାର ହୋଇଯାଇଛନ୍ତି। ଗ୍ରାମର ଲକ୍ଷ୍ମୀଧର ମୁଦୁଲି, ପ୍ରକାଶ ବିଶ୍ୱାଳ, ରଘୁନାଥ ବିଶ୍ୱାଳ, ରାଜେନ୍ଦ୍ର ବିଶ୍ୱାଳ ଓ ରବୀନ୍ଦ୍ର ସ୍ୱାଇଁଙ୍କ ପରିବାର ଏହି ଚୋରିର ଶିକାର ହୋଇଛନ୍ତି। ଏହି ପାଞ୍ଚ ପରିବାର ପୃଥକ ପୃଥକ ଭାବେ ବନ୍ଦର ସାମୁଦ୍ରିକ ଥାନାରେ ଅଭିଯୋଗ ଦାଖଲ କରିଛନ୍ତି। ଅଭିଯୋଗ ଅନୁଯାୟୀ, ଚୋରମାନେ ସୁନା ହାର, ଚେନ୍, ଲକେଟ, କାନଫୁଲ, ଚୂଡ଼ି, ମୁଦି, ଶଙ୍ଖା-ପଲା, ରୁପା ପାଉଁଜି, ଅଣ୍ଟା ବିଛା, ରୁପା ଚାମଚ, ରୁପା ଝୁଣ୍ଟିଆ, ରୁପା ତାଟିଆ, ରୁପା ଚେନ୍, ମୋବାଇଲ ଫୋନ୍ ସମେତ ୩ ଲକ୍ଷ ଟଙ୍କାରୁ ଅଧିକ ନଗଦ ଚୋରି କରି ନେଇଛନ୍ତି। ମୋଟ କ୍ଷତିର ପରିମାଣ ଲକ୍ଷାଧିକ ଟଙ୍କା ହେବ ବୋଲି ଅନୁମାନ କରାଯାଉଛି। ଘଟଣାର ଖବର ପାଇ ବନ୍ଦର ସାମୁଦ୍ରିକ ପୁଲିସ ସନ୍ଧାନୀ କୁକୁର ଓ ସାଇଣ୍ଟିଫିକ୍ ଟିମ୍ ସହ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲା। ସନ୍ଧାନୀ କୁକୁର ଚୋରି ହୋଇଥିବା ଘରଠାରୁ ପ୍ରାୟ ୫୦୦ ମିଟର ଦୂର ବିଦ୍ୟାଳୟ ରାସ୍ତା ଦେଇ ନହରଣା-ବନ୍ଦର ମୁଖ୍ୟ ରାସ୍ତା କଡ଼ରେ ଥିବା ଏକ ଦୋକାନ ନିକଟରେ ଯାଇ ଅଟକି ଯାଇଥିଲା। ତେଣୁ ଚୋରମାନଙ୍କ ଠାବ କରିବାରେ ସେତେବେଳେ ସଫଳତା ମିଳିନଥିଲା। ତଦନ୍ତ ବେଳେ ପୁଲିସ ଘଟଣାସ୍ଥଳରୁ ଚୋରମାନେ ବ୍ୟବହାର କରିଥିବା ଏକ ଧାରୁଆ ହଁସୁଆ ଜବତ କରିଛି। ସେହିପରି ଗୋଟିଏ ଘରର କବାଟ ଭାଙ୍ଗିବା ପାଇଁ ବ୍ୟବହୃତ ଏକ ଲୁହା ରଡ଼ ମଧ୍ୟ ଜବତ କରାଯାଇଛି। ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି ଯେ, ଚୋରମାନେ ପରିବାର ସଦସ୍ୟମାନେ ଶୋଇଥିବା ସମୟରେ ଘରର ଆଗ କବାଟ ଦେଇ ପଶି ଚୋରି କରିଥିଲେ। ଏକାସାଙ୍ଗରେ ପାଞ୍ଚଟି ଘରେ ଚୋରି ଘଟଣା ମରିଚପୁର ଗ୍ରାମରେ ଭୟର ବାତାବରଣ ସୃଷ୍ଟି କରିଥିବା ବେଳେ ରାତ୍ରିକାଳୀନ ପୁଲିସ ପାଟ୍ରୋଲିଂ ବୃଦ୍ଧି ଓ ଚୋରମାନଙ୍କୁ ଶୀଘ୍ର ଗିରଫ କରିବାକୁ ସ୍ଥାନୀୟ ଲୋକେ ଦାବି କରିଛନ୍ତି। ଏ ସମ୍ପର୍କରେ ବନ୍ଦର ସାମୁଦ୍ରିକ ଥାନା ଅଧିକାରୀ ଛୁଟିରେ ଥିବାରୁ ଥାନାର ଦାୟିତ୍ୱରେ ଥିବା ବାଲିକୁଦା ଥାନା ଅଧିକାରୀ କାବୁଲି ବାରିକ କହିଛନ୍ତି ଯେ, ପୁଲିସ ବିଭିନ୍ନ ଦିଗରୁ ତଦନ୍ତ ଜାରି ରଖିଛି। ସାଇଣ୍ଟିଫିକ୍ ଟିମ୍‌ର ରିପୋର୍ଟ ମିଳିବା ପରେ ତଦନ୍ତକୁ ଆହୁରି ତ୍ୱରାନ୍ୱିତ କରାଯିବ ଏବଂ ଘଟଣାରେ ସମ୍ପୃକ୍ତ ଦୁର୍ବୃତ୍ତମାନଙ୍କୁ ଶୀଘ୍ର ଗିରଫ କରିବା ପାଇଁ ସମସ୍ତ ପ୍ରକାର ପ୍ରୟାସ ଜାରି ରହିଛି।



# ଡକ୍ଟର ନାରାୟଣ ଚନ୍ଦ୍ର ପାଳ ଚାରିଟେବୁଲ୍ ଟ୍ରଷ୍ଟ ପକ୍ଷରୁ ମେଧାବୃତ୍ତି ପ୍ରଦାନ

ଜଗତସିଂହପୁର, ୯।୭ (ସମିସ): ଡକ୍ଟର ନାରାୟଣ ଚନ୍ଦ୍ର ପାଳ ଚାରଟେବୁଲ ଟ୍ରଷ୍ଟ ପକ୍ଷରୁ "ମେଧାବୃତ୍ତି ପ୍ରଦାନ ଉତ୍ସବ' ସରକାରୀ ଉଚ୍ଚ ବିଦ୍ୟାଳୟ, ନାଳିବରଠାରେ ଅନୁଷ୍ଠିତ ହୋଇଯାଇଛି। ଟ୍ରଷ୍ଟର ସଭାପତି ପ୍ରଫେସର କୃଷ୍ଣଚନ୍ଦ୍ର ମିଶ୍ର ଏଥିରେ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟଅତିଥିଭାବେ ଏହି ବିଦ୍ୟାଳୟର ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ନିରନ ସ୍ୱାଇଁ, ମୁଖ୍ୟବକ୍ତାଭାବେ ରାଜ୍ୟପାଳ ଓ ରାଷ୍ଟ୍ରପତି ପୁରସ୍କାର ପ୍ରାପ୍ତ ସେବାନିବୃତ୍ତି ବିଜ୍ଞାନ ଶିକ୍ଷକ ଉତ୍କଳ ରନ ମହାନ୍ତି, ଟ୍ରଷ୍ଟର ଉପଦେଷ୍ଟା ଡକ୍‌ଟର ଅଲେଖ କୁମାର ଜେନା, ପ୍ରତିଷ୍ଠାତା ଓ ପରିଚାଳନା ଟ୍ରଷ୍ଟି ଡକ୍ଟର ନାରାୟଣ ଚନ୍ଦ୍ର ପାଳ, ବୈଜ୍ଞାନିକ କିଶୋର ଚନ୍ଦ୍ର ସାହୁ, ସମ୍ପାଦକ ପ୍ରଫେସର ବିଚିତ୍ରାନନ୍ଦ ଗୁରୁ, ଉପ-ସଭାପତି ଡକ୍‌ଟର ଜ୍ଞାନରଞ୍ଜନ ଶତପଥୀ ଏବଂ କୋଷାଧ୍ୟକ୍ଷ ନିରନ ପାତ୍ର ଏହି ଉତ୍ସବରେ ଯୋଗ ଦେଇଥିଲେ।

ଏହି ଅବସରରେ ବିଦ୍ୟାଳୟର ଅଷ୍ଟମ ଶ୍ରେଣୀ ଟପ୍ପର ଛାତ୍ରୀ ଆଦ୍ୟାଶା ଆଚାର୍ଯ୍ୟ ଦୋଳି ପାଳ ସ୍ମାରକୀ ମେଧାବୃତ୍ତି, ନବମ ଶ୍ରେଣୀ ଟପ୍ପର ଛାତ୍ର ଶ୍ରଦ୍ଧା ସୁମନ ମହାନ୍ତି, ଧ୍ରୁବ ଚରଣ ପାଳ ସ୍ମାରକୀ ମେଧା ବୃତ୍ତି ଏବଂ ଦଶମ ଶ୍ରେଣୀ ଟପ୍ପର ଛାତ୍ର ପ୍ରିୟାଂଶୁ ସେଠୀ, ଡକ୍ଟର ନାରାୟଣ ଚନ୍ଦ୍ର ପାଳ ମେଧାବୃତ୍ତିରେ ସମ୍ମାନିତ ହୋଇଥିଲେ। ପ୍ରତ୍ୟେକଙ୍କୁ ୫ ହଜାର ଟଙ୍କା ଲେଖାଏଁ ଆର୍ଥିକ ରାଶି ସହିତ ମେଧା ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା।

ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ବୈଜୟନ୍ତୀ ସାହୁ ସ୍ୱାଗତ ଭାଷଣ ଦେଇଥିଲେ। ବରିଷ୍ଠ ସହକାରୀ ଶିକ୍ଷୟିତ୍ରୀ ପ୍ରଗତି ପ୍ରିୟମ୍ବଦା ଜେନା ଅତିଥି ପରିଚୟ ପ୍ରଦାନ ସହିତ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଶେଷରେ ଅନ୍ୟତମ ବରିଷ୍ଠ ସହକାରୀ ଶିକ୍ଷକ ନୃସିଂହ ଚରଣ ସ୍ୱାଇଁ ଧନ୍ୟବାଦ ଅର୍ପଣ କରିଥିଲେ। ଶିକ୍ଷକ ଅକ୍ଷୟ ବଲ୍ଲଭ ଦାଶ, ଅନିଲ କୁମାର ପରିଡ଼ା, ସୂର୍ଯ୍ୟକାନ୍ତ ସେଠୀ, ଶିକ୍ଷୟିତ୍ରୀ ଅନ ସାହୁ, ମଧୁସ୍ମିତା ବିଶ୍ୱାଳ, ସୋନାଲିକା ମହାନ୍ତି, ଅସ୍ମିତା ସେଠୀ, ସତ୍ୟଭାମା ଦାସ ଓ ସସ୍ମିତା ଦାସ ଏବଂ ଶିକ୍ଷାକର୍ମୀ ନାରାୟଣ ପାତ୍ର, ତ୍ରିଲୋଚନ ପରିଡ଼ା, ସରସ୍ୱତୀ ପରିଡ଼ା, କ୍ଷୀର ଦେଇ, କଳ୍ପନା ସାହୁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିବାରେ ଆ''ରିକ ସହଯୋଗ କରିଥିଲେ।



# ବନ ବିଭାଗ ପକ୍ଷରୁ ଚାରା ବଣ୍ଟନ

ତିର୍ତ୍ତୋଲ, ୯।୭ (ସମିସ): କଟକ ବନଖଣ୍ଡ ଅଧୀନସ୍ଥ ଜଗତସିଂହପୁର ବନାଞ୍ଚଳ ପକ୍ଷରୁ ଚଳିତବର୍ଷ ପାଇଁ ତିର୍ତ୍ତୋଲ ନିକଟ ବାଲିପାଟଣା ଠାରେ ଚାରା ବିତରଣ କେନ୍ଦ୍ର ଖୋଲା ଯାଇ ଚାରା ବିତରଣ କରାଯାଉଛି କ୍ଷ ଏଥି ସହ ବାଲିପାଟଣା ନଦୀ ମହାନଦୀ କଡ଼ରେ ମଧ୍ୟ ବନ ବିଭାଗ ଦ୍ୱାରା ଏହି ଚାରା ବିତରଣ ପାଇଁ ଜିଏମ୍‌ଏମ୍ ନର୍ସରୀ ରହିଛି। ଚାରା ବିତରଣ କେନ୍ଦ୍ର ରେ ଆଜି ତିର୍ତ୍ତୋଲ ବନ କର୍ମଚାରୀ ବିଜୟିନି ବିଶ୍ୱାଳ ଙ୍କ ଦ୍ୱାରା ଲୋକମାନଙ୍କୁ ଏକ ଟଙ୍କା ରେ ବିଭିନ୍ନ ପ୍ରକାର ଚାରା ବଣ୍ଟନ ବଣ୍ଟନ କରାଯାଇଛି। ଏଥିରେ ଅର୍ଜୁନ, ଡାଳିମ୍ବ, ଶିଶୁ, ଆକାଶିଆ, ପିଜୁଳି, ଆତ, ଝାଉଁ, ଶାଗୁଆନ ଆଦି ବିଭିନ୍ନ ପ୍ରକାରର ଚାରା ଏଠାରେ ବଣ୍ଟନ କରାଯାଉଛି। ଏଠାରେ ନିଜର ପରିଚୟ ପତ୍ର ପ୍ରଦାନ କରି ଜନସାଧାରଣ ଚାରା ମଧ୍ୟ ନେଇ ପାରିବେ। ଏତତ୍ ବ୍ୟତୀତ ତିର୍ତ୍ତୋଲରେ ଆଇଜିସି ନର୍ସରୀରେ ୪୦ ହଜାର, ତିର୍ତ୍ତୋଲ ଏମ୍ ଜିଏନ୍‌ଆରଜିଏସରେ ୨୦ ହଜାର, ବାଲି ପାଟଣାରେ ୩୫ ହଜାର, ଏନଆରଜିଏସ୍ ରେ ୧୦ ହଜାର, ଗୋବିନ୍ଦପୁରରେ ୪୦ ହଜାର, କିଲିପାଳ ୩୫ ହଜାର, କୋଲଟା ଏମଜି ଏମ୍‌ଆର୍‌ଜିଏସ୍‌ରେ ୨୦ ହଜାର ବଣ୍ଟନ ପାଇଁ ବନ ବିଭାଗ ପକ୍ଷରୁ ବ୍ୟବସ୍ଥା କରାଯାଇଛି।





# ଏନ୍‌ଏଚ୍ କାର୍ଯ୍ୟ ଅନୁଧ୍ୟାନ ପାଇଁ କଂଗ୍ରେସର କମିଟି ଗଠନ

ଜଗତସିଂହପୁର, ୯।୭ (ସମିସ): ବର୍ଷାଦିନ ପ୍ରାରମ୍ଭରୁ ପ୍ରଥମ ଲଗାଣ ବର୍ଷାରେ କନ୍ଦରପୁର ଠାରୁ ନୂଆଗାଁ ପର୍ଯ୍ୟନ୍ତ ଚାଲିଥିବା ଜାତୀୟ ରାଜପଥ ୫୫ ରାସ୍ତାରେ ଅନେକ ସ୍ଥାନରେ ଖାଲଖମା ସୃଷ୍ଟି ହୋଇଛି। ଓଭରବ୍ରିଜରୁ ଫ୍ଲାଏ ଆସ୍ ଓ ମୋରମ ବୋହିଯାଇ ଘାଇ ସୃଷ୍ଟି ହୋଇଛି। ଏକାଧିକ ସ୍ଥାନରେ ପ୍ୟାଚ ପଡ଼ି କାମ ହେଉଛି। ଏହି ନିମ୍ନମାନର ରାସ୍ତା ନିର୍ମାଣ କାର୍ଯ୍ୟକୁ ଅନୁଧ୍ୟାନ କରିବା ପାଇଁ ଜିଲ୍ଲା କଂଗ୍ରେସ ପକ୍ଷରୁ ଜିଲ୍ଲା କଂଗ୍ରେସ କମିଟି ସଭାପତି ଦେବ ପ୍ରସାଦ ନାୟକ ଏକ ସାତ ଜଣିଆ ତଥ୍ୟ ଅନୁସନ୍ଧାନକାରୀ ଦଳ ଗଠନ କରିଛନ୍ତି। ଏହି ଦଳ ଯେଉଁଠି ଯେଉଁଠି ନିମ୍ନ ମାନର ରାସ୍ତା ନିର୍ମାଣ ହୋଇଛି ସେ ସ୍ଥାନ ପରିଦର୍ଶନ କରିବା ସହିତ ଏହାର ଏକ ସବିଶେଷ ରିପୋର୍ଟ ପ୍ରସ୍ତୁତ କରି ଆଗାମୀ ଚାରି ଦିନ ମଧ୍ୟରେ ଅବଗତ କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଏହି କମିଟିରେ ବିରିଡି ବ୍ଲକ କଂଗ୍ରେସ ସଭାପତି ପ୍ରିୟବ୍ରତ ମିଶ୍ର, ଜଗତସିଂହପୁର ନଗର କଂଗ୍ରେସ ସଭାପତି ପ୍ରଶାନ୍ତ ମହାପାତ୍ର, ଜଗତସିଂହପୁର ବ୍ଲକ କଂଗ୍ରେସ ସଭାପତି ଜ୍ଞାନ ରଞ୍ଜନ ପୃଷ୍ଟି, ବାଲିକୁଦା ବ୍ଲକ କଂଗ୍ରେସ ସଭାପତି ମହନି ଚରଣ ରାଉତ, ଜିଲ୍ଲା କଂଗ୍ରେସ ଉପ ସଭାପତି ଅମ୍ବିକା ପ୍ରସାଦ ଦାସ, ସାଧାରଣ ସମ୍ପାଦକ ଶୁଭ ନାରାୟଣ ନାୟକ, ସମ୍ପାଦକ ଦିଲ୍ଲୀପ କୁମାର ମାହାର, ସୁଶୀଲ କୁମାର ଦାଶ ପ୍ରମୁଖ ସ୍ଥାନ ପାଇଛନ୍ତି।

# ଜଗତସିଂହପୁରରେ ଏବିଭିପିର ସ୍ଥାପନା ଦିବସ

ଜଗତସିଂହପୁର, ୯।୭ (ସମିସ): ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ (ଏବିଭିପି) ଜଗତସିଂହପୁର ଜିଲ୍ଲା ଶାଖା ପକ୍ଷରୁ ଏବିଭିପିର ୭୮ତମ ସ୍ଥାପନା ଦିବସ ପାଳନ କରାଯାଇଛି। ଏସଭିଏମ କଲେଜ କ୍ୟାମ୍ପସରେ ଛାତ୍ରଛାତ୍ରୀଙ୍କ ଉପସ୍ଥିତିରେ ପତାକା ଉତ୍ତୋଳନ କରାଯାଇଥିଲା। ପରେ ହାଟବଜାର ସ୍ଥିତ ସଂଘ କାର୍ଯ୍ୟାଳୟରେ ମହାବିଦ୍ୟାଳୟ ଛାତ୍ରଛାତ୍ରୀଙ୍କୁ ନେଇ ଏକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଥିଲା। ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର କଟକ ବିଭାଗ ସେବା ପ୍ରମୁଖ ବିଜୟ ଦତ୍ତ ମୁଖ୍ୟ ଅତିଥି ଏବଂ ଏବିଭିପି ଜଗତସିଂହପୁର ଜିଲ୍ଲାର ପୂର୍ବତନ ଜିଲ୍ଲା ସହ-ପ୍ରମୁଖ ଶଶାଙ୍କ ଶେଖର ପଣ୍ଡା ଯୋଗଦେଇଥିଲେ। ଏବିଭିପି ଜଗତସିଂହପୁର ଜିଲ୍ଲା ପ୍ରମୁଖ ସୁରେନ୍ଦ୍ର ପଲାଇ ଓ ଜିଲ୍ଲା ସଂଯୋଜକ ସତ୍ୟପ୍ରକାଶ ମହାନ୍ତି ମଧ୍ୟ ଏଥିରେ ଅତିଥି ଭାବେ ଯୋଗଦେଇ ବକ୍ତବ୍ୟ ରଖିଥିଲେ। କାର୍ଯ୍ୟକ୍ରମରେ ଏବିଭିପିର ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଅପରାଜିତା ସ୍ୱାଇଁ, ମଧୁସ୍ମିତା ବେହେରା, ସମ୍ବିତ ଏବଂ ଅନ୍ୟାନ୍ୟ କର୍ମକର୍ତ୍ତା ଓ କର୍ମୀମାନେ ସକ୍ରିୟ ସହଯୋଗ କରିଥିଲେ।

# ବୃତ୍ତିଭିତ୍ତିକ ସିଲାଇ ପ୍ରଶିକ୍ଷଣ କେନ୍ଦ୍ର ଉଦ୍‌ଘାଟିତ



ପାରାଦୀପ, ୯।୭ (ସମିସ): ଏଏମ୍/ଏନ୍‌ଏସ୍ ପୋର୍ଟସ୍ ପକ୍ଷରୁ ପାରାଦୀପ ପୌରପାଳିକାର ସହଭାଗୀତାରେ ପାରାଦୀପ ପୌରପାଳିକାର ୩ ନମ୍ବର ୱାର୍ଡସ୍ଥିତ କଲ୍ୟାଣ ମଣ୍ଡପଠାରେ ଏହାର ସିଏସ୍‌ଆର୍ କାର୍ଯ୍ୟକ୍ରମ ପ୍ରକଳ୍ପ "ଦକ୍ଷ' ଅଧୀନରେ ଏକ ବୃତ୍ତିଭିତ୍ତିକ ସିଲାଇ ପ୍ରଶିକ୍ଷଣ କେନ୍ଦ୍ର ଉଦ୍‌ଘାଟିତ ହୋଇଯାଇଛି। ଏହି ପଦକ୍ଷେପ ମାଧ୍ୟମରେ ସ୍ଥାନୀୟ ମହିଳାମାନଙ୍କ ଜୀବିକାକୁ ପ୍ରୋତ୍ସାହନ ଦେବା ପାଇଁ ଏଏମ୍/ଏନ୍‌ଏସ୍ ପୋର୍ଟସ୍ ଏହାର ପ୍ରତିବଦ୍ଧତାକୁ ପୁନଃ ପ୍ରତିପାଦିତ କରିଛି। ପାରାଦୀପ ପୌରପାଳିକାର ଅଧ୍ୟକ୍ଷ ବସନ୍ତ ବିଶ୍ୱାଳଙ୍କ ଦ୍ୱାରା ଏହି କେନ୍ଦ୍ରଟି ଉଦ୍‌ଘାଟିତ ହୋଇଯାଇଛି। ଏହି ଅବସରରେ ଉପାଧ୍ୟକ୍ଷା ଛବିଲତା ରାଉତ, ଗୋଷ୍ଠୀ ସଂଗଠିକା ଦୀପିକା ସାହୁ, ୱାର୍ଡ ନଂ-୩ର କାଉନସିଲର କବିତା ସାହୁ, ତ୍ରିନାଥ ମତ୍ସ୍ୟଜୀବୀ ସଂଘର ସଭାପତି ଧନେଶ୍ୱର ସାହୁ ଏବଂ ଏଏମ୍/ଏନ୍‌ଏସ୍ ଇଣ୍ଡିଆର ବରିଷ୍ଠ ଅଧିକାରୀ ଯଥା ଅର୍ଥ ବିଭାଗର ମୁଖ୍ୟ ପ୍ରଶାନ୍ତ ବେହେରା ଓ ବାଣିଜ୍ୟିକ ବିଭାଗର ଡିଜିଏମ୍ ଅନନ୍ତ ସୁବୁଦ୍ଧି ରାୟ ପ୍ରମୁଖ ଉପସ୍ଥିତ ଥିଲେ।

ପ୍ରାରମ୍ଭିକ ପର୍ଯ୍ୟାୟରେ ପାରାଦୀପ ପୌରପାଳିକାର ୨ ଓ ୩ ନମ୍ବର ୱାର୍ଡର ୩୩ ଜଣ ମହିଳାଙ୍କୁ ଏହି କେନ୍ଦ୍ରରେ ପ୍ରଶିକ୍ଷଣ ଦିଆଯିବ। ଭବିଷ୍ୟତରେ ଏହି ପଦକ୍ଷେପକୁ ସମଗ୍ର ପାରାଦୀପ ପୌରପାଳିକା ଅଞ୍ଚଳରେ ସମ୍ପ୍ରସାରଣ କରିବାକୁ ଯୋଜନା ରହିଛି। ଏହି କେନ୍ଦ୍ର ପାଇଁ କଲ୍ୟାଣ ମଣ୍ଡପର ସ୍ଥାନ ପାରାଦୀପ ପୌରପାଳିକା ପକ୍ଷରୁ ଉପଲବ୍ଧ କରାଯାଇଥିବା ବେଳେ ସମସ୍ତ ଯନ୍ତ୍ରପାତି ଏବଂ ଆନୁଷଙ୍ଗିକ ସୁବିଧା ଏଏମ୍/ଏନ୍‌ଏସ୍ ଇଣ୍ଡିଆ ପକ୍ଷରୁ ବ୍ୟବସ୍ଥା କରାଯାଇଛି। ଏହି ପ୍ରଶିକ୍ଷଣ କେନ୍ଦ୍ରରେ ୮ଟି ସିଲାଇ ମେସିନ୍ ରହିଛି ଯେଉଁଥିରେ ୬ଟି ମାନୁଆଲ୍ ଓ ୨ଟି ଇଲେକ୍ଟ୍ରିକାଲ୍ ମେସିନ୍ ଅନ୍ତର୍ଭୁକ୍ତ ଅଛି। ଏଥିସହ ଜଣେ ବିଶେଷଜ୍ଞ ପ୍ରଶିକ୍ଷକଙ୍କୁ ନିଯୁକ୍ତ ପ୍ରଦାନ କରାଯାଇଛି ଏବଂ ବର୍ତ୍ତମାନ ବଜାର ଚାହିଦାକୁ ଦୃଷ୍ଟିରେ ରଖି ଆଧୁନିକ ପ୍ରଶିକ୍ଷଣ ପ୍ରଦାନ ପାଇଁ ମାଗଣା କପଡ଼ା ମଧ୍ୟ ଯୋଗାଇ ଦିଆଯାଉଛି। ଏହି ଅବସରରେ ପାରାଦୀପ ପୌରପାଳିକାର ଅଧ୍ୟକ୍ଷ ବସନ୍ତ ବିଶ୍ୱାଳ କହିଛନ୍ତି, ଏହି ସିଲାଇ ପ୍ରଶିକ୍ଷଣ କେନ୍ଦ୍ରର ଉଦ୍‌ଘାଟନ ସ୍ଥାନୀୟ ଗୋଷ୍ଠୀକୁ ଦୀର୍ଘସ୍ଥାୟୀ ଜୀବିକା ସୁଯୋଗ ପ୍ରଦାନ କରି ସେମାନଙ୍କୁ ସଶକ୍ତ କରିବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ। ଦକ୍ଷତା ବିକାଶକୁ ପ୍ରୋତ୍ସାହନ ଦେବା ଏବଂ ଆତ୍ମନିର୍ଭରଶୀଳତାର ସୁଯୋଗ ସୃଷ୍ଟି କରିବାରେ ଏଏମ୍/ଏନ୍‌ଏସ୍ ପୋର୍ଟସ୍‌ର ନିଷ୍ଠାପୂର୍ଣ୍ଣ ପ୍ରୟାସକୁ ସେ ପ୍ରଶଂସା କରିଛନ୍ତି। ଏହି ଅବସରରେ ଏଏମ୍/ଏନ୍‌ଏସ୍ ଇଣ୍ଡିଆର ଓଡ଼ିଶା ଅପରେସନ୍ସ ମୁଖ୍ୟ ୟୁ.ଏସ.ଆର. ରାଜୁ କହିଛନ୍ତି ଯେ, ଦୀର୍ଘସ୍ଥାୟୀ ପଦକ୍ଷେପ ମାଧ୍ୟମରେ ଗୋଷ୍ଠୀ ସଶକ୍ତିକରଣ ଏଏମ୍/ଏନ୍‌ଏସ୍ ଇଣ୍ଡିଆର ସର୍ବୋଚ୍ଚ ପ୍ରାଥମିକତା। ଏହି ଉଦଘାଟନ ଦକ୍ଷତା ବିକାଶ, ଆତ୍ମନିର୍ଭରଶୀଳତା ଏବଂ ସ୍ଥାନୀୟ ଲୋକଙ୍କ ସହିତ ସମ୍ପର୍କକୁ ଅଧିକ ଦୃଢ଼ କରିବା ପାଇଁ ଆମର ସଂକଳ୍ପକୁ ପ୍ରତିପାଦିତ କରୁଛି। ଏହି ପଦକ୍ଷେପ ମାଧ୍ୟମରେ, ଏଏମ୍/ଏନ୍‌ଏସ୍ ପୋର୍ଟସ୍ ଗ୍ରାମାଞ୍ଚଳର ମହିଳାମାନଙ୍କୁ ଜୀବିକା ସମ୍ପର୍କିତ ଦକ୍ଷତା ପ୍ରଦାନ ମାଧ୍ୟମରେ ସଶକ୍ତ କରୁଛି ଏବଂ ସ୍ଥାୟୀ ରୋଜଗାରର ସୁଯୋଗ ସୃଷ୍ଟି କରି ବ୍ୟାପକ ସ୍ତରରେ ସେମାନଙ୍କୁ ସ୍ୱାବଲମ୍ବୀ କରୁଛି।

# କଂଗ୍ରେସର ଜିଲ୍ଲାସ୍ତରୀୟ ସମବାୟବିତ୍ ସମ୍ମିଳନୀ

ଜଗତସିଂହପୁର, ୯।୭ (ସମିସ): ସମବାୟ ହେଉଛି ବିଭିନ୍ନ ପ୍ରକାର ଚାଷୀମାନଙ୍କର ଆର୍ଥିକ ସ୍ୱାର୍ଥ ସୁରକ୍ଷା ସହ କୃଷି କ୍ଷେତ୍ରର ଉନ୍ନତି ପାଇଁ ପ୍ରମୁଖ କ୍ଷେତ୍ର। ସଂପ୍ରତି ସମବାୟ କ୍ଷେତ୍ର ଯେଉଁଭଳି ଭାବେ ଦୁର୍ଦ୍ଦିନ ଅବସ୍ଥାରେ ରହିଛି ସେଥିରେ ସୁଧାର ଆଣିବା ପାଇଁ ଏବଂ ଚାଷୀ ମାନଙ୍କ ଅଧିକାର ବ୍ୟାପକ କରିବା ପାଇଁ ଆଜି ଜଗତସିଂହପୁର ଜିଲ୍ଲା କଂଗ୍ରେସ କମିଟି ପକ୍ଷରୁ ଟାଉନ୍ ହଲ୍‌ସ୍ଥିତ ନିମାଇଁ ଭବନଠାରେ ଜିଲ୍ଲାସ୍ତରୀୟ ସମବାୟବିତ୍ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଜଗତସିଂହପୁର ଜିଲ୍ଲା କଂଗ୍ରେସ କମିଟି ସଭାପତି ଦେବ ପ୍ରସାଦ ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଓଡ଼ିଶା ପ୍ରଦେଶ କଂଗ୍ରେସ ସମବାୟ ବିଭାଗ ତଥା ଏଆଇସିସି କିଷାନ କଂଗ୍ରେସ ପ୍ରକୋଷ୍ଠର ରାଷ୍ଟ୍ରୀୟ ସଂଯୋଜକ ଅମିୟ କୁମାର ପଟ୍ଟନାୟକ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ପରେ ଏକ ସମ୍ବାଦିକ ସମ୍ମିଳନୀ ମାଧ୍ୟମରେ ସରକାର ଏବଂ ଜିଲ୍ଲା ପ୍ରଶାସନ ସମ୍ମୁଖରେ ବିଭିନ୍ନ ଦାବି ରଖିଥିଲେ। ସେଥିମଧ୍ୟରେ ଚାଷୀଙ୍କ ଆବଶ୍ୟକତା ଓ ଦାବି ମୁତାବକ ସାର, ବିହନ ଏବଂ ଚାରା ଯୋଗାଣ, ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନାର ସମୟ ସୀମା ଜୁଲାଇ ୩୧ ପରିବର୍ତ୍ତେ ଅଗଷ୍ଟ ୧୫ ପର୍ଯ୍ୟନ୍ତ ବର୍ଦ୍ଧିତ କରିବା, ପ୍ରତି ପଞ୍ଚାୟତକୁ ଫସଲ ବୀମା ୟୁନିଟ କରିବା ପରିବର୍ତ୍ତେ ପ୍ରତିଟି ରାଜସ୍ୱ ଗ୍ରାମକୁ ଏକ ୟୁନିଟ୍ ଭାବେ ଘୋଷଣା କରିବା, ଜିଲ୍ଲାର ସମସ୍ତ ନିର୍ବାଚନ ମଣ୍ଡଳୀରେ ସମବାୟ ଅଧୀନରେ ସରକାରଙ୍କ ଦ୍ୱାରା ପରିଚାଳିତ ଶୀତଳ ଭଣ୍ଡାର ପ୍ରତିଷ୍ଠା କରିବା ସହ ରଘୁନାଥପୁର ଠାରେ ଅଚଳ ହୋଇ ପଡ଼ିଥିବା ଗୋପବନ୍ଧୁ ଶୀତଳ ଭଣ୍ଡାରର ପୁନରୁଦ୍ଧାର କରିବା, ସମବାୟ ସଦସ୍ୟତା ପାଇଁ ବାଧ୍ୟତାମୂଳକ ଭାବେ ଦାଖଲ ହେଉଥିବା ୫୦୦ ଟଙ୍କା ନିୟମକୁ ଉଚ୍ଛେଦ କରିବା, ସମବାୟ ସମିତିର ପ୍ରତ୍ୟେକଟି ଅଂଶୀଦାର ମାନଙ୍କୁ ଭୋଟର ଭାବେ ମାନ୍ୟତା ଦେବା, ଜିଲ୍ଲାରେ ଭଗ୍ନ ଅବସ୍ଥାରେ ଥିବା ଅଧିକାଂଶ ସମବାୟ ସମିତି ଗୃହକୁ ତୁରନ୍ତ ପୁନଃନିର୍ମାଣ କରିବା, ୧୯୮ ଟି ପଞ୍ଚାୟତରେ ଆଧୁନିକ ନୂତନ ସମବାୟ ଗୃହର ପ୍ରତିଷ୍ଠା କରିବା ସହ ଆବଶ୍ୟକ ସଂଖ୍ୟକ କର୍ମଚାରୀ ନିଯୁକ୍ତି କରିବା, ଧାନ ମଣ୍ଡିରେ ମାତ୍ରାଧିକ କଟ୍‌ନୀ ଛଟନୀ ବନ୍ଦ କରିବା, ଯଥା ସମୟରେ ଚାଷୀଙ୍କୁ ଟୋକନ ପ୍ରଦାନ କରିବା, ଜିଲ୍ଲାରେ ମଣ୍ଡି ଗୁଡିକ ପାଇଁ ଆବଶ୍ୟକ ସଂଖ୍ୟକ ମିଲର ନିଯୁକ୍ତ କରିବା, ଜିଲ୍ଲାରେ ଅଧିକାଂଶ ସମବାୟ ସମିତିରେ ଖାଲି ପଡ଼ିଥିବା ପଦବୀରେ କର୍ମଚାରୀଙ୍କୁ ନିଯୁକ୍ତି କରିବା, ସମବାୟ ସଂସ୍ଥା ଗୁଡ଼ିକରେ ରହୁଥିବା ଡାଟା ଏଣ୍ଟ୍ରି ଅପରେଟରଙ୍କୁ ପ୍ରିୟାପ୍ରୀତି ତୋଷଣରୁ ଦୂରରେ ରହି ଯୋଗ୍ୟତା ଭିତ୍ତିରେ ନିଯୁକ୍ତି ପ୍ରଦାନ କରିବା ଇତ୍ୟାଦି। ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ଜିଲ୍ଲା କଂଗ୍ରେସ ସଭାପତି ନଟବର ବାରିକ, ଜିଲ୍ଲା କଂଗ୍ରେସ ମୁଖପାତ୍ର ଅଭିଜିତ ସାହୁ, ଜିଲ୍ଲା ଯୁବ କଂଗ୍ରେସ ସଭାପତି ପ୍ରୀତମ ପରିଜା, ବରିଷ୍ଠ ସମବାୟବିତ୍ ଲକ୍ଷ୍ମୀ ନାରାୟଣ ସାମନ୍ତରାୟ, ଭଗବାନ ବିଶ୍ୱାଳ, ସ୍ୱପ୍ନାରାଣୀ ଦାସ, ପୂର୍ଣ୍ଣଚନ୍ଦ୍ର ପରିଡ଼ା, ଜିଲ୍ଲା କଂଗ୍ରେସ କମିଟି ଉପ ସଭାପତି ଅଶ୍ୱିନୀ ସ୍ୱାଇଁ, ସମ୍ପାଦକ ଧନଞ୍ଜୟ ସୂତାର, ପ୍ରହ୍ଲାଦ ବିଶ୍ୱାଳ, ବିମଳ କୁମାର ସେଠୀ, ବୃନ୍ଦାବନ ପ୍ରଧାନ, ଜଗତସିଂହପୁର ନଗର କଂଗ୍ରେସ ସଭାପତି ପ୍ରଶାନ୍ତ ମହାପାତ୍ର, ବାଲିକୁଦା ବ୍ଲକ କଂଗ୍ରେସ ସଭାପତି ମହନି ଚରଣ ରାଉତ, ନାଉଗାଁ ବ୍ଲକ କଂଗ୍ରେସ ସଭାପତି ବିଚିତ୍ରା ନନ୍ଦ ଲେଙ୍କା, ରଘୁନାଥପୁର ବ୍ଲକ କଂଗ୍ରେସ ସଭାପତି ଆର୍ତ୍ତତ୍ରାଣ ପଣ୍ଡା, କୁଜଙ୍ଗ ବ୍ଲକ କଂଗ୍ରେସ ସଭାପତି ଶ୍ରୀକାନ୍ତ ଦାସ, ବିରିଡି ବ୍ଲକ କଂଗ୍ରେସ ସଭାପତି ପ୍ରିୟବ୍ରତ ମିଶ୍ର, ଜଗତସିଂହପୁର ବ୍ଲକ କଂଗ୍ରେସ ସଭାପତି ଜ୍ଞାନ ରଞ୍ଜନ ପୃଷ୍ଟି, ଅନେକ ସମବାୟ ବିତ ଯୋଗଦାନ କରିଥିଲେ। ଏହି ଅବସରରେ ପାରାଦ୍ୱୀପ ନିର୍ବାଚନ ମଣ୍ଡଳୀ ରଏକ ରାଷ୍ଟ୍ରୟତ ବ୍ୟାଙ୍କର ଅବସରପ୍ରାପ୍ତ ଉଚ୍ଚପଦସ୍ଥ ଅଧିକାରୀ ଗୌରାଙ୍ଗ ଚରଣ ଦାସ ବିଧିବଦ୍ଧ ଭାବେ କଂଗ୍ରେସ ଦଳରେ ଯୋଗଦାନ କରିଥିଲେ।




# ବିରି-ମୁଗ କିଣାରେ ବ୍ୟାପକ ଅବ୍ୟବସ୍ଥା

ବାଲେଶ୍ୱର, ୯।୭ (ପ୍ରତ୍ୟାଶା ପ୍ରିୟମ୍ବଦା ମହାନ୍ତି)

- ୧୦ ଦିନ ଧରି ଆସିନି କ୍ୟୁଆର୍ କୋଡ୍, ଶସ୍ୟ ଉଠାଣ ସମ୍ପୂର୍ଣ୍ଣ ଠପ୍
- ବାଲେଶ୍ୱର ଜିଲ୍ଲା ପାଇଁ ମାତ୍ର ଦୁଇଟି ମଣ୍ଡି, ହଜାର ହଜାର ଚାଷୀ ହଇରାଣ





ରାଜ୍ୟ ସରକାର ଚାଷୀଙ୍କୁ ସର୍ବନିମ୍ନ ସହାୟକ ମୂଲ୍ୟ (ଏମ୍ଏସ୍ପି)ରେ ବିରି ଓ ମୁଗ କିଣିବା ପାଇଁ ବଡ଼ ବଡ଼ ଘୋଷଣା କରୁଥିବା ବେଳେ ବାଲେଶ୍ୱର ଜିଲ୍ଲାରେ ଦେଖାଦେଇଛି ବ୍ୟତିକ୍ରମ। କାଗଜ କଲମରେ ଚାଷୀଙ୍କ ପାଇଁ ସ୍ୱଚ୍ଛ ଓ ସହଜ କ୍ରୟ ବ୍ୟବସ୍ଥାର କଥା କୁହାଯାଉଥିଲେ ମଧ୍ୟ ବାସ୍ତବରେ ମଣ୍ଡିରେ ଦେଖାଦେଇଛି ଚରମ ଅବ୍ୟବସ୍ଥା। ମଣ୍ଡିର ଅଭାବ, କ୍ୟୁଆର୍ କୋଡ୍ ନ ଆସିବା, ସ୍ପଷ୍ଟ ଏସ୍ଓପି ନଥିବା ଓ ଟଙ୍କା ପ୍ରଦାନରେ ଅସ୍ୱାଭାବିକ ବିଳମ୍ବ ଯୋଗୁଁ ହଜାର ହଜାର ଚାଷୀ ଏବେ ହନ୍ତସନ୍ତ ହେଉଛନ୍ତି। ୬୦ ଦିନର ଅବଧି ଆଉ କିଛି ଦିନ ମଧ୍ୟରେ ଶସ୍ୟ ବିକ୍ରି ଅବଧି ଶେଷ ହେବାକୁ ଥିବାବେଳେ ଏପର୍ଯ୍ୟନ୍ତ ଆହୁରି ଅନେକ ଚାଷୀ ନିଜର ଶସ୍ୟ ବିକ୍ରି କରିପାରିନଥିବା ଅଭିଯୋଗ ଆସିଛି।

ଜିଲ୍ଲାର ବିଭିନ୍ନ ବ୍ଲକରୁ ଆସିଥିବା ଚାଷୀମାନଙ୍କ ଅଭିଯୋଗ ଅନୁସାରେ, ସମଗ୍ର ବାଲେଶ୍ୱର ଜିଲ୍ଲାରେ ବିରି-ମୁଗ କିଣିବା ପାଇଁ ମାତ୍ର ଦୁଇଟି ମଣ୍ଡି ଖୋଲାଯାଇଛି। ଜିଲ୍ଲାର ବିସ୍ତୃତ ଭୌଗୋଳିକ ପରିସ୍ଥିତି ଓ ଚାଷୀ ସଂଖ୍ୟାକୁ ଦେଖିଲେ ଏହା ସମୁଦ୍ରକୁ ଶଙ୍ଖେ ବୋଲି କହିଲେ ଅତ୍ୟୁକ୍ତି ହେବ ନାହିଁ। ବାଲେଶ୍ୱର ଜିଲ୍ଲାର ରେମୁଣା, ନୀଳଗିରି, ଖଇରା, ସୋର, ସିମୁଳିଆ ସମେତ ବିଭିନ୍ନ ଅଞ୍ଚଳର ଚାଷୀମାନଙ୍କୁ ଦୂର ଦୂରାନ୍ତରୁ ଶସ୍ୟ ନେଇ ମଣ୍ଡିରେ ପହଞ୍ଚିବାକୁ ପଡୁଛି। ଏହାବ୍ୟତୀତ ବାଲିଆପାଳ, ଭୋଗରାଇ, ବସ୍ତା ଓ ଜଳେଶ୍ୱର ବ୍ଲକରେ ଅଧିକ ମୁଗ, ବିରି ଚାଷ ହୋଇଥାଏ। ତେବେ ପରିବହନ ଖର୍ଚ୍ଚ ବଢୁଥିବା ବେଳେ ଅନେକ ଚାଷୀ ଖର୍ଚ୍ଚାନ୍ତ ହୋଇ ମଣ୍ଡିକୁ କରି ଶସ୍ୟ ଆଣୁଛନ୍ତି। ମଣ୍ଡିରେ ପହଞ୍ଚିବା ପରେ ମଧ୍ୟ ସମସ୍ୟା କମୁନି। ଅନେକଙ୍କୁ ଖାଲି ହାତରେ ଫେରିବାକୁ ପଡୁଛି। କାରଣ, ଗତ ପ୍ରାୟ ୧୦ ଦିନରୁ ଅଧିକ ଦିନ ହେବ କ୍ୟୁଆର୍ କୋଡ୍ ଆସୁନଥିବାରୁ ଶସ୍ୟ ଉଠାଣ ସମ୍ପୂର୍ଣ୍ଣ ଠପ୍ ହୋଇଯାଇଛି। କିଛି ଚାଷୀଙ୍କୁ ପାଖରୁ ଶସ୍ୟ ଉଠାଯାଇ ପାରିନାହିଁ। ଅବହେଳା ପାଇଁ ବର୍ଷା ଋତୁରେ ଶସ୍ୟର ଗୁଣବତ୍ତା ନଷ୍ଟ ହେବାର ଆଶଙ୍କା ବଢ଼ିଛି। ସେହିପରି ବାଲିଆପାଳ ବ୍ଲକ ବିଷ୍ଣୁପୁର ପଞ୍ଚାୟତର ଜଣେ ବିରି ଚାଷୀ କହିଛନ୍ତି, ଏହି ବ୍ଲକରେ ପାଖାପାଖି ଏକ ହଜାର ଚାଷୀ ଅଛନ୍ତି। ଚଳିତ ବର୍ଷ ଦୁଇ ଏକର ଜାଗାରେ ମୁଁ ବିରି ଚାଷ କରିଥିଲି। ଏବର୍ଷ ପ୍ରଥମ ଥର ନାଫେଡ୍ ରେ ବିରି ଦେଇଛୁ। କିନ୍ତୁ ସବୁ ଚାଷୀ କିନ୍ତୁ ନାଫେଡ୍ କ୍ରୟ କେନ୍ଦ୍ରରେ ନିଜର ଶସ୍ୟ ଦେଇନାହାନ୍ତି। କେହି କେହି ଛୋଟ ଚାଷୀ କମ୍ ଦରରେ ବାହାରେ ବେପାରୀଙ୍କୁ ବିକ୍ରି କରିଛନ୍ତି। କ୍ୟୁଆର୍ କୋର୍ଡ ଆସିନଥିବାରୁ କିଛି ଚାଷୀଙ୍କ ଶସ୍ୟ ଉଠିପାରୁନି। ହଇରାଣ ହେଉଛନ୍ତି। କିନ୍ତୁ ଆମର ସମସ୍ୟା ହେଉଛି ମୁକୁଳସିରେ ଥିବା ମଣ୍ଡିକୁ ନଯାଇ ଯଦି ବାଲିଆପାଳ ବା ପ୍ରତି ପଞ୍ଚାୟତ ସ୍ତରରେ ମାର୍କେଟିଂ ମଣ୍ଡି ବ୍ୟବସ୍ଥା ହେବ ତାହେଲେ ଚାଷୀମାନେ ଉପକୃତ ହେବ। ଆମକୁ ପାଖାପାଖି ୧୫ କିଲୋମିଟର ପର୍ଯ୍ୟନ୍ତ ଶସ୍ୟ ନେବାକୁ ପଡୁଛି। ଫଳରେ ଅଧିକ ଟଙ୍କା ଖର୍ଚ୍ଚ ପଡ଼ିଯାଉଛି। ଏବାବଦରେ ଏଫପିଓ ମୁଖ୍ୟ ସରୋଜଙ୍କୁ ପଚାରିବାରୁ କହିଛନ୍ତି ନାଫେଡ୍ ପକ୍ଷରୁ କ୍ୟୁଆର୍ କୋଡ୍ ଆସିବା କଥା। କ୍ୟୁଆର୍ କୋଡ୍ ଷ୍ଟକ୍ ଆସିନି ସେଥିପାଇଁ ଶସ୍ୟ ମଣ୍ଡିରୁ ଉଠିପାରୁନି। ୧୫ ଦିନ ତଳେ ଏବାବଦରେ ମୁଁ ନାଫେଡ୍ କୁ ଜଣାଇଛି। ଆଉ ଦୁଇ ଦିନ ଭିତରେ କ୍ୟୁଆର୍ କୋଡ୍ ଆସିଯିବ ବୋଲି କହିଛନ୍ତି। ଅନ୍ୟପଟେ ଶସ୍ୟ ଉଠିବାର ଶେଷ ତାରିଖ ୧୩ ଥିବାବେଳେ ତାହା ଆହୁରି ମାସେ ବଢ଼ିବ ବୋଲି ସୂଚନା ମିଳିଛି। ୧୦ ହଜାର କ୍ୱିଣ୍ଟାଲ କ୍ଷମତା ବିଶିଷ୍ଟ ଆମର ଏହି ମଣ୍ଡି। ଚାଷୀଙ୍କର ମୁଗ, ବିରି, ବାଦାମ ଆଦି ମଣ୍ଡିରେ ରହିଛି। ଉଠିନାହିଁ। ଅନ୍ୟପଟେ ସରକାରୀ ନିୟମ ଅନୁଯାୟୀ ଶସ୍ୟ ବିକ୍ରି ହେବା ପରେ ୭୨ ଘଣ୍ଟା ମଧ୍ୟରେ ଚାଷୀଙ୍କ ବ୍ୟାଙ୍କ ଖାତାକୁ ଅର୍ଥ ପଠାଯିବା କଥା। କିନ୍ତୁ ଚାଷୀମାନଙ୍କ ଅଭିଯୋଗ, ସପ୍ତାହ ସପ୍ତାହ ବିଳମ୍ବରେ ଟଙ୍କା ମିଳୁଛି। ଫଳରେ ଋଣ ପରିଶୋଧ, ସାର, ବିହନ କିଣିବା ଏବଂ ପରବର୍ତ୍ତୀ ଚାଷ ପାଇଁ ଆବଶ୍ୟକ ପୁଞ୍ଜି ଯୋଗାଡ଼ କରିବାରେ ଚାଷୀମାନେ ଅର୍ଥ ସଙ୍କଟରେ ପଡୁଛନ୍ତି। ସମୟରେ ସରକାରୀ କ୍ରୟ ନ ହେବାର ସୁଯୋଗ ନେଇ କିଛି ଦଲାଲ ସକ୍ରିୟ ହୋଇଥିବା ମଧ୍ୟ ଚାଷୀମାନେ ଅଭିଯୋଗ କରିଛନ୍ତି। ଶସ୍ୟ ନଷ୍ଟ ହେବା ଭୟରେ ଅନେକ ଚାଷୀ ସରକାରୀ ଏମ୍ଏସ୍ପି ଠାରୁ ବହୁତ କମ୍ ଦରରେ ଦଲାଲଙ୍କୁ ଶସ୍ୟ ବିକ୍ରି କରିବାକୁ ବାଧ୍ୟ ହେଉଛନ୍ତି। ପ୍ରଶ୍ନ ଉଠୁଛି, ଯେତେବେଳେ ଚାଷୀଙ୍କ ପଞ୍ଜୀକରଣ ପୂର୍ବରୁ ସମ୍ପୂର୍ଣ୍ଣ ହୋଇଯାଇଛି ଓ ଉତ୍ପାଦନର ଆକଳନ ସରକାରଙ୍କ ପାଖରେ ରହିଛି, ତେବେ ପର୍ଯ୍ୟାପ୍ତ ମଣ୍ଡି କାହିଁକି ଖୋଲାଗଲା ନାହିଁ? କ୍ୟୁଆର୍ କୋଡ୍ ବ୍ୟବସ୍ଥା ୧୦ ଦିନ ଧରି କାହିଁକି ଅଚଳ? ୭୨ ଘଣ୍ଟାରେ ଟଙ୍କା ପ୍ରଦାନର ନିୟମ କାହିଁକି କାର୍ଯ୍ୟକାରୀ ହେଉନାହିଁ? ଏହାକୁ ନେଇ ଜିଲ୍ଲା ପ୍ରଶାସନ ଓ ସମ୍ପୃକ୍ତ ବିଭାଗର ଭୂମିକା ଉପରେ ପ୍ରଶ୍ନଚିହ୍ନ ସୃଷ୍ଟି ହୋଇଛି। ଚାଷୀମାନେ ପ୍ରତ୍ୟେକ ବ୍ଲକରେ ମଣ୍ଡି ଖୋଲିବା, କ୍ୟୁଆର୍ କୋଡ୍ ସମସ୍ୟାର ତୁରନ୍ତ ସମାଧାନ, ସ୍ୱଚ୍ଛ ଏସ୍ ଓ ପି ଜାରି, ୭୨ ଘଣ୍ଟା ମଧ୍ୟରେ ଅର୍ଥ ପ୍ରଦାନ ସୁନିଶ୍ଚିତ କରିବା ସହ ସମଗ୍ର କ୍ରୟ ପ୍ରକ୍ରିୟାର ଉଚ୍ଚସ୍ତରୀୟ ତଦନ୍ତ ଦାବି କରିଛନ୍ତି।

## ବିନା ପରିମିଟ୍ ଓ ବୀମା ନ ଥାଇ ଗଡୁଛି ଘରୋଇ ସ୍କୁଲ ବସ୍

ଖଇରା, ୯।୭ (ସମିସ): ବାଲେଶ୍ୱର ଜିଲ୍ଲା ଖଇରା, ଔପଦା ଓ ସିମୁଳିଆ ବ୍ଲକ ରେ ଛତୁ ଫୁଟିଲା ପରି ବେସରକାରୀ ବିଦ୍ୟାଳୟ ଗଢି ଉଠିଛି। ଛୋଟ ଛୋଟ ପିଲା ମାନଙ୍କୁ ବିଦ୍ୟାଳୟରେ ଆଣିବା ଓ ଘରେ ଛାଡିବା ନେଇ ବହୁ ଘରୋଇ ଅଟୋ, ଟାଟା ମ୍ୟାଜିକ ସମେତ ଅନ୍ୟାନ୍ୟ ଗାଡି ବ୍ୟବହୃତ ହେଉଛି। ଗାଡି ଗୁଡିକ ଆବଶ୍ୟକ ଠାରୁ ଅଧିକ ପିଲାମାନଙ୍କୁ ନେଇ ଯାଉଥିବା ବେଳେ ଅନେକ ଗାଡି ରେ କୌଣସି କାଗଜପତ୍ର ନଥିବା ର ଦେଖିବାକୁ ମିଳିଛି। ଏମିତି କି ଅନେକ ଗାଡି ରେ ୩୦ବର୍ଷ ରୁ ଉର୍ଦ୍ଧ୍ୱ ସମୟ ହୋଇଥିବା ବେଳେ ସେ ଗାଡି ଗୁଡିକ ରାସ୍ତାରେ ଚାଲୁଛି। ଅନେକ ଗାଡି ରେ ବୀମା, ପରିମିଟ ଓ ପଲ୍ୟୁସନ ନଥିବା ବେଳେ ଗାଡି ମାଲିକ ମାନେ ନିର୍ଭୟ ରେ ପିଲା ମାନଙ୍କୁ ନେଇ ଯାତାୟାତ କରୁଛନ୍ତି। ସାରା ରାଜ୍ୟ ରେ ପରିବହନ ବିଭାଗ ପକ୍ଷରୁ ଏ ନେଇ କଡାକଡ଼ି ଭାବେ ଯାଞ୍ଚ ଚାଲିଥିବା ବେଳେ ଖଇରା, ଔପଦା ଓ ସିମୁଳିଆ ବ୍ଲକରେ ଚାଲିଥିବା ଗାଡି ଗୁଡିକୁ ପରିବହନ ବିଭାଗର କୌଣସି ଦୃଷ୍ଟି ନଦେବା ବିଭାଗ ର ସ୍ୱଚ୍ଛତା ଉପରେ ଅଙ୍ଗୁଳି ଉଠିଛି। ଉକ୍ତ ଘଟଣାକୁ ନେଇ ଅଭିଭାବକ ମାନଙ୍କ ମଧ୍ୟରେ ଚିନ୍ତାର କାରଣ ସାଜିଛି। ଏଥିପ୍ରତି ଶିକ୍ଷା ବିଭାଗ ଓ ପରିବହନ ବିଭାଗ ଦୃଷ୍ଟି ଦେଇ କାଗଜପତ୍ର ନ ଥିବା ଗାଡି ମାଲିକ ଓ ଶିକ୍ଷାନୁଷ୍ଠାନ ଉପରେ ଦୃଢ଼ କାର୍ଯ୍ୟନୁଷ୍ଠାନ ନେବା ପାଇଁ ଦାବି ଜୋରଦାର ହୋଇଛି। ନହେଲେ ଆଗାମୀ ଦିନ ରେ ଯଦି ଛୋଟ ଛୋଟ ପିଲା ଙ୍କର କୌଣସି ଅଘଟଣ ଘଟେ ସେଥିପାଇଁ ଦାୟୀ କିଏ ରହିବ ବୋଲି ଅଭିଭାବକ ମାନେ ପ୍ରଶ୍ନ କରିଛନ୍ତି। ଏ ନେଇ ଖଇରା ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ଲକ୍ଷ୍ମୀଧର ସିଂ ସହିତ ଯୋଗାଯୋଗ କରିବାରୁ ଏହା ମୋ ନଜରରେ ଆସିଥିବାରୁ ମୁଁ ସମସ୍ତ ବେସରକାରୀ ଶିକ୍ଷାନୁଷ୍ଠାନମାନଙ୍କୁ ଚିଠି କରିବା ନେଇ ପ୍ରକାଶ କରିଥିଲେ।

## 'ଆମ ରାଧା ପାଇଁ ଦିନଟିଏ'

କାଳିପଦା, ୯।୭(ସମିସ): ଜାମଶୂଳୀସ୍ଥିତ ଲକ୍ଷ୍ମୀନାରାୟଣ କଲେଜ ଉଦ୍ଭିଦ ବିଜ୍ଞାନ ବିଭାଗ ଚତୁର୍ଥ ଶ୍ରେଣୀ କର୍ମଚାରୀ (ମାଳି)ଙ୍କ ପାଇଁ ଆମ ରାଧା ପାଇଁ ଦିନଟିଏ ତଥା ଅବସର କାଳୀନ ସମ୍ବର୍ଦ୍ଧନା ସଭା କଲେଜରେ ବୁଧବାର ଅନୁଷ୍ଠିତ ହୋଇ ଯାଇଛି।

ଅଧ୍ୟକ୍ଷ ପ୍ରଧାପକ ଦିବ୍ୟେନ୍ଦୁ ଗିରିଙ୍କ ପରିଚାଳନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବିଭାଗୀୟ ମୁଖ୍ୟ ପ୍ରଧାପକ ଡ. ଶିବ ନାରାୟଣ ମହାପାତ୍ର, ଅଧାପକ ଆଶୁତୋଷ ଯତି, ଡେମୋନଷ୍ଟ୍ରେଟର ସୋନାଳିକା ପ୍ରଧାନ ପ୍ରମୁଖ ଯୋଗ ଦେଇ ବିଦାୟୀ ମାଳି ରାଧାକୃଷ୍ଣ ପ୍ରଧାନଙ୍କ କର୍ମ ନିଷ୍ଠା ଓ ସାଧୁତା ସମ୍ପର୍କରେ ଆଲୋଚନା କରିଥିଲେ।

## ସୁବର୍ଣ୍ଣରେଖା ମହାବିଦ୍ୟାଳୟରେ ବିଦାୟକାଳୀନ ସମ୍ବର୍ଦ୍ଧନା ସଭା




କାଳିପଦା, ୯।୭ (ସମିସ): ବାଲିଆପାଳ ସୁବର୍ଣ୍ଣରେଖା ମହାବିଦ୍ୟାଳୟ ପକ୍ଷରୁ ଶିକ୍ଷା ବିଭାଗର ପ୍ରାଧ୍ୟାପକ ସଚ୍ଚିଦ୍ରନାଥ ଦତ୍ତ, ସହାୟକ ପ୍ରଦୀପ କୁମାର ଦାସ ଏବଂ ସହାୟିକା କାଞ୍ଚନ ସେଠୀଙ୍କ ଅବସର ଉପଲକ୍ଷେ ବିଦାୟକାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟର ଅଧକ୍ଷା ଶାନ୍ତିଲତା ଗିରିଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ସଭାରେ ଇଂରାଜୀ ବିଭାଗର ପ୍ରାଧ୍ୟାପକ ଶ୍ରୀ ବିକାଶ ଚନ୍ଦ୍ର ଜେନା ଓ ରାଜନୀତି ବିଜ୍ଞାନ ବିଭାଗର ବରିଷ୍ଠ ଅଧ୍ୟାପକ ଡ. ରଞ୍ଜନ କୁମାର ପାଢ଼ୀ ବକ୍ତବ୍ୟ ରଖି ଅବସରପ୍ରାପ୍ତ କର୍ମଚାରୀମାନଙ୍କର ନିଷ୍ଠା, କର୍ମଦକ୍ଷତା ଓ ମହାବିଦ୍ୟାଳୟ ପ୍ରତି ସେମାନଙ୍କ ଅବଦାନକୁ ପ୍ରଶଂସା କରିଥିଲେ। ଉଦ୍ଭିଦ ବିଜ୍ଞାନ ବିଭାଗର ବରିଷ୍ଠ ଅଧ୍ୟାପକ ଗଣେଶ ଚନ୍ଦ୍ର ସୀ, ପଦାର୍ଥ ବିଜ୍ଞାନ ବିଭାଗର ବରିଷ୍ଠ ଅଧ୍ୟାପକ ଅକ୍ଷୟ କୁମାର ଗିରି, ବାଣିଜ୍ୟ ବିଭାଗର ବରିଷ୍ଠ ଅଧ୍ୟାପକ ସତ୍ୟନାରାୟଣ ସାହୁ, ଶିକ୍ଷା ବିଭାଗର ବରିଷ୍ଠ ଅଧ୍ୟାପକ କୃଷ୍ଣଚନ୍ଦ୍ର ପ୍ରଧାନ, ଗଣିତ ବିଭାଗର ବରିଷ୍ଠ ଅଧ୍ୟାପକ ସୁବଳ କୁମାର ଗିରି, ଗଣିତ ବିଭାଗର ବରିଷ୍ଠ ଅଧ୍ୟାପକ ବେଣୁଧର ନାୟକ, ଓଡ଼ିଆ ବିଭାଗର ଅଧ୍ୟାପକ ଡ. ସନ୍ତୋଷ କୁମାର ସାହୁ, ପଦାର୍ଥ ବିଜ୍ଞାନ ବିଭାଗର ଅଧ୍ୟାପିକା ପାର୍ବତୀ ମୁର୍ମୁ, ଇଂରାଜୀ ବିଭାଗର ଅଧ୍ୟାପିକା ସୁଭାସ୍ମିତା ନନ୍ଦ, ଅର୍ଥନୀତି ବିଭାଗର ଅଧ୍ୟାପକ ଜ୍ୟୋତି ରଞ୍ଜନ କବାଟ, ଉଦ୍ଭିଦ ବିଜ୍ଞାନ ବିଭାଗର ପ୍ରଦର୍ଶକ ଦୁର୍ଗାଶଙ୍କର ନାୟକ, ବରିଷ୍ଠ ହିସାବ ଅଧିକାରୀ ରଞ୍ଜିତ କୁମାର ସାହୁ, ସହାୟକ ରାଜେନ୍ଦ୍ର ପ୍ରଧାନ, ବିଶ୍ୱନାଥ ସାମଲ, ପରିଚାରକ ପରେଶ କୁମାର ମାଣିକ, ପ୍ରିୟରଞ୍ଜନ ପ୍ରଧାନ ଓ ପି.ଇ.ଟି. ମେଘମାଳା ପାଢ଼ିଆରୀଙ୍କ ସମେତ ମହାବିଦ୍ୟାଳୟର ସମସ୍ତ ଅଧ୍ୟାପକ, ଅଧ୍ୟାପିକା ଏବଂ ଅଣଶିକ୍ଷକ କର୍ମଚାରୀ ଉପସ୍ଥିତ ରହିଥିଲେ। ବାଣିଜ୍ୟ ବିଭାଗର ବରିଷ୍ଠ ଅଧ୍ୟାପକ ସତ୍ୟନାରାୟଣ ସାହୁ ଧନ୍ୟବାଦ ଜଣାଇ ଥିଲେ।

## ସିଡିଏମ୍ଓଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଆଶାକର୍ମୀଙ୍କ ବିକ୍ଷୋଭ




ବାଲେଶ୍ୱର, ୯।୭(ସମିସ): ଓଡ଼ିଶା ରାଜ୍ୟ ଆଶା କର୍ମୀ ସଂଘ ବାଲେଶ୍ୱର ଶାଖା ପକ୍ଷରୁ ବିଭିନ୍ନ ଦାବି ନେଇ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯିବା ସହ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରାଯାଇଛି।

ଅଭିଯୋଗ ଅନୁସାରେ, ସମଗ୍ର ଓଡ଼ିଶାରେ ସ୍ୱାସ୍ଥ୍ୟ କ୍ଷେତ୍ରରେ ୪୬ହଜାରରୁ ଅଧିକ ଆଶା କର୍ମଚାରୀ ସ୍ୱଳ୍ପ ପାରିଶ୍ରମିକରେ ଦିନ ରାତି କାର୍ଯ୍ୟ କରୁଛନ୍ତି। ସରକାର ନିର୍ବାଚନ ସମୟରେ ତାଙ୍କ ଇସ୍ତାହାରରେ ସମସ୍ତଙ୍କୁ ସମ୍ମାନ ଜନକ ବେତନ ଓ ସୁବିଧା ଦେବା ପାଇଁ ପ୍ରତିଶ୍ରୁତି ଦେଇଥିଲେ ହେଲେ ଏପର୍ଯ୍ୟନ୍ତ କୌଣସି ପଦକ୍ଷେପ ଗ୍ରହଣ କରି ନାହାନ୍ତି। ଫଳରେ ସମସ୍ତଙ୍କ ମଧ୍ୟରେ ଏକ ନିରାଶ ଜନକ ଭାବ ଦେଖିବାକୁ ମିଳିଛି। ଏଣୁ ଆଜି ଦେଶ ବ୍ୟାପି ସରକାର ଜଗାଓ ପଦକ୍ଷେପ ଅର୍ନ୍ତଗତ ଓଡ଼ିଶା ରାଜ୍ୟ ଆଶାକର୍ମୀ ସଂଘ ପକ୍ଷରୁ ଆଶା କର୍ମୀମାନଙ୍କ ବିଭିନ୍ନ ସମସ୍ୟା ଉପରେ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଦାବିଗୁଡିକ ମଧ୍ୟରେ ବିଶେଷ କରି ଜାତୀୟ ସ୍ୱାସ୍ଥ୍ୟ ବିଶାନ ଅଧିନସ୍ଥ କାର୍ଯ୍ୟରତ ସମସ୍ତ ଆଶା କର୍ମୀମାନଙ୍କୁ କର୍ମଚାରୀ ମାନ୍ୟତା ପ୍ରଦାନ କରାଯିବା ସହ ସର୍ବନିମ୍ନ ବେତନ ପ୍ରଦାନ କରାଯାଉ। ଏବଂ ସ୍ଥାୟୀ ନ ହେବା ପର୍ଯ୍ୟନ୍ତ ସେମାନଙ୍କୁ ମାସିକ ୧୮ ହଜାର ଟଙ୍କା ପ୍ରଦାନ କରାଯାଉ, ସମସ୍ତ ଆଶା କର୍ମୀମାନଙ୍କୁ ସାମାଜିକ ସୁରକ୍ଷା ଯୋଜନାଭୁକ୍ତ କରାଯାଇ ଇଏସଆଇ ଓ ଇପିଏଫଓ ଅର୍ନ୍ତଗତ ପଞ୍ଜିକୃତ କରାଯାଉ, ପ୍ରତିମାସ ୧୦ତାରିଖ ମଧ୍ୟରେ ସମସ୍ତ ପ୍ରକାର ମାନଦେୟ ପ୍ରଦାନ କରାଯିବାକୁ ସୁନିଶ୍ଚିତ କରାଯାଉ, ଆଶା ଭଉଣୀମାନଙ୍କ ପ୍ରତି ତଳ ସ୍ତରରୁ ଉପର ସ୍ତର ପର୍ଯ୍ୟନ୍ତ ହେଉଥିବା ଦୁର୍ବବ୍ୟହାରଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ, ପ୍ରତି ଗାଁ ଅଙ୍ଗନବାଡି କେନ୍ଦ୍ରକୁ ଲାଗି ଆଶା କେନ୍ଦ୍ର ନିର୍ମାଣ କରାଯାଉ, ଶିକ୍ଷାଗତ ଯୋଗ୍ୟତା ଆଧାରରେ ଆଶାକର୍ମୀମାନଙ୍କୁ ତାଲିମ ଦେଇ ଏଏନଏମ ପଦବୀକୁ ପଦୋନ୍ନତି କରାଯାଉ, କାର୍ଯ୍ୟ ସମୟରେ ଦୁର୍ଘଟଣା ଜନିତ ମୃତ୍ୟୁ ହେଲେ ପରିବାରକୁ ୧୦ଲକ୍ଷ, ଶାରିରୀକ ଅକ୍ଷମ କ୍ଷେତ୍ରରେ ୫ଲକ୍ଷ ଟଙ୍କା ପ୍ରଦାନ କରାଯାଉ, ସେବା ନିବୃତ ସମୟରେ ଆଶା କର୍ମୀମାନଙ୍କୁ ଏକ କାଳୀନ ୧୦ଲକ୍ଷ ଟଙ୍କା ସହାୟତା ଓ ପ୍ରତିମାସ ୫ହଜାର ଟଙ୍କା ଭତା ପ୍ରଦାନ କରାଯାଉ, କାର୍ଯ୍ୟକ୍ଷେତ୍ରରେ ସୁପରିଚାଳନା ପାଇଁ ଆଶା କର୍ମୀମାନଙ୍କୁ ଭଲ ମୋବାଇଲ ପ୍ରଦାନ କରାଯାଉ ଆଦି ବିଭିନ୍ନ ଦାବି ଉପସ୍ଥାପନ କରିଥିଲେ। ଏହି ବିକ୍ଷୋଭ ସମୟରେ ଜିଲ୍ଲା ସମ୍ପାଦିକା ଶକୁନ୍ତଳା ଗୋଛାୟତ, କୁମମଣି ଦେଇ, ଅପର୍ଣ୍ଣା ପରିଡ଼ା, ଅରୂପ ନାୟକ, ବାସନ୍ତୀ ମାଆନ, ଜାନକୀ ରାଉଳ ପ୍ରମୁଖଙ୍କ ସହ ଅନ୍ୟମାନେ ସାମିଲ ଥିଲେ।

## ସାବରମତୀ ଆଶ୍ରମରେ ସାଂସଦ ପ୍ରତାପ ଷଡ଼ଙ୍ଗୀ



ନୀଳଗିରି, ୯।୭(ସମିସ): କେନ୍ଦ୍ର ସଂସଦୀୟ ବ୍ୟାପାର କମିଟି ଗୁଜୁରାଟ ଅହମଦାବାଦ ଯାଇଥିବା ବେଳେ ବାଲେଶ୍ୱର ସାଂସଦ ପ୍ରତାପ ଷଡ଼ଙ୍ଗୀ ଉକ୍ତ କମିଟିରେ ଯାଇଥିବା ବେଳେ ଅହମ୍ମଦାବାଦରେ ଥିବା ସାବରମତୀ ଆଶ୍ରମକୁ ଯାଇଥିଲେ। ସାବରମତୀ ଆଶ୍ରମ ଏକ ଐତିହାସିକ ସ୍ଥାନ, ଶାନ୍ତି, ମୈତ୍ରୀ ଐତିହ୍ୟର ଭୂମି। କମିଟିର ଅଧ୍ୟକ୍ଷ ବୈଜୟନ୍ତ ପଣ୍ଡା ମଧ୍ୟ ବୁଲି ଦେଖିଥିଲେ। ଯେଉଁ ସ୍ଥାନରୁ ଜାତିର ପିତା ମହାତ୍ମା ଗାନ୍ଧୀ ଦାଣ୍ଡି ଯାତ୍ରା ଓ ଭାରତକୁ ସ୍ୱାଧୀନତା ଆଣିବା ପାଇଁ ଡାକରା ଦେଇଥିଲେ, ସେହି ସ୍ଥାନକୁ ସାଂସଦ ପ୍ରତାପ ଷଡ଼ଙ୍ଗୀ ବୁଲି ବୁଲି ଦେଖିଥିଲେ। ଗାନ୍ଧିଜୀଙ୍କର ସ୍ମୃତିକୁ ସାଉଁଟି ଥିଲେ ସାଂସଦ। ଗାନ୍ଧିଜୀଙ୍କ ଖଟି ଖାଅ, କାଟି ପିନ୍ଧ ନାରା କୁ ପାଥେୟ କରି ସାଂସଦ ପ୍ରତାପ ଷଡ଼ଙ୍ଗୀ ସାବରମତୀ ଆଶ୍ରମରେ ଥିବା ଅରଟରେ ସୂତା କାଟୁଥିବାର ଦେଖିବାକୁ ମିଳିଛି।

## ଜିଲ୍ଲାପାଳଙ୍କ ରାଇବଣିଆ ଗଡ଼ ଉନ୍ନୟନ କାର୍ଯ୍ୟର ସମୀକ୍ଷା



ଜଳେଶ୍ୱର/ଜଳେଶ୍ୱର ବ୍ଲକ ୯।୭(ସମିସ) : ଜିଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶ ରାଇବଣିଆ ଗଡ଼ ଉନ୍ନୟନ କାର୍ଯ୍ୟ ବୁଲି ଦେଖିଛନ୍ତି। ପର୍ଯ୍ୟଟନ ଭିତ୍ତିଭୂମି ବିକାଶ ପ୍ରକଳ୍ପର ଅଗ୍ରଗତି ସମୀକ୍ଷା କରିବା ପାଇଁ ସମସ୍ତ ସମ୍ପୃକ୍ତ ଅଧିକାରୀଙ୍କ ସହିତ ରାଇବଣିଆ ଦୁର୍ଗ ପରିଦର୍ଶନ କରିଥିଲେ। ୧୭ କୋଟି ଟଙ୍କା ବ୍ୟୟରେ ହେଉଥିବା ବିଭିନ୍ନ ଉନ୍ନୟନ କାର୍ଯ୍ୟର ମନ୍ଥର ଗତି ସମ୍ପର୍କରେ ଆଲୋଚନା କରିବା ସହିତ ପ୍ରକଳ୍ପର ସମସ୍ତ ଉପାଦାନ ଯାଞ୍ଚ କରିଥିଲେ ଏବଂ କାର୍ଯ୍ୟନିର୍ବାହୀ ସଂସ୍ଥାଗୁଡ଼ିକୁ ସମସ୍ତ ବାକି ଥିବା କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ଏବଂ ପ୍ରକଳ୍ପର ଶୀଘ୍ର ସମାପ୍ତି ସୁନିଶ୍ଚିତ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଟୁରିଜିମ୍ ଓ ସଂସ୍କୃତି ବିଭାଗ ପକ୍ଷରୁ ଦୁର୍ଗ ନିକଟ ରୁପାଦିଘୀ ପୋଖରୀ ଉନ୍ନତିକରଣ, କମୁନିଟି ସେଣ୍ଟର, ଗେଷ୍ଟ ହାଉସ, ପାଚେରୀ କାର୍ଯ୍ୟ ବୁଲି ଅସନ୍ତୋଷ ପ୍ରକାଶ କରିଥିଲେ। ସ୍ଥାନୀୟ ତହସିଲଦାର ସତ୍ୟଜିତ ମହାନ୍ତି, ଏବିଡିଓ ସୁଧିର ସାହୁ ପ୍ରମୁଖ ଉପସ୍ଥିତ ରହି ସମିକ୍ଷା କରିଥିଲେ।

## ପ୍ରଧାନଶିକ୍ଷକଙ୍କ ଅବସରକାଳୀନ ସମ୍ବର୍ଦ୍ଧନା ସଭା



କାଳିପଦା, ୯।୭(ସମିସ): ବାଲିଆପାଳ ବ୍ଲକ କଟୁଆପଡ଼ା କାଞ୍ଚନେଶ୍ୱର ୟୁପି ସ୍କୁଲର ପ୍ରଧାନ ଶିକ୍ଷକ ସଞ୍ଜୟ କୁମାର ନାୟକଙ୍କ ଅବସର କାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇ ଯାଇଛି। ପ୍ରାକ୍ତନ ଏସଏମସି ସଭାପତି ସୁବ୍ରତ କୁମାର ମହାପାତ୍ରଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ସଭାରେ ମୁଖ୍ୟଅତିଥି ଭାବେ ଶିକ୍ଷକନେତା ପ୍ୟାରୀ ମୋହନ ବିଶ୍ୱାଳ, ମୁଖ୍ୟ ବକ୍ତା ରୂପ ନାରାୟଣ ମହାନ୍ତି, ସମ୍ମାନିତ ଅତିଥି ରୂପେ ଅବସର ସୈନିକ ସଂଘର ସଭାପତି ମନୋଜ କୁମାର ସୀ, କମଳ ଲୋଚନ ପିଳା ଓ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ପଦ୍ମାଳୟା ପାତ୍ର ମଞ୍ଚାସୀନ ହୋଇଥିଲେ। ସଭାରେ ବେଣୁଧର ପ୍ରମାଣିକ, ଅତୁଲ କୁମାର ଦାସ, ଗୋପାଳ ଚନ୍ଦ୍ର ଜେନା, ସାହା ବୁଦ୍ଦିନ ସାହା, ଦୁଃର୍ଜୟ ନାୟକ, ମନୋରମା ନାୟକ, ଅନ୍ନପୂର୍ଣ୍ଣା ପଢ଼ିଆରୀ, ସୁଜାତାରାଣୀ ସୀ, ଏସ ରଫିରୁଦ୍ଦିନ, ପ୍ରକାଶ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ପୂର୍ବତନ ସି ଆର ସି ଅଶୋକ କୁମାର ଗିରି, ନିତାଇ ରାଉଳ, ଶିକ୍ଷକ ପ୍ରଦୀପ ପଣ୍ଡା, ଶିଶିର କୁମାର ନାୟକ ସଞ୍ଜୟ ସାରଙ୍କୁ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରିଥିଲେ। ଜଗବନ୍ଧୁ ଜେନା ମଞ୍ଚ ଆହ୍ୱାନ କରିଥିବା ବେଳେ ଶିକ୍ଷକ ନରେନ୍ଦ୍ର ସାହୁ ଧନ୍ୟବାଦ ଦେଇଥିଲେ।

## ଭିଟାମାଟି ଓ ଜୀବନ ଜୀବିକା ସୁରକ୍ଷା ମଞ୍ଚର ଗଣ ସମାବେଶ




ନୀଳଗିରି, ୯।୭ (ସମିସ): ଭିଟାମାଟି ଓ ଜୀବନ ଜୀବିକା ସୁରକ୍ଷା ମଞ୍ଚ, ନୀଳଗିରି ପକ୍ଷରୁ ତେଲିପାଳଠାରେ ଏକ ବିଶାଳ ଗଣ ସମାବେଶ ଅନୁଷ୍ଠିତ ହୋଇ ଯାଇଛି। ଏଥିରେ କୁଲଡ଼ିହା ବନ୍ୟପ୍ରାଣୀ ଅଭୟାରଣ୍ୟ ଏବଂ ଏହାର ଇକୋ-ସେନ୍ସିଟିଭ୍ ଜୋନ୍ ଅଞ୍ଚଳରେ ବନ, ବନ୍ୟଜୀବ ଓ ସେଠାରେ ବସବାସ କରୁଥିବା ଆଦିବାସୀ ତଥା ପାରମ୍ପରିକ ବନବାସୀଙ୍କ ସାମ୍ବିଧାନିକ ଅଧିକାରକୁ ସମାନ ଭାବେ ସୁରକ୍ଷା କରିବାକୁ ଦାବି ଜୋରଦାର ହୋଇଛି। କୁଲଡ଼ିହା ଅଭୟାରଣ୍ୟ ଓ ଏହାର ଇକୋ-ସେନ୍ସିଟିଭ୍ ଜୋନ୍ରେ ସମସ୍ତ ବେଆଇନ ଖଣି ଓ ପଥର ଖାଦାନକୁ ତୁରନ୍ତ ବନ୍ଦ କରାଯାଉ, ହାତୀ କରିଡର ଏବଂ ବନ୍ୟଜୀବ ଆବାସସ୍ଥଳୀକୁ କଡ଼ା ସୁରକ୍ଷା ଦିଆଯାଉ। ସମସ୍ତ ଯୋଗ୍ୟ ପରିବାରଙ୍କ ବନ ଅଧିକାର ସ୍ୱୀକୃତ କରାଯାଉ। କୌଣସି ଆଦିବାସୀ କିମ୍ବା ବନବାସୀଙ୍କୁ ବଳପୂର୍ବକ ଉଚ୍ଛେଦ କରାନଯାଉ ଏବଂ ଗ୍ରାମସଭାର ପୂର୍ବ ସମ୍ମତି ବିନା କୌଣସି ପ୍ରକଳ୍ପକୁ ଅନୁମତି ଦିଆନଯାଉ। ଏହା ସହ କୁଲଡ଼ିହା ଅଞ୍ଚଳର ସମସ୍ତ ଆଦିବାସୀ ଗ୍ରାମରେ ଶିକ୍ଷା, ସ୍ୱାସ୍ଥ୍ୟ, ପାନୀୟ ଜଳ, ରାସ୍ତା, ବିଦ୍ୟୁତ, ଯୋଗାଯୋଗ ଓ ଜୀବିକାର ଅଧିକାର ସୁନିଶ୍ଚିତ କରିବା ସହ ବନ ସଂରକ୍ଷଣରେ ସ୍ଥାନୀୟ ଗ୍ରାମସଭାଙ୍କୁ ଅଂଶୀଦାର କରିବାକୁ ମଧ୍ୟ ଦାବି କରାଯାଇଛି। ନତୁବା ଗଣ ଆନ୍ଦୋଳନକୁ ଆହୁରି ତୀବ୍ରତର କରିବା ପାଇଁ ମଞ୍ଚ ତରଫରୁ ଆହ୍ୱାନ ଦିଆଯାଇଛି। ଏହି ଗଣ କନଭେନସନ୍ରେ ପୂର୍ବତନ ବିଧାୟକ ପ୍ରଦୀପ୍ତ କୁମାର ପଣ୍ଡା, ଆଡଭୋକେଟ୍ କୃଷ୍ଣଚନ୍ଦ୍ର ନାୟକ, ସି ପି ଆଇ(ଏମ) ରାଜ୍ୟ ସମ୍ପାଦକ ସୁରେଶ ଚନ୍ଦ୍ର ପାଣିଗ୍ରାହୀ, ସି ପି ଆଇ (ଏମ୍) ବାଲେଶ୍ୱର ଜିଲ୍ଲା ସମ୍ପାଦକ ଶିଶିର ହୁଇ, ଓଡ଼ିଶା ଆଦିବାସୀ ଅଧିକାର ମଞ୍ଚର ରାଜ୍ୟ ସମ୍ପାଦକ ଚାମ୍ପୁରୁ ସୋରେନ, ଓଡ଼ିଶା କୃଷକ ସଭାର ରାଜ୍ୟ ସଭାପତି ସୀତାଂଶୁ ସେନାପତି, ସିଆଇଟିୟୁସିପିଆଇ (ଏମ୍) ନୀଳଗିରି ବାଲେଶ୍ୱର ଜିଲ୍ଲା ସାଧାରଣ ସମ୍ପାଦକ ବିଜୟ ପାତ୍ର, ଆଞ୍ଚଳିକ କମିଟି ସମ୍ପାଦକ ଜ୍ୟୋତିର୍ମୟ ରାଉତ ଏବଂ ଚାଷୀ ନେତା ଯୋଗନନ୍ଦ ଦାସ ପ୍ରମୁଖ ନେତୃବୃନ୍ଦ ଉପସ୍ଥିତ ରହି ଉଦବୋଧନ ଦେଇଥିଲେ। ଆଦିବାସୀ ନେତା ରଘୁନାଥ ସିଂହ ଏହି ଗଣ ସମାବେଶରେ ସଭାପତିତ୍ୱ କରିଥିଲେ।

### ମନ୍ଦିରକୁ ବ୍ୟକ୍ତିଗତ ସମ୍ପତ୍ତି ଦାବି

## ପର୍ଯ୍ୟଟନ ମନ୍ତ୍ରୀଙ୍କୁ ଅଭିଯୋଗ କଲେ ଗ୍ରାମବାସୀ

ଜଳେଶ୍ୱର ବ୍ଲକ, ୯।୭ (ସମିସ)



ଜଳେଶ୍ୱର ତହସିଲ ଅନ୍ତର୍ଗତ ଖୁଆଡ ପଞ୍ଚାୟତର ପୁରୁଣାପାଣି ମୌଜା ମହୁଡୁମା ଗ୍ରାମରେ ଥିବା ଶ୍ରୀଜଗନ୍ନାଥ ମନ୍ଦିରକୁ ନେଇ ଏବେ ବିବାଦ ମୁଣ୍ଡ ଟେକିଛି। ଏହି ପୁରାତନ ମନ୍ଦିରକୁ ଗ୍ରାମର କିଛି ପ୍ରଭାବଶାଳୀ ବ୍ୟକ୍ତି ନିଜର ବ୍ୟକ୍ତିଗତ ସମ୍ପତ୍ତି ବୋଲି ଦାବି କରୁଥିବା ନେଇ ଗ୍ରାମବାସୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଏହି ସମ୍ପର୍କରେ ଗ୍ରାମବାସୀଙ୍କ ପକ୍ଷରୁ ପର୍ଯ୍ୟଟନ ମନ୍ତ୍ରୀ, ଜିଲ୍ଲାପାଳ, ଉପଜିଲ୍ଲାପାଳ ଓ ତହସିଲଦାରଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି।

ସୂଚନା ଅନୁଯାୟୀ, ମନ୍ଦିରଟି ସର୍ବସାଧାରଣ ଅନୁଷ୍ଠାନ ହୋଇଥିବାରୁ ଏହାର ବିକାଶ ପାଇଁ ବିଗତ ଦିନରେ ସରକାରୀ ପାଣ୍ଠି ଯୋଗାଇ ଦିଆଯାଇଥିଲା। ଗତ ୨୦୨୩-୨୪ ଆର୍ଥିକ ବର୍ଷରେ 'ମୁଖ୍ୟମନ୍ତ୍ରୀ ସ୍ୱତନ୍ତ୍ର ସହାୟତା ଯୋଜନା'ରୁ ମନ୍ଦିର ମରାମତି ପାଇଁ ୪ ଲକ୍ଷ ଟଙ୍କା ମଞ୍ଜୁର ହୋଇଥିଲା। ସେହିପରି ୨୦୨୪-୨୫ ଆର୍ଥିକ ବର୍ଷରେ ବିଧାୟକ ଉନ୍ନୟନ ପାଣ୍ଠିରୁ ୧ ଲକ୍ଷ ଟଙ୍କା ବ୍ୟୟରେ ମନ୍ଦିରର ପାଚେରୀ ଓ ମୁଖଶାଳା ନିର୍ମାଣ କାର୍ଯ୍ୟ ସମ୍ପନ୍ନ କରାଯାଇଥିଲା। ସରକାରୀ ଅନୁଦାନରେ ବିକାଶ ହୋଇଥିବା ଏହି ମନ୍ଦିରକୁ ଏବେ ବ୍ୟକ୍ତିଗତ ବୋଲି କୁହାଯିବାକୁ ଗ୍ରାମବାସୀ ସହଜରେ ଗ୍ରହଣ କରି ପାରୁ ନାହାନ୍ତି। ଗ୍ରାମବାସୀ ଅନନ୍ତ କୁମାର ଦାସଙ୍କ ଅଭିଯୋଗ ମୁତାବକ, ଗ୍ରାମର ପ୍ରଭାବଶାଳୀ ସୁବ୍ରତ ମଲ୍ଲିକ ଓ ବ୍ରଜ କିଶୋର ମଲ୍ଲିକ ଏହାକୁ ନିଜର ବ୍ୟକ୍ତିଗତ ମନ୍ଦିର ଓ ଠାକୁର ବୋଲି ଦାବି କରୁଛନ୍ତି। ଏପରିକି ସେମାନେ ସାଧାରଣ ଲୋକଙ୍କ ପ୍ରବେଶ ଉପରେ କଟକଣା ଲଗାଉଥିବା କୁହାଯାଉଛି। ଏହି ଅଞ୍ଚଳଟି ମୁଖ୍ୟତଃ ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତି ବହୁଳ ହୋଇଥିବା ବେଳେ ଆଗାମୀ ରଥଯାତ୍ରାରେ ଶ୍ରଦ୍ଧାଳୁମାନଙ୍କୁ ରଥ ସ୍ପର୍ଶ ନ କରିବା ମୌଖୀକ ଭାବେ ବାରଣ କରାଯାଉଥିବା ପରି ସଙ୍ଗୀନ ଅଭିଯୋଗ ଆସିଛି। ଏହା ସହିତ ଗ୍ରାମର କିଛି ମୁଷ୍ଟିମେୟ ଲୋକ ମହାପ୍ରଭୁଙ୍କ ଘରବାଡ଼ି ପ୍ଲଟକୁ ଜବରଦଖଲ କରି ରଖିଥିବା ଅଭିଯୋଗ ପତ୍ରରେ ଉଲ୍ଲେଖ କରାଯାଇଛି। ଏପରି ସମ୍ବେଦନଶୀଳ ଘଟଣାର ତୁରନ୍ତ ନିରପେକ୍ଷ ତଦନ୍ତ କରିବା ସହ ମହାପ୍ରଭୁଙ୍କ ମନ୍ଦିରକୁ ରାଜ୍ୟ ସରକାରଙ୍କ ଦେବୋତ୍ତର ବିଭାଗ ଅଧୀନକୁ ନେବା ପାଇଁ ଗ୍ରାମବାସୀ ପ୍ରଶାସନ ନିକଟରେ ଦାବି କରିଛନ୍ତି।

ଅପରପକ୍ଷରେ, ଏହି ସମସ୍ତ ଅଭିଯୋଗ ସମ୍ପର୍କରେ ସୁବ୍ରତ ମଲ୍ଲିକଙ୍କ ପ୍ରତିକ୍ରିୟା ନେବାରୁ ସେ ଏହାକୁ ସମ୍ପୂର୍ଣ୍ଣ ଭିତ୍ତିହୀନ, ମିଥ୍ୟା ଓ ମନଗଢ଼ା ବୋଲି କହିଛନ୍ତି। ଏହି ଘଟଣାକୁ ନେଇ ଅଞ୍ଚଳରେ ଚର୍ଚ୍ଚା ଜୋର ଧରିଥିବା ବେଳେ ଆଗାମୀ ରଥଯାତ୍ରା ପୂର୍ବରୁ ପ୍ରଶାସନ ଏଥିରେ ହସ୍ତକ୍ଷେପ କରି ସମସ୍ୟାର ସମାଧାନ କରିବାକୁ ସାଧାରଣରେ ଦାବି ହୋଇଛି।

ସକାଳ THE SAKALA



www.sakalaepaper.com

## ● ଜନ୍ମଦିନରେ ନଗରପାଳଙ୍କ ବଡ଼ ଘୋଷଣା
# ବିଭିନ୍ନ ପ୍ରକଳ୍ପ ପାଇଁ ଡିଏମ୍‌ଏଫ୍‌ରୁ ଆସିଛି ୬୫ କୋଟି

ତାଳଚେର, ୯ ।୭ (ସମିସ): ବୁଧବାର ଥିଲା ତାଳଚେର ପୌର ପରିଷଦର ନଗରପାଳ ପବିତ୍ର ଭୂତିଆଙ୍କ ଜନ୍ମଦିନ। ଏଥିପାଇଁ ପୌର ପରିଷଦ ସମ୍ମୁଖରେ ହୋଇଥିଲା ବଡ଼ ଆୟୋଜନ। ସହରର ବିଭିନ୍ନ ବର୍ଗର ବ୍ୟକ୍ତି ବିଶେଷ, ମହିଳା ଦଳୀୟ ପଦାଧିକାରୀ କର୍ମକର୍ତ୍ତା କାଉନସିଲର ଓ ପୌର କର୍ମଚାରୀମାନେ ଏଥିରେ ସମିଲ ହୋଇ ନଗରପାଳଙ୍କୁ ଜନ୍ମଦିନ ଶୁଭେଚ୍ଛା ଜଣାଇଥିଲେ। ଏହି ଅବସରରେ ନଗରପାଳ ଭୂତିଆ ଏକ ବଡ଼ ଘୋଷଣା କରିଥିଲେ। ତାଳଚେର ସହର ବିକାଶ ପଥରେ ଆଗେଇ ଚାଲିଛି। ଆଗାମୀ ଦିନରେ ସହରରେ ବିଭିନ୍ନ ପ୍ରକଳ୍ପ ପାଇଁ ଜିଲ୍ଲା ଖଣିଜ ପାଣ୍ଠି (ଡିଏମ୍‌ଏଫ୍)ରୁ ୬୫ କୋଟିରୁ ଉର୍ଦ୍ଧ୍ୱ ଟଙ୍କା ଆସିଛି। ନୂତନ ପାର୍କ ଓ ବସଷ୍ଟାଣ୍ଡ ନିର୍ମାଣ ପାଇଁ ୫କୋଟି, ରାସ୍ତା ପ୍ରସସ୍ତୀକରଣ ଓ ଆଲୋକ ବ୍ୟବସ୍ଥା ପାଇଁ ୨୩ କୋଟି, ପ୍ରତି ୱାର୍ଡର ଉନ୍ନତି ପାଇଁ ୧୦ କୋଟି ଓ ଅନ୍ୟାନ୍ୟ ପ୍ରକଳ୍ପ ନିମନ୍ତେ ୧୫କୋଟି ଟଙ୍କା ଆସିଥିବା ସେ ଘୋଷଣା କରିଥଲେ। ଏଥିପାଇଁ ନଗରପାଳ ସବୁ ଶ୍ରେୟ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ଦେଇଥିଲେ। ସହରକୁ ବିକାଶ ପଥରେ ଆଗେଇ ନେବାକୁ ସମସ୍ତଙ୍କ ସୋହଯୋଗ ଲୋଡ଼ିଥିଲେ।




# ଅବସରକାଳୀନ ସମ୍ବର୍ଦ୍ଧନା ସଭା



କୁଇଓ, ୯ ।୭ (ସମିସ): ବଅଁରପାଳ ବ୍ଲକ କୁମଣ୍ଡ ଜରାସିଂହା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ କ୍ରୀଡ଼ା ଶିକ୍ଷକ ହୃଷୀକେଶ ସାହୁଙ୍କ ଅବସରକାଳୀନ ସମ୍ବର୍ଦ୍ଧନା ସଭା ମହା ବିଦ୍ୟାଳୟ ଅଧ୍ୟକ୍ଷା ରଶ୍ମିରେଖା ଲେଙ୍କାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଛି। ଏଥିରେ ମହାବିଦ୍ୟାଳୟର ପ୍ରାକ୍ତନ ଅଧ୍ୟକ୍ଷ ତଥା ଅନୁଗୋଳ ଜିଲ୍ଲା ୬୬୨ ବର୍ଗ ଶିକ୍ଷକ ସଂଗଠନ ସଭାପତି ଗଗନ ସାମଲ ଅତିଥି ଭାବେ ଯୋଗଦେଇଥିଲେ। ରାଜନୀତି ବିଜ୍ଞାନ ବିଭାଗ ଅଧ୍ୟାପକ ଲକ୍ଷ୍ମୀଧର ବେହେରା ସଭାକାର୍ଯ୍ୟକୁ ପରିଚାଳନା କରିଥିଲେ। ହୃଷୀକେଶଙ୍କ ଅବସର ମହାବିଦ୍ୟାଳୟରେ ଏକ ଶୂନ୍ୟସ୍ଥାନ ସୃଷ୍ଟି କରିବ ବୋଲି ମତ ପ୍ରକାଶ ପାଇଥିଲା। ତାଙ୍କ ଅବସର ପରବର୍ତ୍ତୀ ନିରାମୟ ଜୀବନ କାମନା କରାଯାଇଥିଲା। ସଭାରେ ଇଂରାଜୀ ବିଭାଗ ଅଧ୍ୟାପିକା ଦମୟନ୍ତୀ ଷଡ଼ଙ୍ଗୀ, ଓଡ଼ିଆ ବିଭାଗ ଅଧ୍ୟାପକ ନରେଶ ଚନ୍ଦ୍ର ସାମଲ, ସଂସ୍କୃତ ବିଭାଗ ଅଧ୍ୟାପକ ପ୍ରଦୀପ କୁମାର ନନ୍ଦ, ଦେବେଶ ଖିଲାର, କବିଚରଣ ସାହୁ, ବନ୍ଧୁରାଜ ସାହୁ, ମନୋଜ ସାହୁ, ବିଚିତ୍ରାନନ୍ଦ ସାହୁ, ଜନ୍ମେଜୟ ସାହୁ, ଅଭୟ ସ୍ୱାଇଁ ଏବଂ ଜନକ ସାହୁ ଉପସ୍ଥିତ ଥିଲେ।

# ବୁଥ ସ୍ତରରୁ ସଂଗଠନକୁ ସୁଦୃଢ଼ କରିବାକୁ ଆହ୍ୱାନ




କଣିହାଁ/ପବିତ୍ରନଗର, ୯ ।୭ (ସମିସ): କଣିହାଁ ବ୍ଲକ ପବିତ୍ରନଗର ମଣ୍ଡଳ ପରାବିଲ ପଞ୍ଚାୟତ କଲ୍ୟାଣ ମଣ୍ଡପରେ ବିଜେପିର ପ୍ରଶିକ୍ଷଣ ବର୍ଗ ଅନୁଷ୍ଠିତ ହୋଇଛି। ଏଥିରେ ପାଲଲହଡ଼ା ବିଧାୟକ ତଥା ଅନୁଗୋଳ ଜିଲ୍ଲା ଯୋଜନା କମିଟି ଅଧ୍ୟକ୍ଷ ଅଶୋକ ମହାନ୍ତି ମୁଖ୍ୟଅତିଥି ଭାବେ ଯୋଗଦେଇ ବୁଥ୍ ସ୍ତରରୁ ଦଳୀୟ ସଂଗଠନ ସୁଦୃଢ଼ କରିବାକୁ କାର୍ଯ୍ୟକର୍ତ୍ତାଙ୍କୁ ଦିଗଦର୍ଶନ ଦେଇଥିଲେ। ବିଗତ ଦିନରେ ସମ୍ପନ୍ନ ହୋଇଥିବା ଏସ୍‌ଆଇଆର୍ ପ୍ରକ୍ରିୟା ମାଧ୍ୟମରେ ଭୋଟର ତାଲିକା ଯାଞ୍ଚ ସମ୍ପର୍କରେ ମଧ୍ୟ କାର୍ଯ୍ୟକର୍ତ୍ତାଙ୍କୁ ସଚେତନ କରାଇଥିଲେ। ଯୋଗ୍ୟ ଭୋଟରଙ୍କ ନାମ ଯେପରି ତାଲିକାରୁ ବାଦ୍ ନ ପଡ଼େ, ସେଥିପାଇଁ ପ୍ରତ୍ୟେକ ବୁଥ ସ୍ତରରେ ଭୋଟର ତାଲିକାକୁ ଭଲଭାବେ ଯାଞ୍ଚ କରି ନଜର ରଖିବାକୁ ପରାମର୍ଶ ଦେଇଥିଲେ। ପ୍ରଶିକ୍ଷଣ ବର୍ଗରେ ଜିଲ୍ଲା ବିଜେପି ସମ୍ପାଦକ ପ୍ରହ୍ଲାଦ ସାମଲ, ବିରୁ ସରପଞ୍ଚ ଧରଣୀଧର ବେହେରା, ବୁରୁକୁନା ସରପଞ୍ଚ ଦୁଃଖବନ୍ଧୁ ବେହେରା, ରମେଶ ଚନ୍ଦ୍ର ପ୍ରଧାନ, ରେଙ୍ଗାଳି ମଣ୍ଡଳ ସଭାପତି ହରେକୃଷ୍ଣ ପ୍ରଧାନ, ପବିତ୍ରନଗର ମଣ୍ଡଳ ସଭାପତି ମନୋଜ ବିଶ୍ୱାଳଙ୍କ ସମେତ ବିଭିନ୍ନ ଶକ୍ତିକେନ୍ଦ୍ର ପ୍ରମୁଖ, ବୁଥ ସଭାପତି ଓ ବହୁ ସଂଖ୍ୟକ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ।

# କୃତୀ ଛାତ୍ରଙ୍କୁ ବିଦ୍ୟାଳୟ ପକ୍ଷରୁ ସମ୍ବର୍ଦ୍ଧନା

ବଇଣ୍ଠା, ୯ ।୭ (ସମିସ): ଆଠମଲ୍ଲିକ ବ୍ଲକ ଠାକୁରଗଡ଼ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଛାତ୍ର ଶିବମ ପ୍ରଧାନ ବୁଧବାର ଦିନ ଅନୁଗୋଳ ଜିଲ୍ଲା ପାଠାଗାର ପରିସରରେ ଆୟୋଜିତ ସାହିତ୍ୟ ଏକାଡେମୀର ପ୍ରତିଷ୍ଠା ଦିବସ ଅବସରରେ ବକ୍ତୃତା ପ୍ରତିଯୋଗିତାରେ ଜୁନିଅର ବିଭାଗରେ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି। ସେ ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବା ପାଇଁ ଚୟନ ହୋଇଛନ୍ତି। ଏଥିପାଇଁ ତାଙ୍କୁ ବିଦ୍ୟାଳୟ ପକ୍ଷରୁ ଗୁରୁବାର ସମ୍ବର୍ଦ୍ଧିତ କରାଯାଇଛି। ପ୍ରଧାନଶିକ୍ଷକ ଖଗେଶ୍ୱର ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସମ୍ବର୍ଦ୍ଧନା ସଭାରେ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ସସ୍ମିତା ମାଝୀ ଯୋଗଦେଇ ଶିବମଙ୍କୁ ଉତ୍ତରୀୟ ସହ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରିଥିଲେ। ଅନ୍ୟତମ ଅତିଥି ଭାବେ ଯାଜ୍ଞସେନୀ ସାହୁ, ସମର୍ପିତା ପୃଷ୍ଟି, ଭାରତୀ ପ୍ରିୟଦର୍ଶିନୀ ନାଠି ପ୍ରମୁଖ ଯୋଗଦେଇଥିଲେ।



## ସିପିପି ସମ୍ପ୍ରସାରଣ ପ୍ରକଳ୍ପକୁ ନାଲକୋ ନିଜସ୍ୱ ଭାବେ କାର୍ଯ୍ୟକାରୀ କରିବାକୁ ଦାବି
# ଟ୍ରେଡ୍ ୟୁନିୟନ ପକ୍ଷରୁ କେନ୍ଦ୍ର ସରକାରଙ୍କୁ ସ୍ମାରକପତ୍ର

ଅନୁଗୋଳ, ୯ ।୭ (ସମିସ):








ନବରତ୍ନ ମାନ୍ୟତାପ୍ରାପ୍ତ ନାଲକୋ ଆଲୁମିନିୟମ ଉତ୍ପାଦନ ଓ ବାଣିଜ୍ୟରେ କ୍ରମାଗତ ଭାବେ ଲାଭ କରି ରେକର୍ଡ ସ୍ଥାପନ କରିଛି। ଆଗକୁ ମହାରତ୍ନ ମାନ୍ୟତା ହାସଲ ପାଇଁ କମ୍ପାନୀ ଆଶାବାଦୀ ରହିଛି। ସେଥିପାଇଁ କମ୍ପାନୀ କୌଶଳଗତ ଉଦ୍ୟମ ଜାରି ରଖିଛି। ନାଲକୋ ପ୍ରାୟ ୪ ଦଶନ୍ଧି ଧରି ୧,୨୦୦ ମେଗାୱାଟ୍ କ୍ୟାପ୍ଟିଭ ପାୱାର ପ୍ଲାଣ୍ଟକୁ ସଫଳତାର ସହ ପରିଚାଳନା କରିଆସୁଛି। କମ୍ପାନୀ ତା'ର ସବୁ ୟୁନିଟ ସମ୍ପ୍ରସାରଣ କରିବାକୁ ଯାଉଛି। ଆଲୁମିନିୟମ ଉତ୍ପାଦନର ମୂଳ ଆଧାର ହେଉଛି ବିଦ୍ୟୁତ। ଏହା ଉତ୍ପାଦନ ବ୍ୟୟର ଏକ ପ୍ରମୁଖ ଅଂଶ। ତେଣୁ ନାଲକୋର କ୍ୟାପ୍ଟିଭ ବିଦ୍ୟୁତ ଉତ୍ପାଦନ ବୃଦ୍ଧି ପାଇଁ ନାଲକୋ ପାଖରେ ପର୍ଯ୍ୟାପ୍ତ ଜମି, ନିଜସ୍ୱ କୋଇଲା ଖଣି, ଦୀର୍ଘମିଆଦୀ ଇନ୍ଧନ ଯୋଗାଣ ବ୍ୟବସ୍ଥା, ଜଳଉତ୍ସ, କୋଇଲା ପରିବହନ ଓ ପରିଚାଳନା ବ୍ୟବସ୍ଥା, ଫ୍ଲାଏ ଆଶ୍ ପରିଚାଳନା ସୁବିଧା, ରେଳ ସଂଯୋଗ, ବିଦ୍ୟୁତ ସଞ୍ଚାର ବ୍ୟବସ୍ଥା, ଅଭିଜ୍ଞ ମାନବ ସମ୍ବଳ ଏବଂ ଆର୍ଥିକ ସାମର୍ଥ୍ୟ ରହିଛି ଏବଂ ଏ ସବୁକୁ ଆଧାର କରି ନାଲକୋ ସମ୍ପ୍ରସାରଣ ପ୍ରକଳ୍ପକୁ ସ୍ୱତନ୍ତ୍ର ଭାବେ ସଫଳତାର ସହ କାର୍ଯ୍ୟକାରୀ କରିପାରିବ। ମାତ୍ର ନାଲକୋ ଓ ଏନଏଲସି ଇଣ୍ଡିଆ ଲିମିଟେଡ୍‌ର ପ୍ରସ୍ତାବିତ ୫୦:୫୦ ଯୁଗ୍ମ ଉଦ୍ୟୋଗ (ଜଏଣ୍ଟ ଭେଞ୍ଚର) ମାଧ୍ୟମରେ ୧,୦୮୦ ମେଗାୱାଟ୍ (୪x୨୭୦ ମେଗାୱାଟ୍) କ୍ୟାପ୍ଟିଭ ତାପଜ ବିଦ୍ୟୁତ ପ୍ରକଳ୍ପ ସ୍ଥାପନ ନିଷ୍ପତ୍ତି ହୋଇଛି। ପ୍ରସ୍ତାବିତ ୫୦:୫୦ ଯୁଗ୍ମ ଉଦ୍ୟୋଗ ହେଲେ ନାଲକୋ କମ୍ପାନୀ ତଥା କର୍ମଚାରୀଙ୍କ ଉପରେ ପ୍ରଭାବ ପଡ଼ିବ ବୋଲି ଆଶଙ୍କା କରାଯାଉଛି। ଯୁଗ୍ମ ଉଦ୍ୟୋଗ ମଡେଲ୍ ଦ୍ୱାରା ନାଲକୋର କୌଶଳଗତ ସମ୍ପତ୍ତି ଉପରେ ନିୟନ୍ତ୍ରଣ କମିପାରେ, ଭବିଷ୍ୟତ ଲାଭ ବଣ୍ଟନ କରିବାକୁ ପଡ଼ିପାରେ, ମନବ ସମ୍ବଳ ପରିଚାଳନା ଓ ପଦୋନ୍ନତି ସୁଯୋଗ ଉପରେ ଅନିଶ୍ଚିତତା ସୃଷ୍ଟି ହୋଇପାରେ, ଭବିଷ୍ୟତ ସମ୍ପ୍ରସାରଣରେ ପରିଚାଳନାଗତ ସ୍ୱାଧୀନତା କମିପାରେ ଏବଂ ନାଲକୋ ପରିସର ମଧ୍ୟରେ ହିଁ ଏକାଧିକ ପରିଚାଳନା ବ୍ୟବସ୍ଥା ସୃଷ୍ଟି ହେବ। ନାଲକୋ ସିପିପିର ସ୍ୱୀକୃତିପ୍ରାପ୍ତ ସଂଗଠନ ନାଲକୋ ଶ୍ରମିକ କଂଗ୍ରେସ ୟୁନିଅନ ପକ୍ଷରୁ ଦିଆଯାଇଥିବା ସ୍ମାରକପତ୍ରରେ ୟୁନିଅନ ସ୍ପଷ୍ଟ କରିଛି ଯେ ଏହି ଆପତ୍ତି ସମ୍ପ୍ରସାରଣ ବିରୋଧରେ ନୁହେଁ; ବରଂ ନାଲକୋକୁ ଏକ ଅଗ୍ରଣୀ ସାର୍ବଜନିକ କ୍ଷେତ୍ର ଉଦ୍ୟୋଗ ଭାବେ ଆହୁରି ସଶକ୍ତ କରିବା ଉଦ୍ଦେଶ୍ୟରେ କମ୍ପାନୀକୁ ଏହି ପ୍ରକଳ୍ପ ସ୍ୱତନ୍ତ୍ର ଭାବେ ସ୍ଥାପନ, ମାଲିକାନା ଓ ପରିଚାଳନା କରିବାକୁ ସୁଯୋଗ ଦେବା ଉଚିତ। ୟୁନିଅନ କେନ୍ଦ୍ର ସରକାରଙ୍କୁ ଯୁଗ୍ମ ଉଦ୍ୟୋଗ ପ୍ରସ୍ତାବର ପୁନଃ ସମୀକ୍ଷା କରି ନାଲକୋକୁ ସ୍ୱତନ୍ତ୍ର ଭାବେ ପ୍ରକଳ୍ପ କାର୍ଯ୍ୟକାରୀ କରିବାକୁ ଅନୁମତି ଦେବା ସହ ଅନ୍ତିମ ନିଷ୍ପତ୍ତି ପୂର୍ବରୁ ସ୍ୱୀକୃତିପ୍ରାପ୍ତ ସଙ୍ଗଠନ ଓ ଅନ୍ୟାନ୍ୟ ଅଂଶୀଦାରଙ୍କ ସହ ପରାମର୍ଶ କରିବାକୁ ଅନୁରୋଧ କରିଛି। ଏହି ପ୍ରସଙ୍ଗରେ ସାଧାରଣ ସମ୍ପାଦକ ବିଭବ ଜେନା କହିଛନ୍ତି, "ଆମର ଲକ୍ଷ୍ୟ ହେଉଛି ନାଲକୋକୁ ଦେଶର ଏକ ଅଗ୍ରଣୀ ସାର୍ବଜନିକ କ୍ଷେତ୍ର ଉଦ୍ୟୋଗ ଭାବେ ଆହୁରି ସଶକ୍ତ କରିବା। ନାଲକୋ ସ୍ମେଲ୍ଟର ଓ ସିପିପି ସମ୍ପ୍ରସାରଣ ପ୍ରକଳ୍ପକୁ ଆମେ ସମ୍ପୂର୍ଣ୍ଣ ସମର୍ଥନ କରୁଛୁ। କିନ୍ତୁ ନାଲକୋର ଅଭିଜ୍ଞତା, ଭିତ୍ତିଭୂମି, ଦକ୍ଷ ମାନବ ସମ୍ବଳ ଓ ଦୃଢ଼ ଆର୍ଥିକ ସ୍ଥିତିକୁ ବିଚାର କଲେ, ଏହି ପ୍ରକଳ୍ପକୁ ନାଲକୋ ନିଜେ କାର୍ଯ୍ୟକାରୀ କରିବା ଉଚିତ ବୋଲି ସେ କହିଛନ୍ତି।

- **ନାଲକୋର କ୍ୟାପ୍ଟିଭ ବିଦ୍ୟୁତ ଉତ୍ପାଦନ ଉପରେ ସମ୍ପୂର୍ଣ୍ଣ ମାଲିକାନା ଓ ପରିଚାଳନା ନିୟନ୍ତ୍ରଣ ନାଲକୋ ହାତରେ ହିଁ ରହିବା ଦୀର୍ଘମିଆଦୀ ଜାତୀୟ ଓ କମ୍ପାନୀ ସ୍ୱାର୍ଥରେ ରହିବ**
- **ନାଲକୋ ଓ ଏନଏଲସି ଇଣ୍ଡିଆ ପ୍ରସ୍ତାବିତ ୫୦:୫୦ ଯୁଗ୍ମ ଉଦ୍ୟୋଗ ପ୍ରକଳ୍ପ ସ୍ଥାପନ ନିଷ୍ପତ୍ତିର ପୁନର୍ବିଚାର କରାଯାଉ**
- **ଯୁଗ୍ମ ଉଦ୍ୟୋଗ ମଡେଲ୍ ଦ୍ୱାରା ନାଲକୋର କୌଶଳଗତ ସମ୍ପତ୍ତି ଉପରେ ନିୟନ୍ତ୍ରଣ କମିପାରେ, ଭବିଷ୍ୟତ ଲାଭ ବଣ୍ଟନ କରିବାକୁ ଆଶଙ୍କା**

# ସୁନାଚୋରି ଅଭିଯୋଗରେ ୭ ଗିରଫ

ତାଳଚେର, ୯ ।୭ (ସମିସ): ସୁନାଚୋରି ଅଭିଯୋଗରେ ୭ଜଣଙ୍କୁ ଗିରଫ କରିଛି କୋଲିୟରୀ ଥାନା ପୁଲିସ୍। ସେମାନଙ୍କ ନିକଟରୁ ୨୨ଗ୍ରାମ ସୁନା ସହ ୧ ଲକ୍ଷ ୪୭ ହଜାର ଟଙ୍କା ଜବତ କରାଯାଇଛି। ଗିରଫ ଅଭିଯୁକ୍ତମାନେ ହେଲେ ତୀର୍ଥ ମୁଖୀ (୩୦), ଦୀପକ ଚାନ୍ଦ (୪୩), ସଚ୍ଚିନ ଅଶୋକ ହଟକେ (୪୨), ମାନସ ମହାପାତ୍ର (୪୨), ଉଦୟଭାନୁ ସାହୁ (୩୫), ପୂର୍ଣ୍ଣଚନ୍ଦ୍ର ମହାପାତ୍ର (୨୮) ଓ ଏସକେ ମୁର୍ଜାଫର ରେହମାନ (୩୫)। ସମସ୍ତଙ୍କୁ ଗୁରୁବାର କୋର୍ଟ ଚାଲାଣ କରାଯାଇଛି। ପୁଲିସ ସୂଚନା ଅନୁଯାୟୀ କୋଲିୟରୀ ଥାନା ଡେରା ଅଞ୍ଚଳର ସାର୍ଥକ ସିଂହଲଙ୍କ ଘରେ ତିର୍ଥ ମୁଖୀ ସହାୟକ ଭାବେ କାମ କରୁଥିଲେ। ଘରେ କେହି ନ ଥିବାର ସୁଯୋଗ ନେଇ ତୀର୍ଥ ମାଲିକଙ୍କ ଘରୁ ଦୁଇପଟ ସୁନାଚୁଡ଼ି ନେଇଯାଇଥିଲେ। ପରେ ଚୋରି ସୁନାକୁ ବିକ୍ରି କରିବାକୁ ଦୀପକ ଚାନ୍ଦ ସହ ମିଶି ଯୋଜନା କରିଥିଲେ। ଦୀପକ ଶର୍ମାଛକରେ ଥିବା ଏନକେଏସ୍ ସୁନାରୁପା ଦୋକାନକୁ ଯାଇ ୨୧.୨୮ ଗ୍ରାମ ସୁନାକୁ ତରଳାଇଥିଲା। ପରବର୍ତ୍ତୀ ସମୟରେ ତରଳା ଯାଇଥିବା ସୁନାକୁ ନେଇ ବାସୁଦେବ ଜୁଏଲର୍ସର ପରିଚାଳକ ଉଦୟଭାନୁ ସାହୁଙ୍କୁ ୬.୫୩ ଗ୍ରାମ ବିକ୍ରି କରିଥିଲା। ଅବଶିଷ୍ଟ ସୁନାରୁ ୮.୨୫ ଗ୍ରା ଚଞ୍ଚଳା ଜୁଏଲର୍ସକୁ ବିକ୍ରି କରିଥିଲା। ପୁଲିସ ଏହି ଘଟଣାର ତଦନ୍ତ କରି ଅଭିଯୁକ୍ତମାନଙ୍କୁ ଗିରଫ କରିଛି।




# ଏବିଭିପିର ୭୮ତମ ପ୍ରତିଷ୍ଠା ଦିବସ ପାଳିତ



ଛେଣ୍ଡିପଦା, ୯ ।୭ (ସମିସ): ଛେଣ୍ଡିପଦା ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ (ଏବିଭିପି)ର ୭୮ତମ ପ୍ରତିଷ୍ଠା ଦିବସ ଅବସରରେ ସ୍ଥାନୀୟ ବାପୁଜୀ ମହାବିଦ୍ୟାଳୟରେ ଗୁରୁବାର ବିଭିନ୍ନ ସେବାମୂଳକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। କଲେଜ ଏବିଭିପି ୟୁନିଟ୍ ତରଫରୁ ଆୟୋଜିତ କାର୍ଯ୍ୟକ୍ରମରେ ଶତାଧିକ ଛାତ୍ରଛାତ୍ରୀ ସାମିଲ ହୋଇଥିଲେ। କାର୍ଯ୍ୟକ୍ରମ ଆରମ୍ଭରେ କାର୍ଯ୍ୟକର୍ତ୍ତାମାନେ କ୍ୟାମ୍ପସ ସଫେଇ କରିଥିଲେ। ପରେ କଲେଜ ପରିସରେ ଚାରାରୋପଣ କରାଯାଇଥିଲା। ପ୍ରତି ଛାତ୍ରଛାତ୍ରୀ ଗୋଟିଏ ଲେଖାଏଁ ଚାରା ଲଗାଇବା ପାଇଁ ସଂକଳ୍ପ ନିଆଯାଇଥିଲା। କାର୍ଯ୍ୟକ୍ରମରେ କଲେଜର ଅଧ୍ୟକ୍ଷ, ଅଧ୍ୟାପକ ଏବଂ ଏବିଭିପିର ଷ୍ଟୁଡେଣ୍ଟ୍ ଫର୍ ସେବା ପ୍ରମୁଖ ଯୋଗେଶ କୁମାର ସାହୁ, ଜିଲ୍ଲା ଛାତ୍ରୀ ପ୍ରମୁଖ କ୍ରିଷ୍ଣା ବାଘ୍ ଓ କଲେଜ ୟୁନିଟ୍‌ର କାର୍ଯ୍ୟକର୍ତ୍ତାମାନେ ଉପସ୍ଥିତ ଥିଲେ।


# ରାମମନ୍ଦିର ଲୁଟ୍‌ର ତଦନ୍ତ ପାଇଁ ପୂର୍ବତନ ସାଂସଦଙ୍କ ଦାବି

ତାଳଚେର, ୯ ।୭ (ସମିସ): ଅଯୋଧ୍ୟା ରାମମନ୍ଦିରରେ ଅଗଣିତ ଶ୍ରଦ୍ଧାଳୁଙ୍କ ଦାନ ଅର୍ଥ ଲୁଟ୍ ଘଟଣାର ଉଚ୍ଚସ୍ତରୀୟ ତଦନ୍ତ ଦାବି କରିଛନ୍ତି ପୂର୍ବତନ ସାଂସଦ ମହେଶ ସାହୁ। ଏହି ଘଟଣା ସମସ୍ତଙ୍କ ମନରେ ଆଘାତ ସୃଷ୍ଟି କରିଛି। ବିଶେଷକରି ରକ୍ଷକ ହୋଇ ତଦାରଖ ଦାୟିତ୍ୱରେ ଥିବା ବ୍ୟକ୍ତିମାନଙ୍କ ଉପରକୁ ଅଙ୍ଗୁଳି ଉଠିବା ଅଧିକ ଦୁଃଖ ଦେଇଛି ବୋଲି ସାହୁ ପ୍ରକାଶ କରିଛନ୍ତି। ମନ୍ଦିରରୁ ୭୦ଥର ଚୋରି ହୋଇଥିବା ସିସିଟିଭିରେ ସ୍ପଷ୍ଟ ଭାବେ ଦୃଶ୍ୟମାନ ହେଉଛି। ସୁରକ୍ଷା ବ୍ୟବସ୍ଥାରେ ଏତେବଡ଼ ଢିଲା କିପରି ହେଲା ଏବଂ ଟ୍ରଷ୍ଟ ବୋର୍ଡ ଥାଇ ମୂଲ୍ୟବାନ ସୁନାରୁପା, କୋଟି କୋଟି ଟଙ୍କାର ସୁନା ରାମଚରିତ ମାନସର ପତ୍ର ମିଳୁନାହିଁ। ତରବରିଆ ଭାବେ ଟ୍ରଷ୍ଟର ମୁଖ୍ୟ ଚମ୍ପତ ରାୟ ଇସ୍ତଫା ଦେବା ଓ ପରେ ତାଙ୍କୁ କ୍ଲିନ୍‌ଚିଟ୍ ଦେବା ଘଟଣାକୁ ଭକ୍ତମାନେ ସହଜରେ ଗ୍ରହଣ କରିପାରି ନାହାନ୍ତି। ଏଥିପାଇଁ ସ୍ୱତନ୍ତ୍ର ଭାବେ ତଦନ୍ତ କରିବା ସହ ଦାନ ଅର୍ଥକୁ ସାର୍ବଜନୀନ କରିବାକୁ ସାହୁ ଦାବି କରିଛନ୍ତି।



# ହୃଦଘାତରେ ପ୍ରଧାନଶିକ୍ଷକଙ୍କ ପରଲୋକ

କିଶୋରନଗର, ୯ ।୭ (ସମିସ): ଆଠମଲ୍ଲିକ ଶିକ୍ଷା ବ୍ଲକ୍ ଠାକୁରଗଡ଼ କ୍ଲଷ୍ଟର ଅରଖକୁଦ ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ରଞ୍ଜନରଶ୍ମି ଗଡ଼ନାୟକଙ୍କର ହୃଦ୍‌ଘାତରେ ପରଲୋକ ଘଟିଛି। ତାଙ୍କ ବିୟୋଗରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ଆଠମଲ୍ଲିକ ବ୍ଲକ୍ ପ୍ରାଥମିକ ବିଦ୍ୟାଳୟ ଶିକ୍ଷକ ସଂଗଠନ ପକ୍ଷରୁ ଶିକ୍ଷକ ନେତା ସୁଧାଂଶୁ ଭୂଷଣ ନାୟକ, ପ୍ରଦୀପ କୁମାର ବାହୁକ, ପଦ୍ମନାଭ ରାଉତ, ଅନଙ୍ଗ କୁମାର ସେଠୀ, ପ୍ରଦୀପ ବାଘ, ରାଜଶ୍ରୀ ଭୋଇ, ପୂର୍ଣ୍ଣଚନ୍ଦ୍ର ସାହୁ ଏବଂ ପ୍ରଶାନ୍ତ ଧଳ ପ୍ରମୁଖ ପହଞ୍ଚି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି। ଏଥିସହ ଅନ୍ତିମ ସଂସ୍କାର କାର୍ଯ୍ୟରେ ଉପସ୍ଥିତ ରହି ପରିବାରକୁ ସମବେଦନା ଜଣାଇଛନ୍ତି।



# ଦେଉଳବେଡ଼ା ଡାକଘରୁ ଚୋରି

ତାଳଚେର, ୯ ।୭ (ସମିସ): ତାଳଚେର ବ୍ଲକ କୋଲିୟରି ଥାନା ଅନ୍ତର୍ଗତ ଦେଉଳବେଡ଼ାସ୍ଥିତ ଡାକଘରୁ ବୁଧବାର ବିଳମ୍ବିତ ରାତିରେ ଦୁର୍ବୃତ୍ତମାନେ ଫାଟକ ଡେଇଁ କବାଟ ଭାଙ୍ଗି ବିଭିନ୍ନ ସାମଗ୍ରୀ ଲୁଟି ନେଇଥିବା ଅଭିଯୋଗ ହୋଇଛି। ଡାକଘରେ ଥିବା ଏକ କାଠବାକ୍ସ, କମ୍ପ୍ୟୁଟର ସରଞ୍ଜାମ, ଇନଭର୍ଟର ଇତ୍ୟାଦି ଚୋରାଇ ନେଇଥିବା ଅଭିଯୋଗରେ ଦର୍ଶାଯାଇଛି। ଚୋରି ସାମଗ୍ରୀର ଆନୁମାନିକ ମୂଲ୍ୟ ୫୦ ହଜାର ଟଙ୍କା ହେବ ବୋଲି କୁହାଯାଉଛି। ସକାଳେ କର୍ମଚାରୀମାନେ ଡାକଘରେ ପହଞ୍ଚିବା ପରେ ଚୋରି ହୋଇଥିବା ଦେଖି ପୁଲିସ୍‌କୁ ଜଣାଇଥିଲେ। ପୁଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଛି।

# ବିର୍ସା ମୁଣ୍ଡାଙ୍କ ୧୫୦ତମ ଜୟନ୍ତୀ ଉପଲକ୍ଷେ ଜନସଭା

କଣିହାଁ, ୯ ।୭ (ସମିସ):

ସହିଦ ବିର୍ସା ମୁଣ୍ଡାଙ୍କ ୧୫୦ତମ ଜୟନ୍ତୀ ଉପଲକ୍ଷେ ଛାତ୍ର ସଂଗଠନ ଏଆଇଡିଏସ୍‌ଓ ପକ୍ଷରୁ କଣିହାଁ ବ୍ଲକ ଟୋଲକବେଡ଼ା ହଟିଂଠାରେ ମଙ୍ଗଳବାର ସନ୍ଧ୍ୟା ୬ଟାରେ ଏକ ଜନସଭା ଅନୁଷ୍ଠିତ ହୋଇଛି। ଏଥିରେ ମୁଖ୍ୟବକ୍ତା ଭାବେ ସଂଗଠନର ପୂର୍ବତନ ସର୍ବଭାରତୀୟ ସାଧାରଣ ସମ୍ପାଦକ ଅଶୋକ ମିଶ୍ର, ମୁଖ୍ୟଅତିଥି ଭାବେ ଶିକ୍ଷକ ମୁନା ନାଏକ, ଅନ୍ୟତମ ବକ୍ତା ଭାବେ ଅନୁଗୋଳ ଜିଲ୍ଲା ସଭାପତି ପରମାନନ୍ଦ ସାହୁ, ସମ୍ପାଦକ ନାରାୟଣ ନାୟକ ଯୋଗଦେଇ ବିର୍ସା ମୁଣ୍ଡାଙ୍କ ତ୍ୟାଗପୂତ ଜୀବନ ସଂଗ୍ରାମ ସମ୍ପର୍କରେ ଆଲୋକପାତ କରିଥିଲେ। ଜଙ୍ଗଲ, ଜମି, ଜଳ, ଭିଟାମାଟିକୁ ବଞ୍ଚାଇବା ଓ ଜମିଦାର, ଇଂରେଜମାନଙ୍କ ଅତ୍ୟାଚାର, ଜୁଲମ, ଶୋଷଣରୁ ମୁକ୍ତି ପାଇଁ ବିର୍ସା ମୁଣ୍ଡା ଲଢ଼େଇ କରି ମାତ୍ର ୨୫ ବର୍ଷ ବୟସରେ ସହିଦ ହୋଇଥିଲେ। ଆଜିକାର ପୁଞ୍ଜିପତି ମାଲିକ ଶ୍ରେଣୀ ଲୋକଙ୍କ ଦ୍ୱାରା ବହୁ କଷ୍ଟରେ ଅର୍ଜିତ ଜମି, ଜଙ୍ଗଲ, ଭିଟାମାଟି, ଜଳକୁ ସହଜରେ ଲୁଣ୍ଠନ କରି ମୁନାଫାର ପାହାଡ଼ ସୃଷ୍ଟି ପାଇଁ ଚକ୍ରାନ୍ତ କରୁଛି। ଶିକ୍ଷା, ସ୍ୱାସ୍ଥ୍ୟସେବା ସମ୍ପୂର୍ଣ୍ଣ ବିପର୍ଯ୍ୟସ୍ତ ହୋଇପଡ଼ିଥିବା ବେଳେ ଦରଦାମ ବୃଦ୍ଧି ଓ ବେରୋଜଗାରୀ ଦ୍ୱାରା ଯୁବଗୋଷ୍ଠୀ ତଥା ଜନଗଣ ଅତିଷ୍ଠ ହେଉଛନ୍ତି। ଅପର ଦିଗରେ ଛାତ୍ର, ଯୁବକମାନଙ୍କ ମସ୍ତିଷ୍କକୁ ବିକୃତ କରିବା ପାଇଁ ପାଠ୍ୟପୁସ୍ତକରେ ଧର୍ମଶାସ୍ତ୍ର, ପୁରାଣ, ଅନ୍ଧବିଶ୍ୱାସ, ଅବୈଜ୍ଞାନିକ ଶିକ୍ଷା ପ୍ରଚଳନ କରାଯାଉଛି ଏବଂ ମଦ, ମାଦକଦ୍ରବ୍ୟ, ଅଶ୍ଳୀଳତା, ଅପସଂସ୍କୃତିର ବ୍ୟାପକ ପ୍ରଚାର ପ୍ରସାର କରାଯାଉଥିବାରୁ ଛାତ୍ର, ଯୁବକ ଆଜି ପଥଭ୍ରଷ୍ଟ ହେଉଛନ୍ତି ବୋଲି ମୁଖ୍ୟବକ୍ତା ଉଦବେଗ ପ୍ରକାଶ କରିଥିଲେ। ବିର୍ସା ମୁଣ୍ଡାଙ୍କ ଜୀବନୀରୁ ଶିକ୍ଷାନେଇ ଉନ୍ନତ ରୁଚି ସଂସ୍କୃତି ଓ ମୂଲ୍ୟବୋଧ ଭିତ୍ତିରେ ନିଜ ଚରିତ୍ରକୁ ବଳିଷ୍ଠ କରି ଶାସକ ପୁଞ୍ଜିପତି ଶ୍ରେଣୀର ଅନ୍ୟାୟ, ଅତ୍ୟାଚାର, ଜୁଲମ, ଶୋଷଣ ବିରୋଧରେ ଏକଜୁଟ ହୋଇ ସ୍ୱର ଉତ୍ତୋଳନ କରିବାକୁ ସେ ଆହ୍ୱାନ ଦେଇଥିଲେ। ସହିଦ ବିର୍ସା ମୁଣ୍ଡାଙ୍କ ଜୀବନ ସଂଗ୍ରାମକୁ ପାଠ୍ୟପୁସ୍ତକରେ ପୁନଶ୍ଚ ସାମିଲ କରିବାକୁ ସେ ଦାବି କରିଥିଲେ। କାର୍ଯ୍ୟକ୍ରମରେ ଶତାଧିକ ଛାତ୍ରଛାତ୍ରୀ, ଯୁବକ, ମହିଳା, ଶ୍ରମଜୀବୀ ଜନଗଣ ଯୋଗଦେଇଥିଲେ। ବଳେ ଗଡ଼ସର, ତୋଫାନ ଡୁଙ୍ଗୁ, ଆଶିଷ କୁଲୁ, ତୋଫାନ ତାମସଏ, ବବୁଲୁ ମୁର୍ମୁ ପ୍ରମୁଖ ସହଯୋଗ କରିଥିଲେ।




# ପଞ୍ଚାୟତ ଉନ୍ନୟନ ଯୋଜନା ସମ୍ପର୍କିତ ତାଲିମ



କିଶୋରନଗର, ୯ ।୭ (ସମିସ): କିଶୋରନଗର ବ୍ଲକ ସଭାଗୃହରେ ପଞ୍ଚାୟତ ଉନ୍ନୟନ ଯୋଜନା ପ୍ରସ୍ତୁତି ସମ୍ପର୍କିତ ତାଲିମ ଶିବିର ଅନୁଷ୍ଠିତ ହୋଇଛି। ବିଡିଓ ଶୁଭକାନ୍ତ ନାଏକଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ତାଲିମ କାର୍ଯ୍ୟକ୍ରମରେ ଜିପିଡିଓ ସୁରେଶ ଚନ୍ଦ୍ର ସାହୁ, ଧନେଶ୍ୱର ସାହୁ ଯୋଗଦେଇ ସରପଞ୍ଚ, ସମିତି ସଭ୍ୟ, ୱାର୍ଡସଭ୍ୟମାନଙ୍କୁ ତାଲିମ ପ୍ରଦାନ କରିଥିଲେ।

# ଥଣ୍ଡା ପାନୀୟ ଜଳ ପ୍ରକଳ୍ପ ଅଚଳ

ବଇଣ୍ଠା, ୯ ।୭ (ସମିସ): ଅନୁଗୋଳ ଜିଲ୍ଲା ହଣ୍ଡପା ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ଥିବା ଥଣ୍ଡା ପାନୀୟ ଜଳ ପ୍ରକଳ୍ପ ୮ ମାସ ହେବ ଅଚଳ ହୋଇ ପଡ଼ିଛି। ମରାମତି କରାଯାଉ ନ ଥିବାବେଳେ ରୋଗୀମାନେ ପାଣି ପିଇବା ପାଇ ହନ୍ତସନ୍ତ ହେଉଛନ୍ତି। ଏ ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ତୁରନ୍ତ ଏଥିପ୍ରତି ଦୃଷ୍ଟି ଦେବାକୁ ଦାବି ହୋଇଛି।






# ଗଳିଗଳିରେ ନିଶା କାରବାର

ଭୁବନେଶ୍ୱର, ୯ ।୭ (ସମିସ)

ରାଜଧାନୀର ଗଳିଗଳିରେ ଏବେ ବେଆଇନ୍ ନିଶା କାରବାର ଚାଲିଛି । ଶସ୍ତା ନିଶା ପାଇଁ ରାଜଧାନୀର ବସ୍ତିଗୁଡ଼ିକ ପାଲଟିଛି ନିଶା କାରବାର ପେଣ୍ଠସ୍ଥଳ ପାଲଟିଥିଲା ବେଳେ କିଛି ବେଆଇନ୍ ବାର୍ ଏବଂ ପପ୍‌ରେ ହୁକା ଏବଂ ଧଳା ଜହର ସହଜରେ ଉପଲବ୍ଧ ହୋଇଯାଉଛି । ସେହିପରି ଏୟାରପୋର୍ଟରେ ପାଲଟିଛି ମାରିଜୁଆନା ଭଳି ଦାମି ନିଶାର କାରବାରର ଏକମାତ୍ର ଏଣ୍ଟ୍ରୀ ପଏଣ୍ଟ । ଗଞ୍ଜେଇ ଭୁବନେଶ୍ୱର ଏତେ ପ୍ରସିଦ୍ଧ ହୋଇଗଲାଣି ଯେ ବଲିଉଡ୍ ସେଲିବ୍ରେଟି ଏଠାରେ ଆଣି ଗଞ୍ଜେଇ ଖାଇବା ପରେ ଭୁବନେଶ୍ୱରକୁ ନେଇ ସବୁଆଡେ ଚର୍ଚ୍ଚା କରୁଛନ୍ତି । ପୁଲିସ ନିଶା କାରବାର ବିରୋଧରେ ଏକାଧିକ ଅପରେଶନ ଚଳାଇଥିଲା ବେଳେ ସହର ନିଶା ମୁକ୍ତ ହେବା ବଦଳରେ ଏଠାରେ ମାତ୍ରାଧିକ ନିଶା କାରବାର ହେଉଛି ।

## ଏୟାରପୋର୍ଟ ନିଶା ମାଫିଆଙ୍କ ପ୍ରବେଶପଥ




### ସାଲିଆସାହିରେ ଦେଶୀ ମଦ

ଦେଶୀ ମଦ ପାଇଁ ସାଲିଆସାହି ଏବେ ଭୁବନେଶ୍ୱରରେ ପ୍ରସିଦ୍ଧ । ଏକାଧିକ ଘରେ ମଦ ପ୍ରସ୍ତୁତ କାରଖାନା ଖୋଲାଯାଉଛି । ବିଗତ ୬ମାସ ମଧ୍ୟରେ ୯ରୁ ଅଧିକ ଘରେ ଅବକାରୀ ବିଭାଗ ଚଢ଼ାଉ କରି ଦେଶୀ ମଦ ପ୍ରସ୍ତୁତ କାରଖାନା ଜବତ କରିଛି । ଗତ ଜୁନ ୧୩ ତାରିଖରେ ସାଲିଆସାହି ନୟାଗଡ଼ ବସ୍ତିରେ ରେଡ୍ କରାଯାଇ ୩ଜଣଙ୍କୁ ଗିରଫ କରାଯାଇଥିଲା ୫ହଜାର ଲିଟର ମଦ ଜବତ କରାଯାଇଥିଲା ବେଳେ ୧୨, ୦୦୦ ଲିଟର ପୋଚ ନଷ୍ଟ କରାଯାଇଥିଲା । ପୁଲିସ ଡରରେ ଦେଶୀ ମଦ ମାଫିଆ ଆଦିବାସୀ ଅଞ୍ଚଳରେ ଜଙ୍ଗଲ ଭିତରେ ଦେଶୀମଦ ପ୍ରସ୍ତୁତ କରୁଛନ୍ତି । ହେଲେ ରାଜଧାନୀରେ ଦେଶୀ ମଦ ପ୍ରସ୍ତୁତ କରୁଥିବା ମାଫିଆ ପୁଲିସ ପ୍ରତି ଏତେ ଭୟଶୂନ୍ୟ ଯେ ବସ୍ତି ଭିତରେ ମଦ ପ୍ରସ୍ତୁତ କରିଦେଉଛନ୍ତି ।

### ଧଳା ଜହର ପାଇଁ ମଇଁସିଆ ଖାଲରେ ହାଟ ବସୁଛି

ମଇଁସିଆ ଖାଲ ବସ୍ତିରେ ଧଳାଜହର ପାଇଁ ସ୍ୱତନ୍ତ୍ର ହାଟ ବସୁଛି । ଗାଁ ଗାଉଁଲିରେ ହାଟ ବସିଲା ଭଳି ବହୁ ସଂଖ୍ୟାରେ ବ୍ରାଉନ୍‌ସୁଗର ବ୍ୟବସାୟୀ ସନ୍ଧ୍ୟା ସମୟରେ ମଇଁସିଆ ଖାଲରେ ବସ୍ତିରେ ଏକତ୍ରିତ ହୋଉଛନ୍ତି । ପରିବା କିଣିଲା ଭଳି ଜଣଙ୍କ ପରେ ଗ୍ରାହକ ବ୍ରାଉନସୁଗର କିଣିବାକୁ ଆସୁଛନ୍ତି, ମୁଲଚାଲ କରୁଛନ୍ତି, ବ୍ରାଉନସୁଗର କିଣି ଚାଲିଯାଉଛନ୍ତି । ଅବକାରୀ ବିଭାଗ ପକ୍ଷରୁ ମଇଁସିଆଖାଲ ଅଞ୍ଚଳରେ ବାପ-ପୁଅ ବିଜୟ ଏବଂ ଓମ୍ ମହାନ୍ତି ଗିରଫ ହୋଇଥିଲା ବେଳେ ଏଭଳି ଏକ ଭିଡ଼ିଓ ସାମ୍ନାକୁ ଆସିଥିଲା । ହଳଦୀପଡ଼ିଆ, ଡୁମୁଡୁମା, ଚନ୍ଦ୍ରଶେଖରପୁର ଅଞ୍ଚଳରେ ନିୟମିତ ଭାବେ ବ୍ରାଉନସୁଗାର ବ୍ୟବସାୟ କରାଯାଉଛି ।

### ଏୟାରପୋର୍ଟ ପାଲଟିଛି ମାରିଜୁଆନା ଚାଲାଣ ଆଡ୍ଡା

ବ୍ୟାଙ୍କକ ଭାରତକୁ ଇମ୍ପୋର୍ଟେଡ୍ ଗଞ୍ଜେଇ ବା ମାରିଜୁଆନା ଚାଲଣରେ ଭୁବନେଶ୍ୱର ଏୟାରପୋର୍ଟ ପାଲଟିଛି ଏକ ପ୍ରମୁଖ ଆଡ୍ଡା । ଗତ ଭତ ୭ ତାରିଖରେ ଦୁଇ ଜଣ ବ୍ୟକ୍ତି ସି-ଫୁଟ୍ ପ୍ୟାକେଟ୍‌ରେ ୫କୋଟି ଟଙ୍କାର ମାରିଜୁଆନା ଆଣୁଥିଲା ବେଳେ ଡିଆର୍‌ଆଇ ଏବଂ କଷ୍ଟମ୍ ହାତରେ ଧରାପଡ଼ିଛନ୍ତି । ସେହିପରି ପୂର୍ବରୁ ମଧ୍ୟ ଜଣେ ତାମିଲି ବିମାନ ଯାତ୍ରୀ ୪କୋଟି ଟଙ୍କାର ମାରିଜୁଆନା ବ୍ୟାଙ୍କକରୁ ଆଣୁଥିଲା ବେଳେ ଧରାପଡ଼ିଥିଲେ ।

### ରେଷ୍ଟୁରାଣ୍ଟ ଲାଇସେନ୍ସରେ ବାର ଚଲାଉଛନ୍ତି

ଭୁବନେଶ୍ୱରରେ ଏକାଧିକ ରୁଫ୍‌ଟପ୍ ରେଷ୍ଟୁରାଣ୍ଟ ଏବେ ବେଆଇନ୍ ମଦ କାରବାରର ପେଣ୍ଠସ୍ଥଳ ପାଲଟିଯାଇଛି । ଏମାନେ ଖାଦ୍ୟ ପରିବାର ଫୁଡ୍ ଲାଇସେନ୍ସ ନେଉଛନ୍ତି । ହେଲେ ଏଠାରେ ବାର୍ ଭଳି ମଦ ପରସୁଛନ୍ତି । ରାଜଧାନୀରେ ବହୁ ସଂଖ୍ୟକ ରେଷ୍ଟୁରାଣ୍ଟ ଏବେ ଏଭଳି ଅପରେଟ୍ କରୁଛନ୍ତି । କଳିଙ୍ଗବିହାର, ସତ୍ୟବିହାରେ ଏଭଳି ୨ରେଷ୍ଟୁରାଣ୍ଟ ଚାଲିଥିଲା ବେଳେ ଅବକାରୀ ବିଭାଗ ଏହାକୁ ସିଲ୍ କରିଥିଲା ।

### ରାତିସାରା ମିଳୁଛି ମଦ

ରାତି ୧୦ଟା୩୦ରେ ମଦ ଦୋକାନ ଏବଂ ୧୨ଟା ପର୍ଯ୍ୟନ୍ତ ବାର୍ ଖୋଲୁଛି । ହେଲେ ପ୍ରତ୍ୟେକ ଅଞ୍ଚଳରେ ପୁଲିସକୁ ହାତ କରି ବେଆଇନ୍ ଭବେ ରାତି ତମାମ ମଦ ବ୍ୟବସାୟ କରୁଛନ୍ତି । ଏମାନଙ୍କ ଆଡ୍ଡା ପୁଲିସ ଠାରୁ ଆରମ୍ଭ କରି ଅବକାରୀ ବିଭାଗ ସମସ୍ତେ ଜାଣିଛନ୍ତି । ପୂର୍ବରୁ ଏମାନଙ୍କୁ ଗିରଫ ବି କରାଯାଇଥିଲା । ପାଣ୍ଡରା, ଆଇଁଗିଣିଆ ଆଳୁଗଦି, ଭୁବନେଶ୍ୱର ଷ୍ଟେସନ ନିକଟସ୍ଥ ଷ୍ଟେସନ ବଜାର, ଧିରୁକଟି ବସ୍ତି ସମେତ ୫୦ରୁ ଊର୍ଦ୍ଧ୍ୱ ସ୍ଥାନରେ ବେଆଇନ୍ ଭାବେ ରାତି ତମାମ ମଦ କାରବାର ହେଉଛି ।

## ପୁଣି ଧରାପଡ଼ିଲା ନିଶାଦିଆ ଲୁଟେରା

ଭୁବନେଶ୍ୱର, ୯।୭ (ସମିସ): ନିଶା ଦିଆ ଲୁଟେରା ମିର୍ଜା ପୁଣିଥରେ ଧରାପଡ଼ିଛି । ବିଶ୍ୱାସରେ ବିଷ ଦେଇ ସୁନାଗହଣା ଚୋରି କରିବା ପରେ ଅଭିଯୁକ୍ତକୁ ଗିରଫ କରିଛି ଖଣ୍ଡଗିରି ଥାନା ପୁଲିସ । ଗିରଫ ଅଭିଯୁକ୍ତ ହେଉଛି ଗୋପ ଥାନା ନୂଆ ହାଟର ମିର୍ଜା ଟୁଲୁ ବେଗ୍ (୪୦) ।

ପୁଲିସ ସୂଚନାନୁସାରେ, ତୁଷାର ରଞ୍ଜନ ବଳିଆରସିଂହ ଗତ ୫ ତାରିଖ ଦିନ ବରମୁଣ୍ଡା ମଦ ଦୋକାନ ପାଖରେ ମିର୍ଜା ସହ ପରିଚୟ ହୋଇଥିଲେ । ଏହାପରେ ସେ ମିର୍ଜାକୁ ନେଇ ସୌଭାଗ୍ୟ ନଗର ସ୍ଥିତ ଏୟାରପୋର୍ଟ ଇନ୍ ହୋଟେଲକୁ ଯାଇଥିଲେ । ସେଠାରେ ମିର୍ଜା ବିଅରରେ ନିଶାଦ୍ରବ୍ୟ ମିଶାଇ ତୁଷାରଙ୍କୁ ପିଇବାକୁ ଦେଇଥିଲା । ତୁଷାର ଅଚେତ ହେବାପରେ ମିର୍ଜା ତାଙ୍କଠାରୁ ସୁନା ଚେନ୍, ସୁନା ବ୍ରେସଲେଟ୍, ୫ଟି ସୁନା ମୁଦି, ଅନ୍ୟାନ୍ୟ ସୁନା ଅଳଙ୍କାର ଓ ଗାଡ଼ିର ଚାବି ଚୋରି କରି ଫେରାର ହୋଇ ଯାଇଥିଲା । ପରେ ତୁଷାରଙ୍କ ପତ୍ନୀ ତାଙ୍କୁ ଅଚେତ ଅବସ୍ଥାରେ ମୁହଁରୁ ରକ୍ତସ୍ରାବ ହେଉଥିବା ଦେଖି ଚିକିତ୍ସା ପାଇଁ ହସ୍ପିଟାଲକୁ ପଠାଇଥିଲେ । ତୁଷାରଙ୍କ ଅଭିଯୋଗ କ୍ରମେ ଖଣ୍ଡଗିରି ଥାନା ପୁଲିସ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା ।



ସିସିଟିଭି କ୍ୟାମେରା ଫୁଟେଜ ଆଧାରରେ ମିର୍ଜାକୁ ଚିହ୍ନଟ କରିବା ପରେ ଭୁବନେଶ୍ୱର ରେଳଷ୍ଟେସନରୁ ମିର୍ଜାକୁ ଉଠାଇ ଆଣିଥିଲା । ସେ ଚୋରି ସୁନା ଅଳଙ୍କାରଗୁଡ଼ିକୁ ଗୋପ ଅଞ୍ଚଳର ଶେଖ ଜାନି ଓ ସାଇନା ବିବିଙ୍କ ନିକଟରେ ବିକ୍ରି କରିଥିବା ମିର୍ଜା ପୁଲିସ ଆଗରେ ସ୍ୱୀକାର କରିଥିଲା । ସୁନାଗହଣା ବିକ୍ରି କରି ରଖିଥିବା ଟଙ୍କାରୁ ୩ ହଜାର, ବାଇକ୍ ଓ ମୋବାଇଲ୍ ଫୋନ୍ ଜବତ କରିଥିଲା । ମିର୍ଜା ଜଣେ ଅଭ୍ୟାସଗତ ଅପରାଧୀ ହୋଇଥିବା ବେଳେ ତା' ନାମରେ ପୂର୍ବରୁ ୬ଟି ଅପରାଧିକ ମାମଲା ରହିଥିବା ତଦନ୍ତ ବେଳେ ଜଣାପଡ଼ିଥିଲା ।

## ମାଲିକ ଘରୁ ଟଙ୍କା ଚୋରି କଲା ଭଡ଼ାଟିଆ

ଭୁବନେଶ୍ୱର, ୯ ।୭ (ସମିସ): ଯାହା ଘରେ ରହୁଥିଲା ତାହାରି ପକେଟରୁ ଟଙ୍କା ଚୋରି କରିବା ଅଭିଯୋଗରେ ଚନ୍ଦ୍ରଶେଖରପୁର ଥାନା ପୁଲିସ ଗୁରୁବାର ଜଣେ ଅଭିଯୁକ୍ତଙ୍କୁ ଗିରଫ କରିଛି । ଗିରଫ ଅଭିଯୁକ୍ତଙ୍କ ନାମ ଶୁଭରଞ୍ଜନ ସାହୁ ତାଙ୍କ ଘର ନିମାପଡ଼ା ଅଞ୍ଚଳରେ ବୋଲି ଜଣାପଡ଼ିଛି । ଏନେଇ ବଳରାମ ନାୟକ ଥାନାରେ ଲିଖିତ ଅଭିଯୋଗ କରିଥିଲେ । ସୂଚନାଯୋଗ୍ୟ ଯେ, ଅଭିଯୋଗକାରୀ ଏକ କମ୍ପାନୀରେ ନାଇଟ୍ ଏସ୍କର୍ଟ ଭାବେ କାର୍ଯ୍ୟ କରୁଥିବା ବେଳେ ଶ୍ରୀନାଥ ନଗର ବସ୍ତିରେ ଭଡ଼ାରେ ରହୁଥିଲେ । ପରିବାରକୁ ଟଙ୍କା ପଠାଇବା ପାଇଁ ସେ ଏଟିଏମ୍‌ରୁ ୨୦ ହଜାର ଉଠାଇ ହଜାରେ ଟଙ୍କା ନିଜ ପାଖରେ ରଖି ବାକି ୧୯ ହଜାର ନିଜ ଜ୍ୟାକେଟ୍‌ର ପକେଟ୍‌ରେ ରଖିଥିଲେ । ଗୁରୁବାର ଦିନ ସକାଳେ ନାଇଟ୍ ଡ୍ୟୁଟି ସାରି ଘରକୁ ଫେରିବା ପରେ ଅଭିଯୁକ୍ତ ସୁଭ୍ରାଞ୍ଜନ ସାହୁ ଓରଫ ରିଙ୍କୁଙ୍କୁ ତାଙ୍କ ଘରୁ ବାହାରୁଥିବା ଦେଖିଥିଲେ । ଏନେଇ ପଚାରିବାରୁ ଅଭିଯୁକ୍ତ ତାଙ୍କୁ ଗାଳିଗୁଲଜ କରିଥିଲେ । ପରେ ଅଭିଯୋଗକାରୀ ଜ୍ୟାକେଟ୍ ଯାଞ୍ଚ କରିବାରୁ ସେଥିରେ ରଖିଥିବା ୧୯ ହଜାର ଟଙ୍କା ଚୋରି ହୋଇଯାଇଥିବା ଜାଣି ଥାନାରେ ଏନେଇ ରିପୋର୍ଟ କରିଥିଲେ । ତଦନ୍ତରୁ ଜଣାପଡ଼ିଥିଲା ଯେ ଅଭିଯୁକ୍ତ ଶୁଭ୍ରଞ୍ଜନ ସାହୁ ଗତ ୭ ତାରିଖ ଦିନ ଠାରୁ ଅଭିଯୋଗକାରୀଙ୍କ ଘର ପାଖକୁ ଲାଗି ଏକ ଘରେ ରହୁଥିଲେ । ବିଶ୍ୱସ୍ତ ସୂଚନା ଆଧାରରେ ପୁଲିସ ଶ୍ରୀନାଥ ନଗର ବସ୍ତିରେ ଚଢ଼ଉ କରି ଅଭିଯୁକ୍ତଙ୍କୁ କାବୁ କରିଥିଲେ । ପଚରାଉଚରା ବେଳେ ସେ ଚୋରି କରିଥିବା ସ୍ୱୀକାର କରିବା ସହ ଚୋରି ଟଙ୍କା ନିଜ ଘରେ ଥିବା ଏକ ବାକ୍ସ ମଧ୍ୟରେ ଲୁଚାଇ ରଖିଥିବା କହିଥିଲେ । ତାଙ୍କ ସୂଚନା ଅନୁଯାୟୀ ୧୯ ହଜାର ଟଙ୍କା ଉଦ୍ଧାର କରାଯାଇ ଜବତ କରାଯାଇଥିଲା ।

## ସାମାନ୍ୟ ବଚସାରୁ ମରଣାନ୍ତକ ଆକ୍ରମଣ

ଭୁବନେଶ୍ୱର, ୯ ।୭ (ସମିସ): ସାମାନ୍ୟ ଘଟଣାକୁ କେନ୍ଦ୍ରକରି ଜଣେ ଯୁବକଙ୍କୁ ମରଣାନ୍ତକ ଆକ୍ରମଣ କରିବା ଅଭିଯୋଗରେ ନୟାପଲ୍ଲୀ ଥାନା ପୁଲିସ ଦୁଇଜଣ ଯୁବକଙ୍କୁ ଗିରଫ କରିଛି । ଗିରଫ ଦୁଇ ଯୁବକ ହେଉଛନ୍ତି, ନୟାପଲ୍ଲୀ ଗଡ଼ସାହିର ଶମ୍ଭୁ ରଶ୍ମି ରଞ୍ଜନ ନାୟ (୧୯) ଓ ନୟାପଲ୍ଲୀ ନୂଆସାହିର ଓମ୍ ପ୍ରକାଶ ପ୍ରଧାନ (୧୯) । ଗିରଫ ଅଭିଯୁକ୍ତ ଦ୍ୱୟଙ୍କ ଠାରୁ ପୁଲିସ ଆକ୍ରମଣରେ ବ୍ୟବହୃତ ଫେବର୍ ଟାଇଲକୁ ଜବତ କରିଛି । ଏନେଇ ଆକ୍ରମଣର ଶିକାର ସୟନଦୀପ ପଣ୍ଡିତ ଥାନାରେ ଲିଖିତ ଅଭିଯୋଗ କରିଥିଲେ । ସୂଚନାଯୋଗ୍ୟ ଯେ, ଗତ ଜୁନ ୧୬ ତାରିଖ ଦିନ ପ୍ରାୟ ୧୨ଟା୫୦ ସମୟରେ ଅଭିଯୋଗକାରୀ ନିଜ ସାଙ୍ଗମାନଙ୍କ ସହିତ ସିଆରପି ଛକକୁ ମଧ୍ୟାହ୍ନ ଭୋଜନ କରିବା ପାଇଁ ଯାଇଥିବା ବେଳେ ଏକ ବାଇକରେ ତିନିଜଣ ଯୁବକ ଦ୍ରୁତଗତିରେ ସେମାନଙ୍କ ନିକଟକୁ ଆସିଥିଲେ । ବେପରୁଆ ଭାବେ ଗାଡ଼ି ଚଳାଇବାକୁ ନେଇ ସାମାନ୍ୟ ବଚସା ହେବା ପରେ ଅଭିଯୁକ୍ତମାନେ ଅଭିଯୋଗକାରୀ ଓ ତାଙ୍କ ସାଙ୍ଗମାନଙ୍କୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିଥିଲେ । ପରେ ସେମାନେ ପାଭର ଟାଇଲ୍ ଦ୍ୱାରା ଆକ୍ରମଣ କରି ହତ୍ୟା କରିବାକୁ ଉଦ୍ୟମ କରିଥିଲେ, ଫଳରେ ଅଭିଯୋଗକାରୀ ଓ ତାଙ୍କ ସାଙ୍ଗମାନେ ଆହତ ହୋଇଥିଲେ । ସ୍ଥାନୀୟ ଦୋକାନୀମାନେ ଉଦ୍ଧାର କରିବା ପରେ ଅଭିଯୁକ୍ତମାନେ ସେମାନଙ୍କୁ ହତ୍ୟା ଧମକ ଦେଇ ଘଟଣାସ୍ଥଳରୁ ପଳାଇଯାଇଥିଲେ । ତଦନ୍ତ ସମୟରେ ଘଟଣାରେ ବ୍ୟବହୃତ ପାଭର ଟାଇଲ୍‌କୁ ଜବତ କରାଯାଇଥିଲା । ତଦନ୍ତରୁ ଜଣାପଡ଼ିଥିଲା ଯେ ଅଭିଯୁକ୍ତମାନେ ସ୍ଥାନୀୟ ଅଞ୍ଚଳରେ ଆତଙ୍କ ସୃଷ୍ଟି କରିବା ସହ ସମାନ ପ୍ରକାରର ଅପରାଧିକ କାର୍ଯ୍ୟକଳାପରେ ଲିପ୍ତ ଥିଲେ । ବିଶ୍ୱସ୍ତ ସୂଚନା ଆଧାରରେ ପୁଲିସ ଷ୍ଟୁଆର୍ଟ ସ୍କୁଲ ଛକ ନିକଟରେ ଚଢ଼ାଉ କରି ଅଭିଯୁକ୍ତ ସମ୍ଭୁ ଓ ଓମ୍‌ଙ୍କୁ କରିଥିଲା । ପଚରାଉଚରା ବେଳେ ଉଭୟ ଅଭିଯୁକ୍ତ ଅପରାଧରେ ନିଜର ସମ୍ପୃକ୍ତି ସ୍ୱୀକାର କରିଥିଲେ ।

## ଦୁଲାଦେଇ ମନ୍ଦିରରୁ ଚୋରି

ଭୁବନେଶ୍ୱର, ୯ ।୭ (ସମିସ): ପାଣ୍ଡରା ସ୍ଥିତ ମା' ଦୁଲାଦେଇ ମନ୍ଦିରରୁ ବାରମ୍ବାର ଚୋରି ହେଉଥିବା ନେଇ ଥାନାରେ ଅଭିଯୋଗ ହେଉଥିଲା । ଏହି ଅଭିଯୋଗକୁ ଗୁରୁତର ସହ ନେଇ ମଞ୍ଚେଶ୍ୱର ଥାନା ପୁଲିସ ତଦନ୍ତ କରିବା ସହ ଗୁରୁବାର ଅଭିଯୁକ୍ତ ରତନ ଭୋଇ (୨୪)ଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି । ଏନେଇ ପ୍ରଶାନ୍ତ କୁମାର ପ୍ରଧାନ ଥାନାରେ ଲିଖିତ ଅଭିଯୋଗ କରିଥିଲେ । ପାଣ୍ଡରା ଗ୍ରାମ ସ୍ଥିତ ମା' ଦୁଲାଦେଇ ମନ୍ଦିରରୁ ଏକ ସପ୍ତାହ ମଧ୍ୟରେ ଅଜଣା ଦୁର୍ବୃତ୍ତମାନେ ବାରମ୍ବାର ଚୋରି କରିଥିଲେ । ଚୋରି ହୋଇଥିବା ସାମଗ୍ରୀ ମଧ୍ୟରେ ଏକ ମ୍ୟୁଜିକ୍ ସାଉଣ୍ଡ ସିଷ୍ଟମ, ମାଇକ୍ ତାର, ଦୁଇଟି ମାଇକ୍ ଡ୍ରାଇଭର ୟୁନିଟ୍, ଏକ ସିଲିଂ ଫ୍ୟାନ ଏବଂ ଏକ ପାଣି ଟ୍ୟାପ୍ ରହିଥିଲା । ପରବର୍ତ୍ତୀ ସମୟରେ ଗ୍ରାମବାସୀମାନେ ସୂଚନା ପାଇଥିଲେ ଯେ ଚୋରି ହୋଇଥିବା ସାମଗ୍ରୀ ପାଣ୍ଡରା ଛକ ନିକଟରେ ଥିବା ଜଣେ କବାଡ଼ିଆଙ୍କୁ ବିକ୍ରି କରାଯାଇଛି । ଏହାପରେ ଘଟଣା ସମ୍ପର୍କରେ ପୋଲିସକୁ ଅବଗତ କରାଯାଇଥିଲା । ତଦନ୍ତ ସମୟରେ କବାଡ଼ିଆ ହରିଶ ଚନ୍ଦ୍ର ପାଣିଙ୍କୁ ପଚରାଉଚରା କରାଯିବାରୁ ସେ ଅଭିଯୁକ୍ତ ରତନ ଭୋଇ ତାଙ୍କ ନିକଟରେ ଚୋରି ହୋଇଥିବା ମନ୍ଦିରର ସାମଗ୍ରୀ ବିକ୍ରି କରିଥିବା ସ୍ୱୀକାର କରିଥିଲେ । ତାଙ୍କ ନିକଟରୁ ଚୋରି ହୋଇଥିବା ମ୍ୟୁଜିକ୍ ସାଉଣ୍ଡ ସିଷ୍ଟମ, ମାଇକ୍ ତାର, ଦୁଇଟି ମାଇକ୍ ଡ୍ରାଇଭର ୟୁନିଟ୍ ସହ ୧୦୦ ଭୋଲ୍ଟ ଟ୍ରାନ୍ସଫର୍ମର, ଏକ ସିଲିଂ ଫ୍ୟାନ ଏବଂ ଏକ ପାଣି ଟ୍ୟାପ୍ ଉଦ୍ଧାର କରାଯାଇ ଜବତ କରାଯାଇଥିଲା । ଘଟଣା ପରେ ଫେରାର ଥିବା ଅଭିଯୁକ୍ତଙ୍କୁ ଧରିବା ପାଇଁ ବାରମ୍ବାର ଚଢ଼ାଉ କରାଯାଇଥିଲା । ଅଭିଯୁକ୍ତ ରତନ ଭୋଇଙ୍କ ବିରୋଧରେ ପୂର୍ବରୁ ମଞ୍ଚେଶ୍ୱର ଥାନାରେ ମାମଲା ରହିଛି ।

• ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟ ଘଟଣା

## ଅଭିଯୁକ୍ତଙ୍କୁ ଗିରଫ ଦାବି

ଭୁବନେଶ୍ୱର, ୯ ।୭ (ସମିସ): ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟ ପରିସରରେ କିଛି ପୁରୁଷ ଅଣଛାତ୍ର ପ୍ରବେଶ କରି ଛାତ୍ରୀମାନଙ୍କ ସହ ଅସଦାଚରଣ ଓ ଧମକ ଦେଇଥିବା ଅଭିଯୋଗ ଘଟଣାରେ ଆମ୍ ଆଦମୀ ପାର୍ଟି ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିଛି । ଦଳ ପକ୍ଷରୁ ସମ୍ପୃକ୍ତ ଅଭିଯୁକ୍ତମାନଙ୍କୁ ତୁରନ୍ତ ଗିରଫ କରିବା ସହ ଘଟଣାର ନିରପେକ୍ଷ ତଦନ୍ତ କରିବାକୁ ଦାବି କରାଯାଇଛି । ଆପ୍‌ର ଅଭିଯୋଗ ଅନୁଯାୟୀ ବିଶ୍ୱବିଦ୍ୟାଳୟ ପରିସରରେ ଘଟିଥିବା ଘଟଣା ସିସିଟିଭି ଫୁଟେଜ୍‌ରେ ଥିବା ସତ୍ତ୍ୱେ ପୁଲିସ ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଇନାହିଁ । ଏହା ଫଳରେ ଛାତ୍ରୀମାନଙ୍କ ମଧ୍ୟରେ ଭୟର ପରିବେଶ ସୃଷ୍ଟି ହୋଇଥିବା ଆପ୍ କହିଛି । ଆପ୍ ଆହୁରି ଅଭିଯୋଗ କରିଛି ଯେ ଘଟଣାରେ ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ ସହ ଜଡ଼ିତ ଅଣଛାତ୍ରମାନଙ୍କ ସମ୍ପୃକ୍ତି ଥିବା ସତ୍ତ୍ୱେ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ କିମ୍ବା ପୁଲିସ ପକ୍ଷରୁ ଉଚିତ ପଦକ୍ଷେପ ନିଆଯାଇନାହିଁ । ଏହାକୁ ନେଇ ଆପ୍ ବିଶ୍ୱବିଦ୍ୟାଳୟର କର୍ତ୍ତୃପକ୍ଷ ଭୂମିକା ଉପରେ ମଧ୍ୟ ପ୍ରଶ୍ନ ଉଠାଇଛି । ଆପ୍ କହିଛି ଯେ ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟରେ ପୁରୁଷଙ୍କ ପ୍ରବେଶ ନିଷେଧ ଥିବା ସତ୍ତ୍ୱେ ଅଣଛାତ୍ରମାନେ କିପରି କ୍ୟାମ୍ପସରେ ପ୍ରବେଶ କରି ହଙ୍ଗାମା କଲେ ତାହାର ତଦନ୍ତ ହେବା ଆବଶ୍ୟକ । ବିଶ୍ୱବିଦ୍ୟାଳୟର ସିସିଟିଭି ଫୁଟେଜ୍ ଓ ଅନ୍ୟାନ୍ୟ ସାକ୍ଷ୍ୟ ଆଧାରରେ ତ୍ୱରିତ ତଦନ୍ତ କରାଯାଇ ଦୋଷୀଙ୍କ ବିରୋଧରେ କଠୋର ଆଇନଗତ ପଦକ୍ଷେପ ଗ୍ରହଣ କରାଯାଉ ବୋଲି ଆପ୍ ମୁଖ୍ୟମନ୍ତ୍ରୀଙ୍କ ନିକଟରେ ଦାବି କରିଛି ।

## ମାଗଣା ଶିକ୍ଷାନୀତି ଅନୁଦାନପ୍ରାପ୍ତ କଲେଜ ପାଇଁ ବଡ଼ ସମସ୍ୟା

ଭୁବନେଶ୍ୱର, ୯ ।୭ (ସମିସ): ରାଜ୍ୟ ସରକାରଙ୍କ ମାଗଣା ଶିକ୍ଷାନୀତି ଅନୁଦାନପ୍ରାପ୍ତ ମହାବିଦ୍ୟାଳୟ ଓ ଉଚ୍ଚମାଧ୍ୟମିକ ବିଦ୍ୟାଳୟଗୁଡ଼ିକ ପାଇଁ ଗୁରୁତର ଆର୍ଥିକ ସମସ୍ୟା ସୃଷ୍ଟି କରିବ ବୋଲି ୬୬୨ ବର୍ଗ କଲେଜ ସଂଘର ସଭାପତି ଗୋଲକ ନାୟକ ଅଭିଯୋଗ କରିଛନ୍ତି । ସଂଘ ପକ୍ଷରୁ ଜାରି ପ୍ରେସ୍ ବିଜ୍ଞପ୍ତିରେ କୁହାଯାଇଛି ଯେ ସ୍କୁଲ ଓ ଗଣଶିକ୍ଷା ବିଭାଗର ଚଳିତ ମାସ ୮ ତାରିଖର ନିର୍ଦ୍ଦେଶ ଅନୁସାରେ ଛାତ୍ରଛାତ୍ରୀଙ୍କଠାରୁ ଆଡମିଶନ ସମୟରେ କୌଣସି ଫି ଆଦାୟ କରାଯିବ ନାହିଁ । କିନ୍ତୁ ବେସରକାରୀ ଅନୁଦାନପ୍ରାପ୍ତ କଲେଜଗୁଡ଼ିକୁ ଏହି ଫି ବଦଳରେ ସରକାର କୌଣସି ଆର୍ଥିକ ସହାୟତା ଘୋଷଣା କରିନାହାନ୍ତି । ସଂଘର କହିବା ଅନୁସାରେ କଲେଜର ଲାବରେଟରୀ, ଲାଇବ୍ରେରୀ, କ୍ରୀଡ଼ା, ସାଂସ୍କୃତିକ କାର୍ଯ୍ୟକ୍ରମ, ଅତିଥି ଅଧ୍ୟାପକ ଓ ମ୍ୟାନେଜମେଣ୍ଟ କର୍ମଚାରୀଙ୍କ ଦରମା, ଇପିଏଫ୍ ସହ ବିଭିନ୍ନ ଖର୍ଚ୍ଚ ଆଡମିଶନ ଓ ରି-ଆଡମିଶନ ଫିରୁ ବହନ କରାଯାଏ । ସରକାର ଫି ଛାଡ଼ ଘୋଷଣା ପୂର୍ବରୁ ଏହାର ବିକଳ୍ପ ବ୍ୟବସ୍ଥା କିମ୍ବା ସ୍ପଷ୍ଟ ମାର୍ଗଦର୍ଶିକା ଜାରି କରାଯାଇନଥିବାରୁ କଲେଜଗୁଡ଼ିକର ଭବିଷ୍ୟତକୁ ନେଇ ଅନିଶ୍ଚିତତା ଦେଖାଦେଇଛି । ସଂଘ ଛାତ୍ରଛାତ୍ରୀଙ୍କ ପାଇଁ ଫି ଛାଡ଼କୁ ସ୍ୱାଗତ କରିଥିଲେ ମଧ୍ୟ ସରକାର ଏହି ଫି ନିଜେ ବହନ କରି ଶୀଘ୍ର କଲେଜଗୁଡ଼ିକୁ ପ୍ରଦାନ କରିବା ସହ ଖାଲି ପଡ଼ିଥିବା ଅଧ୍ୟାପକ ଓ ଅଣଶିକ୍ଷକ ପଦବୀ ପୂରଣ କରିବାକୁ ସଂଘ ଦାବି କରିଛି । ନଚେତ୍ ରାଜ୍ୟର ଉଚ୍ଚଶିକ୍ଷା ବ୍ୟବସ୍ଥା ଗୁରୁତର ସଙ୍କଟରେ ପଡ଼ିପାରେ ବୋଲି ସଂଘ ସତର୍କ କରିଛି ।

ଗ୍ରାହକ ବେଶରେ ସୁନା ଚୋରି

## ଜେଲ୍ ଗେଟ୍‌ରୁ ଉଠାଇ ଆଣିଲା ପୁଲିସ

ଭୁବନେଶ୍ୱର, ୯।୭ (ସମିସ): ଗ୍ରାହକ ବେଶରେ ସୁନାଗହଣା ଚୋରି କରୁଥିବା ଆନ୍ତଃରାଜ୍ୟ ଚୋରକୁ ଗିରଫ କରିଛି ସହିଦନଗର ଥାନା ପୁଲିସ । ଗିରଫ ଅଭିଯୁକ୍ତ ହେଉଛି ଛତିଶଗଡ଼ ରାଇପୁରରେ ରହୁଥିବା ଗୁରୁରାଟ ଭଦଦୋରା ପଦ୍ମାବତୀ ସୋସାଇଟିର ଦିନେଶ କୁମାର ଠାକୁର ।

■ ଗତ ସପ୍ତାହରେ ଗିରଫ କରିଥିଲା ଉଦିତନଗର ପୁଲିସ
■ ୩ ରାଜ୍ୟରେ ରହିଛି ୬ ମାମଲା



ପୁଲିସ ସୂଚନାନୁସାରେ, ଦିନେଶ ଗତ ୧ ତାରିଖ ଦିନ ଏସ୍ପ୍ଲାନେଡ୍ ମଲ୍‌ସ୍ଥିତ ବ୍ଲୁଷ୍ଟୋନ୍ ଜୁଏଲାରୀ ଷ୍ଟୋରକୁ ଗ୍ରାହକ ସାଜି ଅଳଙ୍କାର କିଣିବାକୁ ଆସିଥିଲା । ଶୋ'ରୁମର କଷ୍ଟମର ଫ୍ରେଣ୍ଡଲି ପରିବେଶର ସୁଯୋଗ ନେଇ ଦିନେଶ ଡିସପ୍ଲେ ଡ୍ରୟର ଖୋଲି ଏକ ସୁନା କଡ଼ା ଚୋରି କରି ଫେରାର ହୋଇ ଯାଇଥିଲା । ଶୋ'ରୁମ୍ ପକ୍ଷରୁ ଶୁଭ୍ର ଶିଶିର ସାହୁ ସହିଦନଗର ଥାନାରେ ଏତଲା ଦେବାପରେ ପୁଲିସ ମାମଲା ରୁଜୁ କରିଥିଲା । ଏହାସହିତ ଚୋରି ହୋଇଥିବା ସୁନା କଡ଼ାର ଏଷ୍ଟିମେସନ୍ ସ୍ଲିପ୍ ଓ ଅଥେଣ୍ଟିସିଟି ସାର୍ଟିଫିକେଟ୍ ମଧ୍ୟ ଜବତ କରିଥିଲା । ସିସିଟିଭି ଫୁଟେଜରୁ ଦିନେଶକୁ ଚିହ୍ନଟ କରିଥିବା ବେଳେ ସେ ବିଭିନ୍ନ ରାଜ୍ୟର ଜୁଏଲେରୀ ଦୋକାନରେ ସମାନ ଢଙ୍ଗରେ ଚୋରି କରୁଥିବା ଜଣାପଡ଼ିଥିଲା ।

ସେ ଗତ ସପ୍ତାହରେ ସମାନ ଢଙ୍ଗର ଅପରାଧ ଲାଗି ରାଉରକେଲା ଉଦିତନଗର ଥାନା ଦ୍ୱାରା ଗିରଫ ହୋଇଥିଲା । ତାକୁ ରିମାଣ୍ଡରେ ଆଣିବାକୁ ପୁଲିସ ଆବେଦନ କରିଥିଲେ ମଧ୍ୟ କୌଣସି ସୁଫଳ ମିଳିନଥିଲା । ସେ ଜାମିନ୍ ପାଇ ମୁକୁଳିବା ବେଳେ ସହିଦନଗର ପୁଲିସ ଜେଲ୍ ଗେଟ୍‌ରୁ ଉଠାଇ ଆଣିଥିଲା । ସେ ବ୍ଲୁ ଷ୍ଟୋନ୍ ଜୁଏଲାରୀରୁ ଚୋରି କରିଥିବା ପଚରାଉଚରା ବେଳେ ସ୍ୱୀକାର କରିଥିଲା । ଦିନେଶ ଜଣେ ଅଭ୍ୟାସଗତ ଅପରାଧୀ ବୋଲି ରେକର୍ଡ ଯାଞ୍ଚରୁ ଜଣାପଡ଼ିଥିଲା । ତା' ନାମରେ ଗୁଜରାଟର କାରେଲିବାଗ, ଅଞ୍ଜାର ଓ ହାଲୋଲ, ମହାରାଷ୍ଟ୍ରର ଇମାମୱାଡା (ନାଗପୁର) ଓ ଓଡ଼ିଶାର ଉଦିତନଗର ଥାନାରେ ମାମଲା ରହିଥିବା ତଦନ୍ତ ବେଳେ ଜଣାପଡ଼ିଥିଲା ।

## ସଦର ଥାନା ପକ୍ଷରୁ ବ୍ଲକିଂ ଓ ଚେକିଂ

ପାହାଳ/ଫୁଲନଖରା, ୯ ।୭ (ସମିସ): କଟକ ସଦର ଥାନା ପକ୍ଷରୁ ଥାନାଞ୍ଚଳରେ ରାତ୍ରିକାଳୀନ ବ୍ଲକିଙ୍ଗ୍, ଚେକିଙ୍ଗ୍ ଓ ଡ୍ରଙ୍କ୍ ଆଣ୍ଡ ଡ୍ରାଇଭ୍ କାର୍ଯ୍ୟକ୍ରମକୁ ଜୋରଦାର କରାଯାଇଛି । ଆଇଆଇସି ତୁଷାରକାନ୍ତ ସେଠୀ, ଅତିରିକ୍ତ ଆଇଆଇସି ପ୍ରଶାନ୍ତ କୁମାର ପାଣି ଓ ବ୍ରାହ୍ମଣଝରିଲୋ ଏଡ୍‌ପୋଷ୍ଟର ଅଧିକାରୀ ପ୍ରଶାନ୍ତ ପରିଡ଼ାଙ୍କ ନେତୃତ୍ୱରେ ପୃଥକ ଟିମ୍ ଗଠନ କରାଯାଇ ରାତ୍ରି ସମୟରେ ଗ୍ରାମାଞ୍ଚଳରେ ଫ୍ଲାଗ୍‌ମାର୍ଚ୍ଚକୁ ତ୍ୱରାନ୍ୱିତ କରାଯାଇଛି । ଏହାଦ୍ୱାରା ରାତ୍ରି ସମୟରେ ଗ୍ରାମାଞ୍ଚଳ ଓ ସହରାଞ୍ଚଳରେ ମଦ୍ୟପଙ୍କୁ ନିୟନ୍ତ୍ରଣ କରିବା ଏବଂ ବିଭିନ୍ନ ଅପରାଧୀଙ୍କୁ ନିୟନ୍ତ୍ରଣ କରାଯାଇ ସାଧାରଣ ଲୋକଙ୍କୁ ଭୟରୁ ଦୂର କରାଯାଇପାରିବ ବୋଲି ଆଇଆଇସି ପ୍ରକାଶ କରିଛନ୍ତି । କାର୍ଯ୍ୟକ୍ରମକୁ ଆଗାମୀ ଦିନରେ ବ୍ୟାପକ କରାଯିବ ବୋଲି ସୂଚନା ମିଳିଛି ।

ଡରାଇଲାଣି ଡାଇରିଆ

## ରୋଗର ବାହକ ସାଜିପାରନ୍ତି ବ୍ୟବସାୟୀ

ଭୁବନେଶ୍ୱର, ୯।୭ (ସମିସ): ଦିନକୁ ଦିନ ରାଜଧାନୀରେ ବଢ଼ି ଚାଲିଛି ବିଭିନ୍ନ ଠେଲା ଦୋକାନୀଙ୍କ ସଂଖ୍ୟା । ସହରର ଗଳି କନ୍ଦିରେ ଶହଶହ ସଂଖ୍ୟାରେ ବ୍ୟବସାୟୀମାନେ ବିଭିନ୍ନ ପ୍ରକାର ଚଟ୍‌ପଟା ଖାଦ୍ୟ ବିକ୍ରି କରୁଛନ୍ତି । ସେଥିମଧ୍ୟରେ ଫାଷ୍ଟଫୁଡ୍‌ର ଚାହିଦା ଉର୍ଦ୍ଧ୍ୱରେ ରହିଛି । ସେମାନଙ୍କ ପାଖରେ ଶସ୍ତାରେ ସମସ୍ତ ଚଟପଟା ଖାଦ୍ୟ ମିଳିଯାଉଥିବାରୁ ଗ୍ରାହକଙ୍କ ସଂଖ୍ୟା ବଢୁଛି । କିନ୍ତୁ ଶସ୍ତା ଖାଦ୍ୟ ଖାଇ ଯେ ପ୍ରତ୍ୟେକ ବ୍ୟକ୍ତି ରୋଗ କିଣୁଛନ୍ତି, ସେ ବିଷୟରେ ସଚେତନ ହୋଇପାରୁ ନାହାନ୍ତି । ରାତି ପାହିଲେ ଛାତ୍ରଛାତ୍ରୀଙ୍କ ସମେତ ବିଭିନ୍ନ ବର୍ଗର ଲୋକ ଜଳଖିଆ ଠାରୁ ଆରମ୍ଭ କରି ମଧ୍ୟାହ୍ନ ଭୋଜନ ହେଉ ଅବା ସନ୍ଧ୍ୟା ସମୟରେ ଭଳି କି ଭଳି ଚଟ୍‌ପଟା ଖାଦ୍ୟ ଖାଇ ଯେ ରୋଗ କିଣୁଛନ୍ତି ତାହା ଠେଲା ବ୍ୟବସାୟୀଙ୍କ ନିକଟରେ ଗହଳି ଦେଖିଲେ ଅନୁମାନ କରିହେବ । ତେବେ ସେମାନେ ଗ୍ରାହକଙ୍କୁ ଦେଉଥିବା ଖାଦ୍ୟର ମାନ ଯାଞ୍ଚ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ସହରର ବିଭିନ୍ନ ଜନଗହଳି ସ୍ଥାନରେ ଏବେବି ରଙ୍ଗଦିଆ ଖାଦ୍ୟ ସାଙ୍ଗକୁ ମାଛି ଭଣ ଭଣ ହେଉଥିଲେ ବି ଲୋକମାନେ ନାଚାର । ତେବେ ବର୍ଷାଋତୁରେ ଚାରିଆଡ଼େ ଡାଇରିଆ ରୋଗ ବ୍ୟାପୀବାର ନଜିର ପ୍ରତିବର୍ଷ ଦେଖିବାକୁ ମିଳୁଥିବା ବେଳେ ଏଥର ମଧ୍ୟ ଡରାଇଲାଣି ଡାରିଆ ଭୟ । ତେଣୁ ଖାଦ୍ୟର ମାନ ଯାଞ୍ଚ କଡ଼ାକଡ଼ି କରାଯିବା ଆବଶ୍ୟକ ବୋଲି ଗ୍ରାହକମାନେ ମତ ଦେଇଛନ୍ତି ।

ରାଜଧାନୀରେ ସକାଳ ହେଉ ଅବା ସନ୍ଧ୍ୟା ହେଲେ ଛକ ଛକରେ ଜମେ ଭିଡ଼ । ସକାଳ ଜଳଖିଆରେ ବିଭିନ୍ନ ତେଲଭଜା ଖାଦ୍ୟ ସାଙ୍ଗକୁ ସନ୍ଧ୍ୟାରେ ଚାଟ୍, ଗୁପଚୁପ୍, ଚିକେନ୍ ପକୋଡ଼ା, ମୋମୋ, ଚାଓମିନ୍, ରୋଲ୍, ପନିର୍, ଚିକେନ୍, ଚିଙ୍ଗୁଡ଼ି ଆଦି ଆମିଷ ଓ ନିରାମିଷ ବିଭିନ୍ନ ଚଟପଟା ଖାଦ୍ୟ ଗୁଡ଼ିକର ବେଶ୍ ଚାହିଦା ବଢୁଛି । ବିଶେଷ କରି ବର୍ଷା ପାଗରେ ତେଲଛଣା ଗରମା ଗରମ ଖାଦ୍ୟ ଖିବାକୁ ସମସ୍ତେ ପସନ୍ଦ କରନ୍ତି । ତାସାଙ୍ଗକୁ ଟାମାଟୋ ଓ ଚିଲି ସସ୍ ର ବ୍ୟବହାର ମଧ୍ୟ ଅନୁରୂପ ଭାବେ ବଢ଼ି ଚାଲିଛି । ତେବେ ପାଟିକୁ ସୁଆଦିଆ ଲାଗୁଥିବା ଏହି ଚଟପଟା ସସ୍ ଏବଂ ଖାଦ୍ୟ ଖାଇ ରୋଗ କିଣୁଛନ୍ତି ଲୋକେ । ବିଶେଷ କରି ଗୁପଚୁପ୍, ହଦିବରା ଆଦିରେ ବ୍ୟବହାର ହେଉଥିବା ପାଣିର ମାନ ଯାଞ୍ଚ କରାଯିବା ନିହାତି ଜରୁରୀ ବୋଲି ଯୁବଗୋଷ୍ଠୀମାନେ ଦାବୀ କରିଛନ୍ତି । କାରଣ ଆଖିକୁ ଡିଲିସିୟସ୍ ଦେଖାଯାଉଥିବା ଏହି ସମସ୍ତ ଖାଦ୍ୟ ସ୍ୱାସ୍ଥ୍ୟ ପାଇଁ କେତେ ହିତକର ତାହା ଯାଞ୍ଚ କଲାପରେ ନିଶ୍ଚୟ ଜଣାପଡ଼ିବ ବୋଲି ଭୁବନେଶ୍ୱର ରେଳ ଷ୍ଟେସନ୍ ଏବଂ ବସଷ୍ଟାଣ୍ଡ ନିକଟରେ ବିକ୍ରି ହେଉଥିବା ଖାଦ୍ୟକୁ ଦେଖିଲେ ଯେ କେହି ଅନୁମାନ କରିପାରିବ ବୋଲି ଯାତ୍ରୀମାନେ କହିଛନ୍ତି । ଏଠାରେ ବ୍ୟବସାୟୀମାନେ ଖାଦ୍ୟକୁ ଖୋଲା ରହୁଥିବା ବେଳେ ସେଥିରେ ରଙ୍ଗ ବ୍ୟବହାର କରୁଛନ୍ତି । ଶହଶହ ଗାଡ଼ି ମଟର ଯାତାୟତ କରୁଥିବାରୁ ସେଥିରେ ଧୂଳିର ଲେପ ବି ରହୁଛି । କିନ୍ତୁ କିଛି ଉପାୟ ନପାଇ ଯାତ୍ରୀମାନେ ଏହି ଖାଦ୍ୟ ଖାଇବାକୁ ବାଧ୍ୟ ହେଉଥିବା କହିଛନ୍ତି । ତେଣୁ କେବଳ ବ୍ୟବସାୟୀଙ୍କ ଖାଦ୍ୟ ଯାଞ୍ଚ କରିଲେ ହେବ ନାହିଁ ସହରର ପ୍ରତ୍ୟେକ ଛୋଟ ବଡ଼ ଠେଲା ବ୍ୟବସାୟୀଙ୍କ ପାଇଁ ମଧ୍ୟ ସମାନ ନିୟମ ବା ମାର୍ଗଦର୍ଶିକା ଲାଗୁ କରାଯିବା ଉଚିତ୍ ବୋଲି ଯାତ୍ରୀମାନେ ମତ ଦେଇଛନ୍ତି । ବର୍ତ୍ତମାନ ଜନଗଣନା ଚାଲିଥିବା ବେଳେ ଠେଲା ବ୍ୟବସାୟୀଙ୍କ ଗଣନା କରଯିବା ସହ ରେଜିଷ୍ଟ୍ରେସନ୍ କରାଯିବା ଉଚିତ୍ । ସଫା ସ୍ଥାନରେ ଠେଲା ପକାଇବା ସହ ଖାଦ୍ୟ ଗୁଡ଼ିକ ଘୋଡ଼ାଇ ରଖିବା, ବାସୀ ଖାଦ୍ୟ ବିକ୍ରି ନକରିବା, ଅପମିଶ୍ରଣ ନକରିବା ଉପରେ ନିମୟିତ ଯାଞ୍ଚ କରାଯିବା ସହ ଜରିମାନାକୁ କଡ଼ାକଡ଼ି କରାଯିବା ଉଚିତ୍ ବୋଲି ବୁଦ୍ଧିଜୀବୀମାନେ ଦାବି କରିଛନ୍ତି । କାରଣ ପାଟିସ୍ୱାଦ ପାଇଁ ଏସବୁ ଖାଦ୍ୟ ଆନନ୍ଦରେ ଖାଇ ପରବର୍ତ୍ତୀ ସମୟରେ ବଡ଼ ବଡ଼ ରୋଗରେ ଆକ୍ରାନ୍ତ ହେଉଛନ୍ତି । ସେହିପରି ତେଲଭାଜି ଦୋକାନୀମାନେ ମାସ ମାସର ପୁରୁଣା ପୋଡ଼ା ତେଲ ବ୍ୟବହାର କରୁଥିବାରୁ ଏହା ଶରୀର ପାଇଁ ସବୁଠାରୁ ଅଧିକ କ୍ଷତିକାରକ ଅଟେ । ଏନେଇ ଖାଦ୍ୟ ସୁରକ୍ଷା ଅଧିକାରୀ ସତ୍ୟଜି ପଟେଲ କହିଛନ୍ତି ଯେ, ବିଏମ୍‌ସି ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଟିମ୍ ଗଠନ କରାଯାଇ ସହରର ବିଭିନ୍ନ ସ୍ଥାନରେ ଖାଦ୍ୟ ଯାଞ୍ଚ କରାଯିବା ସହ ବାସିଖାଦ୍ୟ ନଷ୍ଟ କରାଯାଉଛି । ଫୁଡସେଫଟି ଆଇନ ଅନୁସାରେ, ଦୋକାନୀଙ୍କୁ ନୋଟିସ୍ ମଧ୍ୟ କରାଯାଉଛି । ବର୍ଷାଦିନ ଆରମ୍ଭ ହୋଇଥିବାରୁ ଏହକୁ ଆହୁରି କଡ଼ାକଡ଼ି କରାଯିବ । ସେହିପରି ରଥଯାତ୍ରା ଉପଲକ୍ଷେ ପୁରୀରେ ଭ୍ରାମ୍ୟମାଣ ପରୀକ୍ଷାଗାର ପଠାଯିବ । ସେଠାରେ ବିଭିନ୍ନ ସ୍ଥାନରେ ଖାଦ୍ୟର ମାନ ଯାଞ୍ଚ କରାଯିବ ।

■ ରାସ୍ତାକଡ଼ ଖାଦ୍ୟର ମାନ ଓ ଗୁଣବତ୍ତା ନେଇ ପ୍ରଶ୍ନବାଚୀ



## ଦାମୋଦର ସଂସ୍କୃତ ମହାବିଦ୍ୟାଳୟରେ ଚାରା ରୋପଣ

ଭଦ୍ରକ,୯।୭(ସମିସ): ଭଦ୍ରକ ପୁରୁଣାବଜାରସ୍ଥିତ ଦାମୋଦର ସଂସ୍କୃତ ମହାବିଦ୍ୟାଳୟ ପରିସରରେ ସ୍ୱଚ୍ଛ ଭାରତ ଅଭିଯାନ ଓ ଚାରା ରୋପଣ କାର୍ଯ୍ୟକ୍ରମ ଅଧ୍ୟକ୍ଷ ଡ. ନିତ୍ୟାନନ୍ଦ ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମକୁ ସୂଚନା ଓ ଲୋକ ସମ୍ପର୍କ ଉପଖଣ୍ଡ ଅଧିକାରୀ ମଧୁସ୍ମିତା ଶତପଥୀ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରି ଚାରା



ରୋପଣ କରିଥିବାବେଳେ ସମାଜସେବୀ ଅଶୋକ କୁମାର ଦାସ, ନରେନ୍ଦ୍ର ସାମଲ, ନିରଞ୍ଜନ ସାହୁ, ଅଧ୍ୟାପକ ଶୁକଦେବ ପଣ୍ଡା, ପ୍ରଧାନଶିକ୍ଷକ ଅକ୍ଷୟ କୁମାର ପାଣିଗ୍ରାହୀ, ସମାଜସେବୀ ଅଜୟ ସାହୁ, ମଞ୍ଜୁଲତା ମହାପାତ୍ର, ମଧୁସୂଦନ ତ୍ରିପାଠୀ, ରଘୁନାଥ ନାୟକ, ଗୌରାଙ୍ଗ ଦାସ, ପ୍ରଣତୀ ନାୟକ, ସ୍ୱର୍ଣ୍ଣଲତା ପାଳନ, ସିଦ୍ଧାର୍ଥ ସାହୁ ଓ ଆଶୁତୋଷ ସିଂ ପ୍ରମୁଖ ଅତିଥିଭାବେ ଯୋଗଦେଇ ପରିବେଶ ସୁରକ୍ଷା ତଥା ଚାରା ରୋପଣ ଉପରେ ଗୁରୁତ୍ୱାରୋପ କରିବା ସହ ସ୍ୱଚ୍ଛ ପରିବେଶ ସୃଷ୍ଟି କଲେ ସ୍ୱଚ୍ଛ ଭାରତ ଗଠନ ହୋଇପାରିବ ବୋଲି ବକ୍ତବ୍ୟ ରଖିଥିଲେ। ଶେଷରେ ଛାତ୍ରଛାତ୍ରୀମାନେ ସ୍ଲୋଗାନ ଦେଇ ପୁରୁଣାବଜାର ପରିକ୍ରମା କରି ମହାବିଦ୍ୟାଳୟ ପରିସରରେ ମାଆ, ବାପା ଓ ଗୁରୁଙ୍କ ନାମରେ ତିନୋଟି ଲେଖାଏଁ ଗଛ ଲଗାଇଥିଲେ।

## ରହଣିଆସାହି ପ୍ରାଥମିକ ସ୍କୁଲରେ ସମ୍ବର୍ଦ୍ଧନା ସଭା



ଦୋଳସାହି,୯।୭(ସମିସ): ତିହିଡ଼ି ବ୍ଲକ୍ ଅଧୀନ କୁବେରା ପଞ୍ଚାୟତର ରହଣିଆ ସାହି ସରକାରୀ ପ୍ରାଥମିକ ବିଦ୍ୟାଳୟର ଅବସରପ୍ରାପ୍ତ ସହକାରୀ ଶିକ୍ଷକ ପଞ୍ଚାନନ ବେହେରାଙ୍କ ଉଦ୍ଦେଶ୍ୟରେ ବୁଧବାର ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ସଭାପତି ମଦନ ମୋହନ ନାୟକ, ମୁଖ୍ୟ ଅତିଥି ତିହିଡ଼ି ଏବିଇଓ ଲକ୍ଷ୍ମୀପ୍ରିୟା ମାଝୀ, ମୁଖ୍ୟବକ୍ତା ପ୍ରାକ୍ତନ ପ୍ରାଥମିକ ଶିକ୍ଷକ ସଂଘ ଜିଲ୍ଲା ସମ୍ପାଦକ ମନୋରଞ୍ଜନ ନାୟକ, ବରେଣ୍ୟ ଅତିଥି ଭାବେ କୁବେରା ସରପଞ୍ଚ କୀର୍ତ୍ତିଚନ୍ଦ୍ର ସେଠୀ, ତିହିଡ଼ି ପ୍ରାଥମିକ ଶିକ୍ଷକ ସଂଘ ସଭାପତି ମାୟାଧର ସାହୁ, ସମ୍ପାଦକ ରମାକାନ୍ତ ଦାସ, କାର୍ଯ୍ୟକାରୀ ସମ୍ପାଦକ ବଂଶୀଧର ଦାସ, ସଂଗଠନ ସମ୍ପାଦକ ତ୍ରିନାଥ ମଲ୍ଲିକ, ଉପସଭାପତି କାଲାମ୍ ଖାଁ, ଜିଲ୍ଲା ପ୍ରାଥମିକ ଶିକ୍ଷକ ସଂଘର କୋଷାଧ୍ୟକ୍ଷ ଗିରିଧାରୀ ଚାନ୍ଦ ଉପସ୍ଥିତ ଥିଲେ। ସ୍ୱତନ୍ତ୍ର ଅତିଥି ଭାବେ ତିହିଡ଼ି ବ୍ଲକ୍‌ର ପ୍ରାକ୍ତନ ମଣ୍ଡଳ ଅଧିକାରୀ ମଧୁସୂଦନ ଷେଣ୍ଡି, ତିହିଡ଼ି ବ୍ଲକ୍ ପ୍ରାକ୍ତନ ଏବିଇଓ ଦାମୋଦର ଜେନା, ଅବସରପ୍ରାପ୍ତ ଶିକ୍ଷକ ବସନ୍ତ ସାହୁ, ବସନ୍ତ ବଳ, ଭାସ୍କର ଚନ୍ଦ୍ର ଜେନା, ମାନଗୋବିନ୍ଦ ଦାସ ଆମନ୍ତ୍ରିତ ଅତିଥି ଭାବେ ଯୋଗଦେଇଥିଲେ। ଦୀନବନ୍ଧୁ ନାୟକ ସ୍ମୃତି ସଂସଦ ତରଫରୁ ଛାତ୍ରଛାତ୍ରୀମାନଙ୍କୁ ପୁରସ୍କୃତ କରାଯାଇଥିଲା ଏବଂ ସମ୍ବର୍ଦ୍ଧିତ ପ୍ରତିଭାଙ୍କୁ ମାନପତ୍ର, ଉତ୍ତରୀୟ ଓ ଉପଢୌକନ ପ୍ରଦାନ କରାଯାଇଥିଲା।

## ଧର୍ମପରାୟଣ ମହିଳାଙ୍କ ଶ୍ରଦ୍ଧାଞ୍ଜଳି ସଭା




ଭଦ୍ରକ,୯।୭(ସମିସ): ଭଦ୍ରକ ଜିଲ୍ଲା ଏନ୍‌ଏସି ଅଧୀନ ଶାସ୍ତ୍ରୀନଗରର ଶାନ୍ତିଲତା ସାହୁଙ୍କ ଏକାଦଶାହ ଅବସରରେ ଏକ ଶ୍ରଦ୍ଧାଞ୍ଜଳି ସଭା ସ୍ଥାନୀୟ ବିଜୁ ସ୍ମୃତି ଭବନ ପରିସରରେ ଶିକ୍ଷାବିତ୍ ଅମୂଲ୍ୟ କୁମାର ରାଉତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସାହିତ୍ୟିକ ପ୍ରଫୁଲ୍ଲ କୁମାର ଦାସ, ଶିକ୍ଷକ ଚିତ୍ତରଞ୍ଜନ ସାହୁ, ଅଧ୍ୟାପକ ବିବେକାନନ୍ଦ ସାହୁ, ସମାଜସେବୀ ଅଜୟ କୁମାର ସାହୁ, ବୃନ୍ଦାବନ ସାହୁ, ସୀତାକାନ୍ତ ସାହୁ ପ୍ରମୁଖ ଯୋଗଦେଇ ଶାନ୍ତିଲତା ଦେବୀଙ୍କ କର୍ମମୟ ଜୀବନ, ଧାର୍ମିକ ଆଚରଣ ଓ ସଂସ୍କାରବାଦୀ ଚିନ୍ତନ ସମ୍ପର୍କରେ ଆଲୋଚନା କରିଥିଲେ। ଏହି ଅବସରରେ ଶ୍ୟାମସୁନ୍ଦର ସଙ୍ଗମ ପକ୍ଷରୁ ଶୋକ ସନ୍ଧ୍ୟା ଭଜନ ପରିବେଷଣ କରାଯାଇଥିଲା। ଶେଷରେ ତାଙ୍କ ସୁପୁତ୍ର ସୁଶୀଲ କୁମାର ସାହୁ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

## ଦୀର୍ଘ ବର୍ଷ ପରେ ନିଯୁକ୍ତ ହେଲେ ପ୍ରଧାନଶିକ୍ଷକ

ବାସୁଦେବପୁର,୯।୭(ସମିସ): ବାସୁଦେବପୁର ଅଞ୍ଚଳର ପ୍ରତିଷ୍ଠିତ ଶିକ୍ଷାନୁଷ୍ଠାନ ଅଟଳ ବିହାରୀ ହାଇସ୍କୁଲର ଦୀର୍ଘ ବର୍ଷ ପରେ ଏକ ପ୍ରଧାନ ଶିକ୍ଷକ ଭାବେ ନୀଳମଣି ବେହେରାଙ୍କୁ ନିଯୁକ୍ତି ଦିଆଯାଇଛି।



ବାସୁଦେବପୁର ଅଟଳ ବିହାରୀ ହାଇସ୍କୁଲ ଭଦ୍ରକ ଜିଲ୍ଲାର ସର୍ବପୁରାତନ ଶିକ୍ଷାନୁଷ୍ଠାନ ଅଟେ। ବିଦ୍ୟାଳୟର ଶିକ୍ଷାଦାନ ଓ ଶୈକ୍ଷିକ ପରିବେଶ ଦିନେ ଛାତ୍ରକୁ ସର୍ବଭାରତୀୟ ପ୍ରଶାସନିକ ସେବାରେ ଟପ୍ପର ହେବାର ସୌଭାଗ୍ୟ ଆଣି ଦେଇଥିଲା। ନୂତନ ପ୍ରଧାନଶିକ୍ଷକ ନୀଳମଣି ବେହେରା ପୂର୍ବରୁ ବାରାପୁର ହାଇସ୍କୁଲରେ ଦୀର୍ଘ ଦିନ ଧରି ଶିକ୍ଷକତା କରୁଥିଲେ। ତାଙ୍କର ପଦୋନ୍ନତି ହେବାରୁ ଅଟଳ ବିହାରୀ ହାଇସ୍କୁଲରେ ପ୍ରଧାନଶିକ୍ଷକ ଭାବେ କାର୍ଯ୍ୟରେ ଯୋଗଦେଇଛନ୍ତି। ସେ ଜଣେ ଛାତ୍ରବତ୍ସଳ ଶିକ୍ଷକ ହୋଇଥିବାରୁ ଗତ କିଛିବର୍ଷ ଧରି ହଜିଯାଇଥିବା ଶୈକ୍ଷିକ ପରିବେଶ ଓ ଶିକ୍ଷାଦାନ ବ୍ୟବସ୍ଥାର ପରିବର୍ତ୍ତନ ଆଣି ହାଇସ୍କୁଲର ପୂର୍ବ ଗୌରବ ଫେରାଇ ଆଣିବାକୁ ଚେଷ୍ଟା କରିବେ ବୋଲି କହିଛନ୍ତି। ନୂତନ ପ୍ରଧାନଶିକ୍ଷକଙ୍କ ଯୋଗଦାନ ପରେ ଶିକ୍ଷକଶିକ୍ଷୟିତ୍ରୀ ଓ କର୍ମଚାରୀଙ୍କ ପକ୍ଷରୁ ପୁଷ୍ପଗୁଚ୍ଛ ପ୍ରଦାନ କରି ସ୍ୱାଗତ କରାଯାଇଛି।

### ଧାମନଗର ତହସିଲ କାର୍ଯ୍ୟାଳୟରେ ନକ୍ସା ଅଙ୍କନକାରୀଙ୍କ ଅଭାବ

# ନୂତନ ରାଜସ୍ୱ ଗ୍ରାମର ସୀମା ନିର୍ଦ୍ଧାରଣରେ ବାଧା; ଲୋକେ ହନ୍ତସନ୍ତ

ଧାମନଗର,୯।୭(ସମିସ):

ଧାମନଗର ତହସିଲ୍ କାର୍ଯ୍ୟାଳୟରେ ନକ୍ସା ଅଙ୍କନକାରୀଙ୍କ ଅଭାବରୁ ନୂତନ ରାଜସ୍ୱ ଗ୍ରାମର ସୀମା ନିର୍ଦ୍ଧାରଣରେ ବାଧା ସୃଷ୍ଟି ହେବାରୁ ସାଧାରଣ ଲୋକେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଧାମନଗର ବ୍ଲକ୍, ଏନ୍‌ଏସି ଏବଂ ତହସିଲ୍ ଅନ୍ତର୍ଗତ ବିଭିନ୍ନ ରାଜସ୍ୱ ଗ୍ରାମରେ ଜନସଂଖ୍ୟା, ନୂଆ ଖାତାଦାର ଓ କିସମ ପରିବର୍ତ୍ତନ ବୃଦ୍ଧି ହେତୁ ନୂତନ ରାଜସ୍ୱ ଗ୍ରାମର ସୀମା ନିର୍ଦ୍ଧାରଣ (ବିସିପି) କାର୍ଯ୍ୟ କରାଯିବାକୁ ବିଭାଗ ପକ୍ଷରୁ ନିଷ୍ପତ୍ତି ହୋଇଥିଲା। ଧାମନଗର ତହସିଲ୍ ଅଞ୍ଚଳର ୭ରୁ ଅଧିକ ରାଜସ୍ୱ ଗ୍ରାମକୁ ନୂତନ ରାଜସ୍ୱ ଗ୍ରାମ ସୀମା ନିର୍ଦ୍ଧାରଣ ପ୍ରକ୍ରିୟା (ବିସିପି) ପାଇଁ ୨୦୦୦ ମସିହାରେ ସରକାରଙ୍କ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ଦୀର୍ଘ ୧୨ ବର୍ଷ ପରେ ଅର୍ଥାତ୍ ୨୦୧୨ ମସିହାରେ ଏହି କାର୍ଯ୍ୟର ପ୍ରକ୍ରିୟା ଧାମନଗର ତହସିଲ୍ ଅଞ୍ଚଳରେ ଲାଗୁ ହେଲା। ୨୦୧୨ରେ ତତ୍କାଳୀନ ଅତିରିକ୍ତ ଜିଲ୍ଲାପାଳ ୭ରୁ ଅଧିକ ରାଜସ୍ୱ ଗ୍ରାମରେ କେତେକ




କାର୍ଯ୍ୟ ପ୍ରତି ପ୍ରତିବନ୍ଧକ ଲଗାଇବାକୁ ମୌଖିକ ନିର୍ଦ୍ଦେଶ ଦେଇଥିଲେ। ଯାହା ଫଳରେ ଆଜକୁ ଦୀର୍ଘ ୧୧ ବର୍ଷ ଧରି ଏହି ସବୁ ରାଜସ୍ୱ ଗ୍ରାମର ପାଖାପାଖି ୨୬ ହଜାରରୁ ଅଧିକ ଲୋକ ବିଭିନ୍ନ ସରକାରୀ ପ୍ରମାଣପତ୍ର, ଜମିଜମା କାଗଜାତ ଏବଂ ଝିଅ ବାହାଘର କରିବା ପାଇଁ କିଣିବା ଓ ବିକ୍ରି ପାଇଁ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି।

ସୀମା ନିର୍ଦ୍ଧାରଣ ପ୍ରକ୍ରିୟା ସଂଖ୍ୟା ବଢ଼ି ଧାମନଗର ତହସିଲ୍‌ର ୯ ରାଜସ୍ୱ ସର୍କଲ ରାଧାବଲ୍ଲଭପୁର, ରଇପୁର, ଦେଉଳିଡିହ, ସରପୁର, ଧାମନଗର, ଅସୁରାଳି, ସହିଦନଗର, ସୋଧ, କୋଠାର ଅନ୍ତର୍ଗତ ୧୧ ରାଜସ୍ୱ ଗ୍ରାମ ପଳିକିରୀ, ମୋଉଦପୁର, ଦେଉଳିଡିହି, ଧୂଷୁରୀ, ସରପୁର, ଜୟନଗର, ଧର୍ମାଗତପୁର, ଶ୍ରୀଗଙ୍ଗା, ଗୌଡ଼ବିଶି, ନୂଆପଡ଼ା, କାକୁଡ଼ିଗଡ଼ିଆ, ବୟାଙ୍ଗଡିହିରୁ ୧୪ ନୂଆ ହାମ୍‌ଲେଟ ଭିଲେଜ ଯଥା- ବାଇଦିପୁର, ଜଗନ୍ନାଥବାଡ଼ି, ବନ୍ଧସାହି, ଜଗନ୍ନାଥ ସାହି, ଲେଙ୍କା ସାହି, କାଙ୍କରା, ମୁନ୍‌ସିପାଟଣା, କେଳାଙ୍ଗ ଶାସନ, ଶ୍ୟାମଚାନ୍ଦ ପାଟଣା, ବେଲମଳା, ଗୋବିନ୍ଦାଗଡ଼ିଆ, ଉଚ୍ଚପଦା, ଆମ୍ବିଳିଗାଁ, ଭଉରିଆଁବାଙ୍କ ଇତ୍ୟାଦି ଗଠନ ପାଇଁ ସିଦ୍ଧାନ୍ତ ନିଆଯାଇଥିଲା। ଏହି ଆଦେଶ ଯୋଗୁଁ ଉକ୍ତ ୧୧ଟି ମୂଳ ରାଜସ୍ୱ ମୌଜାର ଲୋକମାନେ ନାମଜାରୀ କରି ନ ପାରିବା, କିସମ ପରିବର୍ତ୍ତନ କରି ନ ପାରିବା, କବଲାମୂଳେ ଦଲିଲ କରି ନ ପାରିବା, ସମ୍ପତ୍ତି ବିଭାଗ ବଣ୍ଟନ କରି ନ ପାରିବା ଆଦି ସମସ୍ୟାର ସମ୍ମୁଖୀନ ହେଉଥିବାବେଳେ ବିଭାଗୀୟ କର୍ତ୍ତୃପକ୍ଷ କୁମ୍ଭକର୍ଣ୍ଣ ନିଦ୍ରାରେ ଥିବାରୁ ଲୋକଙ୍କ ମନରେ ଅସନ୍ତୋଷ ବୃଦ୍ଧି ପାଉଥିବା ଦେଖିବାକୁ ମିଳିଥିଲା। ତେବେ ୨୦୨୨ ମାର୍ଚ୍ଚ ୧୫ ତାରିଖରେ ତତ୍କାଳୀନ କେନ୍ଦ୍ରାଞ୍ଚଳ ରାଜସ୍ୱ ଆୟୁକ୍ତ ଡ. ସୁରେଶ ଚନ୍ଦ୍ର ଦଳାଇ ଓ ଜିଲ୍ଲାପାଳ ତ୍ରିଲୋଚନ ମାଝୀ ତହସିଲ୍‌କୁ ପାସ୍‌ବୁକ୍ ଘୋଟାଲା ସମ୍ପର୍କିତ ଆର୍ଥିକ ତଦନ୍ତ ପାଇଁ ଆସିଥିବା ସମୟରେ ଏହି ଅସୁବିଧା ସମ୍ପର୍କରେ ବରିଷ୍ଠ ସାମ୍ବାଦିକ ସୁଧାକର ଦାଶ ଅବଗତ କରାଇଥିଲେ। ଆରଡିସିଙ୍କ ପ୍ରତିଶ୍ରୁତି ପରେ ତତ୍ପର ହୋଇଉଠିଥିଲା ରାଜସ୍ୱ ବିଭାଗ। ଏହି ବିସିପି ବା ନୂତନ ରାଜସ୍ୱ ଗ୍ରାମ ସୀମା ନିର୍ଦ୍ଧାରଣ କାର୍ଯ୍ୟ ପାଇଁ ଧାମନଗର ତହସିଲ୍‌କୁ ୩ ଜଣ ଅବସରପ୍ରାପ୍ତ ଓ ୩ ଜଣ କାର୍ଯ୍ୟରତ ଏପରି ମୋଟ ୬ ଜଣ କର୍ମଚାରୀ ଯୋଗାଇ ଦିଆଯାଇଥିଲା। ତେବେ ୭ଟି ରାଜସ୍ୱ ଗ୍ରାମର କାର୍ଯ୍ୟ ଶେଷ ପର୍ଯ୍ୟାୟରେ ଥିବାବେଳେ ୭ଟିରେ ପ୍ରୋସେସିଂ ଚାଲିଛି। ଅନ୍ୟ ୧୧ଟି ରାଜସ୍ୱ ଗ୍ରାମର କାର୍ଯ୍ୟ ଏଯାବତ୍ ଆରମ୍ଭ ହୋଇନାହିଁ। ନୂତନ ରାଜସ୍ୱ ଗ୍ରାମର ନକ୍ସା ପାଇଁ ଆବଶ୍ୟକ କର୍ମଚାରୀ ଏବଂ ଅଙ୍କନକାରୀ (ଡ୍ରାଫ୍ଟସ୍‌ମ୍ୟାନ୍) ନ ଥିବାରୁ ସୀମା ନିର୍ଦ୍ଧାରଣ ପ୍ରକ୍ରିୟା ହୋଇପାରୁ ନାହିଁ ବୋଲି ସୂଚନା ମିଳିଛି। ଜନସାଧାରଣଙ୍କ ଅସୁବିଧାକୁ ଦୃଷ୍ଟିରେ ରଖି ଧାମନଗର ବିଧାୟକ ତଥା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, ବିଭାଗୀୟ ସଚିବ ଏବଂ ଜିଲ୍ଲାପାଳ ଏଥିପ୍ରତି ଦୃଷ୍ଟି ଦେବାକୁ ବୁଦ୍ଧିଜୀବୀ ମହଲରେ ଦାବି ହେଉଛି।

## ଯୋଗ ଶିକ୍ଷକ ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ

ବନ୍ତ/ଆଗରପଡ଼ା,୯।୭(ସମିସ): ବନ୍ତ ବ୍ଲକ୍ ଆଗରପଡ଼ାରେ ୨୫ ଦିନ ଧରି ଜାରି ରହିଥିବା ଯୋଗ ପ୍ରଶିକ୍ଷଣ ଶିବିରର ସମାପନ ହୋଇଯାଇଛି। ଏହି ଶିବିରଟି ଜୁନ୍ ୧୫ରୁ ଆରମ୍ଭ ହୋଇ ଜୁଲାଇ ୯ ପର୍ଯ୍ୟନ୍ତ ନିରନ୍ତର ଭାବେ ଜାରି ରହିଥିଲା। ଭଦ୍ରକ ଜିଲ୍ଲା ଭାରତ ସ୍ୱାଭିମାନ ସଂଯୋଜକ ଧରଣୀଧର କରଙ୍କ ସଂଯୋଜନାରେ ଆଗରପଡ଼ା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପରିସରରେ ପତଞ୍ଜଳି ଯୋଗ ସମିତି ତରଫରୁ ଯୋଗ ଶିକ୍ଷକ ପ୍ରଶିକ୍ଷଣ ଶିବିର ଆୟୋଜନ କରାଯାଇଥିଲା। ଆଗାମୀ ଦିନରେ ଗାଁ ଗାଁରେ ଯୋଗ ଶିକ୍ଷା ଦେବା ସହିତ ସଂସ୍କାରବାନ ଭାରତ ଓ ବିଶ୍ୱଗୁରୁ ଭାରତ ନିର୍ମାଣ ପତଞ୍ଜଳି ଯୋଗ ପୀଠର ସଂସ୍ଥାପକ ସ୍ୱାମୀ ରାମଦେବଙ୍କର ଲକ୍ଷ୍ୟ ରହିଛି। ସେଥିପାଇଁ ଦେଶର ପ୍ରତ୍ୟେକ ଜିଲ୍ଲା ଓ ବ୍ଲକ୍‌ରେ ଏହି ପ୍ରଶିକ୍ଷଣ ଶିବିର ଆୟୋଜନ



କରାଯାଉଛି। ଆଗରପଡ଼ାଠାରେ ଅନୁଷ୍ଠିତ ଶିବିରକୁ ଥାନା ଅଧିକାରୀ ରାଜେଶ କୁମାର ସେଠୀ ଉଦ୍‌ଘାଟନ କରିଥିଲେ। ସମାପନ ଦିବସରେ ଅତିଥି ଭାବେ ରାଜ୍ୟ ପତଞ୍ଜଳି ଯୋଗ ସମିତିର କିଷାନ୍ ପ୍ରଭାରୀ ସ୍ୱୟଂପ୍ରକାଶ ଦ୍ୟୁତକ ରଞ୍ଜନ ମହାପାତ୍ର, ବରିଷ୍ଠ ନାଗରିକ ସଂଘର ସଭାପତି କୈଳାସ ଧଳ, ସାମ୍ବାଦିକ ସୁଶାନ୍ତ ଦାସ, ସ୍ୱୟଂସେବକ ରାଜୀବ ଲୋଚନ ରାୟ, ଅଶୋକ ପରିଡ଼ା ପ୍ରମୁଖ ମଞ୍ଚାସିନ ଥିଲେ। ଜିଲ୍ଲା ଭାରତ ସ୍ୱାଭିମାନ ସଂଯୋଜକ ତଥା ଯୋଗ ଗୁରୁ ଧରଣୀଧର କର, ରାଜ୍ୟ କାର୍ଯ୍ୟାଳୟ ପ୍ରଭାରୀ ସୂର୍ଯ୍ୟକାନ୍ତ ମହାନ୍ତି, ଜିଲ୍ଲା ମହିଳା ପ୍ରଭାରୀ ଅର୍ପିତା ମହାନ୍ତି, ସହ ମହିଳା ପ୍ରଭାରୀ ସସ୍ମିତା ଦାସ, ଯୋଗ ପ୍ରଚାରକ ସଞ୍ଜୟ ନାୟକ, ଜିଲ୍ଲା କିଷାନ୍ ପ୍ରଭାରୀ ସଞ୍ଜୀବ ନାୟକ, ତହସିଲ୍ ପ୍ରଭାରୀ କାଳନ୍ଦୀ ପାତ୍ର, ପର୍ଶୁରାମ ପୁହାଣ, ମଳୟ ରାଉଳ, ଆରତୀ ପାଣଗ୍ରାହୀ, ଆଶାରାଣୀ ମୁଦୁଲି, ବରିଷ୍ଠ ଯୋଗ ଶିକ୍ଷକ ବୃନ୍ଦାବନ ବେହେରା, ସଞ୍ଜୟ ପାଣିଗ୍ରାହୀ, ସଞ୍ଜୟ ନାୟକ ପ୍ରମୁଖ ଯୋଗ ଶିକ୍ଷା ପ୍ରଦାନ କରିଥିଲେ। ରାଜ୍ୟ ଭାରତ ସ୍ୱାଭିମାନ ସଂଯୋଜକ ସୁଧାଂଶୁ ଶେଖର ଅଧିକାରୀ, ସହ ପ୍ରଭାରୀ ଅକ୍ରୁର ମାର୍ଥା, ରାଜ୍ୟ ଯୋଗ ସମିତି ପ୍ରଭାରୀ ରାଧାମାଧବ ବୈଧର, ଯୁବ ପ୍ରଭାରୀ ଅମୃତାଂଶୁ ପ୍ରଧାନ ପ୍ରମୁଖ ଅନ୍‌ଲାଇନ୍ କ୍ଲାସ୍‌ରେ ଯୋଗ ଦର୍ଶନ, ଶରୀର ବିଜ୍ଞାନ, ଆୟୁର୍ବେଦ, ସ୍ୱଦେଶୀ, ଗୀତ ଜ୍ଞାନ ଓ ଜୀବନ ଦର୍ଶନ ବିଷୟରେ ଶିକ୍ଷା ପ୍ରଦାନ କରିଥିଲେ। ଉକ୍ତ ଶିବିରକୁ ଜିଲ୍ଲା ସାମାଜିକ ଗଣମାଧ୍ୟମ ପ୍ରଭାରୀ ଶ୍ରୀବତ୍ସ କର, ଗଦାଧର ଦାସ, ପ୍ରଭାସ ରାଉତ୍, ଚନ୍ଦ୍ରଶେଖର କର, ପ୍ରଜ୍ଞାବାନ୍ କୁଣ୍ଡୁ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

### ● ପ୍ରଶାସନିକ ଅବହେଳା ଓ ରାଜନୈତିକ ଇଚ୍ଛାଶକ୍ତିର ଅଭାବ

## ଅସ୍ତିତ୍ୱ ହରାଉଛି 'ଗୋବିନ୍ଦଜିଉ ସଂସ୍କୃତ ବିଦ୍ୟାଳୟ'

ଅସୁରାଳି,୯।୭(ସମିସ): ପ୍ରଶାସନିକ ଉଦାସିନତା ଓ ଦୃଢ଼ ରାଜନୈତିକ ଇଚ୍ଛାଶକ୍ତିର ଅଭାବ ଯୋଗୁଁ ଧାମନଗର ବ୍ଲକ୍‌ର ଏକ ପ୍ରାଚୀନ ତଥା ଗୌରବମୟ ଶିକ୍ଷାନୁଷ୍ଠାନ ଏବେ ନିଜର ଅସ୍ତିତ୍ୱ ହରାଇବାକୁ ବସିଛି। ଧୂଷୁରୀ ଅଞ୍ଚଳରେ ୧୯୩୪ ମସିହାରୁ ସ୍ଥାପିତ ହୋଇଥିବା ପ୍ରସିଦ୍ଧ "ଗୋବିନ୍ଦଜିଉ ସଂସ୍କୃତ ବିଦ୍ୟାଳୟ' ଦୀର୍ଘ ଦିନ



ହେବ ବ୍ୟାପକ ଅବ୍ୟବସ୍ଥା ଓ ଅବହେଳାର ଅନ୍ଧକାର ମଧ୍ୟରେ ଗତି କରୁଛି। ଯେଉଁ ଅନୁଷ୍ଠାନ ଦିନେ ଅଞ୍ଚଳରେ ସଂସ୍କୃତ ଶିକ୍ଷାର ପ୍ରସାର ପାଇଁ ଆଲୋକବର୍ତ୍ତିକା ସଦୃଶ ଥିଲା, ତାହା ଆଜି ସରକାରୀ ସହାୟତା ପାଇବାରୁ ବଞ୍ଚିତ ହୋଇ ଦୁରବସ୍ଥାର ଚରମ ସୀମାରେ ପହଞ୍ଚିଛି।

ପ୍ରମୁଖ ସମସ୍ୟା ଓ ଅଭାବ ମଧ୍ୟରେ ବିଦ୍ୟାଳୟରେ ଶିକ୍ଷାଦାନ ପାଇଁ ଅନ୍ୟୁନ ୭ ଜଣ ଶିକ୍ଷକଙ୍କ ଆବଶ୍ୟକତା ଥିବାବେଳେ ଏବେ ମାତ୍ର ୨ ଜଣ ଶିକ୍ଷକଙ୍କ ଭରସାରେ ସମଗ୍ର ପାଠପଢ଼ା ଚାଲିଛି। ଅବ୍ୟବସ୍ଥାର ସୀମା ବଢ଼ି ଚାଲିଥିବାରୁ ଏବେ ଏହି ପୁରାତନ ଅନୁଷ୍ଠାନରେ ମାତ୍ର ୨୫ ଜଣ ଛାତ୍ରଛାତ୍ରୀ ଅଧ୍ୟୟନ କରୁଛନ୍ତି। ବିଦ୍ୟାଳୟ ପରିସରରେ ନା ଅଛି ପାନୀୟ ଜଳର ସୁବିଧା, ନା ଅଛି ଶୌଚାଳୟ। ଏପରିକି ବାଳିକାମାନଙ୍କ ପାଇଁ ସ୍ୱତନ୍ତ୍ର ପ୍ରକୋଷ୍ଠର କୌଣସି ବ୍ୟବସ୍ଥା ନାହିଁ। ସରକାରୀ ନିୟମ ଅନୁଯାୟୀ, ମିଳୁଥିବା ମାଗଣା ପୋଷାକ (ୟୁନିଫର୍ମ) ଏବଂ ପାଠ୍ୟପୁସ୍ତକ ମଧ୍ୟ ଏହି ବିଦ୍ୟାଳୟର ପିଲାମାନଙ୍କୁ ଉପଲବ୍ଧ କରାଯାଉନାହିଁ। ଅତ୍ୟନ୍ତ ପରିତାପର ବିଷୟ ଯେ, ଏଭଳି ପ୍ରତିକୂଳ ପରିସ୍ଥିତିରେ ମଧ୍ୟ କାର୍ଯ୍ୟରତ ଶିକ୍ଷକମାନେ ବିଦ୍ୟାଳୟକୁ ବଞ୍ଚାଇ ରଖିବା ପାଇଁ ନିଜ ପକେଟରୁ ଅର୍ଥ ଖର୍ଚ୍ଚ କରି ବିକାଶମୂଳକ କାର୍ଯ୍ୟ କରୁଛନ୍ତି। ଶିକ୍ଷକମାନଙ୍କର ଏହି ନିଃସ୍ୱାର୍ଥପର ତ୍ୟାଗ ସତ୍ତ୍ୱେ ପ୍ରଶାସନ ପକ୍ଷରୁ କୌଣସି ଆନ୍ତରିକତା କିମ୍ବା ସହଯୋଗ ମିଳୁ ନ ଥିବାରୁ ଏହି ଅନୁଷ୍ଠାନର ଭବିଷ୍ୟତ ଏବେ ସମ୍ପୂର୍ଣ୍ଣ ଅନିଶ୍ଚିତତା ମଧ୍ୟକୁ ଠେଲି ହୋଇଯାଇଛି। ଗୋବିନ୍ଦଜିଉ ସଂସ୍କୃତ ବିଦ୍ୟାଳୟର ଏହି ଶୋଚନୀୟ ସ୍ଥିତି କେବଳ ଏକ ଆଞ୍ଚଳିକ ସମସ୍ୟା ନୁହେଁ, ବରଂ ଏହା ସମଗ୍ର ଧାମନଗର ବ୍ଲକ୍‌ର ବିପର୍ଯ୍ୟସ୍ତ ଓ ପଙ୍ଗୁ ଶିକ୍ଷା ପ୍ରଣାଳୀ ଉପରେ ଏକ ବଡ଼ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଏହି ସମସ୍ୟାର ତୁରନ୍ତ ସମାଧାନ କରି ଐତିହାସିକ ଶିକ୍ଷାନୁଷ୍ଠାନର ପୁନରୁଦ୍ଧାର ସହ ଶିକ୍ଷକ ପଦ ପୂରଣ ଏବଂ ମୌଳିକ ସୁବିଧା ଯୋଗାଇଦେବାକୁ ସ୍ଥାନୀୟ ଅଧିବାସୀ ଓ ଅଭିଭାବକ ମହଲରେ ଦୃଢ଼ ଦାବି ହୋଇଛି।

## ଧାମନଗର ମହାବିଦ୍ୟାଳୟରେ ଏବିଭିପିର ପ୍ରତିଷ୍ଠା ଦିବସ

ଦୋବଲ,୯।୭(ସମିସ): ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ(ଏବିଭିପି)ର ୭୮ତମ ପ୍ରତିଷ୍ଠା ଦିବସ ଅବସରରେ ଗୁରୁବାର ଧାମନଗର ଶାଖା ପକ୍ଷରୁ ଧାମନଗର ମହାବିଦ୍ୟାଳୟ ପରିସରରେ ଏକ ଉତ୍ସାହପୂର୍ଣ୍ଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ଛାତ୍ର ସମାଜର ଭୂମିକା, ସଂଗଠନର ଆଦର୍ଶ, ଜାତୀୟ ଚେତନା ଓ ରାଷ୍ଟ୍ର ନିର୍ମାଣରେ ଯୁବଶକ୍ତିର ଅବଦାନ ସମ୍ପର୍କରେ ବକ୍ତାମାନେ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମରେ ବାଲେଶ୍ୱର ବିଭାଗ ସଂଯୋଜକ ଜ୍ୟୋତି ପ୍ରକାଶ ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏବିଭିପିର ପତାକା ଉତ୍ତୋଳନ କରିବା ସହ ସଂଗଠନର ପୋଷ୍ଟର ଜଏନ୍ ଏବିଭିପି ଉନ୍ମୋଚନ କରିଥିଲେ। ସେ ଛାତ୍ରଛାତ୍ରୀଙ୍କୁ ଶିକ୍ଷା ସହ ସାମାଜିକ ଓ ଜାତୀୟ ଦାୟିତ୍ୱ ପ୍ରତି ସଚେତନ ହୋଇ ସମାଜ ଗଠନରେ ସକ୍ରିୟ ଭୂମିକା ନେବାକୁ ଆହ୍ୱାନ ଜଣାଇଥିଲେ। ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ହିମାଂଶୁ ମହାରଣା ଏବିଭିପିର ଆଦର୍ଶ, କାର୍ଯ୍ୟଧାରା ଓ ଛାତ୍ର କଲ୍ୟାଣମୂଳକ କାର୍ଯ୍ୟକ୍ରମ ସମ୍ପର୍କରେ ବିସ୍ତୃତ ମତ ରଖିଥିଲେ। ନଗର ସମ୍ପାଦକ ସାରଥି ପ୍ରସାଦ ସାହୁଙ୍କ ସମେତ ମହାବିଦ୍ୟାଳୟର ବହୁ ଛାତ୍ରଛାତ୍ରୀ କାର୍ଯ୍ୟକ୍ରମରେ ଉପସ୍ଥିତ ରହି ପ୍ରତିଷ୍ଠା ଦିବସ ପାଳନ କରିଥିଲେ।

## ବସ୍‌ଷ୍ଟାଣ୍ଡରେ ବିପଦପୂର୍ଣ୍ଣ ଟ୍ରାନ୍ସଫର୍ମର

ବାରିକପୁର,୯।୭(ସମିସ): ଭଣ୍ଡାରିପୋଖରୀ ବିଦ୍ୟୁତ୍ କାର୍ଯ୍ୟାଳୟଠାରୁ ମାତ୍ର ୧୦୦ ମିଟର ଦୂର ବସ୍‌ଷ୍ଟାଣ୍ଡଠାରେ ଅତି ବିପଦସଂକୁଳ ଭାବେ ଖୋଲାମେଲାରେ ପଡ଼ି ରହିଛି ଟ୍ରାନ୍ସଫର୍ମର। ଉକ୍ତ ଟ୍ରାନ୍ସଫର୍ମରଟିରୁ ଆଖପାଖ ଉପଭୋକ୍ତାଙ୍କୁ ବିଦ୍ୟୁତ୍ ବିତରଣ କରାଯାଉଥିବା ବେଳେ ଦୀର୍ଘ ବର୍ଷ ହେବ ଏହାର ଚତୁଃପାର୍ଶ୍ୱରେ



ସୁରକ୍ଷା ପ୍ରାଚୀର ନିର୍ମାଣ ହୋଇନାହିଁ। ଉକ୍ତ ଖୋଲା ବିଦ୍ୟୁତ୍ ଟ୍ରାନ୍ସଫର୍ମର ପାଇଁ କେତେବେଳେ ଯେ ଦୁର୍ଘଟଣା ଘଟିବ କହିବା ମୁସ୍କିଲ୍। ରାଜପଥ ପାର୍ଶ୍ୱରେ ଟ୍ରାନ୍ସଫର୍ମର ବସିଥିବାବେଳେ ଦୈନିକ ଶହଶହ ଲୋକ ଉକ୍ତ ସଂଲଗ୍ନ ସ୍ଥାନରେ ଚଳପ୍ରଚଳ କରୁଛନ୍ତି। ବିଶେଷ କରି ବାଲେଶ୍ୱର, ଭଦ୍ରକରୁ କଟକ, ଭୁବନେଶ୍ୱର ଯାଉଥିବା ଲାଇନ୍ ବସ୍‌ଗୁଡ଼ିକ ଏଠାରେ ରହୁଥିବାବେଳେ ଯାତ୍ରୀମାନେ ବିପଦପୂର୍ଣ୍ଣ ଟ୍ରାନ୍ସଫର୍ମର ପାର୍ଶ୍ୱ ଦେଇ ଦୈନିକ ଯାତାୟାତ କରିଥା'ନ୍ତି। ସ୍କୁଲ ଛାତ୍ରଛାତ୍ରୀ ଓ ସ୍ଥାନୀୟ ବ୍ୟବସାୟୀମାନଙ୍କ ପାଇଁ ଟ୍ରାନ୍ସଫର୍ମର ପାର୍ଶ୍ୱ ଦୈନିକ ଯିବାଆସିବାର ପଥ ଅଟେ। ଟାଟା କମ୍ପାନୀ ବିଦ୍ୟୁତ୍ ବିତରଣ ଦିଗରେ ସର୍ବପ୍ରଥମେ ସୁରକ୍ଷା ଜରୁରୀ ଅଟେ ବୋଲି ପ୍ରଚାର କରୁଥିବାବେଳେ ଜନଗହଳିପୂର୍ଣ୍ଣ ସ୍ଥାନ ତଥା ଖୋଦ୍ ବିଦ୍ୟୁତ୍ କାର୍ଯ୍ୟାଳୟ ନିକଟରେ ବିପଦସଂକୁଳ ଟ୍ରାନ୍ସଫର୍ମରଟିକୁ କାହିଁକି ସୁରକ୍ଷା ବାଡ଼ ଦିଆଯାଉନାହିଁ ତାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

## ଦୃଢ଼ କାର୍ଯ୍ୟାନୁଷ୍ଠାନ ପାଇଁ ଜିଲ୍ଲାପାଳଙ୍କୁ ଦାବିପତ୍ର

ବାରିକପୁର,୯।୭(ସମିସ): ଭଣ୍ଡାରିପୋଖରୀ ବ୍ଲକ୍ ବାଲିପୋଖରୀ ସ୍ଥିତ ଶୁକଦେବ ଜେନା ହାଇସ୍କୁଲର ବିବାଦୀୟ ପ୍ରଧାନଶିକ୍ଷକ ଭଗବାନ ପ୍ରଧାନ ୨ଦିନ ପୂର୍ବରୁ ପୁଲିସ ଦ୍ୱାରା ଗିରଫ ହେବା ପରେ କୋର୍ଟ ଚାଲାଣ ହୋଇଛନ୍ତି। ଜନୈକ ଶିକ୍ଷୟିତ୍ରୀଙ୍କୁ ଅସଦାଚରଣ କରିଥିବା ମାମଲାରେ ଶ୍ରୀ ପ୍ରଧାନଙ୍କୁ ପୁଲିସ ଗିରଫ କରିଥିଲା। ପରେ ଏନେଇ



ଛାତ୍ରଛାତ୍ରୀ, ଅଭିଭାବକ ଓ ଅଭିଭାବିକାମାନେ ପ୍ରଧାନଶିକ୍ଷକଙ୍କ ବିରୋଧରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ପ୍ରଧାନଶିକ୍ଷକ ଜଣକ ବିଭିନ୍ନ ଅନୈତିକ କାର୍ଯ୍ୟରେ ଲିପ୍ତ ରହୁଥିବାବେଳେ ତାଙ୍କୁ ବିଦ୍ୟାଳୟରେ ପୁନର୍ବାର ନିଯୁକ୍ତି ନ ଦେବା ପାଇଁ ଦାବି ହୋଇଥିଲା। ତଦନୁଯାୟୀ ସରପଞ୍ଚ ଅକ୍ଷୟ ତ୍ରିପାଠୀଙ୍କ ନେତୃତ୍ୱରେ ସମସ୍ତ ବିଦ୍ୟାର୍ଥୀ, ବୃଦ୍ଧିଜୀବୀ ଓ ଜନସାଧାରଣ ୫ ଦଫା ଦାବିପତ୍ର ଗୁରୁବାର ଜିଲ୍ଲାପାଳଙ୍କୁ ପ୍ରଦାନ କରିଛନ୍ତି। ଜଣେ ପ୍ରଧାନଶିକ୍ଷକଙ୍କ ଦ୍ୱାରା ବିଦ୍ୟାଳୟଟି ବଦନାମ ହୋଇଥିବାବେଳେ ଅନ୍ୟାନ୍ୟ ବେଆଇନ କାର୍ଯ୍ୟରେ ମଧ୍ୟ ସେ ସଦାସର୍ବଦା ଲିପ୍ତ ରହୁଥିଲେ। ଏପରିକି ବିଦ୍ୟାଳୟ ପରିସରରୁ ଶହଶହ ଗଛ କାଟି ବିକ୍ରି କରିବା, ବିଦ୍ୟାଳୟ ପାଣ୍ଠି ବ୍ୟକ୍ତିଗତ ଖର୍ଚ୍ଚରେ ବିନିଯୋଗ କରିବା, ରିଜୁଲେସନ ଖାତାକୁ ନେଇ ମନମାନୀ କରିବା ସହିତ ସଦାସର୍ବଦା କୁତ୍ସିତ କାର୍ଯ୍ୟରେ ମନୋନିବେଶ ରହୁଥିଲେ। ବିଦ୍ୟାଳୟ ଭଳି ପବିତ୍ର ମନ୍ଦିରକୁ ସେ ଅପବିତ୍ର କରିଛନ୍ତି। ତାଙ୍କୁ ଗିରଫ କରାଯାଇଥିଲେ ସୁଦ୍ଧା ତୁରନ୍ତ ଚାକିରିରୁ ନିଲମ୍ବନ କରିବା ଜରୁରୀ ବୋଲି ଅଭିଯୋଗ ପତ୍ରରେ ଦର୍ଶାଯାଇଛି। ଜନସାଧାରଣମାନେ ବିଦ୍ୟାଳୟରେ ଜଣେ ଦକ୍ଷ ନୂତନ ପ୍ରଧାନଶିକ୍ଷକ ନିଯୁକ୍ତି ପାଇଁ ଜିଲ୍ଲାପାଳଙ୍କୁ ଅନୁରୋଧ କରିଛନ୍ତି। ସେହିଭଳି ବିବାଦୀୟ ପ୍ରଧାନଶିକ୍ଷକ ଜଣକ ନିଲମ୍ବନ ନ ହେବା ଯାଏଁ କେହି ଛାତ୍ରଛାତ୍ରୀ ବିଦ୍ୟାଳୟକୁ ଯିବେ ନାହିଁ ବୋଲି ଜିଲ୍ଲାପାଳଙ୍କୁ ଜଣାଇ ଦିଆଯାଇଛି। ଏହାଛଡ଼ା ଜଣେ ୪ର୍ଥ ଶ୍ରେଣୀ କର୍ମଚାରୀ ପ୍ରଧାନଶିକ୍ଷକଙ୍କ ସମସ୍ତ ବେଆଇନ କାମରେ ସହଯୋଗ କରିଥିବା ହେତୁ ତାଙ୍କୁ ମଧ୍ୟ ବିଦ୍ୟାଳୟରୁ ବଦଳି ପାଇଁ ଦାବି ହୋଇଛି।

### ଜିଲ୍ଲାପାଳଙ୍କ ଆଦେଶକୁ ୭ ମାସ ପୂରିଲା

# ପାଳନ ହେଉନି ଆଞ୍ଚଳିକ ପରିବହନ ଅଧିକାରୀଙ୍କ ନିର୍ଦ୍ଦେଶ

ବନ୍ତ/ଆଗରପଡ଼ା,୯।୭(ସମିସ):

ଜିଲ୍ଲାପାଳଙ୍କ ଆଦେଶକୁ ୭ ମାସ ପୂରିଯାଇଥିବାବେଳେ ଜିଲ୍ଲାପାଳଙ୍କ ଆଦେଶ ଅନୁସାରେ ଆଞ୍ଚଳିକ ପରିବହନ ଅଧିକାରୀ, ଭଦ୍ରକ ଡିଏମ୍, ଓଏସ୍‌ଆର୍‌ଟିସିଙ୍କୁ ବସ୍ ରୁଟ୍‌ରେ ପରିବର୍ତ୍ତନ ପାଇଁ ନିର୍ଦ୍ଦେଶ ଦେଇଥିଲେ ଏବଂ ତାଙ୍କ ନିର୍ଦ୍ଦେଶକୁ ଇତି ମଧ୍ୟରେ ୬ ମାସ ପୂରିସାରିଲାଣି। କିନ୍ତୁ ପାଳନ ହେଉନି ଆଦେଶ ଓ ନିର୍ଦ୍ଦେଶ। ଏହିପରି ଏକ ଦୃଷ୍ଟାନ୍ତ ଦେଖିବାକୁ ମିଳିଛି ବନ୍ତ ବ୍ଲକ୍ ଗୋପିନାଥପୁର ପଞ୍ଚାୟତରେ ଚାଲୁଥିବା 'ମୁଖ୍ୟମନ୍ତ୍ରୀ ବସ୍ ସେବା' କ୍ଷେତ୍ରରେ। ଗତ ଡିସେମ୍ବର ୮ ତାରିଖରେ ବନ୍ତ ବ୍ଲକ୍‌ରେ ଅନୁଷ୍ଠିତ ଜିଲ୍ଲାପାଳଙ୍କ ମିଳିତ ଜନଶୁଣାଣି ଅଭିଯୋଗରେ ଗୋପିନାଥପୁର ପଞ୍ଚାୟତରେ ଚାଲୁଥିବା 'ମୁଖ୍ୟମନ୍ତ୍ରୀ ବସ୍ ସେବା'ର ରୁଟ୍ ସମ୍ପ୍ରସାରଣକୁ ନେଇ ଅଭିଯୋଗ ହୋଇଥିଲା। ଅଭିଯୋଗରେ ଉକ୍ତ ପଞ୍ଚାୟତ ଦେଇ



ଚଳାଚଳ କରୁଥିବା 'ମୁଖ୍ୟମନ୍ତ୍ରୀ ବସ୍ ସେବା' ପଞ୍ଚାୟତର ମାର୍କଣ୍ଡପୁର ଗ୍ରାମ ପର୍ଯ୍ୟନ୍ତ ଯାଉଛି। ଯଦ୍ୱାରା ପଞ୍ଚାୟତର ୬୦ ପ୍ରତିଶତରୁ ଅଧିକ ଅଞ୍ଚଳର ବାସିନ୍ଦା ଉକ୍ତ ବସ୍ ସେବା ପାଇବାରୁ ବଞ୍ଚିତ ହେଉଛନ୍ତି। ବୃଦ୍ଧବୃଦ୍ଧା, ମହିଳା, ପେନ୍‌ସନ୍‌ଭୋଗୀ, ସ୍କୁଲ ଛାତ୍ରଛାତ୍ରୀମାନେ ବିଭିନ୍ନ ସ୍ଥାନକୁ ଯିବାରେ ନାନା ଅସୁବିଧାର ସମ୍ମୁଖୀନ ମଧ୍ୟ ହେଉଛନ୍ତି।

ପୂର୍ତ୍ତ ବିଭାଗ ଦ୍ୱାରା ନିର୍ମିତ ରାସ୍ତାର ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଯାଇଥିବାରୁ ପଞ୍ଚାୟତର ବିଭିନ୍ନ ସ୍ଥାନକୁ 'ମୁଖ୍ୟମନ୍ତ୍ରୀ ବସ୍ ସେବା' ଚଳାଚଳରେ କୌଣସି ଅସୁବିଧା ନ ଥିବାରୁ ବସ୍ ରୁଟ୍‌କୁ ତାଜିପୁର ହନୁମାନ ପୀଠ ପର୍ଯ୍ୟନ୍ତ ସମ୍ପ୍ରସାରଣ କରାଯିବାକୁ ଅନୁରୋଧ କରାଯାଇଥିଲା। ଅଭିଯୋଗକୁ ଗ୍ରହଣ କରି ଜିଲ୍ଲାପାଳ ଆଞ୍ଚଳିକ ପରିବହନ ଅଧିକାରୀ ଭଦ୍ରକ ଓ ଡିଏମ୍, ଓଏସ୍‌ଆର୍‌ଟିସିଙ୍କୁ ଡିସେମ୍ବର ୮ରେ ନିର୍ଦ୍ଦେଶ ଦେଇଥିଲେ। ପରବର୍ତ୍ତୀ ସମୟରେ ଜିଲ୍ଲାପାଳଙ୍କ ଆଦେଶକୁ ପାଳନ ପୂର୍ବକ ଆଞ୍ଚଳିକ ପରିବହନ ଅଧିକାରୀ ତାଙ୍କ କାର୍ଯ୍ୟାଳୟ ପତ୍ର ସଂଖ୍ୟା ୩୩୧୯/୨୯.୧୨.୨୫ରେ ଡିଏମ୍, ଓଏସ୍‌ଆର୍‌ଟିସିଙ୍କୁ ରୁଟ୍ ସମ୍ପ୍ରସାରଣ(ମାର୍କଣ୍ଡପୁରଠାରୁ ତାଜିପୁର ହନୁମାନ ପୀଠ ପର୍ଯ୍ୟନ୍ତ) ପାଇଁ ନିର୍ଦ୍ଦେଶ ଦେଇଥିଲେ। ଜିଲ୍ଲାପାଳଙ୍କ ଆଦେଶକୁ ଇତି ମଧ୍ୟରେ ୭ ମାସ ପୂରିଯାଇଥିବାବେଳେ ଆଞ୍ଚଳିକ ପରିବହନ ଅଧିକାରୀଙ୍କ ନିର୍ଦ୍ଦେଶକୁ ୬ ମାସ ପୂରିଲାଣି କିନ୍ତୁ ନା ଆଦେଶ ନା ନିର୍ଦ୍ଦେଶ କିଛି ବି ପାଳନ ହେଉନି। ଯାହାକି ବିଭାଗୀୟ ଅଧିକାରୀଙ୍କ କାର୍ଯ୍ୟପନ୍ଥା ଉପରେ ଅଙ୍ଗୁଳି ନିର୍ଦ୍ଦେଶ କରୁଛି। ଆଦେଶ କି ନିର୍ଦ୍ଦେଶ କିଛି ବି ପାଳିତ ହେଉ ନ ଥିବାରୁ ପଞ୍ଚାୟତର ୬୦ ଭାଗରୁ ଅଧିକ ଅଞ୍ଚଳର ବାସିନ୍ଦା ଉକ୍ତ ବସ୍ ସେବା ପାଇବାରୁ ବଞ୍ଚିତ ହେଉଛନ୍ତି। ପଞ୍ଚାୟତ କାର୍ଯ୍ୟାଳୟ ନିକଟରେ 'ମୁଖ୍ୟମନ୍ତ୍ରୀ ବସ୍ ସେବା' ନିମନ୍ତେ ନିର୍ମିତ ବସ୍‌ଷ୍ଟାଣ୍ଡ ମୂଲ୍ୟହୀନ ହୋଇପଡ଼ିଛି। ତେଣୁ ଯଥାଶୀଘ୍ର ଜିଲ୍ଲାପାଳଙ୍କ ଆଦେଶ ଓ ଆଞ୍ଚଳିକ ପରିବହନ ଅଧିକାରୀଙ୍କ ନିର୍ଦ୍ଦେଶକୁ ପାଳନ ପୂର୍ବକ ରୁଟ୍ ସମ୍ପ୍ରସାରଣକୁ କାର୍ଯ୍ୟକାରୀ କରିବା ଓ ବସ୍‌ଷ୍ଟାଣ୍ଡକୁ କାର୍ଯ୍ୟକ୍ଷମ କରିବା ନିମନ୍ତେ ପଞ୍ଚାୟତବାସୀଙ୍କ ପକ୍ଷରୁ ଦାବି ଜୋର୍ ଧରିଛି।

## ଦୁର୍ଯ୍ୟୋଧନ ମିଶ୍ରଙ୍କ ଶ୍ରାଦ୍ଧବାର୍ଷିକୀ ନିମନ୍ତେ ପ୍ରସ୍ତୁତି

ଭଦ୍ରକ,୯।୭(ସମିସ): ସ୍ଥାନୀୟ ଅରଣ୍ୟ ନିବାସ ପରିସରରେ ଚାନ୍ଦବାଲି ରାଜନୀତିର ଭୀଷ୍ମ ପିତାମହ ସ୍ୱର୍ଗତ ଦୁର୍ଯ୍ୟୋଧନ ମିଶ୍ରଙ୍କ ୧୦ମ ଶ୍ରାଦ୍ଧ ବାର୍ଷିକ ଉତ୍ସବ ନିମନ୍ତେ ପ୍ରସ୍ତୁତି ବୈଠକ ବିଶିଷ୍ଟ ସମାଜସେବୀ ପ୍ରତାପ ଚନ୍ଦ୍ର ଧଳଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା। ଏଥିରେ ସମାଜସେବୀ କାହ୍ନୁଚରଣ ବେହେରା, ପୂର୍ଣ୍ଣ ଚନ୍ଦ୍ର ପାଣି, ସାହିତ୍ୟିକ ପ୍ରଫୁଲ୍ଲ ଦାସ, ଶିକ୍ଷାବିତ୍ ଅମୂଲ୍ୟ ରାଉତ, ପ୍ରମୋଦ ତ୍ରିପାଠୀ, ଅଧିବକ୍ତା ରଜନୀକାନ୍ତ ମହାନ୍ତି, ଦେବୁଲା ମହାନ୍ତି, ପ୍ରଶାନ୍ତ ଦାଶ, ତ୍ରିଲୋଚନ ଦାଶ ପ୍ରମୁଖ ଯୋଗଦେଇ ଆସନ୍ତା ଅଗଷ୍ଟ କ୍ରାନ୍ତି ଦିବସ ଦିନ ମହାନ୍ ଜନନାୟକ ଦୁର୍ଯ୍ୟୋଧନ ମିଶ୍ରଙ୍କ ଦଶମ ଶ୍ରାଦ୍ଧ ବାର୍ଷିକ ଉତ୍ସବ ପାଳନ କରାଯିବାକୁ ସ୍ଥିର ହେଲା। ଏଥିରେ ସମାଜର ବିଭିନ୍ନ ବର୍ଗର ବ୍ୟକ୍ତିବିଶେଷଙ୍କୁ ଦୁର୍ଯ୍ୟୋଧନ ମିଶ୍ର ସମ୍ମାନରେ ସମ୍ମାନିତ କରାଯିବ ଏବଂ ପରିବେଶ ସୁରକ୍ଷା ପାଇଁ ଫଳ ଚାରା ବଣ୍ଟନ କରାଯିବ। ଏକ ଶ୍ରଦ୍ଧାଞ୍ଜଳି ସଭା ସ୍ଥାନୀୟ ବିଜୁ ସ୍ମୃତି ଭବନରେ ଆୟୋଜନ ହେବାକୁ ସ୍ଥିର ହୋଇଛି। ଅନ୍ୟମାନଙ୍କ ମଧ୍ୟରେ ଅମୂଲ୍ୟ ବିଶ୍ୱାଳ, ବୁଲୁ ବଳ, ନିତ୍ୟ ପ୍ରକାଶ ବେହେରା, ସଂଗ୍ରାମ ସାହୁ ପ୍ରମୁଖ ଯୋଗଦେଇ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ। ଶେଷରେ ତାଙ୍କ ସୁପୁତ୍ର ମନୋଜ ମିଶ୍ର ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।





## ରାଜା ମଧୁସୂଦନ ଦେବ କଲେଜ ପ୍ରତିଷ୍ଠା ଦିବସ

# ଅଟକିଛି ଉନ୍ନୟନମୂଳକ ପାଣ୍ଠି ଓ କାର୍ଯ୍ୟ

ନନ୍ଦନକାନନ, ୯।୭ (ସମିସ)

ପଟିଆ ରାଜା ମଧୁସୂଦନ ଦେବ ଡିଗ୍ରୀ କଲେଜ ୩୪ବର୍ଷରେ ପଦାର୍ପଣ କରିଛି। ୧୯୯୩ଜୁଲାଇ ୯ତାରିଖରୁ ଖାଲି ଆର୍ଟ୍ସରେ ଆରମ୍ଭ ହୋଇଥିବା ଏହି କଲେଜ ଆଜି ପର୍ଯ୍ୟନ୍ତ ବହୁ ସୁବିଧା ଅସୁବିଧାକୁ

### ନିଶାଠାରୁ ମୁକ୍ତ ହେଲେ ସବୁର ବିକାଶ ହେବ

ଅତିକ୍ରମ କରି ନାକ୍ ମାନ୍ୟତା ପାଇବା ସହ ଆଜି ଛାତ୍ରଛାତ୍ରୀମାନେ ଏଠାରେ ପିଜି ପଢ଼ିବା ପାଇଁ ସୁଯୋଗ ପାଇପାରୁଛନ୍ତି। ଏଥିପାଇଁ ଅଞ୍ଚଳବାସୀ, ରାଜନୈତିକ ବ୍ୟକ୍ତିବିଶେଷ, ପ୍ରଶାସନିକ ଅଧିକାରୀ, କଲେଜ ଅଧ୍ୟାପକ ଓ ଛାତ୍ରଛାତ୍ରୀ ଅକୁଣ୍ଠଚିତ୍ତରେ ପ୍ରତ୍ୟକ୍ଷ ଓ ପରୋକ୍ଷରେ ସାହାଯ୍ୟ ସହଯୋଗରେ ହୋଇପାରିଛି ବୋଲି କଲେଜ ଅଧକ୍ଷ ପ୍ରଶାନ୍ତ ରାଉତ ଓ ସମ୍ମାନୀତ ଅତିଥି ଭାବେ ଯୋଗଦେଇଥିବା କଲେଜ ଆରମ୍ଭରେ ଫାଉଣ୍ଡର ସଦସ୍ୟା ଥିବା ସମାଜସେବୀ ଅନ୍ନପୂର୍ଣ୍ଣା ମିଶ୍ର କଲେଜରେ ଅନୁଷ୍ଠିତ ୩୪ତମ ପ୍ରତିଷ୍ଠା ଦିବସରେ ପ୍ରକାଶ କରିଥିଲେ। ଅନୁଷ୍ଠିତ ପ୍ରତିଷ୍ଠା ଦିବସରେ ମୁଖ୍ୟ ଅତିଥି ଭାବେ ଏକାମ୍ର ବିଧାୟକ ବାବୁ ସିଂ, ସମ୍ମାନୀତ





ଅତିଥି ଭାବେ ପୂର୍ବତନ ବିଧାୟକ ପ୍ରିୟଦର୍ଶୀ ମିଶ୍ର, ସମାଜସେବୀ ଉଦ୍ୟୋଗୀ ଜଗନ୍ନାଥ ପ୍ରଧାନ, ପ୍ରଶାସନିକ ଅଧିକାରୀ ଜୋସ୍ନା ପାତ୍ର, ଏବଂ ମୁଖ୍ୟ ବକ୍ତାଭାବେ ଗଭର୍ଣ୍ଣିଂ ବଡିର ପୂର୍ବତନ ସଭାପତି ତଥା ଶିକ୍ଷାବିତ ପ୍ରଫେସର ବ୍ରହ୍ମାନନ୍ଦ ଶତପଥି ଯୋଗଦେଇ ନିଶାମୁକ୍ତ ଛାତ୍ରଛାତ୍ରୀ ମାଆ ମାଟିର ବିକାଶର ବାହକ ସାଜନ୍ତୁ ବୋଲି ଦିଗଦର୍ଶନ କରିଥିଲେ। ଏହି ମହାବିଦ୍ୟାଳୟର ଆଜିର ଯାତ୍ରା ପର୍ଯ୍ୟନ୍ତ ଅଞ୍ଚଳବାସୀ, ତଥା ପଟିଆ କଳାରାହାଙ୍ଗ ଗ୍ରାମର ବହୁ ମୁରବୀମାନଙ୍କ ଅବଦାନକୁ ପ୍ରଶଂସା କରାଯାଇଥିଲା। ପରିଚାଳନା ସମିତିରେ ଥିବା ପୂର୍ବତନ ଅଧକ୍ଷ, ସଦସ୍ୟ ସମୂହ, ପୂର୍ବତନ ଛାତ୍ରଛାତ୍ରୀ, ବର୍ତ୍ତମାନର ବିଦ୍ୟାର୍ଥୀ ଓ ଅଧ୍ୟାପକ-ଅଧ୍ୟାପିକା ମାନଙ୍କୁ ନେଇ ଅନୁଷ୍ଠିତ ଏହି ପ୍ରତିଷ୍ଠା ଦିବସ ସମାରୋହରେ ପ୍ରଥମେ ବିଦ୍ୟାର୍ଥୀ ମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ, ବୃକ୍ଷରୋପଣ ପରେ ମହାବିଦ୍ୟାଳୟର ଇତିହାସ ଓ ଅଗ୍ରଗତି ଉପରେ ଏକ ସଭା ଆୟୋଜନ କରାଯାଇଥିଲା। ଯେଉଁଥିରେ ପୂର୍ବତନ ବିଧାୟକ ତଥା ପରିଚାଳନା ସମିତିର ଅଧକ୍ଷ ପ୍ରିୟଦର୍ଶୀ ମିଶ୍ର, ଭୁବନେଶ୍ୱରର ସୁପରିଚିତ ନେତା ଜଗନ୍ନାଥ ପ୍ରଧାନ, ମହାବିଦ୍ୟାଳୟର ପ୍ରତିଷ୍ଠାତା ସଭ୍ୟା ଅନ୍ନପୂର୍ଣ୍ଣା ମିଶ୍ର, ପରିଚାଳନା ସମିତିର ପୂର୍ବତନ କାର୍ଯ୍ୟନିର୍ବାହୀ ଅଧକ୍ଷା ପ୍ରଶାସିକା ଡ଼ଃ ଜ୍ୟୋସ୍ନା ପାତ୍ର ଓ ପରିଚାଳନା ସମିତିର ପୂର୍ବତନ ଅଧକ୍ଷ ପ୍ରାଧ୍ୟାପକ ଡ଼ଃ ବ୍ରହ୍ମାନନ୍ଦ ଶତପଥୀ ଆଦି ଅତିଥି ରୂପେ ଯୋଗଦେଇଥିଲେ। ସ୍ଥାନୀୟ ଅଧିବାସୀ, ଶୁଭେଚ୍ଛୁ ଓ ବୁଦ୍ଧିଜୀବୀମାନଙ୍କୁ ନିମନ୍ତ୍ରିତ ବିଧାୟକ, ଅତିଥିମାନେ ମହାବିଦ୍ୟାଳୟର ସମସ୍ୟାଗୁଡ଼ିକୁ ସମାଧାନ କରିବା ପାଇଁ ମୁଖ୍ୟମନ୍ତ୍ରୀଙ୍କର ସହଯୋଗ ମଗାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ମୁଖ୍ୟତଃ କଲେଜ ନିର୍ମିତ ହୋଇଥିବା ଜାଗା ଏପର୍ଯ୍ୟନ୍ତ ଜିଏ ବିଭାଗରୁ କଲେଜକୁ ହସ୍ତାନ୍ତର ହୋଇପାରିନାହିଁ। ଯାହା ଫଳରେ କଲେଜ ଉନ୍ନୟନ ଦିଗରେ ଏହା ବାଧକ ସାଜିବା ସହ ବିଭିନ୍ନ ଉନ୍ନୟନମୂଳକ ପାଣ୍ଠି ମିଳିବାରେ ଏକ ବୃହତ ବାଧା ସୃଷ୍ଟି ହେଉଛି। ଅନେକ ଉନ୍ନୟନ ମୂଳକ ପାଣ୍ଠି ମଧ ଖର୍ଚ୍ଚ ହୋଇ ପାରୁନାହିଁ। ଯାହା ନେଇ କଲେଜ ଉନ୍ନତି ପାଇଁ ପୂର୍ବରୁ ମୁଖ୍ୟମନ୍ତ୍ରୀଙ୍କୁ ପ୍ରତ୍ୟକ୍ଷ ଅବଗତ କରାଯାଇଅଛି। ମୁଖ୍ୟମନ୍ତ୍ରୀ ମୋହନ ମାଝୀଙ୍କ ସାଧାରଣ ପ୍ରଶାସନ ଏଥିରେ ସହଯୋଗ କରିବାକୁ ଉପସ୍ଥିତ ସମସ୍ତେ ଏନେଇ ଆଲୋଚ୍ୟ ରଖିଥିଲେ। କାର୍ଯ୍ୟକ୍ରମକୁ ବାଣିଜ୍ୟ ବିଭାଗ ମୁଖ୍ୟ ମାଳବିକା ବ୍ରହ୍ମା ପରିଚାଳନା କରିଥିଲା ବେଳେ ଅର୍ଥନୀତି ବିଭାଗର ମୁଖ୍ୟ ଚନ୍ଦନ କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

## ବାଲ୍ମୀକିଙ୍କ ରାମାୟଣର ପୂର୍ଣ୍ଣାଙ୍ଗ ଓଡ଼ିଆ ପଦ୍ୟାନୁବାଦ ଏକ ଅମୂଲ୍ୟ ଅବଦାନ



ଭୁବନେଶ୍ୱର, ୯।୭ (ସମିସ): ଆଦିକବି ମହର୍ଷି ବାଲ୍ମୀକିଙ୍କ ସଂସ୍କୃତ ରାମାୟଣର ସଂକ୍ଷିପ୍ତ ଅନୁବାଦ ବା ସାରାନୁବାଦ ଅନେକ ହୋଇଛି। କିନ୍ତୁ ଏଯାଏ ଏହାର ପୂର୍ଣ୍ଣାଙ୍ଗ ଅନୁବାଦ ହୋଇ ନଥିଲା। ପୁଣି ପଦ୍ୟରେ ଏହି ଅନୁବାଦ ହୋଇଛି। ଏଣୁ ଏହା ଓଡ଼ିଆ ସାହିତ୍ୟକୁ ଏକ ଅମୂଲ୍ୟ ଅବଦାନ ବୋଲି ଏହାର ଲୋକାର୍ପଣ ଉତ୍ସବରେ ଅତିଥିମାନେ କହିଛନ୍ତି। ଗୁରୁବାର ବୁଦ୍ଧ ମନ୍ଦିର ସଭାକକ୍ଷରେ, ସତ୍ୟ ଚେତନା ପୁରାଣ ପ୍ରକଳ୍ପ ପକ୍ଷରୁ ଏହାର ଲୋକାର୍ପଣ ଉତ୍ସବ ଅନୁଷ୍ଠିତ ହୋଇଥିଲା। ଏଥିରେ ସତ୍ୟଚେତନା ବେଦଯଜ୍ଞ ମିଶନ୍‌ର ଅଧକ୍ଷ ନଳିନୀକାନ୍ତ ପଟ୍ଟନାୟକ ସଭାପତିତ୍ୱ କରିଥିଲେ। ପୁରୀ ଜଗନ୍ନାଥ ବିଦ୍ୟାଧରପୁର ଶାସନ, ସଙ୍କଟମୋଚନ ସେବା ସଦନର ପ୍ରତିଷ୍ଠାତା ହନୁମାନ ସୀତାରାମ ଦାସଜୀ ମହାରାଜ ମୁଖ୍ୟ ଅତିଥି ଏବଂ ଶ୍ରୀରାମ ଭକ୍ତ ତଥା ବିଦ୍ୱାନ ଓ ପ୍ରବାଚକ ବୀରେନ୍ଦ୍ର କୁମାର ଶତପଥୀ ମୁଖ୍ୟବକ୍ତା ରୂପେ ଯୋଗ ଦେଇଥିଲେ। ସତ୍ୟଚେତନା ଟ୍ରଷ୍ଟର ପ୍ରତିଷ୍ଠାତା ସ୍ୱାମୀ ଆତ୍ମାନନ୍ଦ ଆଶୀର୍ବଚନ ପ୍ରଦାନ କରିଥିଲେ। ଅନୁବାଦକ ପ୍ରବୋଧ କୁମାର ପଟ୍ଟନାୟକ ଉପସ୍ଥିତ ରହି ଅନୁବାଦକୀୟ ଅନୁଭୂତି କହିଥିଲେ। ଉତ୍ସବରେ ଶ୍ରୀ ପଟ୍ଟନାୟକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସାହିତ୍ୟକ ଓ ଅନୁବାଦକ ଅସିତ ମହାନ୍ତି ଉତ୍ସବର ସଂଯୋଜନା କରିଥିଲେ। ଶେଷରେ ସତ୍ୟଚେତନା ଓଡ଼ିଶା ପ୍ରକଳ୍ପର ଉପଦେଷ୍ଟା ଶିଶିର କୁମାର ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

## ‘ଗଣ୍ଡଭୈରବ’ର ଅଡିଓ ଓ ଟ୍ରେଲର ରିଲିଜ୍

● ୧୬ରେ ପରଦାକୁ ଆସିବ ଚଳଚ୍ଚିତ୍ର





ଭୁବନେଶ୍ୱର, ୯।୭ (ସମିସ): ରମେଶ ବାରିକଙ୍କ ପ୍ରଯୋଜିତ ଏବଂ ଆର୍ ଆର୍ ଇଭେଣ୍ଟସ୍ ଆଣ୍ଡ ସିନେ ପ୍ରଡକ୍ସନ୍ ନିବେଦିତ ବହୁ ପ୍ରତୀକ୍ଷିତ ଓଡ଼ିଆ ଚଳଚ୍ଚିତ୍ର ‘ଗଣ୍ଡଭୈରବ’ର ଅଡିଓ ଓ ଟ୍ରେଲର ଗୁରୁ କେଳୁଚରଣ ଓଡ଼ିଶୀ ରିସର୍ଚ୍ଚ ସେଣ୍ଟର ଅଡିଟୋରିୟମ୍‌ରେ ଉନ୍ମୋଚିତ ହୋଇଯାଇଛି। ରଥଯାତ୍ରା ଅବସରରେ ଆସନ୍ତା ୧୬ ତାରିଖରେ ଚଳଚ୍ଚିତ୍ରଟି ସାରା ଓଡ଼ିଶାର ପ୍ରେକ୍ଷାଳୟରେ ମୁକ୍ତିଲାଭ କରିବ। ଶ୍ରୀମନ୍ଦିରର ଜଣେ ଅବଢ଼ା ବୋଝିଆ ସେବକଙ୍କ ସଂଘର୍ଷ, ତ୍ୟାଗ, ଭକ୍ତି ଓ ଆତ୍ମବିଶ୍ୱାସର କାହାଣୀକୁ ନେଇ ନିର୍ମିତ ଏହି ଚଳଚ୍ଚିତ୍ର ଲୋକପ୍ରିୟ ସାହିତ୍ୟକ ଶଙ୍କର ତ୍ରିପାଠୀଙ୍କ ଉପନ୍ୟାସ ଉପରେ ଆଧାରିତ। ଚଳଚ୍ଚିତ୍ରରେ ଦେବାଶିଷ ପାତ୍ର, ଶିବାନୀ ସଙ୍ଗୀତା, ଅନନ୍ୟା ମିଶ୍ର, କେକେ ଚୌଧୁରୀ, ବିକାଶ ଦାସ, ସୋମା ଭୌମିକ, ସନ୍ତୁ ନିଜେ ଓ ଶମ୍ଭୁ ଖୁଣ୍ଟିଆ ପ୍ରମୁଖ ଅଭିନୟ କରିଛନ୍ତି। ସୁଧାଂଶୁ ମୋହନ ସାହୁ ଏହାର ନିର୍ଦ୍ଦେଶନା ଦେଇଥିବା ବେଳେ ସଙ୍ଗୀତ ନିର୍ଦ୍ଦେଶନା ଦେଇଛନ୍ତି ଗୌରବ ଆନନ୍ଦ। ଗୀତଗୁଡ଼ିକରେ ହ୍ୟୁମାନ ସାଗର, ସତ୍ୟଜିତ, ଲିପ୍ସା ମହାପାତ୍ର ଓ ରୂପକ କଣ୍ଠଦାନ କରିଛନ୍ତି। ଅଡିଓ ଓ ଟ୍ରେଲର ଉନ୍ମୋଚନ ଉତ୍ସବରେ ଛେଣ୍ଡିପଦା ବିଧାୟକ ଅଗସ୍ତି ବେହେରା, ବାବୁ ଭାଇ ପ୍ରଡକ୍ସନ୍‌ର ସତ୍ତ୍ୱାଧିକାରୀ ବାବୁ ଭାଇଙ୍କ ସମେତ ଚଳଚ୍ଚିତ୍ରର କଳାକାର, ନିର୍ମାତା, ନିର୍ଦ୍ଦେଶକ ଓ ବହୁ ସିନେପ୍ରେମୀ ଉପସ୍ଥିତ ଥିଲେ। ଚଳଚ୍ଚିତ୍ରଟି ଭକ୍ତି, ଭାବନା ଓ ଓଡ଼ିଆ ସଂସ୍କୃତିର ଏକ ସୁନ୍ଦର ସମନ୍ୱୟ ହୋଇଥିବାରୁ ଏହା ଦର୍ଶକଙ୍କ ହୃଦୟରେ ସ୍ୱତନ୍ତ୍ର ସ୍ଥାନ ସୃଷ୍ଟି କରିବ ବୋଲି ପ୍ରଯୋଜକ ରମେଶ ବାରିକ ଆଶା ପ୍ରକାଶ କରିଛନ୍ତି।

## ଇସ୍କନ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି

ଭୁବନେଶ୍ୱର, ୯।୭ (ସମିସ): ଅଦିନିଆ ରଥଯାତ୍ରା ବନ୍ଦ କରିବା ପାଇଁ ଗଜପତି ମହାରାଜ ଦିବ୍ୟସିଂହ ଦେବ ଇସ୍କନ କର୍ତ୍ତୃପକ୍ଷଙ୍କୁ ଚିଠି ଲେଖିଥିଲେ। ମାତ୍ର ଇସ୍କନ ଅଧକ୍ଷ ମଧୁସେବିତ ଦାସ ଗଜପତିଙ୍କ ଚିଠି ଓ ଅନୁରୋଧକୁ ସମ୍ପୂର୍ଣ୍ଣ ଭାବେ ପ୍ରତ୍ୟାଖ୍ୟାନ କରିଛନ୍ତି। ଏହା କୌଣସି ମତେ ଗ୍ରହଣୀୟ ନୁହେଁ, ଓ ଏହାକୁ ବରଦାସ୍ତ କରାଯିବ ନାହିଁ ବୋଲି ପୁଜ୍ୟପୂଜା ସଂସ୍କୃତି ସୁରକ୍ଷା ଅଭିଯାନ ପକ୍ଷରୁ ଅଧକ୍ଷ, ବରିଷ୍ଠ ସାମ୍ବାଦିକ ପ୍ରଦ୍ୟୁମ୍ନ ଶତପଥୀ ମତବ୍ୟକ୍ତ କରିଛନ୍ତି। ଇସ୍କନ ଏଭଳି ମନ୍ତବ୍ୟକୁ ଅଭିଯାନର ମୁଖପାତ୍ର ଅରବିନ୍ଦ ତ୍ରିପାଠୀ, ସଂସ୍କୃତି ପୁରୁଷ ଡ. ଆର୍ଯ୍ୟ କୁମାର ଜ୍ଞାନେନ୍ଦ୍ର, ସଂଯୋଜକ ନାରାୟଣ ଓଝା ପ୍ରମୁଖ ଅସନ୍ତୋଷ ବ୍ୟକ୍ତ କରିବା ସହ ଦୃଢ ନିନ୍ଦା କରିଛନ୍ତି।

ସେହିଭଳି ଅଦିନିଆ ରଥଯାତ୍ରା ଉପରେ ଇସ୍କନକୁ ଗଜପତି ଦିବ୍ୟସିଂହ ଦେବ ଲେଖିଥିବା ପତ୍ରକୁ ଇସ୍କନ ପ୍ରତ୍ୟଖାନ କରିବା ଦୁଃଖ ଓ କ୍ଷୋଭର ବିଷୟ ବୋଲି ଉଲ୍ଲେଖ କହିଛନ୍ତି ଓଡ଼ିଶା ଅସ୍ମିତ ପରିଷଦର ଆବାହକ ରବି ବେହେରା। ଏହା ଜଗନ୍ନାଥଙ୍କ ଆଦ୍ୟ ସେବକ ଗଜପତିଙ୍କ ପ୍ରତି କେବଳ ଅପମାନ ନୁହେଁ ଓଡ଼ିଆ ଜାତି ପ୍ରତି ମଧ ଅପମାନ ବୋଲି ସଂଗଠନ ପକ୍ଷରୁ କୁହାଯାଇଛି। ହେୟ ମନୋଭାବର ପ୍ରତିଫଳନ। ଓଡ଼ିଶା ସରକାର ତୁରନ୍ତ ଇସ୍କନ ଉପରେ କାର୍ଯାନୁଷ୍ଠାନ ଗ୍ରହଣ କରନ୍ତୁ ଓ ଇସ୍କନକୁ ଦେଇଥିବା ଜମିକୁ ବାତିଲ କରିବାକୁ ଓଡ଼ିଆ ଅସ୍ମିତା ପରିଷଦ ଦାବି କରିଛି।

## ସୁପ୍ରିମକୋର୍ଟଙ୍କ ଆଦେଶ ଅନୁଯାୟୀ ପେନ୍‌ସନ୍ ଦାବି

ଭୁବନେଶ୍ୱର, ୯।୭ (ସମିସ): ଡ଼ିଏଲଆର, ଏନଏମଆର ଓ ୱାର୍କଚାର୍ଜଡ କର୍ମଚାରୀଙ୍କୁ ସୁପ୍ରିମକୋର୍ଟ ଓ ହାଇକୋର୍ଟଙ୍କ ଆଦେଶ ଅନୁଯାୟୀ ଶୀଘ୍ର ପେନସନ ପ୍ରଦାନ କରିବାକୁ ଓଡ଼ିଶା ପୂର୍ତ୍ତ ଅବସରପ୍ରାପ୍ତ ୱାର୍କଚାର୍ଜଡ/ରେଗୁଲାର କର୍ମଚାରୀ ସଂଘ ଦାବି କରିଛି। ସଂଘର ସଭାପତି ଅରୁଣ କେଶରୀ ପରିଡ଼ା ଓ ସାଧାରଣ ସମ୍ପାଦକ ଗଗନ ଭଞ୍ଜ କହିଛନ୍ତି ଯେ ଓସିଏସ୍ (ପି) ରୁଲ୍ ୧୯୯୨ ଅନୁଯାୟୀ ଦୀର୍ଘଦିନ ସେବା କରିଥିବା ଏହି ଶ୍ରେଣୀର କର୍ମଚାରୀମାନେ ପେନସନ ପାଇବାକୁ ହକ୍‌ଦାର। ହାଇକୋର୍ଟ ଓ ସୁପ୍ରିମକୋର୍ଟଙ୍କ ବିଭିନ୍ନ ରାୟ ସତ୍ତ୍ୱେ ସମ୍ପୃକ୍ତ ବିଭାଗ ପେନସନ ପ୍ରଦାନରେ ବିଳମ୍ବ କରୁଥିବା ଅଭିଯୋଗ କରାଯାଇଛି। ସଂଘର ଅଭିଯୋଗ ଅନୁଯାୟୀ ପେନସନ ପାଇବା ପାଇଁ ଅବସରପ୍ରାପ୍ତ କର୍ମଚାରୀମାନଙ୍କୁ ବାରମ୍ବାର କୋର୍ଟର ଦ୍ୱାରସ୍ଥ ହେବାକୁ ପଡୁଛି। ଯାହାଦ୍ୱାରା ସେମାନଙ୍କର ସମୟ, ଅର୍ଥ ଓ ମାନସିକ ଚାପ ବଢୁଛି। ଏହା ସହ ସରକାର ବାରମ୍ବାର ଅପିଲ ଓ ଏସଏଲପି ଦାଖଲ କରି ସମୟ ଓ ସରକାରୀ ଅର୍ଥ ବ୍ୟୟ କରୁଥିବା ମଧ ସଂଘ କହିଛି। ସବୁ ଜିଲ୍ଲାର ପ୍ରତିନିଧିମାନେ ଉପସ୍ଥିତ ରହିବା ସହ ବିଭିନ୍ନ ପ୍ରସଙ୍ଗ ଉପରେ ପ୍ରଶ୍ନ ଉଠାଇ ସରକାରଙ୍କୁ କଡ଼ା ସମାଲୋଚନା କରିଛନ୍ତି। ଏଥିସହିତ ଆଇନ ମନ୍ତ୍ରୀ ଏ ଦିଗରେ ବିଚାର ବିମର୍ଶ ହୋଇ ମୁଖ୍ୟମନ୍ତ୍ରୀଙ୍କ ଅଧକ୍ଷତାରେ ଏକ ଉଚ୍ଚସ୍ତରୀୟ ବୈଠକ ଡାକି ଏକ ମାସ ମଧ୍ୟରେ ପେନସନ ପ୍ରଦାନ ସମ୍ପର୍କରେ ନିଷ୍ପତ୍ତି ନିଆଯାଉ ବୋଲି ସଂଘ ପକ୍ଷରୁ ଦାବି କରାଯାଇଛି।

## ମଞ୍ଜରୀ ଦେବୀ ପବ୍ଲିକ୍ ସ୍କୁଲରେ ଆତ୍ମରକ୍ଷା ପ୍ରଶିକ୍ଷଣ



ବାଲିଅନ୍ତା, ୯।୭ (ସମିସ): ବାଲିଅନ୍ତା ବ୍ଲକ ପୂରଣ ପଧାନ ପଞ୍ଚାୟତ ସ୍ଥିତ ମଞ୍ଜରୀ ଦେବୀ ପବ୍ଲିକ ସ୍କୁଲରେ ଆତ୍ମରକ୍ଷା ପ୍ରଶିକ୍ଷଣ ଚଳିତ ମାସ ଠାରୁ ଆରମ୍ଭ ହୋଇଛି। ପ୍ରତ୍ୟେକ ସପ୍ତାହର ଗୁରୁବାର ଦିନ ମାର୍ଶାଲ ଆର୍ଟ ପ୍ରଶିକ୍ଷକ ଉମାକାନ୍ତ ବେହେରାଙ୍କ ତତ୍ତ୍ୱାବଧାନରେ ବିଦ୍ୟାଳୟର ସମସ୍ତ ଛାତ୍ରଛାତ୍ରୀଙ୍କୁ ପ୍ରଶିକ୍ଷଣ ପ୍ରଦାନ କରାଯାଉଛି। ଏହି ପରିପ୍ରେକ୍ଷୀରେ ଛାତ୍ରଛାତ୍ରୀଙ୍କୁ କରାଟେ, ଟାଇକୋଣ୍ଡୋ ଭଳି ନାନାଦି ଆତ୍ମରକ୍ଷା ପ୍ରଶିକ୍ଷଣ ଦିଆଯାଉଛି। ସ୍କୁଲ ଅଧକ୍ଷା ବଲବୀର କୌର ଏବଂ ଉପାଧକ୍ଷା ସ୍ମୃତି ରଞ୍ଜନ ବାରିକଙ୍କ ସମେତ ଅନ୍ୟାନ୍ୟ ଶିକ୍ଷକ/ଶିକ୍ଷୟିତ୍ରୀମାନେ ମଧ ପ୍ରଶିକ୍ଷଣରେ ସାମିଲ ହୋଇ ଛାତ୍ରଛାତ୍ରୀମାନଙ୍କୁ ଉତ୍ସାହିତ କରୁଥିବା ଜଣାଯାଇଛି।

## ଓଡ଼ିଆ ଭର୍ଚୁଆଲ ଏକାଡେମୀ ପକ୍ଷରୁ ‘ପରିଚୟ’ କର୍ମଶାଳା



ଭୁବନେଶ୍ୱର, ୯।୭ (ସମିସ): ଓଡ଼ିଆ ଭର୍ଚୁଆଲ୍ ଏକାଡେମୀ ପକ୍ଷରୁ ସିୱାଇଏସ୍‌ଡି ସଭାଗୃହରେ ଆୟୋଜିତ ଦୁଇଦିନିଆ କର୍ମଶାଳା ‘ପରିଚୟ’କୁ ଉଦ୍‌ଘାଟନ କରିଛନ୍ତି ଭାଷାବିଜ୍ଞାନୀ ପଦ୍ମଶ୍ରୀ ଡ. ଦେବୀପ୍ରସନ୍ନ ପଟ୍ଟନାୟକ। କର୍ମଶାଳାରେ ରାଜ୍ୟର ବିଭିନ୍ନ ଜିଲ୍ଲାରୁ ପ୍ରତିନିଧିମାନେ ଅଂଶଗ୍ରହଣ କରିଥିଲେ। ଏକାଡେମୀର ସଚିବ ଡ. ପ୍ରଦୀପ କୁମାର ରାଉତ ଅଧକ୍ଷତା କରିଥିବା ବେଳେ କର୍ମଶାଳାରେ ଚାରିଟି ଅଧିବେଶନରେ ପ୍ରତିନିଧିମାନେ ଆଲୋଚନା କରିଥିଲେ। ଡ. ଅଜୟ କୁମାର ମିଶ୍ର, ଡ. ଅଭିରାମ ବିଶ୍ୱାଳ, ଡ. ଶାନ୍ତନୁ କୁମାର ରଥ, ମାନସ ମୁଦୁଲି ଓ ରିତୁ ପଟ୍ଟନାୟକ ଯୋଗ ଦେଇଥିଲେ। ଉଦ୍‌ଯାପନ କାର୍ଯ୍ୟକ୍ରମରେ ସିୱାଇଏସ୍‌ଡିର ପ୍ରତିଷ୍ଠାତା ଜଗଦାନନ୍ଦ, ଓକାକ୍‌ର ଜେନେରାଲ ମ୍ୟାନେଜର ସବ୍ୟସାଚୀ ହୋତା, ଓଡ଼ିଶା ନଲେଜ କର୍ପୋରେସନର ପରିଚାଳନା ନିର୍ଦ୍ଦେଶକ ଡ. ମନୋରଞ୍ଜନ ପୋଥାଳ ପ୍ରମୁଖ ବକ୍ତବ୍ୟ ରଖିଥିଲେ। ଏହି ଅବସରରେ ପ୍ରତିନିଧିମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଶେଷରେ ଏକାଡେମୀର ବରିଷ୍ଠ ପରିଚାଳକ ସ୍ମୃତିରଞ୍ଜନ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।

## ଆଞ୍ଚଳିକ ଉଦ୍ଭିଦ ସମ୍ପଦ କେନ୍ଦ୍ରରେ ବୃକ୍ଷରୋପଣ



ଭୁବନେଶ୍ୱର, ୯।୭ (ସମିସ): ଆଞ୍ଚଳିକ ଉଦ୍ଭିଦ ସମ୍ପଦ କେନ୍ଦ୍ର (ଆରପିଆରସି) ପରିସରରେ ବୃକ୍ଷରୋପଣ ଅଭିଯାନ ଅନୁଷ୍ଠିତ ହେବା ସହିତ ଏକାମ୍ର କାନନ ଉଦ୍ଭିଦ ଉଦ୍ୟାନ ଠାରେ ପର୍ଯ୍ୟଟକମାନଙ୍କ ସୁବିଧା ପାଇଁ ବ୍ୟାଟେରୀ ଚାଳିତ ଗାଡ଼ିର ଶୁଭାରମ୍ଭ କରାଯାଇଛି। ଏହି କାର୍ଯ୍ୟକ୍ରମକୁ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରୀ ଗଣେଶ ରାମ ସିଂଖୁଣ୍ଟିଆ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ପ୍ରଧାନ ମୁଖ୍ୟ ବନ ସଂରକ୍ଷକ ଏବଂ ବନ ବାହିନୀ ମୁଖ୍ୟ ଡଃ କେ. ମୁରୁଗେସନ୍, ଏବଂ ଆରପିଆରସିର ମୁଖ୍ୟ କାର୍ଯ୍ୟନିର୍ବାହୀ ସୁଧାଂଶୁ ଶେଖର ଖୋରା ଉପସ୍ଥିତ ରହି ବୃକ୍ଷରୋପଣ କରିବା ସହ ନୂତନ ଗାଡ଼ିଗୁଡ଼ିକର ପରିଚାଳନାର ସମୀକ୍ଷା କରିଥିଲେ।

## ବାଲିଅନ୍ତାରେ ବନ ମହୋତ୍ସବ



ବାଲିଅନ୍ତା, ୯।୭ (ସମିସ): ବାଲିଅନ୍ତା ବ୍ଲକ ଅନ୍ତର୍ଗତ ବାଲକାଟି ଅଞ୍ଚଳର ଜାମୁତୋଟା ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ୭୭ତମ ବନ ମହୋତ୍ସବ ପାଳିତ ହୋଇଯାଇଛି।

ବିଦ୍ୟାଳୟର ସଭାପତି ଶଙ୍କର ସାହୁଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ପୂର୍ବତନ ମନ୍ତ୍ରୀ ତଥା ବରିଷ୍ଠ ବିଜେପି ନେତା ଡ଼. ଅରବିନ୍ଦ ଢାଲି ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ବିଦ୍ୟାଳୟ ସମ୍ପାଦକ ଚୈତନ୍ୟ ସାହୁ ଏବଂ ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ ସର୍ବେଶ୍ୱର ରଣସିଂହ ମହାନ୍ତି ସମ୍ମାନିତ ଅତିଥି ଭାବେ ଉପସ୍ଥିତ ରହି ପରିବେଶ ସୁରକ୍ଷା, ବୃକ୍ଷରୋପଣର ଆବଶ୍ୟକତା ଓ ପ୍ରକୃତି ସଂରକ୍ଷଣ ସମ୍ପର୍କରେ ସଚେତନତାମୂଳକ ବାର୍ତ୍ତା ପ୍ରଦାନ କରିଥିଲେ। ଏହି ଅବସରରେ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ମଧ୍ୟରେ ପରିବେଶ ସଚେତନତାକୁ ଆଧାର କରି ବିଭିନ୍ନ ପ୍ରତିଯୋଗିତାମୂଳକ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। କୃତୀ ପ୍ରତିଯୋଗୀମାନଙ୍କୁ ପ୍ରମାଣପତ୍ର ଓ ଟ୍ରଫି ପ୍ରଦାନ କରାଯିବା ସହ ରଥିଜେମା ଶ୍ମଶାନ ପଡ଼ିଆରେ ବିଭିନ୍ନ ପ୍ରକାର ଫଳ ଚାରା ରୋପଣ କରାଯାଇଥିଲା। କାର୍ଯ୍ୟକ୍ରମଟିରେ ଶିକ୍ଷକ, ଛାତ୍ରଛାତ୍ରୀ ଯୋଗଦେଇ ବନ ସଂରକ୍ଷଣ ଓ ସବୁଜ ପରିବେଶ ଗଠନ ପାଇଁ ସାମୂହିକ ସଂକଳ୍ପ ଗ୍ରହଣ କରିଥିଲେ।

## ପଟିଆ ବାଳିକା ଉଚ୍ଚ ବିଦ୍ୟାଳୟରେ ବନ ମହୋତ୍ସବ

ଭୁବନେଶ୍ୱର, ୯।୭ (ସମିସ): ଓଡ଼ିଶା ପରିବେଶ ସମିତି ଆନୁକୂଲ୍ୟରେ ଏବଂ ହାଉସ୍ ଅଫ୍ ନେଚର ଏନ୍‌ଭାର୍ଣ୍ଣମେଣ୍ଟ ସୋସାଇଟି ଟ୍ରଷ୍ଟ ଏବଂ ସ୍ୱାମୀ ବିବେକାନନ୍ଦ ଲୋକ ସଂସଦର ମିଳିତ ସହଯୋଗରେ ପଟିଆ ଉଚ୍ଚ ବାଳିକା ବିଦ୍ୟାଳୟରେ ବନ ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଚଳିତ ବର୍ଷର ଜାତୀୟ ପ୍ରସଙ୍ଗ, ‘ସବୁଜ ପଦକ୍ଷେପ ମାଧ୍ୟମରେ ପୃଥିବୀକୁ ସୁସ୍ଥ ରଖିବା’ ଉପରେ ବିଦ୍ୟାଳୟ ସମ୍ମିଳନୀ କକ୍ଷରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଓଇଏସ୍ କାର୍ଯ୍ୟକାରୀ ସଭାପତି ଡ. ଜୟକୃଷ୍ଣ ପାଣିଗ୍ରାହୀ ଯୋଗଦାନ କରି ଛାତ୍ରୀମାନଙ୍କୁ ଚାରାରୋପଣ ଏବଂ ସେସବୁର ସୁରକ୍ଷା ନିମନ୍ତେ ଉତ୍ସାହିତ କରିଥିଲେ। ପ୍ରାରମ୍ଭରେ କାର୍ଯ୍ୟକ୍ରମର ସଂଯୋଜକ ଇଂ ବିମଳ ଚନ୍ଦ୍ର ଦାଶ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ସମ୍ପାଦକ ଇଂ ମନୋରଞ୍ଜନ ମିଶ୍ର ଅତିଥି ପରିଚୟ ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଇଂ ଅଶୋକ କୁମାର ବେହେରା, ପ୍ର. ଚୌଧୁରୀ ସୂର୍ଯ୍ୟକାନ୍ତ ମିଶ୍ର, ପର୍ଶୁରାମ ପଣ୍ଡା ପ୍ରମୁଖ ମତ ଉପସ୍ଥାପନ କରିଥିଲେ। ପର୍ଶୁରାମ ପଣ୍ଡା ଛାତ୍ରୀମାନଙ୍କ ମଧ୍ୟରେ ପରିବେଶ କୁଇଜ୍ ପ୍ରତିଯୋଗିତାର ଆୟୋଜନ କରିଥିଲେ। ପ୍ରଧାନ ଶିକ୍ଷୟିତ୍ରୀ ପ୍ରଭାସିନୀ ମହାପାତ୍ର ସଭା ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ। ଶେଷରେ ଅତିଥି ଏବଂ ଛାତ୍ରୀମାନେ ସମ୍ମିଳିତ ଭାବରେ ବିଦ୍ୟାଳୟ ପରିସରରେ ବିଭିନ୍ନ ଫୁଲ, ଫଳ ଏବଂ ଅନ୍ୟାନ୍ୟ ଚାରାରୋପଣ ସମ୍ପାଦନ କରିଥିଲେ।



## ସମ୍‌ରେ ଅତ୍ୟାଧୁନିକ ମଲିକ୍ୟୁଲାର ଡାଏଗ୍ନୋସିସ୍ ଓ ଜିନୋମିକ୍ସ ଲ୍ୟାବ୍

ଭୁବନେଶ୍ୱର, ୯।୭ (ସମିସ): କର୍କଟ ରୋଗ ଓ ବଂଶଗତ ରୋଗର ସଠିକ୍ ନିର୍ଣ୍ଣୟ ଓ ବ୍ୟକ୍ତି କୈନ୍ଦ୍ରିକ ଚିକିତ୍ସା (ପ୍ରିସିଜନ୍ ମେଡିସିନ୍) କ୍ଷେତ୍ରରେ ଓଡ଼ିଶାର ପ୍ରଥମ ହସ୍ପିଟାଲ୍ ଭାବେ ସୋଆ ପରିଚାଳିତ ଇନଷ୍ଟିଚ୍ୟୁଟ୍ ଅଫ୍ ମେଡିକାଲ୍ ସାଇନ୍ସେସ୍ ଆଣ୍ଡ ସମ୍ ହସ୍ପିଟାଲ୍ ଏକ ଐତିହାସିକ ସଫଳତା ହାସଲ କରିଛି। ଆଇଏମ୍ଏସ୍ ଆଣ୍ଡ ସମ୍ ହସ୍ପିଟାଲ୍ ରାଜ୍ୟର ପ୍ରଥମ ହସ୍ପିଟାଲ୍ ଭାବେ ଏକ ସମ୍ପୂର୍ଣ୍ଣ ଇନ୍-ହାଉସ୍ ଜିନୋମିକ୍ସ ଲ୍ୟାବ୍ ସ୍ଥାପନ କରିଛି। ଏହାଦ୍ୱାରା ଅତ୍ୟାଧୁନିକ ଜିନୋମିକ୍ ପରୀକ୍ଷା ପାଇଁ ରୋଗୀମାନଙ୍କୁ ଆଉ ରାଜ୍ୟ ବାହାରକୁ ଯିବାକୁ ପଡ଼ିବ ନାହିଁ। ନେକ୍ସଟ ଜେନେରେସନ୍ ସିକ୍ୱେନ୍ସିଂ (ଏନ୍‌ଜିଏସ୍), ସାଇଟୋଜେନେଟିକ୍, ଫ୍ଲୁରେସେନ୍ସ ଇନ୍ ସିଟୁ ହାଇବ୍ରିଡାଇଜେସନ୍ (ଏଫ୍‌ଆଇଏସ୍‌ଏଚ) ଏବଂ ଅନ୍ୟ ମଲିକ୍ୟୁଲାର ପରୀକ୍ଷାଗୁଡ଼ିକ ଏହି ଅତ୍ୟାଧୁନିକ ଜିନୋମିକ୍ ପରୀକ୍ଷଣ ଲ୍ୟାବ୍‌ରେ କରାଯାଉଥିବା ସୂଚନା ଦେଇଛନ୍ତି ହସ୍ପିଟାଲର ମଲିକ୍ୟୁଲାର ଡାଏଗ୍ନୋସିସ୍ ଆଣ୍ଡ ଜିନୋମିକ୍ସ ବିଭାଗର ମୁଖ୍ୟ ଡ. ଶିବାଙ୍ଗୀ ହାରଣଖେଡକର। ଏହି ଲ୍ୟାବ୍ କର୍କଟ ରୋଗ, ରକ୍ତ ସମ୍ବନ୍ଧୀୟ ରୋଗ ଏବଂ ବଂଶଗତ ରୋଗର ସଠିକ୍ ନିର୍ଣ୍ଣୟ, ରୋଗର ପ୍ରକୃତ ନିର୍ଦ୍ଧାରଣ ଓ ଚିକିତ୍ସାର ଅଗ୍ରଗତି ଉପରେ ନଜର ରଖିବାରେ ସହାୟକ ହେଉଛି। ପୂର୍ବରୁ ଓଡ଼ିଶାର ରୋଗୀମାନେ ଉନ୍ନତ ଜିନୋମିକ୍ ପରୀକ୍ଷା ପାଇଁ ଦିଲ୍ଲୀ, ମୁମ୍ବାଇ, ହାଇଦ୍ରାବାଦ କିମ୍ବା ବେଙ୍ଗାଲୁରୁ ଭଳି ସହର ଉପରେ ନିର୍ଭର କରୁଥିବା ବେଳେ ବର୍ତ୍ତମାନ ଏହି ସୁବିଧା ଭୁବନେଶ୍ୱରରେ ଉପଲବ୍ଧ ହୋଇଥିବାରୁ ରୋଗୀମାନଙ୍କ ସମୟ ଓ ଖର୍ଚ୍ଚ ଉଭୟ ହ୍ରାସ ପାଇବ। ଏହାଦ୍ୱାରା ରିପୋର୍ଟ ଶୀଘ୍ର ମିଳିବା ସହିତ ଦୁର୍ଗମ ଅଞ୍ଚଳର ରୋଗୀମାନେ ଉନ୍ନତ ଜେନେଟିକ୍ ସେବାର ସୁବିଧା ପାଇପାରୁଥିବା ହସ୍ପିଟାଲର ମେଡିକାଲ୍ ସୁପରିଟେଣ୍ଡେଣ୍ଟ ପ୍ରଫେସର ଡ. ପୁଷ୍ପରାଜ ସାମନ୍ତସିଂହାର ସାମନ୍ତସିଂହାର କହିଛନ୍ତି।



# ଉଲ୍ଲେଖନୀୟ ପ୍ରଦର୍ଶନ ପାଇଁ ଏମ୍‌ସିଏଲ୍‌କୁ 'ଷ୍ଟାର୍ ରେଟିଂ' ସମ୍ମାନ

**ସମ୍ବଲପୁର, ୯।୭ (ସମିସ)**

କେନ୍ଦ୍ର କୋଇଲା ମନ୍ତ୍ରଣାଳୟର 'ଷ୍ଟାର୍ ରେଟିଂ ଆୱାର୍ଡ୍ସ'ରେ ମହାନଦୀ କୋଲ୍‌ଫିଲ୍ଡସ୍ ଲିମିଟେଡ୍ (ଏମ୍‌ସିଏଲ୍) ଏକ ବଡ଼ ସଫଳତା ହାସଲ କରିଛି। ଆର୍ଥିକବର୍ଷ ୨୦୨୪-୨୫ ପାଇଁ କମ୍ପାନୀର ମୋଟ ୧୪ଟି କୋଇଲା ଖଣିକୁ ସମ୍ମାନଜନକ 'ଷ୍ଟାର୍ ରେଟିଂ' ପ୍ରଦାନ କରାଯାଇଛି। ଏଥିମଧ୍ୟରେ ୨ଟି ଭୂତଳ ଖଣି ଏବଂ ୧୨ଟି ଓପନ୍‌କାଷ୍ଟ ଖଣି ପ୍ରକଳ୍ପ ସାମିଲ ଅଛି। ଏହି ସଫଳତା ଏମସିଏଲ୍‌ର କାର୍ଯ୍ୟକ୍ଷମ ଦକ୍ଷତା, ସୁରକ୍ଷା, ପରିବେଶ ସନ୍ତୁଳନ ଏବଂ ଦାୟିତ୍ୱବାନ ଖନନ ପ୍ରକ୍ରିୟାକୁ ଦର୍ଶାଉଛି। ଏମସିଏଲ୍‌ର ୫ଟି ଓପନ୍‌କାଷ୍ଟ ଖଣି - ଲାଜକୁରା ଓସିପି, ସିଆରମାଲ୍ ଓସିପି, ଅନନ୍ତ ଓସିପି, ଲିଙ୍ଗରାଜ ଓସିପି ଏବଂ ସମଲେଶ୍ୱରୀ ଓସିପି ସହିତ ହୀରାଖଣ୍ଡ ବୁନ୍ଦିଆ ଭୂତଳ ଖଣିକୁ ପ୍ରତିଷ୍ଠିତ ୫-ଷ୍ଟାର୍ ରେଟିଂ ମିଳିଛି। ସେହିଭଳି ଅନ୍ୟ ୫ଟି ଓପନ୍‌କାଷ୍ଟ ଖଣି ପ୍ରକଳ୍ପ - ଗର୍ଜନବାହାଲ ଓସିପି, ଗୋପାଳଜୀ-କଣିହା ସମ୍ପ୍ରସାରଣ ଓସିପି, ଭୁବନେଶ୍ୱରୀ ଓସିପି, ହିଙ୍ଗୁଳା ଓସିପି ଓ ଜଗନ୍ନାଥ କୋଲିୟାରୀ ଏବଂ ନନ୍ଦିରା ଭୂତଳ ଖଣିକୁ ୪-ଷ୍ଟାର୍ ରେଟିଂ ପ୍ରଦାନ କରାଯାଇଛି। ଏତଦ୍‌ବ୍ୟତୀତ ୨ଟି ଓପନକାଷ୍ଟ ଖଣି ପ୍ରକଳ୍ପ- ବସୁନ୍ଧରା ୱେଷ୍ଟ ଓସିପି ଏବଂ ଭରତପୁର ଖଣି ଅଞ୍ଚଳକୁ ୩-ଷ୍ଟାର୍ ରେଟିଂ ମିଳିଛି। ଭାରତ ସରକାରଙ୍କ କୋଇଲା ମନ୍ତ୍ରଣାଳୟ ପକ୍ଷରୁ ଗତ ଜୁଲାଇ ୭ ତାରିଖରେ ପ୍ରକାଶିତ କାର୍ଯ୍ୟାଳୟ ସ୍ମାରକପତ୍ର ଅନୁଯାୟୀ ଏହି ସୂଚନା ଦିଆଯାଇଛି। ଏହି ଗୌରବମୟ ସଫଳତା ପାଇଁ ଟିମ୍ ଏମସିଏଲ୍‌କୁ ଅଭିନନ୍ଦନ ଜଣାଇ କମ୍ପାନୀର ଅଧ୍ୟକ୍ଷ ତଥା ପ୍ରବନ୍ଧ ନିର୍ଦ୍ଦେଶକ ଉଦୟ ଅନନ୍ତ କାଓଲେ କହିଛନ୍ତି, ଏହି ମାନ୍ୟତା ଦେଶକୁ ନିରନ୍ତର ଶକ୍ତି ଯୋଗାଣ ସହ ସୁରକ୍ଷିତ, ସ୍ଥାୟୀ ଏବଂ ପ୍ରଯୁକ୍ତିବିଦ୍ୟା-ଭିତ୍ତିକ ଖନନ ପଦ୍ଧତି ପ୍ରତି ଆମର ପ୍ରତିବଦ୍ଧତାକୁ ପ୍ରତିଫଳିତ କରୁଛି। ଆଗାମୀ ଦିନରେ ମଧ୍ୟ ଏମସିଏଲ୍ କାର୍ଯ୍ୟକ୍ଷମ ପ୍ରଦର୍ଶନ, ପରିବେଶ ସୁରକ୍ଷା ଏବଂ ଜନକଲ୍ୟାଣ କ୍ଷେତ୍ରରେ ନିଜର ଶ୍ରେଷ୍ଠତା ବଜାୟ ରଖିବ। ଭାରତ ସରକାରଙ୍କ କୋଇଲା ମନ୍ତ୍ରଣାଳୟ ଦ୍ୱାରା ଖଣିଗୁଡ଼ିକର ସାମଗ୍ରିକ ବିକାଶ ଏବଂ ସଫଳତାକୁ ଆଧାର କରି ୧ ରୁ ୫ ସ୍କେଲ୍ ମଧ୍ୟରେ ଏହି 'ଷ୍ଟାର୍ ରେଟିଂ' ପ୍ରଦାନ କରାଯାଏ। ଏହି ରେଟିଂ କାର୍ଯ୍ୟକ୍ଷମ ଦକ୍ଷତା, ସୁରକ୍ଷା ମାନଦଣ୍ଡ, ପରିବେଶ ସ୍ଥାୟିତ୍ୱ, ଆଧୁନିକ ଜ୍ଞାନକୌଶଳର ବ୍ୟବହାର, ଥଇଥାନ ଓ ପୁନର୍ବାସ (ଆର୍‌ଏଣ୍ଡଆର୍), ଶ୍ରମିକ ସମ୍ବନ୍ଧୀୟ ନିୟମ ପାଳନ ଏବଂ ଆର୍ଥିକ ପ୍ରଦର୍ଶନ ଭଳି ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ଦିଗ ଉପରେ ଦିଆଯାଇଥାଏ।

■ ଜେଜେବାପାଙ୍କୁ ମାଡ଼ ମାରିଥିବା ନାତି ଦୋଷୀ ସାବ୍ୟସ୍ତ

# ଚେତାବନୀ ଦେଇ ଛାଡ଼ିଲେ ଅଦାଲତ

**ସମ୍ବଲପୁର, ୯।୭ (ସମିସ) :** ସମ୍ବଲପୁର ଜିଲ୍ଲା କତରବଗା ଥାନା ଅଧୀନ କିରାବନ୍ଧ ଗ୍ରାମରେ ଘଟିଥିବା ଏକ ପାରିବାରିକ ଗଣ୍ଡଗୋଳ ମାମଲାରେ ସମ୍ବଲପୁରର ପ୍ରଥମ ଶ୍ରେଣୀ ବିଚାରବିଭାଗୀୟ ମାଜିଷ୍ଟ୍ରେଟ୍ ବ୍ରଜେଶ ମିଶ୍ର ଏକ ଗୁରୁତ୍ୱପୂର୍ଣ୍ଣ ରାୟ ପ୍ରକାଶ କରିଛନ୍ତି। ଅଦାଲତରେ ଜେଜେବାପାଙ୍କୁ ମାଡ଼ ମାରିବା ଅଭିଯୋଗର ଶୁଣାଣି କରି ନାତି ଅକ୍ଷୟ ସାଲିମାଙ୍କୁ ଆଇପିସିର ଧାରା ୩୨୩ ଅନୁଯାୟୀ ଦୋଷୀ ସାବ୍ୟସ୍ତ କରିଛନ୍ତି। ତେବେ, ଅଭିଯୁକ୍ତଙ୍କ ପୂର୍ବରୁ କୌଣସି ଅପରାଧିକ ରେକର୍ଡ ନଥିବାରୁ ଏବଂ ଏହା ଏକ ପାରିବାରିକ ବିବାଦ ହୋଇଥିବାରୁ, କୋର୍ଟ ସଂଶୋଧନବାଦୀ ଆଭିମୁଖ୍ୟ ଗ୍ରହଣ କରି 'ପ୍ରୋବେସନ୍ ଅଫ୍ ଅଫେଣ୍ଡର୍ସ ଆକ୍ଟ, ୧୯୫୮' ର ଧାରା ୩ ଅଧୀନରେ ତାଙ୍କୁ ମୁକ୍ତ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏହାସହ ବିଚାରପତି ନାତି ଅକ୍ଷୟଙ୍କ ବିରୋଧରେ ଭବିଷ୍ୟତରେ ଏଭଳି ଅଭିଯୋଗ ଆସିଲେ ଜେଲଦଣ୍ଡ ଦିଆଯିବ ବୋଲି ଚେତାବନୀ ଦେଇଛନ୍ତି। ଘଟଣାର ବିବରଣୀରୁ ପ୍ରକାଶ ଯେ, ଗତ ୨୦୨୦ ମସିହା ସେପ୍ଟେମ୍ବର ୨୭ ତାରିଖ ରାତି ପ୍ରାୟ ୯ଟା ସମୟରେ ଅଭିଯୁକ୍ତ ଅକ୍ଷୟ ସାଲିମା ମଦ୍ୟପାନ କରି ଜଣେ ଗ୍ରାମବାସୀଙ୍କ ବାରଣ୍ଡାରେ ଶୋଇଥିବା ନିଜ ଜେଜେବାପାଙ୍କୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବା ସହ ଚାପୁଡ଼ା ଓ ଗୋଇଠା ମାରି ରକ୍ତାକ୍ତ କରିଥିଲେ। ଏପରିକି ଜେଜେବାପାଙ୍କୁ ଉଦ୍ଧାର କରିବାକୁ ଆସିଥିବା ତାଙ୍କ ଝିଅଙ୍କୁ ମଧ୍ୟ ଅଭିଯୁକ୍ତ ଟଣାଓଟରା କରିଥିବା ନେଇ କତରବଗା ଥାନାରେ ଏକ ମାମଲା ରୁଜୁ ହୋଇଥିଲା। ବିଚାର ସମୟରେ ୭ଜଣ ସାକ୍ଷୀଙ୍କ ବୟାନ ରେକର୍ଡ କରାଯାଇଥିଲା। ଶେଷରେ ସମସ୍ତ ପାରିପାର୍ଶ୍ୱିକ ସ୍ଥିତି ଓ ସାକ୍ଷ୍ୟକୁ ଭିତ୍ତି କରି ଅଦାଲତ ଏହି ସନ୍ତୁଳିତ ରାୟ ଶୁଣାଇଛନ୍ତି। ଏହି ମାମଲାରେ ସରକାରଙ୍କ ପକ୍ଷରୁ ଏପିପି ଟିକେଶ୍ୱର ପ୍ରଧାନ, ଏପିପି ଶୁଭମ ଅଗ୍ରୱାଲ ଏବଂ ଏପିପି ମହେଶ ମୁନ୍‌ସି ମାମଲା ପରିଚାଳନା କରୁଥିଲେ।

# ବସ୍ ତଳେ ଚାପି ହୋଇଗଲେ ଯୁବକ

**ସମ୍ବଲପୁର, ୯।୭ (ସମିସ):** ରେଙ୍ଗାଲି ଥାନା ଅଞ୍ଚଳରେ ଦୁର୍ଘଟଣା। ଏକ ଯାତ୍ରୀବାହୀ ବସ୍ ତଳେ ଜଣେ ଯୁବକ ଚାପି ହୋଇଯାଇଥିଲେ। ତୁରନ୍ତ ତାଙ୍କୁ ଉଦ୍ଧାର କରାଯାଇ ଭିମସାର ପଠାଯାଇଛି। ବସ୍‌ଟି ଆସୁଥିବା ବେଳେ ଯୁବକ ଜଣକ ବିପରୀତ ଦିଗରୁ ଯାଉଥିଲେ। ଯାହା ଫଳରେ ବସ୍ ସହ ଦୁର୍ଘଟଣା ଘଟିଥିଲା। ଖବର ଲେଖିବା ପର୍ଯ୍ୟନ୍ତ ଯୁବକ ଜଣକ ଗୁରୁତର ଅବସ୍ଥାରେ ଚିକିତ୍ସିତ ହେଉଥିବା ସୂଚନା ମିଳିଛି।

# ପୋଖରୀରେ ବୁଡ଼ି ଦୁଇ ନାବାଳକ ମୃତ

**ରେଢ଼ାଖୋଲ, ୯।୭ (ସମିସ):** ସ୍କୁଲରୁ ଫେରି ଦୁଇ ନାବଳକ ଘର ନିକଟରେ ଥିବା ଏକ ପୋଖରୀରେ ପଡ଼ିଯିବାରୁ ତାଙ୍କର ମୃତ୍ୟୁ ଘଟିଛି। ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ବ୍ଲକ ଅଧୀନ ଚାରମାଳ ଥାନା ଅଧୀନ ବଂଶାଜାଲ ପଞ୍ଚାୟତ ବଡହିଣ୍ଡୋଳ ଗ୍ରାମରେ ଏଭଳି ଅଭାବନୀୟ ଘଟଣା ଘଟିଛି। ନାବାଳକମାନେ ହେଲେ ବଡ଼ହିଣ୍ଡୋଳ ଗ୍ରାମର ବାସିନ୍ଦା ଅଧି ମୁଣ୍ଡା ଓ ଶ୍ରୀକାନ୍ତ ମୁଣ୍ଡାଙ୍କ ପୁତ୍ର ପ୍ରଥମ ଶ୍ରେଣୀର ଛାତ୍ର ସିଦ୍ଧାନ୍ତ ମୁଣ୍ଡା ଓ ଦ୍ୱିତୀୟ ଶ୍ରେଣୀର ଛାତ୍ର କୁମାର ମୁଣ୍ଡା।

ସୂଚନା ଯୋଗ୍ୟ ଯେ ନିତିଦିନ ଭଳି ସକାଳୁ ଉଠି ବଡ଼ହିଣ୍ଡୋଳ ବିଦ୍ୟାଳୟକୁ ଉକ୍ତ ଉଭୟ ପଢ଼ିବାକୁ ଯାଇ ଆଉ ଘରକୁ ଫେରି ନ ଥିଲେ। ଉଭୟ ପରିବାରର ବାପାମାନେ ଦିନ ମଜୁରିଆ ଶ୍ରେଣୀର ହୋଇ ଥିବାରୁ ସବୁଦିନେ ସେମାନେ ସକାଳୁ କାମକୁ ବାହାରି ଯାଇ ସନ୍ଧ୍ୟା ରେ ଘରକୁ ଫେରନ୍ତି। ବୁଧବାର ସନ୍ଧ୍ୟାରେ ଘରକୁ ଆସିଲା ପରେ ପୁଅକୁ ଘରେ ନ ପାଇ ଚାରିଆଡ଼େ ଖୋଜାଖୋଜି ଆରମ୍ଭ କରିଥିଲେ। ଗୁରୁବାର ସକାଳେ ନିକଟରେ ଥିବା ଏକ ପୋଖରୀରେ ଦୁଇ ନାବାଳକଙ୍କୁ ସନ୍ଧାନ ପାଇ ଉଦ୍ଧାର କରି ଆମ୍ବୁଲାନ୍ସ ସେବା ଯୋଗେ ରେଢ଼ାଖୋଲ ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ଡାକ୍ତର ପ୍ରାଥମିକ ଚିକିତ୍ସା ପରେ ଉଭୟ ନାବାଳକ ଛାତ୍ରଙ୍କୁ ମୃତ ଘୋଷଣା କରିଥିଲେ। ପୁଲିସ ପହଞ୍ଚି ତଦନ୍ତ ଆରମ୍ଭ କରୁଥିବା ବେଳେ ଗାଁ ରେ ଦୁଇ ସ୍କୁଲ ଛାତ୍ର ମୃତ୍ୟୁକୁ ନେଇ ଶୋକାକୁଳ ପରିବେଶ ଦେଖିବାକୁ ମିଳିଛି।

# ଉପମୁଖ୍ୟମନ୍ତ୍ରୀଙ୍କୁ ସିଡବ୍ଲ୍ୟୁସିର ସ୍ୱାଗତ ସମ୍ବର୍ଦ୍ଧନା

**ସମ୍ବଲପୁର, ୯।୭ (ସମିସ):** ଜିଲ୍ଲାପାଳଙ୍କ କକ୍ଷରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ାଙ୍କୁ ସିଡବ୍ଲ୍ୟୁସିର ନବ ମନୋନୀତ ସଦସ୍ୟ ସଦସ୍ୟା ଭେଟି ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ। ଏହି ଅବସରରେ ବାଲ୍ୟ ବିବାହ, ଶିଶୁ ଚାଲାଣ, ଶିଶୁ ଶ୍ରମିକ, ଅବହେଳିତ ଓ ଶିକ୍ଷା ସୁରକ୍ଷା ଯତ୍ନ ଆବଶ୍ୟକ କରୁଥିବା ଶିଶୁମାନଙ୍କ ପ୍ରତି ସ୍ୱତନ୍ତ୍ରଧ୍ୟାନ ଦେବାକୁ ଉପମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଥିଲେ। ସୂଚନା ଯୋଗ୍ୟଯେ ଗତ ମାର୍ଚ୍ଚ ମାସ ୧୨ ତାରିଖ ଦିନ କବିତା ପଣ୍ଡା (ଅଧ୍ୟକ୍ଷା) ଜ୍ୟୋତି ଶତପଥୀ, ଗାର୍ଗୀ ପଣ୍ଡା, ଡା. ରାଜାରାମ ଷଡ଼ଙ୍ଗୀ ଓ ଦିଲ୍ଲୀପ ମୁଖି ଶିଶୁ ମଙ୍ଗଳ ସମିତିର ନୂତନ ସଦସ୍ୟା ସଦସ୍ୟ ଭାବେ ନୂତନ କାର୍ଯ୍ୟଭାର ଗ୍ରହଣ କରିଥିଲେ।

# ସଡ଼କ ଦୁର୍ଘଟଣାରେ ଚାଷୀ ନେତା ଦେବେନ୍ଦ୍ର ପଧାନଙ୍କ ପରଲୋକ

**ସମ୍ବଲପୁର, ୯।୭ (ସମିସ) :** ସମ୍ବଲପୁର ଜିଲ୍ଲା କୃଷକ ସୁରକ୍ଷା ସଙ୍ଗଠନର ସାଧାରଣ ସମ୍ପାଦକ ତଥା ସମାଜସେବୀ ଦେବେନ୍ଦ୍ର ପଧାନ (୫୦) ଙ୍କ ଆଜି ସୋନପୁର ଜିଲ୍ଲା ବିନିକାଠାରେ ଏକ ସଡ଼କ ଦୁର୍ଘଟଣାରେ ପରଲୋକ ହୋଇଯାଇଛି। ସେ ଜଣେ ପ୍ରମୁଖ ଚାଷୀ ହେବାସହ ଚାଷୀମାନଙ୍କ ସ୍ୱାର୍ଥକୁ ଅଗ୍ରାଧିକାର ଦେଉଥିଲେ। ଚାଷୀର ଅଧିକାର ସକାଶେ ସେ ପ୍ରଶାସନ ଓ ସରକାରଙ୍କୁ ବିରୋଧ କରିବାକୁ ପଛଉ ନ ଥିଲେ। ତାଙ୍କ ସକ୍ରିୟତା ଯୋଗୁଁ ଜିଲ୍ଲା କୃଷକ ସୁରକ୍ଷା ସଙ୍ଗଠନ ପକ୍ଷରୁ ତାଙ୍କୁ ଦ୍ୱିତୀୟଥର ପାଇଁ ସାଧାରଣ ସମ୍ପାଦକ ନିର୍ବାଚିତ କରାଯାଇଥିଲା। ତାଙ୍କ ବିୟୋଗରେ କେବଳ କୃଷକ ସାଥୀ ନୁହେଁ ସବୁ ବର୍ଗର ଜନସାଧାରଣଙ୍କ ମଧ୍ୟରେ ଶୋକର ଛାୟା ଖେଳିଯାଇଛି। ବିନିକାରେ ଆଜି ତାଙ୍କ ଶବ ବ୍ୟବଚ୍ଛେଦ ହୋଇ ପାରିନାହିଁ। ଖବର ପାଇ ବହୁସଂଖ୍ୟକ କୃଷକ ସଙ୍ଗଠନ କର୍ମକର୍ତ୍ତା ଓ ଅନ୍ୟମାନେ ସମ୍ବଲପୁରରୁ ବିନିକା ଯାଇଥିବା ସୂଚନା ମିଳିଛି। ଦେବେନ୍ଦ୍ରଙ୍କ ପଛରେ ମା', ପତ୍ନୀ, ଦୁଇ ନାବାଳକ ଝିଅ ଓ ପୁଅ ଅଛନ୍ତି।



ମିଳିଥିବା ସୂଚନା ଅନୁଯାୟୀ, ସମ୍ବଲପୁର ଜିଲ୍ଲା ଶାସନ ଥାନା ଅଧିନସ୍ଥ ତବଲା ଗ୍ରାମର ଦେବେନ୍ଦ୍ର ପଧାନ (୫୦) ଓ ଡୁମ୍ବେରପାଲି ଗ୍ରାମର ବିପିନ ଭୋଇ (୫୭) କାର୍‌ରେ ସୁବର୍ଣ୍ଣପୁର ଜିଲ୍ଲା ତରଭା ବ୍ଲକ ଚାରିଭାଟା ପର୍ଯ୍ୟନ୍ତ ଚାଷକାମ ପହ୍ଲାରୁଆ ପାଇଁ ଶ୍ରମିକ ଖୋଜିବା ପାଇଁ ଯାଇଥିଲେ। ଦେବେନ୍ଦ୍ର ସମ୍ପ୍ରତି କୃଷକ ସଙ୍ଗଠନର ସାଧାରଣ ସମ୍ପାଦକ ଥିବାବେଳେ ବିପିନ କୃଷକ ସଙ୍ଗଠନର ପୂର୍ବତନ ଉପସଭାପତି ଥିଲେ। ଫେରିବା ସମୟରେ ସୁବର୍ଣ୍ଣପୁର ଜିଲ୍ଲା ବିନିକା ଥାନା ଅଧୀନସ୍ଥ ସୋନପୁର ବିନିକା ଜାତୀୟ ରାଜପଥ ୧୨୬ (ଏ ) ଫୁଲମୁଠି ଜାମଛାପର ମଝିରେ ଥିବା କଡ଼ିଜୋର ପାଖ କଲଭର୍ଟରେ ଭାରସାମ୍ୟ ହରାଇ ତାଙ୍କ ଗାଡ଼ିଟି କଲଭର୍ଟରେ ପିଟି ହୋଇଥିଲା। ଉଭୟ ଗୁରୁତର ଆହତ ହୋଇଥିଲେ। ଘଟଣାସ୍ଥଳରୁ ଖବର ପାଇ ଅଗ୍ନିଶମ ବାହିନୀ ଉଦ୍ଧାର କରି ସେମାନଙ୍କୁ ବିନିକା ଡାକ୍ତରଖାନାକୁ ଆଣିଥିଲେ। ସେଠାରେ ଡାକ୍ତର ଦେବେନ୍ଦ୍ରଙ୍କୁ ମୃତ ଘୋଷଣା କରିଥିଲେ। ବିନିକା ପୁଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରିବାସହ ଶବ ଜବତ କରିଛି। ଆଜି ତାଙ୍କ ଶବ ବ୍ୟବଚ୍ଛେଦ ହୋଇପାରି ନଥିବା ଜଣାପଡ଼ିଛି।

## ଶୋକ ପ୍ରକାଶ କଲେ ରୋହିତ

ସମ୍ବଲପୁର ଜିଲ୍ଲାର ବିଶିଷ୍ଟ ଚାଷୀ ନେତା ଦେବେନ୍ଦ୍ର କୁମାର ପ୍ରଧାନଙ୍କ ଅସମୟରେ ବିୟୋଗ ଖବରପାଇ ସମ୍ବଲପୁର ଜିଲ୍ଲା ବିଜେଡି ସଭାପତି ଇଂ ରୋହିତ ପୂଜାରୀ ଶୋକବ୍ୟକ୍ତ କରିଛନ୍ତି। ସେ କହିଛନ୍ତି, ଅଞ୍ଚଳର ଚାଷୀ ଭାଇମାନଙ୍କ ହକ୍ ଲଢେଇ ପାଇଁ ସବୁବେଳେ ସେ ଆଗ ଧାଡ଼ିରେ ରହୁଥିଲେ। ଏଭଳି ଦୁଃଖଦ ସମୟରେ ଶୋକସନ୍ତପ୍ତ ପରିବାର ବର୍ଗଙ୍କୁ ମୋର ଗଭୀର ସମବେଦନା ଜଣାଉଛି ଏବଂ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମାଁ ସମଲେଶ୍ୱରୀ ଓ ପ୍ରଭୁ ଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛି।

# ଏଚ୍‌ପିଭି ଟିକାକରଣ ସମ୍ପର୍କିତ ସଚେତନତା କାର୍ଯ୍ୟକ୍ରମ

**ସମ୍ବଲପୁର, ୯।୭ (ସମିସ) :** ଓଡ଼ିଶା ସରକାରଙ୍କ ଦ୍ୱାରା ୧୪ - ୧୫ ବର୍ଷ ବୟସର କିଶୋରୀମାନଙ୍କ ପାଇଁ ମାଗଣା ହ୍ୟୁମାନ ପାପିଲୋମା ଭାଇରସ୍ (ଏଚ୍‌ପିଭି) ଟିକାକରଣ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିବାବେଳେ, ଅଭିଭାବକ ମାନଙ୍କ ମଧ୍ୟରେ ସଚେତନତାର ଅଭାବ ଏବଂ ବିଭିନ୍ନ ଦ୍ୱନ୍ଦ୍ୱ କାରଣରୁ ଟିକା ଗ୍ରହଣର ହାର ଆଶାନୁରୂପ ହୋଇପାରିନାହିଁ। ଏହି ପରିପ୍ରେକ୍ଷୀରେ ଇଣ୍ଡିଆନ ପବ୍ଲିକ ହେଲ୍‌ଥ ଆସୋସିଏସନ୍ (ଆଇପିଏଚ୍‌ଏ), ଓଡ଼ିଶା ଶାଖା ଓ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ, ସମ୍ବଲପୁରର ମିଳିତ ସହଯୋଗରେ କଟାପାଲି ଉଚ୍ଚ ବିଦ୍ୟାଳୟ ଏବଂ ବୈଜାମୁଣ୍ଡା ଆଶ୍ରମ ବିଦ୍ୟାଳୟରେ ଅଭିଭାବକମାନଙ୍କ ପାଇଁ ଏଚ୍‌ପିଭି ଟିକାକରଣ ସମ୍ପର୍କିତ ସଚେତନତା ସଭା ଆୟୋଜିତ ହୋଇଯାଇଛି। ଡାକ୍ତର ଇପ୍‌ସିତା ନାଏକ, ଡା. ରୋହନ ନାୟକ ଏବଂ ଡା. ରଞ୍ଜନ କୁଜୁର, ଜରାୟୁ ମୁଖ କର୍କଟ (ସର୍ଭାଇକାଲ୍ କ୍ୟାନ୍ସର)ର କାରଣ, ଏହାର ପ୍ରତିରୋଧରେ ଏଚ୍‌ପିଭି ଟିକାର ଭୂମିକା, ଟିକାର ସୁରକ୍ଷା, କାର୍ଯ୍ୟକାରିତା ଏବଂ ସରକାରଙ୍କ ମାଗଣା ଟିକାକରଣ ଯୋଜନା ସମ୍ପର୍କରେ ବିସ୍ତୃତ ସୂଚନା ଦେଇଥିଲେ। ଉପସ୍ଥିତ ଅଭିଭାବକମାନେ ଟିକାକୁ ନେଇ ରହିଥିବା ସନ୍ଦେହ ଉପସ୍ଥାପନ କରିଥିଲେ। ସ୍ୱାସ୍ଥ୍ୟ ବିଶେଷଜ୍ଞମାନେ ବୈଜ୍ଞାନିକ ତଥ୍ୟ ଓ ପ୍ରମାଣ ଆଧାରରେ ସମସ୍ତ ପ୍ରଶ୍ନର ଉତ୍ତର ଦେଇଥିଲେ। ଅଧିକାଂଶ ଅଭିଭାବକ ନିଜ ଝିଅମାନଙ୍କୁ ଏଚ୍‌ପିଭି ଟିକା ଦେବାପାଇଁ ସକାରାତ୍ମକ ମନୋଭାବ ପ୍ରକାଶ କରିଥିଲେ। ଏହି ଅବସରରେ ମୁଖ୍ୟଅତିଥି ଆଇପିଏଚ୍‌ଏ ଓଡ଼ିଶାର ସାଧାରଣ ସମ୍ପାଦକ ଡା. ସଞ୍ଜୀବ କୁମାର ମିଶ୍ର



କହିଥିଲେ ଯେ, ଜରାୟୁ ମୁଖ କର୍କଟ ଏକ ପ୍ରତିରୋଧଯୋଗ୍ୟ କର୍କଟ ରୋଗ ଏବଂ ସମୟୋପଯୋଗୀ ଏଚ୍‌ପିଭି ଟିକାକରଣ ମାଧ୍ୟମରେ ଏହାର ବୋଝକୁ ବହୁ ପରିମାଣରେ କମାଇ ହେଇପାରିବ। ସମସ୍ତ ଅଭିଭାବକଙ୍କୁ ସରକାରଙ୍କ ଏହି ମାଗଣା ସୁବିଧାର ଲାଭ ଉଠାଇ ନିଜ ଝିଅ ମାନଙ୍କୁ ଟିକା ଦେବାକୁ ସେ ଅନୁରୋଧ କରିଥିଲେ। କାର୍ଯ୍ୟକ୍ରମକୁ ବିଦ୍ୟାଳୟର ପ୍ରଧାନଶିକ୍ଷକ ଅନୀଲ ମିଶ୍ର ଏବଂ ଏଏନ୍‌ଏମ୍ ଶୁଭଶ୍ରୀ ପଣ୍ଡା ସଞ୍ଚାଳନ କରିଥିଲେ।

# ମଦ ଦୋକାନ ଉଦ୍‌ଘାଟନ କଲେ ବିଜେପି ନେତା

## ଦେଇଥିବା ପ୍ରତିଶ୍ରୁତି ଭୁଲିଗଲେ: କଂଗ୍ରେସ

**ସମ୍ବଲପୁର, ୯।୭ (ସମିସ):** ସାଧାରଣ ନିର୍ବାଚନ ପୂର୍ବରୁ ବିଜେପି କ୍ଷମତାକୁ ଆସିଲେ ରାଜ୍ୟକୁ ନିଶାମୁକ୍ତ କରାଯିବ ଏବଂ ମଦ ବନ୍ଦ ହେବବୋଲି ପ୍ରତିଶ୍ରୁତି ଦେଇଥିଲା। ହେଲେ ସରକାର ଗଠନପରେ ଏବେ ଓଲଟା ଚିତ୍ର ଦେଖିବାକୁ ମିଳୁଛି। ମଦ ଦୋକାନ ପାଇଁ ପୁଣି ଟେଣ୍ଡର ପ୍ରକ୍ରିୟା କରାଯାଇ ଜିଲ୍ଲାପାଳମାନଙ୍କ



ଦ୍ୱାରା ଲଟେରି ଉଠାଣ କରାଗଲାଣି। ଏହି କ୍ରମରେ ମନେଶ୍ୱର ଜାତୀୟ ରାଜପଥ କଡ଼ରେ ନୂତନ ଭାବେ ଖୋଲାଯାଇଥିବା ଏକ ବିଦେଶୀ ମଦ ଦୋକାନକୁ ବରିଷ୍ଠ ବିଜେପି ନେତା ତଥା ପୂର୍ବତନ ରେଙ୍ଗାଲି ବିଧାୟକ ନାଉରି ନାୟକ ଉଦ୍‌ଘାଟନ କରିବା ଘଟଣା ଏବେ ସ୍ଥାନୀୟ ଅଞ୍ଚଳରେ ତୀବ୍ର ଚର୍ଚ୍ଚାର ବିଷୟ ପାଲଟିଛି। ଏହାକୁ ନେଇ କଂଗ୍ରେସ ପକ୍ଷରୁ ସରକାରଙ୍କୁ କଡ଼ା ସମାଲୋଚନା କରାଯାଇଛି। କଂଗ୍ରେସ ନେତା ତଥା ରାଜ୍ୟ ସମ୍ପାଦକ ଦିଲ୍ଲୀପ ଦୁରିଆ କହିଛନ୍ତି ଯେ, ନିର୍ବାଚନ ସଭାଗୁଡ଼ିକରେ ବିଜେପିର ମନ୍ତ୍ରୀ, ସାଂସଦ ଓ ବିଧାୟକମାନେ ରାଜ୍ୟକୁ ନିଶାମୁକ୍ତ କରିବା ପ୍ରସଙ୍ଗ ଉଠାଇ ମହିଳା ଭୋଟରଙ୍କୁ ଆକର୍ଷିତ କରିଥିଲେ। ନିଶା ଯୋଗୁଁ ଅନେକ ପରିବାର ବରବାଦ ହେଉଥିବା ବେଳେ ସାମାଜିକସ୍ତରରେ ସମ୍ମାନ ହାନି ହେଉଛି। ଲୋକେ ଆଶା କରିଥିଲେ ସରକାର ବଦଳିଲେ ମଦ ବିକ୍ରି ବନ୍ଦ ହେବ, ହେଲେ ଏବେ ମଦ ବିକ୍ରି ଆହୁରି ବୃଦ୍ଧି ପାଇଛି। ବିଜେପି ନେତା ଓ କର୍ମୀମାନେ ପ୍ରତ୍ୟକ୍ଷ ଏବଂ ପରୋକ୍ଷ ଭାବେ ମଦ ଦୋକାନରେ ଭାଗୀଦାର ରହୁଛନ୍ତି, ଯାହା ଅତ୍ୟନ୍ତ ନିନ୍ଦନୀୟ। ନିର୍ବାଚନ ପୂର୍ବରୁ ମଦ ବିରୋଧୀ ଆନ୍ଦୋଳନ କରୁଥିବା ବିଜେପି ନେତାମାନେ କ୍ଷମତାକୁ ଆସିବା ପରେ ନିଜ ଘୋଷଣା ଓ ପ୍ରତିଶ୍ରୁତି ସବୁ ଭୁଲି ଯାଇଛନ୍ତି। ସବୁଠାରୁ ହାସ୍ୟାସ୍ପଦ କଥା ହେଉଛି, ଶ୍ରୀ ନାୟକ ଏହି ମଦ ଦୋକାନର ଶୁଭାରମ୍ଭ ଦିନ ମୁଖ୍ୟ ଅତିଥି ଭାବେ ଯୋଗଦେଇ ନିଜ ହାତରେ ଫିତା କାଟିଥିଲେ। ଚଳିତ ବର୍ଷ ଏହି ଦୋକାନର ମାଲିକାନା ପରିବର୍ତ୍ତନ ହୋଇଥିବା ବେଳେ ଏଥିରେ ବିଜେପିର କିଛି କାର୍ଯ୍ୟକର୍ତ୍ତା ଅଂଶୀଦାର ଥିବା ସେ ଅଭିଯୋଗ କରିଛନ୍ତି। ସେହି କାରଣରୁ ପୂର୍ବତନ ବିଧାୟକ ଶ୍ରୀ ନାୟକ ଏହାର ଉଦ୍‌ଘାଟନୀ ଉତ୍ସବରେ ସାମିଲ ହୋଇଥିବା କୁହାଯାଉଛି। ଏ ନେଇ ଶ୍ରୀ ନାୟକ କୌଣସି ପ୍ରତିକ୍ରିୟା ଦେଇ ନାହାନ୍ତି। ମଦ ଦୋକାନ ଖୋଲିବା ଅବସରରେ ପୂଜା ରହିଥିଲା, ତେଣୁ ସେ ଯୋଗ ଦେଇଥିବା ଶ୍ରୀ ନାୟକ କହିଛନ୍ତି।

# ଅଙ୍ଗନବାଡ଼ି କର୍ମୀ ସଂଘ ପକ୍ଷରୁ ଉପମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର ପ୍ରଦାନ

**ସମ୍ବଲପୁର, ୯।୭ (ସମିସ) :** ପଶ୍ଚିମ ଓଡ଼ିଶା ଅଙ୍ଗନବାଡ଼ି କର୍ମୀ ଓ ସହାୟିକା ସଂଘ ପକ୍ଷରୁ ଗୁରୁବାର ସମ୍ବଲପୁର ସର୍କିଟ୍ ହାଉସଠାରେ ଉପମୁଖ୍ୟମନ୍ତ୍ରୀ ତଥା ମହିଳା ଓ ଶିଶୁ ବିକାଶ ବିଭାଗର ମନ୍ତ୍ରୀ ପ୍ରଭାତୀ ପରିଡ଼ାଙ୍କୁ ସାକ୍ଷାତ କରି ଅଙ୍ଗନବାଡ଼ି କର୍ମୀ ଓ ସହାୟିକାମାନଙ୍କ ବିଭିନ୍ନ ସମସ୍ୟା, ସେବା ସୁରକ୍ଷା ଏବଂ କଲ୍ୟାଣ ସମ୍ବନ୍ଧୀୟ ଦାବିପତ୍ର ପ୍ରଦାନ କରାଯାଇଛି। ଦାବିଗୁଡ଼ିକ ମଧ୍ୟରେ, କର୍ମଚାରୀର ମାନ୍ୟତା, ଉପଯୁକ୍ତ ଭତ୍ତା ଓ ଦରମା, ସାମାଜିକ ସୁରକ୍ଷା, ପେନସନ୍, ସ୍ୱାସ୍ଥ୍ୟ ଓ ଦୁର୍ଘଟଣା ବୀମା, ସୁପରଭାଇଜର ପଦବୀକୁ ୧୦୦% ପଦୋନ୍ନତି ମାଧ୍ୟମରେ ପୂରଣ, ସହାୟିକାଙ୍କୁ ପଦୋନ୍ନତି ସୁଯୋଗ, ଅବସରକାଳୀନ ସମସ୍ତ ସୁବିଧା ସମୟରେ ପ୍ରଦାନ, ଦୀର୍ଘ ସେବା ପାଇଁ ପ୍ରୋତ୍ସାହନ ଭତ୍ତା ଏବଂ ଟିଏଚ୍‌ଆର, ଏସ୍‌ଏନ୍‌ପି ଓ ଅଣ୍ଡା ଯୋଗାଣର ଦରକୁ ବର୍ତ୍ତମାନ ବଜାର ଦର ଅନୁଯାୟୀ ସଂଶୋଧନ ଆଦି ରହିଛି। ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଏହାର ସମସ୍ତ ଦିଗକୁ ବିଚାର କରାଯିବ ଏବଂ ନ୍ୟାୟସଙ୍ଗତ ଦାବିଗୁଡ଼ିକର ସମାଧାନ ପାଇଁ ଆବଶ୍ୟକ ପଦକ୍ଷେପ ନିଆଯିବ ବୋଲି ପ୍ରତିଶ୍ରୁତି ଦେଇଥିବା ସଂଘ ପକ୍ଷରୁ ପ୍ରକାଶ। ପଶ୍ଚିମ ଓଡ଼ିଶା ଅଙ୍ଗନବାଡ଼ି କର୍ମୀ ଓ ସହାୟିକା ସଂଘର ଆବାହକ ପ୍ରଶାନ୍ତ ପାଢ଼ୀ, ସାଧାରଣ ସମ୍ପାଦକ ପ୍ରଭାସିନୀ ପାଢ଼ୀ, ଜିଲ୍ଲା ସମ୍ପାଦକ ପ୍ରମିଳା ସିଂହ, ଅନିତା ନାୟକ, ଇନାକ୍ଷି ପତି, ସଂଘମିତ୍ରା ପଟ୍ଟନାୟକ, ଇତିରାଣୀ ସିଂ, ଜ୍ୟୋତି ମାନକି, ସବିତା ପାଢ଼ୀ, ଜୟନ୍ତୀ ନାୟକ, ସ୍ନେହଲତା ସେଠ, ଯଶୋନା ସାହୁ, ପଦ୍ମିନୀ ଧୁରୁଆ ପ୍ରମୁଖ ପ୍ରତିନିଧି ଦଳରେ ସାମିଲ ଥିଲେ।



# ସେବା ପକ୍ଷ ପାଳନ ଅବସରରେ ପଠନ ସାମଗ୍ରୀ ବିତରଣ

**ସମ୍ବଲପୁର, ୯।୭ (ସମିସ) :** ଭାରତ ବିକାଶ ପରିଷଦ, ସମ୍ବଲପୁର ଶାଖାପକ୍ଷରୁ ସେବା ପକ୍ଷ ପାଳନ ଅବସରରେ ସମାଜସେବୀ ପ୍ରଫୁଲ୍ଲ କୁମାର ପଣ୍ଡାଙ୍କ ନେତୃତ୍ୱରେ 'ବ୍ଲେସ୍ ଦ ଚିଲ୍ଡ୍ରେନ୍' ଟିମ୍ ଦ୍ୱାରା ପରିଚାଳିତ ହାତୀବାରିସ୍ଥିତ 'ପ୍ରେରଣା ପାଠଶାଳା'ରେ ପଢୁଥିବା ଆର୍ଥିକ ଦୁର୍ବଳ ପରିବାରର ଛାତ୍ରଛାତ୍ରୀମାନଙ୍କୁ ପଠନ ସାମଗ୍ରୀ ବିତରଣ କରାଯାଇଥିଲା। ଶାଖା ସଭାପତି ହେମନ୍ତ ପ୍ରଧାନଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ଶାଖା ସଚିବ ସରୋଜ ମିଶ୍ର ଭାରତ ବିକାଶ ପରିଷଦର ପଞ୍ଚସୂତ୍ରସମ୍ପର୍କ, ସଂସ୍କାର, ସହଯୋଗ, ସମର୍ପଣ ଓ ସେବାର ତାତ୍ପର୍ଯ୍ୟ ବ୍ୟାଖ୍ୟା କରିବାସହ ଏକ ସୁସ୍ଥ, ସମର୍ଥ ଓ ସଂସ୍କାରିତ ଭାରତ ଗଠନରେ ବିକାଶ ପରିଷଦର ସହଭାଗିତା ସମ୍ପର୍କରେ ଆଲୋକପାତ କରିଥିଲେ। ସଭାପତି ଶ୍ରୀ ପ୍ରଧାନ ଛାତ୍ରଛାତ୍ରୀମାନଙ୍କୁ ସେବା ପରାୟଣ ମନୋବୃତ୍ତି ଗଢ଼ି ତୋଳିବା ପାଇଁ ଆହ୍ୱାନ ଜଣାଇଥିଲେ। ପରିଷଦର ପର୍ଯ୍ୟାବରଣ ଟୋଲିର ପ୍ରାନ୍ତ ସଂଯୋଜକ ଡ. ନରେନ୍ଦ୍ର ବେହେରା ସ୍ୱଚ୍ଛ ପରିବେଶର ଆବଶ୍ୟକତା ଓ ଉପକାରିତା ସମ୍ପର୍କରେ ପିଲାମାନଙ୍କୁ ସଚେତନ କରିଥିଲେ। କାର୍ଯ୍ୟକ୍ରମରେ ପରିଷଦର ବରିଷ୍ଠ ସଦସ୍ୟ ରାମେଶ୍ୱର ପୁରୋହିତ, ସଂସ୍କାର ଟୋଲିର ସଂଯୋଜକ ଶ୍ୟାମସୁନ୍ଦର ବିଶ୍ୱାଳ, ମହିଳା ସହଭାଗିତା ଟୋଲିର ସଂଯୋଜିକା ତୃପ୍ତି ପୁରୋହିତ, ସେବା ଟୋଲିର ସଂଯୋଜକ ଶେଷଦେବ ପାଣିଗ୍ରାହୀ, ସଦସ୍ୟ ପ୍ରଦ୍ୟୋତ ମିଶ୍ର, ଭୋଳାନାଥ ମେହେର ପ୍ରମୁଖ ଯୋଗ ଦେଇଥିଲେ।



# କୁକୁଡ଼ାପାଲି ପଞ୍ଚାୟତ ଉପନିର୍ବାଚନ; ବିଶ୍ୱାମିତ୍ର ବିଜୟୀ

**ସମ୍ବଲପୁର, ୯।୭ (ସମିସ):** ସମ୍ବଲପୁର ଜିଲ୍ଲା ଯୁଯୁମୁରା ବ୍ଲକ ଅଧୀନ କୁକୁଡ଼ାପାଲି ପଞ୍ଚାୟତର ୨ ନମ୍ବର ୱାର୍ଡ ସଭ୍ୟ ଉପନିର୍ବାଚନରେ ବିଜେପି ସମର୍ଥିତ ପ୍ରାର୍ଥୀ ବିଶ୍ୱାମିତ୍ର ପ୍ରଧାନ ବିଜୟ ହାସଲ କରିଛନ୍ତି। ସେ ତାଙ୍କର ନିକଟତମ ପ୍ରତିଦ୍ୱନ୍ଦ୍ୱୀଙ୍କୁ ୧୩ ଖଣ୍ଡ ଭୋଟରେ ପରାସ୍ତ କରିଛନ୍ତି। ଯୁଯୁମୁରା ବିଡିଓ ରାଜେଶ୍ ଏକ୍କା ଓ ତହସିଲଦାର ପ୍ରଭାସ ଉନସେନାଙ୍କ ତତ୍ତ୍ୱାବଧାନରେ ଏହି ନିର୍ବାଚନ ପ୍ରକ୍ରିୟା ଶାନ୍ତିଶୃଙ୍ଖଳାର ସହ ସମ୍ପନ୍ନ ହୋଇଥିଲା। ସୂଚନାଯୋଗ୍ୟ ଯେ, କୁକୁଡ଼ାପାଲି ୨ ନମ୍ବର ୱାର୍ଡର ପୂର୍ବତନ ୱାର୍ଡ ସଭ୍ୟ ରାମଚନ୍ଦ୍ରଙ୍କ ନାମରେ ସରକାରୀ ଠିକାଦାର ଲାଇସେନ୍ସ ଥିବା ସହ କିଛି କାର୍ଯ୍ୟକୁ ନେଇ ଅନିୟମିତତାର ଅଭିଯୋଗ ଆସିଥିଲା। ବିବାଦ ଘେରକୁ ଆସିବା ପରେ ତାଙ୍କୁ ପଦରୁ ବହିଷ୍କୃତ କରାଯାଇଥିଲା। ଫଳରେ ଏହି ଆସନଟି ଖାଲି ପଡ଼ିଥିଲା, ତେଣୁ ଉପନିର୍ବାଚନ ପାଇଁ ମତଦାନ ହୋଇଥିଲା। ବିଜେପି ଜିଲ୍ଲା ସାଧାରଣ ସମ୍ପାଦକ ସସ୍ମିତା ଦେହୁରୀ କହିଛନ୍ତି, ଆଗକୁ ପଞ୍ଚାୟତ ନିର୍ବାଚନ ଆସୁଥିବାବେଳେ ଏହି ବିଜୟଦଳ ପାଇଁ ଏକ ବଡ଼ ପ୍ରେରଣା। ଆମନେତା ଦେବେନ୍ଦ୍ର ମହାପାତ୍ରଙ୍କ ନେତୃତ୍ୱରେ ସଂଗଠନ ଦିନକୁ ଦିନ ସୁଦୃଢ଼ ହେବାରେ ଲାଗିଛି। ତୃଣମୂଳସ୍ତରରେ ବିଜେପି ଏବେ ଆହୁରି ଶକ୍ତିଶାଳୀ ହେଉଛି।



# ବିଭାଗୀୟ ସମୀକ୍ଷା କଲେ ଉପମୁଖ୍ୟମନ୍ତ୍ରୀ

**ସମ୍ବଲପୁର, ୯।୭ (ସମିସ)**

ଉପମୁଖ୍ୟମନ୍ତ୍ରୀ ତଥା ମହିଳା ଓ ଶିଶୁ ବିକାଶ, ମିଶନ ଶକ୍ତି ଏବଂ ପର୍ଯ୍ୟଟନ ବିଭାଗ ମନ୍ତ୍ରୀ ପ୍ରଭାତୀ ପରିଡ଼ାଙ୍କ ଅଧ୍ୟକ୍ଷତାରେ ଆଜି ମହିଳା ଓ ଶିଶୁ ବିକାଶ, ମିଶନ ଶକ୍ତି, ଓଡ଼ିଶା ଜୀବିକା ମିଶନ (ଓଏଲଏମ) ଏବଂ ପର୍ଯ୍ୟଟନ ବିଭାଗର ବିଭିନ୍ନ ଯୋଜନା ଓ କାର୍ଯ୍ୟକ୍ରମର ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ପୋଷଣ ହିତାଧିକାରୀଙ୍କ ସ୍ଥିତି, ଶିଶୁଙ୍କ ଉଚ୍ଚତା ଓ ଓଜନ ମାପର ଦକ୍ଷତା, ଅଙ୍ଗନବାଡ଼ି କେନ୍ଦ୍ରର ଗ୍ରେଡିଂ, ଫୋର୍ଟିଫାଏଡ୍ ରାଇସ୍ (ଏଫଆରଏସ) ବଣ୍ଟନ, ମୁଖ୍ୟମନ୍ତ୍ରୀ କନ୍ୟା ବିବାହ ଯୋଜନା, ଆଦ୍ୱିକା କ୍ଲବ୍, ସୁଭଦ୍ରା ହେଲ୍ପଡେସ୍କ, ଓ୍ୱାନ୍ ଷ୍ଟପ୍ ସେଣ୍ଟର, ଶକ୍ତି ସଦନ, ମମତା ଯୋଜନା, ଚାଇଲ୍ଡ ହେଲ୍ପଲାଇନ୍, ଶିଶୁ ଯତ୍ନ ଅନୁଷ୍ଠାନ, ଦତ୍ତକ ଗ୍ରହଣ କମିଟି, ଶିଶୁ ଉଦ୍ଧାର କାର୍ଯ୍ୟ, ଦକ୍ଷତା ବିକାଶ, ମିଶନ ବାତ୍ସଲ୍ୟ, କ୍ରେଡେଲ ବେବି ପଏଣ୍ଟ ଏବଂ ଆଫ୍‌ଟର୍ କେୟାର ହୋମ୍‌ର ଅଗ୍ରଗତି ସମ୍ପର୍କରେ ସମୀକ୍ଷା କରାଯାଇଥିଲା। ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡ଼ା ଅଧିକାରୀମାନଙ୍କୁ ଯୋଜନାଗୁଡ଼ିକର ଫଳପ୍ରଦ ରୂପାୟନ, ନିୟମିତ ତଦାରଖ ଓ ଜନସାଧାରଣଙ୍କୁ ଉନ୍ନତ ସେବା ପ୍ରଦାନ ଉପରେ ଗୁରୁତ୍ୱ ଦେବାକୁ ନିର୍ଦ୍ଦେଶ ଦେଇଥିଲେ। ପର୍ଯ୍ୟଟନ ବିଭାଗ ଅଧୀନରେ କର୍ଡୋଲା, ମହାନଦୀ ଆଳତୀ, ଘଣ୍ଟେଶ୍ୱରୀ ମନ୍ଦିର, ଭୀମ ମଣ୍ଡଳୀ ଏବଂ ହୁମାର ବକ୍ର ମନ୍ଦିରର ବିକାଶ କାର୍ଯ୍ୟର ଅଗ୍ରଗତି ମଧ୍ୟ ସମୀକ୍ଷା କରାଯାଇଥିଲା। ପ୍ରକଳ୍ପଗୁଡ଼ିକୁ ନିର୍ଦ୍ଧାରିତ ସମୟ ମଧ୍ୟରେ ଗୁଣାତ୍ମକ ଭାବେ ସମ୍ପନ୍ନ କରିବାକୁ ଉପମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଥିଲେ। ମିଶନ ଶକ୍ତି ଓ ଓଏଲଏମ୍‌ର ସଂସ୍ଥାଗତ ଭିତ୍ତିଭୂମି, ମହିଳା ସ୍ୱୟଂ ସହାୟକ ଗୋଷ୍ଠୀମାନଙ୍କ ବିଭିନ୍ନ କାର୍ଯ୍ୟକଳାପ ଏବଂ ଲକ୍ଷପତି ଦିଦି କାର୍ଯ୍ୟକ୍ରମର ଅଗ୍ରଗତି ମଧ୍ୟ ସମୀକ୍ଷା କରାଯାଇଥିଲା। ମହିଳାଙ୍କ ଆର୍ଥିକ ସଶକ୍ତିକରଣ, ଜୀବିକା ବୃଦ୍ଧି ଏବଂ ବିଭାଗୀୟ ସମନ୍ୱୟକୁ ଅଧିକ ସୁଦୃଢ଼ କରିବା ଉପରେ ଉପମୁଖ୍ୟମନ୍ତ୍ରୀ ଗୁରୁତ୍ୱାରୋପ କରିଥିଲେ। ବୈଠକରେ ପର୍ଯ୍ୟଟନ ବିଭାଗ ନିର୍ଦ୍ଦେଶକ ଦୀପଙ୍କର ମହାପାତ୍ର, ମହିଳା ଓ ଶିଶୁ ବିକାଶ ବିଭାଗର ଅତିରିକ୍ତ ସଚିବ ସୁମିତ୍ରା ପଟ୍ଟନାୟକ, ମିଶନ ଶକ୍ତିର ଉପସଚିବ ନମ୍ରତା ମୋଦି, ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର, ସମ୍ବଲପୁର ମହାନଗର ନିଗମ ଆୟୁକ୍ତ ରେହାନ ଖତ୍ରୀ, ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରସନ୍ନ କୁମାର ପାତ୍ରଙ୍କ ସମେତ ସମ୍ପୃକ୍ତ ବିଭାଗର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।



# ବନ ମହୋତ୍ସବ ପାଳିଲେ; ଚାରା ଲଗାଇଲେ








**ବରଗଡ଼, ୯ । ୭ (ସମିସ)**

ଗୋଟିଏ ଛାତ୍ର ଗୋଟିଏ ଗଛ। ଏଇ ସ୍ଲୋଗାନ କୁ ଆଧାର କରି ଆଜି କଟାପାଲି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିସରରେ ବନ ମହୋତ୍ସବ ପାଳିତ ହୋଇଯାଇଛି। ବିଦ୍ୟାଳୟର ଅଧ୍ୟକ୍ଷ ଅଶୋକ ମେହେର ଏଥିରେ ଅଧ୍ୟକ୍ଷତା କରି ଗଛର ଉପକାରିତା ସମ୍ପର୍କରେ ବିସ୍ତୃତ ଭାବେ ଆଲୋଚନା କଲେ। ସମସ୍ତ ଅଧ୍ୟାପକ, ଅଧ୍ୟାପିକା ଓ ଛାତ୍ରଛାତ୍ରୀ ମିଶି ବିଦ୍ୟାଳୟ ପରିସରରେ ପ୍ରାୟ ଦୁଇ ଶହରୁ ଅଧିକ ଚାରାରୋପଣ କରିଥିଲେ। ପ୍ରତ୍ୟେକ ଛାତ୍ର ଛାତ୍ରୀ ଗୋଟିଏ ଲେଖାଏଁ ଗଛ ଲଗାଇ ତାର ଯତ୍ନ ନେବାକୁ ଶପଥ ନେଇଥିଲେ।

କଟାପାଲି ସରକାରୀ ଉଚ୍ଚବିଦ୍ୟାଳୟରେ ମଧ୍ୟ ବନ ମହୋତ୍ସବ ପାଳିତ ହୋଇଛି। ପ୍ରଧାନ ଶିକ୍ଷକ ବୈଲୋଚନ ପ୍ରଧାନଙ୍କ ସଭାପତିତ୍ୱରେ ଆୟୋଜିତ ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ରାମଚନ୍ଦ୍ର ସାହୁ ଓ ମୁଖ୍ୟବକ୍ତା ଭାବେ କବି ନିତିଶ ଆଚାର୍ଯ୍ୟ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ବିଦ୍ୟାଳୟ ପରିଚାଳନା କମିଟିର ଚେୟାରମ୍ୟାନ ବିକ୍ରମ ବଡ଼େଇ, ପଞ୍ଚସଖା ଶିକ୍ଷା ସେତୁ କମିଟିର ଚେୟାରମ୍ୟାନ ସୁଦାମ ସାହୁ, ଜିଲ୍ଲାପରିଷଦ ସଦସ୍ୟା ପୁଷ୍ପା ଭୋଇ ଓ ମାନସ ଦାଶ ମଞ୍ଚାସୀନ ଥିଲେ। ଶିକ୍ଷକ ଭୁବନେଶ୍ୱର ପ୍ରଧାନ ଅତିଥି ପରିଚୟ ପ୍ରଦାନ କରିଥିଲେ। ବିଦ୍ୟାଳୟର ଛାତ୍ରୀମାନେ ସ୍ୱାଗତ ସଙ୍ଗୀତ ଗାନ କରିଥିଲେ। ଦଶମ ଶ୍ରେଣୀର ଛାତ୍ରୀ ରିଜା ଭୋଇ ଓ ସୋନମ୍ ସାହୁ ନିଜର ବକ୍ତବ୍ୟ ରଖିଥିଲେ। ପୁଷ୍ପା ସାହୁ ଓ ସୁଦାମ ସାହୁ ବନ ମହୋତ୍ସବର ଆବଶ୍ୟକତା ଉପରେ ନିଜର ମତ ରଖିଥିଲେ। ଜୁନିୟର ଓ ସିନିୟର ବିଭାଗରେ ଆୟୋଜିତ କରାଯାଇଥିବା କୁଇଜ୍, ଚିତ୍ରାଙ୍କନ ଓ ପ୍ରବନ୍ଧ ଲିଖନ ପ୍ରତିଯୋଗିତାରେ ସଫଳତା ଲାଭକରିଥିବା ଛାତ୍ରଛାତ୍ରୀଙ୍କୁ ମାନପତ୍ର ଓ ଟ୍ରଫି ପ୍ରଦାନ କରାଯାଇଥିଲା। ଛାତ୍ରଛାତ୍ରୀ ଶୋଭାଯାତ୍ରାରେ ଗ୍ରାମ ପରିକ୍ରମା କରି ଚାରା ବଣ୍ଟନ କରିଥିଲେ। ବିଦ୍ୟାଳୟ ପରିସରରେ ଛାତ୍ରଛାତ୍ରୀ ଓ ଅତିଥିଙ୍କ ଦ୍ୱାରା ଚାରା ରୋପଣ କରାଯାଇଥିଲା। ଶିକ୍ଷୟିତ୍ରୀ ଦୀପାଞ୍ଜଳି ବେହେରା, ସଙ୍ଗୀତା ନାଏକ, ରୀତା ବାଗ୍, ନମିତା ପ୍ରଧାନ, ସୂର୍ଯ୍ୟକାନ୍ତି ସେଠ, ସୁନୀତା ନାଏକ, ସରିତା ମାହାଣା, ଶିକ୍ଷକ ବିକାଶ ଚୌଧୁରୀ, ହୃଦାନନ୍ଦ ଭୋଇ, ଅଭିଜିତ ସ୍ୱାଇଁ, ସଞ୍ଜିପ ରଣା ଓ ବିଦ୍ୟାଳୟ ସମସ୍ତ କର୍ମଚାରୀ ସହଯୋଗ କରିଥିଲେ। ପରିଶେଷରେ ବରିଷ୍ଠ ଶିକ୍ଷକ ସମୀର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।



ପି ଏମ୍ ଶ୍ରୀ ଜର୍ଜ ଉଚ୍ଚ ବିଦ୍ୟାଳୟରେ ମଧ୍ୟ ବନ ମହୋତ୍ସବ ମହାସମାରୋହରେ ପାଳିତ ହୋଇଯାଇଛି। ପ୍ରଧାନ ଶିକ୍ଷୟିତ୍ରୀ ଶାଶ୍ୱତୀ ଦାଶ ଅଧ୍ୟକ୍ଷତା କରିଥିଲେ। ବିଦ୍ୟାଳୟ ପରିଚାଳନା କମିଟିର ଚେୟାରମ୍ୟାନ କବିସୂର୍ଯ୍ୟ ସାହୁ ଏବଂ ପୁରାତନ ଛାତ୍ର ସଂସଦର ସମ୍ପାଦକ ନବକିଶୋର ପାଣିଗ୍ରାହୀ, ବରିଷ୍ଠ ଶିକ୍ଷକ ସୁରେଶ ଦାଶ, ଦୁଷ୍ମନ୍ତ ଭୁଏ, ଗୁରୁ କୁମ୍ଭାର, ଇକୋ କ୍ଲବ୍ ଇନଚାର୍ଜ ଶିକ୍ଷୟିତ୍ରୀ ପୂର୍ଣ୍ଣିମା ପ୍ରଧାନ, ମମତା ବିଶି, କୁମୁଦିନୀ ପାଣିଗ୍ରାହୀ, ସଞ୍ଜୁବାଲା ପୃଷ୍ଟି, ମଧୁମିତା ପୁରୋହିତ, ସୁରେଖା ସାହୁ, ସଙ୍ଗୀତା ପଟେଲ ପ୍ରମୁଖ ଚାରାରୋପଣ କରିଥିଲେ। ବରିଷ୍ଠ ଶିକ୍ଷକ ସୁରେଶ ଦାଶ ଧନ୍ୟବାଦ ଅର୍ପଣ କରିଥିଲେ।

**ପଦ୍ମପୁର:** ବରିହାପାଲି ପଞ୍ଚାୟତ ଉଚ୍ଚ ବିଦ୍ୟାଳୟରେ ୭୭ତମ ବନ ମହୋତ୍ସବ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ଅନୁଷ୍ଠିତ ଏକ ସଭାରେ ଭୁବନେଶ୍ୱର ପ୍ରଧାନ, କେଦାରନାଥ ସାହୁ, ମୀନକେତନ ସାହୁ, ବରିହାପାଲି ସରପଞ୍ଚ ନିରଦ ରଞ୍ଜନ ସାହୁ ଓ ବିଦ୍ୟାଳୟର ସଭାପତି କୀର୍ତ୍ତନ ସାହୁ ଅତିଥି ଭାବେ ଯୋଗ ଦେଇଥିଲେ। ପ୍ରଧାନଶିକ୍ଷକ ସହଦେବ ପ୍ରଧାନ, ଆଶିଷ ଜ୍ୟୋତିଶ, ବିଜ୍ଞାନ ଶିକ୍ଷକ ସୁନିଲ ସାହୁ, ଦେବାଶିଷ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

## ନିଗମାନନ୍ଦ ବିହାରରେ ଭାଗବତ ପାଠର ଶୁଭାରମ୍ଭ

**ବରଗଡ଼, ୯ । ୭(ସମିସ):** ବରଗଡ଼ ପୌର ପରିଷଦର ୧ ନମ୍ବର ୱାର୍ଡ ଅଧୀନ ନିଗମାନନ୍ଦ ବିହାର କଲ୍ୟାଣ ମଣ୍ଡପରେ ଭାଗବତ ସୁରକ୍ଷା ମଞ୍ଚ ଆନୁକୂଲ୍ୟରେ ଭାଗବତ ପାଠ କାର୍ଯ୍ୟକ୍ରମର ଶୁଭାରମ୍ଭ ହୋଇଛି। ଭାଗବତ ସୁରକ୍ଷା ମଞ୍ଚର ଆବାହକ ବାଙ୍କା ବିହାରୀ ସାହୁ, ସମ୍ପାଦକ ସନ୍ତୋଷ ପଣ୍ଡାଙ୍କ ତତ୍ତ୍ୱାବଧାନରେ ଭାଗବତ ଜାଗରଣ ପାଇଁ ପ୍ରତ୍ୟହ ସନ୍ଧ୍ୟା ୭ରେ ପଡ଼ାର କଲ୍ୟାଣ ମଣ୍ଡପରେ ଭାଗବତ ପାଠ କରାଯିବ। ଅବସରପ୍ରାପ୍ତ ଶିକ୍ଷକ ସୁଶାନ୍ତ ଭୋଇ ନିଜ ପେନସନ ପଇସାରୁ ଭାଗବତ ଗ୍ରନ୍ଥ କିଣି ସୁରକ୍ଷା ମଞ୍ଚକୁ ଅର୍ପଣ କରିଛନ୍ତି। ପ୍ରତ୍ୟହ ଭାଗବତ ପାଠ ଓ ଶ୍ରବଣ ଦ୍ୱାରା ପଡ଼ାରେ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ହୋଇ ପାରିବ ବୋଲି କାର୍ଯ୍ୟକ୍ରମର ସଂଯୋଜକ ଅଧ୍ୟାପକ ସୁରେଶ ବାରିକ ଉଲ୍ଲେଖ କରିଛନ୍ତି।

## ବରଗଡ଼ ସରକାରୀ ପଲିଟେକ୍ନିକର ୧୪୨ ଛାତ୍ରଛାତ୍ରୀ କ୍ୟାମ୍ପସ ନିଯୁକ୍ତି ପାଇଲେ



**ବରଗଡ଼, ୯ । ୭(ସମିସ):** ବରଗଡ଼ ସରକାରୀ ପଲିଟେକ୍ନିକର ୧୪୨ଜଣ ଛାତ୍ରଛାତ୍ରୀ ଦେଶର ବିଭିନ୍ନ ପ୍ରତିଷ୍ଠିତ ଶିଳ୍ପ ସଂସ୍ଥା ଓ ବହୁଜାତୀୟ କମ୍ପାନୀରେ କ୍ୟାମ୍ପସ ନିଯୁକ୍ତି ମାଧ୍ୟମରେ ଚାକିରି ସୁଯୋଗ ପାଇଛନ୍ତି। ଚଳିତ ବର୍ଷ ଅନୁଷ୍ଠାନରେ ଏକାଧିକ ଅନ୍-କ୍ୟାମ୍ପସ ନିଯୁକ୍ତି ଶିବିର ଆୟୋଜନ କରାଯାଇଥିଲା। ଅନୁଷ୍ଠାନର ଅଧ୍ୟକ୍ଷ ସଚିନ୍ଦ୍ର ଗୋଖୁରା, ଟ୍ରେନିଂ ଆଣ୍ଡ ପ୍ଲେସମେଣ୍ଟ ଅଫିସର ସ୍ୱାଗତିକା ବାବୁ, ନିତେଶ ଆଚାର୍ଯ୍ୟ ପ୍ରମୁଙ୍କ ମାର୍ଗ ଦର୍ଶନ କରିଥିଲେ। ଜେଏସଡବ୍ଲୁ ଗ୍ରୁପ୍, ଆଦାନୀ ଗ୍ରୁପ୍, ହିଣ୍ଡାଲକୋ ଇଣ୍ଡଷ୍ଟ୍ରିଜ୍ ଲିମିଟେଡ୍, ଟାଟା ପାୱାର, ମାରୁତି ସୁଜୁକି ଇଣ୍ଡିଆ ଲିମିଟେଡ୍, ଏସକେଏଚ ୱାଇ-ଟେକ୍, ଏମଆରଏଫ ଟାୟାର୍ସ, ଶ୍ୟାମ ମେଟାଲିକ୍ସ ଏବଂ ଜ୍ୟାକସନ୍ ଗ୍ରୀନ୍ ପରି ଦେଶର ଅଗ୍ରଣୀ କମ୍ପାନୀମାନେ ଅନୁଷ୍ଠାନରେ ନିଯୁକ୍ତି ପ୍ରକ୍ରିୟା ସମ୍ପନ୍ନ କରିଥିଲେ।



ଭେଡେନ ଡାକ୍ତରଖାନାରେ ବିଭିନ୍ନ ବିଶେଷଜ୍ଞ ପଦ ଖାଲି ପଡ଼ିଥିବା ନେଇ ସ୍ଥାନୀୟ ସଚେତନ ଯୁବକ ମାନସ ରଥ, ମହେଶ ବରେଇ ମୁଖ୍ୟ ଚିକିତ୍ସକ ଡାକ୍ତର ସୁଧୀର ମେହେରଙ୍କ ସହ ଆଲୋଚନା କରୁଛନ୍ତି।

## ପଦ୍ମପୁର ଗସ୍ତରେ ଆସିବେ ମନ୍ତ୍ରୀ ରବି ନାଏକ

**ପଦ୍ମପୁର, ୯ ।୭(ସମିସ):** ଓଡ଼ିଶାର ଗ୍ରାମ୍ୟ ଉନ୍ନୟନ, ପଞ୍ଚାୟତିରାଜ ଓ ପାନୀୟ ଜଳ ଯୋଗାଣ ମନ୍ତ୍ରୀ ରବି ନାରାୟଣ ନାଏକଙ୍କ ଏକ ୫ ଦିନିଆ ସରକାରୀ ଗସ୍ତ କାର୍ଯ୍ୟସୂଚୀ ପ୍ରକାଶ ପାଇଛି। ଜୁଲାଇ ୮ ତାରିଖ ରାତିରୁ ଆରମ୍ଭ ହୋଇଥିବା ଏହି ଗସ୍ତ ଜୁଲାଇ ୧୨ ତାରିଖ ପର୍ଯ୍ୟନ୍ତ ଚାଲିବ। ଏହି ସମୟରେ ମନ୍ତ୍ରୀ ବିଭିନ୍ନ ଜିଲ୍ଲା ଗସ୍ତ କରିବା ସହ ଅନେକ ବିକାଶମୂଳକ ପ୍ରକଳ୍ପର ଉଦ୍‌ଘାଟନ ଓ ଶିଳାନ୍ୟାସ କରିବାର କାର୍ଯ୍ୟକ୍ରମ ରହିଛି। ଏହି ଅବସରରେ ପଦ୍ମପୁରରେ ପ୍ରକଳ୍ପର ଶିଳାନ୍ୟାସ କରିବା କାର୍ଯ୍ୟକ୍ରମ ରହିଛି। ଜୁଲାଇ ୧୦ ତାରିଖ ପୂର୍ବାହ୍ନ ୧୧ଟାରେ ମନ୍ତ୍ରୀ ପଦ୍ମପୁରଠାରେ ଗ୍ରାମ୍ୟ ଉନ୍ନୟନ ବିଭାଗର ବିଭିନ୍ନ ବିକାଶମୂଳକ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ ଏବଂ ଶିଳାନ୍ୟାସ କରିବେ।

## ଚତୁର୍ଥ ଶ୍ରେଣୀ ଛାତ୍ରଙ୍କୁ ମାଡ଼ ଓ ଜାତିଆଣ ଆକ୍ଷେପ ଅଭିଯୋଗ

**ବରଗଡ଼, ୯ ।୭(ସମିସ):** ଝାରବନ୍ଧ ବ୍ଲକ କଲୋନୀ ପ୍ରାଥମିକ ବିଦ୍ୟାଳୟର ଜଣେ ଚତୁର୍ଥ ଶ୍ରେଣୀ ଛାତ୍ରଙ୍କୁ ମାଡ଼ ମାରିବା ସହ ଜାତିଆଣ ଆକ୍ଷେପ କରାଯାଇଥିବା ନେଇ ଅଭିଯୋଗ ଉଠିଛି। ଏହି ଘଟଣାକୁ ନେଇ ଛାତ୍ରଙ୍କ ବାପା ସୁଶୀଲ ବନଛୋର ଝାରବନ୍ଧ ବ୍ଲକ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟରେ ଅଭିଯୋଗ କରିଛନ୍ତି। ବିଦ୍ୟାଳୟର ଚେୟାରମ୍ୟାନ ଛାତ୍ରଙ୍କୁ




ଜାତିଆଣ ଆକ୍ଷେପ କରିବା ସହ ମାଡ଼ ମାରିଥିବା ଦର୍ଶା ଯାଇଛି। ଏହି ଘଟଣାର ନିରପେକ୍ଷ ତଦନ୍ତ କରି ଦୋଷୀ ବିରୋଧରେ ଆଇନଗତ ଓ ବିଭାଗୀୟ କାର୍ଯ୍ୟାନୁଷ୍ଠାନ ନେବାକୁ ଶ୍ରୀ ବନଛୋର ବ୍ଲକ ଶିକ୍ଷା ଅଧିକାରୀଙ୍କ ନିକଟରେ ଦାବି କରିଛନ୍ତି।

## ଦୁଇ ଯୋଡ଼ି ଦିବ୍ୟାଙ୍ଗଙ୍କ ବିବାହ ସମ୍ପନ୍ନ

**ବରଗଡ଼, ୯ ।୭ (ସମିସ):** ସ୍ଥାନୀୟ ସର୍ବେଶ୍ୱର ମଣ୍ଡପରେ ଦୁଇଜଣ ଦିବ୍ୟାଙ୍ଗ ଯୋଡିଙ୍କ ବାହାଘର ଅନୁଷ୍ଠିତ ହୋଇଯାଇଛି। ବରଗଡ଼ର ପାୱାର ଅଫ ଦିବ୍ୟାଙ୍ଗ ପକ୍ଷରୁ ଏଭଳି କାର୍ଯ୍ୟକ୍ରମ ହାତକୁ ନିଆଯାଇଛି। ହିନ୍ଦୁ ରୀତିନୀତିରେ ବିବାହ ସମ୍ପନ୍ନ ହୋଇଛି। ସ୍ୱପ୍ନା ସାହୁ ଓ ରାଜ କୁମାର ସାହୁ ଏବଂ ସବିତା ସିଂ ଓ ପ୍ରଦୀପ ପଣ୍ଡାଙ୍କ ବିବାହ ସମ୍ପନ୍ନ ହୋଇଛି। ଏହି ବିବାହ କାର୍ଯ୍ୟକ୍ରମରେ ବରଗଡ଼ର ବିଧାୟକ ଅଶ୍ୱିନୀ ଷଡ଼ଙ୍ଗୀ ଓ ଅତାବିରା ବିଧାୟକ ନିହାର ମହାନନ୍ଦ ମଧ୍ୟ ଉପସ୍ଥିତ ଥିଲେ। ପାୱାର ଅଫ ଦିବ୍ୟାଙ୍ଗର ସଭାପତି ଶ୍ୟାମସୁନ୍ଦର ଅଗ୍ରୱାଲଙ୍କ ସହ ଅନେକ ଗଣ୍ୟମାନ୍ୟ ବ୍ୟକ୍ତି ଓ ଦିବ୍ୟାଙ୍ଗମାନେ ଉପସ୍ଥିତ ଥିଲେ। ଯେଉଁ ଦିବ୍ୟାଙ୍ଗମାନେ ବିବାହ ହେବା ପାଇଁ ଚାହୁଁଛନ୍ତି ସେମାନେ ପାୱାର ଅଫ ଦିବ୍ୟାଙ୍ଗଙ୍କୁ ଯୋଗାଯୋଗ କଲେ ତାଙ୍କ ବିବାହ ମଧ୍ୟ କରି ଦିଆଯିବ ବୋଲି ସଭାପତି ଶ୍ୟାମସୁନ୍ଦର ଅଗ୍ରୱାଲ ଜଣାଇଛନ୍ତି।

## ଟ୍ରାଫିକ୍ ବ୍ୟବସ୍ଥା ସୁଦୃଢ଼ କରିବାକୁ ଏସ୍‌ପିଙ୍କୁ ଦାବି



**ବରଗଡ଼, ୯ ।୭(ସମିସ):** ବରଗଡ଼ ସହରରେ ଘଟିଥିବା ଜଣେ ସ୍କୁଲ ଛାତ୍ରଙ୍କ ଦୁଃଖଦ ମୃତ୍ୟୁ ଘଟଣା ପରେ ଏନ୍‌ଏସ୍‌ୟୁଆଇ ପକ୍ଷରୁ ବରଗଡ଼ ଏସ୍‌ପି ରବୀନ୍ଦ୍ର ନାଥ ଶତପଥୀଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ସହରର ବନ୍ଧୁଟିକ୍ରା ଛକ, କାଳୀମନ୍ଦିର ଛକ, ଥାନା ଛକ, ଘୁଲିପାଲି ଛକ, ସରକାରୀ ବସ୍‌ଷ୍ଟାଣ୍ଡ ଛକ ଓ ଗାନ୍ଧୀ ଛକ ଭଳି ବ୍ୟସ୍ତ ସ୍ଥାନରେ ସ୍କୁଲ ସମୟରେ ସକାଳ ୯ଟାରୁ ୧୦ଟା ଏବଂ ସନ୍ଧ୍ୟା ୪ଟାରୁ ୫ଟା ପର୍ଯ୍ୟନ୍ତ କଡ଼ାକଡ଼ି ଟ୍ରାଫିକ୍ ବ୍ୟବସ୍ଥା ଏବଂ ପର୍ଯ୍ୟାପ୍ତ ଟ୍ରାଫିକ୍ ପୁଲିସ ନିୟୋଜିତ ପାଇଁ ଦାବି କରାଯାଇଛି।

## ପଦ୍ମିନୀ ପ୍ରଧାନଙ୍କ ପରଲୋକ

**ଗାଇସିଲେଟ, ୯ ।୭( ସମିସ):** ବରଗଡ଼ ଜିଲ୍ଲା ଗାଇସିଲେଟ ବ୍ଲକ ଗନିଆପାଲି ଗ୍ରାମପଞ୍ଚାୟତର ପୂର୍ବତନ ସରପଞ୍ଚ ତଥା ବିଜେପି ନେତା ଶାନ୍ତନୁ ପ୍ରଧାନଙ୍କ ପତ୍ନୀ ପଦ୍ମିନୀ ପ୍ରଧାନ (୪୧)ଙ୍କ ଆଜି ରାୟପୁରସ୍ଥିତ ଏକ ଘରୋଇ ଡାକ୍ତରଖାନାରେ



ଚିକିତ୍ସାଧୀନ ଅବସ୍ଥାରେ ପରଲୋକ ଘଟିଛି। ତାଙ୍କର ଅକାଳ ବିୟୋଗ ଖବର ପ୍ରଚାରିତ ହେବା ପରେ ପରିବାର, ଶୁଭେଚ୍ଛୁ, ରାଜନୈତିକ ମହଲ ଓ ସମଗ୍ର ଅଞ୍ଚଳରେ ଶୋକର ଛାୟା ଖେଳି ଯାଇଛି। ତାଙ୍କ ବିୟୋଗରେ ବିଜେପୁର ବିଧାୟକ ସନତ ଗଡ଼ତିଆ, ଜିଲ୍ଲାପରିଷଦ ସଭ୍ୟା ଝରଣା ପାଣିଗ୍ରାହୀ, ବିଜେପି ଜିଲ୍ଲା ଉପସଭାପତି ପ୍ରବୀଣ ପାଣିଗ୍ରାହୀ, ବିଜେପି ରାଜ୍ୟ ପରିଷଦ ସଦସ୍ୟ ଶରତ ବିଶି, ମଣ୍ଡଳ ପ୍ରଭାରୀ ସଞ୍ଜୟ ପୁରୋହିତ ପ୍ରମୁଖ ଗଭୀର ଶୋକ ପ୍ରକାଶ କରିବା ସହ ଶୋକସନ୍ତପ୍ତ ପରିବାରବର୍ଗଙ୍କୁ ସମବେଦନା ଜଣାଇଛନ୍ତି। ଗାଁ ଶ୍ମଶାନରେ ଶବ ସତ୍କାର କରିଥିବା ବେଳେ ପୁଅ ଅଂଶୁମାନ ମୁଖାଗ୍ନି ଦେଇଥିଲେ।

## କ୍ରିଷ୍ଣା ବିକାଶ ଛାତ୍ରଛାତ୍ରୀଙ୍କ ବନ ବିଭାଗ ନର୍ସରୀ ଭ୍ରମଣ



**ବରଗଡ଼, ୯ ।୭(ସମିସ):** କ୍ରିଷ୍ଣା ବିକାଶ ଆବାସିକ ବିଦ୍ୟାଳୟର ୭୫ ଜଣ ଅଷ୍ଟମ ଶ୍ରେଣୀ ଛାତ୍ରଛାତ୍ରୀ ବରଗଡ଼ ବରାହଗୁଡାସ୍ଥିତ ବନ ବିଭାଗ ନର୍ସରୀ ପରିଦର୍ଶନ କରିଛନ୍ତି। ବିଜ୍ଞାନ ବିଭାଗର ମୁଖ୍ୟ ବିନୀତ ଦୋରା ଓ ଭୂଗୋଳ ଶିକ୍ଷକ କମଳାକାନ୍ତ ବାରିକ ସେମାନଙ୍କୁ ମାର୍ଗଦର୍ଶନ କରିଥିଲେ। ଏହି ପରିଦର୍ଶନ ସମୟରେ ବନ ବିଭାଗର ରେଞ୍ଜ ଅଫିସର ରଞ୍ଜିତ ସିଂ ବାବୁ ଓ ଫରେଷ୍ଟର ଲୋକେଶ୍ୱର ଭୋଇ ଛାତ୍ରଛାତ୍ରୀ ଙ୍କ ସହ ଆଲୋଚନା କରି ନର୍ସରୀ ପରିଚାଳନା, ଚାରା ଉତ୍ପାଦନ ପ୍ରଣାଳୀ, ଜୈବ ବିବିଧତା, ସଂରକ୍ଷଣ, ବନୀକରଣ ଏବଂ ପରିବେଶ ସୁରକ୍ଷାର ଗୁରୁତ୍ୱ ସମ୍ପର୍କରେ ବିସ୍ତୃତ ସୂଚନା ପ୍ରଦାନ କରିଥିଲେ। ଛାତ୍ରଛାତ୍ରୀ ବିଭିନ୍ନ ପ୍ରଜାତିର ଔଷଧୀୟ, ଶୋଭାବର୍ଦ୍ଧକ ଏବଂ ବନଜାତୀୟ ଉଦ୍ଭିଦ ସମ୍ପର୍କରେ ଅବଗତ ହେବା ସହ ପ୍ରାୟୋଗିକ ପ୍ରଦର୍ଶନ ମାଧ୍ୟମରେ ସ୍ଥାୟୀ ବନ ପରିଚାଳନା ପ୍ରଣାଳୀ ବିଷୟରେ ଜ୍ଞାନ ଲାଭ କରିଥିଲେ। ବିଦ୍ୟାଳୟର ଏକ୍‌ଜିକ୍ୟୁଟିଭ୍ ପ୍ରିନ୍ସିପାଲ ଶିଶିର ପ୍ରସାଦ ରାଉଳ ଓ ଉପାଧ୍ୟକ୍ଷ ଡ. ମନୋଜ ତ୍ରିପାଠୀଙ୍କ ମାର୍ଗଦର୍ଶନ କରିଥିଲେ।

## ବିଜେପୁରରେ ଏବିଭିପିର ପ୍ରତିଷ୍ଠା ଦିବସ

**ବିଜେପୁର, ୯ ।୭(ସମିସ):** ବରଗଡ଼ ଜିଲ୍ଲା ବିଜେପୁର ବ୍ଲକରେ ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ ୭୮ତମ ପ୍ରତିଷ୍ଠା ଦିବସ ତଥା ରାଷ୍ଟ୍ରୀୟ ବିଦ୍ୟାର୍ଥୀ ଦିବସ ପାଳିତ ହୋଇଯାଇଛି। ବ୍ଲକ ଦୋରା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପୁଟୁକିଗ୍ରିଞ୍ଜେଲ ଓ ଭୀମ ଭୋଇ ମହାବିଦ୍ୟାଳୟ କଟାପାଲିରେ ସମାରୋହର ଏହି




କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ ବିଜେପୁର ବ୍ଲକ ସଂଯୋଜକ ରାଜେଶ ସାହୁ ଅଧ୍ୟକ୍ଷତା କରିଥିଲେ। ରୁଦ୍ରପ୍ରତାପ ସାହୁଙ୍କ ପରିଚାଳନାରେ ଆୟୋଜିତ ଉଭୟ କାର୍ଯ୍ୟକ୍ରମରେ ସାହିଲ ସାହୁ, କୁଷବନ୍ତ ନାଏକ, ରାହୁଲ ନାଗ ପ୍ରମୁଖ ଯୋଗ ଦେଇଥିଲେ।

# ଚଣ୍ଡିଭଟା ମାର୍କେଟୟାର୍ଡରେ ନିମ୍ନମାନର କାମ

## କାର୍ଯ୍ୟ ବନ୍ଦ କଲେ ସ୍ଥାନୀୟ ଲୋକ

**ପଦ୍ମପୁର, ୯ ।୭(ସମିସ)**

ପଦ୍ମପୁର ଉପଖଣ୍ଡ ଝାରବନ୍ଧ ବ୍ଲକ ଚଣ୍ଡିଭଟା ସମବାୟ ସମିତି ଅଧୀନ ମାର୍କେଟ ୟାର୍ଡରେ ନିର୍ମାଣ କାର୍ଯ୍ୟ ଚାଲିଛି; ହେଲେ ଏଥିରେ ବ୍ୟାପକ ଅନିୟମିତତା ହେଉଛି। ଏହାସହ କାମରେ ନିମ୍ନମାନର ସାମଗ୍ରୀ ବ୍ୟବହାର ହେଉଛି। ଆକଳନ ଅନୁଯାୟୀ କାମ ହେଉନି। ଏଭଳି ଅଭିଯୋଗ କରି ସ୍ଥାନୀୟ ଜନସାଧାରଣ ତୀବ୍ର ବିରୋଧ କରିଛନ୍ତି। ଲୋକଙ୍କ ଅଭିଯୋଗ ଅନୁଯାୟୀ, ଠିକାଦାର ଉପଯୁକ୍ତ ସାମଗ୍ରୀ ବ୍ୟବହାର କରୁନାହାନ୍ତି। ପେଭର ବ୍ଲକ ମଧ୍ୟ ନିମ୍ନମାନର ଲଗାଯାଉଛି। ଏହାଫଳରେ କିଛି



ଦିନ ମଧ୍ୟରେ କାମ ନଷ୍ଟ ହୋଇଯିବ ବୋଲି ସ୍ଥାନୀୟ ଲୋକେ ଆଶଙ୍କା କରୁଛନ୍ତି। ସେହିପରି ନିମ୍ନମାନର ସିମେଣ୍ଟ ବ୍ୟବହାର ଯୋଗୁଁ ମାର୍କେଟ ପିଣ୍ଡା ଏବଂ ନୂତନ ଅଫିସ ଗୃହରେ ଫାଟ ସୃଷ୍ଟି ହୋଇଛି। ବରଗଡ଼ର ଠିକାଦାର କମଳ ଲୋଚନ ନାୟକ କାର୍ଯ୍ୟସ୍ଥଳକୁ ନ ଆସି କିପରି କାମ ହେଉଛି ବୋଲି ଲୋକେ ପ୍ରଶ୍ନ କରିଛନ୍ତି। ଏହି ଘଟଣାକୁ ନେଇ ସ୍ଥାନୀୟ ଲୋକ ଘଟଣାସ୍ଥଳରେ ଏକତ୍ରିତ ହୋଇ କାର୍ଯ୍ୟ ବନ୍ଦ କରିଦେଇଛନ୍ତି। ବରିଷ୍ଠ ଅଧିକାରୀ ଆସି କାମର ତ୍ରୁଟି ଯାଞ୍ଚ କରିବା ପର୍ଯ୍ୟନ୍ତ କାମ କରିବାକୁ ଦିଆଯିବ ନାହିଁ ବୋଲି କହିଛନ୍ତି। ଏ ସମ୍ପର୍କରେ ପିଡବ୍ଲୁଡି ସହକାରୀ ନିର୍ବାହୀ ଯନ୍ତ୍ରୀ ଚିନ୍ମୟ ଶେଖର ସାହୁଙ୍କୁ ଯୋଗାଯୋଗ କରାଯିବାରୁ ଅଭିଯୋଗ ମିଳିଛି। କାମର ତଦନ୍ତ କରିବା ସହ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଛନ୍ତି।

## ବିନା ସୂଚନା ଫଳକରେ କାମ

**ପାଇକମାଳ, ୯ ।୭(ସମିସ):** ପାଇକମାଳ ବ୍ଲକ ଜାମସେଠ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ଚାଲିଥିବା ପାଚେରି ପ୍ରାଚୀର ନିର୍ମାଣ କାର୍ଯ୍ୟକୁ ନେଇ ସ୍ଥାନୀୟ ଅଞ୍ଚଳରେ ପ୍ରଶ୍ନ ଉଠିଛି। ପୁରୁଣା ପାଚେରି ଭାଙ୍ଗି ନୂତନ ପାଚେରି ନିର୍ମାଣ କାମ ଚାଲିଛି। ତେବେ କାର୍ଯ୍ୟସ୍ଥଳରେ କୌଣସି ସୂଚନା ଫଳକ ଲଗାଯାଇନି। ଏଣୁ କାର୍ଯ୍ୟର ସ୍ୱଚ୍ଛତାକୁ ନେଇ ସନ୍ଦେହ ସୃଷ୍ଟି ହୋଇଛି। ସାଧାରଣତଃ ସରକାରୀ ଅର୍ଥରେ କରାଯାଉଥିବା ନିର୍ମାଣ କାର୍ଯ୍ୟରେ ପ୍ରକଳ୍ପର ନାମ, ବ୍ୟୟ ଅଟକଳ, କାର୍ଯ୍ୟାଦେଶ ସଂଖ୍ୟା, କାର୍ଯ୍ୟକାରୀ ସଂସ୍ଥା ଏବଂ ନିର୍ମାଣ ଅବଧି ଆଦି ସମ୍ବଳିତ ସୂଚନା ଫଳକ ପ୍ରଦର୍ଶନ କରାଯାଏ; କିନ୍ତୁ ଏହି କାମରେ ସେପରି କୌଣସି ବ୍ୟବସ୍ଥା ନ ଥିବାରୁ କାର୍ଯ୍ୟର ବିବରଣୀ ସମ୍ପର୍କରେ ଲୋକେ ଅବଗତ ହୋଇପାରୁନାହାନ୍ତି। ଅଞ୍ଚଳବାସୀଙ୍କ କହିବା ଅନୁଯାୟୀ, ପୁରୁଣା ପାଚେରି ଭାଙ୍ଗି ନୂତନ କାମ କରାଯାଉଛି। ଏହି



କାମ କେଉଁ ବିଭାଗ ମାଧ୍ୟମରେ ହେଉଛି, କେତେ ଅର୍ଥ ବ୍ୟୟ ହେଉଛି ଏବଂ କେଉଁ ଠିକାଦାର ଏହାର ଦାୟିତ୍ୱ ନେଇଛନ୍ତି ସେନେଇ ସ୍ପଷ୍ଟ ସୂଚନା ମିଳୁନାହିଁ। ଏହାଫଳରେ ଜନସାଧାରଣଙ୍କ ମନରେ ବିଭିନ୍ନ ସନ୍ଦେହ ଦେଖା ଦେଇଛି। ଏନେଇ ସମ୍ପୃକ୍ତ ବିଭାଗୀୟ ଯନ୍ତ୍ରୀଙ୍କୁ ପଚାରିବାରୁ ଏହି କାର୍ଯ୍ୟରେ ସୂଚନା ଫଳକ ଦିଆଯିବାର ଆବଶ୍ୟକତା ନ ଥିବା କହି ସେ କଥାକୁ ଏଡାଇ ଦେଇଥିଲେ। ତେବେ ଅଞ୍ଚଳବାସୀ ଏହାକୁ ନେଇ ଅସନ୍ତୋଷ ପ୍ରକାଶ କରିବା ସହ ନିର୍ମାଣ କାର୍ଯ୍ୟର ସମସ୍ତ ବିବରଣୀ ସାର୍ବଜନୀନ କରିବା ଓ ତୁରନ୍ତ ସୂଚନା ଫଳକ ଲଗାଇବାକୁ ଦାବି କରିଛନ୍ତି। ଏଥିସହ କାର୍ଯ୍ୟରେ ସ୍ୱଚ୍ଛତା ବଜାୟ ରଖିବା ପାଇଁ ପ୍ରଶାସନ ପକ୍ଷରୁ ତଦନ୍ତ କରାଯିବା ଆବଶ୍ୟକ ବୋଲି ଦାବି ହୋଇଛି।

# କପଡ଼ା ବ୍ୟବସାୟ ଆଳରେ ଗଞ୍ଜେଇ କାରବାର

**ବଲାଙ୍ଗିର, ୯ ।୭(ସମିସ)**

ବଲାଙ୍ଗିର ଜିଲ୍ଲାରେ ଅବକାରୀ ବିଭାଗ ପୁଣି ଥରେ ଏକ ବଡ଼ ଗଞ୍ଜେଇ ଚାଲାଣ ରାକେଟର ପର୍ଦ୍ଦାଫାଶ କରିଛି। କପଡ଼ା ବ୍ୟବସାୟ ନାଁରେ ଦୀର୍ଘଦିନ ଧରି ଗଞ୍ଜେଇ କାରବାର ଚଳାଇ ଆସୁଥିବା ବ୍ୟବସାୟ ଆଳରେ ବହୁ ପରିମାଣର ଗଞ୍ଜେଇ ଚାଲାଣ ହେଉଥିବା ନେଇ ବିଶ୍ୱସ୍ତ ସୂଚନା ମିଳିଥିଲା। ଦୀର୍ଘ ଦିନ ପୂର୍ବରୁ ଏହି ସୂଚନା ଥିବା ବେଳେ ବୁଧବାର ଏହି ଚାଲାଣ ହେବା ନେଇ ସ୍ପଷ୍ଟ ସୂଚନା ମିଳିଥିଲା। ସୂଚନା ପାଇବା ପରେ ଅବକାରୀ ଅଧୀକ୍ଷକ ଅନ୍ନପୂର୍ଣ୍ଣା ରଥଙ୍କ ନିର୍ଦ୍ଦେଶ ୧୨ କ୍ୱିଣ୍ଟାଲ ଗଞ୍ଜେଇ ମିଳିଥିଲା। ସେହିପରି ଆଉ ଏକ ଗାଡିକୁ ସଇଁତଲା ଥାନା ପାଇକ ସମରା ନିକଟରେ ଅଟକାଇ ଯାଞ୍ଚ କରିବା ପରେ ଏଥିରୁ ୧ କ୍ୱିଣ୍ଟାଲରୁ ଅଧିକ ଗଞ୍ଜେଇ ଜବତ ହୋଇଥିଲା। ଜବତ ଗଞ୍ଜେଇର ଆନୁମାନିକ ମୂଲ୍ୟ ୧ କୋଟି ୬୦ ଲକ୍ଷ ଟଙ୍କା ହେବ। ତେବେ ଜବତ ରାକେଟ ହୋଇଥିବା ସନ୍ଦେହ କରାଯାଉଛି। ବଲାଙ୍ଗିର ଜିଲ୍ଲା ଦେଇ ବିଭିନ୍ନ ଉପାୟରେ ଗଞ୍ଜେଇ ଚାଲାଣ କରିବାକୁ ମାଫିଆମାନେ ନୂଆ ନୂଆ କୌଶଳ ଆପଣାଉଥିବାବେଳେ ପୁଲିସ ଓ ଅବକାରୀ ବିଭାଗର କଡ଼ା କାର୍ଯ୍ୟାନୁଷ୍ଠାନ ସତ୍ତ୍ୱେ ଏଭଳି ଘଟଣା ଚିନ୍ତା ବଢ଼ାଇଛି। କପଡ଼ା ବ୍ୟବସାୟକୁ ଆଳ କରି ଗଂଜେଇ ଚାଲାଣ କରାଯାଉଥିବା ଘଟଣା ପ୍ରଥମ ଥର ପାଇଁ ସାମ୍ନାକୁ ଆସିଥିବାରୁ ଅବକାରୀ ବିଭାଗ ଏହାକୁ ଗୁରୁତ୍ୱର





**ଦୁଇ ପିକ୍‌ଅପ୍‌ରୁ ୧୩ କ୍ୱିଣ୍ଟାଲରୁ ଅଧିକ ଗଞ୍ଜେଇ ଜବତ**

**କନ୍ଧମାଳରୁ ଦିଲ୍ଲୀ ଯାଉଥିଲା, ୮ ଗିରଫ**

ଏକ ଆନ୍ତଃରାଜ୍ୟ ଗୋଷ୍ଠୀକୁ ବଲାଙ୍ଗିର ଜିଲ୍ଲା ଅବକାରୀ ବିଭାଗ ଧରିଛି। ୨ଟି ପିକ୍‌ଅପ (ଓଡି ୨୧ ବି ୨୩୮୧ ଓ ଓଡି ୩୩ ଏଏନ ୦୮୮୨)ରେ ଗଞ୍ଜେଜଇ ଚାଲାଣ ହେଉଥିବା ବେଳେ ଚଢଉ କରି ଅବକାରୀ ଟିମ୍ ୧୩ କୁଇଣ୍ଟାଲରୁ ଅଧିକ ଗଞ୍ଜେଇ ଜବତ କରିଛି। ଏଥିରେ ସମ୍ପୃକ୍ତ ୮ ଜଣଙ୍କୁ ଗିରଫ କରିଛି।

ଅବକାରୀ ବିଭାଗ ସୂଚନା ଅନୁଯାୟୀ, କପଡ଼ା କ୍ରମେ ତୁଷୁରା ଓ ଟିଟିଲାଗଡ଼ ଅବକାରୀ ବିଭାଗକୁ ନେଇ ୨ଟି ଟିମ୍ ଗଠନ କରାଯାଇଥିଲା। କନ୍ଧମାଳରୁ ଦିଲ୍ଲୀ ଚାଲାଣ ହେବାକୁ ଥିବା ଏହି ଗଞ୍ଜେଇ ଗାଡିକୁ ଟିମ୍ ତୁଷୁରା-ଦେଓଗାଁ ରାସ୍ତାରେ କଡ଼ା ନଜର ରଖି ସନ୍ଦିଗ୍ଧ ଗାଡ଼ିକୁ ଅଟକାଇ ତଲାସି କରିଥିଲା। ପ୍ରଥମେ ତୁଷୁରା ଥାନା ଅଧୀନ ଡଙ୍ଗାପଥରଠାରେ ଏକ କପଡ଼ା ଭର୍ତ୍ତି ଗାଡିକୁ ଅଟକାଇ ଯାଞ୍ଚ କରିବାରୁ ସେଥିରୁ ଉକ୍ତ ଦୁଇ ଗାଡିରେ କପଡ଼ା ଗଣ୍ଠିଲି ଭିତରେ ଚତୁରତାର ସହ ଗଞ୍ଜେଇ ଚାଲାଣ ହେଉଥଲା। ଏହି ମାମଲାରେ ଦିଲ୍ଲୀର ଓମପ୍ରକାଶ, ରମେଶ, ରାଜୁ, ଅମିତ କୁମାର ଓ ଶାନ୍ତି ଦେବୀ, ପଞ୍ଜାବର ବୈଶାଲ, କନ୍ଧମାଳ ଜିଲ୍ଲାର ହିମାଂଶୁ ରଣା ଏବଂ ବାଲିଗୁଡ଼ାର ଗୟା ମଲ୍ଲିକଙ୍କୁ ଅବକାରୀ ବିଭାଗ ଗିରଫ କରିଛି। ପ୍ରାଥମିକ ତଦନ୍ତରୁ ଏହା ଏକ ସୁସଂଗଠିତ ଆନ୍ତଃରାଜ୍ୟ ଗଞ୍ଜେଇ ଚାଲାଣ ସହ ନେଇଛି। ତେବେ ଗିରଫ ଅଭିଯୁକ୍ତମାନେ ପ୍ରକୃତରେ କପଡ଼ା ବ୍ୟବସାୟୀ ନା କେବଳ ଗଞ୍ଜେଇ ଚାଲାଣକୁ ଆଳ କରି ଏହି ବ୍ୟବସାୟ କରୁଥିଲେ ସେନେଇ ଅଧିକ ତଦନ୍ତ ଚାଲିଛି। ଏହି ରାକେଟ ସହ ଆଉ କେଉଁମାନେ ସମ୍ପୃକ୍ତ ଅଛନ୍ତି, ଗଞ୍ଜେଇ କେଉଁଠାରୁ ଆସିଥିଲା ସେ ସମ୍ପର୍କରେ ତଦନ୍ତ ଜାରି ରହିଥିବା ଅବକାରୀ ଅଧିକ୍ଷକ ଅନ୍ନପୂର୍ଣ୍ଣା ରଥ କହିଛନ୍ତି।

# ଚୁଡାପାଲିରେ ବିଭିନ୍ନ ପଞ୍ଚାୟତର ସମସ୍ୟା ଶୁଣିଲେ ନରସିଂହ

**ବଲାଙ୍ଗିର, ୯ ।୭(ସମିସ):** ପୂର୍ବତନ ଆଇନମନ୍ତ୍ରୀ ନରସିଂହ ମିଶ୍ର ବଲାଙ୍ଗିର ବ୍ଲକ ଚୁଡାପାଲିରେ ତୁଷୁରାବାହାଲ, କଙ୍କରା, ମାୟାବର୍ହା, ଭୁଣ୍ଡିମୁହାଣ ଓ ଡଙ୍ଗାଘାଟ ଇତ୍ୟାଦି ଗାଁର ଲୋକଙ୍କୁ ଭେଟିଛନ୍ତି। ସେ ଗାଁର ସମସ୍ୟା ସମ୍ପର୍କରେ ଲୋକଙ୍କ ଅଭିଯୋଗ ଶୁଣିଛନ୍ତି। ବିଶେଷ କରି ତୁଷୁରାବାହାଲ ପଞ୍ଚାୟତର ଜିରାଟମାଲରେ ଅନେକ ମାସ ହେବ ଏକ ପିଇବା ପାଣି ପ୍ରକଳ୍ପକୁ ବିଧାୟକ ଉଦ୍‌ଘାଟନ କରିଛନ୍ତି; ହେଲେ ଆଜି ପର୍ଯ୍ୟନ୍ତ ସେଠାକାର ଲୋକଙ୍କୁ ପିଇବା ପାଣି ଯୋଗାଣ ହୋଇନି। ଲୋକେ ଘୋର ଅସନ୍ତୋଷର ସହ ଅଭିଯୋଗ କରିଥିଲେ। ଠିକ୍ ସେହିପରି ଡଙ୍ଗାଘାଟଠାରେ ବିଜୁଳି ସମସ୍ୟା ଯୋଗୁଁ ଉଠା ଜଳସେଚନ ସମ୍ଭବ ହୋଇପାରୁନାହିଁ। ଗ୍ରାମସଭାରେ ଲୋକେ ବାରମ୍ବାର ଅଭିଯୋଗ କରିଥିଲେ ହେଁ ବିଭାଗ ଶୁଣୁ ନ ଥିବା ଲୋକେ ଅଭିଯୋଗ କରିଥିଲେ। ଲୋ ଭୋଲଟେଜ ସମସ୍ୟା ଏ ସମସ୍ତ ପଞ୍ଚାୟତରେ ଅତି ଉତ୍କଟ ରୂପ ନେଉଛି। ତେଣୁ ଲୋକଙ୍କ ଦାବି ମୁତାବକ ଶ୍ରୀ ମିଶ୍ର ଏଠାକାର ବିଜୁଳି ତାର ଗୁଡିକୁ କେବୁଲରେ ପରିବର୍ତ୍ତନ କରିବା ସହ ଟ୍ରାନ୍ସଫର୍ମରର କ୍ଷମତାକୁ ବଢ଼ାଇବା ପାଇଁ ବିଭାଗୀୟ ଯନ୍ତ୍ରୀଙ୍କୁ କହିଥିଲେ। ବୁଡି ଅଞ୍ଚଳର ଅନେକ ଭୂମିହୀନ ଆଜି ପର୍ଯ୍ୟନ୍ତ ଜମି କିମ୍ବା ଟଙ୍କା କ୍ଷତିପୂରଣ ଆକାରରେ ପାଇନାହାନ୍ତି; କିନ୍ତୁ ପ୍ରଶାସନ ସେମାନଙ୍କୁ ଜବରଦସ୍ତି ଉଚ୍ଛେଦ କରିବାରେ ଲାଗିଛି। ତେଣୁ ଏହି ଭୂମିହୀନମାନଙ୍କୁ ତାଙ୍କ କ୍ଷତିପୂରଣ ପ୍ରଦାନ ସହ ବିସ୍ଥାପିତ କରିବା ପାଇଁ ଶ୍ରୀ ମିଶ୍ର ବିଭାଗକୁ ଚିଠି ଲେଖିବେ ବୋଲି କହିଥିଲେ। ତୁଷୁରାବାହାଲରେ ଏକ ଚେକଡ୍ୟାମ ନିର୍ମାଣ, ମାୟାବର୍ହା ପଞ୍ଚାୟତର ରାସ୍ତା ନିର୍ମାଣକୁ ନେଇ ଶ୍ରୀ ମିଶ୍ରଙ୍କୁ ଲୋକେ ଅନୁରୋଧ କରିଥିଲେ। ଭୁଣ୍ଡିମୁହାଣରେ ଅଷ୍ଟମ ଓ ନବମ ଶ୍ରେଣୀ ଛାତ୍ରମାନଙ୍କ ପାଠ ପଢ଼ିବା ପାଇଁ କୌଣସି ସୁବିଧା ନ ଥିବା ଆଲୋଚନା ହୋଇଥିଲା।



ଭୁଣ୍ଡିମୁହାଣ କଖାଲ ରାସ୍ତାରେ ଏକ ବ୍ରିଜ ଭାଙ୍ଗିଯାଇଥିବାରୁ ଲୋକେ ନିଜ ଚାଷ ଜମିକୁ ଚାଷ ପାଇ ଯାଇପାରୁ ନ ଥିବାର ଅଭିଯୋଗ କରିଥିଲେ। ଲୋକନାଥ କୁମୁରା, ଗୋବିନ୍ଦ ପଟେଲ, ଦୁଲଭ ପାଣ୍ଡେ, ପଙ୍କଜ ମଲ, ନିଳମଣି ଦଣ୍ଡସେନା, ଶୁଶିଲ ବେହେରା, ସରପଞ୍ଚ ଦନାରଦନ ମହାପାତ୍ର, ଧନେଶ୍ୱର ଦୀପ, ଘନ ବାରିକ, ଗିରିଧାରି ପୁଟା, ପଞ୍ଚାନନ ଘିବେଲା, ଉପେନ୍ଦ୍ର ବରିହା, ଭଗବାନ ମିର୍ଦ୍ଧା, ହେମସାଗର ପଟେଲ, ଶିଶିର ବାଗ, ରାଧେଶ୍ୟାମ ପୁଟେଲ, ସରପଞ୍ଚ ଭରତ ଛତ୍ରିଆ ଏବଂ କଂଗ୍ରେସ ନେତା ରାମପ୍ରସାଦ ମିଶ୍ର ଉପସ୍ଥିତ ଥିଲେ।

# ଘୁଷୁରାମୁଣ୍ଡା ଅଙ୍ଗନବାଡ଼ି ପାଚିକାଙ୍କୁ ସମର୍ଥନ ମିଳିଲା



**ବଲାଙ୍ଗିର, ୯ ।୭ (ସମିସ):** ବଲାଙ୍ଗୀର ଜିଲ୍ଲା ମୁରିବାହାଲ ବ୍ଲକ ଅଧୀନ ଘୁଷୁରାମୁଣ୍ଡା ଅଙ୍ଗନବାଡି କେନ୍ଦ୍ରର ନବ ନିଯୁକ୍ତ ପାଚିକାଙ୍କୁ ନେଇ ଗାଁରେ ବିବଦାଦ ଦେଖା ଦେଇଛି। ସେ ଦଳିତ ସମ୍ପ୍ରଦାୟର ହୋଇଥିବାରୁ ଲୋକେ ବିରୋଧ କରିଥିଲେ। ଶେଷରେ ତାଙ୍କୁ ସମର୍ଥନ ମିଳିଛି। ତାଙ୍କ ସପକ୍ଷରେ ଗୁରୁବାର ଟିଟିଲାଗଡ଼ରେ ଲବ ସୁନାଙ୍କ ନେତୃତ୍ୱରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦିଆଯାଇଛି। ପ୍ରଶାସନ ଜାତିପ୍ରଥାକୁ ପ୍ରୋତ୍ସାହନ ଦେଉଥିବା ଅଭିଯୋଗ କରି ତୀବ୍ର ବିରୋଧ ପ୍ରଦର୍ଶନ କରାଯାଇଥିଲା। ଉପଜିଲ୍ଲାପାଳ କିନ୍ତୁ ଏହି ଅଭିଯୋଗକୁ ଖଣ୍ଡନ କରିଛନ୍ତି। ଜାତିପ୍ରଥା ନେଇ ଆଲୋଚନା ହୋଇନି। ବୁଝାମଣାରେ କେନ୍ଦ୍ର ଖୋଲାଯାଇଛି। ଗାଁ ଲୋକେ ପ୍ରାର୍ଥୀ ଚୟନରେ ଅନିୟମିତତା ହୋଇଥିବା ଅଭିଯୋଗ କରିଥିବାରୁ ତଦନ୍ତ ଜାରି ରହିଛି। ସମ୍ପୃକ୍ତ କେନ୍ଦ୍ରରେ ପାଚିକାଙ୍କ ନିଯୁକ୍ତିରେ ତ୍ରୁଟି ବା ଅନିୟମିତତା ହୋଇଛି ନା ନାହିଁ ତାହା ତଦନ୍ତ ପରେ ସାମ୍ନାକୁ ଆସିବ। ସମସ୍ତଙ୍କୁ ସମାନ ଦୃଷ୍ଟିରେ ଦେଖିବା ଏବଂ ସମସ୍ତ ସରକାରୀ ଯୋଜନାଗୁଡିକୁ ତୃଣମୂଳ ସ୍ତରରେ ପହଞ୍ଚୁଛି ନା ନାହିଁ ତାହାର ତଦାରଖ କରିବା ପ୍ରଶାସନର ଦାୟିତ୍ୱ ବୋଲି ଉପଜିଲ୍ଲାପାଳ କହିଛନ୍ତି। ସୂଚନାଯୋଗ୍ୟ, ଜାତିପ୍ରଥାକୁ ନେଇ ସମ୍ପୃକ୍ତ ଅଙ୍ଗନବାଡି କେନ୍ଦ୍ରକୁ ଗାଁ ଲୋକେ ତାଲା ପକାଇ ଦେଇଥିଲେ। ଟିଟିଲାଗଡ଼ ଉପଜିଲ୍ଲାପାଳ ପଦ୍ମନାଭ ସାମନ୍ତରାୟ, ସିଡିପିଓ ପୂର୍ଣ୍ଣିମା ବୈଠାରୁ ପ୍ରମୁଖ ଗାଁ ଲୋକଙ୍କ ସହ ଆଲୋଚନା କରି ତାଲା ଖୋଲିଥିଲେ।

# ଏଟିଏମ୍‌ରେ ପର୍ଯ୍ୟାପ୍ତ ଟଙ୍କା ଜମା ପାଇଁ ଦାବି

**ବଲାଙ୍ଗିର, ୯ ।୭(ସମିସ):** ବଲାଙ୍ଗିର ଷ୍ଟେଟ ବ୍ୟାଙ୍କ ପରିଚାଳିତ ଏଟିଏମ୍‌ରେ ଆବଶ୍ୟକ ମୁତାବକ ଟଙ୍କା ନ ଥିବାରୁ ଗ୍ରାହକ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏହି ସମସ୍ୟା ୩ ମାସ ହେବ ଲାଗି ରହିଛି। ଗତ ୧୦ ଦିନ ହେବ ସମସ୍ୟା ଉତ୍କଟ ଅବସ୍ଥା ଧାରଣ କରିଛି। ସମସ୍ୟାର ସମାଧାନ ଦିଗରେ ନାଗରିକ କମିଟିର ସମ୍ପାଦକ ମଧୁସୁଦନ ନାୟକଙ୍କ ନେତୃତ୍ୱରେ କାର୍ଯ୍ୟକାରୀ କମିଟି ସଦସ୍ୟ ଗୋପବନ୍ଧୁ ପୁରୋହିତ, କୋଷାଧ୍ୟକ୍ଷ ତ୍ରିନାଥ ସାହୁ, ସଦସ୍ୟ ରମେଶ ଚନ୍ଦ୍ର ନାଥ, ସଲିମ ଖାନ, ଲଳିତ ବହିଦାର ପ୍ରମୁଖ ନାଗରିକ କମିଟିର ଏକ ପ୍ରତିନିଧି ମଣ୍ଡଳି ସ୍ଥାନୀୟ ଷ୍ଟେଟ ବ୍ୟାଙ୍କ ଅଫ୍ ଇଣ୍ଡିଆ ମୁଖ୍ୟାଳୟକୁ ଯାଇ ଚିଫ୍ ମ୍ୟାନେଜର ସୁରେନ୍ଦ୍ର ମିଶ୍ରଙ୍କ ସହ ଏ ସମ୍ପର୍କରେ ଆଲୋଚନା କରିଛନ୍ତି।

# ତିଲିକାମାଲ ମହାମାୟୀ ମଣ୍ଡପ ନିର୍ମାଣରେ ଲୁଟ୍



**କଣ୍ଟାମାଳ, ୯ ।୭(ସମିସ):** ବୌଦ୍ଧ ଜିଲ୍ଲା କଣ୍ଟାମାଳ ବ୍ଲକ ବରଗାଁ ପଞ୍ଚାୟତ ତିଲିକାମାଳ ଛକରେ ମହାମାୟୀ ମଣ୍ଡପ ନିର୍ମାଣ ପାଇଁ ୩ ଲକ୍ଷ ୨୧ ହଜାର ଟଙ୍କା କଣ୍ଟାମାଳ ପଞ୍ଚାୟତ ସମିତି ଦ୍ୱାରା ମଞ୍ଜୁର କରାଯାଇଛି। ନିମ୍ନମାନର କାମ କରାଯାଉଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ସେଠାରେ ପହଞ୍ଚି ମଣ୍ଡପ ନିର୍ମାଣ ହୋଇଥିବା ଫଟୋ ଉଠାଇବା ଖବର ପାଇବା ପରେ ଠିକାଦାର ପ୍ରସନ୍ନ ରଣା ଧମକ ଦେଇଛନ୍ତି। କେମିତି ନ୍ୟୁଜ୍ କରୁଛୁ କର। ତା ପରେ ଦେଖିବୁ ବୋଲି ତାଗିତ କରିଛନ୍ତି।

# ମଦ ଦୋକାନକୁ ବିରୋଧ କରି ନୀରବ ପ୍ରତିବାଦ

**ଗ୍ରାହକଙ୍କୁ ଫୁଲମାଳ, ପାଣି ବୋତଲ ଦେଇ ସ୍ୱାଗତ**

**ବଲାଙ୍ଗିର, ୯ ।୭(ସମିସ):** ଟିଟିଲାଗଡ଼ ହାଇସ୍କୁଲପଡ଼ା ତଥା ୯ ନମ୍ବର ୱାର୍ଡର ଜନ ବସତି ଭିତରେ ଏକ ବିଦେଶୀ




ମଦ ଦୋକାନ ଖୋଲିବାକୁ ନେଇ ଲୋକଙ୍କ ଭିତରେ ଅସନ୍ତୋଷ ଲାଗି ରହିଛି। ଏହାକୁ ବିରୋଧ କରି ଲୋକେ ବାରମ୍ବାର ପ୍ରଶାସନର ଦ୍ୱାରସ୍ଥ ହୋଇଛନ୍ତି। ପ୍ରଶାସନ କିନ୍ତୁ କୌଣସି ପଦକ୍ଷେପ ଗ୍ରହଣ କରୁନି। ଏଣୁ ଗୁରୁବାର ପଡ଼ାବାସୀ ଅଭିନବ ଉପାୟରେ ଆନ୍ଦୋଳନକୁ ଓହ୍ଲାଇଛନ୍ତି। ଏହି ବିଦେଶୀ ମଦ ଦୋକାନକୁ ଆସୁଥିବା ନିଶାସକ୍ତଙ୍କୁ ଫୁଲମାଳ, ପାଣି ବୋତଲ, ପାଣି ପାଉଚ, ପ୍ଲାଷ୍ଟିକ ଗ୍ଲାସ, ଚାଖନା ଆଦି ମାଗଣାରେ ଦେଇ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଛନ୍ତି। ମଦ ଦୋକାନ ସମ୍ମୁଖରେ ଟେଣ୍ଟ ଲଗାଇ ମହିଳାମାନେ ନୀରବ ପ୍ରତିବାଦ କରିଥିଲେ। ପଡ଼ାବାସୀ ମଦ ଦୋକାନ ନିକଟରେ ଛିଡା ହୋଇ ଫୁଲମାଳ, ପାଣି ବୋତଲ ଧରି ନିଶାସକ୍ତଙ୍କୁ ସ୍ୱାଗତ କରିଥିଲେ।



# ନୂଆ ମଦ ଦୋକାନକୁ ବିରୋଧ

**କଣ୍ଟାବାଞ୍ଜି, ୯ ।୭(ସମିସ):** ବଲାଙ୍ଗୀର ଜିଲ୍ଲା କଣ୍ଟାବାଞ୍ଜି ସହରର ଶାସ୍ତ୍ରୀ ଛକ ନିକଟରେ ଜିଲ୍ଲା ପ୍ରଶାସନ ଓ ଅବକାରୀ ବିଭାଗ ପକ୍ଷରୁ ଗୋଟିଏ ନୂଆ ଲାଇସେନ୍ସଧାରୀ ମଦ ଦୋକାନ ଖୋଲିବାକୁ ଅନୁମତି ମିଳିଛି। ଏ ନେଇ ଜନ ଅସନ୍ତୋଷ ତେଜିବାରେ ଲାଗିଛି। ଗୁରୁବାର ଓଡ଼ିଶା ଜନତା କଂଗ୍ରେସ ପକ୍ଷରୁ ବଲାଙ୍ଗୀର ଜିଲ୍ଲା ସଭାପତି ରୂପେଶ ବେହେରାଙ୍କ ଆହ୍ୱାନ କ୍ରମେ ଏକ ପ୍ରତିନିଧି ଦଳ କଣ୍ଟାବାଞ୍ଜି ଅବକାରୀ କାର୍ଯ୍ୟାଳୟକୁ ଯାଇ ଅଭିଯୋଗ ପତ୍ର ଦେଇଛନ୍ତି।



ଏହି ଅଞ୍ଚଳ ଜନବହୁଳ ଅଞ୍ଚଳ ହୋଇଥିବାରୁ ପ୍ରତିଦିନ ମହିଳା, ଛାତ୍ରଛାତ୍ରୀ, ବୃଦ୍ଧବୃଦ୍ଧା ଓ ସାଧାରଣ ଲୋକ ଏହି ରାସ୍ତାରେ ଯାତାୟାତ କରୁଛନ୍ତି। ଏଣୁ ମଦ ଦୋକାନକୁ ଜନବସ୍ତି ଅଞ୍ଚଳରୁ ଅନ୍ୟ ସ୍ଥାନକୁ ସ୍ଥାନାନ୍ତର ପାଇଁ ଦାବି କରିଛନ୍ତି। ଯଦି ଅବକାରୀ ବିଭାଗ ଏହା ଉପରେ ପଦକ୍ଷେପ ନ ନିଏ ତେବେ ଆନ୍ଦୋଳନ କରାଯିବ ବୋଲି ଖୋଲା ଚେତାବନୀ ଦେଇଛନ୍ତି। ଅରୁଣ ତାଣ୍ଡି, ସଞ୍ଜୟ ସୁନା, ତିଳ ଚିରାଗୁଣ, ଜିତୁ ସୁନା ପ୍ରମୁଖ ଏହି ଦାବି କରିଥିଲେ।

# ସିଆଇଏସ୍‌ସିଇ ସ୍କୁଲ ଗେମ୍ ଜୋନାଲ ତାଏକ୍ୱୋଣ୍ଡୋ ପ୍ରତିଯୋଗିତା




**ବଲାଙ୍ଗିର, ୯ ।୭(ସମିସ):** ବଲାଙ୍ଗିର ଲିଟିଲ ଫ୍ଲାୱାର ସ୍କୁଲ ପରିସରରେ ସ୍କୁଲ ଗେମ ଫେଡେରେସନ ଅଫ୍ ଇଣ୍ଡିଆ ଅଧୀନ ସିଆଇଏସ୍‌ସିଇ ଜୋନାଲ ତାଏକ୍ୱୋଣ୍ଡୋ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଭିନ୍ନ ବିଦ୍ୟାଳୟର ବହୁ ସଂଖ୍ୟକ ଛାତ୍ରଛାତ୍ରୀ ଅଂଶଗ୍ରହଣ କରି ନିଜର କ୍ରୀଡା ପ୍ରତିଭା ପ୍ରଦର୍ଶନ କରିଥିଲେ। ଏହି ପ୍ରତିଯୋଗିତାରେ ତାଏକ୍ୱୋଣ୍ଡୋ କୋଚ୍ ତଥା ଜାତୀୟସ୍ତରୀୟ ରେଫରି ଅସୀମ ଭୋଇ ମୁଖ୍ୟ ରେଫରି ଦାୟିତ୍ୱ ତୁଲାଇବା ସହ ପ୍ରତିଯୋଗିତା ପରିଚାଳନା କରିଥିଲେ। ବଲାଙ୍ଗିର ଜିଲ୍ଲା ତାଏକ୍ୱୋଣ୍ଡୋ ସଂଘର ବାଳିକା କ୍ୟୁରୁଗି ବିଭାଗରେ ସନ୍‌ଭି ପ୍ରଧାନ ସ୍ୱର୍ଣ୍ଣପଦକ, ଅଭିଲାଶା ଚୌଧୁରୀ ସ୍ୱର୍ଣ୍ଣ ପଦକ ପାଇଥିବା ବେଳେ ବାଳକ ଖିରୁଗି ବିଭାଗରେ ସିମାଦ୍ରି ଆଦେଶ ସ୍ୱର୍ଣ୍ଣ ପଦକ, ଅଙ୍କନ ଦୀପ ସ୍ୱର୍ଣ୍ଣପଦକ ଓ ଚର୍ଚ୍ଚିତ ସାହୁ ରୌପ୍ୟ ପଦକ ହାସଲ କରିଥିଲେ। ଛାତ୍ରଛାତ୍ରୀଙ୍କ ମାନସିକ ଓ ଶାରୀରିକ ବିକାଶ ପାଇଁ ତାଏକ୍ୱୋଣ୍ଡୋ ଭଳି ଆତ୍ମରକ୍ଷା କ୍ରୀଡାର ଅତ୍ୟନ୍ତ ଆବଶ୍ୟକତା ରହିଛି ବୋଲି ସ୍କୁଲ ଅଧ୍ୟକ୍ଷା ସିଷ୍ଟର ଲୁସି କହିଥିଲେ। ବିଦ୍ୟାଳୟର ପିଇଟି ଦେବାଶିଷ ମହାପାତ୍ର ଓ ପ୍ରଭାତ ଦାଶ ପ୍ରତିଯୋଗିତାରେ ସହଯୋଗ କରିଥିଲେ।

# ଚାଷୀଙ୍କୁ ହରଡ଼ ବିହନ ବଣ୍ଟନ

**ଶଗଡ଼ା, ୯ ।୭(ସମିସ):** କଣ୍ଟାମାଳ ବ୍ଲକ ଶୁଣ୍ଠିପଦର ପଞ୍ଚାୟତର ବାରଡୋଲ ଗ୍ରାମରେ ବଉଳପୁର ଗାଁର ଚାଷୀଙ୍କୁ ଆଜି ହରଡ଼ ବିହନ ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଆଇସିଆରଆଇଏସଏଟିର ସହାୟତାରେ ଏବଂ ନୀଳକଣ୍ଠେଶ୍ୱର ଫାର୍ମର ପ୍ରଡ୍ୟୁସର କମ୍ପାନୀ ଲିମିଟେଡ୍, କୁମରକେଲିର ସହଯୋଗରେ ହରଡ଼ ଚାଷ ପାଇଁ ସମସ୍ତ ଚାଷୀଙ୍କୁ ଉନ୍ନତମାନର ବିହନ ଯୋଗାଇ ଦିଆଯାଇଛି। ଏହି କାର୍ଯ୍ୟକ୍ରମରେ ନୀଳକଣ୍ଠେଶ୍ୱର ସଂସ୍ଥାର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ସବ୍ୟସାଚୀ କର୍ଣ୍ଣ ସହଯୋଗ କରିଥିଲେ।




# ଟ୍ରେନ୍ ଧକ୍କାରେ ବୃଦ୍ଧଙ୍କ ସହ ଗାଈର ମୃତ୍ୟୁ

**କଣ୍ଟାବାଞ୍ଜି, ୯ ।୭ (ସମିସ):** ବଙ୍ଗୋମୁଣ୍ଡା ରେଳ ଫାଟକ ନିକଟରେ ଆଜି ଏକ ମର୍ମନ୍ତୁଦ ଦୁର୍ଘଟଣା ଘଟିଛି। ଟ୍ରେନ ଧକ୍କାରେ ଜଣେ ବୃଦ୍ଧଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ କଣ୍ଟାବାଞ୍ଜି ଗାନ୍ଧୀନଗର ପଡ଼ାର ଗୋପୀ ମହାନନ୍ଦ। ସେ ଶୌଚ ସାରି ଘରକୁ ଫେରୁଥିବା ବେଳେ ରେଳ ଧାରଣା ଅତିକ୍ରମ କରୁଥିଲେ। ସେହି ସମୟରେ ଏକ ଟ୍ରେନ୍ ତାଙ୍କୁ ଧକ୍କା ଦେଇଥିଲା। ଘଟଣାସ୍ଥଳରେ ଗୋପୀଙ୍କ ଦେହ ଖଣ୍ଡ ବିଖଣ୍ଡିତ ହୋଇଯାଇଥିଲା। ଏହା ସହ ପାଖରେ ଥିବା ଏକ ଗାଈର ମଧ୍ୟ ମୃତ୍ୟୁ ଘଟିଛି। କଣ୍ଟାବାଞ୍ଜି ଜିଆରପି ପହଞ୍ଚି ମୃତଦେହ ଜବତ କରିବା ସହ ତଦନ୍ତ ଆରମ୍ଭ କରିଛି।

# ମାଲପଡ଼ା ନାଗରିକ କମିଟିର ବୈଠକ



**ବଲାଙ୍ଗିର, ୯ ।୭(ସମିସ):** ମାଲପଡ଼ା ନାଗରିକ କମିଟିର ବୈଠକ ଅନୁଷ୍ଠିତ ହୋଇଯାଇଛି। ସଭାପତି ଗୋପବନ୍ଧୁ ପୁରୋହିତଙ୍କ ଅଧ୍ୟକ୍ଷତାରେ ଏହି ବୈଠକ ବସିଥିଲା। ଏହି ଅବସରରେ ସଭ୍ୟ ଦୟାସାଗର ବଗର୍ତ୍ତି, ବିନୋଦ ପାଣିଗ୍ରାହୀ ଓ ନିମାଇଁ ଚରଣ ଦାଶଙ୍କୁ ସମ୍ମାନିତ କରାଯାଇଥିଲା। ଏହି ସଭାରେ ଉପ-ସଭାପତି ପ୍ରଫେସର ତରୁଣ ମିଶ୍ର, ସମ୍ପାଦକ ପଞ୍ଚାନନ ସେଠ, ସହ-ସମ୍ପାଦକ ଅଶୋକ ଚାନ୍ଦ, କୋଷାଧ୍ୟକ୍ଷ ଦିବାକର ହୋତା, ସଭ୍ୟ ଅମୀୟ ମିଶ୍ର, ସୂର୍ଯ୍ୟଭାନୁ ମିଶ୍ର, ଦେବଜିତ ଯୋଷୀ, ଶିବ ପ୍ରସାଦ ଶତପଥୀ, ସୁବାଷ ଚନ୍ଦ୍ର ପାତ୍ର ଓ ସନ୍ତୋଷ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।


# ୧୩ରେ ମେଗା ନିଯୁକ୍ତି ମେଳା

**ଝାରସୁଗୁଡ଼ା, ୯ ।୭(ସମିସ):** ଝାରସୁଗୁଡ଼ା ଜିଲ୍ଲା ଏବଂ ଏହାର ଆଖପାଖ ଅଞ୍ଚଳର ଶିକ୍ଷିତ ବେକାର ଯୁବକଯୁବତୀଙ୍କୁ ନିଯୁକ୍ତି ସୁଯୋଗ ଯୋଗାଇଦେବା ଉଦ୍ଦେଶ୍ୟରେ ଜିଲ୍ଲା ଦକ୍ଷତା ବିକାଶ ଓ ନିୟୋଜନ କାର୍ଯ୍ୟାଳୟ ପକ୍ଷରୁ ଏକ ସ୍ୱତନ୍ତ୍ର ନିଯୁକ୍ତି ମେଳା ଆୟୋଜନ କରାଯାଉଛି। ଜୁଲାଇ ୧୩ ତାରିଖ (ସୋମବାର) ପୂର୍ବାହ୍ନ ୧୦ଟା ୩୦ରୁ ଅପରାହ୍ନ ୨ଟା ପର୍ଯ୍ୟନ୍ତ ଝାରସୁଗୁଡ଼ା କଲେକ୍ଟରେଟ୍ ଅଫିସ୍ ଦ୍ୱିତୀୟ ମହଲାରେ ଥିବା ଡିଏମ୍‌ଏଫ୍ ଅଡିଟୋରିୟମ୍ ହଲ୍‌ରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଭାରତର ଅଗ୍ରଣୀ ଟେଲିକମ୍ କମ୍ପାନୀ 'ଭାରତୀ ଏୟାରଟେଲ୍ ଲିମିଟେଡ୍' ଏହି ନିଯୁକ୍ତି ପ୍ରକ୍ରିୟାରେ ଅଂଶଗ୍ରହଣ କରି ବିଭିନ୍ନ ଖାଲିଥିବା ପଦବୀ ପାଇଁ ପ୍ରାର୍ଥୀ ଚୟନ କରିବ। ଏହି ନିଯୁକ୍ତି ମେଳାରେ ମୋଟ ୧୬ଟି ପଦବୀ ପାଇଁ ସାକ୍ଷାତକାର ନିଆଯିବ। ଏଥିମଧ୍ୟରେ ୧୦ଟି ଫିଲ୍ଡ ସେଲ୍ସ ଏକ୍ସିକ୍ୟୁଟିଭ୍ ପଦବୀ ରହିଛି; ଯେଉଁଥିପାଇଁ ଶିକ୍ଷାଗତ ଯୋଗ୍ୟତା ଦଶମ, ଦ୍ୱାଦଶ କିମ୍ବା ଯେକୌଣସି ବିଷୟରେ ସ୍ନାତକ ରଖାଯାଇଛି। ଏହି ପଦବୀ ପାଇଁ ଉଭୟ ମହିଳା ଓ ପୁରୁଷ ଆବେଦନ କରିପାରିବେ। ଏହା ସହ ୬ଟି ଇଞ୍ଜିନିୟର ଏବଂ ୱାୟାରମ୍ୟାନ ପଦବୀ ପାଇଁ ଦଶମ, +୨, ସ୍ନାତକ, ଆଇଟିଆଇ କିମ୍ବା ଡିପ୍ଲୋମାଧାରୀ ଉଭୟ ମହିଳା ଓ ପୁରୁଷ ଆବେଦନ କରିପାରିବେ। ସମସ୍ତ ପଦବୀ ପାଇଁ ବୟସ ସୀମା ୧୮ ରୁ ୩୨ ବର୍ଷ ମଧ୍ୟରେ ହୋଇଥିବା ବେଳେ ନିଯୁକ୍ତି ସ୍ଥାନ ସମଗ୍ର ଓଡ଼ିଶା ରହିବ। ଏହି ନିଯୁକ୍ତି ମେଳାରେ ଯୋଗଦେବାକୁ ଇଚ୍ଛୁକ ଥିବା ଏବଂ ଯୋଗ୍ୟତା ମାନଦଣ୍ଡ ପୂରଣ କରୁଥିବା ଆଶାୟୀ ପ୍ରାର୍ଥୀଙ୍କୁ ନିର୍ଦ୍ଧାରିତ ତାରିଖ ଓ ସମୟରେ ସାକ୍ଷାତକାର ପାଇଁ ଉପସ୍ଥିତ ରହିବାକୁ ଅନୁରୋଧ କରାଯାଇଛି। ସାକ୍ଷାତକାର ସମୟରେ ପ୍ରାର୍ଥୀମାନେ ନିଜର ଅପଡେଟେଡ୍ ବାୟୋଡାଟା/ରିଜ୍ୟୁମେ, ଆଧାର କାର୍ଡ, ସମସ୍ତ ଶିକ୍ଷାଗତ ଯୋଗ୍ୟତା ପ୍ରମାଣପତ୍ର ଓ ମାର୍କସିଟ୍, ପାସପୋର୍ଟ ସାଇଜ୍ ଫଟୋଗ୍ରାଫ୍, ପୂର୍ବ ଅଭିଜ୍ଞତା ପ୍ରମାଣପତ୍ର (ଯଦି ଥାଏ) ଏବଂ ବୈଧ ଡ୍ରାଇଭିଂ ଲାଇସେନ୍ସର ମୂଳ ପ୍ରମାଣପତ୍ର ସହ ସମସ୍ତ ଦଲିଲ୍‌ର ସ୍ୱ-ପ୍ରମାଣିତ ଫଟୋ କପି ଆଣିବା ଜରୁରୀ ବୋଲି ଜିଲ୍ଲା ନିୟୋଜନ କାର୍ଯ୍ୟାଳୟ ପକ୍ଷରୁ କୁହାଯାଇଛି।

# ସିସିଟିଭି କେନ୍ଦ୍ରୀୟ କଣ୍ଟ୍ରୋଲ ରୁମ୍ ଉଦ୍‌ଘାଟିତ

**ବଲାଙ୍ଗିର, ୯ ।୭(ସମିସ)**

ବଲାଙ୍ଗିର ପୌରପାଳିକା ପକ୍ଷରୁ ସହରର ବିଭିନ୍ନ ପାର୍କ ଏବଂ ୱେଲ୍ଥ ସେଣ୍ଟରରେ ସ୍ଥାପିତ ହୋଇଥିବା ମୋଟ ୧୧୨ଟି ଉଚ୍ଚ କ୍ଷମତାସମ୍ପନ୍ନ ସିସିଟିଭି କ୍ୟାମେରାର କେନ୍ଦ୍ରୀୟ କଣ୍ଟ୍ରୋଲ ରୁମ୍ ଉଦ୍‌ଘାଟିତ ହୋଇଛି। ବଲାଙ୍ଗିର ପୌରାଧକ୍ଷା ଲିକା ସାହୁ ଏହାକୁ ଉଦ୍‌ଘାଟନ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ନିର୍ବାହୀ ଅଧିକାରୀ ସନ୍ତୋଷ ବେହେରା, ପୌର ପରିଷଦର କାଉନସିଲର ଏବଂ କର୍ମଚାରୀମାନେ ଉପସ୍ଥିତ ଥିଲେ। ଦୀର୍ଘଦିନ ଧରି ସହରବାସୀଙ୍କ ପକ୍ଷରୁ ପାର୍କଗୁଡ଼ିକରେ ସିସିଟିଭି କ୍ୟାମେରା ଲଗାଇବା ପାଇଁ ଦାବି ହୋଇଆସୁଥିଲା। ଜନସାଧାରଣଙ୍କ ସୁରକ୍ଷା ଓ ନିରାପତ୍ତାକୁ ପ୍ରାଥମିକତା ଦେବା ସହ ପାର୍କଗୁଡ଼ିକରେ ହେଉଥିବା ଅବ୍ୟବସ୍ଥା ଉପରେ କଡ଼ା ନଜର ରଖିବା ଉଦ୍ଦେଶ୍ୟରେ ଏହି ସିସିଟିଭି ବ୍ୟବସ୍ଥା କରାଯାଇଛି। ସ୍ମାର୍ଟ ପାର୍କରେ ୩୨ଟି, ୱେଲ୍ଥ ସେଣ୍ଟରରେ ୩୨ଟି, ରାଜେନ୍ଦ୍ର ପାର୍କରେ ୨୨ଟି, ଚିଲ୍ଡ୍ରେନ୍ ଜଗର୍ସ ପାର୍କରେ ୧୬ଟି ଏବଂ ଚିମଣୀଭାଟି ପାର୍କରେ ୧୦ଟି ସିସିଟିଭି କ୍ୟାମେରା ସ୍ଥାପନ କରାଯାଇଛି। ଏହି ସମସ୍ତ କ୍ୟାମେରାର ନିରୀକ୍ଷଣ ପାଇଁ କେନ୍ଦ୍ରୀୟ କଣ୍ଟ୍ରୋଲ ରୁମ୍ କାର୍ଯ୍ୟକ୍ଷମ କରାଯାଇଛି। ପୌରାଧକ୍ଷା କହିଥିଲେ ଯେ, ଏହା ପୂର୍ବରୁ ବଲାଙ୍ଗିର ପୌରପାଳିକା ପକ୍ଷରୁ ୧୧୦ଟି ସିସିଟିଭି କ୍ୟାମେରା ଏବଂ ୫ଟି ଟ୍ରାଫିକ ସିଗ୍ନାଲ ସ୍ଥାପନ କରାଯାଇଛି। ଏହା ସହିତ ଆହୁରି ୫୪ଟି ସିସିଟିଭି କ୍ୟାମେରା ଏବଂ ୫ଟି ଟ୍ରାଫିକ ସିଗ୍ନାଲ ସ୍ଥାପନ ପାଇଁ ଟେଣ୍ଡର ପ୍ରକ୍ରିୟା ସମ୍ପନ୍ନ ହୋଇଛି। ଖୁବ୍ ଶୀଘ୍ର କାର୍ଯ୍ୟ ସମ୍ପାଦନ କରାଯିବ। ସେ ଆହୁରି ସୂଚନା ଦେଇଥିଲେ ଯେ ବଲାଙ୍ଗିର ବିଧାୟକ କଳିକେଶ ନାରାୟଣ ସିଂହଦେଓ ସହରର ୨୧ଟି ୱାର୍ଡରେ ଜନସାଧାରଣଙ୍କ ସୁରକ୍ଷା ଦୃଷ୍ଟିରୁ ସିସିଟିଭି କ୍ୟାମେରା ସ୍ଥାପନ ପାଇଁ ଆବଶ୍ୟକ ପାଣ୍ଠିର ବ୍ୟବସ୍ଥା କରିଛନ୍ତି। ଏହା କାର୍ଯ୍ୟକାରୀ ହେଲେ ବଲାଙ୍ଗିର ସହରର ସୁରକ୍ଷା ବ୍ୟବସ୍ଥା ଆହୁରି ସୁଦୃଢ଼ ହେବ।



## ଅସମୟରେ କାମରେ ଲାଗୁନି ଏମ୍‌କେସିଜି ମେଡିକାଲର ଉଭୟ 'ଏଏଲଏସ' ଓ 'ବିଏଲଏସ' ଆମ୍ବୁଲାନ୍ସ

# ଅଗ୍ନିକାଣ୍ଡରେ ଗୁରୁତର ରୋଗୀଙ୍କୁ ମିଳାଲାନି ସରକାରୀ ଆମ୍ବୁଲାନ୍ସ

ବ୍ରହ୍ମପୁର, ୯ ।୭ (ସମିସ)

ଏମକେସିଜି ମେଡିକାଲ କଲେଜ ଓ ହସ୍ପିଟାଲରୁ ଗୁରୁତର ରୋଗୀଙ୍କୁ ଉନ୍ନତ ଚିକିତ୍ସା ପାଇଁ କଟକ ଏସସିବି ଅଥବା ଭୁବନେଶ୍ୱର ସ୍ଥିତ ଏମ୍ସ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଥାଏ। ଏଥିପାଇଁ ହସ୍ପିଟାଲରେ ଦୁଇଟି ଲେଖାଏଁ ଆଡଭାନ୍ସଡ୍ ଲାଇଫ୍ ସପୋର୍ଟ(ଏଏଲଏସ) ଏବଂ ବେସିକ୍ ଲାଇଫ୍ ସପୋର୍ଟ (ବିଏଲଏସ) ଆମ୍ବୁଲାନ୍ସ ଉପଲବ୍ଧ ରହିଛି। ଆମ୍ବୁଲାନ୍ସ ପରିଚାଳନା ନିମନ୍ତେ ଆବଶ୍ୟକ କର୍ମଚାରୀ ମଧ୍ୟ ନିୟୋଜିତ ଅଛନ୍ତି। କିନ୍ତୁ ଗୁରୁବାର ପେଟ୍ରୋଲ ଢାଳି ଆତ୍ମହତ୍ୟା ଉଦ୍ୟମ କରି ଗୁରୁତର ଅବସ୍ଥାରେ ଚିକିତ୍ସା ପାଇଁ ଆସିଥିବା ୨୫ବର୍ଷିୟ ରାଜଲକ୍ଷ୍ମୀ ମିଶ୍ର ନାମକ ଜଣୈକା ମହିଳାଙ୍କୁ ରେଫେରାଲ ହସ୍ପିଟାଲକୁ ସ୍ଥାନାନ୍ତର ନିମନ୍ତେ ମିଳିଲାନାହିଁ ସରକାରୀ ଆମ୍ବୁଲାନ୍ସ। ଫଳରେ ଅନ୍ୟ ଉପାୟ ନପାଇ ଗୁରୁତର ରାଜଲକ୍ଷ୍ମୀଙ୍କୁ ଏକ ଘରୋଇ ଆମ୍ବୁଲାନ୍ସରେ ଭୁବନେଶ୍ୱର ଏମ୍ସ ହସ୍ପିଟାଲକୁ ପରିବାର ଲୋକେ ସ୍ଥାନାନ୍ତର କରିବାକୁ ବାଧ୍ୟ ହୋଇଥିବା ଜଣାପଡିଛି। ରାଜଲକ୍ଷ୍ମୀଙ୍କ ଶରୀରର ପ୍ରାୟ ୯୦ଭାଗ ପୋଡ଼ିଯାଇଥିବା ବେଳେ ଉତ୍ତମ ଚିକିତ୍ସା ନିମନ୍ତେ ଏମ୍ସକୁ ସ୍ଥାନାନ୍ତର କରିବା ଜରୁରୀ ବୋଲି କାଜୁଆଲଟିରେ ତାଙ୍କୁ ଚିକିତ୍ସା କରୁଥିବା ଡାକ୍ତର ପରାମର୍ଶ ଦେଇଥିଲେ। ପରେ ପରିବାର ପକ୍ଷରୁ ୧୦୮ ଆମ୍ବୁଲାନ୍ସକୁ ଯୋଗାଯୋଗ କରାଯାଇଥିଲା। କିନ୍ତୁ ଆମ୍ବୁଲାନ୍ସ ଆସିବାରେ ପ୍ରାୟ ୪୫ମିନଟ ବିଳମ୍ବ ହେବାରୁ ପରିବାର ଲୋକେ ବାଧ ହୋଇ ଗୁରୁତର ରାଜଲକ୍ଷ୍ମୀଙ୍କୁ ଏକ ଘରୋଇ ଆମ୍ବୁଲାନ୍ସରେ ଏମ୍ସକୁ ସ୍ଥାନାନ୍ତର କରିଥିଲେ। ଅନ୍ୟପକ୍ଷରେ ଏଭଳି ରୋଗୀଙ୍କୁ ସ୍ଥାନାନ୍ତର ନିମନ୍ତେ ଏମକେସିଜି ମେଡ଼ିକାଲରେ ମୋଟ ୪ଟି ଏଏଲଏସ ଓ ବିଏଲଏସ ଆମ୍ବୁଲାନ୍ସ ଥିଲେ ହେଁ ଏ ସମ୍ପର୍କରେ କାଜୁଆଲଟି ପକ୍ଷରୁ ରୋଗୀଙ୍କ ସମ୍ପର୍କୀୟଙ୍କୁ ଅବଗତ କରାଯାଇ ନଥିବା ଅଭିଯୋଗ ହୋଇଛି। ସେହିପରି ଏଏଲଏସ ଓ ବିଏଲଏସ ଆମ୍ବୁଲାନ୍ସ ସମ୍ପର୍କରେ ରୋଗୀ ଏବଂ ସେମାନଙ୍କ ସମ୍ପର୍କୀୟଙ୍କୁ ଅବଗତ କରିବାକୁ କାଜୁଆଲଟି ପରିସରରେ ଲାଗିଥିବା ସୂଚନାଫଳକରୁ ହସ୍ପିଟାଲ ମ୍ୟାନେଜର ଓ ଆମ୍ବୁଲାନ୍ସ ଡ୍ରାଇଭରଙ୍କ ମୋବାଇଲ ନମ୍ବରକୁ ଚିରି ଦିଆଯାଇଥିବା ଦେଖିବାକୁ ମିଳିଛି। ଫଳରେ ଆବଶ୍ୟକ ସ୍ଥଳେ ରୋଗୀ ମେଡ଼ିକାଲରେ ଥିବା ଏଏଲଏସ ଓ ବିଏଲଏସ ଆମ୍ବୁଲାନ୍ସ ସେବା ପାଇବାରୁ ବଞ୍ଚିତ ହେଉଛନ୍ତି। ଠିକ ସମୟରେ ସରକାରୀ ଆମ୍ବୁଲାନ୍ସ ସେବା ମିଳୁନଥିବା ବେଳେ ଗୁରୁତର ରୋଗୀଙ୍କ ଚିକିତ୍ସାରେ ବାଧା ସୃଷ୍ଟି ସୃଷ୍ଟି ହେଉଛି। ଏଭଳି କ୍ଷେତ୍ରରେ ରୋଗୀଙ୍କ ଜୀବନ ପ୍ରତି ମଧ୍ୟ ବିପଦ ସୃଷ୍ଟି ହେଉଥିବାରୁ ଅଧିକ ଖର୍ଚ୍ଚାନ୍ତ ସତ୍ତ୍ୱେ ରୋଗୀଙ୍କ ସମ୍ପର୍କୀୟମାନେ ବାଧ ହୋଇ ଘରୋଇ ଆମ୍ବୁଲାନ୍ସ ଉପରେ ନିର୍ଭର କରୁଥିବା ଦେଖିବାକୁ ମିଳୁଛି। ଅଧିକାଂଶ ସମୟରେ ଏମକେସିଜି ମେଡ଼ିକାଲରେ ଚିକିତ୍ସିତ ରୋଗୀଙ୍କୁ କୌଣସି ସରକାରୀ ହସ୍ପିଟାଲକୁ ସ୍ଥାନାନ୍ତର ବେଳେ ଘରୋଇ ଆମ୍ବୁଲାନ୍ସକୁ ବ୍ୟବହାର କରିବାକୁ ପଡୁଛି। ଯଦ୍ୱାରା ରୋଗୀଙ୍କ ପରିବାର ଲୋକେ ଆର୍ଥିକ ଶୋଷଣର ଶିକାର ହେଉଛନ୍ତି। ମାଗଣା ଚିକିତ୍ସା ନିମନ୍ତେ ଆସିଥିବା ଗରିବ ଓ ମଧ୍ୟବିତ୍ତ ପରିବାରଙ୍କ ଉପରେ ଅତିରିକ୍ତ ଆର୍ଥିକ ବୋଝ ପଡୁଥିବା ଦେଖିବାକୁ ମିଳିଛି। ତେଣୁ ଏମକେସିଜି ମେଡ଼ିକାଲରେ ପଡ଼ି ରହିଥିବା ୪ଟି ଏଏଲଏସ ଓ ବିଏଲଏସ ଆମ୍ବୁଲାନ୍ସ ଗୁଡ଼ିକ ହାତଗଣତି ସେବା ବଦଳରେ ନିୟମିତ ରୋଗୀ ସ୍ଥାନାନ୍ତର କାର୍ଯ୍ୟରେ ବ୍ୟବହାର କରିବାକୁ ବୁଦ୍ଧିଜୀବୀ ମହଲରେ ଦାବି ହୋଇଛି। ଏଥିପ୍ରତି ଗଞ୍ଜାମ ଜିଲ୍ଲାପାଳ ଓ ଏମକେସିଜି ମେଡ଼ିକାଲ କର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ଦାବି ହୋଇଛି।




**ଭୁବନେଶ୍ୱର 'ଏମ୍ସ'କୁ ସ୍ଥାନାନ୍ତର ପାଇଁ ସାହା ହେଲା ଘରୋଇ ଆମ୍ବୁଲାନ୍ସ**






## ଝିଅର ଆତ୍ମହତ୍ୟା ଉଦ୍ୟମ

# ବାପାଙ୍କ ନାଁରେ ସଙ୍ଗୀନ ଅଭିଯୋଗ ଆଣିଲେ ପୀଡ଼ିତା

ବ୍ରହ୍ମପୁର, ୯।୭ (ସମିସ): ନିମଖଣ୍ଡି ଥାନା ଅନ୍ତର୍ଗତ ବାସୁଦେବ ନଗରରେ ମହିଳାଙ୍କ ନିଜ ଦେହରେ ପେଟ୍ରୋଲ ଢ଼ାଳି ଆତ୍ମହତ୍ୟା ଉଦ୍ୟମ କରି ଗୁରୁତର ହୋଇ ଭୁବନେଶ୍ୱର ଏମ୍ସ ସ୍ଥାନାନ୍ତର କରାଯାଇଛି। ଆତ୍ମହତ୍ୟା ଉଦ୍ୟମ କରିଥିବା ମହିଳାଙ୍କ ଏକ ଭିଡ଼ିଓ ସୋସିଆଲ ମିଡ଼ିଆରେ ଭାଇରଲ ହୋଇଛି। ସମ୍ପୃକ୍ତ ଭିଡ଼ିଓରେ ମହିଳା ଜଣକ ନିଜ ବାପାଙ୍କ ନାମରେ ଆଣିଛନ୍ତି ସଙ୍ଗୀନ ଅଭିଯୋଗ। ବାପା ନିଜ ଝିଅ ସହ ଶାରୀରିକ ସମ୍ପର୍କ ରଖିଥିଲେ। ଏପରିକି ବିଭିନ୍ନ ସମୟରେ ଦେହ ବ୍ୟବସାୟରେ ନିଜ ଝିଅକୁ ବାପା ବାଧ୍ୟ ବାଧକତାର ସହ ଲଗାଉଥିଲେ। ଝିଅର ନିର୍ବନ୍ଧ ପରେ ମଧ୍ୟ କିଛି ଟଙ୍କା ପାଇବା ଆଶାରେ ମାରପିଟ୍ କରି ଦେହ ବ୍ୟବସାୟରେ ଲଗାଉଥିଲେ। ଗର୍ଭବତୀ ହେବା ପରେ ଗର୍ଭ ନଷ୍ଟ କରି ପୁଣି ଦେହ ବ୍ୟବସାୟରେ ନିଜ ଝିଅକୁ ଲଗାଉଥିଲେ। ଏଭଳି ଅଭିଯୋଗ ଆତ୍ମହତ୍ୟା ଉଦ୍ୟମରେ ଗୁରୁତର ହୋଇଥିବା ମହିଳା କରିଛନ୍ତି। ଏନେଇ କୌଣସି ଥାନାରେ ଅଭିଯୋଗ ହୋଇନାହିଁ। ବର୍ତ୍ତମାନ ଗୁରୁତର ଅବସ୍ଥାରେ ମହିଳାଙ୍କୁ ଭୁବନେଶ୍ୱର ଏମ୍ସ ସ୍ଥାନାନ୍ତର କରାଯାଇଛି।

# ଶୀତାଳାପଲ୍ଲୀରେ ହେବ ଅତ୍ୟାଧୁନିକ ସ୍ପୋର୍ଟ୍ସ କମ୍ପ୍ଲେକ୍ସ

ବ୍ରହ୍ମପୁର, ୯ ।୭ (ସମିସ): ବ୍ରହ୍ମପୁର ଉପକଣ୍ଠରେ ଅବସ୍ଥିତ ଶୀତଳାପଲ୍ଲୀ ଅତ୍ୟାଧୁନିକ ସ୍ପୋର୍ଟ୍ସ କମ୍ପ୍ଲେକ୍ସ ନିର୍ମାଣ ହେବ। ପ୍ରାୟ ୨୮ ଏକରରେ ନିର୍ମାଣ ହେବାକୁ ଥିବା ଅତ୍ୟାଧୁନିକ ସ୍ପୋର୍ଟ୍ସ କମ୍ପ୍ଲେକ୍ସରେ ବିଶ୍ୱସ୍ତରୀୟ ଷ୍ଟାଡ଼ିୟମ, ଦକ୍ଷତା ବିକାଶ କେନ୍ଦ୍ର ଓ ଖେଳ ପଡ଼ିଆ ରହିବ। ଏହା ସହ ଫୁଟବଲ ଠାରୁ ଆରମ୍ଭ କରି ବାସ୍କେଟବଲ, କ୍ରିକେଟ ପରି କ୍ରୀଡ଼ା ଉପଯୋଗୀ ଭିତ୍ତିଭୂମି କ୍ରୀଡ଼ାବିତଙ୍କୁ ଉପଲବ୍ଧ କରାଯିବ। ଏ ନେଇ କ୍ରୀଡ଼ା ବିଭାଗର ଅନୁମୋଦନ ମିଳିଛି। ଏହି ପ୍ରକଳ୍ପକୁ ଓବିସିସି ନିର୍ମାଣ କରିବ ନିଷ୍ପତି ହୋଇଥିବା ବେଳେ ଆଗାମୀ ଦିନରେ ଜିଲ୍ଲା କ୍ରୀଡ଼ାଧିକାରୀଙ୍କ ସହ ସ୍ଥାନୀୟ ପ୍ରଶାସନ ଅଧିକାରୀଙ୍କ ଏକ ଦଳ ସ୍ଥାନ ପରିଦର୍ଶନ କରି ଏହାର ରୂପରେଖକୁ ନିର୍ଦ୍ଧାରଣ କରିବେ ବୋଲି ଜଣାପଡ଼ିଛି। ୨୦୨୭ ମସିହା ସୁଦ୍ଧା ଏହାକୁ ନିର୍ମାଣ ଶେଷ କରିବାକୁ ଲକ୍ଷ୍ୟ ରଖିଥିବା କ୍ରୀଡ଼ା ବିଭାଗ ପକ୍ଷରୁ ସୂଚନା ମିଳିଛି। ଅଧିକାରୀଙ୍କ ପରିଦର୍ଶନ ପରେ ଏହାର ଡିପିଆର ପ୍ରସ୍ତୁତ କରାଯିବ ସହ ପରବର୍ତ୍ତୀ ସମୟରେ ଆର୍ଥିକ ଅନୁମୋଦନ ମିଳିବ। ଗତବର୍ଷ ଏହି ପ୍ରକଳ୍ପ ନେଇ ବ୍ରହ୍ମପୁର ବିଧାୟକ କେ. ଅନୀଲ କୁମାର ମୁଖ୍ୟମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଅନ୍ୟପକ୍ଷରେ ଶୀତଳାପଲ୍ଲୀ ଅତ୍ୟାଧୁନିକ ସ୍ପୋର୍ଟ୍ସ କମ୍ପ୍ଲେକ୍ସ ନିର୍ମାଣ ନେଇ ପୂର୍ବ ସରକାର ତଥା ବିଜେଡ଼ି ସରକାରଙ୍କ ସମୟରେ ଘୋଷଣା ହୋଇଥିଲା।

# ବିଦ୍ୟୁତ୍ ମିଟର ରିଡିଂ ହେରଫେର୍ ନେଇ ଥାନାରେ ଅଭିଯୋଗ

ବ୍ରହ୍ମପୁର, ୯।୭ (ସମିସ): ଏଆଇ (କୃତ୍ରିମ ବୁଦ୍ଧିମତା) ଆଧାରିତ ଇମେଜ୍ ଏଡିଟିଂ ଟୁଲ୍ ବ୍ୟବହାର କରି ବିଦ୍ୟୁତ୍ ମିଟର ରିଡିଂ ରେକର୍ଡରେ ହେରଫେର ଅଭିଯୋଗ ହୋଇଥିବା ବୌଦ୍ଧ ଜିଲ୍ଲାରେ ଏକ ମାମଲା ସାମ୍ନାକୁ ଆସିଛି। ମିଟର ରିଡିଂ ଇମେଜକୁ ଡିଜିଟାଲ୍ ଉପାୟରେ ପରିବର୍ତ୍ତନ କରି ଠକେଇ ଉଦ୍ୟମ କରିଥିବା ମିଟର ରିଡରଙ୍କ ବିରୋଧରେ ପୁରୁଣାକଟକ ପୁଲିସ ଷ୍ଟେସନରେ ଏଫ୍ଆଇଆର୍ ରୁଜୁ ହୋଇଛି। ଡିଜିଟାଲ୍ ମିଟର ରିଡିଂ ରେକର୍ଡ ଗୁଡିକର ନିୟମିତ ଯାଞ୍ଚ ସମୟରେ ଏହି ଠକେଇ ସାମ୍ନାକୁ ଆସିଥିଲା। ଅନୁସନ୍ଧାନରୁ ଜଣାପଡିଛି ଯେ, ମିଟର ରିଡିଂର ଫଟୋଗ୍ରାଫଗୁଡ଼ିକୁ ବିଲିଂ ସିଷ୍ଟମରେ ଅପଲୋଡ୍ କରିବା ପୂର୍ବରୁ ଏଡିଟ୍ କରାଯାଇଛି। ମୂଳ ଫଟୋଚିତ୍ରରୁ ମିଟର ନମ୍ବରକୁ ହଟାଇ ରିଡିଂକୁ ଡିଜିଟାଲ ଉପାୟରେ ପରିବର୍ତ୍ତିତ କରାଯାଇଛି। ଏହାପରେ ସମାନ ଫଟୋକୁ ଏକାଧିକ ଉପଭୋକ୍ତାଙ୍କ ବିଲ୍ ଭାବେ ପ୍ରଦର୍ଶିତ କରାଯାଇଛି। ସନ୍ଦିଗ୍ଧ ଅନିୟମିତତା କାରଣରୁ ପ୍ରାୟ ୧.୭୪ ଲକ୍ଷ ଟଙ୍କାର ରାଜସ୍ୱ କ୍ଷତି ହୋଇଥିବା ଆକଳନ କରାଯାଇଛି। ପୁଲିସ ଘଟଣାର ତଦନ୍ତ ଆରମ୍ଭ କରିଛି। ଅନ୍ୟପକ୍ଷରେ ବିଦ୍ୟୁତ ବିଭାଗ ପକ୍ଷରୁ ଗ୍ରାହକମାନଙ୍କୁ ଏନେଇ ସତର୍କ ରହିବାକୁ ପରାମର୍ଶ ଦିଆଯାଇଛି। ସେମାନଙ୍କର ମାସିକ ବିଦ୍ୟୁତ ବିଲରେ ଉଲ୍ଲେଖ କରାଯାଇଥିବା ମିଟର ରିଡିଂ, ବିଦ୍ୟୁତ ମିଟରରେ ପ୍ରଦର୍ଶିତ ରିଡିଂ ସହିତ ମେଳ ଖାଉଛି କି ନାହିଁ ତାହା ଯାଞ୍ଚ କରିବାକୁ କୁହାଯାଇଛି। ମିଟର ରିଡିଂ ସମୟରେ କୌଣସି ଅସଙ୍ଗତି, ସନ୍ଦେହଜନକ ବିଲିଂ ପଦ୍ଧତି କିମ୍ବା ଅନୈତିକ ଅଭ୍ୟାସ ଦେଖାଗଲେ ତୁରନ୍ତ ନିକଟସ୍ଥ ବିଦ୍ୟୁତ କାର୍ଯ୍ୟାଳୟ କିମ୍ବା ଉପଭୋକ୍ତା ହେଲ୍ପଲାଇନ ୧୯୧୨ କିମ୍ବା ୧୮୦୦୨୦୦୬କୁ ଜଣାଇବାକୁ କୁହାଯାଇଛି। ବିଦ୍ୟୁତ ବିଭାଗ ଅଧିକାରୀମାନେ କହିଛନ୍ତି ଯେ, ବିଲିଂ ପ୍ରକ୍ରିୟାରେ ସ୍ୱଚ୍ଛତା, ସଠିକତା ଏବଂ ନିରପେକ୍ଷତା ନିଶ୍ଚିତ କରିବା ପାଇଁ ଟେକ୍ନୋଲୋଜି ଚାଳିତ ମନିଟରିଂ ଏବଂ ନିୟମିତ ଅଡିଟ୍ ଜାରି ରହିଛି।

# ବୁଲା କୁକୁରଙ୍କୁ ବନ୍ଧ୍ୟାକରଣ ପାଇଁ ଦାବି



ବ୍ରହ୍ମପୁର, ୯।୭ (ସମିସ): ବିଭିନ୍ନ ସହର ଓ ଗ୍ରାମାଞ୍ଚଳରେ ଶିଶୁ, ବୃଦ୍ଧ ଓ ମହିଳାମାନେ ବୁଲା କୁକୁର କାମୁଡାରେ ଆକ୍ରାନ୍ତ ହେଉଛନ୍ତି। ଗତ କିଛିଦିନ ହେବ ଜିଲ୍ଲାର ବିଭିନ୍ନ ବ୍ଲକରେ ଏହା ଦେଖିବାକୁ ମିଳିଛି। ଏଣୁ ବୁଲା କୁକୁର ସଂଖ୍ୟା ବୃଦ୍ଧି ପାଉଥିବା ନେଇ ତୁରନ୍ତ ଏବଂ ଯୋଜନାବଦ୍ଧ ପଦକ୍ଷେପ ନେବା ସମୟ ଆସିଛି ବୋଲି ପଶୁପ୍ରେମୀ ଚିନ୍ତା କରିଛନ୍ତି। ବିଶ୍ୱରେ ବୁଲା କୁକୁରଙ୍କ ସଂଖ୍ୟା ନିୟନ୍ତ୍ରଣ ପାଇଁ ଆନିମଲ ବାର୍ଥ କଣ୍ଟ୍ରୋଲ କାର୍ଯ୍ୟକ୍ରମକୁ ସବୁଠାରୁ ପ୍ରଭାବଶାଳୀ ଏବଂ ମାନବିକ ପଦ୍ଧତି ଭାବେ ସ୍ୱୀକୃତି ମିଳିଛି। ବ୍ରହ୍ମପୁର ମହାନଗର ନିଗମରେ ଏହି କାର୍ଯ୍ୟକ୍ରମର ସଫଳ କାର୍ଯ୍ୟକାରିତା ଏହାର ଉତ୍କୃଷ୍ଟ ଉଦାହରଣ। ଏହାକୁ ଗ୍ରାମାଞ୍ଚଳ ପର୍ଯ୍ୟନ୍ତ ସମ୍ପ୍ରସାରଣ କରିବାକୁ ଏବେ ଦାବି ହୋଇଛି। ପଶୁପ୍ରେମୀ ଲଲାଟେନ୍ଦୁ ଚୌଧୁରୀ ଦାବି କରିଛନ୍ତି ଯେ, ବ୍ରହ୍ମପୁର ମହାନଗର ନିଗମର ସଫଳ ଏବିସି ମଡେଲକୁ ଆଧାର କରି ଗଞ୍ଜାମ ଜିଲ୍ଲାର ପ୍ରତ୍ୟେକ ବ୍ଲକରେ ତୁରନ୍ତ ବୁଲା କୁକୁର ବନ୍ଧ୍ୟାକରଣ ଓ ରେବିସ୍ ଟିକାକରଣ କେନ୍ଦ୍ର ସ୍ଥାପନ କରାଯାଉ। ଏହା କେବଳ ପଶୁ କଲ୍ୟାଣ ପାଇଁ ନୁହେଁ, ବରଂ ଜନସୁରକ୍ଷା, ରେବିସ୍ ନିୟନ୍ତ୍ରଣ ଓ ସାମାଜିକ ସୁରକ୍ଷା ପାଇଁ ମଧ୍ୟ ଅତ୍ୟନ୍ତ ଆବଶ୍ୟକ।

## ଘରୋଇ ଶିକ୍ଷାନୁଷ୍ଠାନରେ ଛାତ୍ରୀଙ୍କ ମୃତ୍ୟୁ ଘଟଣା

# ଗିରଫ ଖଣି ମନ୍ତ୍ରୀଙ୍କ ପୁତୁରାଙ୍କ କୋର୍ଟ ହାଜିରା ୧୫ରେ

- ଜାମିନ ଆବେଦନର ଶୁଣାଣି ୧୭ରେ
- ଗିରଫର ଦୀର୍ଘ ଦିନପରେ ମଧ୍ୟ ଅଭିଯୁକ୍ତଙ୍କ ଫଟୋ ଜାରି କଲାନି ପୁଲିସ



ବ୍ରହ୍ମପୁର, ୯ ।୭ (ସମିସ): ବ୍ରହ୍ମପୁର ଉପକଣ୍ଠରେ ଏକ ଘରୋଇ ଶିକ୍ଷାନୁଷ୍ଠାନର ହଷ୍ଟେଲରେ ଜଣୈକା ଛାତ୍ରୀଙ୍କ ଆତ୍ମହତ୍ୟା ଘଟଣା ଦିନକୁ ଦିନ ସନ୍ଦେହ ଘେର ଭିତରକୁ ଯାଉଛି। ଘଟଣାରେ ଗିରଫ ମୃତ ଛାତ୍ରୀଙ୍କ ପୁରୁଷ ବନ୍ଧୁ ତଥା ଖଣି ଓ ପରିବହନ ମନ୍ତ୍ରୀ ବିଭୂତି ଜେନାଙ୍କ ପୁତୁରା ବିଶ୍ୱଜିତ ଜେନାଙ୍କ ଫଟୋକୁ ପୁଲିସ ସାର୍ବଜନୀନ କରୁନଥିବାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଜାମୀନ ଆବେଦନ ଖାରଜ ପରେ ୧୪ଦିନର ବିଚାରବିଭାଗୀୟ ହାଜତକୁ ଯାଇଥିବା ବିଶ୍ୱଜିତଙ୍କୁ ପୁଣି ଥରେ ଆସନ୍ତା ୧୫ତାରିଖରେ ଜେଏମଏଫସି (ଗ୍ରାମାଞ୍ଚଳ)ଙ୍କ କୋର୍ଟରେ ହାଜର ହେବାକୁ ଥିବା ଜଣାପଡିଛି। ପୂର୍ବରୁ ଅର୍ଥାତ୍ ଗତ ୪ତାରିଖରେ ବ୍ରହ୍ମପୁର ଜେଲରେ ଥିବା ବିଶ୍ୱଜିତ ଭର୍ଚ୍ଚୁଆଲ ମାଧ୍ୟମରେ କୋର୍ଟରେ ହାଜର ହୋଇଥିବା ଜଣାପଡିଛି। ଇତି ମଧ୍ୟରେ ଗିରଫ ବିଶ୍ୱଜିତଙ୍କ ପାଇଁ ବରିଷ୍ଠ ଆଇନଜୀବୀ ଜିଲ୍ଲା ଜଜ୍ କୋର୍ଟରେ ଜାମିନ ଆବେଦନ କରିଥିବା ଜଣାପଡିଛି। ଯାହାର ଶୁଣାଣି ଆସନ୍ତା ୧୭ତାରିଖରେ ହେବାକୁ ଦିନ ଧାର୍ଯ୍ୟ ହୋଇଥିବା କୋର୍ଟ ସୂତ୍ରରୁ ସୂଚନା ମିଳିଛି। ଗିରଫ ବିଶ୍ୱଜିତ ଉକ୍ତ ଶିକ୍ଷାନୁଷ୍ଠାନର ଜଣେ ଛାତ୍ର ଥିବା ବେଳେ ମୃତ ଛାତ୍ରୀଙ୍କୁ ଆତ୍ମହତ୍ୟା ପାଇଁ ପ୍ରବର୍ତ୍ତାଇବା ବା ଉତ୍ସୁକାଇବା ଭଳି ବିଏନଏସର ୧୦୮ ଧାରାରେ ତାଙ୍କ ବିରୁଦ୍ଧରେ ଗୋଳନ୍ଥରା ଥାନାରେ ମାମଲା ରୁଜୁ ହୋଇଛି। ସେପଟେ ଗିରଫ ବିଶ୍ୱଜିତଙ୍କ ଜାମୀନ ଆବେଦନକୁ ବିରୋଧ କରିବା ସହିତ ତାଙ୍କ ବିରୁଦ୍ଧରେ ବିଏନଏସର ୧୦୩ ଧାରା ବା ହତ୍ୟା ମାମଲା ଲଗାଇବା ପାଇଁ ମୃତ ଛାତ୍ରୀଙ୍କ ଓକିଲ ସୌଭାଗ୍ୟ ମିଶ୍ର ଦାବି କରିବେ ବୋଲି କହିଛନ୍ତି।

## ଜେଲ୍ ଫେରନ୍ତା ମଙ୍ଗଳାଙ୍କୁ ଆକ୍ରମଣ ମାମଲା

# ଫେରାର ବଳିଆର ସହଯୋଗୀ ଚିନୁ ଓ ସୁଲି ଗିରଫ

ବ୍ରହ୍ମପୁର, ୯।୭ (ସମିସ)



ବଡ଼ବଜାର ଥାନା ହରିଡ଼ାଖଣ୍ଡି ମାଛବଜାର ନିକଟରେ ଗତ ମେ ୨୪ତାରିଖ ରାତିରେ ଜେଲ ଫେରନ୍ତା ମଙ୍ଗଳା ବେହେରାଙ୍କୁ ବିଚ ରାସ୍ତାରେ ଗୋଡ଼ାଇ ଗୋଡ଼ାଇ ଖଣ୍ଡାରେ ହାଣିବା ମାମଲାରେ ସମ୍ପୃକ୍ତ ଦୁଇ ଅଭିଯୁକ୍ତଙ୍କୁ ପୁଲିସ ଗିରଫ କରି କୋର୍ଟ ଚାଲାଣ କରିଛି। ଗିରଫ ଦୁଇ ଅଭିଯୁକ୍ତ ହେଲେ କୁଠାରିମନ୍ଦିର ସାହିର ଟି. ବିନୟ ରାଓ ଓରଫ ଚିନୁ (୩୧) ଏବଂ ଖୋର୍ଦ୍ଧା ଜିଲ୍ଲା ବାଣପୁର ଥାନା ଅନ୍ତର୍ଗତ ଖଜୁରିଆର ଶିଳା ସାମନ୍ତରାୟ ଓରଫ ସୁଲି (୩୬)। ଗତ ମେ ୨୫ତାରିଖରେ ଏହି ମାମଲାର ମୁଖ୍ୟ ଅଭିଯୁକ୍ତ ବଳରାମ ସାହୁ ଓରଫ ବଳିଆର ଭାଇ ଜଗନ୍ନାଥ ସାହୁ ଓରଫ ଜଗାକୁ ପୁଲିସ ଏନକାଉଣ୍ଟର କରି କାବୁ କରିଥିଲା। ସୂଚନାଯୋଗ୍ୟ ଯେ, ଗତ ମେ ୨୪ତାରିଖ ରାତି ପ୍ରାୟ ୯ଟା ସମୟରେ ମଙ୍ଗଳା ବେହେରା ହରିଡ଼ାଖଣ୍ଡି ମାଛବଜାର ନିକଟସ୍ଥ ଏକ ଫାଷ୍ଟଫୁଡ୍ ଦୋକାନରେ ଜଗନ୍ନାଥ ସାହୁ, ବଳରାମ ସାହୁ ଏବଂ ଚିନୁ ଓରଫ ଟି. ବିନୟ ଚାଉମିନ୍ ଖାଉଥିବା ବେଳେ ମଙ୍ଗଳା ସେଠାରେ ପହଞ୍ଚି ପ୍ରଥମେ ସେମାନଙ୍କ ସହ କୌଣସି କଥାକୁ ନେଇ ଯୁକ୍ତିତର୍କ କରିଥିଲେ। ପରେ ଜଗା ଓ ବଳିଆ ଉତ୍ୟକ୍ତ ହୋଇ ମଙ୍ଗଳାଙ୍କୁ ଗୋଡ଼ାଇ ଗୋଡ଼ାଇ ଖଣ୍ଡାରେ ହାଣିଥିଲେ। ଚିନୁ ରାସ୍ତାର ଅନ୍ୟପାଶ୍ୱର୍ରେ ରହି ପୁଲିସର ଗତିବିଧି ଉପରେ ନଜର ରଖିଥିଲା। ଘଟଣା ସମ୍ପର୍କରେ ଖବର ପାଇ ବଡ଼ବଜାର ଥାନା ପୁଲିସ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚି ଗୁରୁତର ମଙ୍ଗଳାଙ୍କୁ ଉଦ୍ଧାର କରି ଏମ୍‌କେସିଜି ମେଡିକାଲକୁ ପଠାଇଥିଲା। ସେଠାରେ ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ମଙ୍ଗଳାଙ୍କ ବୟାନ ରେକର୍ଡ କରାଯାଇଥିଲା। ସେଥିରେ ସେ ଜଗା, ବଳିଆ ଓ ଚିନୁ ତାଙ୍କୁ ଖଣ୍ଡାରେ ଆକ୍ରମଣ କରିଥିବା ନେଇ ବୟାନ ଦେଇଥିବା ପୁଲିସ ସୂଚନା ଦେଇଛି। ପୁଲିସ ବିଶ୍ୱସ୍ତ ସୂତ୍ରରୁ ସୂଚନା ପାଇ ହରିଡ଼ାଖଣ୍ଡି ଆନନ୍ଦ ନଗରରେ ଚଡ଼ାଉ କରିଥିଲା। ସେଠାରୁ ଚିନୁଙ୍କୁ ଗିରଫ କରାଯାଇଥିବା ବେଳେ ବଳିଆ ଘରର ପଛପଟ ଦେଇ ଫେରାର ହୋଇଯାଇଥିବା ପୁଲିସ କହିଛି। ତଦନ୍ତରେ ଜଣାପଡ଼ିଛି ଯେ ଗିରଫ ଶିଳା ସାମନ୍ତରାୟ ଫେରାର ଅଭିଯୁକ୍ତ ବଳିଆ ଓ ଚିନୁଙ୍କୁ ନିଜ ଘରେ ଆଶ୍ରୟ ଦେବା ସହ ନିଜ ସିମ୍ କାର୍ଡ ବ୍ୟବହାର ପାଇଁ ଦେଇଥିଲେ। ଏହାଛଡ଼ା ହ୍ୱାଟସଅପ ଜରିଆରେ ଅଭିଯୁକ୍ତମାନଙ୍କ ସହ ଯୋଗାଯୋଗ ରଖିବା, ଭିଡିଓ ଓ ଫଟୋ ଆଦାନ-ପ୍ରଦାନ କରିବା ଏବଂ ସେମାନଙ୍କ ଆଧାର କାର୍ଡ ଆଇନଜୀବୀଙ୍କୁ ପଠାଇ ଅଗ୍ରିମ ଜାମିନ ପାଇଁ ସହାୟତା କରିଥିବା ପ୍ରମାଣ ପାଇଥିଲା ପୁଲିସ। ଏହାସହିତ ଗିରଫଦାରିରୁ ବଞ୍ଚିବା ପାଇଁ ଶିଳା ନିଜ ମୋବାଇଲ ବନ୍ଦ କରି ଅଭିଯୁକ୍ତମାନଙ୍କୁ ନୟାଗଡ଼ ଜିଲ୍ଲା ଦଶପଲ୍ଲା ଅଞ୍ଚଳରେ ଥିବା ସମ୍ପର୍କୀୟଙ୍କ ଘରେ ଦିର୍ଘ ପ୍ରାୟ ଏକମାସ ଧରି ଲୁଚାଇ ରଖିଥିଲା ବୋଲି ଜଣାପଡିଛି। ଅଭିଯୁକ୍ତ ବଳିଆ ଏବଂ ଚିନୁଙ୍କୁ ଆଶ୍ରୟ ଏବଂ ଅନ୍ୟାନ୍ୟ ସମସ୍ତ ସହାୟତା ଯୋଗାଇବା ଅଭିଯୋଗରେ ସମ୍ପୃକ୍ତ ମହିଳା ଶିଳାଙ୍କୁ ମଧ୍ୟ ଗିରଫ କରାଯାଇଥିବା ବଡ଼ବଜାର ଥାନା ଅଧିକାରୀ ଆଶିଷ କୁମାର ସ୍ୱାଇଁ ସୂଚନା ଦେଇଛନ୍ତି। ବର୍ତ୍ତମାନ ସୁଦ୍ଧା ବଳିଆ ଫେରାର ରହିଛି। ଖୁବଶୀଘ୍ର ତାଙ୍କୁ ମଧ୍ୟ ଗିରଫ କରାଯିବ ବୋଲି ଥାନା ଅଧିକାରୀ ଦୃଢୋକ୍ତି ପ୍ରକାଶ କରିଛନ୍ତି।

## ଟ୍ରକ ଡ୍ରାଇଭରଙ୍କୁ ଅପହରଣ ପରେ ହତ୍ୟା ଘଟଣା

# ବୃଦ୍ଧକୁ ହତ୍ୟା; ଅଭିଯୁକ୍ତକୁ କୋର୍ଟଚାଲାଣ

ବ୍ରହ୍ମପୁର, ୯।୭ (ସମିସ): ଗୋପାଳପୁର ଥାନା ଅନ୍ତର୍ଗତ ଗଅଞ୍ଜୁ ପଞ୍ଚାୟତ କାର୍ଯ୍ୟାଳୟ ନିକଟରେ ଥିବା ଏକ ବିଶ୍ରାମାଗାରଠାରେ ସୈତ୍ୟ ଦାସ (୬୦)ଙ୍କୁ ହତ୍ୟା କରିବା ଅଭିଯୋଗରେ ପୁଲିସ ସମ୍ପୃକ୍ତ ଅଭିଯୁକ୍ତଙ୍କୁ ପୁଲିସ ଗିରଫ କରି ଆଜି କୋର୍ଟଚାଲାଣ କରିଛି। ଗିରଫ ଜଣକ ପୁରୀ ଜିଲ୍ଲା ସତ୍ୟବାଦୀ ଥାନା ଅଧିନ ଗଡ଼ସାନପୁର ଗ୍ରାମର ସୁନିଲ କୁମାର ମାଝୀ ଓରଫ ବାବୁନା (୩୮)। ପୁଲିସ କାଠ ହ୍ୟାଣ୍ଡେଲ ସହିତ ଗୋଟିଏ ଲୁହା ସ୍ପେଡ୍ ଜବତ କରିଛି। ସୂଚନାଯୋଗ୍ୟ ଯେ, ଅଭିଯୁକ୍ତ ସୁନୀଲ ପ୍ରାୟ ୨ବର୍ଷ ହେବ ଗୋପାଳପୁର ଥାନା ଅନ୍ତର୍ଗତ ଗଅଞ୍ଜୁ ଗ୍ରାମ ନୁଆଁ ସାହିରେ ରହି ଆସୁଥିଲେ। ପ୍ରାୟ ଏକ ମାସ ପୂର୍ବେ ସୈତ୍ୟଙ୍କ ଝିଅ ସନ୍ତୋଷୀ ଦାସଙ୍କ ଦେହ ଖରାପ ହେତୁ ସୁନିଲ ତାଙ୍କୁ ରକ୍ତ ଦେଇଥିଲେ। ତାହାରି ବାବଦକୁ ସେ ସୈତ୍ୟଙ୍କୁ ଟଙ୍କା ମାଗି ଆସୁଥିଲେ। ଗତକାଲି ମଧ୍ୟାହ୍ନ ପ୍ରାୟ ୧ଟା ସମୟରେ ସୈତ୍ୟ ବିଲ କାମ ସାରି ପଞ୍ଚାୟତ ପାଖରେ ଥିବା ଗୁଡ଼ିଆ ବନ୍ଧ ପୋଖରୀ ନିକଟରେ ଥିବା ବସଷ୍ଟପ ବିଶ୍ରାମଗାରରେ ବିଶ୍ରାମ କରୁଥିବା ବେଳେ ସୁନୀଲ ମଦ୍ୟପାନ କରି ଆସି ଝିଅକୁ ଦେଇଥିବା ରକ୍ତର ଟଙ୍କା ମାଗିଥିଲା । ସେ ଘରକୁ ପହଞ୍ଚିବା ପରେ ଟଙ୍କା ଦେବେ, ଅଭିଯୁକ୍ତ ସୁନିଲ କ୍ରୋଧିତ ହୋଇ ହଠାତ୍ ତାଙ୍କୁ ଲୁହାରେ ଆକ୍ରମଣ କରିଥିଲେ। ଯାହା ଫଳରେ ସୈତ୍ୟ ଘଟଣାସ୍ଥଳରେ ଅଚେତ ହୋଇ ପଡ଼ିଥିଲେ। ଖବର ପାଇଁ ଗ୍ରାମର ଲୋକେ ସେଠାରେ ପହଞ୍ଚି ପରିବାର ଲୋକଙ୍କୁ ଖବର ଦେଇଥିଲେ। ଖବର ପାଇଁ ପରିବାର ଲୋକେ ଆମ୍ବୁଲାନ୍ସରେ ବ୍ରହ୍ମପୁର ମେଡିକାଲ ନେଇଥିଲେ। ସେଠାରେ ଚିକିତ୍ସାଧିନ ଅବସ୍ଥାରେ ଡାକ୍ତର ମୃତ ଘୋଷଣା କରିଥିଲେ। ଅଭିଯୁକ୍ତକୁ ଗ୍ରାମ ଲୋକେ କାବୁ କରି ଗୋପାଳପୁର ପୁଲିସକୁ ଖବର ଦେଇଥିଲେ। ପୁଲିସ ଘଟଣାସ୍ଥଳରେ ପହଞ୍ଚି ଅଭିଯୁକ୍ତସୁନୀଲ କୁ କାବୁ କରିବା ସହ ମେଡିକାଲରେ ପହଞ୍ଚି ଶବକୁ ଜବତ କରି ଶବ ବ୍ୟବଚ୍ଛେଦ କରି ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି।

**ଗିରଫ ଅଭିଯୁକ୍ତ ହେଲେ ପୁରୀ ଜିଲ୍ଲା ସତ୍ୟବାଦୀ ଥାନା ଗଡ଼ସାନପୁର ଗ୍ରାମର**